୧୨ପୃଷ୍ଠା
+୧୨ପୃଷ୍ଠା ରାଖୀ ବାର୍ତ୍ତା
+ଛୁଟିଦିନ

# ଧରିତ୍ରୀ
DHARITRI

ବ୍ରହ୍ମପୁର, ରବିବାର, ଅଗଷ୍ଟ ୨୨/୨୦୨୧ (୧୨+୧୨+ଛୁଟିଦିନ ) | Berhampur, Sunday, August 22/2021 | ★★★

୧୭ଶ ଭାଗ ୨୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-






**ବଲିଉଡ୍‌ରେ ଡେବ୍ୟୁ କରିବେ ଖୁସି**

ଶ୍ରୀଦେବୀ, ବୋନି କପୁରଙ୍କ ସାନଝିଅ ଖୁସି ଚଳିତ ବର୍ଷ ବଲିଉଡ୍‌ରେ ଡେବ୍ୟୁ କରିବା ନେଇ ଚର୍ଚ୍ଚା ହେଉଛି। ତେବେ ଏ ସମ୍ପର୍କରେ ଜାଣି ନ ଥିବା ବୋନି କହିଛନ୍ତି। ୧୦

୧୨ **ଅମିତ ଖାତ୍ରିଙ୍କୁ ରୌପ୍ୟ ପଦକ**

୨୦ ବର୍ଷରୁ କମ୍ ବିଶ୍ୱ ଆଥ୍‌ଲେଟିକ୍ସ ମିଟ୍‌ରେ ଭାରତର ଅମିତ ଖାତ୍ରି ପୁରୁଷ ୧୦ କି.ମି. ରେସ୍ ୱାକ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି।








# ତାଲିବାନ୍ କବଳରୁ ୧୫୦ ଭାରତୀୟ ମୁକ୍ତ

- **କାବୁଲ ବିମାନବନ୍ଦରରେ ଆତଙ୍କବାଦୀଙ୍କ ଦୌରାତ୍ମ୍ୟ**
- **ଅପହରଣ ଅଭିଯୋଗକୁ ଖଣ୍ଡନ କଲା ତାଲିବାନ୍**

*ତାଲିବାନ୍‌ର କାବୁଲ ଦଖଲ ପରେ ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନ ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ତାଲିବାନ୍ ବର୍ବରତାକୁ ନେଇ ଆତଙ୍କିତ ଆଫଗାନ୍ ଦେଶ ଛାଡ଼ି ଗଣପଳାୟନ କରୁଥିବାବେଳେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରୁଥିବା ଅନ୍ୟ ରାଷ୍ଟ୍ରଗୁଡ଼ିକର ନାଗରିକଙ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି ହୋଇଛି। ପାଖରେ ବୈଧ ଦସ୍ତାବିଜ ନ ଥିଲେ ସେମାନଙ୍କ କବଳରୁ ଖସିଆସିବା ଏକପ୍ରକାର ଅସମ୍ଭବ। ଶନିବାର ଏୟାରପୋର୍ଟକୁ ଆସିବାବେଳେ ୧୫୦ ଭାରତୀୟଙ୍କୁ ବନ୍ଧୁକଧାରୀ ଲଢୁଆମାନେ ଅପହରଣ କରିନେବା ଘଟଣା ତାଲିବାନ୍ ବର୍ବରତା ପ୍ରତି ପୁଣିଥରେ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି।*



କାବୁଲ ବିମାନବନ୍ଦରରେ ଆତଙ୍କିତ ଲୋକେ।

**କାବୁଲ/ୱାଶିଂଟନ/ନୂଆଦିଲ୍ଲୀ,୨୧।୮**

ଆମେ କାହାକୁ କିଛି କରିବୁ ନାହିଁ। କେହି ଆତଙ୍କିତ ହେବା ଦରକାର ନାହିଁ ବୋଲି ଡିଣ୍ଡିମ ପିଟୁଥିବା ତାଲିବାନ୍‌ର ବର୍ବର ଚେହେରା ଶନିବାର ଆଫଗାନିସ୍ତାନ ରାଜଧାନୀ କାବୁଲରେ ଦେଖିବାକୁ ମିଳିଛି। ଆଫଗାନିସ୍ତାନରେ ବସବାସ କରୁଥିବା ହିନ୍ଦୁ ଓ ଶିଖ୍ ସମୁଦାୟର ପ୍ରାୟ ୧୫୦ ଜଣ ଭାରତ ଆସିବାକୁ କାବୁଲ ବିମାନବନ୍ଦର ଅଭିମୁଖେ ଯାଉଥିବାବେଳେ ତାଲିବାନ୍ ଫାଇଟରମାନେ ସେମାନଙ୍କୁ ଅପହରଣ କରି ନେଇଯାଇଥିଲେ। ପରେ ଏୟାରପୋର୍ଟ ନିକଟସ୍ଥ ଏକ ଅଜ୍ଞାତ ସ୍ଥାନରେ ଯାତ୍ରା ସମ୍ପର୍କିତ କାଗଜପତ୍ର ଯାଞ୍ଚ କରି ଆତଙ୍କବାଦୀମାନେ ସେମାନଙ୍କୁ ଛାଡ଼ି ଦେଇଥିଲେ। ତାଲିବାନ୍ ସେମାନଙ୍କର କିଛି କ୍ଷତି କରି ନ ଥିଲେ ହେଁ ଏହାକୁ ନେଇ ଭାରତରେ ଚିନ୍ତା ବଢ଼ିଯାଇଛି। କାରଣ ଏବେ ମଧ୍ୟ ପଡ଼ୋଶୀ ଦେଶରେ ଅନେକ ଭାରତୀୟ ଫସିରହିଛନ୍ତି।

ସ୍ଥାନୀୟ ଗଣମାଧ୍ୟମ କାବୁଲ ନ୍ୟୁଜ୍ ପୋର୍ଟାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ତାଲିବାନ୍ ଏହି ଭାରତୀୟମାନଙ୍କୁ ଅପହରଣ କରିନେଇଥିଲା। ସେମାନଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲା। ସାମ୍ପ୍ରତିକ ସ୍ଥିତିରେ ଏଭଳି ଆଚରଣ ଅସ୍ୱାଭାବିକ ନୁହେଁ। ତେବେ ଅପହରଣ ଅଭିଯୋଗକୁ ଗୁଜବ କହି ତାଲିବାନ ଖଣ୍ଡନ କରିଛି। ଅନ୍ୟ ଏକ ଗଣମାଧ୍ୟମ ସଂସ୍ଥା ଏଇତଲାଲାତ୍ରୋଜ୍‌କୁ ସାକ୍ଷାତ୍‌କାର ଦେଇ ତାଲିବାନ୍ ମୁଖପାତ୍ର ଅହମଦୁଲ୍ଲା ୱସେକ୍ କହିଛନ୍ତି, ଅପହରଣ ଖବର ସମ୍ପୂର୍ଣ୍ଣ ମିଥ୍ୟା। ଆମେ କାହାକୁ ଅପହରଣ କରିନାହୁଁ। ବିମାନବନ୍ଦରରେ ପହଞ୍ଚିବା ପାଇଁ ବିଦେଶୀ ନାଗରିକଙ୍କୁ ସୁରକ୍ଷା ଦେଉଛୁ। ସମସ୍ତ ବିଦେଶୀ କିପରି ନିଜ ନିଜ ଦେଶକୁ ସୁରକ୍ଷିତ ଭାବେ ଫେରିପାରିବେ ଆମେ ତାହା ସୁନିଶ୍ଚିତ କରୁଛୁ। ଏହି କ୍ରମରେ ୧୫୦ ଭାରତୀୟଙ୍କୁ ଏସ୍କର୍ଟ ଦେଇ ବିମାନବନ୍ଦରରେ ପହଞ୍ଚାଇଥିଲୁ। ଇତିମଧ୍ୟରେ ପ୍ରାୟ ୮୦ ଭାରତୀୟ କାବୁଲ ଛାଡ଼ି ଭାରତୀୟ ବାୟୁସେନାର ଏକ ସ୍ୱତନ୍ତ୍ର ଏୟାରକ୍ରାଫ୍ଟରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉକ୍ତ ବିମାନ ତାଜିକିସ୍ତାନର ଦୁଶନବେ ଦେଇ ଦିଲ୍ଲୀ ନିକଟସ୍ଥ ହିଣ୍ଡୋନ ଏୟାରବେସ୍‌ରେ ଶନିବାର ସନ୍ଧ୍ୟାରେ ଅବତରଣ କରିଛି। ଅଗଷ୍ଟ ୧୫ରେ ତାଲିବାନ କାବୁଲ ଦଖଲ କରିବା ପରଠାରୁ ☞ପୃଷ୍ଠା–୪

## ଡିଏଫ୍‌ଓଙ୍କ ହୋଇପାରେ ଲାଏ ଡିଟେକ୍ସନ ଟେଷ୍ଟ

**ଏସିଏଫ୍ ମୃତ୍ୟୁ ଘଟଣା**

- **ଡିଏଫ୍‌ଓଙ୍କୁ କ୍ରାଇମ୍‌ବ୍ରାଞ୍ଚର ୩ ଘଣ୍ଟା ଜେରା**
- **ମୃତ୍ୟୁକାଳୀନ ଜମାନବନ୍ଦୀ ସମୟରେ ଉପସ୍ଥିତ ଥିଲେ**

**ପାରଳାଖେମୁଣ୍ଡି,୨୧।୮ (ଡି.ଏନ୍.ଏ.)**

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଶନିବାର କ୍ରାଇମବ୍ରାଞ୍ଚ ଟିମ୍ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ)ଙ୍କୁ ଜେରା କରିଛି। ଦୀର୍ଘ ୩ ଘଣ୍ଟା ଧରି ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରାଙ୍କୁ ଜେରା କରାଯାଇଛି। ତେବେ ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ଡିଏଫ୍‌ଓ ଏଡ଼ାଇ ଯାଇଥିବା ବେଳେ କେତେକ ପ୍ରଶ୍ନର ଉତ୍ତର ରଖିଛନ୍ତି। ଆବଶ୍ୟକସ୍ଥଳେ ତାଙ୍କର ଲାଏ ଡିଟେକ୍ସନ ଟେଷ୍ଟ କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଜ୍ଞାନ ରଞ୍ଜନ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପାରଳାଖେମୁଣ୍ଡି ପୋଲିସ ଗେଷ୍ଟ ହାଉସ୍‌ରେ କ୍ରାଇମବ୍ରାଞ୍ଚ ଟିମ୍ ଡିଏଫ୍‌ଓ ବେହେରାଙ୍କୁ ଗୁଡ଼ାଇତୁଡ଼ାଇ ବିଭିନ୍ନ ପ୍ରଶ୍ନ କରିଥିଲା। ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ ପଣ୍ଡାଙ୍କ ସହ ଅନୈତିକ ସମ୍ପର୍କ ରହିଥିବା ଅଭିଯୋଗ ବିଷୟରେ ତାଙ୍କୁ ପଚରାଉଚରା କରାଯାଇଥିଲା। ବିଦ୍ୟାଭାରତୀଙ୍କ ସହ କୌଣସି ସମ୍ପର୍କ ନ ଥିବା ଡିଏଫ୍‌ଓ କହିଛନ୍ତି। ସେହିପରି ସୌମ୍ୟଙ୍କୁ ମାନସିକ ଚାପ ଦିଆଯାଇଥିବା ଓ ଜାଣିଶୁଣି ରାତି ଡ୍ୟୁଟି ପକାଯାଉଥିବା ନେଇ ଯେଉଁ ଅଭିଯୋଗ ଆସିଥିଲା ତାହାକୁ ମଧ୍ୟ ଡିଏଫ୍‌ଓ ଅସ୍ୱୀକାର କରିଛନ୍ତି। ପାରଳାଖେମୁଣ୍ଡି ମୁଖ୍ୟ ☞ପୃଷ୍ଠା–୪



ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା

## ୨୩ରୁ ଡ୍ରାଇଭିଂ ଲର୍ନର ଲାଇସେନ୍ସ ଆବେଦନ

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ଆସନ୍ତା ଅଗଷ୍ଟ ୨୩ ତାରିଖରୁ ନୂତନ ଡ୍ରାଇଭିଂ ଲର୍ନର ଲାଇସେନ୍ସ (ଏଲ୍‌ଏଲ୍)ପାଇଁ ଆବେଦନ କରି ହେବ। କୋଭିଡ୍ ଗାଇଡଲାଇନକୁ ଅନୁସରଣ କରି ଲର୍ନର ଲାଇସେନ୍ସ ଗ୍ରହଣ କରିବାକୁ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ(ଏସଟିଏ) ପକ୍ଷରୁ ସମସ୍ତ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି। ଆବେଦନକାରୀମାନେ ପ୍ରତ୍ୟେକ ଦିନ ସକାଳ ୭ଟାରୁ ୧୦ ମଧ୍ୟରେ ସ୍ଲଟ ବୁକ୍ କରି ପାରିବେ। ସ୍ଲଟ ବୁକିଂ ପାଇଁ ୧୫ ମିନିଟ ସମୟ ମିଳିବ। ☞ପୃଷ୍ଠା–୪

# ୧୦ଲକ୍ଷ ଟପିଲା ସଂକ୍ରମଣ

- **ଖୋର୍ଦ୍ଧାରେ ସର୍ବାଧିକ ୧,୫୭,୬୫୭**
- **ରାଜ୍ୟରେ ଆଉ ୧୧୬ ପିଲା ସଂକ୍ରମିତ**
- **କରୋନା ମୃତ୍ୟୁ ୭,୨୮୯କୁ ବୃଦ୍ଧି**



**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ୧୦ଲକ୍ଷ ଟପିଛି। ଗତ ୨୪ ଘଣ୍ଟାରେ ୯୧୧ଜଣ ପଜିଟିଭ୍ ଚିହ୍ନଟ ହେବାପରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦,୦୦,୦୮୪କୁ ବୃଦ୍ଧି ପାଇଛି। ୨୦୨୦ ମାର୍ଚ୍ଚ ୧୫ରେ ଭୁବନେଶ୍ୱର ବଡ଼ଗଡ଼ ଅଞ୍ଚଳରୁ ରାଜ୍ୟର ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ଆକ୍ରାନ୍ତ ଜଣକ ଇଟାଲୀରୁ ଫେରିଥିଲେ। ଏହାପରେ ଧୀରେ ଧୀରେ ସଂକ୍ରମଣ ସାରା ରାଜ୍ୟକୁ ବ୍ୟାପିଥିଲା। ତେବେ ପ୍ରଥମ ଲହରରେ ଦୈନିକ ସଂକ୍ରମଣ ପ୍ରାୟ ଦେଢ଼ ହଜାର ପାଖାପାଖି ରହୁଥିବାବେଳେ ଦ୍ୱିତୀୟ ଲହରରେ ୫ରୁ ୬ଗୁଣା ଅଧିକ ଆକ୍ରାନ୍ତ ଚିହ୍ନଟ ହେଲେ। ଏଥିସହ କୋଭିଡ୍ ଭୂତାଣୁ ପୂର୍ବାପେକ୍ଷା ଆହୁରି ସକ୍ରିୟ ଓ ଘାତକ ହୋଇଥିଲା। ସ୍ଥିତି ଏପରି ହେଲା ଯେ ରାଜ୍ୟରେ ବେଡ୍ ସହିତ ମେଡିସିନ ଓ ଅକ୍ସିଜେନର ଅଭାବ ମଧ୍ୟ ଦେଖାଦେଲା। ଖାଲି ସେତିକି ନୁହେଁ, ପ୍ରଥମ ଲହରରେ ଦୈନିକ ମୃତ୍ୟୁ ସଂଖ୍ୟା ୧୦ ଭିତରେ ରହୁଥିବାବେଳେ ଦ୍ୱିତୀୟ ଲହରରେ ଏହା ୪୦ ଉପରକୁ ଟପିଯାଇଥିଲା। ଫଳରେ ମୃତଦେହ ସତ୍କାର ପାଇଁ ଶ୍ମଶାନରେ ଯାଗାର ଅଭାବ ଦେଖାଦେଲା। ଏବେ ଦ୍ୱିତୀୟ ଲହର ସଂକ୍ରମଣ ତଳମୁହାଁ ହୋଇଛି। ଦୈନିକ ସଂକ୍ରମଣ ହାର ୨% ତଳେ ରହିଛି। ସବୁବେଳେ ହଟ୍‌ସ୍ପଟ୍‌ରେ ☞ପୃଷ୍ଠା–୪




**ଆଜିର ସମ୍ପାଦକୀୟ**

ଆଇନ କ'ଣ କରିଛି

**ଆଜିର ମନ୍ତବ୍ୟ**

“ବିଭିନ୍ନ ପ୍ରସଙ୍ଗ ନେଇ ପାର୍ଲାମେଣ୍ଟରେ ବିକ୍ଷୋଭ କରିବା ବିରୋଧୀଙ୍କ ଅଧିକାର। କିନ୍ତୁ ଗୃହର ମର୍ଯ୍ୟାଦା ସହ ସାଲିସ ଗ୍ରହଣୀୟ ନୁହେଁ।

**-ଭୂପେନ୍ଦ୍ର ଯାଦବ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ**

# ଅଭାବରୁ କମୁଛି ସାର ପ୍ରୟୋଗ

**ପର୍ଯ୍ୟାପ୍ତ ହେଉନି ଜୈବିକ ଖତ**

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ରାଜ୍ୟରେ ରାସାୟନିକ ସାର ବ୍ୟବହାର କମିବାରେ ଲାଗିଛି। ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୧ ଲକ୍ଷ ମେଟ୍ରିକ ଟନ୍ ସାର ବ୍ୟବହାର କମିଥିବା ଜଣାଯାଇଛି। କୃଷିମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ସାର ଯୋଗାଇବା ନେଇ ବହୁବାର ଅନୁରୋଧ କଲେ ମଧ୍ୟ ଆବଶ୍ୟକତା ଅନୁଯାୟୀ ମିଳିପାରୁ ନାହିଁ। ଏଥିଯୋଗୁ ରାଜ୍ୟରେ କୃଷି ଉତ୍ପାଦନ ମଧ୍ୟ କେତେକାଂଶରେ ପ୍ରଭାବିତ ହେଉଛି। ଗୋଟିଏ ପଟେ ରାସାୟନିକ ସାର ବ୍ୟବହାର ହ୍ରାସ ପାଉଥିବା ବେଳେ ଜୈବିକ ସାର ବ୍ୟବହାରରେ ମଧ୍ୟ ଆଶାନୁରୂପ ପ୍ରଗତି ହେଉ ନାହିଁ। ସରକାରୀ ପ୍ରୋତ୍ସାହନ ☞ପୃଷ୍ଠା–୪



## ଗରିବଙ୍କୁ ଏମ୍‌ସରେ ମାଗଣା ଏକ୍‌ମୋ ଚିକିତ୍ସା

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ଏଣିକି ଭୁବନେଶ୍ୱର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ(ଏମ୍‌ସ)ରେ ଏକ୍‌ମୋ ଚିକିତ୍ସା ମାଗଣାରେ ମିଳିବ। ଏହି ମାଗଣା ସେବା କେବଳ ରାଶନକାର୍ଡଧାରୀ ଓ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଉପଲବ୍ଧ ହେବ। ଏ ନେଇ ଶନିବାର ଏମ୍‌ସ ଅଧୀକ୍ଷକ ସଚ୍ଚିଦାନନ୍ଦ ମହାନ୍ତି ସୂଚନା ଦେଇ କହିଛନ୍ତି, କୌଣସି ଗରିବ ଲୋକଙ୍କ ପାଇଁ ଏହି ଚିକିତ୍ସା ଦରକାର ହେଲେ ଓ ଆବଶ୍ୟକ କାଗଜପତ୍ର ଦେଖାଇଲେ ସମ୍ପୂର୍ଣ୍ଣ ମାଗଣାରେ କରାଯିବ।

ସୂଚନାଯୋଗ୍ୟ, ରାଜ୍ୟରେ ଏକ୍‌ମୋ ମେଶିନ ଅଭାବ ଯୋଗୁ କରୋନା ସମୟରେ ଲାଇଫ୍ ସପୋର୍ଟ ଆବଶ୍ୟକ କରୁଥିବା ବହୁ ଗୁରୁତର ରୋଗୀ ଚିକିତ୍ସା ପାଇବାରୁ ☞ପୃଷ୍ଠା–୪

ଧରିତ୍ରୀ
DHARITRI
ରବିବାର, ୨୨ ଅଗଷ୍ଟ, ୨୦୨୧

## ମହିଳାଙ୍କୁ ଏସିଡ୍ ପିଆଇ ହତ୍ୟା

ଯୌତୁକ ପାଇଁ ମଧ୍ୟପ୍ରଦେଶର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ଜବରଦସ୍ତ ଏସିଡ୍ ପିଆଇଦେଇଥିଲେ। ଦୀର୍ଘ ୫୦ ଦିନ ଧରି ଦିଲ୍ଲୀର ଏକ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରିବା ପରେ ଗୁରୁବାର ସେ ଆଖି ବୁଜିଛନ୍ତି। ତାଙ୍କୁ ଏସିଡ୍ ପିଆଇଥିବା କୌଣସି ବ୍ୟକ୍ତିଙ୍କୁ ନ ଛାଡ଼ିବା ପାଇଁ ମହିଳା ଜଣକ ମୃତ୍ୟୁ ପୂର୍ବରୁ ଏକ ଭିଡିଓ ବାର୍ତ୍ତାରେ ପୋଲିସକୁ ଅନୁରୋଧ କରିଥିଲେ।



# କାବୁଲ ଉପରେ ବିଶ୍ୱ ନଜର

କାବୁଲ/ୱାଶିଂଟନ/ନୂଆଦିଲ୍ଲୀ,୨୧।୮

ତାଲିବାନ୍‌ର କାବୁଲ ଦଖଲ ପରେ ସବୁଠି ଆତଙ୍କର ମାହୋଲ। ହମିଦ କାରଜାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ଠୁହାକୁ ଠୁହା ଗୁଳି ଫୁଟୁଛି। ବିଦେଶୀଙ୍କୁ ସୁରକ୍ଷିତ ଭାବେ ସେମାନଙ୍କ ଦେଶକୁ ପଠାଇବା ଲାଗି ଭିତରେ ଆମେରିକୀୟ ସୈନ୍ୟଙ୍କ ଉପସ୍ଥିତି କେତେକାଂଶରେ ଆଶ୍ୱସ୍ତ କରୁଥିବାବେଳେ ଏୟାରପୋର୍ଟ ବାହାରେ ସଶସ୍ତ୍ର ଆତଙ୍କବାଦୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଯେଉଁ ଆଡ଼େ ଦେଖିଲେ ବନ୍ଧୁକଧାରୀ ତାଲିବାନୀଙ୍କ କଡ଼ା ପହରା। ଆଫଗାନିସ୍ତାନ ନାଗରିକଙ୍କ ବିକ୍ଷୋଭକୁ ଦମନ କରିବା ପାଇଁ ତାଲିବାନ ଲଢ଼ୁଆମାନେ ଚଳାଇଥିବା ହିଂସାତ୍ମକ ଦମନଲୀଳା କାବୁଲକୁ ବସ୍ତୁତଃ ଏକ ଯୁଦ୍ଧଭୂଇଁରେ ପରିଣତ କରିଛି। ଇତିମଧ୍ୟରେ ୧୩,୦୦୦ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଏୟାରଲିଫ୍ଟ କରାଯାଇଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ନାଟୋ ମଧ୍ୟ ଅନ୍ୟ ରାଷ୍ଟ୍ରଗୁଡ଼ିକର ନାଗରିକଙ୍କୁ ସ୍ଥାନାନ୍ତରରେ ସବୁ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛି। ତାଲିବାନ ନିଜ ନିୟନ୍ତ୍ରଣ ମଜଭୁତ କରିବା ପାଇଁ ଚାଇନା ଆଡ଼କୁ ସହଯୋଗ ଦୃଷ୍ଟିରେ ଅନାଇ ବସିଛି। ତାଲିବାନ ମୁଖପାତ୍ର ସୁହେଲ ଶାହିନ କହିଛନ୍ତି, ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠାକୁ ପ୍ରୋତ୍ସାହନ ଦେବା ପାଇଁ ଚାଇନା ଏକ ସକାରାତ୍ମକ ଭୂମିକା ଗ୍ରହଣ କରିଛି। ଦେଶର ପୁନଃ ପ୍ରତିଷ୍ଠା ଦିଗରେ ଅବଦାନ ଲାଗି ବେଜିଂକୁ ସ୍ୱାଗତ। ଏହି ପରିପ୍ରେକ୍ଷୀରେ କାବୁଲ ଉପରେ ସାରା ବିଶ୍ୱର ନଜର କେନ୍ଦ୍ରୀଭୂତ ହୋଇଛି।



## ସଂକ୍ଷେପରେ

### ମାଲେସିଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ ଇସ୍‌ମାଇଲ



**କୁଆଲାଲୁମ୍ପୁର, ୨୧।୮:** ମାଲେସିଆର ନୂଆ ପ୍ରଧାନମନ୍ତ୍ରୀ ଭାବେ ଇସ୍‌ମାଇଲ ସାବ୍ରି ୟାକୋବ ଶନିବାର ଶପଥ ନେଇଛନ୍ତି। କୁଆଲାଲୁମ୍ପୁରସ୍ଥିତ ନ୍ୟାଶନାଲ ପ୍ୟାଲେସ୍‌ରେ ମାଲେସିଆ ରାଜା ସୁଲତାନ ଅବଦୁଲ୍ଲା ସୁଲତାନ ଅହମଦ ଶାହାଙ୍କ ସମ୍ମୁଖରେ ଇସ୍‌ମାଇଲ ପାରମ୍ପରିକ ମାଲୟ୍ ପୋଷାକରେ ଶପଥ ଗ୍ରହଣ କରିଥିଲେ। ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତା ହରାଇବାରୁ ପୂର୍ବତନ ପ୍ରଧାନମନ୍ତ୍ରୀ ମୁହିଦ୍ଦିନ୍ ୟାସିନ୍ ଗତ ସୋମବାର ଇସ୍ତଫା ଦେଇଥିଲେ। ଶୁକ୍ରବାର ରାଜା ଇସ୍‌ମାଇଲଙ୍କୁ ନୂତନ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇଥିଲେ। ଇସ୍‌ମାଇଲ ୟୁନାଇଟେଡ୍ ମାଲୟସ୍ ନ୍ୟାଶନାଲ ଅର୍ଗାନାଇଜେଶନ (ୟୁଏମ୍‌ଏନ୍‌ଓ)ର ଉପାଧକ୍ଷ ଥିବାବେଳେ ମୁହିଦ୍ଦିନଙ୍କ କ୍ୟାବିନେଟରେ ପ୍ରତିରକ୍ଷା ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଗତ ଜୁଲାଇରେ ତାଙ୍କୁ ଉପପ୍ରଧାନମନ୍ତ୍ରୀ ନିଯୁକ୍ତ କରାଯାଇଥିଲା।

### ତ୍ରିପୁରା କଂଗ୍ରେସ ମୁଖ୍ୟଙ୍କ ଇସ୍ତଫା



**ଅଗରତାଲା, ୨୧।୮:** ତ୍ରିପୁରା ପ୍ରଦେଶ କଂଗ୍ରେସ ସଭାପତି ପିଜୁଶ କାନ୍ତି ବିଶ୍ୱାସ ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ରାଜନୀତିରୁ ଅବସର ନେଉଥିବା ଘୋଷଣା କରିଛନ୍ତି। ତେବେ ତୃଣମୂଳ କଂଗ୍ରେସ ତ୍ରିପୁରାରେ ଏହାର ସଂଗଠନ ମଜଭୁତ କରିବାକୁ ଉଦ୍ୟମ ଚଳାଇଥିବାବେଳେ ବିଶ୍ୱାସ ଉକ୍ତ ଦଳରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ତାଙ୍କର କୌଣସି ରାଜନୈତିକ ଦଳରେ ଯୋଗଦେବାର ନାହିଁ ବୋଲି ବିଶ୍ୱାସ ସ୍ପଷ୍ଟ କରିଛନ୍ତି।

### ୩ ସରପଞ୍ଚଙ୍କ ସ୍ୱାମୀଙ୍କୁ ହତ୍ୟା

**ପାଟନା, ୨୧।୮:** ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିହାରରେ ରାଜନୈତିକ ହତ୍ୟାକାଣ୍ଡ ଆରମ୍ଭ ହୋଇଯାଇଛି। ଶନିବାର ୩ଟି ଅଲଗା ଘଟଣାରେ ୩ ଜଣ ସରପଞ୍ଚଙ୍କ ସ୍ୱାମୀଙ୍କୁ ହତ୍ୟା କରାଯାଇଛି। ପ୍ରଥମ ଘଟଣାରେ ପାଟନା ଉପକଣ୍ଠ ମାନେରଠାରେ ବାଙ୍ଗ ପଞ୍ଚାୟତର ସରପଞ୍ଚ ଆଶା ଦେବୀଙ୍କ ସ୍ୱାମୀ ରାଜ କୁମାର ଶାହାଙ୍କୁ ହତ୍ୟା କରାଯାଇଛି। ସେ ଶ୍ରାବଣ ଶେଷ ଦିନରେ ଶିବ ମନ୍ଦିରରେ ପୂଜା କରି ଫେରୁଥିବାବେଳେ କନହୁଲିଠାରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଘେରିଯାଇ ଗୁଳି କରିଥିଲେ। ସେହିପରି ପାଟନା ଜିଲାର ବିହଟାଠାରେ ପାଇନାଲ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ପିଣ୍ଟୁ ସା'ଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଛନ୍ତି। ତୃତୀୟ ଘଟଣା ରୋହତାସ୍‌ର ଲେଓ୍ୱଡା ଗ୍ରାମରେ ଘଟିଛି। କେନାଲ ନିକଟରୁ ଲେଓ୍ୱଡା ସରପଞ୍ଚଙ୍କ ସ୍ୱାମୀ ଅଜୟ୍ କୁମାର ସିଂଙ୍କ କ୍ଷତବିକ୍ଷତ ମୃତଦେହ ମିଳିଛି। ଶୁକ୍ରବାର ରାତିରେ ସେ ତାଙ୍କ ବନ୍ଧୁ ଘରକୁ ଜନ୍ମଦିନ ପାର୍ଟିରେ ଯୋଗଦେବାକୁ ଯାଇ ଆଉ ଫେରି ନ ଥିଲେ। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ।

### ୩ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୧।୮:** ଜମ୍ମୁ-କଶ୍ମୀରର ପୁଲ୍‌ଓ୍ୱାମା ଜିଲାରେ ଶନିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଭାଜପା କର୍ମୀ ରାକେଶ ପଣ୍ଡିତ ହତ୍ୟା ଘଟଣାରେ ସମ୍ପୃକ୍ତ ଥିଲେ। ଆତଙ୍କବାଦୀ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ଆଧାରରେ ସୁରକ୍ଷା ବଳ ଦକ୍ଷିଣ କଶ୍ମୀର ଜିଲାର ନାଗବରେନ ଟ୍ରାଲ ଜଙ୍ଗଲ ଅଞ୍ଚଳରେ ତଲାସି ଅଭିଯାନ ଆରମ୍ଭ କରିଥିଲା। ଆତଙ୍କବାଦୀ ସୁରକ୍ଷା ବଳ ଉପରକୁ ଗୁଳି ଚଳାଇବାରୁ ତଲାସି ଅଭିଯାନ ଏନ୍‌କାଉଣ୍ଟରର ରୂପ ନେଇଥିଲା।

## ଆଫଗାନ୍ ଝିଅଙ୍କ ଚିଠି ଶେୟାର କଲେ

- ଇନ୍‌ଷ୍ଟାଗ୍ରାମରେ ଆଞ୍ଜେଲିନା ଜୋଲି
- ମାନବାଧିକାର ପାଇଁ ସ୍ୱର ଉଠାଇଲେ



**ଲସ୍ ଏଞ୍ଜେଲସ୍,୨୧।୮:** ହଲିଉଡ୍ ଅଭିନେତ୍ରୀ ଆଞ୍ଜେଲିନା ଜୋଲି ସୋସିଆଲ ମିଡିଆ ପ୍ଲାଟଫର୍ମ ଇନ୍‌ଷ୍ଟାଗ୍ରାମରେ ଯୋଗଦେଇଛନ୍ତି। ନିଜର ପ୍ରଥମ ପୋଷ୍ଟରେ ସେ କହିଛନ୍ତି, ମୌଳିକ ମାନବାଧିକାର ପାଇଁ ଲଢ଼େଇ କରୁଥିବା ଲୋକଙ୍କ ସ୍ୱର ଉଠାଇବା ଲାଗି ଏହାକୁ ସେ ବ୍ୟବହାର କରିବେ, ଯାହାଙ୍କ ମଧ୍ୟରେ ଆଫଗାନିସ୍ତାନରେ ତାଲିବାନ ବର୍ବରତାକୁ ନେଇ ଦେଶ ଛାଡୁଥିବା ନାଗରିକ ସାମିଲ ଅଛନ୍ତି। ପାଶ୍ଚାତ୍ୟର ୪୬ ବର୍ଷୀୟା ଓସ୍କାର ବିଜେତା ଏହି ଷ୍ଟାର ଉକ୍ତ ପୋଷ୍ଟରେ ଏକ ପତ୍ର ଶେୟାର କରିଛନ୍ତି। ଆଫଗାନିସ୍ତାନର ଜଣେ ଅଚିହ୍ନା ସ୍ୱଳ୍ପବୟସ୍କା ଝିଅ ତାଙ୍କୁ ଏହି ଚିଠି ପଠାଇଥିଲେ। ସମ୍ପ୍ରତି ଆଫଗାନିସ୍ତାନରେ ତାଲିବାନ ଆତଙ୍କରେ ଜର୍ଜରିତ ଝିଅ ଜଣକ ଏଥିରେ ତାଙ୍କୁ ସହାୟତା ମାଗିଛନ୍ତି। ସୋସିଆଲ ମିଡିଆ ଉପରେ ତାଲିବାନ କଟକଣା ଜାରି କରିଥିବାରୁ ଲୋକେ ନିଜ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ କୌଣସି ପ୍ଲାଟ୍‌ଫର୍ମରେ ପୋଷ୍ଟ କରି ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରୁ ନାହାନ୍ତି। ସେମାନେ ନିଜ ଅଭିବ୍ୟକ୍ତିର ପରିପ୍ରକାଶ କରିବା ପାଇଁ ମୁକ୍ତ ନୁହନ୍ତି। ତେଣୁ ଜୋଲି ଇନ୍‌ଷ୍ଟାଗ୍ରାମକୁ ଆସି ପୀଡ଼ିତଙ୍କ କାହାଣୀ ବୟାନ କରିବା ପାଇଁ ନିଷ୍ପତ୍ତି ନେଇଥିବା ଉଲ୍ଲେଖ କରିଛନ୍ତି। ୨୦୦୧ ସେପ୍ଟେମ୍ବର ୧୧ ନ୍ୟୁୟର୍କ ଆତଙ୍କବାଦୀ ଆକ୍ରମଣର ଦୁଇ ସପ୍ତାହ ପୂର୍ବରୁ ଜୋଲି ଆଫଗାନିସ୍ତାନ ସୀମାରେ ଥିବାବେଳର ସ୍ମୃତିକୁ ମନେପକାଇଛନ୍ତି। ସେତେବେଳେ ତାଲିବାନ ଭୟରେ ଦେଶ ଛାଡ଼ିଥିବା ଜଣେ ଆଫଗାନ ଶରଣାର୍ଥୀଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ଆଜି ମଧ୍ୟ ୨୦ ବର୍ଷ ତଳର ସେହି ଆତଙ୍କ ଲୋକଙ୍କ ମନରେ ଲାଗିରହିଥିବା ସେ କହିଛନ୍ତି। ଏହି ଅବସରରେ ଜୋଲି ଆଫଗାନ ଶରଣାର୍ଥୀଙ୍କ ପ୍ରତି କରାଯାଉଥିବା ବ୍ୟବହାରକୁ ନେଇ ବିଶ୍ୱନେତାଙ୍କୁ ସମାଲୋଚନା କରିଛନ୍ତି। କହିଛନ୍ତି, ସ୍କୁଲଗୁଡ଼ିକୁ ତାଲିବାନ କବ୍‌ଜା କରିବା ପରେ ସେଇ ଝିଅ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ନିଜ ଅଧିକାର ସୁରକ୍ଷା ପାଇଁ ଆଫଗାନମାନେ ମୁକ୍ତ ଥିଲେ। କିନ୍ତୁ ତାଲିବାନ ବର୍ବରତାରେ ଆତଙ୍କିତ ଦେଶବାସୀଙ୍କ ସ୍ୱପ୍ନ ଏବେ ଧୂଳିସାତ୍ ହୋଇଯାଇଛି। ଜୋଲିଙ୍କ ଏହି ପ୍ରଥମ ପୋଷ୍ଟକୁ ୧.୩ ନିୟୁତ ଲାଇକ୍ ମିଳିଥିବାବେଳେ ଏହି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ତାଙ୍କୁ ୪.୨ ନିୟୁତ ୟୁଜର୍ସ ଫଲୋ କରୁଛନ୍ତି।

## ୟୁନିଭର୍ସିଟିରେ ଏକାଠି ପଢ଼ିବେନି ଝିଅପୁଅ

### ତାଲିବାନ୍‌ର ପ୍ରଥମ ଫତ୍ୱା

ଆଫଗାନିସ୍ତାନର ହେରାଟ୍ ପ୍ରଦେଶରେ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଝିଅପୁଅ ଆଉ ଏକାଠି ବସି ପଢ଼ିପାରିବେ ନାହିଁ। ତାଲିବାନ୍ କାର୍ଯ୍ୟକର୍ତ୍ତାମାନଙ୍କ ପକ୍ଷରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକର ଅଧ୍ୟାପକ, ଘରୋଇ ଶିକ୍ଷାନୁଷ୍ଠାନ ମାଲିକ ଏବଂ ତାଲିବାନ୍ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ବୈଠକ ପରେ ସହଶିକ୍ଷା ବ୍ୟବସ୍ଥା ବନ୍ଦ କରିବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ ବୋଲି ଆତଙ୍କବାଦୀ ସଂଗଠନ ପକ୍ଷରୁ କୁହାଯାଇଥିଲା। ଆଫଗାନିସ୍ତାନ ଦଖଲ ପରେ ତାଲିବାନ ପକ୍ଷରୁ ଏହା ପ୍ରଥମ ଫତ୍ୱା।

ଆଫଗାନିସ୍ତାନରେ ଉଭୟ ସହଶିକ୍ଷା ଏବଂ ଅଲଗା ଶିକ୍ଷାଦାନ ବ୍ୟବସ୍ଥା ରହିଛି। ହେରାଟ୍ ପ୍ରଦେଶରେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ପୁଅ ଏବଂ ଝିଅଙ୍କ ପାଇଁ ଅଲଗା ଶିକ୍ଷା ବ୍ୟବସ୍ଥା କରାଯାଇପାରିବ। ତେବେ ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସଂଖ୍ୟା ବହୁତ କମ୍ ଥିବାରୁ ସେମାନଙ୍କ ପାଇଁ ଅଲଗା ଶିକ୍ଷାଦାନ ବ୍ୟବସ୍ଥା କରିବା ସମ୍ଭବ ନୁହେଁ ବୋଲି ଅଧ୍ୟାପକମାନେ କହିଥିଲେ। ତେବେ ସମାଜରେ ଘଟୁଥିବା ସମସ୍ତ ଖରାପ କାର୍ଯ୍ୟର ମୂଳ ସହଶିକ୍ଷା ହୋଇଥିବାରୁ ଏହାକୁ ବନ୍ଦ କରାଯିବା ଜରୁରୀ ବୋଲି ଆଫଗାନିସ୍ତାନ ଇସ୍‌ଲାମିକ ଏମିରେଟ୍‌ର ଉଚ୍ଚଶିକ୍ଷା ମୁଖ୍ୟ ମୁଲ୍ଲା ଫରିଦ କହିଥିଲେ।

## ତାଲିବାନ୍ ସପକ୍ଷରେ ଗନିଙ୍କ ଭାଇ



ହଶମତ୍ ଗନି ଅହମଦଜାଇ

ଆଫଗାନିସ୍ତାନର କ୍ଷମତାଚ୍ୟୁତ ତଥା ପଳାତକ ରାଷ୍ଟ୍ରପତି ଅଶ୍ରଫ୍ ଗନିଙ୍କ ଭାଇ ହଶମତ୍ ଗନି ଅହମଦଜାଇ ତାଲିବାନକୁ ସମର୍ଥନ ଜଣାଇଛନ୍ତି। ସେ ତାଲିବାନ ପ୍ରତି ଆନୁଗତ୍ୟ ପ୍ରକାଶ କରିଛନ୍ତି। ଗ୍ରାଣ୍ଡ୍ କାଉନ୍‌ସିଲ୍ ଅଫ୍ କୁଚିସ୍ ମୁଖ୍ୟ ହଶମତ୍ ଗନି ତାଲିବାନ ନେତା ଖଲିଲ୍-ଉର୍-ରେହମାନ ଓ ଇସ୍‌ଲାମିକ୍ ବିଦ୍ୱାନ ମୁଫ୍‌ତି ମହମୁଦ୍ ଜାକିରଙ୍କ ଉପସ୍ଥିତିରେ ଏହି ଆତଙ୍କବାଦୀ ସଙ୍ଗଠନ ପ୍ରତି ନିଜ ସମର୍ଥନ ଘୋଷଣା କରିଛନ୍ତି। ଅଗଷ୍ଟ ୧୫ରେ ତାଲିବାନ କାବୁଲ ଦଖଲ କରିବା ପରେ ୭୨ ବର୍ଷୀୟ ଅଶ୍ରଫ୍ ଗନିଙ୍କ ପତ୍ତା ମିଳି ନ ଥିଲା। ୩ ଦିନ ପରେ ଅର୍ଥାତ୍ ଗତ ବୁଧବାର ୟୁଏଇ ପକ୍ଷରୁ ଗନି ଓ ତାଙ୍କ ପରିବାରକୁ ମାନବିକତା ଦୃଷ୍ଟିରୁ ଦେଶରେ ଶରଣ ଦିଆଯାଇଛି ବୋଲି ଘୋଷଣା କରାଯାଇଥିଲା।

## ତାଲିବାନ୍ ସହ ବୁଝାମଣା ନାହିଁ: ଇୟୁ



ତାଲିବାନ ସହ କିଛି ବୁଝାମଣା ହେବାର ପ୍ରଶ୍ନ ଉଠୁନାହିଁ। ୟୁରୋପୀୟ ସଂଘ (ଇୟୁ) ଆତଙ୍କବାଦୀ ଗୋଷ୍ଠୀ ସହ ଆଲୋଚନା କରିବ ନାହିଁ ବୋଲି ଇୟୁ କମିଶନ ଅଧକ୍ଷା ଉର୍ସୁଲା ଭୋନ୍ ଡେର୍ ଲେୟେନ୍ ସ୍ପଷ୍ଟ କରିଛନ୍ତି। କାବୁଲରୁ ଇୟୁ ସଂସ୍ଥାଗୁଡ଼ିକର ଅଧିକାରୀମାନଙ୍କୁ ସ୍ଥାନାନ୍ତର କରାଯାଇଥିବାବେଳେ ମାଡ୍ରିଡ୍‌ରେ ସ୍ଥିତି ସମୀକ୍ଷା କରି ଉର୍ସୁଲା କହିଛନ୍ତି, ଆଫଗାନିସ୍ତାନକୁ କମିଶନ ପକ୍ଷରୁ ଦିଆଯିବାକୁ ଥିବା ଅର୍ଥ ରାଶିକୁ ୫୭ ନିୟୁତ ୟୁରୋ (୬୭ ନିୟୁତ ଡଲାର) ପର୍ଯ୍ୟନ୍ତ ବୃଦ୍ଧି କରାଯିବ।



## ରୋଷେଇ ଖରାପ ହେବାରୁ ମହିଳାଙ୍କୁ ଜାଳିଦେଲେ

### ଯୌନ ଦାସୀଙ୍କୁ କଫିନରେ ନିଆଯାଉଛି

ଆଫଗାନିସ୍ତାନରୁ ମହିଳାମାନଙ୍କୁ ତାଲିବାନ୍ ଆତଙ୍କବାଦୀମାନେ କଫିନରେ ପୂରାଇ ଅନ୍ୟ ଦେଶକୁ ନେଇଯାଉଛନ୍ତି। ସେଠାରେ ସେମାନଙ୍କୁ ଯୌନ ଦାସୀ ଭାବେ ବ୍ୟବହାର କରାଯାଉଥିବା ଜଣେ ପୂର୍ବତନ ବିଚାରପତି କହିଛନ୍ତି। ତାଲିବାନଙ୍କଠାରୁ ରକ୍ଷା ପାଇବା ପାଇଁ ଆମେରିକା ପଳାଇଥିବା ନାଜ୍‌ଲା ଆୟୁବିଙ୍କ କହିବା ଅନୁଯାୟୀ ତାଲିବାନ ଆଫଗାନିସ୍ତାନକୁ ନିଜ ନିୟନ୍ତ୍ରଣକୁ ନେବା ପରେ ମହିଳାମାନଙ୍କ ପ୍ରତି ହିଂସାର ଭୟଙ୍କର କାହାଣୀ ସେ ଶୁଣିବାକୁ ପାଉଛନ୍ତି। ଜଣେ ମହିଳା ତାଲିବାନ ଆତଙ୍କବାଦୀମାନଙ୍କ ପାଇଁ ରୋଷେଇ ଭଲ କରି ନ ପାରିବାରୁ ତାଙ୍କୁ ସେମାନେ ଜାଳି ଦେଇଛନ୍ତି। ଯୁବତୀମାନଙ୍କୁ ଜବରଦସ୍ତ ବିବାହ କରାଯିବା ସହ ଯୌନ ନିର୍ଯାତନା ଦିଆଯାଉଛି। ଆତଙ୍କବାଦୀମାନେ ରୋଷେଇ କରି ଦେବା ଲାଗି ଲୋକଙ୍କୁ ବାଧ୍ୟ କରୁଛନ୍ତି।



୨ ସପ୍ତାହ ତଳେ ସୁରକ୍ଷାବଳ ଓ ତାଲିବାନ୍ ମଧ୍ୟରେ ସଂଘର୍ଷବେଳେ ଏୟାରଷ୍ଟ୍ରାଇକ୍‌ରେ ଲଶ୍କର ଗାହର ଧ୍ୱସ୍ତବିଧ୍ୱସ୍ତ ଏକ ଘରେ ଶନିବାର ଛିଡ଼ା ହୋଇଛନ୍ତି ଆଫଗାନ୍ ବାଳକ।

# ତାଲିବାନ୍ ପାଇଁ ଆର୍ଥିକ ଚ୍ୟାଲେଞ୍ଜ

### କାବୁଲରେ ମୁଲ୍ଲା ବରାଦର



**କାବୁଲ,୨୧।୮:** ତାଲିବାନ୍‌ର କାବୁଲ ଦଖଲ ପରେ ପ୍ରଥମ ଥର ପାଇଁ ରାଜଧାନୀରେ ପାଦ ଥାପିଛନ୍ତି ଆତଙ୍କବାଦୀ ସଙ୍ଗଠନର ସହପ୍ରତିଷ୍ଠାତା ତଥା ଉପନେତା ମୁଲ୍ଲା ଅବ୍‌ଦୁଲ ଗନି ବରାଦର। ଦୀର୍ଘ ୨୦ ବର୍ଷ ଧରି ନିର୍ବାସନରେ ଥିବା ବରାଦର ଗତ ବୁଧବାର କାତାରରୁ କାନ୍ଦାହାରକୁ ଫେରିଥିଲେ। ଶନିବାର ସେ କାବୁଲ ଆସିବା ପରେ ତାଲିବାନ ଆଫଗାନିସ୍ତାନର ଅର୍ଥନୀତି ଓ ନିରାପତ୍ତା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନୀତି ନିର୍ଦ୍ଧାରଣ କରିଛି। ଏହାସହ ଆରମ୍ଭ ହୋଇଛି ୟୁନିଟି ଗଭର୍ନମେଣ୍ଟ ଗଠନ ପ୍ରୟାସ। ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ଓ ଆର୍ଥିକ ସଙ୍କଟର ସମାଧାନ ପାଇଁ ପୃଥକ୍ ଟିମ୍ ଗଠନ କରାଯିବ ବୋଲି ତାଲିବାନର ଜଣେ ବରିଷ୍ଠ ନେତା ରଏଟର୍ସକୁ ସୂଚନା ଦେଇଛନ୍ତି। ସଙ୍ଗଠନର ଦ୍ୱିତୀୟ ସର୍ବୋଚ୍ଚ ନେତା ତଥା ରାଷ୍ଟ୍ରପତି ପଦର ଦାବିଦାର ମୁଲ୍ଲା ବରାଦର କାବୁଲରେ ପହଞ୍ଚିବା ପରେ ଅନ୍ୟ ନେତାମାନଙ୍କ ସହ ନୂଆ ସରକାର ଗଠନ ନେଇ ଆଲୋଚନା କରିଛନ୍ତି। ସେ କମାଣ୍ଡରମାନଙ୍କୁ ଦାୟିତ୍ୱ ବାଣ୍ଟିବେ ଏବଂ ପୂର୍ବ ସରକାରର ନେତା, ସ୍ଥାନୀୟ ମିଲିସିଆ କମାଣ୍ଡର, ନୀତି ନିର୍ଦ୍ଧାରକ ଓ ଧର୍ମୀୟ ବିଦ୍ୱାନମାନଙ୍କୁ ଭେଟିବେ।

**ସରକାର ଗଠନ: କେତେ ବାଟ ଯାଇଛି**

- ତାଲିବାନ ଶାସନ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହେବାକୁ ଯାଉଛି ଆର୍ଥିକ ସଙ୍କଟ। ତେଣୁ ଆଭ୍ୟନ୍ତରୀଣ ନିରାପତ୍ତା ଓ ଆର୍ଥିକ ସଙ୍କଟରୁ ମୁକୁଳିବା ପାଇଁ ତାଲିବାନ ପୃଥକ୍ ଟିମ୍ ଗଠନ କରିବ।
- ବିଶ୍ୱ ସମୁଦାୟ ଆଗରେ ନିଜ ଆଭିମୁଖ୍ୟ ରଖି ଗଣମାଧ୍ୟମକୁ ସମ୍ବୋଧିତ କରିବା ପାଇଁ କାବୁଲରେ ଏକ ତ୍ରିପାକ୍ଷିକ କମିଟି ଗଠନ କରାଯାଇଛି। ଇସ୍‌ଲାମିକ୍ ଏମିରେଟ୍ସ ଅଫ୍ ଆଫଗାନିସ୍ତାନ(ଆଇଇଏ)ର ସାଂସ୍କୃତିକ କମିଶନର ଜଣେ ଯୋଗ୍ୟ ସଦସ୍ୟ, ଫେଡେରେଶନ୍ ଅଫ୍ ଜର୍ନାଲିଷ୍ଟସ୍ ଆଣ୍ଡ ମିଡିଆ ଇନ୍‌ଷ୍ଟିଚ୍ୟୁଶନ୍ସର ଜଣେ ସଭ୍ୟ ଏବଂ କାବୁଲ ପୋଲିସ ହେଡ୍‌କ୍ୱାର୍ଟର୍ସର ଜଣେ ପ୍ରତିନିଧି ଏଥିରେ ସାମିଲ ହେବେ। ଏନେଇ ଆଇଇଏ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ସୂଚନା ଦେଇଛନ୍ତି। ତେବେ ତାଲିବାନ ସରକାରକୁ ଅନ୍ତର୍ଜାତୀୟ ସମୁଦାୟର ସ୍ୱୀକୃତି ମିଳିବା ଆଶା କ୍ଷୀଣ।

**ତାଲିବାନ୍ ଅଧୀନ କାବୁଲ ସ୍ଥିତି**

- ଆଫଗାନିସ୍ତାନକୁ ତାଲିବାନ ଦଖଲ କରିବା ପରେ ସ୍କୁଲରୁ ନେଇ ବଜାର ସବୁଠି ଏହାର ପ୍ରଭାବ ଦେଖିବାକୁ ମିଳିଛି। ଇସ୍‌ଲାମିକ୍ ଆଇନ ଅନୁସାରେ ଏକ କାଉନ୍‌ସିଲ ଦେଶକୁ ଶାସନ କରିବ ବୋଲି ପୂର୍ବରୁ ତାଲିବାନ କହିଥିଲା।
- ତେବେ ଆଫଗାନିସ୍ତାନରେ ଗଣତନ୍ତ୍ରର ଭିତ୍ତିଭୂମି ନ ଥିବାରୁ ଲୋକଙ୍କ ଶାସନ ଏଠାରେ ରହିବ ନାହିଁ। କିନ୍ତୁ ଶରିଆ ଆଇନ ଅନୁସାରେ ଲୋକେ ସ୍ୱାଧୀନତା ଉପଭୋଗ କରିବେ।
- ତାଲିବାନ ଶାସିତ ଇସ୍‌ଲାମିକ୍ ଏମିରେଟ୍ସ ଅଫ୍ ଆଫଗାନିସ୍ତାନ ଅନ୍ୟ ସମସ୍ତ ରାଷ୍ଟ୍ର ସହ କୂଟନୈତିକ ଓ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠା କରିବାକୁ ଚାହୁଁଛି। ବିଶେଷକରି ଆମେରିକା ସହ ସମ୍ପର୍କ ପାଇଁ ଆଗ୍ରହୀ ବୋଲି ବରାଦର କହିଛନ୍ତି।
- ଆଫଗାନ ସୈନ୍ୟ ଓ ପାଇଲଟମାନଙ୍କୁ ତାଲବାନ ଆର୍ମିରେ ସାମିଲ କରାଯିବ।
- ଚୁକ୍ତି ଅନୁସାରେ ଆମେରିକୀୟ ସୈନ୍ୟ ଅପସାରଣ ଶେଷ ନ ହେବା ପର୍ଯ୍ୟନ୍ତ ତାଲିବାନ ତରବରିଆ ଭାବେ କିଛି ନିଷ୍ପତ୍ତି ନେବ ନାହିଁ।

### ସୋସିଆଲ ମିଡିଆରେ ସମର୍ଥନ କରି ୧୪ ଗିରଫ

ଗୁଆହାଟୀ, ୨୧।୮

ତାଲିବାନ୍ ଆଫଗାନିସ୍ତାନକୁ ଦଖଲ କରିଥିବାରୁ ଏହାକୁ ସମର୍ଥନ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ଅଭିଯୋଗରେ ଆସାମରୁ ୧୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନ, ସୂଚନା ପ୍ରଯୁକ୍ତି ଆଇନ ଏବଂ ସିଆର୍‌ପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିବା ଆସାମ ପୋଲିସର ସ୍ୱତନ୍ତ୍ର ଡିଜିପି ଜି.ପି. ସିଂ କହିଛନ୍ତି। ଜନସାଧାରଣ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଏଭଳି ପୋଷ୍ଟ ନ କରିବା ଲାଗି ସତର୍କ କରିଦିଆଯାଇଛି। ଜାତୀୟ ସୁରକ୍ଷା ପ୍ରତି ବିପଦ ଥିବା ଏଭଳି ଉତ୍ତେଜନାପୂର୍ଣ୍ଣ ସୋସିଆଲ ମିଡିଆ ପୋଷ୍ଟ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ପୋଲିସ ଆଲର୍ଟ ରହିବା ସହ ସୋସିଆଲ ମିଡିଆ ଉପରେ ନଜର ରଖିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୧୮,୨୫,୭୯୩ | ୪୪,୩୨,୫୦୬ | ୧୮,୯୫,୬୭,୭୩୮ |
| ଭାରତ | ୩,୨୪,୧୫,୭୭୪ | ୪,୩୪,୨୦୯ | ୩,୧୬,୧୭,୯୬୭ |
| ଓଡ଼ିଶା | ୧୦,୦୦,୦୮୪ | ୭୨୮୯(+୫୩) | ୯,୮୪,୨୨୪ |

ଶନିବାର ରାତି ୮ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କ୍ଷମତା ସହ ବଦଳି ନାହାନ୍ତି ନବୀନ: ନୀତୀଶ

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**



ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପ୍ରଶଂସା କରିଛନ୍ତି। ଜଣେ ରାଜନେତା ହିସାବରେ ନବୀନ ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିବା ବେଳେ କ୍ଷମତା ସହ ବଦଳି ନାହାନ୍ତି ବୋଲି ନୀତୀଶ ଲେଖିଛନ୍ତି। ଏକ ଜାତୀୟ ଗଣମାଧ୍ୟମରେ ସେ ଲେଖିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କ ସହିତ ତାଙ୍କର ଦୀର୍ଘଦିନର ବ୍ୟକ୍ତିଗତ ସମ୍ପର୍କ। ନବୀନ ଜଣେ ଭିନ୍ନ ରାଜନେତା। ଗରିବଙ୍କ ଉନ୍ନତି ପାଇଁ ତାଙ୍କର ଦୂରଦୃଷ୍ଟି, ନ୍ୟାୟ ସହିତ ବିକାଶ ପାଇଁ ତାଙ୍କ ଆଭିମୁଖ୍ୟ ଏବଂ ସାଂସ୍କୃତିକ ପରମ୍ପରା ପ୍ରତି ସମ୍ମାନ ସର୍ବଦା ପ୍ରଶଂସିତ ହୋଇଛି। ଯେତେବେଳେ ସେ ରାଜନୀତିରେ ପ୍ରବେଶ କଲେ, ସେତେବେଳେ ବିଜୁବାବୁଙ୍କ ପରିଚୟ ନେଇ ଆସିଥିଲେ। ହେଲେ ଗତ ୨୪ ବର୍ଷ ମଧ୍ୟରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଲୋକମାନେ ସାଧାରଣତଃ କ୍ଷମତାକୁ ଆସିଲେ ସମୟ ସହିତ ପରିବର୍ତ୍ତନ ହୁଅନ୍ତି। କିନ୍ତୁ ନବୀନ ପୂର୍ବ ଭଳି ରହିଛନ୍ତି। ରାଜ୍ୟ ତଥା ଦେଶ ପାଇଁ ତାଙ୍କର ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ରହିଛି। ରାଜନୀତିରେ ନବୀନ ପଟ୍ଟନାୟକ କିପରି ଏତେ ସଫଳ ବୋଲି ଲୋକେ ଅନେକ ସମୟରେ ପ୍ରଶ୍ନ କରିଥାନ୍ତି। ମୁଁ ଭାବୁଛି ତା'ର ଉତ୍ତର ସେ ନିଜର ଏକ ସାକ୍ଷାତ୍କାରରେ ଦେଇସାରିଛନ୍ତି। ଏକ ସାକ୍ଷାତ୍କାରରେ ସେ କହିଥିଲେ, ମୁଁ ନିର୍ବାଚନ ପାଇଁ ନୁହେଁ ଲୋକମାନଙ୍କ ପାଇଁ କାମ କରେ। ସେ ଓଡ଼ିଶାର ଲୋକଙ୍କୁ ଏହା ଜଣାଇବାରେ ସଫଳ ହୋଇଛନ୍ତି ଯେ ସେମାନେ ତାଙ୍କ ପରିବାର, ଯାହା ପାଇଁ ସେ ନିର୍ବାଚନ ପରେ ନିର୍ବାଚନ ଜିତି ଚାଲିଛନ୍ତି। ନୀତୀଶ କୁମାର ଆହୁରି ମଧ୍ୟ ଲେଖିଛନ୍ତି ଯେ, ନବୀନ କଥା କମ୍ କୁହନ୍ତି, କାମ ଅଧିକ କରନ୍ତି। ପଞ୍ଚମ ପାଳି ନିର୍ବାଚନ ଲଢ଼ୁଥିବା ବେଳେ ସେ କେବଳ ଗୋଟିଏ ଧାଡ଼ି– 'ଆପଣମାନେ ଖୁସି ତ' କହି ନିର୍ବାଚନ ଜିତିନେଇଥିଲେ। ଯେତେବେଳେ ୨୦୦୦ ମସିହାରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ, ସେତେବେଳେ ଓଡ଼ିଶା କଠିନ ସମୟ ଦେଇ ଗତି କରୁଥିଲା। ବିଗତ ଦୁଇ ଦଶନ୍ଧି ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟକୁ ସେ ଖୁବ୍ ଭଲ ଭାବରେ ସମ୍ଭାଳି ନେଇଛନ୍ତି। ତାଙ୍କର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ଲାଭ କରିଛି। ତାଙ୍କ ଶାସନରେ କ୍ରୀଡ଼ା ଏବଂ ପର୍ଯ୍ୟଟନ କ୍ଷେତ୍ରରେ ରାଜ୍ୟ ନିଜର ଭିନ୍ନ ପରିଚୟ ସୃଷ୍ଟି କରିଛି ଏବଂ ଅଭିବୃଦ୍ଧି ହାରକୁ ବଜାୟ ରଖିଛି। ଇତିହାସ ତାଙ୍କୁ ଜଣେ ଭଲ ବ୍ୟକ୍ତି, ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ, ଆଦର୍ଶ ଓ ପ୍ରତିବଦ୍ଧତା ଥିବା ସମାଜସେବୀ ଭାବରେ ମନେରଖିବ।

# ମଧ୍ୟସ୍ଥତା ଉପରେ ସିଜେଆଇଙ୍କ ଗୁରୁତ୍ୱ

**ହାଇଦ୍ରାବାଦ, ୨୧।୮(ଆଇଏଏନ୍ଏସ୍)**

ପୁଞ୍ଜି ନିବେଶକମାନେ ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ ବା ବ୍ୟବସାୟକୁ ସହଜ କରିବାକୁ ଚାହୁଁଥିବାରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ମଧ୍ୟସ୍ଥତା ଏବଂ ବୁଝାମଣା ଉପରେ ଗୁରୁତ୍ୱାରୋପ କରିଛନ୍ତି। ହାଇଦ୍ରାବାଦସ୍ଥିତ ଇଣ୍ଟରନ୍ୟାଶନାଲ ଅର୍ବିଟ୍ରେଶନ ଆଣ୍ଡ୍ ମିଡିଏଶନ ସେଣ୍ଟର ବିବାଦର ତ୍ୱରିତ୍ ସମାଧାନରେ ଉଭୟ ଘରୋଇ ଓ ବିଦେଶୀ ନିବେଶକମାନଙ୍କୁ ଦୀର୍ଘଦିନ ହେଲା ସହାୟତା ଯୋଗାଇ ଆସୁଛି। ଏହି ଅବସରରେ ସିଜେଆଇ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କୁ ଦେଶରେ ଅର୍ଥନୈତିକ ସଂସ୍କାରର ଜନକ ଭାବେ ବର୍ଣ୍ଣନା କରିଥିଲେ। ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଦେଶରେ ଅର୍ଥନୈତିକ ସଂସ୍କାର ଆରମ୍ଭ ହୋଇଥିଲା। ତେଲଙ୍ଗାନା ହାଇକୋର୍ଟ ମୁଖ୍ୟ ବିଚାରପତି ହିମା କୋହଲିଙ୍କ ବାସଭବନରେ ଆୟୋଜିତ ଏକ ଉତ୍ସବରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ବିବାଦର ସମାଧାନ ଏବଂ ନ୍ୟାୟପାଳିକାକୁ ମଜଭୁତ କରିବାକୁ ହେଲେ ସମସ୍ତେ ଏହି ମଧ୍ୟସ୍ଥତା ଆନ୍ଦୋଳନରେ ସାମିଲ ହେବା ଆବଶ୍ୟକ। ଭାରତୀୟ ସଂସ୍କୃତିରେ ସମସ୍ତ ବିବାଦ ମଧ୍ୟସ୍ଥତା, ବୁଝାମଣା ଓ ପରାମର୍ଶ ମାଧ୍ୟମରେ ସମାଧାନ କରାଯାଉଥିଲା। ପରିବାରରେ ଆମେ ପ୍ରତିଦିନ ପିଲା, ସ୍ତ୍ରୀ, ଭାଇ, ବନ୍ଧୁ ଓ ଅନ୍ୟମାନଙ୍କ ସହ ବୁଝାମଣା କରିଥାଉ। ନିବେଶକମାନେ ବିବାଦରେ ପଶିବାକୁ ଚାହାନ୍ତି ନାହିଁ। ସେମାନଙ୍କ ବ୍ୟବସାୟକୁ ନେଇ ବିବାଦ ସୃଷ୍ଟି ହେଲେ ଏହାର ଶାନ୍ତିପୂର୍ଣ୍ଣ ସମାଧାନ ଆବଶ୍ୟକ।




# ସୌରଚାଳିତ ଯନ୍ତ୍ରର ବ୍ୟବହାର ବଢୁଛି

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

## ଜୁଲାଇ ସୁଦ୍ଧା ଓରେଡା ସ୍ଥାପନ କରିଛି ୪ ଲକ୍ଷ ଅଣପାରମ୍ପରିକ ଶକ୍ତି ଉତ୍ପାଦନ ଓ ବ୍ୟବହାର ଯନ୍ତ୍ର

ସବୁଜ ଶକ୍ତି ବ୍ୟବହାର ବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରେଡା) ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଜୁଲାଇ ଶେଷ ସୁଦ୍ଧା ଓରେଡା ରାଜ୍ୟର ବିଭିନ୍ନ ସ୍ଥାନରେ ୪ ଲକ୍ଷ ଅଣପାରମ୍ପରିକ ଶକ୍ତି ଉତ୍ପାଦନ ଓ ବ୍ୟବହାର ଯନ୍ତ୍ର ପ୍ରତିଷ୍ଠା କରିଛି। ଏହାଦ୍ୱାରା ୫.୫ ନିୟୁତ ଲୋକ ଉପକୃତ ହେଉଛନ୍ତି। ଏଥିଯୋଗୁ ଓରେଡା ବାର୍ଷିକ ହାରାହାରି ୩୦ ମେଟ୍ରିକ୍ ଟନ୍ କାର୍ବନ ନିର୍ଗମନ କମାଇବାରେ ସକ୍ଷମ ହୋଇଛି। ଶନିବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ସୂଚନା ମିଳିଛି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଓରେଡା ପ୍ରାୟ ୧୨.୩ ମେଗାୱାଟ୍ ସୌରଶକ୍ତି ଉତ୍ପାଦନ ପାଇଁ ୧୧୬୩ ଛାତ-ଉପର ସୌରଶକ୍ତି ୟୁନିଟ୍ ସ୍ଥାପନ କରିଛି। ଏହାଛଡ଼ା ଓରେଡା ୨.୪୪ ଲକ୍ଷ ଜୈବ-ଗ୍ୟାସ୍ ପ୍ଲାଣ୍ଟ, ୧୩,୨୧୯ ସୌରଶକ୍ତି ପାନୀୟ ଜଳ ପ୍ରକଳ୍ପ, ୧,୬୮୭ ସୌର-ଜଳସେଚନ ପମ୍ପ, ୧୮,୧୨୨ ଉନ୍ନତ ସୌର-ରନ୍ଧନ ଚୁଲା ଆଦି ସ୍ଥାପନ କରିଛି। ୨,୯୦୩ ଗ୍ରାମରେ ୮୪,୮୫୮ଟି ଘରୋଇ ବାସଗୃହକୁ ଓରେଡା ବିଦ୍ୟୁତ୍ ଯୋଗାଇବା ସହ ୮୨,୦୩୩ ସୌର-ଲଣ୍ଠନ ବଣ୍ଟନ କରିଛି।

ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ଏହି ବୈଠକରେ ଓରେଡାର କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକର ସମୀକ୍ଷା କରି ଘରୋଇ, ବେସରକାରୀ ଓ ବ୍ୟବସାୟିକ ସଂସ୍ଥାଗୁଡ଼ିକରେ ସୌରଶକ୍ତିର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ପାଣି ଗରମ ପାଇଁ ସୌର-ହିଟର, ସୌର-ଲାଇଟ୍, ମାଙ୍କଡ଼ ଆଦି ବନ୍ୟଜନ୍ତୁଙ୍କଠାରୁ ବଗିଚା, ଓ କୃଷି ଫାର୍ମ ଆଦି ସୁରକ୍ଷା ନିମନ୍ତେ ସୌର-ପାଚେରି, ଚାଷ ଏବଂ କୃଷି ଉତ୍ପାଦିତ ଦ୍ରବ୍ୟର ପ୍ରକ୍ରିୟାକରଣରେ ସୌରଚାଳିତ ଯନ୍ତ୍ରର ବ୍ୟବହାର ଆଦି ବଢ଼ାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିନିମନ୍ତେ ସଚେତନତା ଓ କ୍ଷେତ୍ର ପ୍ରଦର୍ଶନ ଆଦି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଏବଂ ଆବଶ୍ୟକତାଭିତ୍ତିକ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଓରେଡା ମୁଖ୍ୟ କାର୍ଯ୍ୟନିର୍ବାହୀ ଧନଞ୍ଜୟ ସ୍ୱାଇଁ ବୈଠକରେ ସୌର-ଶୀତଳଭଣ୍ଡାର, ସୌର-ପାନୀୟଜଳ କିଓସ୍କ, ସୌରଚାଳିତ ଲୋକସେବା କେନ୍ଦ୍ର, ଦଉଡ଼ି ତିଆରି ପାଇଁ ସୌରଚାଳିତ ଯନ୍ତ୍ର, ରେଶମଗୁଡ଼ା ସୌରଯନ୍ତ୍ର, ପନିପରିବା, ଶସ୍ୟ, ମାଛ ଏବଂ ମସଲାଜାତୀୟ କୃଷି ଉତ୍ପାଦ ଆଦିକୁ ସ୍ୱାସ୍ଥ୍ୟକର ଭାବେ ଶୁଖାଇବା ନିମନ୍ତେ ସୌର-ଶୋଷକ ଆଦି ନୂତନ ବୈଷୟିକ କୌଶଳ ବିଷୟରେ ସୂଚନା ଦେଇଥିଲେ। ଏସବୁ ଅଭିନବ ସୌରଚାଳିତ ବୈଷୟିକ କୌଶଳର ବ୍ୟାପକ ପ୍ରୟୋଗ ଓ ବ୍ୟବହାର ନିମନ୍ତେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟ ଯୋଜନାର ରୂପରେଖ ତିଆରି କରିବା ପାଇଁ ଉନ୍ନୟନ କମିଶନର ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ସୌରଶକ୍ତି ବ୍ୟବହାର ସମ୍ଭାବନା ଥିବା ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ଶାସନ ସଚିବମାନଙ୍କୁ କମିଟିରେ ସାମିଲ କରାଯାଇଛି। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ଧଳ କହିଛନ୍ତି ଯେ, ଇତିମଧ୍ୟରେ ଓରେଡାର ଗ୍ରାହକ ସେବା ବ୍ୟବସ୍ଥାକୁ ସ୍ୱୟଂକ୍ରିୟ କରାଯାଇଛି। ଏଥିରେ ୧୮୦୦-୩୪୫-୭୧୩୫ ଟୋଲ୍ ଫ୍ରି ନମ୍ବର ଏବଂ ୯୪୩୮୦୧୬୦୦୭/୯୪୩୮୦୧୬୦୦୮ ଦୁଇଟି ମୋବାଇଲ୍ ନମ୍ବର ସଂଯୋଜିତ କରାଯାଇଛି। ଫୋନ୍ କଲ୍, ଇ-ମେଲ୍, ଏସ୍ଏମ୍ଏସ୍ ଆଦି ମାଧ୍ୟମରେ ତୁରନ୍ତ ଗ୍ରାହକ ସେବା ଯୋଗାଇ ଦିଆଯାଉଛି।

# ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କୁ ହତ୍ୟା ଉଦ୍ୟମ

**ଭଦ୍ରକ ଅଫିସ, ୨୧।୮:** ଭଦ୍ରକ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିକାଶ ଶ୍ରେଷ୍ଠାଙ୍କୁ ଶନିବାର ମଧ୍ୟାହ୍ନରେ ଆକ୍ରମଣ ସହ ହତ୍ୟା ଉଦ୍ୟମ କରାଯାଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ୧୫ରୁ ୨୦ଜଣ ଯୁବକ ବିକାଶଙ୍କୁ ଭଦ୍ରକ କୋର୍ଟ ଫାଟକ ସମ୍ମୁଖରୁ ମାରଣାସ୍ତ୍ର ଦେଖାଇ ଭାଜପା ଜିଲା କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ତାଙ୍କୁ ଆକ୍ରମଣ ସହ ପେଟ୍ରୋଲ ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଥିଲେ। ତାଙ୍କର ଜଣେ ସହଯୋଗୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ରାଜନୈତିକ ଶତ୍ରୁତା କାରଣରୁ କେତେଜଣ ଦଳୀୟ କର୍ମୀ ତାଙ୍କୁ ଆକ୍ରମଣ କରିଥିବା ବିକାଶ ଏତଲାରେ ଉଲ୍ଲେଖ କରିଛନ୍ତି। ଟାଉନ ପୋଲିସ ଘଟଣାର ତଦନ୍ତ କରୁଛି।




# ଜାଇକୋଭ୍-ଡି ଟିକା ୬୬% ଫଳପ୍ରଦ

**ନୂଆଦିଲ୍ଲୀ, ୨୧।୮:** ଦେଶରେ ୧୨ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନଙ୍କ ପାଇଁ ଉଦ୍ଦିଷ୍ଟ ଜାଇଡସ୍ କାଡିଲା କମ୍ପାନୀର ୩ ଡୋଜ୍ ବିଶିଷ୍ଟ କୋଭିଡ୍ ଟିକା ଜାଇକୋଭ୍-ଡି ୬୬.୬ ପ୍ରତିଶତ ଫଳପ୍ରଦ ବୋଲି କ୍ଲିନିକାଲ ପରୀକ୍ଷାରୁ ଜଣାପଡିଛି। ସାରା ଦେଶରେ ୨୮,୦୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ଉପରେ ଏହି ଟିକା ପରୀକ୍ଷା କରାଯାଇଥିଲା। ଏହାକୁ ୨ରୁ ୮ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ଗଚ୍ଛିତ ରଖାଯାଇପାରିବ। ବିନା ଛୁଞ୍ଚିରେ ଉକ୍ତ ଟିକା ଦିଆଯିବାକୁ ଥିବାବେଳେ ପ୍ରଥମ ଡୋଜ୍‌ର ୨୮ ଦିନ ପରେ ଦ୍ୱିତୀୟ ଏବଂ ୫୬ ଦିନରେ ତୃତୀୟ ଡୋଜ୍ ଦିଆଯିବ। ଶୁକ୍ରବାର ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଏହାକୁ ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ପ୍ରଦାନ କରିଛନ୍ତି। ଅକ୍ଟୋବର ସୁଦ୍ଧା ପ୍ରତି ମାସରେ ୧ କୋଟି ଡୋଜ୍ ଟିକା ପ୍ରସ୍ତୁତି ଲାଗି କମ୍ପାନୀ ଆଶା ରଖିଛି। ଡିସେମ୍ବରରୁ ଜାନୁୟାରୀ ମଧ୍ୟରେ ଉତ୍ପାଦନ ୩ରୁ ୫ କୋଟି ଡୋଜ୍ ହେବ। ତେବେ ଅଗଷ୍ଟରେ ୫ କୋଟି ଡୋଜ୍ ଯୋଗାଇବା ପାଇଁ ସରକାରଙ୍କ ପ୍ରତିଶ୍ରୁତି ପୂରଣ କରିବାରେ କମ୍ପାନୀ ସକ୍ଷମ ହୋଇପାରିବ ନାହିଁ ବୋଲି କହିଛି। ଉତ୍ପାଦନ ବଢ଼ାଇବା ଲାଗି ଏହା ଅନ୍ୟ କେତେକ ତୃତୀୟ ପକ୍ଷ କମ୍ପାନୀ ସହ ଆଲୋଚନା ଚଳାଇଛି।



# ମାଟି ତଳୁ ୨୧ ଲକ୍ଷ ଜବତ

**ଟଙ୍କା ଭ୍ୟାନ୍ ଲୁଟ୍ ଘଟଣା**
**ଡ୍ରାଇଭର ମାଷ୍ଟର ମାଇଣ୍ଡ**

**ବ୍ରହ୍ମପୁର ଅଫିସ,୨୧।୮:** ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଆସିକା ରୋଡ୍‌ରୁ ଏଟିଏମ୍ ଟଙ୍କା ଲୋଡିଂ ଭ୍ୟାନ୍ ଅପହରଣ ଓ ଲୁଟ୍ ଘଟଣାର ରହସ୍ୟ ଉନ୍ମୋଚନ କରିଛି ପୋଲିସ। ଭ୍ୟାନ୍‌ର ଡ୍ରାଇଭର ଆଶିଷ ଦିଗାଲ ଏହାର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି। ତାଙ୍କ ବୟାନକୁ ଆଧାର କରି ବ୍ରହ୍ମପୁର ପୋଲିସର ଏକ ଟିମ୍ ଫୁଲବାଣୀର ସାରଙ୍ଗଗଡ଼ ଯାଇ ମାଟି ତଳେ ପୋତା ହୋଇ ରଖାଯାଇଥିବା ୨୧ଲକ୍ଷ ଟଙ୍କା ଜବତ କରିଛି। ଏ ସଂକ୍ରାନ୍ତରେ ଡ୍ରାଇଭର ଦିଗାଲଙ୍କ ଅନ୍ୟ ଦୁଇ ସହଯୋଗୀଙ୍କୁ ପୋଲିସ ଅଟକ ରଖିଥିବା ସୂଚନା ମିଳିଛି। ରବିବାର ଏ ଦିଗରେ ପୋଲିସ ପୂରା ସୂଚନା ଦେବ ବୋଲି ଜଣାପଡ଼ିଛି। ଏଜିଏସ୍ ସିକ୍ୟୋର ନାମକ ଏକ ଘରୋଇ ସଂସ୍ଥା ବ୍ୟାଙ୍କରୁ ଟଙ୍କା ନେଇ ଏଟିଏମ୍ କାଉଣ୍ଟରରେ ଭର୍ତ୍ତି କରିଥାଏ। ଗତ ୧୮ତାରିଖ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ବେଳେ ସଂସ୍ଥାର ୪ଜଣ କର୍ମଚାରୀ ୨୬ ଲକ୍ଷ ଟଙ୍କା ଭ୍ୟାନ୍‌ରେ ଧରି ବାହାରିଥିଲେ। ସେମାନେ ରଜାସାହିସ୍ଥିତ ଏଟିଏମ୍ କାଉଣ୍ଟରକୁ ଯାଇଥିଲେ। ସେଠାରେ ୨ଲକ୍ଷ ଟଙ୍କା ଭର୍ତ୍ତି କରିବା ପରେ ଆସିକା ରୋଡ୍ ଆକ୍ସିସ୍ ବ୍ୟାଙ୍କ ଏଟିଏମ୍ କାଉଣ୍ଟରକୁ ଯାଇଥିଲେ। ଭ୍ୟାନ୍‌ଟି ରାସ୍ତାକଡ଼ରେ ଥିବା ବେଳେ ଡ୍ରାଇଭର ଗାଡ଼ିରେ ବସିଥିଲେ। ଗନ୍‌ମ୍ୟାନ୍ ଓ ଦୁଇଜଣ କର୍ମଚାରୀ ଗାଡ଼ିରୁ ଓହ୍ଲାଇ ଏଟିଏମ୍ ଭିତରକୁ ଯାଇଥିଲେ। କିଛି ସମୟ ପରେ ଆସି ଦେଖିବା ବେଳେ ଗାଡ଼ିଟି ସେଠାରୁ ଉଭାନ ହୋଇଯାଇଥିଲା। ପରେ ଗାଡ଼ି ଗିରିସୋଲା ନିକଟରୁ ଜବତ ହୋଇଥିବା ବେଳେ ଭ୍ୟାନ୍‌ରୁ ୨୪ ଲକ୍ଷ ଟଙ୍କା ଗାଏବ ହୋଇଥିଲା।

# ଭାଜପା କହିଲା ସନ୍ଦେହ ଘେରକୁ ଠେଲିଦେଲେ ସରକାର

**ବ୍ଲକ୍ କାର୍ଯ୍ୟାଳୟରେ ପଞ୍ଚାୟତ ଭୋଟ୍ ଗଣତି ପ୍ରସଙ୍ଗ**

**ଭୁବନେଶ୍ୱର, ୨୧।୮(ବ୍ୟୁରୋ):** ପଞ୍ଚାୟତିରାଜ ବ୍ୟବସ୍ଥାରେ ତୃଣମୂଳ ସରକାର ଗଠନର ନିର୍ବାଚନୀ ପ୍ରକ୍ରିୟାର ତତ୍କାଳ ଭୋଟ ଗଣତିରେ ରାଜ୍ୟ ସରକାର ପରିବର୍ତ୍ତନ କରିଛନ୍ତି। ଏହାଦ୍ୱାରା ପ୍ରଚଳିତ ବ୍ୟବସ୍ଥାକୁ ସରକାର ସନ୍ଦେହ ଘେରକୁ ଠେଲି ଦେଇଛନ୍ତି ବୋଲି ଭାଜପା ପଞ୍ଚାୟତିରାଜ ସମିତି ରାଜ୍ୟ ସଂଯୋଜକ ଶଙ୍କର୍ଷଣ ପରିଡା କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶଙ୍କର୍ଷଣ କହିଛନ୍ତି, ପଞ୍ଚାୟତ ନିର୍ବାଚନରେ ରାଜ୍ୟର ପ୍ରାୟ ୧ ଲକ୍ଷ ବୁଥ୍‌ର ୪ ଲକ୍ଷ ଭୋଟ ବକ୍ସକୁ ବିଧିବଦ୍ଧ ଭାବେ ସୁରକ୍ଷା ଦେବା ପାଇଁ ବ୍ଲକସ୍ତରରେ ଆବଶ୍ୟକ ଷ୍ଟ୍ରଙ୍ଗ୍ ରୁମ୍‌ର ବ୍ୟବସ୍ଥା ନାହିଁ। ଜିଲାସ୍ତରରେ ଏତେ ବିପୁଳ ସଂଖ୍ୟକ ଭୋଟବାକ୍ସ ପାଇଁ ମଧ୍ୟ ଏ ଯାବତ୍ ରାଜ୍ୟରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ବିଧାନସଭା ଓ ସଂସଦୀୟ ନିର୍ବାଚନ କ୍ଷେତ୍ରରେ ପ୍ରତି ପଞ୍ଚାୟତରେ ମାତ୍ର ୪ କିମ୍ବା ୫ ବୁଥ୍‌ରେ ସିମିତ ଥିଲାବେଳେ ପଞ୍ଚାୟତ ନିର୍ବାଚନରେ ଏହି ସଂଖ୍ୟା ପ୍ରାୟ ୧୫ରୁ ୩୦ ରହିବ। ପରାଜୟ ଭୟରେ ପ୍ରାୟ ୩ ବର୍ଷ ଧରି ପୌର ନିର୍ବାଚନ ପ୍ରକ୍ରିୟାକୁ ବିଳମ୍ବିତ କରିଥିବା ରାଜ୍ୟ ସରକାର ପୁନଶ୍ଚ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଭାବିତ କରି ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟାକୁ ବିଳମ୍ବିତ କରିବାର ଅସାଧୁ ଉଦ୍ୟମ ଜାରି ରଖିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଓଡ଼ିଶା ସରକାରଙ୍କର ଏତାଦୃଶ ବେଆଇନ କାର୍ଯ୍ୟକଳାପକୁ ରାଜ୍ୟ ନିର୍ବାଚନ କମିଶନ ପ୍ରଶ୍ରୟ ନ ଦେବା ସହିତ ନିର୍ବାଚନୀ ବିଧି ଆଧାରିତ ସତର୍କ ଚେତାବନୀ ଦେବା ନିମନ୍ତେ ଭାଜପା ଦାବି କରିଛି। ସୂଚନାଯୋଗ୍ୟ, ଏଣିକି ବ୍ଲକରେ ପଞ୍ଚାୟତ ନିର୍ବାଚନର ଭୋଟ୍ ଗଣତି କରାଯିବ। ଭୋଟ ଗ୍ରହଣ ପରେ ଭୋଟବାକ୍ସ ସିଲ୍ କରି ବ୍ଲକ୍ ଅଫିସରେ ରହିବ। ସବୁ ପର୍ଯ୍ୟାୟ ନିର୍ବାଚନ ଶେଷ ହେବାପରେ ଗଣତି ହେବ। ପଞ୍ଚାୟତିରାଜ ବିଭାଗ ଭୋଟ ଗଣତି ନେଇ ନୂଆ ନିୟମ ଆଣିବାକୁ ଯାଉଛି। ଏଥିପାଇଁ ଏକ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି।

# ସୁଗାର ଫ୍ରି ମିଠା ଖାଇବା ଉଚିତ ନୁହେଁ

**ଆଜିକାଲି ଆମ ଜୀବନଶୈଳୀ ଏପରି ହୋଇଯାଇଛି ଯେ ଆମେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ଆଉ କିଛି ରୋଗ ଅଛି, ଯାହା ଅନେକଙ୍କ କ୍ଷେତ୍ରରେ ଦେଖାଯାଏ। ସେଥିମଧ୍ୟରୁ ମଧୁମେହ ଓ ଥାଇରଏଡ୍ ଘରେ ଘରେ ଦେଖାଯାଉଛି। ମଧୁମେହ ହେଲେ ଲୋକେ ଗୁରୁତର ରୋଗରେ ପୀଡ଼ିତ ହୋଇଥାନ୍ତି। ଥାଇରଏଡ୍ ଯୋଗୁ ମଧ ଅନେକ ସମସ୍ୟା ଦେଖାଯାଏ। ଏହି ଦୁଇ ରୋଗର କାରଣ କ'ଣ, ନିରାକରଣ, କେତେ ବିପଦ ଓ ଚିକିତ୍ସା କିପରି ହୁଏ ସେ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଅଭୟ କୁମାର ସାହୁଙ୍କ ସହିତ ଧରିତ୍ରୀର ଅସମାପିକା ସାହୁଙ୍କ ଆଳାପ।**

**ଧରିତ୍ରୀ ଆଳାପ**


ଡା. ଅଭୟ କୁମାର ସାହୁ

**ପ୍ରଶ୍ନ– ମଧୁମେହ ହେଲେ କ'ଣ ଜଟିଳତା ରହିଛି?**
ଉତ୍ତର– ଯେବେ ଜଣେ ବ୍ୟକ୍ତି ମଧୁମେହରେ ପୀଡ଼ିତ ହୁଏ, ସେବେଠାରୁ ଜଣେ ସାଧାରଣ ଲୋକଠାରୁ ତାଙ୍କର ଆଖି, କିଡ୍‌ନୀ, ହାର୍ଟଉପରେରିସ୍କଦୁଇରୁତିନିଗୁଣଅଧିକହୋଇଯାଏ।

**ପ୍ରଶ୍ନ– ଅନେକଙ୍କ ଧାରଣା ରହିଛି, ଇନ୍‌ସୁଲିନ୍ ଥରେ ନେଲେ ତାହା ଜୀବନସାରା ନେବାକୁ ପଡ଼ିବ। ଏହା କେତେ ଦୂର ଠିକ୍?**
ଉତ୍ତର– ଏହା ଭୁଲ୍ ଧାରଣା। ବ୍ଲଡ୍ ଗ୍ଲୁକୋଜ୍ ନର୍ମାଲ ପାଇଁ ମଧୁମେହ ରୋଗୀ ଟାବ୍‌ଲେଟ୍ ଖାଇଥାନ୍ତି। ଯଦି ତାଙ୍କର କିଛି ମେଜର ସର୍ଜରି ହେବ ତେବେ ଟାବ୍‌ଲେଟ୍ ବଦଳରେ ଇନ୍‌ସୁଲିନ୍ ଦିଆଯାଏ। ସର୍ଜରି ପରେ ଘା ଶୁଖିବା ପର୍ଯ୍ୟନ୍ତ ଇନ୍‌ସୁଲିନ ଚାଲିଥାଏ। ରୋଗୀ ଜଣକ ସୁସ୍ଥ ହେବା ସହିତ ପାଟିପଟେ ଠିକ୍‌ରେ ଖାଦ୍ୟ ନେଲା ପରେ ପୁଣି ଟାବ୍‌ଲେଟ୍ ଆରମ୍ଭ ହୁଏ। ଆଉ ଗୋଟିଏ ଗ୍ରୁପ୍‌ର ରୋଗୀ ଅଛନ୍ତି, ଯେଉଁମାନଙ୍କର ମଧୁମେହ ରୋଗ ୧୦–୧୫ ବର୍ଷ ଉପରେ ହୋଇଗଲାଣି ଏବଂ ଟାବ୍‌ଲେଟ୍ କାମ କରୁନି। ସର୍ବାଧିକ ଡୋଜ୍ ପର୍ଯ୍ୟନ୍ତ ରୋଗୀଙ୍କୁ ଟାବ୍‌ଲେଟ୍ ଦିଆଯିବ। ଯଦି ତା'ପରେ କଣ୍ଟ୍ରୋଲ ହେଉନାହିଁ ତାହାହେଲେ ଇନ୍‌ସୁଲିନ ଦିଆଯାଏ। ଏ କ୍ଷେତ୍ରରେ ରୋଗୀଙ୍କୁ ସାରା ଜୀବନ ଇନ୍‌ସୁଲିନ ନେବାକୁ ପଡ଼ିଥାଏ। କାରଣ ରୋଗୀଙ୍କୁ ଟାବ୍‌ଲେଟ୍ କାମ ଦେଲାନି ବୋଲି ଇନ୍‌ସୁଲିନ ଦିଆଗଲା। ଆଉ ଗୋଟେ ଗ୍ରୁପ୍ ହେଉଛି, କୌଣସି ମଧୁମେହ ମହିଳା ରୋଗୀ ଟାବ୍‌ଲେଟ୍ ଖାଇ କଣ୍ଟ୍ରୋଲରେ ଥିବେ କିନ୍ତୁ ଗର୍ଭବତୀ ସମୟରେ ଜଟିଳତା ଦେଖାଯାଏ। ସେ କ୍ଷେତ୍ରରେ ମହିଳାଙ୍କୁ ଇନ୍‌ସୁଲିନ୍ ଦିଆଯାଏ। ପ୍ରସବ ପରେ ବହୁତ ଜଣଙ୍କ ସୁଗାର ନର୍ମାଲ ହୋଇଯାଏ। କିନ୍ତୁ କିଛି ଜଣଙ୍କର ରହିଯାଏ। ସେତେବେଳେ ମା' ପିଲାକୁ ସ୍ତନ୍ୟପାନ କରୁଥିବା ପର୍ଯ୍ୟନ୍ତ ଇନ୍‌ସୁଲିନ ଦିଆଯାଏ।

**ପ୍ରଶ୍ନ– ଅନେକ ମହିଳା ଗର୍ଭବତୀ ସମୟରେ ମଧୁମେହ ରୋଗରେ ପୀଡ଼ିତ ହୁଅନ୍ତି। ଏ ସମ୍ପର୍କରେ କ'ଣ କହିବେ?**
ଉତ୍ତର– ଯଦି କୌଣସି ମହିଳା ଗର୍ଭବତୀ ସମୟରେ ପ୍ରଥମ ଥର ପାଇଁ ମଧୁମେହ ଥିବା ଜଣାପଡ଼ନ୍ତି, ସେମାନଙ୍କ ମଧ୍ୟରୁ ୯୦ରୁ ୯୫% ଜଣଙ୍କର ପ୍ରସବ ପରେ ଡାଇବେଟିସ୍ ଭଲ ହୋଇଯାଏ। ସେମାନେ ଭଲ ହେଲେ ତା'ମାନେ ନୁହେଁ, ସେମାନେ ଯତ୍ନ ନେବେ ନାହିଁ। ସେମାନଙ୍କ ମଧ୍ୟରୁ ବର୍ଷକୁ ପ୍ରାୟ ୧୦% ଜଣଙ୍କର ଡାଇବେଟିସ୍ ପୁଣି ବାହାରେ। ତେଣୁ ଯେଉଁ ମହିଳା ପ୍ରସବ ପରେ ଭଲ ହୋଇଯାଉଛନ୍ତି, ସେମାନେ ଯେବେଠାରୁ ପିଲାକୁ ସ୍ତନ୍ୟପାନ ବନ୍ଦ କରିବେ, ସେବେଠାରୁ ନିଜ ଖାଦ୍ୟ ପ୍ରତି ସଚେତନ ରହିବେ। ସୁସ୍ଥ ରହିବା ଏବଂ ଓଜନ ଠିକ୍ ରଖିବା ପାଇଁ ବ୍ୟାୟାମ କରିବା ଉଚିତ।

**ପ୍ରଶ୍ନ– ମଧୁମେହ ରୋଗୀଙ୍କ ଖାଦ୍ୟଶୈଳୀ କିପରି ହେବା ଦରକାର?**
ଉତ୍ତର– ପୂର୍ବରୁ ମଧୁମେହ ରୋଗୀଙ୍କ ଖାଦ୍ୟ ଉପରେ ବହୁ ଅଙ୍କୁଶ ଥିଲା। କିନ୍ତୁ ଏବେ ତାହା ସରଳ କରିଦିଆଯାଇଛି। ଏହି ରୋଗୀଙ୍କ ଖାଦ୍ୟରେ ମାତ୍ରା ହେଉଛି ଗୁରୁତ୍ୱପୂର୍ଣ୍ଣ। ଦୈନିକ ଖାଦ୍ୟରେ କାର୍ବୋହାଇଡ୍ରେଟ୍, ପ୍ରୋଟିନ ଓ ଫ୍ୟାଟ୍ କେତେ ରହିବ ତାହା ଜାଣିବା ଉଚିତ। ଦିନକୁ ଜଣେ ରୋଗୀ ୧୫୦ରୁ ୨୦୦ ଗ୍ରାମ ପର୍ଯ୍ୟନ୍ତ କାର୍ବୋହାଇଡ୍ରେଟ୍ ଖାଇପାରିବେ, ଯେଉଁଥିରେ ଭାତ, ଆଳୁ, ମାଟିଆଳୁ, କନ୍ଦମୂଳ, କଖାରୁ ଇତ୍ୟାଦି ଆସିବ। ଭାତ ସହିତ ଆଳୁ ନ ଖାଇ ପରିବା ଖାଇବା ଉଚିତ। କାରଣ ଦୁଇଟି ଯାକ କାର୍ବୋହାଇଡ୍ରେଟ୍‌ରେ ଯାଏ। ସେହିପରି ପ୍ରୋଟିନ ଦିନକୁ ୫୦ରୁ ୬୦ ଗ୍ରାମ ଦରକାର। କିନ୍ତୁ ଆମ ଭାରତୀୟ ଖାଦ୍ୟରେ ଏତେ ମାତ୍ରାରେ ପ୍ରୋଟିନ ନ ଥାଏ। ତେଣୁ ପ୍ରୋଟିନର ଅଭାବ ପୂରଣ କରିବା ପାଇଁ ଡାଲି ବା ଡାଲିଜାତୀୟ ଖାଦ୍ୟ ଖାଇବା ଭଲ। ଯେଉଁମାନେ ଆମିଷ ଖାଉଥିବେ ସେମାନେ ଅଣ୍ଡା ମଧ ଖାଇପାରିବେ। ସେହିଭଳି ଫ୍ୟାଟ୍ ଦିନକୁ ୨୦ରୁ ୩୦ଗ୍ରାମ ରହିବା ଉଚିତ। ତେବେ ଏହାକୁ ଦିନସାରା ତିନୋଟି ଖାଦ୍ୟ ପର୍ଯ୍ୟାୟରେ ବିଭକ୍ତ କରି ଖାଇବା ଉଚିତ। ଛଣାଛଣି ଖାଦ୍ୟ ଏହି ରୋଗୀଙ୍କ ପାଇଁ ବହୁତ ଖରାପ।

**ପ୍ରଶ୍ନ– ଆଜିକାଲି ବଜାରରେ ସୁଗାର ଫ୍ରି ଖାଦ୍ୟ ଉପଲବ୍ଧ ହେଉଛି। ତାହା ଖାଇବା କେତେ ଦୂର ଠିକ୍?**
ଉତ୍ତର– ସୁଗାର ଫ୍ରି ମିଠା ଆଦୌ ଖାଇବା ଉଚିତ ନୁହେଁ। କାରଣ ସେଥିରେ ସିନା ଚିନି ବଦଳରେ ସୁଗାର ଫ୍ରି ପଡୁଛି, କିନ୍ତୁ ସେଥିରେ ଘିଅ ସହିତ ଅନ୍ୟାନ୍ୟ ଜିନିଷ ପଡ଼େ, ଯାହା ଏହି ରୋଗୀ ପାଇଁ ଖାଇବା ଅନୁମତି ନାହିଁ। ଏସବୁ ଖାଇଲେ ହାର୍ଟ ଉପରେ ରିସ୍କ ବଢ଼ିଯିବ। ସେହିପରି ସୁଗାର ଫ୍ରି ଟାବ୍‌ଲେଟ୍ ମଧ ମଡରେଟ୍ ଆମାଉଣ୍ଟର ନେଲେ ତାହା ନିରାପଦ। ଦିନକୁ ୨ରୁ ୪ ଟାବ୍‌ଲେଟ୍ ଖାଇଲେ କିଛି ଅସୁବିଧା ନାହିଁ। କିନ୍ତୁ ବହୁତ ଲୋକ ଅଛନ୍ତି ଏଥିପ୍ରତି ପୂରା ଅଭ୍ୟାସଗତ ହୋଇଥାଆନ୍ତି। ସେମାନେ ଥରକରେ ୭–୮ଟା ପକାଇ ଖାଆନ୍ତି। ଦିନକୁ ଯଦି ଏତେ ମାତ୍ରାରେ ଓ ଦୀର୍ଘ ଦିନ ଯାଏ ଖାଇବେ, ତେବେ ତାହା ବିପଜ୍ଜନକ। ଯଦି ଲଙ୍ଗ୍‌ଟର୍ମ ଏଭଳି ସୁଗାର ଫ୍ରି ଖାଇବେ ତେବେ ମେମୋରି ଲସ୍ ହେବାର ସମ୍ଭାବନା ରହିଛି ବୋଲି କିଛି ଷ୍ଟଡି ହୋଇଛି।

**ପ୍ରଶ୍ନ– ଥାଇରଏଡ୍ ହେବାର କାରଣ କ'ଣ?**
ଉତ୍ତର– ଥାଇରଏଡ୍‌ରେ ଦୁଇ ପ୍ରକାର ରୋଗ ହୁଏ। ଥାଇରଏଡ୍ ଗ୍ରନ୍ଥିରୁ ହର୍‌ମୋନ କମ୍ କ୍ଷରଣ ହେଲେ 'ହାଇପୋ ଥାଇରଏଡିଜିମ୍' ହୋଇଥାଏ। ହର୍‌ମୋନ ଅଧିକ କ୍ଷରଣ ହେଲେ 'ହାଇପର ଥାଇରଏଡିଜିମ୍' ହୋଇଥାଏ। ୭୦ରୁ ୮୦% ରୋଗୀ 'ହାଇପୋ ଥାଇରଏଡିଜିମ୍'ରେ ପୀଡ଼ିତ ଥାଆନ୍ତି। ତେବେ ଏହି ଦୁଇଟିଯାକ ରୋଗ ପୁଅଙ୍କ ତୁଳନାରେ ଝିଅଙ୍କଠାରେ ଅଧିକ ହୁଏ।

**ପ୍ରଶ୍ନ– ଝିଅମାନଙ୍କୁ କାହିଁକି ଅଧିକ ହୁଏ?**
ଉତ୍ତର– ଥାଇରଏଡ୍ ହେଉଛି ଅଟୋ ଇମ୍ୟୁନୋ ରୋଗ। ଅର୍ଥାତ୍ ଆମ ଶରୀରରେ କିଛିଟା ପରିବର୍ତ୍ତନ ହୁଏ, ଯେଉଁଥିପାଇଁ ଏହି ରୋଗ ହୁଏ। ଯେହେତୁ ଅଟୋ ଇମ୍ୟୁନୋ ରୋଗ ଅଧିକାଂଶ ସମୟରେ ଝିଅମାନଙ୍କୁ ହୋଇଥାଏ, ତେଣୁ ଥାଇରଏଡ୍ ରୋଗ ଝିଅଙ୍କୁ ଅଧିକ ହୋଇଥାଏ।

**ପ୍ରଶ୍ନ– ଥାଇରଏଡ୍ ହେଲେ ସାରା ଜୀବନ ଔଷଧ ଖାଇବାକୁ ପଡ଼େ କି?**
ଉତ୍ତର– ଥାଇରଏଡ୍ ଗ୍ରନ୍ଥିରୁ ହର୍‌ମୋନ କ୍ଷରଣ ଥରେ ବନ୍ଦ ହୋଇଗଲେ ତାହା ଜୀବନସାରା ପାଇଁ ବନ୍ଦ ହୋଇଯାଏ। ତେଣୁ ପ୍ରାଇମେରୀ ହାଇପୋଥାଇରଏଡ୍ ହୋଇଥିଲେ କିମ୍ବା ଥାଇରଏଡ୍ ଷ୍ଟିମୁଲେଟିଂ ହରମୋନ୍ (ଟିଏସ୍‌ଏଚ୍) ୧୦ରୁ ଅଧିକ ଥିଲେ ସାରା ଜୀବନ ମେଡିସିନ ଖାଇବାକୁ ପଡ଼ିଥାଏ। କିନ୍ତୁ 'ହାଇପର ଥାଇରଏଡିଜିମ୍' ହେଲେ ପ୍ରାୟ ୨ରୁ ୩ ବର୍ଷ ପର୍ଯ୍ୟନ୍ତ ମେଡିସନ ଖାଇବାକୁ ପଡ଼େ।

**ପ୍ରଶ୍ନ– ମଧୁମେହ ପରି ଥାଇରଏଡ୍ ରୋଗୀଙ୍କ ଖାଦ୍ୟଶୈଳୀ ରହିଛି?**
ଉତ୍ତର– ବେକରେ ଯଦି ଫୁଲା ଅଛି, ତେବେ ବନ୍ଧାକୋବି ଖାଇବା ଉଚିତ ନୁହେଁ। ସେହିପରି ଔଷଧ ଖାଇବାର ପାଖାପାଖି ସମୟ ମଧ୍ୟରେ ସୋୟାବିନ, ସୋୟା ପ୍ରୋଟିନ ବା ସୋୟା ମିଲ୍କ ଖାଇବା କଥା ନୁହେଁ। ଉଦାହରଣ ସ୍ୱରୂପ ଥାଇରଏଡ୍ ମେଡିସନ ସକାଳେ ଖାଇଲେ ଏସବୁ ଖାଦ୍ୟ ସକାଳେ କିମ୍ବା ରାତିରେ ଖାଇବା ଉଚିତ ନୁହେଁ। ଦ୍ୱିପ୍ରହରରେ ଖାଇଲେ ଚଳିବ।

**ପ୍ରଶ୍ନ– ଆପଣ ନିଜର ଫିଟ୍‌ନେସ୍ ପାଇଁ କ'ଣ କରନ୍ତି?**
ଉତ୍ତର– ଦିନକୁ ୧୦ କିମି ଚାଲେ।

**ପ୍ରଶ୍ନ– ସମୟ ମିଳିଲେ କ'ଣ କରନ୍ତି?**
ଉତ୍ତର– ବାଇକ୍ ଚଲାଏ କିମ୍ବା ଶୋଇଥାଏ।

**ପ୍ରଶ୍ନ– ଲଙ୍ଗ୍ ଡ୍ରାଇଭ୍‌ରେ ଯିବାକୁ ଭଲ ଲାଗେ?**
ଉତ୍ତର– ନିଶ୍ଚିତ। ସମୟ ମିଳିଲେ ଲଙ୍ଗ୍ ଡ୍ରାଇଭ୍‌ରେ ଯାଏ। ଥରେ ୬୦୦କିମି ଲଙ୍ଗ୍ ଡ୍ରାଇଭ୍‌ରେ ଯାଇଥିଲି।

**ପ୍ରଶ୍ନ– କ'ଣ ଖାଇବାକୁ ଭଲଲାଗେ?**
ଉତ୍ତର– ଓଡ଼ିଆ ଖାଦ୍ୟ। ବିଶେଷ କରି ପଖାଳ ସହିତ ମାଛ ଭଜା ମୋର ପ୍ରିୟ ଖାଦ୍ୟ।

**ପ୍ରଶ୍ନ– ରୋଷେଇ ଜାଣନ୍ତି କି?**
ଉତ୍ତର– ହଁ। ସବୁ ରୋଷେଇ ଜାଣେ। ମୋ ସ୍ତ୍ରୀ ଗର୍ଭବତୀ ଥିବା ବେଳେ ମୁଁ ରୋଷେଇ କରି ତାଙ୍କୁ ଖାଇବାକୁ ଦେଉଥିଲି।

**ପ୍ରଶ୍ନ– ମ୍ୟାଡମ୍‌ଙ୍କୁ ଆପଣଙ୍କ ହାତ ରନ୍ଧା କେଉଁ ଖାଦ୍ୟ ଭଲ ଲାଗେ?**
ଉତ୍ତର– ସବୁ ଖାଆନ୍ତି। କିନ୍ତୁ ଚିକେନ କଷା ତାଙ୍କୁ ବେଶି ଭଲ ଲାଗେ।

# କଣ୍ଟେନର ଧକ୍କାରେ ସ୍କୁଟି ଚାଳକ ଜଳିଗଲେ

**ଜଳେଶ୍ୱର, ୨୧।୮(ଡି.ଏନ.ଏ.):** ଶୁକ୍ରବାର ବିଳମ୍ବିତ ରାତିରେ ଖଡଗପୁରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା କୁରୁକୁରେ ବୋଝେଇ କଣ୍ଟେନର(ନଂ.ଓଆର୍୦୪ଏଫ୩୫୬୩) ଜଳେଶ୍ୱର ନିକଟ ୬୦ନଂ. ଜାତୀୟ ରାଜପଥ ଜମାଳପୁର ବାଇପାସ୍ ନିକଟରେ ଏକ ସ୍କୁଟିକୁ ଧକ୍କା ଦେଇଥିଲା। କଣ୍ଟେନର ସ୍କୁଟିକୁ ଘୋଷାରି ନେଇଯିବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଫଳରେ ସ୍କୁଟି ଚାଳକ ଲକ୍ଷ୍ମୀଧର ପାତ୍ରଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ଘର ପଶ୍ଚିମବଙ୍ଗର ଦାନ୍ତୁନ ଥାନା ଅଧୀନ ସୋନାକଣିଆରେ। ସେ ଜଳେଶ୍ୱର ନୂଆବଜାରରେ ଭଡ଼ା ଘରେ ରହୁଥିଲେ। ଅଗ୍ନିକାଣ୍ଡ ପରେ କଣ୍ଟେନରରେ ଭର୍ତ୍ତି ଥିବା କୁରୁକୁରେ ସ୍ଥାନୀୟ ଲୋକେ ବୋହି ନେଇଥିଲେ। ପୋଲିସ୍ ପହଞ୍ଚି ତଦନ୍ତ ଜାରି ରଖିଛି।

# ଆଜି ଶ୍ରୀମନ୍ଦିରରେ ରାଖୀପୂର୍ଣ୍ଣିମା, ବଳଭଦ୍ରଙ୍କ ଜନ୍ମନୀତି

**ପୁରୀ ଅଫିସ, ୨୧।୮**

ଶ୍ରୀମନ୍ଦିରରେ ରବିବାର ରାଖୀପୂର୍ଣ୍ଣିମା ଏବଂ ପ୍ରଭୁ ବଳଭଦ୍ରଙ୍କ ଜନ୍ମନୀତି ପାଳନ ହେବ। ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ପ୍ରଭୁ ବଳଭଦ୍ର ୨ଟି ଲେଖାଏ ରାଖୀ ଓ ୨ଟି ଲେଖାଏ ଗୁଆମାଳ ପରିଧାନ କରିବେ। ପାଟରା ବିଶୋଇ ସେବକ ବାସୁଙ୍ଗା ପାଟରେ ରାଖୀ ଓ ଗୁଆମାଳ ତିଆରି କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ଏବଂ ବଳଭଦ୍ର ବାଇଗଣି ଓ ନୀଳ ରଙ୍ଗର ଗୁଆମାଳ ପରିଧାନ କରିବେ।

ଶ୍ରୀମନ୍ଦିରରେ ଭୋଗମଣ୍ଡପ ସରି ସର୍ବାଙ୍ଗ ନୀତି ବଢ଼ି ନୂଆଲୁଗା ଲାଗି ପରେ ତିନିଖଣ୍ଡ ଆଜ୍ଞାମାଳ ଲାଗିକରାଯାଏ। ଏହାପରେ ରାଖୀ ପୂର୍ଣ୍ଣିମା ନୀତି ଅନୁଷ୍ଠିତ ହୋଇଥାଏ। ଗହ୍ମାପୂର୍ଣ୍ଣିମା ତିଥିରେ ପ୍ରଭୁ ବଳଭଦ୍ର ଜନ୍ମଗ୍ରହଣ କରିଥିବାରୁ ତାଙ୍କର ଜନ୍ମନୀତି ପାଳନ ହୁଏ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ, ମଙ୍ଗଳାର୍ପଣ ଓ ବନ୍ଦାପନା ନୀତି ପରେ ଆଜ୍ଞାମାଳ ପାଇ ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀମଦନମୋହନ ଝୁଲଣ ମଣ୍ଡପକୁ ବିଜେ କରନ୍ତି। ମହାପ୍ରଭୁଙ୍କ ଆଜ୍ଞାମାଳ ଶ୍ରୀସୁଦର୍ଶନଙ୍କୁ ପ୍ରଦାନ କରାଯାଏ। ଦଇତାପତି ସେବକମାନେ ଶ୍ରୀସୁଦର୍ଶନଙ୍କୁ ଚଉଦୋଳ ଓ ପରେ ବିମାନବଡୁ ସେବକ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରାଇଥାନ୍ତି। କୁମ୍ଭାର ବିଶୋଇ ଦେଇଥିବା ମାଟିରେ ଶୁଦ୍ଧସୁଆର ପ୍ରଭୁ ବଳଭଦ୍ରଙ୍କ ମୂର୍ତ୍ତି ଗଢ଼ିଥାନ୍ତି। ପୂଜାପଣ୍ଡା ସାମନ୍ତ ତାହାକୁ ଜୀବନ୍ୟାସ ଦେଇ ଜାତ କାମ ସମ୍ପନ୍ନ କରନ୍ତି। ପ୍ରସାଦ ଲାଗି, ପଞ୍ଚଉପଚାରରେ ଶୀତଳ ଭୋଗ ସହ ବନ୍ଦାପନା ନୀତି ହୋଇଥାଏ। ଏହାପରେ ଜଳରେ ମୂର୍ତ୍ତି ବିସର୍ଜନ କରାଯାଏ। ଶ୍ରୀସୁଦର୍ଶନ ଚାରି ଆଶ୍ରମ ଓ ନଗର ପରିକ୍ରମା କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥାନ୍ତି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ଏବଂ ଅନ୍ୟାନ୍ୟ ନୀତି ବଢ଼ି ରାତ୍ର ପହୁଡ଼ ହୋଇଥାଏ।

**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

**SPOT ADMISSION OPEN**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 50% marks) | 25 Years as on 1st July 2021 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9437140772, 6370180040, 8249697369, 9348849484

# 'ପିଲାଙ୍କ ସ୍ୱପ୍ନ ସାକାର ହେଲେ ନବୀନ ଓଡ଼ିଶାର ଲକ୍ଷ୍ୟ ପୂରଣ ସମ୍ଭବ'

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳିରୁ ରାଜ୍ୟ ସରକାରଙ୍କ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଛି। ୫–ଟି ଉପକ୍ରମରେ ହିଞ୍ଜିଳିର ୫୦ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଛି। ସେଥିମଧ୍ୟରୁ ୧୦ ସ୍କୁଲକୁ ଶନିବାର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଉକ୍ତ ୧୦ଟି ଯାକ ସ୍କୁଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନକରି କହିଛନ୍ତି, ପ୍ରତ୍ୟେକ ପିଲା ହେଉଛନ୍ତି ଅନନ୍ତ ସମ୍ଭାବନାର ପ୍ରତୀକ। ସୁନ୍ଦର ଭବିଷ୍ୟତ ପାଇଁ ସେମାନଙ୍କ ସ୍ୱପ୍ନ ଓ ଏହାକୁ ସାକାର କରିବା ଲାଗି ରୂପାନ୍ତରଣର ସୁଯୋଗ ଆଣିଦେଇଛି। ପିଲାଙ୍କ ସ୍ୱପ୍ନ ସାକାର ହେଲେ ନବୀନ ଓଡ଼ିଶାର ଲକ୍ଷ୍ୟ ପୂରଣ ହୋଇପାରିବ। ଏହାକୁ ସେ ନୂଆ ଓଡ଼ିଶାର ଭିତ୍ତି ଭାବେ ବର୍ଣ୍ଣନା କରିଛନ୍ତି।

ନବୀନ ଆହୁରି କହିଛନ୍ତି, ସ୍କୁଲ ହେଉଛି ପିଲାଙ୍କ ଜୀବନର ଶ୍ରେଷ୍ଠ ସମୟ। ପିଲାଙ୍କ ପାଇଁ ଯାହା ସେମାନଙ୍କ ଭବିଷ୍ୟତ ସହ ତାଙ୍କୁ ଶ୍ରେଷ୍ଠ ଭାବେ ଗଢିବାକୁ ଅନେକ ସୁଯୋଗ ସୃଷ୍ଟି କରିବ। ହିଞ୍ଜିଳିରେ ଆରମ୍ଭ ହୋଇଥିବା ଏହି ରୂପାନ୍ତର କାର୍ଯ୍ୟ ସାରା ରାଜ୍ୟକୁ ବାଟ ଦେଖାଇଛି। ସାରା ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୦୭୦ ସ୍କୁଲର କାୟାକଳ୍ପ ହେବ। ଏହା ହେଉଛି ୫–ଟି କାର୍ଯ୍ୟକ୍ରମର କ୍ଲାସିକ ଉଦାହରଣ। ଟେକ୍ନୋଲୋଜି ଯୋଗୁ ସ୍ମାର୍ଟ କ୍ଲାସ୍ ରୁମ୍, ଇ–ଲାଇବ୍ରେରି, କମ୍ପ୍ୟୁଟର ଓ ମଡର୍ନ ଲାବରେଟୋରିର ସୁବିଧା ଦେଇଛି। ଆମ ସମସ୍ତଙ୍କ ମିଳିତ ଉଦ୍ୟମ ହେଉଛି ଟିମ୍ ୱାର୍କ, ପଞ୍ଚାୟତ ପ୍ରତିନିଧିଠାରୁ ଆରମ୍ଭକରି ସ୍କୁଲ ପରିଚାଳନା କମିଟି, ଶିକ୍ଷୟିତ୍ରୀ–ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର, ପ୍ରଶାସନ, ଅଭିଭାବକ, ସ୍ଥାନୀୟ ଜନସାଧାରଣ ସମସ୍ତେ ଏଥିଲାଗି ମିଶି କାମ କରିଛନ୍ତି। କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିବା ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ ଓ ବିଧାୟକମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ହିଞ୍ଜିଳିର ସ୍କୁଲଗୁଡ଼ିକର ରୂପାନ୍ତରଣ ସମସ୍ତଙ୍କ ପାଇଁ ନିଶ୍ଚିତ ଏକ ବଡ଼ ପ୍ରେରଣା। ଏହା ସାରା ରାଜ୍ୟରେ ମଧ ସମ୍ଭବ। ଗଞ୍ଜାମରେ ଏହାର ସଫଳତା ହେଉଛି ଗୋଷ୍ଠୀର ଅଂଶଗ୍ରହଣ। ଗଞ୍ଜାମରେ ଯଦି କୌଣସି କାମ ଲାଗି ଲକ୍ଷେ ଟଙ୍କା ଦିଆଯାଏ ସେମାନେ ୨ ଲକ୍ଷ ଟଙ୍କାର କାମ କରି ଦେଖାଇବେ। ଗଞ୍ଜାମର ଏହି ଗୋଷ୍ଠୀ ଚେତନା ହିଁ ସବୁଠାରୁ ବଡ଼ ଶକ୍ତି ଓ ସଫଳତା। ଏଥିରେ ମୋଟ ୨୦ ଜଣ ମନ୍ତ୍ରୀ ଓ ବିଧାୟକ ସାମିଲ ହୋଇଥିବା ବେଳେ ଏହାଛଡ଼ା ସରପଞ୍ଚ, ପଞ୍ଚାୟତ ସଦସ୍ୟ, ସ୍କୁଲର ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର, ଅଭିଭାବକ ଏବଂ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେଲା ସ୍ମାର୍ଟ ସ୍କୁଲ**


ସ୍ମାର୍ଟ କ୍ଲାସ୍ ରୁମ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଶନିବାର ଶୁଭାରମ୍ଭ କରୁଛନ୍ତି।

**UTKAL UNIVERSITY OF CULTURE**
Sanskruti Vihar, Madanpur, Bhubaneswar-752 054
E-mail: mailboxuuc@gmail.com, Website : uuc.ac.in
No.CAD-921:- No 893/UUC Dt. 18-08-2021

**WALK-IN-INTERVIEW FOR ENGAGEMENT OF SENIOR OFFICE ASSISTANTS**

Applications in the prescribed format with complete bio-data mentioning age, qualification, experience etc. are invited from intending retired Government/University personnel not below the rank of Section Officer/ Desk Officer/Senior Assistant engagement as Senior Office Assistant in this University for a period of one year with a consolidated remuneration of Rs.15,000/- per month. Persons not above the age of 64 years as on 01-08-2021 having sound knowledge in Establishment, Finance, Legal, University Examination matters and having computer knowledge shall be preferred. **Interested persons are required to apply in the prescribed format to be downloaded from the University website (uuc.ac.in-Engagement of Retired Personnel) along with all enclousers to be scanned and sent through the e-mail ID - registraruuc@gmail.com on or before 31-08-2021.** After scrutiny, short listed candidates shall be called for the interview. The University reserves the right to reject any or all application or cancel the interview without assigning any reason thereof. The details of the eligibility criteria, requirement of documents and Terms and Conditions is available in the University website (uuc.ac.in/Engagement of Retired Personnel).

Sd/-
REGISTRAR
OIPR-03005/11/0002/2122

ଧରିତ୍ରୀ
DHARITRI
ରବିବାର, ୨୨ ଅଗଷ୍ଟ, ୨୦୨୧

ଯୋଉ ମୁହୂର୍ତ୍ତରେ ଆମର ବୋଧ ହେବ ଯେ, ସବୁ କିଛି ଖରାପରୁ ବେଶି ଖରାପ ଆଡକୁ ଗତି କରୁଛି– ସେତିକି ବେଳେ ହିଁ ଆମର ବିଶ୍ୱାସ ଖୁବ୍ ଦୃଢ ହୋଇଯିବା ଉଚିତ । ପରମ ବିଶ୍ୱାସର ସହିତ ଆମେ ନିଶ୍ଚିତ ହେବା ଯେ, ଈଶ୍ୱରଙ୍କ କୃପା କେବେ ବି ଆମକୁ ତ୍ୟାଗ କରିବ ନାହିଁ। –ଶ୍ରୀମା



# ଆଇନ କ'ଣ କରିଛି



ଆକାର ପଟେଲ

ଏଇ କିଛି ବର୍ଷ ହେବ ଭାରତରେ ମଧ୍ୟବିତ୍ତ ବର୍ଗଙ୍କ ଅଭିବୃଦ୍ଧି ବନ୍ଦ ହୋଇଯାଇଛି। ଏ ବିଷୟରେ ଦୁଇ ସପ୍ତାହ ପୂର୍ବରୁ ମୁଁ ଉଲ୍ଲେଖ କରିଥିଲି। ଆମ ଅର୍ଥ ବ୍ୟବସ୍ଥାର ପ୍ରମୁଖ ମାନଦଣ୍ଡ ; ଯଥା ବାସୋପଯୋଗୀ ଗୃହ, କାର, ଦୁଇ ଚକିଆ ଯାନ, ଉପଭୋକ୍ତା ବ୍ୟବହାର୍ଯ୍ୟ ଜିନିଷ (ଫ୍ରିଜ୍, ୱାଶିଂ ମେସିନ, ଟେଲିଭିଜନ) ବିକ୍ରି ବୃଦ୍ଧି ପାଇନାହିଁ। ବ୍ୟାଙ୍କର ବ୍ୟାବସାୟିକ ଋଣ ପ୍ରଦାନ ହ୍ରାସ ପାଇଛି। ଏପରି କି ଏକ ଦଶନ୍ଧି ପୂର୍ବେ ଯାହା ଥିଲା ତାହାର ଏକ ତୃତୀୟାଂଶରୁ ଏହା କମ୍ ରହିଛି। ପୂର୍ବାପେକ୍ଷା ପ୍ରଥମ ଥର ପାଇଁ ଅଧିକ ଲୋକ କୃଷି କ୍ଷେତ୍ରରେ ନିଯୁକ୍ତ ହୋଇଛନ୍ତି ବୋଲି ଏକ ସପ୍ତାହ ପୂର୍ବରୁ ପ୍ରକାଶିତ ସରକାରଙ୍କ ନିୟମିତ ଶ୍ରମ ଶକ୍ତି ସର୍ଭେରୁ ଜଣାପଡ଼ିଛି। ଅର୍ଥାତ୍ ଲୋକମାନେ ମାନୁଫାକଚରିଂ କିମ୍ବା ଅନ୍ୟ ସେବାଗୁଡ଼ିକରୁ ଚାକିରି ଛାଡ଼ିଦେଇଛନ୍ତି। ଗତ କିଛି ବର୍ଷ ହେବ ଫର୍ମାଲ ସେକ୍ଟରରେ ମାନୁଫାକ୍ଚରିଂ ଜବ୍ ବଢ଼ିବା ପରିବର୍ତ୍ତେ ହ୍ରାସ ପାଇଛି। କୌତୂହଳ ବିଷୟ, ଗତ ଦୁଇ ତିନି ବର୍ଷରେ ଆରମ୍ଭ କରାଯାଇଥିବା ବହୁ ନୂଆ ଆଇନ ଭାରତକୁ ଏକ ନିର୍ଦ୍ଦିଷ୍ଟ ଦିଶାରେ ନେଇଯାଇଛି। ଏହି ଆଇନଗୁଡ଼ିକ ମଧ୍ୟରେ ରହିଛି 'ଲଭ୍ ଜିହାଦ' ଆଇନ। କିଛି ଦିନ ତଳେ ଏହି ଆଇନକୁ ଗୁଜରାଟ ଉଚ୍ଚ ନ୍ୟାୟାଳୟ ସମାଲୋଚନା କରିଛନ୍ତି। କିନ୍ତୁ ୨୦୧୪ ପରଠାରୁ ବହୁ ରାଜ୍ୟରେ ଏହି ପ୍ରକାର ଆଇନ ଲାଗୁ କରାଯାଇଛି। ଧର୍ମ ପରିବର୍ତ୍ତନ ମୌଳିକ ଅଧିକାର ହୋଇଥିଲେ ମଧ୍ୟ ଏହାର ଅପରାଧୀକରଣ କରାଯାଇ ହିନ୍ଦୁ ମୁସଲମାନ ବିବାହକୁ ଜଟିଳ କରିଦିଆଯାଇଛି। ଉତ୍ତରାଖଣ୍ଡ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ, ୨୦୧୮ ; ହିମାଚଳ ପ୍ରଦେଶ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ, ୨୦୧୯ ; ଉତ୍ତରପ୍ରଦେଶ ବିଧି ବିରୁଦ୍ଧ ଧର୍ମ ସମ୍ପରିବର୍ତ୍ତନ ପ୍ରତିଷେଧ ଅଧ୍ୟାଦେଶ,୨୦୨୦(ପ୍ରୋହିବିଶନ ଅଫ୍ ଅନ୍‌ଲଫୁଲ କନ୍‌ଭରସେଶନ ଅଫ୍ ରିଲିଜିଅନ ଅର୍ଡିନାନ୍ସ); ମଧ୍ୟପ୍ରଦେଶ ଧର୍ମ ସ୍ୱାତନ୍ତ୍ର୍ୟ ଅଧ୍ୟାଦେଶ,୨୦୨୦ ; ଦି ଗୁଜରାଟ ଫ୍ରିଡମ୍ ଅଫ୍ ରିଲିଜିଅନ(ଆମେଣ୍ଡ୍‌ମେଣ୍ଟ) ଆକ୍ଟ,୨୦୨୧। ଏହି ସବୁ ଆଇନ ଭାରତୀୟ ଜନତା ପାର୍ଟି (ଭାଜପା) ଶାସିତ ରାଜ୍ୟଗୁଡ଼ିକରେ ଗତ ତିନି ବର୍ଷ ମଧ୍ୟରେ ଅଣାଯାଇଛି ଏବଂ ଏଗୁଡ଼ିକ ପାଇଁ କୌଣସି ଯୁକ୍ତିଯୁକ୍ତ ତଥ୍ୟ ଦର୍ଶାଯାଇନାହିଁ। ଏହା ପୂର୍ବରୁ ଗୋ ମାଂସକୁ ନେଇ ଭାଜପା ଶାସିତ ରାଜ୍ୟଗୁଡ଼ିକ ମଧ୍ୟ ଆଇନ ପାସ୍ କରିଥିଲେ। ଗୁଜରାଟରେ ଗୋ ହତ୍ୟା ଲାଗି ଆଜୀବନ କାରାଦଣ୍ଡ ବ୍ୟବସ୍ଥା ରହିଛି। ଅନ୍ୟ କୌଣସି ଇକୋନୋମିକ୍ କ୍ରାଇମ୍‌ରେ ଏଭଳି ଦଣ୍ଡର ପ୍ରାବଧାନ ନାହିଁ। ପୁନଶ୍ଚ ଏହି ସବୁ ଆଇନ ୨୦୧୪ ପରେ ହିଁ ଆସିଛି ଏବଂ ଏହାଯୋଗୁ ମୁସଲମାନଙ୍କ ପ୍ରତି ଲିଂଚିଂ ବହୁ ମାତ୍ରାରେ ବୃଦ୍ଧିପାଇଛି, ଯାହାକୁ ସାରା ବିଶ୍ୱ ଦେଖୁଛି।

ୟୁଏପିଏ ଆଇନ ସମ୍ପର୍କରେ ପାଠକେ ଶୁଣିଥିବେ। ଏହି ଆଇନ ବଳରେ ଷ୍ଟାନ୍ ସ୍ୱାମୀଙ୍କୁ ଜେଲ ପଠାଇ ଦିଆଗଲା ଓ ସେଠାରେ ତାଙ୍କର ମୃତ୍ୟୁ ଘଟିଲା। ଦି ଅନ୍‌ଲଫୁଲ ଆକ୍ଟିଭିଟିଜ (ପ୍ରିଭେନ୍‌ସନ) ଆମେଣ୍ଡ୍‌ମେଣ୍ଟ ଆକ୍ଟ,୨୦୧୯ ଦ୍ୱାରା ସରକାର ଯେକୌଣସି ବ୍ୟକ୍ତିଙ୍କୁ ସନ୍ଦେହରେ ସନ୍ତ୍ରାସବାଦୀ ଭାବେ ବର୍ଗୀଭୁକ୍ତ କରି ଜେଲ ପଠାଇପାରିବେ। ଅନ୍ୟଙ୍କୁ ଆଘାତ ଦେବା, କାହାର ସମ୍ପତ୍ତି କ୍ଷତି କରିବା, ଆପରାଧିକ ଶକ୍ତି ଦ୍ୱାରା କୌଣସି ସରକାରୀ ପଦାଧିକାରୀଙ୍କୁ ଭୟଭୀତ ବା ପ୍ରଭାବିତ କରିବା ଏବଂ ସରକାର କିମ୍ବା କୌଣସି ବ୍ୟକ୍ତିଙ୍କୁ କାର୍ଯ୍ୟରୁ ବିରତ ରହିବାକୁ ବାଧ୍ୟ କରିବାକୁ ଉକ୍ତ ସଂଶୋଧିତ ଆଇନରେ 'ସନ୍ତ୍ରାସବାଦୀ କାର୍ଯ୍ୟ' ଭାବେ ଦର୍ଶାଯାଇଛି। ଯଦି ବ୍ୟକ୍ତି ପକ୍ଷରୁ ଧମକ ଦେବା କିମ୍ବା ଲୋକଙ୍କ ଉପରେ ଆତଙ୍କୀ ଆକ୍ରମଣର ସମ୍ଭାବନା ରହିଥିବ, ତେବେ ସେହି ବ୍ୟକ୍ତିଙ୍କୁ ସନ୍ତ୍ରାସବାଦୀ ଭାବେ ଗଣାଯିବ। ବାସ୍ତବରେ ଏହି ସବୁ କାର୍ଯ୍ୟ ନ କଲେ ମଧ୍ୟ ଉକ୍ତ ଆଇନ ଜଣେ ନାଗରିକ କିମ୍ବା ସାମାଜିକ କର୍ମୀଙ୍କ ଉପରେ ସନ୍ତ୍ରାସବାଦୀ ମୋହର ଲଗାଇବା ପାଇଁ ସରକାରଙ୍କୁ ସମ୍ପୂର୍ଣ୍ଣ କ୍ଷମତା ପ୍ରଦାନ କରିଛି। ଦି ଗୁଜରାଟ ପ୍ରୋହିବିସନ ଅଫ୍ ଟ୍ରାନ୍ସଫର ଅଫ୍ ଇମୋଭେବଲ ପ୍ରପର୍ଟି ଆଣ୍ଡ୍ ପ୍ରୋଭିଜନ ଫର୍ ପ୍ରୋଟେକ୍‌ସନ ଅଫ୍ ଟେନାଣ୍ଟସ୍ ଫ୍ରମ୍ ଏଭିକ୍‌ସନ ଫ୍ରମ୍ ପ୍ରିମିସେସ୍ ଇନ୍ ଡିଷ୍ଟର୍ବ ଏରିଆଜ ଆକ୍ଟ,୨୦୧୯ ଗୁଜରାଟ ମୁସଲମାନଙ୍କୁ ସମାଜରେ ଅନ୍ୟମାନଙ୍କଠାରୁ ଭିନ୍ନ ଭାବେ ବିବେଚନା କରୁଛି। ଜମି ବା ସମ୍ପତ୍ତି କିଣିବା କିମ୍ବା ବିକ୍ରି କରିବା ସମୟରେ ଲୋକମାନଙ୍କୁ ଉକ୍ତ ଆଇନ ଅନୁଯାୟୀ ସେମାନଙ୍କ ଧର୍ମ ପ୍ରକାଶ କରିବାକୁ ପଡ଼ିବ। ସରକାର ଯେଉଁ ଅଞ୍ଚଳକୁ 'ସମସ୍ୟାଭିତ୍ତିକ ଅଞ୍ଚଳ' ଭାବେ ଘୋଷଣା କରିଥିଲେ, ସେଠାରେ ସରକାରଙ୍କ ବିନା ଅନୁମତିରେ ହିନ୍ଦୁମାନେ ମୁସଲମାନମାନଙ୍କୁ ଜମି ବିକ୍ରି କରିପାରିବେ ନାହିଁ କି ମୁସଲମାନମାନେ ହିନ୍ଦୁଙ୍କୁ ବିକ୍ରି କରିପାରିବେ ନାହିଁ। ୨୦୧୯ରେ ଏହି ସଂଶୋଧିତ ଆଇନ ବିକ୍ରି ହେଉଥିବା ସମ୍ପତ୍ତି ମୁସଲମାନଙ୍କୁ ବେଆଇନ ଭାବେ ଏକାଠି କରୁଛି କି ନାହିଁ ତାହା ନିଶ୍ଚିତ କରିବାକୁ ଜିଲାପାଳଙ୍କୁ ଅଧିକାର ଦେଇଛି। ଆଉ ମଧ୍ୟ କ୍ରେତା ଏବଂ ବିକ୍ରେତା ଆବେଦନ ନ କଲେ ବି ଜିଲାପାଳଙ୍କ ନିଷ୍ପତ୍ତିର ସମୀକ୍ଷା କରିବାକୁ ସରକାରଙ୍କୁ କ୍ଷମତା ପ୍ରଦାନ କରିଛି ଏହି ଆଇନ। ଏପରି କି ଗୁଜରାଟର ସହରଗୁଡ଼ିକରେ ଯେଉଁ ଅଞ୍ଚଳରେ ଭାରତୀୟ ମୁସଲମାନମାନେ ଜମି ଲିଜ୍ ନେଇପାରିବେନି କି କିଣିପାରିବେ ନାହିଁ, ବିଦେଶୀମାନେ ତାହା କରି ପାରିବେ। ଭାରତରେ ଏହି ଆଇନଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଭାବେ ବ୍ୟବହାର କରାଯାଉଛି।

କେତେ ଜଣ ପାଠକ ଏହି ସବୁ ଆଇନ ବିଷୟରେ ଅବଗତ ଅଛନ୍ତି, ତାହା ମୁଁ ଜାଣେ ନାହିଁ। ଜଣେ ଲେଖକ ହିସାବରେ ମୋ ପାଇଁ ସବୁଠୁ ବିଚିତ୍ର କଥା ହେଉଛି, ଭାରତରେ ଏହି ସବୁ ଆଇନ ପ୍ରକୃତରେ କ'ଣ କରିଛି ତାକୁ ନେଇ କୌଣସି ବିତର୍କ ହୋଇନାହିଁ। ଏପରି କି ଦେଶର ଖବରକାଗଜଗୁଡ଼ିକରେ ଏହା ଉପରେ କିଛି ଆଲୋଚନା କରାଯାଇନାହିଁ। ଅର୍ଥ ବ୍ୟବସ୍ଥାର ତଥ୍ୟ ଏବଂ ଘଟଣାଗୁଡ଼ିକ କ୍ଷେତ୍ରରେ ବି ସମାନ ପରିସ୍ଥିତି ହୋଇଛି। ଅର୍ଥବ୍ୟବସ୍ଥାକୁ ନେଇ ଯେଉଁ ତଥ୍ୟ ଉପରେ ଉପସ୍ଥାପନ କରାଯାଇଛି ତା'ଉପରେ ସରକାର କିଛି ମନ୍ତବ୍ୟ ଦେଇ ନାହାନ୍ତି। ଅର୍ଥାତ୍ ଭାରତର ମଧ୍ୟବିତ୍ତ ବର୍ଗଙ୍କ ଅଭିବୃଦ୍ଧି ଅଟକି ଯିବାକୁ ସତ ବୋଲି ଗ୍ରହଣ କରିଛନ୍ତି। ସେହିପରି ୨୦୧୪ ପରଠାରୁ ଭାରତ ବହୁବାଦୀ, ଆଧୁନିକ , ଧର୍ମ ନିରପେକ୍ଷତାର ଦୃଢ ସ୍ଥିତିକୁ ଛାଡି ଦେବା ଘଟଣା ମତ ବୋଲି ସ୍ୱୀକାର

Email:aakar.patel@gmail.com

# ବିଚିତ୍ର ଏ ବ୍ୟବସ୍ଥା



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

"ମୁଁ କେବେ ଡାକ୍ତର ହୋଇପାରିବି ନାହିଁ, କାରଣ ମୋ ଦୁର୍ଭାଗ୍ୟକୁ ମୁଁ ଉଚ୍ଚ କୁଳରେ ଜନ୍ମ ନେଇଛି। ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବାକୁ ସଂରକ୍ଷିତ ବର୍ଗରେ ରହିବା ପାଇଁ ମୋ ଜାତିର ଯୋଗ୍ୟତା ନାହିଁ। ମହାବୀର କର୍ଣ୍ଣଙ୍କର ସେହି କାଳଜୟୀ ସଂଳାପ ଉଚ୍ଚ କୁଳରେ ଜାତ ହେବା ଦୈବର ଅଧୀନ, କେତେ ସତ୍ୟ କେଜାଣି ; କିନ୍ତୁ ଏକଥା ଆଦୌ ମିଥ୍ୟା ନୁହେଁ ଯେ, ଏବେ ପାଠ ପଢ଼ିବାଠୁଁ ଆରମ୍ଭ କରି ସରକାରୀ ଚାକିରି କରିବାଯାଏ ସବୁ କ୍ଷେତ୍ରରେ ସଂରକ୍ଷଣ ଯେମିତି କାୟା ବିସ୍ତାର କରିଚାଲିଛି ସେଠି ଉଚ୍ଚ ଜାତିରେ ଜନ୍ମହେବା ଏକ ଦୈବ ଅଭିଶାପ।" ଏଇ କେଇଦିନ ତଳେ ଅନ୍ୟ ଅନଗ୍ରସର ଜାତିର ଆଶାୟୀଙ୍କ ପାଇଁ ମେଡିକାଲ ଶ୍ରେଣୀରେ ନାମଲେଖା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାର ସଂରକ୍ଷଣ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା ଶୁଣିଲା ପରେ ଏହା ଥିଲା ଜଣେ ଉଚ୍ଚ ଜାତିର ତରୁଣଙ୍କର ଆବେଗସିକ୍ତ ପ୍ରତିକ୍ରିୟା। କହିଲେ ଅତ୍ୟୁକ୍ତି ହେବନାହିଁ ଯେ, ସ୍ୱାଧୀନ ଭାରତ ଇତିହାସରେ ମାତ୍ର ଦଶବର୍ଷ ପାଇଁ ସୃଷ୍ଟି ହୋଇ କାଳର ପ୍ରବାହରେ ଅକ୍ଷୟ ଅମର ହୋଇ ଗଡ଼ିଗଡ଼ି ଚାଲୁଥିବା ସଂରକ୍ଷଣ ବ୍ୟବସ୍ଥା ବିରୋଧରେ ବଞ୍ଚିତମାନଙ୍କ ବିକ୍ଷୋଦ୍‌ଗାରର ଏହା ପ୍ରଥମ କି ଅନ୍ତିମ ଦୃଷ୍ଟାନ୍ତ ନୁହେଁ।

ଟିକେ ନିରିଖେଇ ଲକ୍ଷ୍ୟ କଲେ ଏ କଥା ସ୍ପଷ୍ଟ ରୂପେ ଜାଣିହେବ ଯେ, ଆମ ସାମାଜିକ ବ୍ୟବସ୍ଥାରେ ସଂରକ୍ଷଣ ଏମିତି ଏକ ଦୁରାରୋଗ୍ୟ ବ୍ୟାଧି, ଯାହାର ଜ୍ୱାଳା ଓ ଜ୍ୱଳନକୁ ମଣିଷ ଯୁଗ ଯୁଗ ଧରି ସହ୍ୟ କରିଆସୁଛି। କେବଳ ପାଠପଢ଼ା ବା ଚାକିରି କ୍ଷେତ୍ରରେ ନୁହେଁ, ନିଜର ସର୍ବନିମ୍ନ ମୌଳିକ ଅଧିକାର ଉପଭୋଗ କରିବାର ବି ସଂରକ୍ଷଣ ରାମାୟଣ ଓ ମହାଭାରତ ଯୁଗରୁ ମଣିଷ ଜୀବନକୁ ପ୍ରଭାବିତ କରିଆସିଛି। ଲାଗୁଛି ଏହି ମହାବ୍ୟାଧିରୁ କାହାର ଉପଶମ ନାହିଁ କି ଏହାର କିଛି ଉପଚାର ନାହିଁ। ଯେଉଁ ରାଜପୁରୁଷ ବା ଶାସନକର୍ତ୍ତା ଚାହିଁଲେ ଏହି ରୋଗର ନିରାକରଣ କରି ଏକ ବ୍ୟାଧିମୁକ୍ତ ବ୍ୟବସ୍ଥା ସଂସ୍ଥାପନ କରିପାରନ୍ତେ ବା କରିପାରିଥାଆନ୍ତେ, ବିବେକ ଓ ବିଚାରବୋଧର ସକଳ ଔଚିତ୍ୟ ସତ୍ତ୍ୱେ ବି ଏକ ରହସ୍ୟମୟ ବାଧ୍ୟବାଧକତାରେ ସେମାନେ ନୀରବି ଯାଆନ୍ତି ବା ଯାଇଥା'ନ୍ତି। ପରିଣାମ ହୁଏ ଅତ୍ୟନ୍ତ ପ୍ରତ୍ୟାଶିତ। ବ୍ୟାଧି ମାଡ଼ିମାଡ଼ି ଯାଉଥାଏ। ସଂରକ୍ଷଣ ବଢ଼ିବଢ଼ି ଯାଉଥାଏ। କମିକମି ଯାଉଥାଏ ବଞ୍ଚିତଙ୍କ ଆଶା ଓ ବିଶ୍ୱାସ।

'ରାମରାଜ୍ୟ' ଆଦର୍ଶ ଶାସନର ଉଜ୍ଜ୍ୱଳ ଉଦାହରଣ ଭାବେ କାଳ କାଳ ଧରି ସ୍ୱୀକୃତ ହୋଇ ଆସିଛି। ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କ ପରି ରାଜା କେହି ନାହାନ୍ତି କି ରାମରାଜ୍ୟ ପରି ଆଦର୍ଶ ରାଜ୍ୟ କେଉଁଠି ନାହିଁ ବୋଲି ଲୋକମୁଖରେ ପ୍ରବାଦ ହୋଇ ରହିଆସିଛି। ଅଥଚ ତାଙ୍କ ରାଜ୍ୟରେ ଜଣେ ଦଳିତ ବ୍ରାହ୍ମଣଙ୍କ ପାଇଁ ସଂରକ୍ଷିତ ଥିବା ଯଜ୍ଞକର୍ମ ସମ୍ପାଦିତ କରୁଥିବାରୁ ତାକୁ ଦଣ୍ଡିତ କରିବାକୁ ଯାଇ ତା'ର ହତ୍ୟା କରିଥିଲେ ରାଜା ରାମ। ରାମାୟଣ ଯୁଗରେ ରାମଙ୍କ ପରି ଜଣେ ଆଦର୍ଶ ରାଜାଙ୍କ ବିଚାରରେ ଯଜ୍ଞକର୍ମ ସମ୍ପନ୍ନ କରିବା ଜଣେ ଦଳିତଙ୍କ ପାଇଁ ଥିଲା ଏକ ବେଆଇନ କାର୍ଯ୍ୟ, ଯେଉଁଥିପାଇଁ ସେ ପାଇଥିଲା ମୃତ୍ୟୁଦଣ୍ଡ ପରି ସର୍ବଶେଷ ଦଣ୍ଡ। ଯଜ୍ଞ ଭଳି ଏକ ବୈଦିକ କର୍ମ ଥିଲା ବ୍ରାହ୍ମଣଙ୍କ ପାଇଁ ସର୍ବସ୍ୱତ୍ୱ ସଂରକ୍ଷିତ ଓ ଜଣେ ଦଳିତର ଏଭଳି କର୍ମ କରିବାର ଅଧିକାରକୁ ସଂରକ୍ଷଣ ବିରୋଧୀ ଅବଜ୍ଞା ଭାବେ ବିବେଚନା କରିଥିଲେ ସ୍ୱୟଂ ରାଜା ରାମ।

ମହାଭାରତ ଯୁଗର ସଂରକ୍ଷଣ ନୀତି କିଛି ଭିନ୍ନ ନ ଥିଲା, ଯଦିଓ ଏହାର ଚିତ୍ରପଟ ଥିଲା ସମ୍ପୂର୍ଣ୍ଣ ବିପରୀତ। ଶସ୍ତ୍ରଗୁରୁ ଦ୍ରୋଣଙ୍କ ଶିକ୍ଷାୟତନ ଥିଲା କେବଳ ରାଜପୁତ୍ରମାନଙ୍କ ପାଇଁ ସଂରକ୍ଷିତ। ଦ୍ରୋଣଙ୍କ ଶିଷ୍ୟତ୍ୱ ପାଇଁ ରାଜକୁଳର ଦାୟାଦ ହେବା ଥିଲା ପ୍ରାଥମିକ ଆବଶ୍ୟକତା। ସୁତରାଂ ତାଙ୍କଠୁ ଶିକ୍ଷା ଗ୍ରହଣ କରିବାକୁ ସୂତପୁତ୍ର କର୍ଣ୍ଣ ଓ ଶବରପୁତ୍ର ଏକଲବ୍ୟ କୌରବ ଓ ପାଣ୍ଡବ ରାଜପୁତ୍ରମାନଙ୍କଠାରୁ ସବୁ ଗୁଣରେ ଅଧିକ ଯୋଗ୍ୟ ଥିଲେ ବି ସଂରକ୍ଷଣ ନୀତିର ଶିକାର ହୋଇ ସେମାନେ ଶିକ୍ଷାଲାଭରୁ ବଞ୍ଚିତ ହୋଇଥିଲେ। ନିଜ ନିଜ ଢଙ୍ଗରେ ଏହି ସଂରକ୍ଷଣ ବ୍ୟବସ୍ଥାର ବିରୋଧ କରିଥିଲେ ସେ ଦୁହେଁ ଓ ନିଜ ଶକ୍ତି ସାମର୍ଥ୍ୟର ଏମିତି ପ୍ରମାଣ ଉପସ୍ଥାପିତ କରିଥିଲେ ଯେ, ସେକାଳରୁ ଏକାଳଯାଏ ସାରା ସଂସାର ସେ ଦୁହିଁଙ୍କର ଜୟଜୟକାର କରୁଛି। ବିଶେଷତଃ ଦଳିତ ଏକଲବ୍ୟଙ୍କର ଦୃଷ୍ଟାନ୍ତନୀୟ ଗୁରୁଦକ୍ଷିଣା ତାଙ୍କ ବ୍ୟକ୍ତିତ୍ୱକୁ ମହିମାନ୍ୱିତ କରିବା ସହ ଦ୍ରୋଣଙ୍କ ଗୁରୁପଣକୁ ଚିରକାଳ ଲଜ୍ଜିତ କରିଚାଲିଛି।

ରାମାୟଣ ଓ ମହାଭାରତ ଯୁଗରେ ଥିଲା ରାଜତନ୍ତ୍ର। ଏବେ ଗଣତନ୍ତ୍ରର ଯୁଗ। ଜଣଙ୍କ ପରିବର୍ତ୍ତେ ଗଣଙ୍କ ପାଇଁ ଓ ଗଣଙ୍କ ଦ୍ୱାରା ଶାସନ। ଅଥଚ ଏଠି ବି ସଂରକ୍ଷଣରୁ ମୁକ୍ତି ନାହିଁ। ଦେଶ ସ୍ୱାଧୀନତା ଲାଭ କଲା ପରେ ନ୍ୟାୟ ନୀତିର ଶାସନ ପରିଚାଳନା ପାଇଁ ଯେଉଁ ବିଦ୍ୱାନ୍ ରାଷ୍ଟ୍ରନୀତିଜ୍ଞମାନଙ୍କ ହାତରେ ସମ୍ବିଧାନ ପ୍ରଣୟନ କରିବା ଦାୟିତ୍ୱ ରହିଲା, ଅନଗ୍ରସର ଅନୁସୂଚିତ ଜାତି ଓ ଉପଜାତିର ଲୋକମାନଙ୍କୁ ସାଧାରଣଙ୍କ ସହ ସମକକ୍ଷ କରିବାର ମହତ ଉଦ୍ଦେଶ୍ୟ ନେଇ ସେମାନେ ଦଶବର୍ଷ ପାଇଁ ସଂରକ୍ଷଣ ବିଧାନ ବ୍ୟବସ୍ଥା କରିଥିଲେ। ଅଥଚ ଦଶବର୍ଷ ଯାଇ ସତୁରି ବର୍ଷ ଯାଇ ସାରିଲାଣି ସିନା, ବହୁବିଧ ନାମ ଓ ଉପନାମ ନେଇ ସଂରକ୍ଷଣ ତାହାର ପକ୍ଷ ବିସ୍ତାର କରିଚାଲିଛି ଯେ ବିରାମ ନେବାର ନାଁ ନେଉନାହିଁ। ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ସଂରକ୍ଷଣର ପରିକଳ୍ପନା କରାଯାଇଥିବାବେଳେ କାହିଁକି ଅନନ୍ତ କାଳ ଯାଏ ଏହା ଲମ୍ବି ଲମ୍ବି ଚାଲିଛି ବୋଲି ଯଦି ପ୍ରଶ୍ନ କରାଯାଏ, ତେବେ ଏହା ଅଦ୍ଭୁତ ବାଧ୍ୟବାଧକତା ଓ ରହସ୍ୟମୟ ନୀରବତା ମଧ୍ୟରେ ଏହାର ଉତ୍ତର ଅବ୍ୟକ୍ତ ରହିଯାଉଛି।

ବଡ଼ ବିଚିତ୍ର ଏହି ବ୍ୟବସ୍ଥା। ଗଣତନ୍ତ୍ରର ଗଣିତ ମଧ୍ୟରେ ପରିପୁଷ୍ଟ ଏହି ସଂରକ୍ଷଣ ଯେଉଁମାନଙ୍କ ପାଇଁ ଅଭିପ୍ରେତ, ସେମାନଙ୍କ ମଧ୍ୟରୁ କେତେଜଣଙ୍କର କେଉଁ ଉପକାରରେ ଆସୁଛି ଏହାର ସମୀକ୍ଷା କେହି କରନ୍ତେ ହେଲେ! ଯେଉଁ ଜାତି ବା ଉପଜାତିର ଅନଗ୍ରସରମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇବାର ମହତ୍ ଲକ୍ଷ୍ୟ ନେଇ ଏହି ବ୍ୟବସ୍ଥାର ପରିକଳ୍ପନା କରାଯାଇଥିଲା, ଗତ ସାତ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ମଧ୍ୟରେ ସେମାନଙ୍କ ମଧ୍ୟରୁ କେତେଜଣ ଆର୍ଥିକ ତଥା ସାମାଜିକ ସ୍ୱଚ୍ଛଳତା ଅର୍ଜନ କରି ଅଗ୍ରସର ତାଲିକାଭୁକ୍ତ ହୋଇଛନ୍ତି, ତାହାର ହିସାବ କିଏ ଦିଅନ୍ତେ ହେଲେ! ଗୋଟିଏ ପରିବାରର ଗୋଟିଏ ପିଢ଼ି ସଂରକ୍ଷଣର ଶିଡ଼ି ଚଢ଼ି ଉପରକୁ ଉଠିସାରିଥିଲା ପରେ ସେହି ପରିବାରର ପରବର୍ତ୍ତୀ ପିଢ଼ି ସଂରକ୍ଷଣ ସୁବିଧା ନ ପାଇବା ଉଚିତ ବୋଲି ମଝିରେ କଥା ଉଠିଥିଲା। ମାତ୍ର ସେ ସମ୍ପର୍କରେ କୌଣସି ଗୋଟିଏ ବିଶ୍ଳେଷଣ ପୂର୍ବରୁ ପ୍ରତିକ୍ରିୟା ଓ ପ୍ରତିବାଦ ଏତେ ଉତ୍କଟ ହେଲା ଯେ, ପ୍ରସ୍ତାବଟିକୁ ବାଟଭାଙ୍ଗି ଚାଲିଯିବାକୁ ତର ସହିଲା ନାହିଁ। ପରିଣାମ ତ ଆମ ଆଖି ଆଗରେ। ଅଳ୍ପସଂଖ୍ୟକ ତେଲିଆଙ୍କ ମୁଣ୍ଡରୁ ତେଲ ବୋହି ପଡୁଥିବାବେଳେ ବହୁସଂଖ୍ୟକ ନୁଖୁରା କେଶୀମାନେ ସେମିତି ନିଜ ଅଲରା ମଥାକୁ କୁଣ୍ଡାଇ ହେଉଥା'ନ୍ତି। ଗୋଟିଏ ଗାଁର ପାଞ୍ଚ ଭାଗ ଲୋକ ପିଢ଼ି ପରେ ପିଢ଼ି ପୁରୁଷ ପୁରୁଷ ଧରି ସଂରକ୍ଷଣ ସାହାରା ନେଇ ଅଗ୍ରସର ହୋଇ ଚାଲିଥିଲା ବେଳେ ବାକି ପଞ୍ଚାନବେ ଭାଗ ଏମିତି ଅନଗ୍ରସର ହୋଇ ପଡ଼ିଥା'ନ୍ତି ଯେ ବ୍ୟବସ୍ଥାରେ 'ସଂରକ୍ଷଣ' ବୋଲି ଶିଡ଼ିଟିଏ ଅଛି ବୋଲି ସେମାନେ ଜାଣି ନ ଥାଆନ୍ତି!

ସଂରକ୍ଷଣର ପ୍ରଭାବ ଓ ପ୍ରତିଷ୍ଠା ମଧ୍ୟରେ ଗୋଟିଏ ପରିବାରର ଶିକ୍ଷକ ବାପାଙ୍କ ପୁଅ ବ୍ୟାଙ୍କ ଅଫିସର ହୁଅନ୍ତି ତ ତାଙ୍କ ପୁଅ ହୋଇପାରନ୍ତି ଡାକ୍ତର ଅବା ଇଞ୍ଜିନିୟର। ତିନି ପିଢ଼ିର ଜୀବନଯାତ୍ରା ମଧ୍ୟରେ ସେମାନଙ୍କ ପରିଚୟ ତ ବଦଳିଯାଏ, ତା' ସହିତ ବଦଳିଯାଏ ନିବାସସ୍ଥଳୀର ଠିକଣା। ଗାଁରୁ ସହର ସହରରୁ ନଗର ମଧ୍ୟରେ ଉତ୍ତରଣ ପଥରେ ଅଗ୍ରସର ହୋଇ ଚାଲିଥାଏ ସେମାନଙ୍କ ସାମାଜିକ ସ୍ଥିତି ଓ ଆର୍ଥିକ ସ୍ୱଚ୍ଛଳତା। ଅଥଚ ସେଇ ସମୟ ମଧ୍ୟରେ ଗାଁର ପଡ଼ୋଶୀ ଥିବା ଅନ୍ୟ ଏକ ପରିବାରର ତିନୋଟିଯାକ ପିଢ଼ି ସେମିତି ଲଢ଼ି ଚାଲିଥା'ନ୍ତି ନିଜ ବୁନିଆଦ ଦାରିଦ୍ର୍ୟ, ଅଶିକ୍ଷା ଓ ଅନଗ୍ରସରତା ସହ। ସଂରକ୍ଷଣ ସପକ୍ଷରେ ଚିତ୍କାର ଛାଡୁଥିବା ପଣ୍ଡିତମଣ୍ଡଳୀ ଏବେ ବୈଷମ୍ୟକୁ କେମିତି କେଉଁ ଭାବରେ ବର୍ଣ୍ଣନା କରନ୍ତେ କେଜାଣି!

ସମ୍ପ୍ରତି ଘୋଷିତ ହୋଇଥିବା ମେଡିକାଲ ଶିକ୍ଷାରେ ସଂରକ୍ଷଣ ପ୍ରସଙ୍ଗକୁ କଟାକ୍ଷ କରି ସେଦିନ ଜଣେ କହୁଥିଲେ, 'ଆଜି ସରକାର ପାଠ ପଢ଼ିବା ପାଇଁ ଯେଉଁମାନଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି ବା ଅତୀତରେ ଯେଉଁମାନେ ସଂରକ୍ଷଣ ଭିତ୍ତିରେ ପାଠ ପଢ଼ିବାର ସୁଯୋଗ ପାଉଛନ୍ତି, କାଲି ଯେତେବେଳେ ଦେଖାଯିବ ଯେ ସେମାନେ ପାସ୍ କରି ପାରୁନାହାନ୍ତି ; ସେତେବେଳେ ପୁଣି ଏକ ନିୟମ କରି ପରୀକ୍ଷା ନିୟନ୍ତ୍ରଣ ସଂସ୍ଥାକୁ ଜାତିଭିତ୍ତିକ ଗ୍ରେସ୍ ମାର୍କ ଦେବାକୁ ନିର୍ଦ୍ଦେଶ ଦେଇପାରନ୍ତି! ଏମିତି କଟାକ୍ଷକୁ ଅର୍ଥହୀନ ବା ଅମୂଳକ କହି ଏଡ଼ାଇ ଯାଇହେବ ସିନା, ମାତ୍ର ଏହା ମୂଳରେ ଥିବା ଅସନ୍ତୋଷର ତୀବ୍ର ପ୍ରତିଫଳନକୁ ଅସ୍ୱୀକାର କରିହେବ ନାହିଁ। ସଂରକ୍ଷଣ ଏମିତି ଏକ ସାମାଜିକ ବ୍ୟାଧି, ଯାହା ସମାଜର ଗୋଟିଏ ବର୍ଗର ଲୋକଙ୍କ ପାଇଁ ଲାଭ ପହଞ୍ଚାଇ ଥିଲାବେଳେ ଅନ୍ୟ ବର୍ଗର ଲୋକଙ୍କ ପାଇଁ ହୋଇଥାଏ ପ୍ରଚଣ୍ଡ ପୀଡ଼ାଦାୟକ। ସମାଜରେ ବିଭେଦ ସୃଷ୍ଟି କରିବା ଓ ପରସ୍ପର ମଧ୍ୟରେ ପ୍ରଚ୍ଛନ୍ନ ବିଦ୍ୱେଷକୁ ଜନ୍ମଦେବା ମୂଳରେ ଏହି ସଂରକ୍ଷଣର ଏକ ପ୍ରମୁଖ ଭୂମିକା ରହିଥାଏ।

ଉପସଂହାରରେ ସେମିତି ଜଣେ ଯୁବକଙ୍କ କଥା। ଦଳିତ ଜାତିରେ ଜନ୍ମ ନେଇଥିବା ଏହି ଯୁବକ ଜଣକ ମୁଣ୍ଡ ଭିତରେ ଭରପୂର ମେଧା ନେଇ ଭୂମିଷ୍ଠ ହୋଇଥିଲେ। ଭାରତ ସରକାରଙ୍କ ଏକ ବିଶାଳ ସଂସ୍ଥାରେ ବରିଷ୍ଠ ଅଧିକାରୀ ଭାବେ କର୍ମରତ ଏହି ପ୍ରତିଭାବାନ୍ ଯୁବକ ସେଦିନ ବଡ଼ ଆବେଗରେ ଏହି ଲେଖକଙ୍କ ନିକଟରେ ପ୍ରକାଶ କରିଥିଲେ ବହୁଦିନରୁ ତାଙ୍କ ମନ ଭିତରେ ଅବରୁଦ୍ଧ ଥିବା ଏକ ଅବ୍ୟକ୍ତ ଅନୁଭବ। କହିଥିଲେ, 'ମୋ ସମଗ୍ର ବିଦ୍ୟାର୍ଥୀ ଜୀବନରେ ମୁଁ କେବେ ବି କୌଣସି ପରୀକ୍ଷାରେ ଦ୍ୱିତୀୟ ହୋଇନାହିଁ। ମୋ ପରିବାରର ସ୍ୱଳ୍ପାର୍ଜିତ ସମ୍ବଳ ଭିତରେ ବହୁବାର ଅଟକି ଯାଇଥିବା ମୋ ଛାତ୍ର ଜୀବନକୁ ବହୁକଷ୍ଟରେ ଆଗକୁ ନେଇ ମୁଁ ବିଶ୍ୱବିଦ୍ୟାଳୟର ମେକାନିକାଲ ଇଞ୍ଜିନିୟରିଂରେ ଟପ୍ପର ହୋଇଛି। ଅଥଚ ମୋ ଯୋଗ୍ୟତା ବଳରେ ବଡ଼ ଚାକିରିରେ ମୁକରିର ଥିଲେ ବି ମୋ ସମ୍ପର୍କରେ ସବୁ ମହଲରେ ଯେଉଁ ସାଧାରଣ ମନ୍ତବ୍ୟଟି ଖେଳିବୁଲେ, ତାହା ହେଉଛି, ମୁଁ କୁଆଡ଼େ 'କୋଟାବାଲା'। କେଡ଼େ ବେଦନାଭରା ମର୍ମଭେଦୀ ଏହି ଅନୁଭବ! ସଂରକ୍ଷଣ କେଇଜଣ ଅଯୋଗ୍ୟଙ୍କ ମଧ୍ୟରେ ଆଶା ସଞ୍ଚାର କରୁଥିବାବେଳେ ଅବଶିଷ୍ଟମାନଙ୍କୁ ହତାଶା ମଧ୍ୟକୁ ଯେ ଠେଲିଦେଉଛି, ଏ କଥା ସଂରକ୍ଷଣକୁ ଏକ ଦୁରାରୋଗ୍ୟ ବ୍ୟାଧି ନ ମଣି ସାମାଜିକ ଉତ୍‌ଥାନର ବୀଜମନ୍ତ୍ର ବିଚାରୁଥିବା ବିଜ୍ଞମାନେ ଯେତେଶୀଘ୍ର ବୁଝିବେ, ସମାଜ ପାଇଁ ସେତେ ମଙ୍ଗଳ।

ପ୍ରଜ୍ଞାନିଳୟ
ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର
ମୋ:୮୮୯୫୬୭୨୪୧୦୫

# କ୍ରୀଡ଼ାଭିମୁଖୀ ପ୍ରଶାସକ

ବ୍ୟକ୍ତିତ୍ୱ



ସୁହାସ ଏଲ୍ ୱାଇ

କୁହାଯାଇଥାଏ ଜୀବନ କେବଳ ଏକ ଗନ୍ତବ୍ୟସ୍ଥଳ ନୁହେଁ, ଏକ ଯାତ୍ରା। ଉତ୍ତରପ୍ରଦେଶର ଗୌତମ ବୁଦ୍ଧନଗର (ନଏଡା) ଜିଲାପାଳ ସୁହାସ ଏଲ୍ ୱାଇ ମଧ୍ୟ ଅନୁଭବ କରନ୍ତି ଯେ, ଜୀବନର ଯାତ୍ରା ଠିକ୍ ମାର୍ଗରେ ଥିଲେ ଗନ୍ତବ୍ୟ ସ୍ଥାନ ମିଳିଯିବ। ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୫ ଯାଏ ଟୋକିଓଠାରେ ପାରାଲିମ୍ପିକ୍ ଗେମ୍ସ ଅନୁଷ୍ଠିତ ହେବାକୁ ଯାଉଛି। ଅଗଷ୍ଟ ୨୭ରେ ଭାରତ ତା'ର ଅଭିଯାନ ଆରମ୍ଭ କରିବ। ପାରା ବ୍ୟାଡ୍‌ମିଣ୍ଟନ୍ ଖେଳାଳି ଭାବେ ସୁହାସ ଉକ୍ତ ଦଳରେ ସାମିଲ ହୋଇ ଭାରତର ପ୍ରଥମ ସ୍ୱତନ୍ତ୍ର ଦିବ୍ୟାଙ୍ଗ ଆଇଏଏସ୍ ଅଧିକାରୀ ରୂପେ ଏଥିରେ ଭାଗ ନେବାକୁ ଯାଉଛନ୍ତି। ଫଳରେ ତାଙ୍କ ବ୍ୟକ୍ତିତ୍ୱ ଏବେ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ପାଲଟିଯାଇଛି।

ସୁହାସ ଲାଲିନାକେରେ ଯାଥିରାଜ୍ ୨ ଜୁଲାଇ ୧୯୮୩ରେ କର୍ଣ୍ଣାଟକର ହାସନଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱର୍ଗତ ଯାଥିରାଜ ଏଲ୍ କେ ଓ ମାତା ଜୟଶ୍ରୀ ସିଏସ୍। ପିଲାଟି ବେଳୁ ସୁହାସ ଦିବ୍ୟାଙ୍ଗ ଥିଲେ। କିନ୍ତୁ ମାତାପିତା ତାଙ୍କୁ ସର୍ବଦା ପ୍ରତିକ୍ଷେତ୍ରରେ ଉତ୍ସାହିତ କରି ଆସୁଥିଲେ। ତେବେ ପିତାଙ୍କ ଇଚ୍ଛା ଥିଲା ପୁଅ ଡାକ୍ତର ହେଉ। ସେ ବାଧ୍ୟ ହୋଇ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ବସିଥିଲେ। କିନ୍ତୁ ତାଙ୍କର ଇଚ୍ଛା ଥିଲା ପଢ଼ିବେ ଇଞ୍ଜିନିୟରିଂ। ଶେଷରେ ପିତା ରାଜିହେଲେ। ସୁହାସଙ୍କ ପ୍ରାରମ୍ଭିକ ଶିକ୍ଷା ହାସନ ଜିଲାର ଦୁଦ୍ଧାରେ ଆରମ୍ଭ ହୋଇଥିଲା। ପିତା ସରକାରୀ ଚାକିରିଆ ଥିବାରୁ ତାଙ୍କୁ ବିଭିନ୍ନ ସ୍ଥାନ ଭ୍ରମଣ କରିବାକୁ ପଡ଼ିଥିଲା। ଶିଭମୋଗା ଡିଭିଏସ୍ ଇଣ୍ଡିପେଣ୍ଡେଣ୍ଟ କଲେଜରୁ ପଢ଼ା ସାରିବା ପରେ କର୍ଣ୍ଣାଟକର ସୁରଥକାଲ୍‌ସ୍ଥିତ ଏନ୍‌ଆଇଟିରୁ ସେ କମ୍ପ୍ୟୁଟର ସାଇନ୍ସସ ଆଣ୍ଡ୍ ଇଞ୍ଜିନିୟରିଂ ଡିଗ୍ରୀ ଅର୍ଜନ କରିଥିଲେ। ତଥାପି ତାଙ୍କୁ ଜୀବନରେ କିଛି କମ୍ ରହିଯାଉଛି ବୋଲି ଅନୁଭବ ହେଲା। ସବୁ ବର୍ଗର ଲୋକଙ୍କୁ ସେବା କରିବା ଉଦ୍ଦେଶ୍ୟ ରଖି ସିଭିଲ୍ ସର୍ଭିସ ପରୀକ୍ଷା ଦେଲେ ଓ ସେଥିରେ ଉତ୍ତୀର୍ଣ୍ଣ ହୋଇଗଲେ। ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ିବାକୁ ସୁଯୋଗ ଦେଇଥିଲା। ଉତ୍ତର ପ୍ରଦେଶ କ୍ୟାଡର ୨୦୦୭ ବ୍ୟାଚ୍‌ର ଏହି ଆଇଏଏସ୍ ଅଧିକାରୀ ଚାକିରି ଭିତରେ ଜୀବନକୁ ସୀମିତ ନ ରଖି ପିଲାଟି ବେଳୁ ତାଙ୍କଠାରେ କ୍ରୀଡ଼ା ପ୍ରତି ରହି ଆସିଥିବା ଆଗ୍ରହକୁ ବଢ଼ାଇବାକୁ ପ୍ରାୟସ କରିଥିଲେ। ଚାଇନାର ବେଜିଂଠାରେ ୨୦୧୬ରେ ଅନୁଷ୍ଠିତ ଏସିଆନ୍ ପାରା ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନ୍‌ଶିପ୍‌ରେ ସୁହାସ ସ୍ୱର୍ଣ୍ଣପଦକ ଜିତି ବିଶ୍ୱସ୍ତରରେ ନାମ ଅର୍ଜନ କରିଥିଲେ। ସେତେବେଳେ ସେ ଆଜମ୍‌ଗଡର ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ସେବେଠାରୁ କ୍ରୀଡ଼ାର ଯାତ୍ରା ତାଙ୍କୁ ଅଗକୁ ଯିବା ଲାଗି ପ୍ରୋତ୍ସାହିତ କରିଚାଲିଛି।

ସିଭିଲ୍ ସର୍ଭିସ ସହ କ୍ରୀଡ଼ାର ଯୁଗଳବନ୍ଦୀ ତାଙ୍କୁ ବେଶ୍ ମାନିଥାଏ। ଜୀବନର ପ୍ରତିଟି ସଫଳତା ପାଇଁ ସେ ଈଶ୍ୱରଙ୍କୁ ଧନ୍ୟବାଦ ଦେଇଥାଆନ୍ତି। ସେ କହନ୍ତି, କଦାପି ଭାବି ନ ଥିଲେ ଜଣେ କଲେକ୍ଟର ହେବେ। କେବଳ ନିଷ୍ଠାର ସହ ରହି ସେହି ସ୍ୱପ୍ନ ପଛରେ ଧାଇଁଥିଲେ। ତାହା ପୂରଣ ହେବା ପରେ କ୍ରୀଡ଼ାର ସର୍ବୋଚ୍ଚ ପ୍ରତିଦ୍ୱନ୍ଦ୍ୱିତାରେ ଭାଗ ନେଲେ ଓ ପାଇଲେ ସିଦ୍ଧି । ଏସବୁ କଠିନ ସାଧନା ଦ୍ୱାରା ସମ୍ଭବ ହୋଇଥିଲା ବୋଲି ସେ କହିଥାଆନ୍ତି। ଯୁବପିଢ଼ିଙ୍କୁ ପ୍ରେରଣା ଦେବାକୁ ଯାଇ ସେ କେତେକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ଜୀବନରେ ଯାହା ହେବାକୁ ଚାହୁଁଛ, ତାହା ହାସଲ କରିବାକୁ ଲାଗିପଡ଼। ବେଳେ ବେଳେ ମଣିଷ ବିଜୟୀ ହୁଏ ବା ପରାଜୟ ବରଣ କରେ। କିନ୍ତୁ ପ୍ରଚେଷ୍ଟା ଜାରି ରହିବା ଦରକାର। ସେ ଆହୁରି କହିଛନ୍ତି , ଏକ ସାଧାରଣ ସ୍କୁଲରେ ପାଠପଢ଼ି ସେ ସିଭିଲ ସର୍ଭିସରେ ଉତ୍ତୀର୍ଣ୍ଣ ହେଲେ ଓ ପାରାଲିମ୍ପିକ୍ସରେ ପ୍ରଦର୍ଶନ କରିବାକୁ ଯାଉଛନ୍ତି। ତେଣୁ ଯିଏ ଚାହିଁବେ, ସିଏ ତାଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବେ। ସମାଲୋଚନା ଓ ପ୍ରଶଂସା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ସମାଜରେ କେତେକ ତୁମକୁ ଭଲ କହିବେ ଓ ଆଉ କିଛି ତୁମ ପ୍ରତି ମନ୍ଦ ମନ୍ତବ୍ୟ ଦେବେ। ଏହା ଦ୍ୱାରା ଜଣେ ଦୁର୍ବଳ ହେବା କଥା ନୁହଁ। ସୁହାସଙ୍କ ଏଭଳି ପ୍ରେରଣାଦାୟୀ ବାର୍ତ୍ତା ଯୁବପିଢ଼ିଙ୍କ ପାଇଁ ଅମୂଲ୍ୟ ସନ୍ଦେଶ।

ସୁହାସ କର୍ମମୟ ଜୀବନ ଓ କ୍ରୀଡ଼ାପୂର୍ଣ୍ଣ ବାତାବରଣରେ ନିଜକୁ ସୁଦକ୍ଷ ଖେଳାଳି ଭାବେ ପ୍ରମାଣିତ କରି ପାଇପାରିଛନ୍ତି ଅନେକ ପୁରସ୍କାର ଓ ସମ୍ମାନ। ତାଙ୍କ ଯାତ୍ରା ଏକ ଦିବ୍ୟାଙ୍ଗଙ୍କ କାହାଣୀ ବଖାଣି ଥାଇପାରେ, କିନ୍ତୁ ସେ ନିଜକୁ ପୂର୍ଣ୍ଣାଙ୍ଗ ବୋଲି ପ୍ରମାଣିତ କରିପାରିଛନ୍ତି ନିଜର ନିଷ୍ଠା ଓ ଅଦମ୍ୟ ଇଚ୍ଛାଶକ୍ତି ବଳରେ। ତାଙ୍କ ସାଂସାରିକ ଜୀବନ କହିଲେ ସହଧର୍ମିଣୀ ରିତୁ ଏବଂ ୫ ବର୍ଷର ଝିଅ ସନ୍‌ଭି ଓ ଦୁଇ ବର୍ଷର ପୁଅ ଭିଭାନ୍‌ଙ୍କୁ ନେଇ ପରିବାର ଗତିଶୀଳ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଅସହାୟଙ୍କ ସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଛନ୍ତି ତାମିଲନାଡୁର ମନୀଷା କ୍ରିଷ୍ଣସ୍ୱାମୀ। ସେ ରାସ୍ତାକଡ଼ରେ ରହୁଥିବା ଅସହାୟଙ୍କୁ ଖାଦ୍ୟ, ଔଷଧ ଯୋଗାଇବା ସହ ଥଇଥାନ କରୁଛନ୍ତି। ମନୀଷା ରହନ୍ତି ତାମିଲନାଡୁର ଏରୋଡ଼ ସହରରେ। ତାଙ୍କ ବାପାଙ୍କର ମାଂସ ଦୋକାନ ରହିଛି। ବହୁ କଷ୍ଟରେ ସେ ନର୍ସିଂରେ ଡିଗ୍ରୀ ହାସଲ କରି ୨୦୧୭ରେ ଏକ ନର୍ସିଂ କଲେଜରେ ଲେକ୍‌ଚର ଭାବେ ଯୋଗ ଦେଇଥିଲେ। କଲେଜ ଯିବା ଆସିବା ସମୟରେ ରାସ୍ତା କଡ଼ରେ ରହୁଥିବା ଲୋକମାନଙ୍କ ସେବା ଆରମ୍ଭ କରିଥିଲେ। କଲେଜରୁ ପାଉଥିବା ଦରମା ଏଥିରେ ଖର୍ଚ୍ଚ କରୁଥିଲେ। ପରେ ୨୦୧୮ରେ 'ଜୀବିତମ୍ ଫାଉଣ୍ଡେସନ' ଗଠନ କରି ଏହି ସେବା କରୁଛନ୍ତି। ଏବେ ସୁଦ୍ଧା ମନୀଷା ସହରର ବିଭିନ୍ନ ଜାଗାରୁ ୩୪୦ରୁ ଊର୍ଦ୍ଧ୍ୱ ଅସହାୟଙ୍କୁ ଉଦ୍ଧାର କରି ଥଇଥାନ କରିପାରିଛନ୍ତି ଓ ଅନ୍ୟ ୫୪ ଜଣଙ୍କୁ ରୋଜଗାର ଯୋଗାଇ ଦେଇଛନ୍ତି। ଅସୁସ୍ଥ ହେଲେ ଅସହାୟଙ୍କୁ ମେଡ଼ିକାଲରେ ସମସ୍ତ ଚିକିତ୍ସା ଯୋଗାଇ ଦେବାର ବ୍ୟବସ୍ଥା କରୁଛନ୍ତି। ଏହାସହ ରାସ୍ତାକଡ଼ରେ ରହୁଥିବା ଲୋକମାନଙ୍କୁ ସ୍ୱାବଲମ୍ବୀ କରିବା ଲାଗି ଭୋକେଶନାଲ ଟ୍ରେନିଂ ଦେବାର ବ୍ୟବସ୍ଥା କରିଛନ୍ତି। ମନୀଷାଙ୍କ ସହ ଏବେ ୧୭ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅଗଷ୍ଟ ୧୯୯୬

- ଜଣାଶୁଣା ପ୍ରବାସୀ ଭାରତୀୟ ଶିଳ୍ପପତି ସ୍ୱରାଜ ପଲ ବ୍ରିଟେନ୍‌ର ହାଉସ୍ ଅଫ୍ ଲର୍ଡସରେ ସଭ୍ୟ ଭାବେ ନିଯୁକ୍ତ ହୋଇଛନ୍ତି।
- ପୂର୍ବତନ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ସୁଖରାମଙ୍କୁ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟ ପଦରୁ ସସ୍‌ପେଣ୍ଡ କରାଯାଇଛି।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | 7 | | | | | |
| 9 | 1 | | | | 3 | | | |
| | | 5 | 9 | | | | 2 | 6 |
| | | | | | | | | 2 |
| | | | | 5 | | 7 | | |
| | 6 | 7 | 8 | | | 1 | | 5 |
| | | 1 | 3 | | 4 | | 6 | |
| | | 8 | 2 | | | | | 1 |
| | 9 | | 6 | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 8 | 9 | 2 | 6 | 3 | 1 | 7 | 5 |
| 7 | 3 | 1 | 4 | 8 | 5 | 6 | 2 | 9 |
| 5 | 6 | 2 | 1 | 7 | 9 | 8 | 3 | 4 |
| 1 | 7 | 4 | 5 | 2 | 8 | 3 | 9 | 6 |
| 3 | 9 | 6 | 7 | 1 | 4 | 2 | 5 | 8 |
| 2 | 5 | 8 | 9 | 3 | 6 | 4 | 1 | 7 |
| 9 | 2 | 5 | 6 | 4 | 1 | 7 | 8 | 3 |
| 8 | 4 | 7 | 3 | 9 | 2 | 5 | 6 | 1 |
| 6 | 1 | 3 | 8 | 5 | 7 | 9 | 4 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରତିବାଦର ସ୍ୱରକୁ ଦବାଇ ଦିଆଯାଉଛି

ମହାଶୟ,

ଦେଶରେ ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକୁ ଅଧିକ ସମୟ ଉପଯୋଗୀ ଏବଂ ଲୋକାଭିମୁଖୀ କରିବା ପାଇଁ ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଘର ଆହ୍ୱାନ କ୍ରମେ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସଂଘର ରାଜ୍ୟବ୍ୟାପୀ ଅସହଯୋଗ ଆନ୍ଦୋଳନ ଚାଲୁ ରହିଛି। ହେଲେ ରାଜ୍ୟ ସଂଘ ତରଫରୁ ବିଭିନ୍ନ ସମସ୍ୟା ନେଇ ଅତୀତରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ଏହି କର୍ମଚାରୀମାନେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଆକ୍ରୋଶର ଶିକାର ହୋଇ ଆସୁଛନ୍ତି। କର୍ମଚାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଦୂର ଦୂରାନ୍ତରୁ ସେବା ପାଇଁ ଆସୁଥିବା ରୋଗୀମାନଙ୍କର ସେବାରେ କୌଣସି ବ୍ୟାଘାତ ନ କରି ଏହି ଆନ୍ଦୋଳନ ଚାଲୁ ରହିଛି। ଏଭଳି ପରିସ୍ଥିତିରେ କର୍ମଚାରୀମାନଙ୍କ ଦାବି ପ୍ରତି ଗଠନମୂଳକ ଆଭିମୁଖ୍ୟ ପୋଷଣ କରିବା ପରିବର୍ତ୍ତେ କର୍ମଚାରୀମାନଙ୍କର ପ୍ରତିବାଦର ସ୍ୱରକୁ ଦବାଇ ଦେଇ ଆନ୍ଦୋଳନକୁ ଭଣ୍ଡୁର କରିବାର ଅପଚେଷ୍ଟା କରାଯାଉଛି। ଏହି ସର୍ବଭାରତୀୟ ଆନ୍ଦୋଳନରେ ଅନ୍ୟ କୌଣସି ରାଜ୍ୟରେ ଏଭଳି ଆଚରଣ ଦେଖିବାକୁ ମିଳିନାହିଁ। ରାଜ୍ୟ ସରକାର ଏହିପରି ଏକ ସମ୍ବେଦନଶୀଳ ସମସ୍ୟାକୁ ସହୃଦୟତାର ସହ ବିଚାର କରି କର୍ମଚାରୀମାନଙ୍କର ଦୁଃଖ ଲାଘବ ପାଇଁ ସହଯୋଗ କରନ୍ତୁ।

ସତୀଶ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି,
ଓଡ଼ିଶା ରାଜ୍ୟ ଏଚ୍‌ଆଇଭି/ଏଡ୍‌ସ କର୍ମଚାରୀ କଲ୍ୟାଣ ସଂଘ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

"ଧରାର ତିମିର ତଳେ
ଚଳୁ ଜୀବନର ମହାରଥ
"ଉଠ ବୀର ! ଏ ଆଲୋକ
ରଚିଦେଉ ତୋର ଛାୟାପଥ।
(ମହାଦୀପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପୋଖରୀରେ ବୁଡ଼ି ଯୁବକ ମୃତ

ଆନନ୍ଦପୁର,(ସ୍ବ.ପ୍ର.)-କେନ୍ଦୁଝର ଜିଲା ଘସିପୁରା ଥାନା ଟୋଲଙ୍ଗପଡା ଗ୍ରାମର ପ୍ରମୋଦ କୁମାର ବେହେରା(୩୩) ନାମକ ଯୁବକ ଶନିବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ସକାଳେ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ିଯାଇଥିଲେ। କିଛି ସମୟ ପରେ ଗ୍ରାମର କିଛି ବ୍ୟକ୍ତି ପ୍ରମୋଦଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘସିପୁରା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦର ବ୍ୟବସ୍ଥା କରାଇଥିବା ଜଣାପଡିଛି।

## ସଂକ୍ଷେପରେ

### ମହିଳାଙ୍କୁ କଚାଡ଼ି ମାରିଲା ହାତୀ

**ହିନ୍ଦୋଳ, ୨୧।୮(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସି ୧୩ନଂ. ୱାର୍ଡ ଅଧୀନ ତଣ୍ଟିଚିରା ଗ୍ରାମରେ ଶନିବାର ଭୋର୍ ସମୟରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁନି ସାହୁ (୫୫)। ମହିଳା ଜଣକ ଭୋର୍ ୩ଟାରେ ଘର ନିକଟ ଜଙ୍ଗଲକୁ ଶୌଚ ହେବାକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ବନାଞ୍ଚଳ ଅଧିକାରୀ ଲୋହିତ ରଥ, ହିନ୍ଦୋଳ ଥାନାଧିକାରୀ ଅନାଦି ଚରଣ ପଞ୍ଚାୟତ ସଦଳବଳ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତକଙ୍କ ପରିବାରକୁ ପ୍ରାଥମିକ ପର୍ଯ୍ୟାୟରେ କ୍ଷତିପୂରଣ ବାବଦକୁ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଆବଶ୍ୟକ କାଗଜପତ୍ର ଦାଖଲ ପରେ ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି।

### ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

#### ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ସହାୟତା

**ନିରାକାରପୁର,୨୧।୮(ଡି.ଏନ୍.ଏ.):** ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଶନିବାର ଏହି ବନାଞ୍ଚଳ ଅନ୍ତର୍ଗତ ଭୁଷଣ୍ଡପୁର ଫରେଷ୍ଟ ଅଧୀନ କାୟାଗ୍ରାମରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ରଙ୍ଗ ବେହେରା(୪୫)। ସୂଚନା ମୁତାବକ, ଶନିବାର ଭୋରରୁ ରଙ୍ଗ ଗଛରୁ ଫୁଲ ତୋଳୁଥିବା ବେଳେ ଏକ ଜଙ୍ଗଲୀ ହାତୀକୁ ଦେଖି ଭୟଭୀତ ହୋଇ ତଳେ ପଡିଯାଇଥିଲେ। ଏହା ପରେ ହାତୀଟି ତାଙ୍କ ଡାହାଣ ଗୋଡ଼ ପେଣ୍ଡାରେ ଚଢ଼ିଯାଇଥିଲା। ଫଳରେ ପେଣ୍ଡାଟି ଫାଟି ଯାଇଥିଲା। ରଙ୍ଗଙ୍କ ଚିତ୍କାର ଶୁଣି ପରିବାରଲୋକ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡ଼ାଇବା ସହ ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ତାଙ୍କ ମୃତଦେହ ସଂସ୍କାର କରାଯାଇଛି। ବନ ବିଭାଗ ପକ୍ଷରୁ ସହାୟତା ପୂର୍ବକ ମୃତକଙ୍କ ପରିବାରକୁ ୪୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଆଉ ୩ଲକ୍ଷ ୬୦ହଜାର ଟଙ୍କା କାଗଜପତ୍ର ଠିକ୍ ହେବା ପରେ ଦିଆଯିବ ବୋଲି ଫରେଷ୍ଟର ସିଧୁ ଚରଣ ସିଂ କହିଛନ୍ତି।

### ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ

**ଢେଙ୍କାନାଳ ଅଫିସ, ୨୧।୮;** ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ମଦ ନିଶାରେ ଜନ୍ମକଲା ବାପା ନିଜର ସାଢ଼େ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତା ଶିଶୁଙ୍କ ମା' ଶନିବାର ସନ୍ଧ୍ୟାରେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ପାଇ ଢେଙ୍କାନାଳରୁ ଚାଇଲ୍ଡ ଲାଇନ୍ ଟିମ୍ ପହଞ୍ଚି ଅଙ୍ଗନୱାଡି କର୍ମୀଙ୍କ ସହଯୋଗରେ ତଦନ୍ତ ଜାରି ରଖିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ଜଣକ ଟ୍ରକ୍ ହେଲ୍‌ପର ଭାବେ କାର୍ଯ୍ୟ କରନ୍ତି। ସ୍ତ୍ରୀଙ୍କୁ ନିର୍ଯାତନା ଦେବା ପରେ ସେ ଝିଅକୁ ବଳାତ୍କାର କରିଥିବା ଏତଲାରେ ଦର୍ଶାଯାଇଛି। ଘଟଣା ସମ୍ପର୍କରେ ଥାନାକୁ ସୂଚନା ଦିଆଯାଇଥିଲେ ମଧ ପୋଲିସ ପହଞ୍ଚି ନ ଥିଲା। ଚାଇଲ୍ଡ ଲାଇନ ଟିମ୍ ସହଯୋଗରେ ମହିଳା ଜଣକ ଶିଶୁକନ୍ୟାଙ୍କୁ ଧରି ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ନିହଲପ୍ରସାଦ ଥାନାଧିକାରୀ ଜିତେନ୍ଦ୍ର ସାହୁ କୁହନ୍ତି, ଅଭିଯୋଗ ମିଳିବା ପରେ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ଫେରାର ଅଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ କୁହନ୍ତି, ଚାଇଲ୍ଡ ଲାଇନର ୨ଜଣ ସଦସ୍ୟ ପୀଡ଼ିତାଙ୍କ ଗ୍ରାମକୁ ଯାଇ ତଦନ୍ତ କରିଛନ୍ତି। ଥାନାରେ ମଧ ଅଭିଯୋଗ କରାଯାଇଛି।

# ସ୍କୁଲରେ ଆରମ୍ଭ ହେବ ଧନ୍ଦାମୂଳକ ଶିକ୍ଷା

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**




ଏବେ ଧନ୍ଦାମୂଳକ ଶିକ୍ଷା ପାଠପଢ଼ି ଦକ୍ଷ ହେବେ ସ୍କୁଲ୍ ପିଲା। ଏଥିସହ ଆସନ୍ତା ୨ବର୍ଷ ମଧରେ ରାଜ୍ୟର ୫୦ହଜାର ସରକାରୀ ବିଦ୍ୟାଳୟରେ ପାଣି, ବିଜୁଳି, ଶୌଚାଳୟ, ଇଣ୍ଟରନେଟ୍ ସୁବିଧା ଉପରେ ଗୁରୁତ୍ୱ ଦିଆଯିବ। ଏ ନେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା, ଶିକ୍ଷା କ୍ଷେତ୍ରରେ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ନିଆଯାଇଥିବା ପଦକ୍ଷେପ ଏବଂ ନୂଆ ଜାତୀୟ ନୀତି-୨୦୨୦ର କାର୍ଯ୍ୟକାରିତା ନେଇ ଶନିବାର ଭୁବନେଶ୍ୱରରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ବୈଠକ ବସିଥିଲା। ବୈଠକ ପରେ ସେ କହିଛନ୍ତି, ବିଦ୍ୟାଳୟସ୍ତରରେ ଶିକ୍ଷା ସହ ଧନ୍ଦାମୂଳକ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ଏକାଠି କରି ପଢ଼ାଯିବ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୧୫୦ ସ୍କୁଲକୁ ନେଇ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଆରମ୍ଭ କରିବ। ଏଥିସହ ଓଡ଼ିଶାରେ ଅନ୍‌ଲାଇନ୍ ଶିକ୍ଷାକୁ ମଜଭୁତ କରିବା, ଗବେଷଣା ପରିସଂସ୍ଥାନର ବିକାଶ ଏବଂ ଜାତୀୟ ଶିକ୍ଷା ନୀତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି

### ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବୈଠକ

- ପ୍ରଥମ ପର୍ଯ୍ୟାୟରେ ୧୫୦ ସ୍କୁଲରେ ପାଇଲଟ୍ ପ୍ରୋଜେକ୍ଟ
- ୫୦ହଜାର ସରକାରୀ ସ୍କୁଲରେ ବିଭିନ୍ନ ସୁବିଧା ଉପରେ ଗୁରୁତ୍ୱ
- ଅନ୍‌ଲାଇନ୍ ଶିକ୍ଷା, ଗବେଷଣା ପରିସଂସ୍ଥାନର ବିକାଶ ହେବ

ଶିକ୍ଷୟିତ୍ରୀ ଶିକ୍ଷକ, ୧୮ ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ବିଦ୍ୟାଳୟ ଓ କଲେଜ କର୍ମଚାରୀଙ୍କ ଟିକାକରଣକୁ ଶତପ୍ରତିଶତ ସୁନିଶ୍ଚିତ କରିବା ପାଇଁ ଆସନ୍ତା ସେପ୍ଟେମ୍ବରରେ ଏକ ଅଭିଯାନ ଆରମ୍ଭ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗର ଅଧିକାରୀଙ୍କୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିସହ ସ୍ଥିତିକୁ ନଜର ରଖି ୟୁଜି ଓ ପିଜି ଶେଷବର୍ଷ ଭଳି ଅନ୍ୟବର୍ଷର ଛାତ୍ରୀଛାତ୍ରଙ୍କୁ ଶ୍ରେଣୀ ଶିକ୍ଷାଦାନ ପ୍ରତି ଧ୍ୟାନ ଦେବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ହେବା ପରେ ଏହା ହେଉଛି ଧର୍ମେନ୍ଦ୍ରଙ୍କ ପ୍ରଥମ ବୈଠକ। ଓଡ଼ିଶାର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା)ର କାର୍ଯ୍ୟକାରିତା ଉପରେ ମନ୍ତ୍ରୀ ଏହି ବୈଠକରେ ସମୀକ୍ଷା କରିବା ସହ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ।

ସେହିପରି ବୈଠକ ପରେ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି, ରୁସା-୧ ଓ ୨ର ବକେୟା ଅର୍ଥ ଓଡ଼ିଶାକୁ ଦେବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ଖୁବ୍‌ଶୀଘ୍ର ରୁସା-୩ ଆରମ୍ଭ ହେବାର ସୂଚନା ଦେଇଛନ୍ତି। ଏହା ଫଳରେ ରାଜ୍ୟମାନେ ଉଚ୍ଚଶିକ୍ଷାର ବିକାଶ ପାଇଁ ଅଧିକ ଅର୍ଥ ପାଇପାରିବେ ବୋଲି ଉଚ୍ଚଶିକ୍ଷା ସଚିବ କହିଛନ୍ତି।

# ପ୍ରସ୍ତାବିତ ମେଗା ଇସ୍ପାତ ପ୍ରକଳ୍ପ ସ୍ଥଳ ବୁଲି ଦେଖିଲେ ଏଲ୍.ଏନ୍.ମିତ୍ତଲ

**ମହାକାଳପଡ଼ା,୨୧।୮(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବଟିଘର ପଞ୍ଚାୟତର ବଡ଼ ରୁବି, ସାନ ରୁବି, ନିପାଣିଆ ଆଦି କୌଣସି ଏକ ସ୍ଥାନରେ ଆର୍ସେଲର ମିତ୍ତଲ ପକ୍ଷରୁ ମେଗା ଇସ୍ପାତ କାରଖାନା ନିର୍ମାଣ ହେବ। ପ୍ରସ୍ତାବିତ ଉପରୋକ୍ତ ସ୍ଥାନଗୁଡ଼ିକୁ ଶନିବାର ଅପରାହ୍ନରେ ବୁଲି ଦେଖିଛନ୍ତି କମ୍ପାନୀ ଅଧ୍ୟକ୍ଷ ଏଲ୍.ଏନ୍. ମିତ୍ତଲ। ସେ ଏକ ସ୍ୱତନ୍ତ୍ର ବୋଟ୍‌ରେ ମହାନଦୀ କୂଳରେ ଥିବା ବିଭିନ୍ନ ସ୍ଥାନ ବୁଲି ଦେଖିଛନ୍ତି। ମିତ୍ତଲ ପ୍ରଥମେ ପାରାଦୀପ ବନ୍ଦରରେ ପହଞ୍ଚିବା ପରେ ଏକ ସ୍ୱତନ୍ତ୍ର ବୋଟ୍‌ରେ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲେ।

ସୂଚନାଯୋଗ୍ୟ, ୫୦ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ମେଗା ଇସ୍ପାତ କାରଖାନା ପାଇଁ ରାଜ୍ୟ ସରକାରଙ୍କ ସହିତ କମ୍ପାନୀ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଏ ନେଇ ମହାକାଳପଡ଼ାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପ୍ଲାଣ୍ଟ ପ୍ରତିଷ୍ଠା ହେଲେ ଉପରୋକ୍ତ ଅଞ୍ଚଳର ବହୁ ବେକାର ଯୁବତୀ ଯୁବକ, ଶ୍ରମିକମାନେ ସିଧାସଳଖ ନିଯୁକ୍ତି ପାଇବେ। ବଟିଘର ଅଞ୍ଚଳରେ ବହୁ ସରକାରୀ ଜମି ରହିଛି। ବିଦେଶକୁ ଇସ୍ପାତ ରପ୍ତାନି ପାଇଁ ପାରାଦୀପ ବନ୍ଦର ରହିଥିବାରୁ ସେହି ଅଞ୍ଚଳ ଲୋକଙ୍କ ଆର୍ଥିକ ବିକାଶ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ୨୪ ଘଣ୍ଟା ପରେ ବି ରହସ୍ୟରେ ଛାତ୍ରୀ ମୃତ୍ୟୁ

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

### ଫାର୍ମହାଉସ୍ ପୋଖରୀରୁ ମୃତଦେହ ଜବତ ଘଟଣା

ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁରସ୍ଥିତ ଏକ ଫାର୍ମ ହାଉସ୍ ପୋଖରୀରୁ ସନ୍ଦେହଜନକ ଅବସ୍ଥାରେ ଜଣେ ଛାତ୍ରୀଙ୍କ ମୃତଦେହ ଜବତ ଘଟଣାକୁ ଇତିମଧ୍ୟରେ ୨୪ ଘଣ୍ଟା ବିତିଛି। ତାଙ୍କର ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଶବ ବ୍ୟବଚ୍ଛେଦର ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି ବୋଲି ଜୋନ୍-୬ ଏସିପି ପ୍ରକାଶ ପାଲ ଶନିବାର ସୂଚନା ଦେଇଛନ୍ତି। ହେଲେ ପାଣିକୁ ଡେଇଁ ଛାତ୍ରୀଜଣକ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ପାଣିରେ ବୁଡ଼ାଇ ମାରିଦିଆଯାଇଛି ତାହାର କାରଣ ସ୍ପଷ୍ଟ କରିପାରୁନି କମିଶନରେଟ ପୋଲିସ। ମୃତ୍ୟୁର ରହସ୍ୟ ପାଇବା ପାଇଁ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। କିନ୍ତୁ ପାରିପାର୍ଶ୍ୱିକ ସ୍ଥିତି ଓ ମୃତା ଛାତ୍ରୀଙ୍କୁ ନେଇ ପରିବାର ଲୋକଙ୍କ ବୟାନକୁ ତର୍ଜମା କଲେ ଅନେକ ରହସ୍ୟ ଉଙ୍କି ମାରୁଛି। ମୃତା କାମିନୀ ପ୍ରିୟଦର୍ଶିନୀ(୧୮) ଜଣେ ମେଧାବୀ ଛାତ୍ରୀ ଥିଲେ। ହେଲେ ଜେଇଇରେ ମାର୍କ କମ୍ ରହିବାରୁ ସେ ମନଦୁଃଖରେ ରହୁଥିଲେ। ଏଥିପାଇଁ ଯେ ଜଣେ ମେଧାବୀ ଛାତ୍ରୀ ଆତ୍ମହତ୍ୟା ଭଳି ପନ୍ଥାକୁ ଆପଣାଇବେ ତାହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ସ୍ଥାନୀୟ ଓ ପରିବାରେ ଲୋକେ। ପୁଣି ଯେଉଁ ଫାର୍ମ ହାଉସ ପୋଖରୀରେ ତାଙ୍କର ମୃତଦେହ ମିଳିଛି ସେଠାକୁ ସେ ପୂର୍ବରୁ କେବେ ବି ଆସି ନ ଥିଲେ। ବିଳମ୍ବିତ ରାତିରେ ଯଦି ସେ ଆତ୍ମହତ୍ୟା କରିବାକୁ ଘରୁ ବାହାରିଥିଲେ, ସେ ଘର ନିକଟ ପୋଖରୀକୁ ନ ଡେଇଁ ୫୦୦ ମିଟର ଦୂର ଫାର୍ମ ହାଉସ ପୋଖରୀକୁ ସେ କାହିଁକି ଗଲେ। ଏପରିକି ୧୦ ଫୁଟ ଉଚ୍ଚର ପାଚେରିକୁ କାମିନୀ କିପରି ଡେଇଁଲେ ତାହା ଏବେ ପରିବାର ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି। ଅନ୍ୟପକ୍ଷରେ ଏସିପି ପାଲ କହିଛନ୍ତି, ମୃତଦେହ ଜବତବେଳେ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିଲା। ମୃତ୍ୟୁର କାରଣ ନେଇ ସ୍ପଷ୍ଟ ଚିତ୍ର ଜଣାପଡି ନ ଥିଲେ ମଧ ଅଧିକ ତଥ୍ୟ ପାଇଁ ରାଜ୍ୟ ଫରେନ୍‌ସିକ୍ ଲାବରେ ମୃତଦେହର ଭିସେରା ଓ ଡାଏଟମ୍ ଟେଷ୍ଟ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, କାମିନୀଙ୍କ ଘର ରାୟଗଡା ସଦର ଥାନା ମାଳିସାହି ଅଞ୍ଚଳରେ ହୋଇଥିବାବେଳେ ସେ ମା'ବାପାଙ୍କ ସହ ରଘୁନାଥପୁରରେ ଭଡ଼ା ଘରେ ରୁହୁଥିଲେ। ତାଙ୍କ ବାପା ରମେଶ ଭୁବନେଶ୍ୱରସ୍ଥିତ ଏକ ପ୍ରତିଷ୍ଠିତ ଇଞ୍ଜିନିୟରିଂ କଲେଜର ପ୍ରଫେସର ଅଛନ୍ତି। କାମିନି ଗୁରୁବାର ରାତିରେ ଖାଇସାରିବା ପରେ ତାଙ୍କ ରୁମ୍‌କୁ ଯାଇ ଶୋଇଥିଲେ। ସକାଳୁ ନିକଟ ଫାର୍ମ ହାଉସ୍ ପୋଖରୀରେ ତାଙ୍କ ମୃତଦେହ ମିଳିଥିଲା।

# ଦାବି, ଇଚ୍ଛା, ଆଶା ପୂରଣର ଆଶ୍ୱାସନା




ନବରଙ୍ଗପୁରରେ ମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି।

**ନବରଙ୍ଗପୁର,୨୧।୮(ବି.ପ୍ର.)**

### ନବରଙ୍ଗପୁରରେ ରେଳମନ୍ତ୍ରୀ

- ନବରଙ୍ଗପୁର-ଜୟପୁର ରେଳପଥ ପାଇଁ ଜିଲାପାଳଙ୍କ ସହ ଆଲୋଚନା

ଓଡ଼ିଶାରେ ରେଳ, ରାସ୍ତା ସଂଯୋଗୀକରଣ, ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବିକାଶ କିଭଳି ହେବ, ତାହା ଦେଖିବା ପାଇଁ ଆସିଛି। ନବରଙ୍ଗପୁର-ଜୟପୁର ରେଳପଥ ପାଇଁ ପ୍ରକଳ୍ପ ଅନୁମୋଦନ ହୋଇ ରହିଛି। ଜିଲାପାଳଙ୍କ ସହ ଆଲୋଚନା କରିଛି। ରାଜ୍ୟ ସରକାରଙ୍କ ସହ ମଧ ଆଲୋଚନା କରିବି। ଯଥାଶୀଘ୍ର ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପନ୍ନ କରନ୍ତୁ। ବର୍ଷବର୍ଷ ଧରି ଯେଉଁ ଦାବି, ଇଚ୍ଛା ଓ ଆଶା ରହିଛି ତାହା ପୂରଣ ହେବ ବୋଲି ନବରଙ୍ଗପୁର ଗସ୍ତରେ ଆସି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

ରେଳମନ୍ତ୍ରୀ ୧୨ଟା ବେଳକୁ କୋରାପୁଟ ଜିଲାରୁ ନବରଙ୍ଗପୁରକୁ ଆସିଥିଲେ। ଇନ୍ଦ୍ରାବତୀ ନିକଟରେ ତାଙ୍କୁ ଗୋଣ୍ଡ, ମାଡ଼ିଆ ଓ ପାରମ୍ପରିକ ବାଦ୍ୟ ନୃତ୍ୟ ତାଳେତାଳେ ସ୍ୱାଗତ କରାଯାଇଛି। ସହରରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରୁ ସର୍କିଟ ହାଉସ୍‌କୁ ଯାଇ ଜିଲାପାଳଙ୍କ ସହ ରେଳ ଲିନ୍ ପାଇଁ ଜମି ଅଧିଗ୍ରହଣ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୟରେ ଜିଲାପାଳଙ୍କ ସମେତ ଏସ୍‌ପି ପି.ଏସ୍. ପୁରୋଷତ୍ତମଦାସ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲା ଭାଜପା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ପର୍ଶୁରାମ ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି, ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ସମ୍ପାଦକ ସୀମାଞ୍ଚଳ ଖଟେଇ, ଜିଲା ଯୁବ ମୋର୍ଚ୍ଚା ପ୍ରଭାରୀ କାହ୍ନୁ ଦାଶ, ପୂର୍ବତନ ଜିଲା ସଭାପତି ଗୋବିନ୍ଦ ଜୈନ, ରାଜ୍ୟ ଉପସଭାପତି ଗୋଲୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ସେଠାରୁ ପାପଡାହାଣ୍ଡି ଶହୀଦ ମୀନାରକୁ ଯାଇ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସେଠାରୁ ସେ କଳାହାଣ୍ଡି ଗସ୍ତ କରିଥିବା ସୂଚନା ମିଳିଛି।

# ୨୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଖସିଗଲେ ୩ ବେପାରୀ

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ବୌଦ୍ଧ ଜିଲା କଣ୍ଟାମାଳ ଥାନାଞ୍ଚଳରେ ଗଞ୍ଜେଇ ଚୋରା ଚାଲାଣବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ସ୍ଥାନୀୟ ପୋଲିସ ସହାୟତାରେ ଚଢାଉ କରି ୨୫୩ କେଜି ଗଞ୍ଜେଇ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ୩୦ ହଜାର ଟଙ୍କା ହେବ। ଏନେଇ କଣ୍ଟାମାଳ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (୧୦୯/୨୧) ରୁଜୁ ହୋଇଛି। ତେବେ ତେବେ ଚଢ଼ାଉବେଳେ ୩ଜଣ ବେପାରି ଖସିଯାଇଛନ୍ତି। ଏମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି। ସୂଚନା ଅନୁଯାୟୀ, ଶୁକ୍ରବାର ରାତିପ୍ରାୟ ୧୦ଟାରେ ଟିକ୍ରାପଡା ବ୍ରିଜ ନିକଟରେ ୩ଜଣ ବେପାରୀ ୧୦ଟି ବସ୍ତାରେ ଗଞ୍ଜେଇ ଭର୍ତ୍ତି କରି ଚାଲାଣ ପାଇଁ ଯୋଜନା କରୁଥିଲେ। ଏନେଇ ଖବର ପାଇବା ପରେ ଏସ୍‌ଟିଏଫ୍ ଓ ସ୍ଥାନୀୟ ପୋଲିସକୁ ନେଇ ଗଠିତ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଉକ୍ତ ସ୍ଥାନଟି ଅନ୍ଧାରିଆ ହୋଇଥିବାବେଳେ ପୋଲିସ ଗାଡ଼ି ଦେଖି ବେପାରିମାନେ ଗଞ୍ଜେଇ ଛାଡି ରାସ୍ତା ପାର୍ଶ୍ୱ ବିଲ ଭିତରେ ପଶି ଦୌଡ଼ିଥିଲେ। ପୋଲିସ ତାଙ୍କୁ ଧରିବା ପାଇ ପଛା କରିଥିଲେ ବି ସେମାନେ ଫେରାର ହେବାରେ ସଫଳ ହୋଇଥିଲେ।



ଜବତ ଗଞ୍ଜେଇ।

# 'ପୀଡ଼ିତାଙ୍କୁ ତୁରନ୍ତ କ୍ଷତିପୂରଣ ଦିଅ'

**ପୁରୀ ଅଫିସ,୨୧।୮**

### ଚନ୍ଦନପୁର ବଳାତ୍କାର ଘଟଣା

- ପୁରୀ ପ୍ରଶାସନକୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଚନ୍ଦନପୁର ନାବାଳିକା ବଳାତ୍କାର ଘଟଣାରେ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ପୁରୀ ଜିଲାପାଳଙ୍କୁ ନୋଟିସ୍ କରିଛନ୍ତି। ରାଜ୍ୟ ସରକାରଙ୍କ ପୀଡ଼ିତା କ୍ଷତିପୂରଣ ଯୋଜନା ମାଧ୍ୟମରେ ପୀଡ଼ିତାଙ୍କୁ କ୍ଷତିପୂରଣ ଦିଆଯାଇ ନ ଥିବା ଦର୍ଶାଇ ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ପୂର୍ବରୁ ଗତ ଜୁନ୍ ୨୧ରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେ ନେଇ ରିପୋର୍ଟ ମାଗିଥିଲେ। ପୀଡ଼ିତାଙ୍କୁ କ୍ଷତିପୂରଣ ମିଳିଛି କି ନାହିଁ ସେନେଇ ତଥ୍ୟ ପ୍ରମାଣ ରଖିବା ପାଇଁ ରିପୋର୍ଟରେ ନିର୍ଦ୍ଦେଶ ରହିଥିଲା। ଏହାପରେ ଜୁଲାଇ ୨୮ରେ କମିଶନଙ୍କ ନିକଟରେ ପୁରୀ ଏସ୍‌ପିଙ୍କ ପକ୍ଷରୁ ଏକ ରିପୋର୍ଟ ଦାଖଲ କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣକୁ ଏ ସଂକ୍ରାନ୍ତ ସୂଚନା ଦିଆଯାଇଥିବା ଏସ୍‌ପି ରିପୋର୍ଟରେ ଦର୍ଶାଇଥିଲେ। ତେବେ ଏପର୍ଯ୍ୟନ୍ତ ପୀଡ଼ିତାଙ୍କ ପରିବାରକୁ କ୍ଷତିପୂରଣ ମିଳିନାହିଁ। ଜିଲାପାଳ ଏବଂ ଏସ୍‌ପିଙ୍କୁ ଏଥିଲାଗି କମିଶନ ୪ସପ୍ତାହ ସମୟ ଦେଇଛନ୍ତି। ୪ ସପ୍ତାହ ମଧରେ ସମ୍ପୃକ୍ତ ପୀଡ଼ିତାଙ୍କ ପରିବାରକୁ କ୍ଷତିପୂରଣ ଦେଇ ତଥ୍ୟ ସମ୍ବଳିତ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୪ ସପ୍ତାହ ମଧରେ କ୍ଷତିପୂରଣ ନ ଦେଲେ ଉଭୟଙ୍କୁ ମାନବ ଅଧିକାର ସୁରକ୍ଷା ଆଇନ ୧୯୯୩, ଧାରା ୧୩ ପିଏଚ୍‌ଆର୍ ଅନୁଯାୟୀ କମିଶନଙ୍କ ନିକଟରେ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି।

# ବିଚାରାଧୀନ କଏଦୀଙ୍କ ମୃତ୍ୟୁ

**କେନ୍ଦୁଝର, ୨୧।୮(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜେଲରେ ଶନିବାର ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତେଲକୋଇ ବ୍ଲକ କାଳିମା ଗ୍ରାମର କୀର୍ତ୍ତନ କିଷାନ (୬୫)। ଜେଲ ଅଧୀକ୍ଷକ କୁଆଁର ମାରାଣ୍ଡିଙ୍କ ସୂଚନା ଅନୁଯାୟୀ, କୀର୍ତ୍ତନ ସକାଳେ ପାଣି ପିଇବା ପାଇଁ ଗ୍ଲାସ ଧରି ଯାଉଥିବାବେଳେ ଗୋଡ଼ ଖସିଯିବାରୁ ତଳେ ପଡିଯାଇଥିଲେ। ମାର୍ବଲରେ ମାଡ଼ ହୋଇ ତାଙ୍କ ମୁଣ୍ଡ ଓ କାନରେ ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ ଚଳାଇଛି। ଉଲ୍ଲେଖଯୋଗ୍ୟ, ୨୦୧୮ ଡିସେମ୍ବର ୧୨ରେ ଜ୍ୱାଇଁ ହତ୍ୟା ମାମଲାରେ ସ୍ତ୍ରୀ ଓ ଦୁଇ ପୁଅଙ୍କ ସହ କୀର୍ତ୍ତନ ଗିରଫ ହୋଇ କେନ୍ଦୁଝର ଜେଲରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। ତାଙ୍କର ଗୋଟିଏ ପୁଅ ନିକଟରେ ଜାମିନରେ ଯାଇଥିବାବେଳେ ଅନ୍ୟ ୩ ଜଣ ଜେଲରେ ଅଛନ୍ତି।

# ଲିଙ୍ଗରାଜଙ୍କ ପବିତ୍ରାରୋପଣ ଯାତ୍ରାପୂଜା ବନ୍ଦ

**ପୁରୁଣା ଭୁବନେଶ୍ୱର,୨୧।୮(ଡି.ଏନ୍.ଏ.)**



ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ରାରୋପଣ ଯାତ୍ରାପୂଜାରେ ଶନିବାର ପୂଜାପଣ୍ଡା ଓ ବଡୁ ସେବାୟତଙ୍କ ମଧ୍ୟରେ ପଇତା ଲାଗିକୁ ନେଇ ବିବାଦ ଉପୁଜିବାରୁ ଠାକୁରଙ୍କ ଦୈନିକ ନୀତି ୩ ଘଣ୍ଟା ବିଳମ୍ବ ହୋଇଥିଲା। ଏଥିସହ ପରମ୍ପରାଭିତ୍ତିକ ପବିତ୍ରାରୋପଣ ଯାତ୍ରା ପୂଜା ମଧ ବନ୍ଦ ରହିଛି। ସୂଚନା ମୁତାବକ, ପ୍ରାତଃରୁ ଠାକୁରଙ୍କ ଆଳତି, ଅବକାଶ ସରିବା ପରେ ରୋଷହୋମ କରାଯାଇ ଅନ୍ୟାନ୍ୟ ନୀତି କରାଯାଇଥିଲା। ଭୋଗମଣ୍ଡପ ପରେ ପୁନଃ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜା କରାଯାଇ ଯାତ୍ରା ପୂଜା ବେଶ କରାଯାଇଥିଲା। ବେଶ ସରିବା ପରେ ପତ୍ରୀ ସେବକ ଭଣ୍ଡାରଘରୁ ରୁପା ଥାଳିରେ ୨୭ଟି ପଇତା ଧରି ଶ୍ରୀଜୀଉଙ୍କ ନିକଟକୁ ଆସିଥିଲେ। କିନ୍ତୁ ବଡୁ ସେବକ ପାଳିଆ ପୂଜାପଣ୍ଡା ସେବାୟତଙ୍କୁ ପଇତା ଲାଗି କରିବାକୁ ବିରୋଧ କରିଥିଲେ। ବଡୁ କିମ୍ବା ପୂଜାପଣ୍ଡା ସେବାୟତ ପଇତା ଲାଗି ନ କରିବାରୁ ପତ୍ରୀ ସେବକ ଉକ୍ତ ପଇତା ଥାଳିକୁ ଭଣ୍ଡାର ମେକାପଙ୍କ ଜିମା ଦେଇଥିଲେ। ଫଳରେ ଅପରାହ୍ନ ୧ଟା ୩୦ରେ ଠାକୁରଙ୍କ ନୀତି ବନ୍ଦ ରହିଥିଲା। ଏହା ପରେ ମନ୍ଦିର ପ୍ରଶାସନ ପକ୍ଷରୁ ଉଭୟ ସେବାୟତଙ୍କ ସହ ୩ ନିଯୋଗ ସମ୍ପାଦକ ମଧ୍ୟରେ ମନ୍ଦିର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ସମୟ ବିଚାର ବିମର୍ଶେ ପରେ କୌଣସି ନିର୍ଯାସ ବାହାରି ପାରି ନ ଥିଲା। ଫଳରେ ଜିଲାପାଳଙ୍କ ଆଦେଶ ଅବମାନନା ହୋଇଛି। ଏହା ପରେ ପଇତା ଲାଗି, ଯାତ୍ରା ପୂଜା ବନ୍ଦ କରାଯାଇ ପରବର୍ତ୍ତୀ ନୀତି ଆରମ୍ଭ କରାଯାଇଥିଲା। ପବିତ୍ରାରୋପଣ କାର୍ଯ୍ୟକାରୀ ହେବା ନେଇ ପରବର୍ତ୍ତୀ ସମୟରେ ଦେବୋତ୍ତର କମିଶନରଙ୍କ କୋର୍ଟଙ୍କଠାରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ଧାରା ୪୧ରେ ମାମଲା ରୁଜୁ କରିବେ ବୋଲି ପ୍ରସ୍ତାବ ଦିଆଯାଇଥିବା ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି।

**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Ltd.)
Gondwana Place, Kanke Road, Ranchi-834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**."

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in

Bid identification no:- VI-36(08)/SERIFED/2021-22/700 DT.21.08.2021

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in double cover system in ONLINE MODE only, for the work **"Installation of C.C Camera" at 40 nos. of Sales Branches of Boyanika at different places of Odisha and C.C Camera at Central Godown & Head Office in the office premises of Boyanika, Bhubaneswar.** The bid document such as DTCN/BOQ etc. can be seen/downloaded from the government website: **www.tendersodisha.gov.in** during the period dt. **26.08.2021 to 17.00 hours up to dt. 13.09.2021.** Online bids shall be received till **17.00 hours dt. 13.09.2021 &** shall be opened at **11.30 AM on Dt. 14.09.2021.** Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR

**୨୩ରେ ବନ୍ଦ ରହିବ ସମସ୍ତ ଗହଣା ଦୋକାନ**

କଟକ ଅଫିସ- ଆସନ୍ତା ୨୩ ତାରିଖରେ ରାଜ୍ୟର ସମସ୍ତ ଗହଣା ଦୋକାନ ବନ୍ଦ ରହିବ। ଓଡ଼ିଶା ଜୁଏଲର୍ସ ଆସୋସିଏଶନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଉକ୍ତଦିନ ସର୍ବଭାରତୀୟ ସ୍ତରରେ ହେବାକୁ ଥିବା ପ୍ରତୀକାତ୍ମକ ଆନ୍ଦୋଳନକୁ ଓଡ଼ିଶା ଜୁଏଲର୍ସ ଆସୋସିଏଶନ ପୂର୍ଣ୍ଣ ସମର୍ଥନ ଦେବାକୁ ଶନିବାର ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ଆସୋସିଏଶନ ସଭାପତି ସଞ୍ଜୟ ସାହୁ କହିଛନ୍ତି, ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ୍ (ବିଆଇଏସ୍) ପକ୍ଷରୁ ହଲ୍‌ମାର୍କ ୟୁନିକ ଆଇଡେଣ୍ଟିଫିକେଶନ (ଏଚ୍‌ୟୁଆଇଡି)କୁ ମନମୁଖି ଭାବେ ସିକ୍ସ ଡିଜିଟ କରାଯାଇଛି। ଏହାକୁ ବିରୋଧ କରି ବନ୍ଦ ଡାକରା ଦିଆଯାଇଛି। ରାଜ୍ୟର ସମସ୍ତ ଜିଲାରେ ଥିବା ଗହଣା ଦୋକାନୀ ଏଥିରେ ସାମିଲ ହୋଇ ବନ୍ଦକୁ ସଫଳ କରିବାକୁ ସାହୁ ଆହ୍ୱାନ ଦେଇଛନ୍ତି।

# ଐତିହ୍ୟ ଘୋଡ଼ାର ପାର୍ଶ୍ୱ ସ୍ଥାପତ୍ୟ ହଟିଲା

## ସ୍ଥାନାନ୍ତରବେଳେ ଭାଙ୍ଗିଲା ନର୍ତ୍ତକୀ ମୂର୍ତ୍ତି

- ମାଷ୍ଟରକ୍ୟାଣ୍ଟିନରୁ ରାମମନ୍ଦିର ରାସ୍ତାରେ ସ୍ଥାପନ ହେବ
- ଘୋଡା ଚାରିପାଖରେ ହେବ ଲାଇଟିଂ ବ୍ୟବସ୍ଥା
- ପଥର ଆନିମେଶନରେ ସ୍ଥାନ ପାଇବ ଓଡ଼ିଶାର କଳାକୃତି
- ରଘୁନାଥଙ୍କ ପରିବାରରୁ କେହି ମରାମତି କରିବାକୁ ସୁଦର୍ଶନଙ୍କ ନିବେଦନ



**ଭୁବନେଶ୍ୱର, ୨୧।୮ (ବ୍ୟୁରୋ)**



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଗୋଲେଇ ଛକରେ ଥିବା ଐତିହ୍ୟ ଘୋଡା ଓ ଯୋଦ୍ଧା ସ୍ଥାପତ୍ୟ ସ୍ଥାନାନ୍ତର ନିଷ୍ପତ୍ତିରେ ପୂର୍ଣ୍ଣଚ୍ଛେଦ ପଡିବା ପରେ ଏଠାରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଘୋଡ଼ା ରହିଲେ ମଧ୍ୟ ଏହା ଚାରିପାର୍ଶ୍ୱରେ ଥିବା ନର୍ତ୍ତକୀ ମୂର୍ତ୍ତି ଓ ସ୍ଥାପତ୍ୟକୁ ହଟାଯାଉଛି। ଏଥିପାଇଁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ (ବିଏସ୍‌ସିଏଲ୍) ପକ୍ଷରୁ ଶନିବାର ମାଟି ଖୋଳାଯାଇ ସେସବୁକୁ ବାହାର କରାଯାଇ ଗୋଟିଏ ସ୍ଥାନରେ ରଖାଯାଇଛି। ତେବେ ଏହି ସମୟରେ ଏକ ନର୍ତ୍ତକୀ ମୂର୍ତ୍ତି ଅଧାରୁ ଭାଙ୍ଗିଯାଇଛି। ପରେ ଏହାକୁ ଅଠାଦେଇ ଯୋଡାଯାଇଛି। ଏସବୁ ମୂର୍ତ୍ତି ମାଷ୍ଟରକ୍ୟାଣ୍ଟିନରୁ ରାମମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା ମଝିରେ ସୌନ୍ଦର୍ଯ୍ୟକରଣ କରାଯାଇ ସେଗୁଡିକୁ ସ୍ଥାପନ କରାଯିବ।

ଐତିହ୍ୟ ଘୋଡ଼ା ସହ ଏ ସମସ୍ତ ସୌନ୍ଦର୍ଯ୍ୟକରଣ ପାଇଁ ସ୍ୱତନ୍ତ୍ର ନକ୍ସା ପ୍ରସ୍ତୁତ କରାଯାଇଛି। ସୌନ୍ଦର୍ଯ୍ୟକରଣର ପୂରା ଦାୟିତ୍ୱ ନେଇଛନ୍ତି ବିଶିଷ୍ଟ ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ। ଆସନ୍ତା ଅଢେଇ ମାସ ମଧ୍ୟରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ସ୍ମାର୍ଟସିଟିରେ ସୌନ୍ଦର୍ଯ୍ୟରେ ଆଉ ଏକ ଫର୍ଦ୍ଦ ଯୋଡିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ମୂର୍ତ୍ତିଗୁଡିକରେ ଶିଉଳି ମାଡି ଯାଇଛି। କେତେକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଘୋଡ଼ା ମରାମତି ସହ ଏହାର ଚାରିପାଖରେ ଲାଇଟିଂର ବ୍ୟବସ୍ଥା ହେବ। ମୂର୍ତ୍ତି ସଂଲଗ୍ନ ଚଟାଣକୁ ସମତୁଲ କରାଯିବା ପରେ ସେଠାରେ ସୌନ୍ଦର୍ଯ୍ୟକରଣ କାମ ହେବ। ସେହିପରି ଘୋଡାର ଚାରିପାର୍ଶ୍ୱରେ ପଥରରେ ଆନିମେଶନ ହୋଇ ଓଡ଼ିଶାର ସୁନ୍ଦର କଳାକୃତି କରାଯିବ। ସମସ୍ତ ମୂର୍ତ୍ତିର ମରାମତି କାମ ହୋଇ ପୁନରୁଦ୍ଧାର ଆରମ୍ଭ କରାଯାଇଛି। ମରାମତି ପରେ ରଙ୍ଗ ଦେଇ ସେଗୁଡିକୁ ପୁନଃସ୍ଥାପନ କରାଯିବ। କାମ ସରିବା ପରେ ଐତିହ୍ୟର ପ୍ରତୀକ ଏହି ମୂର୍ତ୍ତିକୁ ସହରବାସୀ ଏକ ନୂତନ ରୂପରେ ଦେଖିବାକୁ ପାଇବେ। ବହୁ ବାଦବିବାଦ ପରେ ମୂର୍ତ୍ତିକୁ ସେହି ସ୍ଥାନରେ ରଖାଯାଇଥିବାରୁ ପଦ୍ମବିଭୂଷଣ ସୁଦର୍ଶନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଘୋଡାର ଅବସ୍ଥା ଭଲ ନ ଥିବାରୁ ତୁରନ୍ତ ଏହାର ମରାମତି ଆବଶ୍ୟକ। ତେଣୁ ରଘୁନାଥଙ୍କ ପରିବାରରୁ କେହି ଏହାକୁ ମରାମତି କରିବା ପାଇଁ ସୁଦର୍ଶନ ନିବେଦନ କରିଛନ୍ତି। ଏହାଦ୍ୱାରା ରଘୁନାଥ ମହାପାତ୍ରଙ୍କ ସ୍ମୃତି ଚିରଦିନ ପାଇଁ ଉଜ୍ଜୀବିତ ହୋଇ ରହିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବିଶିଷ୍ଟ ପ୍ରସ୍ତର ଶିଳ୍ପୀ ସ୍ୱର୍ଗତ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ନିର୍ମିତ ଐତିହ୍ୟ ଘୋଡା ଓ ଯୋଦ୍ଧା ସ୍ଥାପତ୍ୟ ୧୯୮୮ରେ ମାଷ୍ଟରକ୍ୟାଣ୍ଟିନ୍‌ରେ ସ୍ଥାପିତ୍ୟ ହୋଇଥିଲା। ସହରର ସୌନ୍ଦର୍ଯ୍ୟକରଣ ପାଇଁ ଏହି ମୂର୍ତ୍ତିକୁ ଅନ୍ୟତ୍ର ସ୍ଥାନାନ୍ତରଣ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଏହାକୁ ବିଭିନ୍ନ ମହଲରୁ ବିରୋଧ କରାଯିବା ପରେ ସେହି ସ୍ଥାନରେ ମୂର୍ତ୍ତି ରହିବ ବୋଲି ନିଷ୍ପତ୍ତି ନିଆଯାଇ ସୌନ୍ଦର୍ଯ୍ୟକରଣ ଆରମ୍ଭ ହୋଇଛି।





## ବିରୋଧ କଲା ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ



ଐତିହ୍ୟ ଘୋଡ଼ାର ପାର୍ଶ୍ୱ ମୂର୍ତ୍ତିଗୁଡ଼ିକ ସ୍ଥାନାନ୍ତରକୁ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଅଭିଯାନ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ କହିଛନ୍ତି, ମାଷ୍ଟରକ୍ୟାଣ୍ଟିନ୍‌ଠାରେ ସ୍ଥାପିତ ମୂର୍ତ୍ତିଗୁଡିକ ଓଡ଼ିଶାର ଐତିହ୍ୟ। ଆମ ଶାସନ ବ୍ୟବସ୍ଥା ଓ ଓଡ଼ିଆ ସାମରିକ ପରମ୍ପରାର ସଙ୍କେତ। ବହୁ ବଡ଼ ବଡ଼ ସହରର ପ୍ରମୁଖ ଛକରେ ସମ୍ପୃକ୍ତ ରାଜ୍ୟର ଐତିହ୍ୟ ସ୍ଥାନ ପାଇଥାଏ। ତେଣୁ ଐତିହ୍ୟ ଘୋଡ଼ା ଓ ଯୋଦ୍ଧା ସ୍ଥାନାନ୍ତରଣକୁ ବିରୋଧ କରାଯିବା ପରେ ମୁଖ୍ୟମନ୍ତ୍ରୀ ଏହାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେ ସ୍ମାର୍ଟସିଟି ପକ୍ଷରୁ ଘୋଡା ଚାରିପାଖରେ ଥିବା ମୂର୍ତ୍ତିଗୁଡିକୁ ଉଠାଯାଇଛି। କ୍ରେନ୍ ଲଗାଇ ସ୍ଥାନାନ୍ତରଣ ସମୟରେ ମୂର୍ତ୍ତି ମଧ୍ୟ ଭାଙ୍ଗିଯାଇଛି। ଏହାଦ୍ୱାରା ଐତିହ୍ୟ ନଷ୍ଟ ହେବା ସହ ସମ୍ପୃକ୍ତ ଅଞ୍ଚଳ ସଂକୁଚିତ କରିବାକୁ ପ୍ରୟାସ କରାଯାଉଛି। ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକୁ ପ୍ରଶାସକମାନେ ବେଖାତିର କରୁଥିବା ସେ ଅଭିଯୋଗ କରିଛନ୍ତି।

# ଘରେ ପଶିଲା ହାତୀ, ବର୍ତ୍ତିଲା ପରିବାର

**ପରଜଙ୍ଗ, ୨୧।୮ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନରେ କିଛିଦିନ ବ୍ୟବଧାନରେ ପୁଣି ଥରେ ଗାଁ ମୁହାଁ ହୋଇଛନ୍ତି ହାତୀପଲ। ଶୁକ୍ରବାର ରାତିରେ ସାଆନ୍ଦା ବିଟ୍ ଅଧୀନ ବସନ୍ତାପଡ଼ା ବେହେରା ସାହିର ସୁଧାକର ବେହେରାଙ୍କ ଘର ଭିତରେ ହାତୀ ପଶି ଗଚ୍ଛିତ ଧାନ ଖାଇଯାଇଛନ୍ତି। ଏଥିସହ ଘର ଭାଙ୍ଗି ଦେଇଛନ୍ତି। ହାତୀଙ୍କ ଗର୍ଜନ ଶୁଣି ବାରଣ୍ଡାରେ ଶୋଇଥିବା ପରିବାର ଛାତ ଉପରକୁ ପଳାଇଥିଲେ। ଫଳରେ ସେମାନେ ବର୍ତ୍ତିଯାଇଛନ୍ତି। ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ହାତୀଙ୍କୁ ଘଉଡ଼ାଇଥିଲେ। ହାତୀପଲ ଜଙ୍ଗଲ ଛାଡ଼ି ଗ୍ରାମାଭିମୁଖୀ ହେଉଛନ୍ତି। ଚାଷଜମିରେ ବ୍ୟାପକ ଫସଲ ନଷ୍ଟ କରିବା ସହ ରାତିଅଧରେ ଜନବସତିରେ ପଶି ଆତଙ୍କ ସୃଷ୍ଟି କରୁଛନ୍ତି। ବନ ବିଭାଗ ହାତୀଙ୍କୁ ଘଉଡ଼ାଇବା ସହ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ଦେବାପାଇ କ୍ଷତିଗ୍ରସ୍ତମାନେ ଦାବି କରିଛନ୍ତି।

# ଆନ୍ଧ୍ର ଅଧିକାରୀଙ୍କୁ ଘେରିଲେ କୋଡାମ ପଞ୍ଚାୟତବାସୀ

**କୋରାପୁଟ, ୨୧।୮ (ସ୍ୱ.ପ୍ର.)**

ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ କୋଡାମ ପଞ୍ଚାୟତବାସୀଙ୍କ ଅନୁରୋଧକ୍ରମେ ଓଡ଼ିଶାର ୫ ବିଧାୟକଙ୍କ ସହଯୋଗରେ ନିର୍ମିତ ହେଉଥିବା ରାସ୍ତାକୁ ଆନ୍ଧ୍ର ବନ ବିଭାଗ କର୍ମଚାରୀ ପହଞ୍ଚି ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଦର୍ଶାଇ କାର୍ଯ୍ୟ ବନ୍ଦ କରିଥିଲେ। ଏହାକୁ କଡା ବିରୋଧ କରି ପ୍ରତିବାଦ କରିଛନ୍ତି କୋଡାମବାସୀ। ଆନ୍ଧ୍ରର ପୂର୍ବ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ଶୁକ୍ରବାର ଫାଟୁସିନେରିକୁ ପାବର୍ତୀପୁରମ ପ୍ରକଳ୍ପ ଅଧିକାରୀ (ପିଓ ଆଇଟିଡିଏ) ଆର୍.କୋର୍ମନାଥ ଅନୁଧ୍ୟାନ ଲାଗି ଯାଇଥିବାବେଳେ କୋଡାମ ପଞ୍ଚାୟତବାସୀ ତାଙ୍କୁ ବିରୋଧ କରି ଘେରାଉ କରିଥିଲେ। ରାସ୍ତା କାମ କାହିଁକି ବନ୍ଦ କରାଗଲା ବୋଲି ପଚାରିଥିଲେ। ଏସମ୍ପର୍କରେ ବନ ବିଭାଗ ସହ ଆଲୋଚନା କରିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନାଯୋଗ୍ୟ, କୋଟିଆକୁ କୋରାପୁଟ ଜିଲାର ୫ ବିଧାୟକ ଗସ୍ତ କରିଥିବା ବେଳେ କୋଡାମା ପଞ୍ଚାୟତକୁ ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତବାସୀ ବିଧାୟକମାନଙ୍କୁ ଅନୁରୋଧ କରିଥିଲେ। ପରେ କୋରାପୁଟ ଜିଲାର ସମ୍ପୃକ୍ତ ବିଧାୟକମାନେ ସହଯୋଗର ହାତ ବଢାଇ ପ୍ରତ୍ୟେକ ୧ ଲକ୍ଷ ଲେଖାଏ ଟଙ୍କା ଦେଇ ଉକ୍ତ ଗ୍ରାମକୁ ରାସ୍ତା କାମ ମଙ୍ଗଳବାର ଆରମ୍ଭ କରିଥିଲେ।



ପାବର୍ତୀପୁରମ ପ୍ରକଳ୍ପ ଅଧିକାରୀ ଆର୍.କୋର୍ମନାଥଙ୍କୁ ବିରୋଧ କରୁଛନ୍ତି ପଞ୍ଚାୟତବାସୀ।

## ଖେଳ ଖବର

# ହସରଙ୍ଗା, ଚାମିରାଙ୍କ ସହ ଆରସିବିର ଚୁକ୍ତି



ୱାନିନ୍ଦୁ ହସରଙ୍ଗା



ଦୁଷ୍ମନ୍ତ ଚାମିରା

**ନୂଆଦିଲ୍ଲୀ, ୨୧।୮**

- ସିଙ୍ଗାପୁର ଜନ୍ମିତ ଅଷ୍ଟ୍ରେଲିଆର ଟିମ୍ ଡେଭିଡ ଦଳରେ ସାମିଲ
- ମୁଖ୍ୟ କୋଚ୍ ପଦରୁ କାଟିଚ ଓହରିଲେ

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଅବଶିଷ୍ଟାଂଶ ପାଇଁ ଶ୍ରୀଲଙ୍କାର ଦୁଇ ଖେଳାଳି ୱାନିନ୍ଦୁ ହସରଙ୍ଗା ଓ ଦୁଷ୍ମନ୍ତ ଚାମିରା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳରେ ସାମିଲ ହୋଇଛନ୍ତି। ସେହିପରି ସିଙ୍ଗାପୁରଜନ୍ମିତ ଅଷ୍ଟ୍ରେଲିଆର ଟିମ୍ ଡାଭିଡ ମଧ୍ୟ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଦଳରେ ସ୍ଥାନ ପାଇଛନ୍ତି। ଅନ୍ୟପକ୍ଷରେ କେତେଜଣ ଖେଳାଳିଙ୍କୁ ଆରସିବି ଦଳରେ ଦେଖିବାକୁ ମିଳିବ ନାହିଁ। ସେମାନେ ହେଲେ ନ୍ୟୁଜିଲାଣ୍ଡର ଆଲେନ୍ ଫିନ୍, ସ୍କଟ କୁଗ୍‌ଲେଜିନ, ଅଷ୍ଟ୍ରେଲିଆର କେନ୍ ରିଚାର୍ଡଶନ୍, ଡାନିଏଲ ସାମ୍ସ ଓ ଆଡାମ ଜାମ୍ପା। କୋଚିଂ ଷ୍ଟାଫ୍‌ରେ ମଧ୍ୟ ବଡ଼ ଧରଣର ପରିବର୍ତ୍ତନ ହୋଇଛି। ମୁଖ୍ୟ କୋଚ୍ ପଦରୁ ସିମନ କାଟିଚ ଓହରି ଯାଇଛନ୍ତି। ପୂର୍ବରୁ ଡାଇରେକ୍ଟର ଅଫ୍ କ୍ରିକେଟ ଅପରେଶନ୍ସ ଦାୟିତ୍ୱରେ ଥିବା ମାଇକେ ହେସନ ଅତିରିକ୍ତ ଭାବେ ମୁଖ୍ୟ କୋଚ୍ କାର୍ଯ୍ୟ ମଧ୍ୟ କରିବେ।

"ଆମ ଦଳରେ ଅନେକ ପରିବର୍ତ୍ତନ କରାଯାଇଛି। କେତେକ ବିଦେଶୀ ଖେଳାଳିଙ୍କ ଅନୁପସ୍ଥିତିକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ହେସନ ଶନିବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଆଲେନ୍ ଫିନ୍ ଓ ସ୍କଟ ଗୁଗଲେଜିନ ନ୍ୟୁଜିଲାଣ୍ଡ ଟୁର୍ ପାଇଁ ଚୟନ ହୋଇଥିବାରୁ ଆରସିବି ପାଇଁ ଉପଲବ୍ଧ ହୋଇପାରିବେ ନାହିଁ। କେନ୍ ରିଚାର୍ଡସନ ଓ ଡାନିଏଲ ସାମ୍ସ ନିଜଆଡୁ ଅନୁପସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି। ତେଣୁ ଦଳୀୟ ସନ୍ତୁଳନରେ ନାଟକୀୟ ପରିବର୍ତ୍ତନ ଘଟିଛି। ୪-୫ ଦିନ ପୂର୍ବରୁ ଓପନ ହୋଇଥିବା ରିପ୍ଲେସମେଣ୍ଟ ୱିନ୍‌ଡୋ ବାଟଦେଇ ଆମେ କେତେକ ଖେଳାଳିଙ୍କୁ ଆଣିବାକୁ ବାଧ ହୋଇଛୁ ବୋଲି ହେସନ କହିଛନ୍ତି। ଆରସିବି ଦଳକୁ ଆସିଥିବା ଖେଳାଳିଙ୍କ ମଧ୍ୟରେ ହସରଙ୍ଗା ସବୁଠାରୁ ଚର୍ଚ୍ଚିତ ନାମ। ୨୪ ବର୍ଷୀୟ ଏହି ଲେଗ୍‌ସ୍ପିନ୍ ବୋଲିଂ ଅଲରାଉଣ୍ଡର ନିକଟ ଅତୀତରେ ଭଲ ସଫଳତା ପାଇଛନ୍ତି। ଗତ ଜୁଲାଇରେ ଭାରତୀୟ ଦଳ ସୀମିତ ଓଭର କ୍ରିକେଟ ଖେଳିବା ପାଇଁ ଶ୍ରୀଲଙ୍କା ଯାଇଥିବାବେଳେ ହସରଙ୍ଗା ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଦିନିକିଆରେ ସେ ୩ଟି ଉଇକେଟ ସହ ସିରିଜରେ ମୋଟ ୭ ଉଇକେଟ ହାସଲ କରିଥିଲେ। ସେହିପରି ଟି୨୦ ସିରିଜରେ ମଧ୍ୟ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ସିରିଜ ଶେଷରେ ହସରଙ୍ଗା ଆଇସିସି ର୍‍ୟାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନୀୟ ଟି୨୦ ବୋଲର ହେବାର ସୌଭାଗ୍ୟ ପାଇଥିଲେ।

ବିଦେଶୀ ଖେଳାଳିଙ୍କ ମଧ୍ୟ ଆଉ ଏକ ସ୍ଥାନ ପୂରଣ ହେବାକୁ ବାକି ରହିଛି। ସମୟ ଆସିଲେ ସେ ସମ୍ପର୍କରେ ଚିନ୍ତା କରାଯିବ। ମାତ୍ର ଆମେ ଯେତିକି ଖେଳାଳି ପାଇଛୁ ସେଥିରେ ଖୁସି ଅଛୁ। ୱାନିନ୍ଦୁ, ଚାମିରା ଓ ଡାଭିଡ ଜଣେ ଜଣେ ହାଇକ୍ୱାଲିଟି ଖେଳାଳି। ପୂର୍ବରୁ ଆମ ନିକଟରେ ଡି'ଭିଲର୍ସ, ମ୍ୟାକ୍ସୱେଲ, କାଏଲ ଜେମିସନ ଓ ଡାନିଏଲ କ୍ରିଷ୍ଟିଆନ ଥିବାରୁ ବିଦେଶୀ ଖେଳାଳିଙ୍କ ସଂଖ୍ୟା ୭ରେ ପହଞ୍ଚିଛି ବୋଲି ହେସନ କହିଛନ୍ତି।

ଆଇପିଏଲର ଦ୍ୱିତୀୟ ଚରଣ ୟୁନାଇଟେଡ ଆରବ ଏମିରେଟ୍ସରେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବ। ସମ୍ପ୍ରତି ଇଂଲଣ୍ଡରେ ଖେଳୁଥିବା ଆରସିବି ଖେଳାଳିଙ୍କ ବ୍ୟତୀତ ଅନ୍ୟମାନେ ବେଙ୍ଗାଲୁରୁଠାରେ ଶନିବାର ଏକତ୍ରିତ ହୋଇଥିବା ଆରସିବି ଉପସଭାପତି ରାଜେଶ ମେନନ ସୂଚନା ଦେଇଛନ୍ତି। ଏକ ସପ୍ତାହ କ୍ୱାରାଣ୍ଟାଇନ୍ ଅବଧି କଟାଇବା ପରେ ଅଗଷ୍ଟ ୨୯ରେ ସେମାନେ ଏକ ଚାର୍ଟାର୍ଡ ବିମାନରେ ଦୁବାଇ ଯିବା କାର୍ଯ୍ୟକ୍ରମ ରହିଛି। କ୍ୱାରାଣ୍ଟାଇନ୍ ସମୟରେ ୩ ଥର କୋଭିଡ୍ ଟେଷ୍ଟ ହେବ। ବିଦେଶୀ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ଅଗଷ୍ଟ ୨୯ରେ ୟୁଏଇରେ ପହଞ୍ଚି ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ଆଇପିଏଲର ଦ୍ୱିତୀୟ ଚରଣରେ ଆରସିବି ସେପ୍ଟେମ୍ବର ୨୦ରେ କୋଲକାତା ନାଇଟ ରାଇଡର୍ସ ସହିତ ଖେଳି ଅଭିଯାନ ଆରମ୍ଭ କରିବ।

## ଆଇପିଏଲ୍: ଏଲିସ୍ ପଞ୍ଜାବ କିଙ୍ଗ୍ସର ରିପ୍ଲେସମେଣ୍ଟ ଖେଳାଳି

**ନୂଆଦିଲ୍ଲୀ, ୨୧।୮ (ପି.ଟି.)**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ସେପ୍ଟେମ୍ବର ୧୯ରୁ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ର ବାକି ମ୍ୟାଚ୍‌ଗୁଡ଼ିକ ଖେଳାଯିବା ଆରମ୍ଭ ହେବ। ଏଥିପାଇଁ ପଞ୍ଜାବ କିଙ୍ଗ୍ସ ଦଳରେ ପରିବର୍ତ୍ତନ କରିଛି। ଅଷ୍ଟ୍ରେଲିଆ ଦ୍ରୁତ ବୋଲର ନାଥନ ଏଲିସ୍ ରିପ୍ଲେସମେଣ୍ଟ ଖେଳାଳି ଭାବେ ଦଳରେ ସାମିଲ ହୋଇଛନ୍ତି। ତେବେ ଆଇପିଏଲ୍‌ର ଏହି ସେକେଣ୍ଡ ଲେଗ୍‌ରେ ଦ୍ରୁତ ବୋଲର ରିଲେ ମେରିଡିଥ ଓ ଝେ ରିଚାର୍ଡସନ ପଞ୍ଜାବ ଦଳରୁ ବାଦ୍ ପଡିଛନ୍ତି। ଏଲିସ୍ କିଛିଦିନ ତଳେ ବାଂଲାଦେଶ ବିପକ୍ଷରେ ଟି୨୦ ଡେବ୍ୟୁ କରିଥିଲେ। ପଦାର୍ପଣ ମ୍ୟାଚ୍‌ରେ ସେ ହ୍ୟାଟ୍ରିକ ଉଇକେଟ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଖୁବ୍‌ଶୀଘ୍ର ଦଳରେ ଯୋଗ ଦେବେ। ଆଇପିଏଲ୍ ନିଲାମରେ ମେରେଡିଥ ଓ ରିଚାର୍ଡସନଙ୍କୁ ଯଥାକ୍ରମେ ୮ ଓ ୧୪ କୋଟି ଟଙ୍କାରେ କ୍ରୟ କରି ପଞ୍ଜାବ ସେତେବେଳେ ହଇଚଇ ସୃଷ୍ଟି କରିଥିଲା। ତେବେ ଆଇପିଏଲ୍-୧୪ରେ ପ୍ରଥମ ପର୍ଯ୍ୟାୟରେ ଏହି ଦୁଇ ଖେଳାଳି ଖରାପ ପ୍ରଦର୍ଶନ କରିଥିଲେ। ମେରେଡିଥ ୫ଟି ମ୍ୟାଚ୍‌ରେ କେବଳ ୪ଟି ଉଇକେଟ ଅକ୍ତିଆର କରିଥିଲେ। ସେହିପରି ୩ଟି ମ୍ୟାଚ୍ ଖେଳି ରିଚାର୍ଡସନ ମାତ୍ର ୩ଟି ଉଇକେଟ ଅକ୍ତିଆର କରିଥିଲେ। ଫିଟ୍‌ନେସ୍ କାରଣରୁ ଏହି ଦୁଇ ଖେଳାଳିଙ୍କୁ ଦଳରୁ ବାଦ୍ ଦିଆଯାଇଛି ବୋଲି ପଞ୍ଜାବ ଟିମ୍ ସିଇଓ ସତୀଶ ମେନନ କହିଛନ୍ତି। ଫଳରେ ରିପ୍ଲେସମେଣ୍ଟ ପାଇଁ ଆମେ ଏଲିସ୍‌ଙ୍କୁ ଦଳରେ ନେଇଛୁ। ସେହିପରି ଦ୍ୱିତୀୟ ରିପ୍ଲେସମେଣ୍ଟ ସମ୍ପର୍କରେ ଆମେ ଗୋଟିଏ କିମ୍ବା ୨ ଦିନ ମଧ୍ୟରେ ଘୋଷଣା କରିବୁ ବୋଲି ସେ କହିଛନ୍ତି। ଆଇପିଏଲ୍ ଖେଳାଳି ନିଲାମରେ ଏଲିସ୍ ଅନସୋଲ୍ଡ ରହିଥିଲେ। କିନ୍ତୁ ସେ ବାଂଲାଦେଶ ବିପକ୍ଷରେ ହ୍ୟାଟ୍ରିକ ଅର୍ଜନ କରିବା ପରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଏପରିକି ତାଙ୍କୁ ଆଗାମୀ ଟି୨୦ ବିଶ୍ୱକପ ପାଇଁ ଅଷ୍ଟ୍ରେଲିଆ ଦଳରେ ସାମିଲ କରିଛି। ସେ ରିଜର୍ଭ ଖେଳାଳି ଭାବେ ଦଳରେ ସାମିଲ ହୋଇଛନ୍ତି। ଏ ପର୍ଯ୍ୟନ୍ତ ୩୩ଟି ଟି୨୦ ମ୍ୟାଚ୍ ଖେଳି ନାଥନ ଏଲିସ୍ ୨୫ରନ ହାରରେ ୩୮ଟି ଉଇକେଟ ଅକ୍ତିଆର କରିଛନ୍ତି।

# ଇକୋର୍ସା, ରାଉରକେଲା, ଓଡ଼ିଶା ଗ୍ରୀନ୍, ବ୍ଲୁ, ଭାଓଲେଟ୍, ରେଡ୍ ବିଜୟୀ

**ଭୁବନେଶ୍ୱର, ୨୧।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ଆନ୍ତଃ ଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ମ୍ୟାଚ୍‌ଗୁଡିକରେ ଇକୋର୍ସା, ରାଉରକେଲା, ଓଡ଼ିଶା ଗ୍ରୀନ, ଓଡ଼ିଶା ବ୍ଲୁ, ଓଡ଼ିଶା ଭାଓଲେଟ ଓ ଓଡ଼ିଶା ରେଡ୍ ଦଳ ବିଜୟ ହାସଲ କରିଛନ୍ତି।

ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ ଇକୋର୍ସା ୧୮୧ ରନରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଟସ୍ ଜିତି ଇକୋର୍ସା ୫୦ ଓଭରରେ ୩ ଉଇକେଟ ହରାଇ ୨୯୫ ରନ କରିଥିଲା। ଦଳ ତରଫରୁ ଅଭିଷେକ କେ. ଯାଦବ ୯୧ ବଲରୁ ୧୧୪ ରନର ଶତକୀୟ ପାଳି ଖେଳିଥିଲେ। ଗିରିଜା ରାଉତ ୭୬ରନ ସଂଗ୍ରହ କରିଥିଲେ। ଜବାବରେ ଖୋର୍ଦ୍ଧା ୪୧ ଓଭରରେ ୧୧୪ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା।

ରେଭେନ୍ସା ଗ୍ରାଉଣ୍ଡରେ ଓଡ଼ିଶା ଗ୍ରୀନ ୮୭ ରନରେ ସୁନ୍ଦରଗଡ଼କୁ ହରାଇଛି। ଟସ୍ ହାରି ଗ୍ରୀନ ପ୍ରଥମେ ବ୍ୟାଟିଂ କରି ୪୪.୫ ଓଭରରେ ୧୭୩ ରନକରି ଅଲଆଉଟ ହୋଇଥିଲା। ସୁନ୍ଦରଗଡ଼ର ଗୋବିନ୍ଦ ପୋଦ୍ଦାର ସର୍ବାଧିକ ୬ ଉଇକେଟ ହାସଲ କରିଥିଲେ। ଜବାବରେ ସୁନ୍ଦରଗଡ଼ ୩୩.୪ ଓଭରରେ ୮୬ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଗ୍ରୀନ ତରଫରୁ ଦେବବ୍ରତ ପ୍ରଧାନ ସର୍ବାଧିକ ୫ ଉଇକେଟ ହାସଲ କରିଥିଲେ।

ରେଭେନ୍ସା ଗ୍ରାଉଣ୍ଡ-୨ରେ ଓଡ଼ିଶା ବ୍ଲୁ ୯ଉଇକେଟରେ ଓଡ଼ିଶା ୟେଲୋକୁ ହରାଇଛି। ଟସ୍ ଜିତି ୟେଲୋ ପ୍ରଥମେ ବ୍ୟାଟିଂ ୫୦ ଓଭରରେ ୭ ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲୁ ୩୯ ଓଭରରେ ୧ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ତରଫରୁ ସନ୍ଦୀପ ପଟ୍ଟନାୟକ ୯୩ ରନକରି ଅପରାଜିତ ରହି ଦଳକୁ ଜିତାଇଥିଲେ। ସେହିପରି ଆକାଶ ଚନ୍ଦ୍ର ନାୟକ ୬୮ ରନ ସଂଗ୍ରହ କରିଥିଲେ।

ବିଡ଼ାନାସୀ ଗ୍ରାଉଣ୍ଡରେ ଟସ୍ ଜିତି ରାଉରକେଲା ୫୦ ଓଭରରେ ୯ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରିଥିଲା। ଜବାବରେ ଝାରସୁଗୁଡା ୨୪.୨ ଓଭରରେ ୭୫ ରନକରି ଆଉଟ ହେବା ସହ ପରାସ୍ତ ହୋଇଥିଲା।

ନିମପୁର ଗ୍ରାଉଣ୍ଡରେ ଓଡ଼ିଶା ଭାଓଲେଟ ଡିଏଲ୍‌ଏସ୍ ମେଥଡରେ ୧୫୯ ରନରେ କଟକ-ଏ'କୁ ହରାଇଛି। ବର୍ଷା କାରଣରୁ ମ୍ୟାଚ୍‌କୁ ୪୬ ଓଭରରେ ସୀମିତ ରଖାଯାଇଥିଲା। ଟସ୍ ଜିତ ଭାଓଲେଟ ପ୍ରଥମେ ବ୍ୟାଟିଂକରି ୪୬ ଓଭରରେ ୯ ଉଇକେଟ ହରାଇ ୨୩୧ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅମିନ ଖାଁ ୫୮, ଶାନ୍ତନୁ ମିଶ୍ର ୫୧ ରନ ସଂଗ୍ରହ କରିଥିଲେ। କଟକର ଜାମଳ ମହାପାତ୍ର ୪, ତାପସ ଦାସ ୩ ଉଇକେଟ ନେଇଥିଲେ। ଜବାବରେ କଟକ ୨୬.୨ ଓଭରରେ ୭୨ ରନରେ ଅଲଆଉଟ ହୋଇ ପରାସ୍ତ ହୋଇଥିଲା।

ସନସାଇନ ଗ୍ରାଉଣ୍ଡରେ ଓଡ଼ିଶା ରେଡ ଡିଏଲ୍‌ଏସ୍ ମେଥଡରେ ୫୦ ରନରେ ଓଡ଼ିଶା ପିଙ୍କ୍‌କୁ ହରାଇଛି। ଟସ୍ ଜିତି ରେଡ ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୯ ଉଇକେଟ ହରାଇ ୨୪୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଅନୁରାଗ ଷଡଙ୍ଗୀ ୧୧୧ ବଲରୁ ୧୨୬ ରନର ଶତକୀୟ ପାଳି ଖେଳିଥିଲେ। ଜବାବରେ ପିଙ୍କ୍ ୨୮ ଓଭରରେ ୪ ଉଇକେଟ ହରାଇ ୧୩୦ ରନକରି ଅଲଆଉଟ ହୋଇ ପରସ୍ତ ହୋଇଥିଲା।



ଅଭିଷେକ ଯାଦବ



ଅନୁରାଗ ଷଡଙ୍ଗୀ

## ବନ୍ଧୁକ ଦେଖାଇ ସୁନାଚେନ୍ ଲୁଟ୍

**ବ୍ରହ୍ମପୁର ଅଫିସ:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ବିଦ୍ୟୁତପୁରୀ କଲୋନୀ ଛକରେ ଥିବା ଟାଟା ପାୱାର ବିଦ୍ୟୁତ୍ ବିଲ୍ କଲେକ୍ସନ୍ ସେଣ୍ଟରରୁ ମହିଳା କର୍ମଚାରୀଙ୍କ ସୁନା ଚେନ୍ ଲୁଟ୍ ହୋଇଛି। ଜଣେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ତାଙ୍କ ସୁନା ଚେନ୍ ଲୁଟ୍ କରିବା ସହ କ୍ୟାଶ୍ କାଉଣ୍ଟରରେ ଥିବା ୫୨୦ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବିଦ୍ୟୁତ୍ ବିଲ୍ କଲେକ୍ସନ୍ ସେଣ୍ଟରରେ ଶୈଳେଶ୍ରୀ ଦୋରା କାମ କରୁଛନ୍ତି। ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଜଣେ ଯୁବକ ଉକ୍ତ କଲେକ୍ସନ ସେଣ୍ଟରକୁ ଆସିଥିଲେ। ସେ ବିଲ୍ ଦେବା ବାହାନା କରି କାର୍ଯ୍ୟାଳୟରେ ପଶିଥିଲେ। ସେଠାରେ ଏକାକୀ ଥିବା ମହିଳା କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ଟଙ୍କା ଓ ସେ ପିନ୍ଧିଥିବା ସୁନା ଚେନ୍ ଝାମ୍ପି ନେଇଥିଲେ।

# ସ୍ମାର୍ଟ ହାଇସ୍କୁଲ ପ୍ରଥମ ପର୍ଯ୍ୟାୟ ଉଦ୍‌ଘାଟନ

**ହିଞ୍ଜିଳିକାଟୁ/ଶେରଗଡ଼, ୨୧।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ହିଞ୍ଜିଳିକାଟୁ ବ୍ଲକ, ପୌରାଞ୍ଚଳ ଓ ଶେରଗଡ଼ ବ୍ଲକରେ ରୂପାନ୍ତରୀକରଣ ହୋଇଥିବା ହାଇସ୍କୁଲଗୁଡିକ ମଧ୍ୟରୁ ଶନିବାର ପ୍ରଥମ ପର୍ଯ୍ୟାୟରେ ୧୦ଟିର ଉଦଘାଟନ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଏହି ଦୁଇ ବ୍ଲକକୁ ରାଜ୍ୟ ବିଧାନସଭାର ୨୦ ବିଧାୟିକା, ବିଧାୟକ ଆସିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସରେ ଏସବୁ ରୂପାନ୍ତରୀତ ହାଇସ୍କୁଲକୁ ଉଦ୍‌ଘାଟନ କରିଥିଲେ।

ବିଧାୟିକା, ବିଧାୟକ ଏଠାକୁ ଆସିବା ପୂର୍ବରୁ ଛତ୍ରପୁର ନିକଟ ଟାମ୍ପରା ହ୍ରଦ ବୁଲିବା ସହ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତରାତାରିଣୀଙ୍କ ମନ୍ଦିର ଦର୍ଶନ କରିଥିଲେ। ପରେ ସ୍ୱତନ୍ତ୍ର ଟୁରିଷ୍ଟ ଗାଡ଼ିରେ ହିଞ୍ଜିଳିକାଟୁ ଆସିଥିଲେ। ବ୍ଲକର ପ୍ରବେଶ ପଥ ପୁଟିଆପଦରଠାରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ସେଠାରୁ ପୌରାଞ୍ଚଳକୁ ଯାଇ ହିଞ୍ଜିଳି ଦେଉଳବନ୍ଧ ସୌନ୍ଦର୍ଯ୍ୟକରଣ, ନେତାଜୀ ପାର୍କ, ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କୁ ଜମି ଅଧିକାର ଓ ଜାଗା ମିଶନରେ ଦିଆଯାଇଥିବା ଗୃହ, ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ, ଇନଡୋର ଷ୍ଟାଡ଼ିୟମ, ପୋଷାକ ହବ, ବସ ଟର୍ମିନାଲ, ସହରାଞ୍ଚଳର ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ଖତ ଓ ପରିଚାଳନା କେନ୍ଦ୍ର ଏମସିସି ଓ ଏମଆରଏଫ କେନ୍ଦ୍ର, ୮୦ ଶଯ୍ୟାର ଆଧୁନିକ ଉପଖଣ୍ଡ ଚିକିତ୍ସାଳୟ ବୁଲି ଦେଖିଥିଲେ। ଇନଡୋର ଷ୍ଟାଡ଼ିୟମରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାଶ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ପ୍ରମୁଖ ବ୍ୟାଡମିଣ୍ଟନ ଖେଳିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲିବା ସହ ଅନ୍ୟାନ୍ୟ ପ୍ରସଙ୍ଗ ସମ୍ବନ୍ଧରେ ପ୍ରଶାସନିକ ଅଧିକାରୀଙ୍କ ସହ ବିଧାୟକ ମାନେ ଆଲୋଚନା କରିଥିଲେ। ପରେ ହିଞ୍ଜିଳିକାଟୁ ପୂର୍ତ୍ତ ଡ଼ାକବଙ୍ଗଳାରେ ମଧ୍ୟାହ୍ନଭୋଜନ କରି ପୂର୍ବରୁ ସ୍ଥିରୀକୃତ ଦୁଇ ବ୍ଲକ ଓ ପୌରାଞ୍ଚଳର ରୂପାନ୍ତରୀତ ହାଇସ୍କୁଲ ଉଦଘାଟନୀ କାର୍ଯ୍ୟକ୍ରମକୁ ୨ ଜଣ ଲେଖାଏ ଯାଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହିଞ୍ଜିଳିକାଟୁ ବ୍ଲକ ଶାସନଆମ୍ବଗାଁ ଆଦର୍ଶ ବିଦ୍ୟାଳୟରୁ ଆରମ୍ଭ ହୋଇଥିଲା। ଏଠାରେ ରୂପାନ୍ତରୀକରଣ କାର୍ଯ୍ୟକ୍ରମ ସଂଯୋଜକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାଶ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଉପସ୍ଥିତ ଥିଲେ। ଭର୍ଚୁଆଲ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ପରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ ଦ୍ୱାରା ସ୍କୁଲ ରୂପାନ୍ତରୀକରଣ ନେଇ ନୃତ୍ୟ ପରିବେଷଣ ହୋଇଥିଲା। ପ୍ରତ୍ୟେକ ସ୍କୁଲ ରୂପାନ୍ତରୀକରଣ ନେଇ ଭିଡ଼ିଓ ପ୍ରଦର୍ଶିତ ହୋଇଥିଲା। କ୍ରମାନ୍ୱୟରେ ଶେରଗଡ଼ ବ୍ଲକ ମହୁପଦର ରୂପାନ୍ତରିତ ହାଇସ୍କୁଲ ଉଦଘାଟନ ହୋଇଥିଲା। ସେଠାରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଉପସ୍ଥିତ ଥିଲେ। ହିଞ୍ଜିଳିକାଟୁ ଏନଏସି ହାଇସ୍କୁଲଠାରେ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଓ ଭୋଗରାଇ ବିଧାୟକ ଅନନ୍ତ କୁମାର ଦାଶ ଉପସ୍ଥିତ ଥିଲେ। ଶେରଗଡ଼ ବ୍ଲକ ଗୋଠଗାଁ ହାଇସ୍କୁଲରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ କୁମାର ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଉପସ୍ଥିତ ଥିଲେ। ବେଲଗାଁ ରଘୁନାଥ ବିଦ୍ୟାପୀଠଠାରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ନାଥେଶ୍ୱର ହାଇସ୍କୁଲରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାଶ ଓ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ପୋଡିଲିମାଠାରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଢେଙ୍ଗାପଦର ହାଇସ୍କୁଲଠାରେ ମୋରଡ଼ା ବିଧାୟକ ରାଜ କିଶୋର ଦାଶ ଓ ସୋର ବିଧାୟକ ପର୍ଶୁରାମ ଧଡ଼ା, ଦୟାପଲ୍ଲୀ ସରକାରୀ ୟୁଜି ହାଇସ୍କୁଲଠାରେ ସୁକିନ୍ଦା ବିଧାୟକ ପ୍ରିତି ରଞ୍ଜନ ଘଡ଼େଇ, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ଠୁରୁବୁରାଇ ହାଇସ୍କୁଲଠାରେ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ , ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମ ବେଳେ ବିଭିନ୍ନ ସ୍କୁଲରେ ଡ଼ିଆରଡ଼ିଏ ପିଡ଼ି ସିନ୍ଧେ ଦତାତ୍ରେୟ ଭାଉ ସାହେବ, ବ୍ରହ୍ମପୁର ମହାନଗର କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତୀଭାସନ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ , ଏଡ଼ିଏମ ଲୀନା କୁମାରୀ ଖେସ, ଅମୀୟ କୁମାର ସାହୁ, ତୁଡ଼ା ପିଡ଼ି ସୁଦାମ ଚରଣ ମଣ୍ଡଳ ପ୍ରମୁଖ ବିଭିନ୍ନ ସ୍କୁଲରେ ସଂଯୋଜକ ଭାବେ ଉପସ୍ଥିତ ଥିଲେ।



ହିଞ୍ଜିଳିକାଟୁ ଇନଡୋର ଷ୍ଟାଡିୟମରେ ଉପସ୍ଥିତ ବିଧାୟିକା ଓ ବିଧାୟକମାନେ।

- ହିଞ୍ଜିଳିକାଟୁ, ଶେରଗଡ଼ରେ ୨୦ ବିଧାୟିକା, ବିଧାୟକଙ୍କ ଉପସ୍ଥିତି
- ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ ବୁଲି ଦେଖିଲେ

## ସଂକ୍ଷେପରେ

### ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷ
#### ନାବାଳିକା ବଳାତ୍କାର ମାମଲା

**ବ୍ରହ୍ମପୁର ଅଫିସ,୨୧।୮:** ଗଞ୍ଜାମ ଜିଲା ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ଜଗଦୀଶ ଗଞ୍ଜାମ ଜିଲା ସ୍ୱତନ୍ତ୍ର ପୋକ୍‌ସୋ ବିଚାରପତି ଜଗଦୀଶ ପ୍ରସାଦ ମହାନ୍ତି ଶନିବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଦିଗପହଣ୍ଡି ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମର ସୁବାସ ଚନ୍ଦ୍ର ପାଢ଼ୀ ଓ ତାଙ୍କ ଗାଡି ଡ୍ରାଇଭର ଶୁକଦେବ ବେହେରାଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।ପ୍ରକାଶ ଯେ, ୨୦୧୩ ଜୁନ୍ ୧ରେ ଦିଗପହଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ନେଇ ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏପରିକି ତାଙ୍କ ଝିଅ ୬ ମାସର ଗର୍ଭବତୀ ଥିବା ନେଇ ମଧ ସେ ଏତଲାରେ ଦର୍ଶାଇଥିଲେ। ପୋଲିସ ନଂ.୬୫/୧୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୁବାସ ଓ ଶୁକଦେବଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନାଧିକାରୀ ଏସ.କେ. ଗନ୍ତାୟତ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତ ଦ୍ୱୟ କୋର୍ଟରୁ ଜାମିନ ପାଇଥିଲେ। ଦୀର୍ଘ ୮ବର୍ଷ ପରେ ଶନିବାର ଏହି ମାମଲାର ଶୁଣାଣି ହୋଇଥିଲା। ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ବିଚାରପତି ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ବୋଲି ତାଙ୍କ ରାୟରେ ଦର୍ଶାଇଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍.ରାମ କୁମାର ମକଦ୍ଦମା ପରିଚାଳନା କରିଥିଲେ।

### ଡକାୟତି ଘଟଣା, ଯୁବକ ଗିରଫ
#### ଜେଜେବି ଗଲେ ୨ ନାବାଳକ

**ଫୁଲବାଣୀ ଅଫିସ, ୨୧।୮:** ଏକ ଡକାୟତି ଘଟଣାରେ ଫୁଲବାଣୀ ସଦର ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ପେଞ୍ଜିସାହିର ସୋନୁ ଓରଫ ମନୋଜ ମହାକୁଡ଼। ଉକ୍ତ ଘଟଣାରେ ସମ୍ପୃକ୍ତ ୨ ନାବାଳକଙ୍କୁ ବ୍ରହ୍ମପୁର ବାଳ ସୁଧାର ଗୃହକୁ ପଠାଯାଇଛି। ଭେଟଖୋଲ ଘାଟିରେ ଗତ ନଭେମ୍ବର ୪ରେ ୬ ଜଣ ଏକ ବାଇଗଣ ବୋଝେଇ ବୋଲେରୋକୁ ଅଟକାଇ ଟଙ୍କା ଛଡାଇ ନେଇଥିଲେ। ଏଥିରେ ପୂର୍ବରୁ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୩ ଜଣ ଫେରାର ଥିଲେ। ଏ ନେଇ ନଂ. ୧୦୬/୨୦ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା କହିଛନ୍ତି।

### ସଫେଇ କର୍ମଚାରୀ ସଂଘର ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ବ୍ରହ୍ମପୁର ଅଫିସ୍,୨୧।୮:** ସଫେଇ କର୍ମଚାରୀଙ୍କୁ ରାଜ୍ୟ ସରକାର ଗରିମା ଯୋଜନାରେ କୁଶଳୀ ଓ ଅଣକୁଶଳୀ ମାନ୍ୟତା ଘୋଷଣାକୁ ବ୍ରହ୍ମପୁର ମହାନଗର ନିଗମ ମେହେନ୍ତର ସଫେଇ କର୍ମଚାରୀ ସଂଘ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଯୋଜନା ଦ୍ୱାରା ଅତି କୁଶଳୀ ଶ୍ରେଣୀ-୧ର କର୍ମଚାରୀ ସର୍ବନିମ୍ନ ମଜୁରି ୪୬୧ ଟଙ୍କା ଓ କୁଶଳୀ ଶ୍ରେଣୀ-୨ର କର୍ମଚାରୀ ସର୍ବନିମ୍ନ ମଜୁରି ୪୦୧ ଟଙ୍କା ଲେଖାଏ ପାଇବେ। ଏଥିସହ ଶ୍ରେଣୀ-୧ ବର୍ଗର ପ୍ରମୁଖ ପରିମଳ କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟ ଦିନ ହିସାବରେ ଦୈନିକ ମଜୁରିର ୧୫% ବିପଦପୂର୍ଣ୍ଣ ଓ କଠିନ କାର୍ଯ୍ୟ ଭତ୍ତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ସଫେଇ କର୍ମଚାରୀମାନେ ଲାଭବାନ ହେବେ ବୋଲି ସଂଘ ସଭାପତି ଅନିଲ କୁମାର ନାୟକ କହିଛନ୍ତି।

### ଜିଲାପାଳଙ୍କ ମୁକୁଲିଙ୍ଗିଆ ହିଲଟପ୍ ଗସ୍ତ

**ଜି.ଉଦୟଗିରି,୨୧।୮(ଡି.ଏନ.ଏ.):** କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି. ଶନିବାର ଜି.ଉଦୟଗିରି ନିକଟସ୍ଥ ମୁକୁଲିଙ୍ଗିଆ ହିଲଟପ ଗସ୍ତ କରି ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ। ପର୍ଯ୍ୟଟକଙ୍କ ସମାଗମକୁ ଲକ୍ଷ୍ୟ କରି ଗମନାଗମନ ସହିତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ସ୍ଥାନୀୟ ବିଡିଓ ବିଜୟ କୁମାର ପ୍ରଧାନଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାପାଳଙ୍କ ଗସ୍ତ ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପର୍ଯ୍ୟଟନ କେନ୍ଦ୍ର ଘୋଷଣାକୁ ନେଇ ଆଶା ସଞ୍ଚାର ହୋଇଛି। ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଧୀନତା ଦିବସରେ ହିଲଟପରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କଳିଙ୍ଗା ବନ ଉଦ୍ୟାନ, କଳିଙ୍ଗା ଘାଟି, ରାଜାଗଡ଼ ଜଳପ୍ରପାତ ଓ କୁର୍ମିଙ୍ଗିଆ ହିଲଟପ ପରି ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଥିବା ଜି.ଉଦୟଗିରିକୁ ପର୍ଯ୍ୟଟନସ୍ଥଳ ଘୋଷଣା କଲେ ଏହି ବ୍ଲକ ବାସିନ୍ଦା ଉପକୃତ ହେବା ସହ ଆତ୍ମନିର୍ଭରଶୀଳ ହୋଇପାରନ୍ତେ।

## ୨ ଅଭିଯୁକ୍ତ ନିର୍ଦ୍ଦୋଷ
### ହତ୍ୟା ଉଦ୍ୟମ ମାମଲା

**ବ୍ରହ୍ମପୁର ଅଫିସ,୨୧।୮**

ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମନୋଜ କୁମାର ଶନିବାର ଏକ ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବଡଗୁମୁଳାର ଶିବ ସେଠୀ ଓ ଆମ୍ବପୁଆର ଜି.ଗୋପାଳ। ୨୦୧୭ ଫେବୃୟାରୀ ୨୮ରେ ବଡ଼ ଗୁମୁଳାର ପ୍ରଭଞ୍ଜନ ନାହାକ ଓ ଚକ୍ରପାଣି ନାହାକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସେମାନଙ୍କୁ ଶିବ ଓ ଗୋପାଳ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏନେଇ ପ୍ରଭଞ୍ଜନ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନମ୍ବର ୫୨/୧୭ ରେ ଶିବ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେମାନେ ଜାମିନ ପାଇଥିଲେ। ଶନିବାର ଏହି ମାମଲାର ଶୁଣାଣି ବେଳେ ଉଭୟ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟରେ ହାଜର କରିଥିଲା। ୧୦ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଏସିଜେଏମ୍ ସେମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ବରଷ୍ଠ ଆଇନଜୀବୀ କୃଷ୍ଣପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ଗ୍ରାମବାସୀ ନିର୍ମାଣ କଲେ ଅସ୍ଥାୟୀ କାଠ ପୋଲ

**ଖଜୁରିପଡ଼ା,୨୧।୮(ଡି.ଏନ.ଏ.)**

ସ୍ୱାଧୀନତାର ୭୫ ବର୍ଷ ପରେ ବି ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକର ପାଙ୍ଗା ଉପରସାହି ପଞ୍ଚାୟତର ୮ ଓ ୯ ନମ୍ବର ୱାର୍ଡବାସୀ। ଦୁଇଟି ୱାର୍ଡ ଚାରିପଟେ ବାଘ ନଦୀ ଘେରି ରହିଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହି ଦୁଇଟି ୱାର୍ଡର ପ୍ରାୟ ୪ ରୁ ୫ ଗ୍ରାମବାସୀ। ବର୍ଷ ବର୍ଷ ଧରି ଗୋଟିଏ ପୋଲ ନିର୍ମାଣ କରିବା ପାଇଁ ଦାବି କରିଆସୁଥିଲେ ମଧ ପ୍ରଶାସନ ଧ୍ୟାନ ନ ଦେବାରୁ ଚାନ୍ଦା କରି ଏହି ନଦୀ ଉପରେ ଏକ ଅସ୍ଥାୟୀ କାଠ ପୋଲ ନିର୍ମାଣ କରିଛନ୍ତି ଗ୍ରାମବାସୀ। ଉକ୍ତ ପଞ୍ଚାୟତର ୮ ନମ୍ବର ୱାର୍ଡ ମାର୍କାଲି ଓ ୯ ନମ୍ବର ୱାର୍ଡ ହେଉଛି ଡେଡ଼ିସରୁ । ଉଭୟ ଗ୍ରାମରେ ମାର୍କାଲି, ବାଡ଼ାପାଙ୍ଗା, ବାଦେଡ୍ରାଗା, ଟିକେରି, ବ୍ରାହାପଦର ଭଳି ବହୁ ଗ୍ରାମର ଅଦିବାସୀମାନେ ୱାର୍ଡରେ ବସବାସ କରିଥାନ୍ତି। ବର୍ଷା ଆସିଲେ ଏହି ୨ ଗ୍ରାମବାସୀଙ୍କ ଜୀବନ ଜୀବିକା ସମ୍ପୂର୍ଣ୍ଣ ଭାବେ ଦୁର୍ବିସହ ହୋଇପଡ଼ିଥାଏ। ବାଘ ନଦୀ ଯୋଗୁ ସମ୍ପୂର୍ଣ୍ଣ ଭାବେ ହୋଇଯାଏ ବିଚ୍ଛିନ୍ନ। ଗ୍ରାମକୁ ଯିବା ହେଲେ ନଦୀ ପାର ହୋଇ ଯିବା ହିଁ ଏକମାତ୍ର ଭରସା। ଏକ ସ୍ଥାୟୀ ପୋଲ ନିର୍ମାଣ ହୋଇ ନଥିବାରୁ ସରକାରଙ୍କ କୌଣସି ଯୋଜନା ପାଇଁ ହିତାଧିକାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପୋଲ ନିର୍ମାଣ ପାଇଁ ଅନେକ ଥର ଦାବି କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଗ୍ରାମବାସୀ ଅସ୍ଥାୟୀ ପୋଲ ତିଆରି କରିଛନ୍ତି। ଏଥିସହ ଗ୍ରାମରେ ପାନୀୟ ଜଳ ମିଳୁ ନଥିବା ଲୋକମାନେ ନଦୀ ଓ ଚୁଆଁପାଣି ଉପରେ ନିର୍ଭର କରିଥାନ୍ତି। ସେହିଭଳି ଗ୍ରାମକୁ ନାହିଁ ସବୁଦିନିଆ ରାସ୍ତା । ଗାଁରେ ମଧ ନାହିଁ ଅଙ୍ଗନୱାଡ଼ି କେନ୍ଦ୍ର। ସେଥିପାଇଁ ଅସ୍ଥାୟୀ କାଠ ପୋଲ ସହିତ ରାସ୍ତା ନିର୍ମାଣ ଚାଲିଥିବା ପ୍ରକାଶ ଗ୍ରାମବାସୀ କହିଛନ୍ତି। ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ନଥିବାରୁ ପିଲାମାନେ ବ୍ରାହାପଦର ଅଙ୍ଗନୱାଡି କେନ୍ଦ୍ରକୁ ଯିବାକୁ ବାଧ ହୋଇଥାନ୍ତି ବୋଲି ପୂର୍ବତନ ସରପଞ୍ଚ ସୁମିତ୍ରା କହଁର କହିଛନ୍ତି ।



ଗ୍ରାମବାସୀ ନିର୍ମାଣ କରୁଛନ୍ତି ଅସ୍ଥାୟୀ କାଠ ପୋଲ।

**ଶୁଣିଲାନି ପ୍ରଶାସନ**

## ଯୁବ ରେଡକ୍ରସ କାର୍ଯ୍ୟକାରିଣୀ ବୈଠକ

**ଆସିକା,୨୧।୮(ଡି.ଏନ୍.ଏ.)**

ଆସିକା ବିଜ୍ଞାନ କଲେଜ ଯୁବ ରେଡକ୍ରସ ୟୁନିଟର କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୟୁନିଟ ଉପଦେଷ୍ଟା ରାଜେଶ କୁମାର ସାହୁ, ଦେବବ୍ରତ ସାହୁ ପ୍ରମୁଖ ଆଗାମୀ ବର୍ଷ ଲାଗି ସଂସ୍ଥାର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ପଞ୍ଜୀକରଣ, ସ୍ୱଚ୍ଛଭାରତ ଅଭିଯାନ, ରକ୍ତଦାନ ଶିବିର, ବିଭିନ୍ନ ସଚେତନତା ରାଲି ସମ୍ପର୍କରେ ଆଲୋଚନା କରାଯାଇ ଏହାର ସଫଳ ରୂପାୟନ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଫେସର କେଦାରନାଥ ପଣ୍ଡା, ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ବିଭୂ କଲ୍ୟାଣ ପଣ୍ଡା, ସୁଶ୍ରୀ ରଞ୍ଜିତା ରାଣି, ସ୍ୱେଚ୍ଛାସେବୀ ଗୋବିନ୍ଦ ପାତ୍ର ଓ ଅମ୍ରିତା ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ

**ବ୍ରହ୍ମପୁର ଅଫିସ,୨୧।୮**

**ଆକ୍ରମଣ ସହ ଜାତିଆଣ ମନ୍ତବ୍ୟ ମାମଲା**

ଅତିରିକ୍ତ ଜିଲା ଦୌରା ଜଜ -୧ ଡ.ପ୍ରସନ୍ନ କୁମାର ପଣ୍ଡା ଶନିବାର ଏକ ଆକ୍ରମଣ ସହ ଜାତିଆଣ କଟୁ ମନ୍ତବ୍ୟ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ବଡ଼ବରଗାଁର ଗଙ୍ଗା ମୁନୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶ ଯେ, ୨୦୧୨ ଜୁନ୍ ୧୨ରେ ଉକ୍ତ ଗ୍ରାମର ଝୁମୁରୁ ଦାସ ଓ ତାଙ୍କ ଦୁଇ ସାଙ୍ଗ ଗାଁମୁଣ୍ଡ ଏକ ଦୋକାନରେ ଚା' ପିଉଥିଲେ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ କେନ୍ଦ୍ରକରି ଲାଗି ରହିଥିବା ଶତ୍ରୁତାରୁ ଗଙ୍ଗା ସେଠାରେ ଝୁମୁରୁଙ୍କୁ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ଜାତିକୁ କେନ୍ଦ୍ରକରି ଗାଳିଗୁଲଜ କରିଥିଲେ। ଝୁମୁରୁ ଏନେଇ ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ମୁଦାଲାଙ୍କ ପକ୍ଷରୁ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

## କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




ବିକ୍ଷୋଭରେ ସଂଘର କର୍ମକର୍ତ୍ତା।

**ବ୍ରହ୍ମପୁର ଅଫିସ୍,୨୧।୮**

ସତ୍ୟବାଦୀ ବନ ବିଦ୍ୟାଳୟକୁ ଜାତୀୟ ଶିକ୍ଷା ନୀତି-୨୦୨୦ର ପ୍ରୟୋଗଶାଳା କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଘୋଷଣାକୁ ଅଲ୍ ଇଣ୍ଡିଆ ଡିଏସ୍ଓ ଗଞ୍ଜାମ ଜିଲା କମିଟି ତୀବ୍ର ନିନ୍ଦା କରିଛି। ଏହାର ପ୍ରତିବାଦରେ ଶନିବାର ସଂଗଠନ ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସଂଘ ପକ୍ଷରୁ କୁହାଯାଇଛି, ସତ୍ୟବାଦୀ ବନ ବିଦ୍ୟାଳୟକୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମେତ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ର ପ୍ରମୁଖ ମଣିଷ ତିଆରି କାରଖାନା ଭାବେ ଗଢି ତୋଳିଥିଲେ। କିନ୍ତୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୋପବନ୍ଧୁଙ୍କ ସତ୍ୟବାଦୀ ବନ ବିଦ୍ୟାଳୟର ୧୧୩ ବର୍ଷ ତଳର ସ୍ୱପ୍ନକୁ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷା ନୀତି ସହ ଗୋପବନ୍ଧୁଙ୍କ ନାମ ଉଚ୍ଚାରଣ କରିବା ଅତ୍ୟନ୍ତ ଜଘନ୍ୟ ଓ ମାରାତ୍ମକ ଷଡ଼ଯନ୍ତ୍ରର ସୂଚନା ପ୍ରଦାନ କରୁଛି ବୋଲି ଏଆଇଡିଏସ୍ଓ ଅଭିଯୋଗ କରିଛି। ବିକ୍ଷୋଭରେ ସଂଘ ରାଜ୍ୟ ଉପସଭାପତି ସୋମନାଥ ବେହେରା, ଜିଲା ସଭାପତି ଶିବାନୀ ଶଙ୍କର ମିଶ୍ର, ସମ୍ପାଦକ ନିମାଇଁ ଚରଣ ସାହୁ ଓ ପପୁନ୍ ସାହୁଙ୍କ ସମେତ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୨୩ରୁ ପିଜି ପ୍ରବେଶିକା ପରୀକ୍ଷା

**ବ୍ରହ୍ମପୁର ଅଫିସ,୨୧।୮**

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଗଷ୍ଟ ୨୩ଠାରୁ ପିଜି ପ୍ରବେଶିକା ପରୀକ୍ଷା ଆରମ୍ଭ ହେଉଛି। ଏହି ପରୀକ୍ଷା ସେପ୍ଟେମ୍ବର ୩ରେ ଶେଷ ହେବ। ଅଫଲାଇନରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ୨୦୨୧-୨୨ ଶିକ୍ଷା ବର୍ଷ ଲାଗି ମୋଟ ୨୧୮୪ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେବେ। ପରୀକ୍ଷା କେବଳ ପିଜି ସେଣ୍ଟ୍ରାଲ ଅଫିସ୍ ପରିସର ମଧ୍ୟରେ ଅନୁଷ୍ଠିତ ହେବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୪୩ଟି ବିଷୟରେ ପରୀକ୍ଷା ହେବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪.୩୦ ଯାଏ ହେବ। ଦୈନିକ ତିନୋଟି ବିଷୟ ନିମନ୍ତେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ ପରୀକ୍ଷାର୍ଥୀଙ୍କୁ ୪୫ ମିନିଟ ପୂର୍ବରୁ ପରୀକ୍ଷା ହଲକୁ ଛଡ଼ାଯିବ। ସୋମବାର ପ୍ରଥମ ଦିନ ନୃତତ୍ତ୍ୱ( କଳା/ ବିଜ୍ଞାନ) ୧୦ରୁ ୧୧.୩୦ ମିନିଟ୍ ପର୍ଯ୍ୟନ୍ତ ଭୂଗୋଳ ଏବଂ ମେରାଇନ ସାଇନ୍ସ ୧୨.୩୦ରୁ ଅପରାହ୍ନ ୨ଟା ଏବଂ ଏମ୍‌ବିଏ ୩ଟାରୁ ୪.୩୦ ପର୍ଯ୍ୟନ୍ତ ରହିଛି। ଏ ନେଇ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତିଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ପରୀକ୍ଷାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ହଲ୍ ସାନିଟାଇଜ କରାଯାଇଛି। ପ୍ରତ୍ୟେକ ଦିନ ପରୀକ୍ଷା ଆରମ୍ଭ ପୂର୍ବରୁ ଓ ଶେଷ ପରେ ହଲ୍‌କୁ ସାନିଟାଇଜ କରାଯିବ। ପ୍ରବେଶିକା ପରୀକ୍ଷା ଦେବା ପୂର୍ବରୁ ପରୀକ୍ଷାର୍ଥୀଙ୍କ ଥର୍ମାଲ ଟେଷ୍ଟ ଓ ସାନିଟାଇଜ କରାଯିବ। ଏହା ସହ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ।

## ୪ ଦଫା ଦାବି ନେଇ ବିକ୍ଷୋଭ

**ଭଞ୍ଜନଗର,୨୧।୮(ଡି.ଏନ.ଏ)**

ଅଖିଳ ଭାରତ କ୍ଷେତ ମଜଦୁର କିଷାନ ସଭା ଭଞ୍ଜନଗର ଶାଖା ପକ୍ଷରୁ ୪ଦଫା ଦାବି ନେଇ ଶନିବାର ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହାପରେ ଉପ ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିପିଆରଓ ଫକୀର ଚରଣ ମାଝିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୁରୀ ଉପକୂଳିଆ ଜମି ଓ ଜଙ୍ଗଲ ସୁରକ୍ଷା ସମିତିର ଆବାହକ ବଟକୃଷ୍ଣ ସ୍ୱାଇଁଙ୍କୁ ଖଲାସ କରିବା, ଗରିବ ଭୂମିହୀନଙ୍କ ଦଖଲରେ ଥିବା ଜମି ଉପରେ ଅଧିକାର ଦେବା ଓ ପୁରୀରେ ହେବାକୁଥିବା ବିମାନବନ୍ଦର ବାତିଲ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ୫୫ ଗରିବ ଆଦିବାସୀଙ୍କୁ ମିଳିଲା ଚାଉଳ

**ବୁଗୁଡ଼ା,୨୧।୮(ଡି.ଏନ.ଏ.)**

ବୁଗୁଡା ବ୍ଲକ ଅନ୍ତର୍ଗତ କରଚୁଲି ପଞ୍ଚାୟତର କିରିଆମ୍ବା ଓ ବଡ଼ତଣ୍ଡା ଗ୍ରାମର ୫୫ ଜଣ ଗରିବ ଆଦିବାସୀଙ୍କୁ ଶନିବାର ଇଣ୍ଡିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ୨୫ କିଲୋଗ୍ରାମ ଲେଖାଏ ଦୁଇଟି ଚାଉଳ ବସ୍ତା ପ୍ରଦାନ କରାଯାଇଛି। ଏଥିରେ ଇଣ୍ଡିଆ ସେବା ସଂସ୍ଥାର ନିର୍ଦ୍ଦେଶକ ଡଃ. କୁମୁଦ ଚନ୍ଦ୍ର ବେହେରା ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରକଳ୍ପ ସଂଯୋଜକ ସିତାଂଶୁ ଭୂଷଣ ଦାସ ସଂଯୋଜନା କରିଥିବା ବେଳେ ଗୋଷ୍ଠୀ ସଙ୍ଗଠିକା ରଶ୍ମିତା ବେହେରା, କାହ୍ନୁ ଚରଣ ସେଠୀ ଓ ବବିତା ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହିପରି ବୁଗୁଡା ଓ ପୋଲସରା ବ୍ଲକର ଏକ ହଜାର ଆଦିବାସୀ ଓ ଦଳିତ ପରିବାରକୁ ଏହି ସଂସ୍ଥା ପକ୍ଷରୁ ଚାଉଳ ଯୋଗାଇ ଦିଆଯିବ ବୋଲି ନିର୍ଦ୍ଦେଶକ କହିଛନ୍ତି।



ଚାଉଳ ପାଇଥିବା ପରିବାର।

## ଗଞ୍ଜାମରେ ଶିଶୁଙ୍କର ହେବ ସ୍ୱାସ୍ଥ୍ୟ ସ୍କ୍ରିନିଂ

**ଛତ୍ରପୁର,୨୧।୮(ଡି.ଏନ୍.ଏ.)**

- ସମ୍ଭାବ୍ୟ ତୃତୀୟ ଲହର ମୁକାବିଲା ପ୍ରସ୍ତୁତି
- ଜ୍ୱର, ଥଣ୍ଡା ହେଲେ ଡାକ୍ତରଙ୍କ ପରାମର୍ଶ ନିଅ
- ଜିଲାପାଳ ଜାରି କଲେ ଏସ୍ଓପି

ସେପ୍ଟେମ୍ବରରେ କରୋନାର ତୃତୀୟ ଲହର ଆସିବ ବୋଲି ଆକଳନ କରାଯାଉଛି । ଏଥିରେ ଶିଶୁମାନେ ବେଶି ସଂକ୍ରମିତ ହୋଇପାରନ୍ତି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଏବେ ଦ୍ୱିତୀୟ ଲହରରେ ଶିଶୁ, କିଶୋରୀକିଶୋରମାନେ ସଂକ୍ରମିତ ହେଉଥିବାରୁ ଚିନ୍ତାର କାରଣ ହୋଇଛି। ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ଟିକାର ବ୍ୟବସ୍ଥା ନ ହୋଇଥିବାରୁ ସତର୍କ ରହିବା ଜରୁରି ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏ ନେଇ ଜିଲାପାଳଙ୍କୁ ଏକ ଚିଠି ଆସିଥିଲା। ଶିଶୁ ଓ କିଶୋରମାନେ କିଭଳି ସଂକ୍ରମିତ ନ ହେବେ ସେ ନେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ଏସ୍ଓପି ଜାରି କରିଛନ୍ତି। ଜିଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି । ଆସନ୍ତା ୨୪ ତାରିଖରୁ ଜିଲାରେ ଘରକୁ ଘର ଯାଇ ଶିଶୁମାନଙ୍କର ସ୍ୱାସ୍ଥ୍ୟ ସ୍କ୍ରିନିଂ ଆରମ୍ଭ ହେବ । ଏହାର ରିପୋର୍ଟ ଆସିବା ପରେ ସେହି ଆଧାରାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ବ୍ଲକସ୍ତରରେ ବିଡିଓ ଏବଂ ବ୍ରହ୍ମପୁର ମହାନଗର ନିଗମରେ କମିଶନରଙ୍କ ଅଧ୍ୟକ୍ଷତାରେ ଟାସ୍କଫୋର୍ସ କମିଟି ଗଠନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟିରେ ଶିଶୁରୋଗ ବିଶେଷଜ୍ଞଙ୍କ ସମେତ ଆୟୁଷ ମେଡିକାଲ ଅଫିସର, ବ୍ଲକ ଶିକ୍ଷା ଅଧିକାରୀ, ସିଡିପିଓ ଓ ମେଡିକାଲ ଅଫିସରମାନେ ରହିବେ । ସେହିପରି ଉପଜିଲାପାଳମାନଙ୍କ ସ୍ତରରେ ମଧ୍ୟ ଏକ କମିଟି ଗଠନ ହୋଇ କୋଭିଡ୍ ପରିଚାଳନା ହେବ । ଜିଲାର ଥିବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ହସ୍ପିଟାଲ ସହ ଜିଲା ଚିକିତ୍ସାଳୟରେ ଶିଶୁ ଆଇସୋଲେସନ ଶଯ୍ୟା ବ୍ୟବସ୍ଥା ହେବ। ୨୫ ତାରିଖ ସୁଦ୍ଧା ଏସବୁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଡାକ୍ତରଖାନାରେ ଏସଏନସିୟୁ ଓ ଏନବିଏସୟୁର ୫୦ ପ୍ରତିଶତ ଶଯ୍ୟା ସଂରକ୍ଷିତ ରହିବ । ନୋଡାଲ ମେଡିକାଲ ଅଫିସରମାନେ ସେହି ଡାକ୍ତରଖାନାର ଡାକ୍ତରଙ୍କୁ ଶିଶୁ ଚିକିତ୍ସା ନେଇ ତାଲିମ ଦେବେ । ଗତ କିଛିମାସ ହେଲା ଶିଶୁମାନଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ ଜାରି ରହିଥିଲା । ଆଶା ଓ ଅଙ୍ଗନୱାଡିକର୍ମୀମାନେ ପୁଣି ସେମାନଙ୍କ ସ୍ୱାସ୍ଥ୍ୟ ସ୍କ୍ରିନିଂ କରି ରିପୋର୍ଟ ଏଏନଏମଙ୍କୁ ଦେବେ। ଏଏନ୍ଏମ ତାହାକୁ ଆର୍‌ଆର୍‌ଟିକୁ ଦେବେ । ରିପୋର୍ଟ ଆଧାରରେ ଅସୁସ୍ଥ ଶିଶୁଙ୍କ ସ୍ୱାବ ସଂଗ୍ରହ କରାଯିବ । ଶିଶୁ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡିଲେ ତାଙ୍କୁ ଘରେ କିମ୍ବା ମେଡିକାଲରେ ରଖି ଚିକିତ୍ସା କରାଯିବ ଆରଆରଟି ନିଷ୍ପତ୍ତି ନେବେ । ସାମାନ୍ୟ ଜ୍ୱର କିମ୍ବା ଥଣ୍ଡା ହେଲେ ମଧ ଡାକ୍ତରଙ୍କ ପରାମର୍ଶ ନେବା ସହ ଅଭିଭାବକମାନେ ଅଧିକ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ୩.୭୧ ଲକ୍ଷ କୋଟି ଛୁଇଁବ ୱେଡିଂ ବଜାର

ନୂଆଦିଲ୍ଲୀ,୨୧।୮: କରୋନା ମହାମାରୀ ବିବାହ ବଜାର ଉପରେ ପ୍ରଭାବ ପକାଇଛି। ଫଳରେ କ୍ୟାଟରିଂ, ଟେଣ୍ଟ ହାଉସ, ବିବାହ ମଣ୍ଡପ, ନିମନ୍ତ୍ରଣପତ୍ର, ଫୁଲ ସାଜସଜ୍ଜା, ବ୍ୟାଣ୍ଡ ବାଜା ଭଳି ବିବାହ ସହ ଜଡିତ ଅନ୍ୟ କ୍ଷେତ୍ର କ୍ଷତି ସହିଛନ୍ତି। ବର୍ତ୍ତମାନ ବିବାହ ତରିକା ବଦଳିବାକୁ ଯାଉଛି। ତେବେ ଭାରତରେ ୱେଡିଂର ଏକ ବଡ ବଜାର ରହିଥିବା ଜଣାପଡିଛି। କନ୍‌ସଲଟାନ୍ସି କମ୍ପାନୀ କେପିଏମ୍‌ଜିର ଏକ ରିପୋର୍ଟ ମୁତାବକ, ଭାରତରେ ୱେଡିଂ ବଜାର ପ୍ରାୟ ୩.୭୧ ଲକ୍ଷ କୋଟି ଟଙ୍କା ଛୁଇଁବ। ମହାମାରୀ ପୂର୍ବରୁ ଏହା ୨୫% ହାରରେ ଅଭିବୃଦ୍ଧି କରୁଥିଲା। ସେହିଭଳି ମାଟ୍ରିମୋନି ସାଇଟଗୁଡିକର ଆୟ ବଢିଥିବା ଜଣାପଡିଛି।
ଆୟ ୨୦% ବଢିଥିବା ମାଟ୍ରିମୋନି ଡଟ୍ କମ୍ ପକ୍ଷରୁ ସୂଚନା ରହିଛି। ବର୍ତ୍ତମାନ ଜୁମ୍ ଭିଡିଓ କନ୍‌ଫରେନ୍ସିଂ ଦ୍ୱାରା ବିବାହ ପ୍ରସ୍ତାବ ଠିକ୍ ହେଉଥିବା ମଧ ନଜରକୁ ଆସିଛି। ବିଭିନ୍ନ କାର୍ଯ୍ୟକ୍ରମ ଭର୍ଚୁଆଲ ଭାବେ ଆୟୋଜନ କରିବାକୁ ଲୋକମାନେ ପସନ୍ଦ କରୁଥିବା ଶିଳ୍ପ ସୂତ୍ରରୁ ସୂଚନା ମିଳିଛି।

### ନାତିଙ୍କୁ ୪୦ କୋଟିର ଗିଫ୍ଟ ଦେଲେ ରାଣା କପୁରଙ୍କ ସ୍ତ୍ରୀ

ନୂଆଦିଲ୍ଲୀ,୨୧।୮: ୟେସ୍ ବ୍ୟାଙ୍କର ପ୍ରମୋଟର ରାଣା କପୁରଙ୍କ ବିରୋଧରେ ଋଣ ମାମଲା ନେଇ ବର୍ତ୍ତମାନ ତଦନ୍ତ ଚାଲିଛି। ରାଣାଙ୍କ ସ୍ତ୍ରୀ ବିନ୍ଦୁ କପୁର ତାଙ୍କ ୯ ମାସର ନାତି ଆଶିବ ଖାନ୍ନାଙ୍କୁ ୪୦ କୋଟି ଟଙ୍କାର ଏକ ପ୍ରପର୍ଟି ଉପହାର ଦେଇ ଚର୍ଚ୍ଚାକୁ ଆସିଛନ୍ତି। ଏହି ପ୍ରପର୍ଟି ଦିଲ୍ଲୀର ଗୋରବାଗ ଏରିଆରେ ରହିଛି। ଚଳିତ ବର୍ଷ ୩୧ ଜୁଲାଇରେ ଏହି ପ୍ରପର୍ଟି ପଞ୍ଜୀକରଣ ହୋଇଥିଲା। ଏଥିଲାଗି ବିନ୍ଦୁ କପୁର ୩୬.୯୦ ଲକ୍ଷ ଟଙ୍କାର ଷ୍ଟାମ୍ପ ଡ୍ୟୁଟି ପ୍ରଦାନ କରିଛନ୍ତି। ଏହି ଗିଫ୍ଟ ଡିଡ୍ ଆଶିବ ଖାନ୍ନାଙ୍କ ମା' ରାଧା କପୁର ଖାନ୍ନାରେ ପ୍ରସ୍ତୁତ ହୋଇଛି। ପ୍ଲଟ୍‌ର ଏରିଆ ୩୬୯ ବର୍ଗ ମିଟର ହୋଇଥିବା ବେଳେ ଏହାର ଗ୍ରାଉଣ୍ଡ ଫ୍ଲୋରରେ ୨ ବିଏଚ୍‌କେ ଫ୍ଲାଟ ରହିଛି। ଏଥିରେ ଲିଭିଂ ଏରିଆ ଏବଂ କାର ପାର୍କିଂ ପାଇଁ ମଧ ସ୍ଥାନ ରହିଛି।

# ଆଦାନୀଙ୍କୁ ସେବି ଝଟକା

ନୂଆଦିଲ୍ଲୀ,୨୧।୮

ଗୌତମ ଆଦାନୀଙ୍କ ନେତୃତ୍ୱାଧୀନ ଆଦାନୀ ଗ୍ରୁପ୍‌କୁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ(ସେବି) ଝଟକା ଲାଗିଛି। ଏହି ଗ୍ରୁପ୍ କମ୍ପାନୀର ଆଦାନୀ ୱିଲମର ନାମକ କମ୍ପାନୀ ନିକଟରେ ଇନିସିଆଲ ପବ୍ଲିକ ଅଫରିଂ(ଆଇପିଓ) ଆଣିବା ଲାଗି ପ୍ରସ୍ତାବ ରହିଥିଲା। ମାତ୍ର ଏହା ଉପରେ ପୁଞ୍ଜିବଜାର ନିୟନ୍ତ୍ରକ ସେବି କଟକଣା ଲଗାଇବା ସହ ଅଟକାଇ ଦେଇଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ, ଆଦାନୀ ଏଣ୍ଟରପ୍ରାଇଜେସ ବିରୋଧରେ ବିଦେଶୀ ପୋର୍ଟଫୋଲିଓ ନିବେଶ(ଏଫ୍‌ପିଆଇ) ସମ୍ପର୍କିତ ଯାଞ୍ଚ ଜାରି ରହିଛି। ଏହାକୁ ନଜରରେ ରଖି ବର୍ତ୍ତମାନର ଆଇପିଓକୁ ଅଟକାଯାଇଥିବା କୁହାଯାଉଛି। ଏହାଦ୍ୱାରା କମ୍ପାନୀ ବଜାରରୁ ୪,୫୦୦ କୋଟି ଟଙ୍କା ଉଠାଇବା ଲାଗି ଯୋଜନା ରଖିଥିଲା।

ସେବି ପୂର୍ବରୁ ମଧ କିଛି କମ୍ପାନୀର ଆଇପିଓ ଉପରେ ଏଭଳି କଟକଣା ଲଗାଇଥିବା ଜଣାପଡ଼ିଛି। ପ୍ରତିଭୂତି ବଜାର ନିୟମ ମୁତାବକ, କୌଣସି କମ୍ପାନୀ ବିରୋଧରେ ବିଭାଗୀୟ ଯାଞ୍ଚ ଚାଲୁଥିଲେ ୯୦ ଦିନ ଯାଏ ଆଇପିଓକୁ ମଞ୍ଜୁରୀ ଦିଆଯାଇପାରିବ ନାହିଁ। ଏହା ବାଦ୍ ଆଇପିଓ ପ୍ରସ୍ତାବକୁ ୪୫ଦିନ ପର୍ଯ୍ୟନ୍ତ ଟଳାଯାଇପାରିବ। ୨୦୨୧ ଜୁନ୍‌ରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା। ସୁଲଭ ମୂଲ୍ୟରେ ବିମାନ ସେବା ଯୋଗାଣ କରୁଥିବା କମ୍ପାନୀ 'ଗୋଫାଷ୍ଟ'ର ଆଇପିଓ ଉପରେ ସେବି ପ୍ରତିବନ୍ଧକ ଲଗାଇଥିଲେ। ଏହି କମ୍ପାନୀର ପ୍ରମୋଟରଙ୍କ ବିରୋଧରେ ଯାଞ୍ଚ ପ୍ରକ୍ରିୟା ଚାଲୁଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ବଜାର ନିୟନ୍ତ୍ରକ ଗ୍ରହଣ କରିଥିଲେ।

ଆଦାନୀ ୱିଲମର ଆଦାନୀ ଏଣ୍ଟରପ୍ରାଇଜେସ ଏବଂ ସିଙ୍ଗାପୁର ଭିତ୍ତିକ କମ୍ପାନୀ ୱିଲମର ଇଣ୍ଟରନ୍ୟାଶନାଲର ଏକ ଯୌଥ ଉଦ୍ୟୋଗ। ଏହା ୧୯୯୯ରେ ସ୍ଥାପନ କରାଯାଇଥିଲା। ଆଦାନୀ ୱିଲମରରେ ଆଦାନୀ ଏଣ୍ଟରପ୍ରାଇଜେସର ୫୦% ଅଂଶଧନ ରହିଛି। ଏହା ଖାଇବା ତେଲ ବ୍ୟବସାୟରେ ରହିଛି। ଏହାବାଦ ଉକ୍ତ କମ୍ପାନୀ ବାସମତି ଚାଉଳ, ଅଟା, ମଇଦା, ସୁଜି, ଡାଲି, ବେସନ ଭଳି ସାମଗ୍ରୀ ପ୍ରସ୍ତୁତ କରୁଛି। ଏହାର ଅଧିକାଂଶ ପ୍ରଡକ୍ଟ ଫର୍ଚ୍ୟୁନ ବ୍ରାଣ୍ଡରେ ଆସୁଛି। ୨୦୨୭ ସୁଦ୍ଧା ଦେଶର ସବୁଠାରୁ ବଡ଼ ଫୁଡ୍ କମ୍ପାନୀ ହେବା ଲକ୍ଷ୍ୟ ନେଇ ଏହା କାମ କରୁଛି। ଆଇପିଓ ଦ୍ୱାରା ଏହି ଲକ୍ଷ୍ୟ ହାସଲ ଦିଗରେ କମ୍ପାନୀ ଅଗ୍ରସର ହେବ ବୋଲି କୁହାଯାଉଛି। ଦେଶର ପୁଞ୍ଜିବଜାରରେ ଆଦାନୀର ୫ କମ୍ପାନୀ ସୂଚୀଭୁକ୍ତ ହୋଇଛନ୍ତି। ଏହି କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ପ୍ରାୟ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ। ଏହି କମ୍ପାନୀଗୁଡିକ ମଧ୍ୟରେ ଆଦାନୀ ଏଣ୍ଟରପ୍ରାଇଜେସ, ଆଦାନୀ ପୋର୍ଟସ ଆଣ୍ଡ ସ୍ପେଶାଲ ଇକୋନୋମିକ ଜୋନ, ଆଦାନୀ ଟ୍ରାନ୍ସମିଶନ, ଆଦାନୀ ପାୱାର, ଆଦାନୀ ଟୋଟାଲ ଏବଂ ଆଦାନୀ ଗ୍ରୀନ୍ ଏନର୍ଜି ସାମିଲ ରହିଥିବା ଜଣାପଡିଛି।

**ଅଟକିଲା ଆଦାନି ୱିଲ୍‌ମର ଆଇପିଓ**



## ହୁରୁନ ଗ୍ଲୋବାଲ ତାଲିକା: ଭାରତର ୧୨ କମ୍ପାନୀ ସାମିଲ

ନୂଆଦିଲ୍ଲୀ,୨୧।୮

ହୁରୁନ ପକ୍ଷରୁ ବିଶ୍ୱର ୫୦୦ ପ୍ରମୁଖ ଭାଲ୍ୟୁ କମ୍ପାନୀଙ୍କ ତାଲିକା ସମ୍ପର୍କରେ ଘୋଷଣା କରାଯାଇଛି। ଏଥିରେ ଭାରତର ୧୨ କମ୍ପାନୀ ସାମିଲ ରହିଥିବା ଜଣାପଡ଼ିଛି। ଏହା ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ, ଟିସିଏସ୍ ଏବଂ ଅନ୍ୟ କମ୍ପାନୀ ରହିଥିବା ଜଣାପଡିଛି। ଗତ ବର୍ଷ ଏହି ତାଲିକାରେ ୧୧ ଭାରତୀୟ କମ୍ପାନୀ ସାମିଲ ରହିଥିଲେ। ପ୍ରଥମ ଥର ଲାଗି ଆଇଟି କମ୍ପାନୀ ୱିପ୍ରୋ ଏବଂ ଏଚ୍‌ସିଏଲ୍ ସହ ପେଣ୍ଟି ସାମଗ୍ରୀ ପ୍ରସ୍ତୁତ କରୁଥିବା କମ୍ପାନୀ ଏସିଆନ ପେଣ୍ଟସ ଏଥିରେ ସାମିଲ ହୋଇଥିବା ଜଣାପଡିଛି। ତାଲିକାରେ ୱିପ୍ରୋ ୪୬୧ ତମ ସ୍ଥାନରେ ରହିଥିବା ବେଳେ ଏସିଆନ ପେଣ୍ଟସ ୪୭୭ତମ ଏବଂ ଏଚ୍‌ସିଏଲ୍ ୪୯୮ ତମ ସ୍ଥାନ ହାସଲ କରିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଭାରତର ସବୁଠାରୁ ମୂଲ୍ୟବାନ କମ୍ପାନୀ ସ୍ଥାନ ହାସଲ କରିଛି। ଏହାର ଭାଲ୍ୟୁ ୧୧% ବଢି ୧୮୮ ବିଲିୟନ ଡଲାର ଛୁଇଁଛି। ରିଲାଏନ୍ସ ତାଲିକାର ୫୭ତମ ସ୍ଥାନରେ ରହିଛି। ୭୪ତମ ସ୍ଥାନରେ ଟିସିଏସ୍ ରହିଥିବା ବେଳେ ଏହାର ଭାଲ୍ୟୁ ୧୬୪ ବିଲିୟନ ଡଲାର ରହିଛି। ଏଚ୍‌ଡିଏଫ୍‌ସି ୧୧୩ ତମ ସ୍ଥାନରେ ଥିବା ବେଳେ ଏହାର ଭାଲ୍ୟୁ ୧୧୩ ବିଲିୟନ ଡଲାର ରହିଛି। ଆପଲ ଦୁନିଆର ସବୁଠୁ ମୂଲ୍ୟବାନ କମ୍ପାନୀ ହୋଇଥିବା ବେଳେ ଏହାର ଭାଲ୍ୟୁ ୧୫% ବଢି ୨.୫ ଲକ୍ଷ କୋଟି ଡଲାର ଛୁଇଁଛି। ଏହା ପଛକୁ ମାଇକ୍ରୋସଫ୍ଟ, ଆମାଜନ ଏବଂ ଆଲ୍‌ଫାବେଟ ରହିଛି। ତାଲିକାରେ ସାମିଲ ହୋଇଥିବା ଅଧିକାଂଶ କମ୍ପାନୀ ମଧ୍ୟରୁ ଆମେରିକା ୨୪୩ କମ୍ପାନୀ ରହିଛନ୍ତି। ସେହିଭଳି ଚାଇନାର ୪୭, ଜାପାନର ୩୦, ବ୍ରିଟେନର ୨୪ ଏବଂ ଅଷ୍ଟ୍ରେଲିଆର ୯ କମ୍ପାନୀ ରହିଥିବା ଜଣାପଡ଼ିଛି।

## ଏସ୍‌ବିଆଇ ଅଧିକାରୀ ସଂଘର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨୧।୮

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଅଧିକାରୀ ସଂଘ ପକ୍ଷରୁ ଗୁରୁବାର ୪୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଂଘର ପ୍ରତିଷ୍ଠା ଦିବସ ଅବସରରେ କଟକ ତେଲେଙ୍ଗାପେଣ୍ଠ ସ୍ଥିତ ସଖା ବୃଦ୍ଧା ଆଶ୍ରମକୁ ଏକ ୱାଶିଂମେଶନ ସହିତ ଅନ୍ୟାନ୍ୟ ଆବାସପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କ ମୁଖ୍ୟାଳୟରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କୃଷ୍ଣାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇ ଅଧିକାରୀ ସଂଘର ସଭାପତି ଅରୁଣ ବିଶୋଇ, ସମ୍ପାଦକ ସବ୍ୟସାଚୀ ସ୍ୱାଇଁ, ମହାପ୍ରବନ୍ଧକ ଅଭୟ କିଶୋର ପାଣ୍ଡେ, ରଣଜିତ ମିଶ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଓ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ରକ୍ତଦାନ ଶିବିର କ୍ୟାପିଟାଲ ହସ୍ପିଟାଲର ରକ୍ତ ଭଣ୍ଡାର ସହାୟତାରେ ଅନୁଷ୍ଠିତ ହୋଇଥିଲା। ମୋଟ ୫୪ ୟୁନିଟ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ସଂଘର ଏଭଳି ମହତ କାର୍ଯ୍ୟକୁ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କୃଷ୍ଣାନ ଭୂୟସୀ ପ୍ରଶଂସା କରିଥିଲେ।

## କ୍ଷୁଦ୍ର,ମଧ୍ୟମ ବାଣିଜ୍ୟକୁ ଫେସ୍‌ବୁକ ଦେବ ୫୦ ଲକ୍ଷ ଟଙ୍କାର ଋଣ

ନୂଆଦିଲ୍ଲୀ,୨୧।୮

ଯଦି କ୍ଷୁଦ୍ର ଏବଂ ମଧ୍ୟମ ବାଣିଜ୍ୟ ଚଳାଉଛନ୍ତି ଏବଂ ଆପଣଙ୍କୁ ପୁଞ୍ଜିର ଆବଶ୍ୟକତା ରହିଛି ତେବେ ଏହା ପାଇବା ଲାଗି ନୂଆ ବିକଳ୍ପ ଆସିଛି। ଗ୍ଲୋବାଲ ସୋସିଆଲ ମିଡିଆ କମ୍ପାନୀ ଫେସ୍‌ବୁକ୍ ଏ କ୍ଷେତ୍ରରେ ଆପଣଙ୍କୁ ସୁଯୋଗ ପ୍ରଦାନ କରିବ। ଅନ୍‌ଲାଇନରେ ଲୋନ ପ୍ରଦାନ କରୁଥିବା କମ୍ପାନୀ ଇଡିଫାଇ ସହ ବର୍ତ୍ତମାନ ଫେସ୍‌ବୁକ୍ ଚୁକ୍ତିରେ ସାମିଲ ହୋଇଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ୨୦୦ରୁ ଊର୍ଦ୍ଧ୍ୱ ସହରରେ ଥିବା କ୍ଷୁଦ୍ର ଏବଂ ମଧ୍ୟମ ବାଣିଜ୍ୟ ସଂସ୍ଥାଗୁଡିକୁ ୫ ଲକ୍ଷ ଟଙ୍କାରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିପାରିବ। ଏଥିଲାଗି ଫେସ୍‌ବୁକ ପ୍ଲାଟ୍‌ଫର୍ମରେ ବିଜ୍ଞାପନ ଦେଉଥିଲେ ଯୋଜନାର ଫାଇଦା ମିଳିପାରିବ। ବିନା କୋଲାଟେରାଲ ଋଣ କ୍ଷେତ୍ରରେ ବାର୍ଷିକ ୨୦% ପର୍ଯ୍ୟନ୍ତ ସୁଧ ହେବାକୁ ପଡିପାରେ। ମହିଳା ଉଦ୍ୟୋଗୀଙ୍କୁ ଋଣ କ୍ଷେତ୍ରରେ ସୁଧ ରିହାତି ପ୍ରଦାନ କରିବାକୁ ଏଥିରେ ଯୋଜନା ରଖାଯାଇଛି। ଋଣ ଲାଗି କୌଣସି ପ୍ରୋସେସିଂ ଫି' ଦେବାକୁ ପଡିବନାହିଁ।

# ଉଭରତେ ସିତାରେ ଫଣ୍ଡ ଶୁଭାରମ୍ଭ

ନୂଆଦିଲ୍ଲୀ,୨୧।୮

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଉଭରତେ ସିତାରେ ଫଣ୍ଡ ଶୁଭାରମ୍ଭ କରିଛନ୍ତି। ସେ କହିଛନ୍ତି, ୨୦୨୦ ବଜେଟରେ ଏ ସମ୍ପର୍କରେ ଘୋଷଣା କରାଯାଇଥିଲା। ମାତ୍ର କରୋନା କାରଣରୁ ଏହି ମହତ୍ୱାକାଂକ୍ଷୀ ଯୋଜନା କାର୍ଯ୍ୟକାରୀ କରାଇବାରେ ବିଳମ୍ବ ହୋଇଛି। ଏହି ଯୋଜନା ସମ୍ପର୍କରେ ତୃଣମୂଳ ସ୍ତରରେ ସଚେତନତା ସୃଷ୍ଟି କରିବା ଲାଗି ସେ ଉତ୍ତରପ୍ରଦେଶ ସରକାରଙ୍କୁ ନିବେଦନ କରିଛନ୍ତି। କେନ୍ଦ୍ର ସରକାର ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡିକର ସହାୟତା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ସେ ମତ ପ୍ରକାଶ କରିଛନ୍ତି।
ସେ କହିଛନ୍ତି, ଏମ୍‌ଏସ୍‌ଏମ୍‌ଇ ପରିଭାଷା ବର୍ତ୍ତମାନ ବଦଳିଛି। କାରବାର ଚାଲୁ ରଖିବା ଲାଗି ଏମ୍‌ଏସ୍‌ଏମ୍‌ଇଗୁଡିକୁ ଯେଭଳି ଅର୍ଥ ରାଶି ମିଳିପାରିବ ସେ ନେଇ ସରକାର ଉଦ୍ୟମ ଜାରି ରଖିଛନ୍ତି। ଏଥିଲାଗି ସରକାର ଏକ ବିଲ୍ ମଧ ଆଣିଛନ୍ତି। ଏଥିଲାଗି ୯ ହଜାର ଏନ୍‌ବିଏଫ୍‌ସିକୁ ଫ୍ୟାକ୍ଟରିଂ କ୍ଷମତା ପ୍ରଦାନ କରାଯାଇଛି। ଏହାଦ୍ୱାରା ଏମ୍‌ଏସ୍‌ଏମ୍‌ଇଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହା ବାଦ୍ ଏମର୍ଜେନ୍ସି କ୍ରେଡିଟ ଲାଇନ ଭଳି ପଦକ୍ଷେପ ଦ୍ୱାରା ଏମ୍‌ଏମ୍‌ଏସ୍‌ଇଗୁଡିକର ସ୍ଥିତି ସୁଧାରିବା ଦିଗରେ ବର୍ତ୍ତମାନ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ସ୍ପଷ୍ଟ କରିଛନ୍ତି।
ସେହିଭଳି ଦେଶ ମଧ୍ୟରେ କାରବାରକୁ ସୁଗମ କରିବା ଲାଗି ସରକାର ବିଭିନ୍ନ ଉପାୟ ଆପଣାଉଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡିକ ସେଲ୍ଫ ସାର୍ଟିଫିକେଶନ ଦ୍ୱାରା କାମ କରୁଛନ୍ତି। ନୂଆ ଉଭରତେ ସିତାରେ ଫଣ୍ଡ କ୍ଷୁଦ୍ର ବ୍ୟବସାୟଗୁଡିକୁ ବିଦେଶ ବିଜାରରେ ନିଜର ଉପସ୍ଥିତି ବଢ଼ାଇବା ଦିଗରେ ସହାୟକ କରିବ। କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡିକର ସମସ୍ୟାକୁ ବଚାର କରି ତା'ର ସମାଧାନ ଦିଗରେ ବିଭିନ୍ନ ପଦକ୍ଷେପ ସରକାର ଗ୍ରହଣ କରିବେ। ୧୦ ବର୍ଷ ଅବଧି ଲାଗି ଏହି ଫଣ୍ଡ ଘୋଷଣା କରାଯାଇଛି। ସିଡ୍‌ବୀ ଏବଂ ଏକଜିମ ବ୍ୟାଙ୍କ ଉଭୟ ଆଙ୍କର ଇନ୍‌ଭେଷ୍ଟର ଭାବେ ୪୦ କୋଟି ଲେଖାଏ ଅର୍ଥ ରାଶି ପ୍ରଦାନ କରିଛନ୍ତି ବୋଲି ସୀତାରାମନ କହିଛନ୍ତି।


ନିର୍ମଳା ସୀତାରାମନ


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ସୁବ୍ରତ ମେହେର
ବରପାଲି
ଶ୍ରାବଣ ପୂର୍ଣ୍ଣିମା-୦୩.୦୮.୨୦
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦ ପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥
-: ଶୋକସନ୍ତପ୍ତ :-
୰ ଦେବାଧୀ ମେହେର ପରିବାର ଓ କର୍ମଚାରୀ ବୃନ୍ଦ ।
ମେହେର ମେଡିକାଲ ଷ୍ଟୋର
ସୁବ୍ରତ ମେଡିକାଲ ଏଜେନ୍ସି
ଧ-୨୧୪୧୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰କମଳିନୀ ବେଉରା
କାଜିପାଟଣା, କଟକ
ତିରୋଧାନ:୧୫।୦୮।୨୦୧୯
ଆପଣଙ୍କ ଦୁଃଖଦ ବିୟୋଗରେ ଆମେ ସମସ୍ତେ ମର୍ମାହତ। ସ୍ୱଶରୀରେ ଆମ ନିକଟରେ ଉପସ୍ଥିତ ନଥିଲେ ମଧ ଆପଣଙ୍କ ଆଶୀର୍ବାଦ ଓ ପ୍ରେରଣା ଚିରଦିନ ଆମ ଉପରେ ଥାଉ, ଏତିକି କାମନା । ହେ ମହାନ୍ ଆତ୍ମା, ଈଶ୍ୱରଙ୍କ ନିକଟରେ ଆପଣ ଶାନ୍ତିରେ ଥାଆନ୍ତୁ ।
-:ଶୋକସନ୍ତପ୍ତ:-
ବେଉରା ପରିବାରବର୍ଗ, ବନ୍ଧୁବାନ୍ଧବ ଓ କାଜିପାଟଣା ଗ୍ରାମବାସୀବୃନ୍ଦ
ଧ-୨୧୪୧୮

**ଦଶାହ ଉପଲକ୍ଷେ**



୰ଶାନ୍ତିଲତା ଦାଶ
ଅବକାଶ ଲେନ୍, ପୁରୀ
ଆବିର୍ଭାବ: ୦୫।୦୯।୧୯୪୮
ତିରୋଧାନ: ୧୩।୦୮।୨୦୨୧
ଆପଣଙ୍କ ଆଦର୍ଶ, ଶ୍ରଦ୍ଧା, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ବନ୍ଧୁବତ୍ସଳା, ଧର୍ମପରାୟଣ ଆମ ଜୀବନର ପାଥେୟ ହେଉ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱର ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର: ବିଷ୍ଣୁ ପ୍ରସାଦ ଦାଶ
ପରିବାରବର୍ଗ ଓ ବନ୍ଧୁପରିଜନ ।
ଧ-୨୧୪୨୧

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



୰ଶ୍ରୀମତୀ ଶାନ୍ତିଲତା ପ୍ରଧାନ
ଖାସମାହଲ କଲୋନୀ, ଜଟଣୀ, ଖୋର୍ଦ୍ଧା
କରୋନା ସାମାଜିକ ଦୂରତାଠାରୁ ତୁମେ ବହୁ ଦୂରରେ ଅଛ
ସାରା ବିଶ୍ୱ ଔଷଧ ଖୋଜିଲା ପରି ତୁମେ ଆମ ଭାବନାରେ ଅଛ
ଆଖିପତା ବୁଜିଲେ ଭାସି ଆସେ ପ୍ରତିଟି ମୁହୂର୍ତ୍ତର ସ୍ମୃତି ।
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ବିନତି
ଶୋକସନ୍ତପ୍ତ: ସ୍ୱା: ଭାସ୍କର, ପୁତ୍ର: ବାପି, ପପୁ ଓ ଟିକିଲା, ପୁତ୍ରବଧୂ: କୁଇ, ମିଲି, ନାତି/ନାତୁଣୀ: ଢୁଡି, ଦିୟା ଓ ଧନ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୧୪୦୧

**ଶତବାର୍ଷିକୀ ଉପଲକ୍ଷେ**



୰ପୂର୍ଣ୍ଣଚନ୍ଦ୍ର ଦାସ
ଗ୍ରାମ: ନଡ଼ିଆବରେଇ, ପାଟକୁରା, କେନ୍ଦ୍ରାପଡ଼ା
ଧରାବତରଣ: ୧୯୨୧ ମସିହା (ଗହ୍ମା ପୂର୍ଣ୍ଣିମା)
ଶତବାର୍ଷିକୀ ପାଳନ ଅବସରରେ ଆପଣଙ୍କୁ ଆମର ଭକ୍ତିପୂତ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-:ଶୋକସନ୍ତପ୍ତ:- ପୁଅ-ବୋହୂ: ଦିଲୁ-ବେବି, ବୁଢା-ମଞ୍ଜୁ, ଶାନ୍ତନୁ-ବୁନୁ, ନାତି-ନାତୁଣୀ: ତୁତୁ, ନିତୁ, ମାମା, ଶିବୁ, ଚିକୁ ଓ ହୋମି ।
ଧ-୨୦୩୯୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



୰ଗଗନ ବିହାରୀ ମହାପାତ୍ର
ନୂଆମଠସାହି, ନିମପଡ଼ା, ପୁରୀ
ତିରୋଧାନ: ରାକ୍ଷୀ ପୂର୍ଣ୍ଣିମା, (୨୦୨୦)
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ବିନମ୍ର ଶ୍ରଦ୍ଧାଞ୍ଜଳି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ
ଧ-୨୦୪୭୨

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଡକ୍ଟର ରବିନାରାୟଣ ମିଶ୍ର
ତିରୋଧାନ - ରାକ୍ଷୀ ପୂର୍ଣ୍ଣିମା
ନାନା, ... ଆଜିକୁ ୩ ବର୍ଷ ବିତିଗଲା, ତୁମ ପଥକୁ ଚାହିଁ ଚାହିଁ । ତୁମେ ଜଗନ୍ନାଥଙ୍କ ପାଖରେ ଭଲରେ ଥିବ ନିଶ୍ଚୟ ।
କିନ୍ତୁ ଆମ ଆଖିରୁ ଲୁହ ଝରି ଚାଲିଛି, ଆମର ଅତୀତର ଦିନ ଗୁଡିକ ସ୍ମରଣ କରି ।
ଆଶୀର୍ବାଦ ଦେବ
ସୋନି - ମୁନୀ
ଧ-୨୧୧୩୬

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## ବଲିଉଡ୍‌ରେ ଡେବ୍ୟୁ କରିବେ ଖୁସି



ମୁମ୍ବାଇ: ବି ଟାଉନରେ ଚଳିତ ବର୍ଷ ବୋନି କପୁର ଓ ଶ୍ରୀଦେବୀଙ୍କ ଲାଡଲି ଖୁସି କପୁର ଡେବ୍ୟୁ କରିବାକୁ ଯାଉଛନ୍ତି। ସେ କୁଆଡେ ଯୋୟା ଅଖତରଙ୍କ ସହ କାମ କରିବେ ବୋଲି ଜଣାପଡିଛି । ଏହାସହ ଶାହାରୁଖ ଖାଁଙ୍କ ଝିଅ ସୁହାନା ଓ ଅମିତାଭ ବଚ୍ଚନଙ୍କ ନାତି ଚଳିତ ବର୍ଷ ଏକାଠି ଡେବ୍ୟୁ କରିବେ ବୋଲି କୁହାଯାଉଛି । ହେଲେ ଏହା କେତେ ସତ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ । ତେବେ ଖୁସିଙ୍କ ଡେବ୍ୟୁକୁ ନେଇ ବୋନି କହିଛନ୍ତି, ଖୁସି ଫିଲ୍ମରେ ଡେବ୍ୟୁ କରିବା କଥା ମୁଁ ଶୁଣିନି । ଯଦି ଆପଣମାନେ ଶୁଣିଥିବେ ତେବେ ତାହା ଭୁଲ ବୋଲି ସେ କହିଛନ୍ତି । ପୂର୍ବରୁ କିନ୍ତୁ ବୋନି କହିଥିଲେ ଖୁସି ଏବେ କ୍ୟାମେରାକୁ ସାମ୍ନା କରିବାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ । ଅବଶ୍ୟ ବୋନି ତାଙ୍କ ନିଜ ଫିଲ୍ମରେ ଖୁସିଙ୍କୁ ଡେବ୍ୟୁ କରିବେ ନାହିଁ ବୋଲି ପ୍ରଥମରୁ କହିଛନ୍ତି ।

## ଫୁରସତ୍


**Happy Birthday**



Many many happy returns of the day. My dear *Monalisha* Baba loves you very much. God Bless you.
*Manoj Jena, Tanzania*
D-21376


## ଚିତାବାଘ ମୁହଁରୁ ନାତୁଣୀଙ୍କୁ ଛଡ଼ାଇଆଣିଲେ ଅଜାଆଈ

ଭୋପାଳ: ମଧ୍ୟପ୍ରଦେଶର ଏକ ଦମ୍ପତି ଚିତାବାଘ ସହ ଲଢ଼େଇ କରି ସେମାନଙ୍କର ୨ ବର୍ଷର ନାତୁଣୀକୁ ରକ୍ଷା କରିପାରିଛନ୍ତି। କୁନୋ ଜାତୀୟ ଉଦ୍ୟାନ ନିକଟବର୍ତ୍ତୀ ଏକ ଗ୍ରାମରେ ଗୁରୁବାର ରାତିରେ ଏହି ଘଟଣା ଘଟିଛି। ୫୦ ବର୍ଷୀୟା ବାସନ୍ତୀ ବାଈ ଗୁର୍ଜାର ତାଙ୍କ ନାତୁଣୀ ବବି ସହ ଘର ପଛ ଅଗଣାରେ ଶୋଇଥିବାବେଳେ ରାତି ଅଧରେ ଚିତାବାଘ ଆସି ଶିଶୁଟିକୁ ଉଠାଇନେଇଥିଲା। ଚିତାବାଘ ନାତୁଣୀଙ୍କୁ ପାଟିରେ କାମୁଡ଼ି ନେଇଯାଉଥିବା ଦେଖି ବାସନ୍ତୀ ଗୋଇଠା ମାରିଥିଲେ। ଚିତ୍କାର ଶୁଣି ବାସନ୍ତୀଙ୍କ ସ୍ୱାମୀ ୫୫ ବର୍ଷୀୟ ଜୟସିଂ ସେଠାରେ ପହଞ୍ଚିଥିଲେ। ଉଭୟ ଦମ୍ପତି ଚିତାବଘ ସହ ଲଢ଼ି ଲହୁଲୁହାଣ ହୋଇଥଲେ। ପାଟି ଶୁଣି ପଡୋଶୀମାନେ ଠେଙ୍ଗାବାଡ଼ି ଧରି ପହଞ୍ଚିଯିବାରୁ ଚିତାବଘଟି ଶିଶୁକୁ ଛାଡ଼ିଦେଇ ଜଙ୍ଗଲକୁ ପଳାଇଥିଲା।




**CLASSIFIED DISPLAY**

| TARIFF | MORE SPACE • SAME PRICE | | | | | | | | GST 5% |
|---|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30 days | | |
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

Admission Open 2021-22 Session
B.SC NURSING
Approved by Govt. of Odisha & affiliated to Utkal University
ADMISSION ELIGIBILITY
+2 Science Pass
45% of mark in PCB for Gen. Category
40% of mark in PCB for SC & ST Category
SRI BALADEVJEW COLLEGE OF NURSING
Email : srigurudevtrust2020@gmail.com
Kajala, Kendrapara
7008513605, 9439927471

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧– ୨ଥର ଅଲିମ୍ପିକ୍ ମେଡାଲ ହାସଲ କରିଥିବା ପ୍ରଥମ ଭାରତୀୟ ମହିଳା ଖେଳାଳି.......... ?
୨– ପ୍ରଥମ ବାଷ୍ପଚାଳିତ ଯାନ............. ଉଦ୍ଭାବନ କରିଥିଲେ ?
୩– ସୂର୍ଯ୍ୟ ପୃଥିବୀଠାରୁ .............. ଗୁଣ ବଡ଼ ?
୪– ............. ନଦୀକୁ ଫାଦର ଅଫ୍ ଆଫ୍ରିକାନ୍ ରିଭର ବୋଲି କୁହାଯାଏ ?
୫– ପୃଥିବୀର ସବୁଠାରୁ ବଡ଼ ଆଗ୍ନେୟ ଗିରି.............. ?

## ଗତ ଥରର ଉତ୍ତର

୧ କିରେନ୍ ରିଜିଜୁ
୨ ଆଇଏନ୍ଏସ୍ ବିକ୍ରାନ୍ତ
୩ ନିକୋଲ୍ ପାସିନ୍ୟାନ୍
୪ ହରିୟାଣା
୫ ସୁଭଦ୍ରାଙ୍ଗୀ

## ଉତ୍ତରଦାତା


ବିଭୂତି ଭୂଷଣ ସାହୁ
ଚନ୍ଦ୍ରପୁର


ସୁନୀଲ କୁମାର ବେହେରା
ବ୍ରହ୍ମପୁର


ରବୀନ୍ଦ୍ର କୁମାର ସ୍ୱାଇଁ
ଜଗତ୍‌ସିଂହପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

# ରାଖୀ ଉପହାର



**ଭାଇ ହାତରେ ଭଉଣୀର ରାଖୀ ସ୍ନେହ, ଶ୍ରଦ୍ଧାର ପ୍ରତୀକ। ଯାହା ବଦଳରେ ଭାଇ ବି ଦେଇଥାଏ ଭଉଣୀକୁ କିଛି ପ୍ରୀତି ଉପହାର। ହେଲେ ବେଳେବେଳେ ଉପହାର କ'ଣ ଦେଲେ ଭଉଣୀ ଖୁସିହେବ ତା'କୁ ନେଇ ଅନେକେ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଯଦି ଆପଣ ବି ଏମିତି ଭାବୁଛନ୍ତି, ତେବେ କିଛି ଗିଫ୍ଟ ଆଇଡିଆ ଆପଣଙ୍କ କାମରେ ଆସିପାରେ...**

**ଜିମ୍ ଗ୍ୟାଜେଟ୍ସ:** ବର୍ତ୍ତମାନ ଅଧିକାଂଶ ନିଜ ଫିଜିକାଲ୍ ଫିଟ୍‌ନେସ୍‌କୁ ନେଇ ବେଶ୍ ସଜାଗ। ଏମିତିରେ ସେମାନଙ୍କୁ ବିଭିନ୍ନ ପ୍ରକାର ଜିମ୍ ବା ଏକ୍ସରସାଇଜ୍ ଗ୍ୟାଜେଟ୍ ବେଶ୍ କାମରେ ଆସିଥାଏ। ଯଦି ଆପଣଙ୍କ ଭଉଣୀ ମଧ୍ୟ ଫିଟ୍‌ନେସ୍‌କୁ ଗୁରୁତ୍ୱ ଦେଉଥା'ନ୍ତି, ତେବେ ତାଙ୍କୁ ଫିଟ୍‌ନେସ୍ ବ୍ୟାଣ୍ଡ, ଯୋଗ ମ୍ୟାଟ୍, ଟ୍ରେଡ୍‌ମିଲ୍, ଏକ୍ସରସାଇଜ୍ ସାଇକେଲ୍, ଡମ୍‌ବେଲ୍, ଏକ୍ସରସାଇଜ୍ ବଲ୍, ବେଞ୍ଚ୍ ପ୍ରେସ୍ ଆଦି ଆବଶ୍ୟକ ଜିମ୍ ଗ୍ୟାଜେଟ୍ ଉପହାରରେ ଦେଇପାରିବେ। ଏହା ସହ ସ୍ପୋର୍ଟ୍ସ ସୁଜ୍, ଏକ୍ସରସାଇଜ୍ ଡ୍ରେସ୍, ଥର୍ମୋ ୱାଟର ବଟଲ୍, ପ୍ରୋଟିନ୍ ପାଉଡର ଆଦି ବି ଦେଇପାରିବେ।

**ମୋବାଇଲ୍ ଫୋନ୍:** ମାର୍କେଟ୍‌କୁ ଦିନକୁ ଦିନ ବିଭିନ୍ନ ଲାଟେଷ୍ଟ ଫିଚର୍ସ ଥିବା ମୋବାଇଲ୍ ଫୋନ୍ ଆସୁଛି। ତେଣୁ ଆପଣ ନୂଆ ଲଞ୍ଚ୍ କରିଥିବା କୌଣସି ମୋବାଇଲ୍ ଭଉଣୀକୁ ଗିଫ୍ଟ କରନ୍ତୁ, ଦେଖିବେ ସେ ବହୁତ ଖୁସି ହେବେ। ଏହା ସହିତ ଆପଣ ଚାହିଁଲେ ଡିଜାଇନ୍ ବ୍ୟାକ୍‌କଭର, ଟ୍ରାଇପଡ୍, ସେଲ୍ଫି ଷ୍ଟିକ୍ ଆଦି ମଧ୍ୟ ଦେଇପାରିବେ।

**ଡ୍ରେସ୍ ଏବଂ ଆସେସରିଜ୍:** ଝିଅମାନେ ସାଧାରଣତଃ ନୂଆ ନୂଆ ଡ୍ରେସ୍ ଦେଖିଲେ ବହୁତ ଖୁସି ହୁଅନ୍ତି। ତେଣୁ ଉପହାରରେ ଦେବାକୁ ଏହା ଆପଣଙ୍କୁ ସବୁଠୁ ସହଜ ଉପାୟ। କେବଳ ଡ୍ରେସ୍ ନୁହେଁ, ଆପଣ ଚାହିଁଲେ ଭଉଣୀକୁ ଖୁସି କରିବା ଲାଗି ବିଭିନ୍ନ ଷ୍ଟାଇଲିସ୍ ଜୋତା, ବ୍ୟାଗ୍, ରିଷ୍ଟୱାଚ୍ ଆଦି ମଧ୍ୟ ଦେଇପାରିବେ।

**ମେକ୍‌ଅପ୍ କିଟ୍ ଏବଂ ବ୍ୟୁଟିପାର୍ଲର କୁପନ:** ଯୁବତୀମାନେ କେତେ ମେକ୍‌ଅପ୍‌ପ୍ରିୟ ତା' କିଏ ବା ନ ଜାଣେ! ଆଉ ଯଦି ସେମାନଙ୍କୁ ଉପହାରରେ ମେକ୍‌ଅପ୍ ସାମଗ୍ରୀ ମିଳେ, ତେବେ ଖୁସି କହିଲେ ନ ସରେ। ସେହିପରି ଆପଣ ଚାହିଁଲେ କୌଣସି ବ୍ୟୁଟିପାର୍ଲରର ସ୍ପେଶାଲ କୁପନ୍ ବା କମ୍ବୋ ପ୍ୟାକ୍ ଅଫର ଆଦି ବି ଗିଫ୍ଟ କରିପାରିବେ।

**ଇ–ଗିଫ୍ଟ ଭାଉଚର:** ବର୍ତ୍ତମାନ ଦୂରରେ ଥିବା କାରଣରୁ ହେଉ କିମ୍ବା କରୋନା ସମୟରେ ଯଦି ଭଉଣୀ ପାଖକୁ ଯାଇ ଗିଫ୍ଟ ଦେବା ସମ୍ଭବ ନ ହୋଇପାରୁଛି, ତେବେ ଅନ୍‌ଲାଇନ୍ ଗିଫ୍ଟ ଭାଉଚର ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହାଦ୍ୱାରା ଆପଣ ନିଜ ଭଉଣୀକୁ ମନ ପସନ୍ଦର ଗିଫ୍ଟ ବାଛିବାର ସୁଯୋଗ ଦେଇ ଅଧିକ ଖୁସି କରାଇପାରିବେ।

**କିଚେନ୍ ସାମଗ୍ରୀ:** ଯୁବତୀ ହୁଅନ୍ତୁ ଅବା ମହିଳା ରୋଷେଇ କରିବାକୁ ପ୍ରାୟ ସମସ୍ତେ ଭଲପାଆନ୍ତି। ତେଣୁ ସେମାନଙ୍କୁ ଆପ୍ରୋନ୍, ବିଭିନ୍ନ ସେପ୍‌ର କେକ୍ ପ୍ୟାନ୍, ମାଇକ୍ରୋୱେଭ୍ ଭଳି ବିଭିନ୍ନ କିଚେନ୍ ଉପକରଣ ମଧ୍ୟ ଦେଇପାରିବେ।



# ଇକୋଫ୍ରେଣ୍ଡ୍ଲି ରାଖୀ

## ଭାଇଙ୍କ ସହ ହେବ ପରିବେଶ ସୁରକ୍ଷା



**ଭାଇର ଉତ୍ତମ ସ୍ୱାସ୍ଥ୍ୟ ଏବଂ ନୀରୋଗ ଜୀବନ କାମନା କରି ସୁରକ୍ଷାକବଚ ସ୍ୱରୂପ ଭଉଣୀଟିଏ ବାନ୍ଧିଥାଏ ଭାଇ ହାତରେ ରାଖୀ। ତେବେ ଭାଇକୁ ସୁରକ୍ଷା ଦେଉଥିବା ଏହି ରାଖୀରେ ବ୍ୟବହୃତ ଉପକରଣ ଯେ ପରବର୍ତ୍ତୀ ସମୟରେ ପରିବେଶ ପ୍ରଦୂଷଣର କାରଣ ନ ସାଜେ, ସେ ଦିଗରେ ସଜାଗ ଅନେକ। ଆଉ ଏଥିପାଇଁ ଚଳିତବର୍ଷ ବେଶ୍ ଡିମାଣ୍ଡରେ ରହିଛି ବିଭିନ୍ନ ଜୈବିକ ଉପାଦାନରେ ପ୍ରସ୍ତୁତ ଇକୋଫ୍ରେଣ୍ଡ୍ଲି ରାଖୀ...**

**ବାଉଁଶରାଖୀ ହେଉଛି ବେଶ୍ ଲୋକାଦୃତ:** ଚଳିତବର୍ଷ ବାଉଁଶ ନିର୍ମିତ ରାଖୀ କରି ଚର୍ଚ୍ଚାକୁ ଆସିଛନ୍ତି ରାୟଗଡ଼ା ଜିଲା ଚାନ୍ଦିଲି ଗ୍ରାମ ପଞ୍ଚାୟତ ଅଧୀନସ୍ଥ ବଡ଼ ଚାନ୍ଦିଲି ଗ୍ରାମର ଯୁବତୀ ନଳିନୀ ପେଦେଣ୍ଟି। ସେ କୁହନ୍ତି, ପ୍ରଥମେ ବାଉଁଶରେ ବିଭିନ୍ନ ଅଳଙ୍କାର ପ୍ରସ୍ତୁତ କରୁଥିଲି। ଯେହେତୁ ସୁନା, ରୁପା, ହୀରା, ପିତଳ, ପ୍ଲାଷ୍ଟିକ୍ ଏବଂ ଷ୍ଟୋନ୍ ଆଦିରେ ପ୍ରସ୍ତୁତ ଅଳଙ୍କାର ସମସ୍ତେ ବ୍ୟବହାର କରୁଛନ୍ତି, ତେଣୁ କିଛି ନୂଆ ଅଳଙ୍କାର ପ୍ରସ୍ତୁତ କରିବାକୁ ଇଚ୍ଛା ହେଲା। ତେଣୁ ଜେକେ ପେପର ଫ୍ୟାକ୍ଟ୍ରିରେ ଥିବା ସ୍ୱର୍ଣ୍ଣ ସୋସିଆଲ ଫାଉଣ୍ଡେଶନ ମାଧ୍ୟମରେ ଭୁବନେଶ୍ୱରର କଳିଙ୍ଗ ଅନୁଷ୍ଠାନରେ ଏକ ୧୫ ଦିନିଆ ତାଲିମ ନେଲି। ବାଉଁଶରେ ପ୍ରସ୍ତୁତ କରୁଥିବା ଅଳଙ୍କାରସବୁର ବଢ଼ୁଥିବା ଚାହିଦା ଦେଖି ଏଥିରେ ରାଖୀ ପ୍ରସ୍ତୁତ କରିବାର ନିଷ୍ପତ୍ତିନେଲି। ଏହି ରାଖୀ ସମ୍ପୂର୍ଣ୍ଣ ଇକୋଫ୍ରେଣ୍ଡ୍ଲି, କାରଣ ଏଥିରେ କୌଣସି ପ୍ଲାଷ୍ଟିକର ବ୍ୟବହାର କରାଯାଇ ନାହିଁ। ତେଣୁ ଏହା ପରିବେଶ ପାଇଁ ଆଦୌ କ୍ଷତିକାରକ ନୁହେଁ। ଏହି ରାଖୀକୁ ସମସ୍ତେ ପସନ୍ଦ କରୁଥିବାରୁ ବେଶ୍ ଆତ୍ମସନ୍ତୋଷ ମିଳୁଛି।

**ବଢ଼ୁଥିବା ଚାହିଦା ଉତ୍ସାହିତ କରୁଛି:** ସର୍ବଦା କିଛି ନୂଆ କରିବାର ଇଚ୍ଛା ତାଙ୍କୁ ଆଜି ଲୋକଲୋଚନକୁ ଆସିବାର ସୁଯୋଗ ଆଣିଦେଇଛି। ବାଜରା, ଧାନ, ଚାରୁମଗଜ, ସୂର୍ଯ୍ୟମୁଖୀ ମଞ୍ଜି, କଖାରୁ ମଞ୍ଜି, ତୁଳା, ରଙ୍ଗବେରଙ୍ଗ କାଗଜ, ସୂତା, ପ୍ରାକୃତିକ ରଙ୍ଗ ଆଦି ଭଳି ବିଭିନ୍ନ ଜୈବିକ ଉପାଦାନ ବ୍ୟବହାର କରି ସମ୍ପୂର୍ଣ୍ଣ ଇକୋଫ୍ରେଣ୍ଡ୍ଲି ରାଖୀ ପ୍ରସ୍ତୁତ କରିଛନ୍ତି ଭୁବନେଶ୍ୱର ପଟିଆ ଅଞ୍ଚଳର ଦୁଇ ସାଙ୍ଗ ସ୍ମୃତିପ୍ରିୟା ପ୍ରଧାନ ଏବଂ ସରସ୍ୱତୀ ସାମନ୍ତରାୟ। ସ୍ମୃତିପ୍ରିୟା କୁହନ୍ତି, ମୋ ମାଉସୀ ବିଭିନ୍ନ ପ୍ରକାରର ହସ୍ତକଳା ପ୍ରସ୍ତୁତ କରନ୍ତି, ଯାହାକୁ ଦେଖି ନିଜେ ମଧ୍ୟ କିଛି କରିବାକୁ ଇଚ୍ଛା ଥିଲା। ତେଣୁ ମାଉସୀଙ୍କଠାରୁ ପ୍ରେରଣା ପାଇ ଏହି ଇକୋଫ୍ରେଣ୍ଡ୍ଲି ରାଖୀ ପ୍ରସ୍ତୁତ କରିବାକୁ ମନସ୍ଥ କଲି। ମୋ ସାଙ୍ଗ ମଧ୍ୟ ଏଥିପ୍ରତି ଇଚ୍ଛା ପ୍ରକାଶ କରିଥିବାରୁ ଦୁହେଁ ମାଉସୀଙ୍କ ସହ ମିଶି ରାଖୀ ପ୍ରସ୍ତୁତ କଲୁ। ଏଥିପାଇଁ ଆମେ ପ୍ଲାଷ୍ଟିକ୍ କିମ୍ବା ପରିବେଶ ପ୍ରଦୂଷଣ କରୁଥିବା ଅନ୍ୟ କୌଣସି ପଦାର୍ଥ ବଦଳରେ ସମ୍ପୂର୍ଣ୍ଣ ଜୈବିକ ପଦାର୍ଥ ବ୍ୟବହାର କରୁଛୁ। ତେବେ ମାର୍କେଟ୍‌ରେ ସିଧା ବିକ୍ରି ନ କରି ଆମେ ଅନ୍‌ଲାଇନ୍‌ରେ ଏହାକୁ ଲୋକଙ୍କ ପାଖରେ ପହଞ୍ଚାଉଛୁ। ଏହାର ଦାମ୍ ୩୫ ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ରଖିଥିବା ବେଳେ ପ୍ରାୟ ୨୦୦୦ଟି ରାଖୀ ବିକ୍ରି ହୋଇସାରିଛି। ଗ୍ରାହକଙ୍କ ପ୍ରଶଂସା ଆମକୁ ଆଗାମୀ ବର୍ଷ ଆହୁରି ଅଧିକ ଏବଂ ନୂଆ ଡିଜାଇନ୍‌ର ରାଖୀ ପ୍ରସ୍ତୁତ କରିବାକୁ ଉତ୍ସାହିତ କରିଛି।


ନଳିନୀ

**ରାଜ୍ୟ ବାହାରେ ବି ମାଟି ଜଗନ୍ନାଥ ରାଖୀର ଚର୍ଚ୍ଚା:** ଚଳିତବର୍ଷ ଇକୋଫ୍ରେଣ୍ଡ୍ଲି ରାଖୀର ଚାହିଦା ବଢ଼ିଥିବାବେଳେ ସବୁଠୁ ବେଶୀ ଚର୍ଚ୍ଚାରେ ରହିଛି ଜଗତ୍‌ସିଂହପୁରରେ ଥିବା ଟେରାକୋଟା ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ନିଆରା ଟେରାକୋଟା ରାଖୀ। ଉକ୍ତ ଜିଲାର କୋଠି ଅନ୍ତର୍ଗତ ନୂଣକୁଆରେ ଥିବା ମା' ଅନ୍ନପୂର୍ଣ୍ଣା ଟେରାକୋଟା ଉତ୍ପାଦକ ଗୋଷ୍ଠୀର ସଦସ୍ୟା କାବେରୀ ତରାଇ କୁହନ୍ତି, ''ମାଟିରେ ବି ରାଖୀ ହୋଇପାରେ ସେକଥା ଜଣା ନ ଥିଲା। ହେଲେ ଇକୋଫ୍ରେଣ୍ଡ୍ଲି ରାଖୀ ପ୍ରସ୍ତୁତ କରିବା ଲାଗି ଡିଆର୍‌ଡିଓ ପକ୍ଷରୁ ଏଭଳି ନିଆରା ରାଖୀ ପ୍ରସ୍ତୁତ କରିବାକୁ ପ୍ରୋତ୍ସାହନ ମିଳିଲା ଏବଂ ଦକ୍ଷ ଟ୍ରେନରଙ୍କଠାରୁ ତାଲିମ ନେବାର ସୁଯୋଗ ମିଳିଲା। ବର୍ତ୍ତମାନ ବିଭିନ୍ନ ଫୁଲ, ମୟୂର, ସ୍ୱସ୍ତିକ ଓ ଗଣେଶ ଏବଂ ଅନ୍ୟାନ୍ୟ ଦେବଦେବୀଙ୍କ ପ୍ରତିକୃତିର ଟେରାକୋଟା ରାଖୀ ପ୍ରସ୍ତୁତ କରୁଛୁ। ତେବେ ଏଥର ମୁଖ୍ୟ ଆକର୍ଷଣ ରହିଛି ଟେରାକୋଟା ଜଗନ୍ନାଥ ରାଖୀ, ଯାହାର ଚାହିଦା ମଧ୍ୟ ଖୁବ୍ ଅଧିକ। ଏଭଳି ରାଖୀସବୁକୁ ପ୍ରସ୍ତୁତ କରିବା ଲାଗି ଆମକୁ ୭୦ ଭାଗ ମାଟିରେ ୩୦ ଭାଗ ବାଲିକୁ ଭଲ ଭାବେ ମିଶାଇବାକୁ ପଡୁଛି ଏବଂ ଏଥିରେ ରାଖୀ ପ୍ରସ୍ତୁତ କରି ୧୨୦୦ ଡିଗ୍ରୀ ସେଲ୍‌ସିଅସ୍ ପର୍ଯ୍ୟନ୍ତ ପୋଡ଼ିବାକୁ ହେଉଛି। ଏହାକୁ ଉନ୍ନତ ମାନର ତାର, ଷ୍ଟୋନ୍ ଏବଂ ପ୍ରାକୃତିକ ରଙ୍ଗ ଲଗାଇ ସଜାଉଛୁ ଏବଂ ଶେଷରେ ବିଭିନ୍ନ ରଙ୍ଗିନ ସୂତାରେ ବାନ୍ଧି ବିକ୍ରି ଉପଯୋଗୀ କରିପାରୁଛୁ, ଯାହାର ଦାମ୍ ମଧ୍ୟ ଅନ୍ୟ ରାକ୍ଷୀ ତୁଳନାରେ କମ୍ ଅର୍ଥାତ୍ ୧୦ରୁ ୩୫ ଟଙ୍କା ପର୍ଯ୍ୟନ୍ତ ରଖିଛୁ।'' ତେବେ କେବଳ ସ୍ଥାନୀୟ ଅଞ୍ଚଳରେ ନୁହେଁ ବରଂ ଭୁବନେଶ୍ୱର, ଖୋର୍ଦ୍ଧା, ସମ୍ବଲପୁର, ବ୍ରହ୍ମପୁର ଓ ଦିଲ୍ଲୀ ଆଦି ସ୍ଥାନରେ ମଧ୍ୟ ଏହି ଆକର୍ଷଣୀୟ ଟେରାକୋଟା ରାଖୀଗୁଡ଼ିକ ଡିମାଣ୍ଡରେ ରହିଛି।


କାବେରୀ


ସରସ୍ୱତୀ–ସ୍ମୃତିପ୍ରିୟା

### ଗ୍ରାହକଙ୍କୁ ଆକୃଷ୍ଟ କରୁଛି ଇକୋଫ୍ରେଣ୍ଡ୍ଲି ରାଖୀ

**ଖୋ**ର୍ଦ୍ଧା ସହର ହାବେଳି ପଡ଼ିଆରେ ଖୋଲିଛି ଇକୋଫ୍ରେଣ୍ଡ୍ଲି ରାଖୀର ପସରା। ସାଇବାବା ପ୍ରଡ୍ୟୁସର ଗ୍ରୁପ୍ ଅଧୀନ ଗୋଡ଼ିପଡ଼ାର ମା' ମହାମାୟୀ , ମା' ମଙ୍ଗଳା, ମା' ସନ୍ତୋଷୀ ଏବଂ ମା' ତାରିଣୀ ନାମକ ୪ଟି ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କ ଦ୍ୱାରା ଏହି ଅଭିନବ ପ୍ରୟାସ କରାଯାଇଛି। ଏଠାରେ ଚଳିତବର୍ଷ ପ୍ରଥମ ଥର ଲାଗି ମାଟି, ଧାନ, ସବାଇ ଘାସ, ଝୋଟ, ଚାଉଳ ପ୍ରଭୃତି ଦ୍ରବ୍ୟକୁ ନେଇ ସୁନ୍ଦର ରାଖୀ ପ୍ରସ୍ତୁତ କରାଯାଇଛି। ତେବେ ସବାଇ ଘାସ ଏବଂ ଝୋଟ ରାଖୀ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଆକର୍ଷଣ ସାଜିଛି। ବାଲିଅନ୍ତା, ବାଲିପାଟଣା, କେନ୍ଦ୍ରାପଡା, ମୟୂରଭଞ୍ଜ ପ୍ରଭୃତି ଜିଲାର ସ୍ୱୟଂସହାୟକ ଗୋଷ୍ଠୀଙ୍କ ସହଯୋଗରେ ସଂଗୃହୀତ ସାମଗ୍ରୀକୁ ଏକତ୍ରିତ କରି ଏହି ୪ଟି ଗ୍ରୁପ ୨ମାସ ପୂର୍ବରୁ ଏହି ରାଖୀ ପ୍ରସ୍ତୁତି ଆରମ୍ଭ କରିଥିଲେ। ପୂର୍ବରୁ କରୋନା ସମୟରେ ମାସ୍କ ପ୍ରସ୍ତୁତ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସ୍ୱଳ୍ପ ଅନୁଦାନ ରାଶିକୁ ଅନ୍ୟତ୍ର ଖର୍ଚ୍ଚ ନ କରି ସେମାନେ ଇକୋଫ୍ରେଣ୍ଡ୍ଲି ରାଖୀ ପ୍ରସ୍ତୁତ କରିବାକୁ ମନ ବଳାଇଥିଲେ। ସମସ୍ତଙ୍କ ସହମତିରେ ରାଖୀ ପ୍ରସ୍ତୁତି ପାଇଁ ଆବଶ୍ୟକ କଞ୍ଚାମାଲ ସଂଗ୍ରହ ପରେ ମିଳିମିଶି କାର୍ଯ୍ୟ ଆରମ୍ଭ କରିଥିଲେ। ସଦସ୍ୟା ଶକୁନ୍ତଳା ପାଇଶାଣୀ, ଯମୁନା ବଳିଆରସିଂ ଏବଂ ପୂର୍ଣ୍ଣିମା ମହାପାତ୍ର କୁହନ୍ତି, ପୂର୍ବରୁ ରାଖୀ ପ୍ରସ୍ତୁତି ନେଇ କୌଣସି ଅଭିଜ୍ଞତା ନ ଥିଲା। ତେଣୁ ସର୍ବପ୍ରଥମେ କିପରି ସ୍ୱଳ୍ପ ମୂଲ୍ୟରେ ଏବଂ କମ୍ ସମୟରେ ରାଖୀ ପ୍ରସ୍ତୁତ କରାଯାଇପାରିବ, ତାହାର ତାଲିକା ପ୍ରସ୍ତୁତ କରିଥିଲୁ। ବଜାରରେ ଅନେକ ରାଖୀ ଷ୍ଟଲ ଥିଲେ ହେଁ ଆମ ଦ୍ୱାରା ପ୍ରସ୍ତୁତ ଇକୋଫ୍ରେଣ୍ଡ୍ଲି ରାଖୀ ଷ୍ଟଲ୍‌ରେ ଗ୍ରାହକଙ୍କ ଭିଡ଼ ଜମୁଥିବା ଦେଖି ବେଶ୍ ଖୁସି ଲାଗୁଛି। ଚଳିତବର୍ଷ ସଫଳତାକୁ ଦେଖି ଆସନ୍ତାବର୍ଷ ଆହୁରି ଉନ୍ନତ ଧରଣର ଇକୋଫ୍ରେଣ୍ଡ୍ଲି ରାଖୀ ପ୍ରସ୍ତୁତ କରିବୁ ବୋଲି ଆଶା ରଖିଛୁ।

**ଯୁବ ପ୍ରତିଭା**

# ନୃତ୍ୟ ଦିଏ ଆତ୍ମସନ୍ତୋଷ

**ତୁ**ଳସୀ ଦୁଇପତ୍ରରୁ ବାସିଲା ଭଳି ପିଲାଟିବେଳୁ ତାଙ୍କଠାରେ ଜଣେ ନୃତ୍ୟଶିଳ୍ପୀର ପରିଚୟ ମିଳିଥିଲା। ଧୀରେଧୀରେ ସେ ଏ ଦିଗରେ ଆଗେଇବା ସହ ଏହାକୁ ନେଇ ଭବିଷ୍ୟତ ସ୍ୱପ୍ନ ଦେଖିଲେ। ହେଲେ ଏଥିରେ ନା ଥିଲା ପରିବାରର ସହଯୋଗ ନା ସହମତି। ତଥାପି ନିଜ ସ୍ୱପ୍ନ ସାକାର କରିବାକୁ ସେ ଅଣ୍ଟା ଭିଡ଼ିଲେ ଏବଂ ଜାରି ରଖିଲେ ପ୍ରୟାସ। ଆଉ ବର୍ତ୍ତମାନ ସେ ଜଣେ ସଫଳ ନୃତ୍ୟଶିଳ୍ପୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ହେଉଛନ୍ତି ରେଢ଼ାଖୋଲରେ ରହୁଥିବା ପ୍ରଦୀପ ପ୍ରଧାନ। ସେଠାରେ ବର୍ତ୍ତମାନ ସେ ବୃନ୍ଦାବନ ବିହାରରେ ଥିବା ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲରେ ଆର୍ଟ ଟିଚର ଭାବେ କାର୍ଯ୍ୟରତ। ସେ କୁହନ୍ତି, ''ନୃତ୍ୟ ପ୍ରତି ସର୍ବଦା ଆଗ୍ରହ ରହି ଆସିଛି। ତେଣୁ ଯୁକ୍ତ ଦୁଇ ପଢ଼ିବା ପରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ନୃତ୍ୟ ବିଶାରଦ କୋର୍ସ କରିଛି। ହେଲେ ଏ ଦିଗରେ କ୍ୟାରିୟର ଗଢ଼ିବାକୁ ନେଇ ପରିବାରରେ ସ୍ୱୀକୃତି ମିଳି ନ ଥିଲା। ତେଣୁ ଏକଦା ଜଣେ ନୃତ୍ୟଶିଳ୍ପୀ ହେବାର ଲକ୍ଷ୍ୟ ନେଇ ଘରୁ ପାଦ କାଢ଼ିଥିଲି। ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇ ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ିଥିଲି। ହେଲେ ଏହି ସ୍କୁଲ୍‌ରେ ନିଯୁକ୍ତି ପାଇବା ପରେ ମୋତେ ସାହାଯ୍ୟର ହାତ ବଢାଇଥିଲେ ସ୍କୁଲ୍‌ର ପ୍ରେସିଡେଣ୍ଟ ପ୍ରତିଭା ତିୱାରୀ, ଯାହାଙ୍କୁ ଶ୍ରଦ୍ଧାରେ ଡାକେ ସୁଧା ମା'। ସେ ହିଁ ପାଲଟିଥିଲେ ମୋ' ପାଇଁ ପ୍ରେରଣାର ଉତ୍ସ, ଆଉ ଯୋଗାଇ ଦେଇଥିଲେ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ। ସେ ମୋ' ପାଇଁ ମା'ଠୁ ବଳି।'' ଜଣେ ନୃତ୍ୟଶିଳ୍ପୀ ଭାବେ ତାଙ୍କୁ ମିଳିଛି ରାଜ୍ୟସ୍ତରୀୟ ସ୍କାଉଟ୍ ଗାଇଡ୍ ସମାରୋହରେ ଶ୍ରେଷ୍ଠ ନୃତ୍ୟ ନିର୍ଦ୍ଦେଶକ, ତୁକୁଡ଼ା ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ, କଟକ ସହିଦ ଭବନରେ ଆୟୋଜିତ ଶ୍ରୀଗଣେଶ ମହୋତ୍ସବରେ କଳା ସମ୍ମାନ, କଟକ ଟାଉନହଲରେ ଆୟୋଜିତ ଗୁରୁପୂର୍ଣ୍ଣିମା ମହୋତ୍ସବରେ ଆଦର୍ଶ ନୃତ୍ୟ ଶିକ୍ଷକ, ଯାଜପୁରରୋଡରେ ଆୟୋଜିତ କୁମାର ଉତ୍ସବରେ କଳାକାର ସମ୍ମାନ ଭଳି ଅନେକ ପୁରସ୍କାର ଓ ପ୍ରଶଂସା। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବେଶ୍ ଗୁରୁତ୍ୱ ଦେଉଥିବା ପ୍ରଦୀପଙ୍କର କୁକିଂ, ଆର୍ଟ (ଫାଇନ୍ ଆର୍ଟ, ସ୍କେଚ୍ ଆର୍ଟ, ପୋଟ୍ରେଟ୍), ମ୍ୟୁଜିକ୍‌ରେ ମଧ୍ୟ ବିଶେଷ ରୁଚି ରହିଛି। ଜଣେ ନୃତ୍ୟଶିଳ୍ପୀ ହେବା ସହ ସେ କୋରିଓଗ୍ରାଫି ମଧ୍ୟ କରୁଛନ୍ତି। ସେ ୪ ବର୍ଷ ହେବ ରାଜ୍ୟସ୍ତରୀୟ ସୁର୍‌ଘୁଙ୍ଗୁର ମହୋତ୍ସବରେ ଜଜ୍ ଭାବେ କାର୍ଯ୍ୟ କରିଆସୁଛନ୍ତି। ତେବେ ତାଙ୍କଠାରୁ ନୃତ୍ୟ ଶିକ୍ଷା ଗ୍ରହଣ କରି ପିଲାମାନେ ଯେତେବେଳେ ରାଜ୍ୟ ଏବଂ ଜାତୀୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରନ୍ତି, ଶ୍ରମ ସାର୍ଥକ ହେବା ଭଳି ମନେହୁଏ ବୋଲି ସେ ପ୍ରକାଶ କରନ୍ତି। ଭବିଷ୍ୟତରେ ଜଣେ ଅନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଛନ୍ତି ପ୍ରଦୀପ।




ପ୍ରଦୀପ ପ୍ରଧାନ

# ଅମିତ ଖାତ୍ରିଙ୍କୁ ରୌପ୍ୟ

ନାଇରୋବି,୨୧।୮(ପି.ଟି.)

ଏଠାରେ ଚାଲିଥିବା ୨୦ ବର୍ଷରୁ କମ୍ ବିଶ୍ୱ ଆଥ୍ଲେଟିକ୍ସ ମିଟ୍‌ରେ ଭାରତ ଆଉ ଏକ ପଦକ ହାସଲ କରିଛି। ଭାରତର ଅମିତ ଖାତ୍ରି ପୁରୁଷ ୧୦ କି.ମି. ରେସ୍ ୱାକ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ଏହି ଇଭେଣ୍ଟରେ ଅମିତ ୪୨ ମିନିଟ୍ ୧୭.୯୪ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିବା ସହ ଏହି ସଫଳତା ପାଇଛନ୍ତି। ତେବେ ଆୟୋଜକ କେନିଆର ହେରିଷ୍ଟୋନ ୱାନୟୋନୀ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ସେ ୪୨ମିନିଟ ୧୦.୮୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୦ ବର୍ଷରୁ କମ୍ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାରତ ପ୍ରଥମ ଥର ପାଇଁ ଏହି ଇଭେଣ୍ଟରେ ପଦକ ହାସଲ କରିଛି।

**୨୦ ବର୍ଷରୁ କମ୍ ବିଶ୍ୱ ଆଥ୍ଲେଟିକ୍ସ ମିଟ୍**



ପୁରୁଷ ୧୦ କି.ମି. ରେସ୍ ୱାକ୍‌ରେ ରୌପ୍ୟ ପଦକ ବିଜୟୀ ଅମିତ ଖାତ୍ରି।

ପ୍ରକୃତରେ ଅମିତ ରେସ୍‌ରେ ସମସ୍ତଙ୍କଠାରୁ ଯଥେଷ୍ଟ ଆଗରେ ଥିଲେ। ତେବେ ୱାନୟୋନୀ ରେସ୍‌ର ଅନ୍ତିମ ଦୁଇଟି ଲାପ୍ସରେ ଅମିତଙ୍କୁ ପଛରେ ପକାଇଥିଲେ। ସ୍ପେନ୍‌ର ପଲ ମ୍ୟାକ୍‌ଗ୍ରାଥ ୪୨:୨୬.୧୧ ମିନିଟ ସମୟ ନେଇ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିବା ଆଥ୍ଲେଟ ବ୍ୟକ୍ତିଗତ ଭାବେ ସେମାନଙ୍କ ଶ୍ରେଷ୍ଠ ଟାଇମିଂ ରେକର୍ଡ କରିଛନ୍ତି।

ଏହାପୂର୍ବରୁ ବୁଧବାର ମିକ୍ସଡ ରିଲେ ଟିମ୍ ଇଭେଣ୍ଟରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏସ୍. ପ୍ରିୟା ମୋହନ, ବରଥ ଶ୍ରୀଧର, ସମି ଓ କପିଲ୍‌ଙ୍କୁ ନେଇ ଗଠିତ ଭାରତୀୟ ରିଲେ ଦଳ ୪x–୪୦୦ ମିକ୍ସଡ ରିଲେ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ଭାରତୀୟ ଦଳ ଫାଇନାଲ୍ସରେ ୩ ମିନିଟ୍ ୨୩.୬୦ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲା।

ଏଥିସହ ଚଳିତ ୨୦ ବର୍ଷରୁ କମ୍ ବିଶ୍ୱ ଆଥ୍ଲେଟିକ୍ସ ମିଟ୍ ଇତିହାସରେ ଭାରତ ଏ ପର୍ଯ୍ୟନ୍ତ ପଞ୍ଚମ ପଦକ ହାସଲ କରିଛି। ଏହାପୂର୍ବରୁ ୨୦୧୯ରେ ଭାରତର ହିମା ଦାସ ୪୦୦ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତର ନୀରଜ ଚୋପ୍ରା ୨୦୧୬ରେ ଜାଭେଲିନ ଥ୍ରୋ'ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ୨୦୦୨ ସଂସ୍କରଣରେ ଭାରତର ସୀମା ପୁନିଆ ଡିସ୍‌କସ୍ ଥ୍ରୋରେ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୧୪ରେ ଭାରତର ନବଜିତ କୌର ଧିଲୋନ ଡିସ୍‌କସ୍ ଥ୍ରୋରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ବାଲେଶ୍ୱର, ଗଞ୍ଜାମ, ଅନୁଗୋଳ ବିଜୟୀ

ଭୁବନେଶ୍ୱର, ୨୧।୮
(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଶନିବାର ୩ଟି ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର, ଗଞ୍ଜାମ ଓ ଅନୁଗୋଳ ବିଜୟ ହାସଲ କରିଛନ୍ତି।

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ସିଭି ରମଣ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ବାଲେଶ୍ୱର ୧୧୧ ରନରେ ବୌଦ୍ଧକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ୩୧ ଓଭରରେ ୯ ଉଇକେଟ ହରାଇ ୧୭୬ ରନ କରିଥିବାବେଳେ ବୌଦ୍ଧ ୨୪.୨ ଓଭରରେ ୬୫ ରନକରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ସ୍ୱାଭିମାନ ଲେଙ୍କା ସର୍ବାଧିକ ୫୫ ରନ କରିଥିବାବେଳେ ସ୍ୱସ୍ତି ନାୟକ ୨୨ ରନ ଦେଇ ୪ଟି ଉଇକେଟ ନେଇଥିଲେ। ବୌଦ୍ଧର ରତିରଞ୍ଜନ ବାରିକ ମଧ୍ୟ ୪ ଉଇକେଟ ସଫଳତା ପାଇଥିଲେ। ସେଞ୍ଚୁରିଅନ ପଡ଼ିଆରେ ଆୟୋଜିତ ମ୍ୟାଚରେ ଗଞ୍ଜାମ ମାତ୍ର ୧ ଉଇକେଟରେ କେନ୍ଦ୍ରାପଡ଼ାକୁ ହରାଇଛି। କେନ୍ଦ୍ରାପଡ଼ା ୪୭.୩ ଓଭରରେ ୧୬୭ ରନ କରି ସମସ୍ତ ଉଇକେଟ ହରାଇଥିଲା। ଗଞ୍ଜାମର ଆଦର୍ଶ ପଟ୍ଟନାୟକ ୩୦ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ଜବାବରେ ଗଞ୍ଜାମ ୪୫.୩ ଓଭରରେ ୯ ଉଇକେଟ ହରାଇ ୧୭୧ ରନ ସଂଗ୍ରହ କରି ନେଇଥିଲା। ଦେବାଶିଷ ବେହେରା ସର୍ବାଧିକ ୬୭ ରନ କରିଥିଲେ। ଖୋର୍ଦ୍ଧା ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଅନୁଗୋଳ ୮ ରନରେ କଳାହାଣ୍ଡିକୁ ହରାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଅନୁଗୋଳ ୨୦ ଓଭରରେ ୪ ଉଇକେଟ ହରାଇ ୧୩୨ ରନ କରିଥିଲା। ଜବାବରେ କଳାହାଣ୍ଡି ୨୦ ଓଭରରେ ୮ ଉଇକେଟ ହରାଇ ୧୨୪ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ପନକଲା ଶଶାଙ୍କ ସର୍ବାଧିକ ୫୧ ରନ କରିବା ସହ ୨ଟି ଉଇକେଟ ନେଇ ଅଲରାଉଣ୍ଡ ସଫଳତା ପାଇଥିଲେ।


ଆଦର୍ଶ ପଟ୍ଟନାୟକ







Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road,Vasant Kunj - Phase -II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. For more details, please visit your nearest authorized Hero MotoCorp outlet. +Largest Motorcycle & Scooter selling company in the world for any particular country for the year 2020. *Assured cash bonus benefit is available on purchase of any Hero scooter except Maestro Edge 125 from 18th Aug 2021 to 24th Aug 2021. T&C apply. #Offer amount & combination of offers may vary model/variant & states. Offer valid for limited period or till stock lasts. Offer is available in select states/cities only. For more details, please visit your nearest authorized Hero outlet. Hero MotoCorp reserves the right to change / modify / withdraw offer without any prior intimation. Finance scheme is at the sole discretion of Financier & subject to its respective terms & conditions.
HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

For all institutional/bulk, GeM requirements, please mail at Kolkata@heromotocorp.com & vipul.katare@heromotocorp.com | All hero offers on scooters and motorcycles are available at CSD canteen also.

ଅଥରାଇଜ୍ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ - 7799766350, ଲକ୍ଷ୍ମୀ ମୋଟର୍ସ, ଧର୍ମ ନଗର - 7799766350, ଲକ୍ଷ୍ମୀ ଅଟୋମୋଟିଭ, ଗଜପତି ନଗର - 9311853279. ଜୟପୁର: ସୁପ୍ରିମ ହୀରୋ - 7799766340. ଫୁଲବାଣୀ: ନାରାୟଣୀ ହୀରୋ - 7799766373. ରାୟଗଡ଼ା: ଅଜୀତ ହୀରୋ - 7799766358. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ - 8895667200. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ - 9437438068. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍ସ - 9437181980. ନବରଙ୍ଗପୁର: ଅରୁଣ ସେଲ୍ସ ଆଣ୍ଡ ସର୍ଭିସ - 9437174795. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ - 9437070065. ଦେବଗଡ଼ : ଜିନ୍ଦଲ ମୋଟର୍ସ - 8327793865. ଭଞ୍ଜନଗର: ରେବତି ମୋଟର୍ସ - 7737015509.

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI

ELECTRONICS, DIGITALS & FURNITURES SHOWROOM
GUPTA DISTRIBUTORS No.1 Retail Chain Stores
Odisha's most trusted Electronics, Home Appliances & Digital Products Dealer Since 1972

# ଅତୁଟ ବନ୍ଧନ...
# Rakhi
## message contest 2021

In association with RUCHI FOODLINE Since 1976 · PANDA TRAVEL MART · Panasonic

**ଆମର ପ୍ରିୟ**
**ପାଠିକାପାଠକବୃନ୍ଦ**
**ଏବଂ ସହଯୋଗୀ । ଆପଣମାନଙ୍କ**
**ସହଯୋଗ ଯୋଗୁ ଧରିତ୍ରୀର**
**ଏହି ନୂତନ ପ୍ରୟାସ ସଫଳ ହୋଇପାରିଛି ।**

**-ଅଶେଷ ଧନ୍ୟବାଦ-**



ସାରା ଦୁନିଆର ସବୁଠୁ ଅଲଗା ଭାଇଭଉଣୀ ସମ୍ପର୍କ ହୋଇଥାଏ। ଆଉ ସେ ସମ୍ପର୍କ ଗଙ୍ଗା ଭଳି ପବିତ୍ର ହୋଇଥାଏ। ପତଳା ସୂତାର ମଜଭୁତ ଡୋରି ହେଉଛି ରାଖୀ। ଭାଇଭଉଣୀର ମିଠା ଚଗଲାମିର ପ୍ରତୀକ ହେଉଛି ରାଖୀ। ଭାଇର ଅଧିକ ଆୟୁଷ ପାଇଁ ଭଉଣୀର ପ୍ରାର୍ଥନା। ଦୁନିଆର ସବୁଠୁ ନିଆରା ଭାଇଭଉଣୀ ପ୍ରେମ ଆଉ ବନ୍ଧନ। ଏହି ବନ୍ଧନ ଦୁନିଆର ଗୋଟେ ବରଦାନ ଅଟେ।

**ପ୍ରଦୀପ ସାହୁ, ସୁସୁଡ଼ା, ଅନୁଗୋଳ**

ଭାଇ-ଭଉଣୀର ସମ୍ପର୍କ ହେଉଚି ଏକ ପବିତ୍ର ସମ୍ପର୍କ। ସେହି ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପ୍ରତିବର୍ଷ ଏହି 'ରାଖୀପୂର୍ଣ୍ଣିମା' ଆସିଥାଏ। ଏହି ଦିନକୁ ମୁଁ ସବୁବେଳେ ଅପେକ୍ଷା କରିଥାଏ। ମୁଁ ସବୁବେଳେ ଠାକୁରଙ୍କୁ ପ୍ରାର୍ଥନା କରେ, ମୋ' ଭାଇକୁ ସବୁବେଳେ ସହାୟ ହୁଅନ୍ତୁ।

**ନିରୁପମା ମହାନ୍ତି, ରାଣୀହାଟ, କଟକ**

ରାଖୀ କେବଳ ଏକ ଡୋରି ନୁହେଁ, ବନ୍ଧନ। ସ୍ନେହ, ମମତା, ଭରସାର ପ୍ରତିଶ୍ରୁତି। ଆଜୀବନ ଭଉଣୀ ସୁରକ୍ଷାର ନାରୀ ଜାତି ପ୍ରତି ସମ୍ମାନ ଓ ଦାୟିତ୍ୱବୋଧର ଜାଗରଣ ସୃଷ୍ଟି କରିଥାଏ ରାଖୀ। ଉଦ୍ଦେଶ୍ୟ ମଳିନ ନ ପଡୁ, ଏ ନିଃସ୍ୱାର୍ଥ ଓ ଛଳନା ରହିତ ଭଲପାଇବା, ମମତାର ଏହି ପ୍ରତୀକ ଶକ୍ତି ଦ୍ୱାରା ଦୂର ହେଉ ସବୁ ବାଧାବିଘ୍ନ। ଭାଇ, ଭଉଣୀର ଅତୁଟ ପ୍ରେମ ଓ ଅନାବିଳ ସ୍ନେହର ପ୍ରତୀକ ହେଉଛି 'ରାଖୀପୂର୍ଣ୍ଣିମା'।

**କାଜଲ ସିଂ, ଗୁରୁଜଙ୍ଗ, ଖୋର୍ଦ୍ଧା**

ଏଇଥର ରବିବାର ୨୨ ଅଗଷ୍ଟ, ୨୦୨୧ରେ ରାଖୀ ପୂର୍ଣ୍ଣିମା ପଡୁଛି। ହଁ, ହେଇପାରେ ମୋର କେହି ଭଉଣୀ ନାହାନ୍ତି; କିନ୍ତୁ ମୁଁ ମୋର ସାନ ଭାଇକୁ ରାଖୀ ବାନ୍ଧିବା ପାଇଁ କହେ। ମୋତେ ଲାଗେ ରାଖୀର ମାନେ ଗୋଟେ ନାରୀ ଆଉ ଗୋଟେ ପୁରୁଷର ସମ୍ମାନ, ନିରାପତ୍ତା। ସଦାବେଳେ ଭାବେ ହେ ଭଗବାନ୍, ମୋତେ କାହିଁ ଗୋଟେ ଭଉଣୀଟେ ଦେଲେନି। ମୋର ତ ଭଉଣୀ ନାହିଁ, ଯଦି କିଛି ଭୁଲ ଲେଖିଥିବି, ମୋତେ କ୍ଷମା କରିଦେବ।

**ଅଜିତ କୁମାର ସାହୁ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପତଳା ସୂତାର ମଜଭୁତ ଡୋରି ହେଉଛି ରାଖୀ। ଭାଇ ଭଉଣୀର ମିଠା ଚଗଲାମିର ପ୍ରତୀକ ହେଉଛି ରାଖୀ। ଭାଇର ଅଧିକ ଆୟୁଷ ପାଇଁ ଭଉଣୀର ପ୍ରାର୍ଥନା ହେଉଛି 'ରାଖୀ'। ଭଉଣୀର ପବିତ୍ର ଭଲପାଇବାର ସାକ୍ଷୀ ହେଉଛି ରାଖୀ। ସେ ସମୟ ବହୁତ ଖାସ ହୋଇଥାଏ, ଯେବେ ଭଉଣୀ ହାତରେ ଭାଇର ହାତ ରହିଥାଏ। ଶୁଭ ରାଖୀ ପୂର୍ଣ୍ଣିମା।

**ଶକ୍ତିପୂଜାରିଣୀ ଦାଶ, ଚର୍ଚ୍ଚିକା ବଜାର, ଜଗତ୍‌ସିଂହପୁର**

ହୀରାଟିଏ ପରି ଚାନ୍ଦଟିଏ ପରି
କୋଟିଏରେ ଗୋଟେ ମୋ ଭଉଣୀ
ରାଖୀକୁ ଛୁଇଁ ମୁଁ ଶପଥ କରୁଛି
ମରିବାଯାଏଁ ମୁଁ ରହିବି ତୋ ଭାଇ ହୋଇ

**ଅନୁପ କୁମାର ମହାପାତ୍ର, ଶ୍ରୀ ବିହାର, ପୁରୀ**

ଭଉଣୀଟି ଭାଇର ଶୁଭମନାସି ଭାଇ ହାତରେ ବାନ୍ଧିଦିଏ ସେନେହର ଡୋରି, ଭାଇ ମଧ୍ୟ ଭଉଣୀକୁ ଆଜୀବନ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥାଏ। ଏହି ପ୍ରତିଶ୍ରୁତି ନିଜ ଭଉଣୀ ପାଖରେ ସୀମିତ ନ ରଖି ପ୍ରତ୍ୟେକଟି ପୁରୁଷ ସମସ୍ତ ନାରୀଜାତିକୁ ସୁରକ୍ଷା, ସମ୍ମାନ ଦେବା ଉଚିତ। ତାହାହେଲେ ଯାଇ ଏଇ କଳୁଷିତ ସମାଜରେ ସହୃଦୟତା ଓ ସଂହତିର ଭାବ ଉଦ୍ରେକ ହୋଇ ସାମାଜିକ ଜୀବନ ସମୃଦ୍ଧ ହୋଇ ଗଢ଼ି ଉଠିବ।

**ସୂର୍ଯ୍ୟନାରାୟଣ ସିଂହ, ବିଜେବି ନଗର, ଭୁବନେଶ୍ୱର**

ବନ୍ଧନ ଭାଇ ଭଉଣୀର
କେବେ ମିଠା କେବେ ଖଟା
କେବେ ମାନ କେବେ ଅଭିମାନ
କେବେ ବନ୍ଧୁତା କେବେ ଝଗଡ଼ା
କେବେ ହସିବା ତ କେବେ କାନ୍ଦିବା
ଏଇ ସମ୍ପର୍କ ଅଟେ ଭଲପାଇବାର
ସବୁଠାରୁ ଅଲଗା ସବୁଠୁ ନିଆରା।

**ତ୍ରିଦିବେଶ ପଟ୍ଟନାୟକ, ଗାନ୍ଧୀନଗର, ବଲାଙ୍ଗୀର**

ରାଖୀ ପୂର୍ଣ୍ଣିମା ଅବସରରେ ସମସ୍ତ ଭାଇ ଓ ଭଉଣୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
''ସେନେହ ସୂତାରେ ମମତାର ମାଳି
ଦେଉଛି ବାନ୍ଧି ମୁଁ ହାତରେ ତୋର,
ମନେ ରଖିଥିବୁ ଭୁଲି ତୁ ନ ଯିବୁ
ରେଶମୀ ଡୋରକୁ ନ କରି ପର।''

**ପ୍ରିୟଙ୍କା ସାହୁ, ଧକୋଠା, ଆନନ୍ଦପୁର, କେନ୍ଦୁଝର**

May this thread of love bring in your life countless joys, prosperity, success and peace. May this sacred bond, between us grow each day stronger and our affection marifold increase.

**ଗୁରୁ ପ୍ରସାଦ ସାହୁ, ରାଜାବଜାର, ଜଟଣୀ, ଖୋର୍ଦ୍ଧା**

ରକ୍ଷାବନ୍ଧନର ଅଭିନନ୍ଦନ।
ଆଜିର ଦିନ ବହୁତ ଖାସ୍। ମୋ ଭଉଣୀ ପାଇଁ
ସେ ଥିଲେ ସବୁକିଛି ଅଛି ମୋ ପାଖରେ।
ତା' ସୁଖ ଦୁଃଖ ହସ ଲୁହରେ
ଏ ଭାଇ ସବୁବେଳେ ତୋ' ପାଖରେ।

**ଇର୍ସିତା ବେହେରା, ଆନନ୍ଦପୁର, କେନ୍ଦୁଝର**

ଭାଇ ବୋଲି ଭଉଣୀ ଆଗେ କରେ ସେ କଳି,
ଭଉଣୀ କରେ ଭାଇ ପାଖେ ଅଳି।
ଭାଇ ହେଉଛି ଭଉଣୀ ଜୀବନ,
ଭାଇ ରଖେ ଭଉଣୀର ମନ।
ରାଖୀ ବାନ୍ଧିଲି ମୁଁ ରଖିବୁ ତୁ ମାନ,
କେବେ କରିବିନି ତୋର ଅସମ୍ମାନ
ଆଖିରେ ତୁ କେବେ ଦବୁନି ଲୁହ,
ହସେଇବୁ ମତେ ତୁ ସାରା ଜୀବନ।

**ଦୀପ୍ତିମୟୀ ଦାସ, ଜୟପୁରା, କେନ୍ଦ୍ରାପଡା**

ଭାଇ ଭଉଣୀର ସେନେହ ମିଳନ,
କରାଏ ଏଇ ରାଖୀ ବନ୍ଧନ।
ଭୁଲି ତୁ ନ ଯିବୁ ମତେ ରଖିଥିବୁ,
ରେଶମୀ ଡୋରକୁ ନ କରି ପର।
ରାଖୀ ବନ୍ଧନଟି ହେଲା ଭାଇଙ୍କ ପାଇଁ,
ଭଉଣୀ ବାନ୍ଧଇ ପାଉଣା ପାଇଁ।
ଭାଇ ତତେ ମୋର ରହିଲା ରାଣ
କେବେ କହିବୁନି କଥା ତୁ ଟାଣ।

**ସୁଇଟି ରଣା, ବଡ଼ହାଟ, କେନ୍ଦ୍ରାପଡା**

ମୁଁ ଜଣେ ଭଉଣୀ ଥିବାରୁ ମୋର କେହି ଭାଇ ନ ଥିବାରୁ ମୁଁ କାହାକୁ ରାଖୀ ପିନ୍ଧାଇବି। ଭଗବାନ ଯଦି ମୋତେ ଗୋଟେ ଭାଇ ଦେଇଥାନ୍ତେ, ମୁଁ ତାଙ୍କୁ ରାଖୀ ପିନ୍ଧାଇ ପାରିଥାନ୍ତି। ବର୍ଷକୁ ଥରେ ଆସେ ରକ୍ଷାବନ୍ଧନ ଏବଂ ଭାଇ ଭଉଣୀର ସମ୍ପର୍କକୁବହୁତ ନିବିଡ଼ କରାଉଥାଏ ଓ ଖୁସି ଆଣେ।

**ଫୁରହାନା ପର୍‌ବିନ୍, ବଡ଼ହାଟ, କେନ୍ଦ୍ରାପଡ଼ା**

ବର୍ଷକୁ ଥରେ ଆସେ ରକ୍ଷାବନ୍ଧନ। ଭାଇ ଭଉଣୀର ସମ୍ପର୍କ ବହୁତ ନିବିଡ଼। ଭଉଣୀ ଖୁସି ମନରେ ଅନେଇଥାଏ କେବେ ଆସିବ ରାଖୀ ପୂର୍ଣ୍ଣିମା। ସେ ଦିନ କେବେ ଭୁଲି ହେବନାହିଁ। ଭଉଣୀର ମନରେ ଥାଏ ରକ୍ଷାବନ୍ଧନ କେବେ ଆସିବ ଏବଂ ଭାଇକୁ ଅପେକ୍ଷା କରି ବସିଥାଏ।

**ବିଦ୍ୟାଭୂଷଣ ସାହ, କେନ୍ଦ୍ରାପଡ଼ା**

ଭାରତବର୍ଷରେ ପଡଇ ବାରମାସେ ତେର ପରବ। ପର୍ବାଣି ଇତିମଧ୍ୟରୁ ପଡଇ ରାଖୀ ପୂର୍ଣ୍ଣିମା। ଭାଇ ଭଉଣୀଙ୍କ ସ୍ନେହ ଓ ଶ୍ରଦ୍ଧାର ପରବ। ଭଉଣୀ ଅନେଇ ବସି ରହିଥାଏ କେବେ ଆସିବ ରାଖୀ ପୂର୍ଣ୍ଣିମା। ଭାଇ ହାତେ ବାନ୍ଧିବ ରାଖୀ। ରେଙ୍ଗବେରଙ୍ଗ ରାଖୀ। ବର୍ଷକରେ ଗୋଟିଏ ପର୍ବ ସେଥିମଧ୍ୟରୁ ରାଖୀପୂର୍ଣ୍ଣିମା ଅନ୍ୟତମ।

**ଫାଇଜାନ୍ ଖାଁ, ପୋଷ୍ଟଅଫିସ୍ ଲାଇନ୍, କେନ୍ଦ୍ରାପଡ଼ା**

ମୋ ଜୀବନରେ ତ ଭାଇ ଦେଲ ନାହିଁ।
କାହା ହାତେ ରାଖୀ ବାନ୍ଧିବି ମୁହିଁ।
କାହାକୁ ମାଗିବି ରାଖୀ ପାଉଣା।
କାଳିଆ ହାତରେ ଦ୍ରୌପଦୀ ରାଖୀ,
ପାଉଣା ତାହାର ରହିଛି ବାକି, ଝରି ଯାଉଥିଲା ରକତ ଧାର, ରୋକିଦେଲା ଚିରା ପଣତ ତାର, ଜଗାବଳିଆଙ୍କ ହାତରେ ରାଖୀ ବାନ୍ଧଇ ସୁଭଦ୍ରା ଭଉଣୀ।

**ସରୋଜିନୀ ସ୍ୱାଇଁ, କୋଲପଡା, କେନ୍ଦ୍ରାପଡ଼ା**

ଭ୍ରାତା-ଭଗ୍ନୀ ସମ୍ପର୍କର ଚରମ ନିଦର୍ଶନ ସ୍ୱରୂପ ନିଜର ଭାଇ ଭଉଣୀଙ୍କ ସହିତ ରତ୍ନ ସିଂହାସନରେ ଉପବିଷ୍ଟ ବଳଭଦ୍ରଙ୍କ ଜନ୍ମ ଦିବସରେ ପୃଥିବୀର ସମସ୍ତ ଭାଇ ଭଉଣୀଙ୍କୁ ନିବେଦନ, ଏହାକୁ ସ୍ମରଣ କରି ସମ୍ପର୍କକୁ ଦୃଢ଼ କରନ୍ତୁ। ପବିତ୍ର

ରକ୍ଷାବନ୍ଧନରେ ମୋର ଅନୁରୋଧ।

**ଅଙ୍କିତା ପ୍ରି. ମିଶ୍ର, ନୂଆବଜାର, କଟକ**

ଭାଇ ଓ ଭଉଣୀର ବନ୍ଧନ ବହୁ ପୁରାତନ କାଳରୁ ରହିଆସିଛି। ରାଖୀ ଏକ ପବିତ୍ର ବନ୍ଧନ, ଯାହାକି ଦୁଇ ଆତ୍ମାର ସମ୍ପର୍କକୁ ଦୃଢ଼ କରିଥାଏ। ଭାଇର ଭଉଣୀ ପ୍ରତି ଥିବା ଦାୟିତ୍ୱ ଏବଂ ଭଉଣୀର ଭାଇ ପ୍ରତି ସ୍ନେହ, ଆଦର ସମ୍ମାନକୁ ଦୃଢ଼ କରିଥାଏ।

**ସୁଶ୍ରୀ ରୋଷନା ଜେନା**
**ଆଇଆରସି ଭିଲେଜ,ଭୁବନେଶ୍ୱର**

ଶୁଭ ରକ୍ଷା ବନ୍ଧନ, ଏହି ପର୍ବର ଆମ ସମସ୍ତଙ୍କର ସୁନ୍ଦର ସ୍ମୃତି ଅଛି, ଯାହା ଆମକୁ ଅନେକ ସମୟରେ ଖୁସି ଦେଇଥାଏ। ଯେପରି ଦୁଇ ଚକ୍ଷୁ ବିନା ସୁନ୍ଦର ଦୃଶ୍ୟ ଦେଖିବା ଅସମ୍ପୂର୍ଣ୍ଣ। ସେହିପରି ଭାଇଙ୍କ ଅନୁପସ୍ଥିତିରେ ଉତ୍ସବଟି ଫିକା ପଡିଯାଇଥାଏ। ସମସ୍ତ ଭଉଣୀ ଏହି ଉତ୍ସବ ପାଇଁ ଅପେକ୍ଷା କରି ରହିଥାନ୍ତି। ଆଜି ମୁଁ ଆପଣମାନଙ୍କୁ ମୋର ଖୁସିର ରହସ୍ୟ କହୁଛି, ସେ ମୋ ଭାଇ ନୁହେଁ, ମୋ ବାପା ମା' ଯେଉଁମାନେ ମୋ ପାଇଁ ତୋତେ ଆଣିଛନ୍ତି।

**ଲିପ୍‌ସା ବିଷୋୟୀ, ଗଣେଶମାର୍କେଟ, ବାଲିପଡା**

ଲଢ଼ିବା, ଝଗଡା କରିବା, ମନେଇବା ଏହା ଭାଇଭଉଣୀଙ୍କ ଭଲ ପାଇବା ହୋଇଥାଏ। ଆଉ ଏହି ରାଖୀର ପର୍ବ ସେ ଭଲ ପାଇବା, ସ୍ନେହକୁ ଅଧିକ ବଢ଼େଇ ଦେଇଥାଏ। ଦୁନିଆର ସବୁଠୁ ନିଆରାଠାରୁନିଆରା ଭାଇଭଉଣୀଙ୍କ ପ୍ରେମ, ଆଉ ବନ୍ଧନ। ଆଉ ଏହି ବନ୍ଧନ ହେଉଛି ଦୁନିଆ ପାଇଁ ଗୋଟିଏ ବରଦାନ ସଦୃଶ। ଶୁଭ ରାଖୀ ପୂର୍ଣ୍ଣିମା।

**ଶକ୍ତି ପୂଜାରିଣୀ ଦାଶ, ଚର୍ଚ୍ଚିକାବଜାର, ଜଗତ୍‌ସିଂହପୁର**

ଧର୍ମାନୁସାରେ ଶ୍ରାବଣ ପୂର୍ଣ୍ଣିମାରେ ସୌରଜଗତର ସମସ୍ତ ଗ୍ରହ ପୃଥିବୀ ଉପରେ ଆକ୍ରମଣ କରିଥିଲେ। ପୃଥିବୀ ନିଜର ରକ୍ଷା ପାଇଁ ଚନ୍ଦ୍ରକୁ ରାକ୍ଷୀ ବାନ୍ଧି ଭାଇ କରିଥିଲେ। ସେହିଦିନରୁ ଚନ୍ଦ୍ର ପୃଥିବୀର ସୁରକ୍ଷାକବଚ ସାଜି ପୃଥିବୀ ଚାରିପଟେ ବୁଲୁଛି।

**କୌଶଲ୍ୟା ମଲ୍ଲିକ, ଦୁର୍ଗାବଜାର, ଚୌଦ୍ୱାର**

As said, "Siblings may be the keeper of one's identify".
A hand more complex than chemistry,
Filled with serinity that lasts till eternity,
Celebrating the strength of our faternity,
I tie you a Rakhi with all my emotional itegrity.

**Shutal Snigdha Moharana, Nayabazar, Cuttack**

ପବିତ୍ର ରାଖୀପୂର୍ଣ୍ଣିମାରେ ଭାଇଟିଏ ତା' ଭଉଣୀ ହାତରୁ ରାଖୀ ବାନ୍ଧି ସାରା ଜୀବନ ସୁରକ୍ଷା ପ୍ରଦାନ କରିବା ଓ ସ୍ନେହ ବନ୍ଧନରେ ବାନ୍ଧି ରଖିବାର ପ୍ରତିଶ୍ରୁତି ପ୍ରଦାନ କରିଥାଏ। ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି ଭାଇଭଉଣୀର ଏହି ସମ୍ପର୍କ ସବୁବେଳେ ଅତୁଟ ରହିଥାଉ।

**Jitendriya Sarangi, Sailashree Vihar, Bhubaneswar**

ଏହା ଏକ ଅତୁଟ ବନ୍ଧନ ଯାହା ଭାଇ ଓ ଭଉଣୀର ଭଲ ପାଇବା ଦ୍ୱାରା ବନ୍ଧା ହୋଇଛି, ଏହାର ପ୍ରମାଣ ଦିଏ ରାଖୀପୂର୍ଣ୍ଣିମା। ରାଖୀପୂର୍ଣ୍ଣିମା ଦିନ ଭାଇକୁ ଭଉଣୀ ରାଖୀ ବାନ୍ଧେ ଓ ଭାଇ ତା'ର ରକ୍ଷା ପାଇଁ ପ୍ରତିଶ୍ରୁତି ଦିଏ। ଏହା ଏକ ରେଶମର ସୂତା ହୋଇଥିଲେ ମଧ୍ୟ ଏହା ଦୁଇଜଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ।

**ଜେସିକା ବେଉରିଆ, ବରୀ, ଯାଜପୁର**




Happy Raksha Bandhan to the world's best brother. Thanks for giving me the freedom to pursue my dreams. You are the one who hides my all secrets and loves me as no one else does. Thanks for supporting me and believing in me. I feel very blessed to have a brother like you

**Priyanka Pradhan, Fullnakhara, Cuttack**

ରାଖୀ ପୂର୍ଣ୍ଣିମା ସାରା ଭାରତ ବର୍ଷର ଏବଂ ହିନ୍ଦୁ ଧର୍ମର ଏକ ମହାନ ପରମ୍ପରା। ଭାଇ ଓ ଭଉଣୀର ଏହି ପବିତ୍ର ପ୍ରେମକୁ ରକ୍ଷାବନ୍ଧନ ରୂପରେ ମାନ୍ୟତା ଦିଆଯାଇଅଛି। ପୁରାଣ ଶାସ୍ତ୍ରରେ ଦୈତ୍ୟରାଜ ମହାବୀର ବଳିରାଜା ୧୧୦ ଯଜ୍ଞ ପୂରା କରିଥିଲେ। ଦେବତାଗଣ ଭୟ କରି ଯାଇ ବିଷ୍ଣୁଙ୍କ ପାଖରେ ପହଞ୍ଚିଥିଲେ। ବିଷ୍ଣୁ ବଳିରାଜାଙ୍କର ଦ୍ୱାରପାଳ ହୋଇରହିଲେ। ଲକ୍ଷ୍ମୀ ବଳିଙ୍କୁ ଭାଇ ବନାଇ ରାଖୀ ବାନ୍ଧି ଶ୍ରାବଣ ମାସରେ ବିଷ୍ଣୁଙ୍କୁ ଉଦ୍ଧାର କରିଥିଲେ।

**Ashok Kumar Jena, Kuhari, Khurdha**

ଆଜିର ଦିନଟି କିଛି ଖାସ୍ ମୋ ପାଇଁ
ଅନେଇ ରହିଥାଏ ସଦା ମୁଁ ତୋ ପାଇଁ,
ଭଉଣୀର ରାଖୀ ଅଛି ବନ୍ଧା ମୋ ହାତରେ
କରୁଛି ଶପଥ ଆଜି ମୁଁ ତୋ ପାଖରେ
ତୋ ଭାଇ ସବୁଦିନ ଅଛି ତୋ ପାଖରେ।

**Shantanu Kumar Behera, Dumduma, H.B. Colony, BBSR**

ଦୁର୍ବଳ ସୂତା ଖିଅରେ ତିଆରି ମଜଭୁତ ଡୋରଟିଏ ଏଇ ରାଖୀ। ପ୍ରେମ ଓ ମିଠାମିଠା ଝଗଡ଼ାର ସାକ୍ଷୀ ଏଇ ରାଖୀ। ଭାଇର ଲମ୍ବା ଆୟୁଷର ପ୍ରାର୍ଥନା ଏଇ ରାଖୀ। ଭଉଣୀର ମାନ ରକ୍ଷାର ପ୍ରତିଶ୍ରୁତି ଏଇ ରାଖୀ। ଜାତିପ୍ରଥା ଓ ଭେଦଭାବଠାରୁ ବହୁତ ଦୂରରେ ଏଇ ରାଖୀ। ଏକତାର ପାଠ ପଢ଼ାଏ ଏଇ ରାଖୀ। ପିଲାଦିନର ସ୍ମୃତିର ଚିତ୍ରହାର ଏଇ ରାଖୀ। ଭାଇଭଉଣୀର ପରମ୍ପରା ଓ ବିଶ୍ୱାସ ଏ ରାଖୀ। ପବିତ୍ର ରାଖୀ ପୂର୍ଣ୍ଣିମାରେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

**ନାରାୟଣ ମହାରଣା, ବାଲିମେଳା, ମାଲକାନଗିରି**

ଭାଇଭଉଣୀର ପବିତ୍ର ବନ୍ଧନ ରକ୍ଷାବନ୍ଧନ। ଭଉଣୀ ତା' ସୁରକ୍ଷା ପାଇଁ ଭାଇହାତରେ ପବିତ୍ର ରାଖୀ ବାନ୍ଧିଥାଏ।

**Nibedita Mahapatra, Jharpokharia, Mayurbhanj**

ଭାଇଭଉଣୀର ପବିତ୍ର ସମ୍ପର୍କକୁ ନେଇ ଭଉଣୀ ତା' ଭାଇ ହାତରେ ରାଖୀ ବାନ୍ଧିଥାଏ। ଏହାକୁ ରକ୍ଷାବନ୍ଧନ କୁହାଯାଏ।

**ହୃଷୀକେଶ ମହାପାତ୍ର, ବଣବୁଡ଼ାମରା, ଝାରପୋଖରିଆ**

ଭାଇଭଉଣୀ ହେଉଛନ୍ତି ପିଲାଦିନର ପ୍ରଥମ ସାଙ୍ଗସାଥୀ କହିଲେ ଭୁଲ ହେବନାହିଁ। ଏହି ମୁହୂର୍ତ୍ତରେ ଝଗଡ଼ା ଓ ପର ମୁହୂର୍ତ୍ତରେ ପୁଣି ସ୍ନେହ। ଉଭୟଙ୍କ ମଧ୍ୟରେ ଏହି ସ୍ନେହ ଶ୍ରଦ୍ଧା ସର୍ବଦା ଏହି ପରି ଭାବରେ ରହୁ, ଏହା ମହାପ୍ରଭୁଙ୍କ ପାଖରେ କାମନା କରି 'ରାଖୀ ପୂର୍ଣ୍ଣିମା' ଦିନ ଭଉଣୀ ଭାଇ ହାତରେ ସ୍ନେହରେ ରାଖୀର ଡୋରିଟିଏ ବାନ୍ଧିଥାଏ।

**Susree Sangita Ratha, I.R.C. Village, Nayapali, Bhubaneswar**

ଏ ରାଖୀ କେବଳ ଗୋଟେ ଛୋଟ ସୂତା ନୁହେଁ, ଏହା ହେଉଛି ମୂକ ସାକ୍ଷୀ ଆମ ସମ୍ପର୍କର ମାନ, ଅଭିମାନ ଅବା ତୋ ସ୍ନେହଭରା ଗାଳି। ଏହାତ ହେଉଛି ଭାଇଭଉଣୀ ସ୍ନେହ ଓ ମମତାର। ଆଜିର ଦିନଟି ହେଉଛି ଭାଇ ଓ ଭଉଣୀର ପବିତ୍ର ସମ୍ପର୍କର ପର୍ବ ରାଖୀପୂର୍ଣ୍ଣିମା।

**ଜଗଦୀଶ ଦାସ, ଗୋବିନ୍ଦପୁର, କଟକ**

ଜାଳି ଜ୍ଞାନ ପ୍ରଦୀପ, ଘେନିଯାଅ ସୁପଥେ ଦିଅ ଦିବ୍ୟାନନ୍ଦର ସନ୍ଧାନ, ଆୟୁଷ୍ମାନ ଆଶିଷେ, ପାରିଜାତ ସୁବାସେ ଭରିଦିଅ ମୋ ଭାଇର ଜୀବନ।

**ଦୈତାରୀ ରଣା, ମାହାଙ୍ଗା, କଟକ**

ରାଖୀ ଭାଇ ଭଉଣୀଙ୍କର ପ୍ରେମ ଓ ପବିତ୍ର ବନ୍ଧନ। ବଳିରାଜା ଦାନ କଥା- ଦେବତା ଅସୁର ମଧ୍ୟରେ ୧୨ ବର୍ଷର ଯୁଦ୍ଧ, ମହାଭାରତରେ ଶ୍ରୀକୃଷ୍ଣ ଶିଶୁପାଳ ବଧକରି ଚକ୍ର ଫେରିବା ସମୟରେ ଶ୍ରୀକୃଷ୍ଣଙ୍କ ଆଙ୍ଗୁଠି କଟିଯିବାରୁ ଦ୍ରୌପଦୀ ଶାଢ଼ି ଚିରି ବାନ୍ଧିଥିଲେ, ପ୍ରତିବଦଳରେ ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ କୋଟିବସ୍ତ୍ର ଦେଇ ଲଜ୍ଜା ନିବାରଣ କରିଥିଲେ। ଇତିହାସର ରାଣୀ କର୍ଣ୍ଣାବତୀ ଓ ରାଜା ହିମାୟୁ କଥା ମଧ୍ୟ ଏହି ପୂର୍ଣ୍ଣିମା.ସହିତ ଜଡ଼ିତ। ଏହି ଦିନ ବଳଭଦ୍ରଙ୍କ ଜନ୍ମ। ଏହି ଦିନ ଚାଷୀ ପରିବାରରେ ଚାଷ ଉପକରଣର ପୂଜା ସହିତ ପିଠା ପଣାରେ ଉଲ୍ଲସି ଉଠେ। ପୂଜା ପାଇଁ ବ୍ରାହ୍ମଣ ଦେଇଥିବା ପଇତା ପିନ୍ଧା ନିଆରା ମଜା।

**ଭଗବାନ ପ୍ରଧାନ, ବୁଗୁଡା, ଗଞ୍ଜାମ**

ନିଜର ବର୍ଷ ବର୍ଷର ଥିବା ଏକ ନର୍ଦ୍ଦିଷ୍ଟ ବିଷୟ ଉପରେ ଥିବା ଅନୁଭବ ଏବଂ ନିଜ ପ୍ରତି ଥିବା କଠୋର ବିଶ୍ୱାସ ହେଉଛି ଏକ ପ୍ରତିଯୋଗୀର ଲକ୍ଷଣ। ପ୍ରତିଯୋଗୀ ତାର ଅର୍ଥ ହେଲା ନିଜ ନିଜର ବୁଦ୍ଧି ବିଦ୍ୟା ଓ ବଳ ମାଧ୍ୟମରେ ନିଜର ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ନିଜେ ବିଜୟ ଲାଭ କରିବା। ଏହାର ମାନେ ନୁହେଁ ଯେ ତୁମଠୁ ଶ୍ରେଷ୍ଠ ଆଉ ତ କେହି ନାହାନ୍ତି, ତୁମେ ତୁମର ପ୍ରତିଦ୍ୱନ୍ଦ୍ୱୀଙ୍କୁ ନୀଚ ଚକ୍ଷୁରେ ଦେଖିବ ନାହିଁ ଓ କଠୋର ପରିଶ୍ରମ କରି ଚାଲିବ।

**ଆୟୁଷ ପାଢ଼ୀ, ସର୍ବୋଦୟନଗର, ପୁରୀ**

''ରାଖୀ'' ଅର୍ଥ ରକ୍ଷାକାରୀ ଓ କାରିଣୀ। ଭାଇଭଉଣୀ ଉଭୟେ ପରସ୍ପରର ରକ୍ଷାକରଣ ନିମନ୍ତେ ଏହିଅତୁଟ ସମ୍ପର୍କ ଓ ସଂସ୍କୃତି ଚଳିତ ଅନାଦି ଯୁଗରୁ, ଏହା ସମଗ୍ର ମାନବ ଜାତି ନିମନ୍ତେ ଉଦ୍ଦିଷ୍ଟ ଓ ମାନବ ସମାଜର ଉନ୍ନତି ନିମନ୍ତେ ବଦ୍ଧପରିକର।

**ଜ୍ୟୋସ୍ନାମୟୀ ପାଣି, ମର୍କତନଗର, କଟକ**

ରାଖୀ ପୂର୍ଣ୍ଣିମା ଅବସରରେ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆଜିର ଏହି ପବିତ୍ର ଦିନଟି ମୋ ଭଉଣୀ ପାଇଁ। ସେ ଥିଲେ ସବୁକିଛି ଅଛି ମୋ ପାଖରେ, ସେଥିପାଇଁ ତୋ ସବୁ ସୁଖ ଦୁଃଖ ହସ ଲୁହରେ ଏ ଭାଇ ରହିଅଛି ଏବଂ ରହିଥିବ ମଧ୍ୟ।

**ସୁଶାନ୍ତ କୁମାର ସାସମଲ, ଆସ୍କାରୋଡ, ବ୍ରହ୍ମପୁର**

ପ୍ରାୟତଃ ସମସ୍ତଙ୍କର ଧାରଣା ଯେ ଭଉଣୀମାନେ ଭାଇମାନଙ୍କୁ ରାଖୀ ବାନ୍ଧନ୍ତି। ଏତାଦୃଶ ଧାରଣା ଭୁଲ। ସମସ୍ତେ ସମସ୍ତଙ୍କୁ ରାଖୀ ପିନ୍ଧେଇ ପାରିବେ। ତା ଅର୍ଥ ସମସ୍ତେ ସମସ୍ତଙ୍କର ସୁରକ୍ଷା କରିବାର ଦୃଢ଼ ମନୋଭାବ ରଖିବା ଦରକାର। ସେଥିପାଇଁ ଇତିହାସ ସାକ୍ଷୀ ଅଛି। ବିପତ୍ତି ସମୟରେ ପୃଥିବୀ ନିଜର ରକ୍ଷା ପାଇଁ ଚନ୍ଦ୍ରଙ୍କୁ ଭଉଣୀ କରିଥିଲେ। ଶ୍ରୀଜଗନ୍ନାଥଙ୍କ ପାଖରେ ମୋର ଏତିକି ପ୍ରାର୍ଥନା, ହେ ମହାବାହୁ ପୃଥିବୀକୁ କରୋନା କବଳରୁ ରକ୍ଷା କରନ୍ତୁ।

**ରୋଜାଲିନ ସାମନ୍ତରାୟ, ଲକ୍ଷୀବିହାର, ଭୁବନେଶ୍ୱର**

ସେନେହ ସୂତାରେ ମମତାର ମାଳି ଦେଉଛି ବାନ୍ଧି ମୁଁ ହାତରେ ତୋର, ମନେ ରଖିଥିବୁ ଭୁଲି ନଯିବୁ ରେଶମୀ ଡୋରକୁ ନକରି ପର। ଭାଇ ଭଉଣୀର ସେନେହ ମିଳନ କରାଏ ଏ ରାଖୀ ବନ୍ଧନ।

**କଲ୍ୟାଣୀ ପ୍ରିୟଦର୍ଶନୀ ନାୟକ, ତାଳଚେର, ଅନୁଗୋଳ**

You care for me like a mother. I respect and love you, thanks for always pampering me and supporting me. No one can be like you my darling sisteer wish you a very happy Raksha Bandhan dearest sister.

**Jagabandhu das,old sadar thana road, puri**

Dear sister on the day of Raksha Bandhan, I want to thank you for each and everything you did for me, you are a gift to my heart and friend to my spirit, thanks for making life so beautyful.

**jayadev Das, Govindpur, Cuttack**

ଏ ରାଖୀ କେବଳ ଗୋଟେ ଛୋଟ ସୂତା ନୁହେଁ ଏହା ହେଉଛି ମୂକସାକ୍ଷୀ ଆମ ସମ୍ପର୍କର ମାନ ଅଭିମାନ ଅବା ତୋ ସ୍ନେହଭରା ଗାଳି। ଏହା ତ ହେଉଛି ଭାଇ ଭଉଣୀ ସ୍ନେହ ଓ ମମତାର।

**ପଦ୍ମଜା ମହାନ୍ତି, ମୁକୁନ୍ଦ ମିଶ୍ର ନଗର, ପୁରୀ**

ରକ୍ଷାବନ୍ଧନ ଭାଉଭଉଣୀ ମଧ୍ୟରେ ଏକ ପବିତ୍ର ସମ୍ପର୍କପ୍ରତିଷ୍ଠା କରେ। ଏହା ପୁରପଲ୍ଲୀଠାରୁ ଆରମ୍ଭ କରି ସହର ଯାଏ ପାଳନ କରାଯାଏ। ଶ୍ରାବଣ ମାସର ପର ଭାଦ୍ରବ ମାସରେ ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ। ଭଉଣୀ ତାର ଭାଇ ହାତରେ ସୁରକ୍ଷା ପାଇଁ ରାଖୀ ବାନ୍ଧେ। ଭାଇ ମଧ୍ୟ ଭଉଣୀର ସୁରକ୍ଷା ପାଇଁ ଦୃଢ଼ ସଂକଳ୍ପ କରେ। ରାଖୀବନ୍ଧନ ଭାଇ ଭଉଣୀ ମଧ୍ୟରେ ଏକ ସଂକଳ୍ପ ସୃଷ୍ଟି କରେ।

**ଦେବାଶିଷ କର, ରାଜମୁକୁନ୍ଦପୁର, ଭଦ୍ରକ**

ଭାଇ ପ୍ରତାପ ଚନ୍ଦ୍ର ହୋଇଯାଉ ପଛେ ଦୁନିଆଟା ପର ଛିଣ୍ଡି ଯାଉ ସବୁ ସମ୍ପର୍କର ଡୋର, ଭାଇ ମୋର ଥିଲେ ସାଥେ ଦୁନିଆକୁ ନାହିଁ ଡର। ମୋ ଭାଇ ମୋ ପାଇଁ ଚଳନ୍ତି ଠାକୁର।

**Swarnalata Pradhan, Ashok Nagar, BBSR**

Dear Brother. Rakhi is a perfect time to tell you just how special you are and how much you mean to me; Wishing you peace, prosperity and success on this Rakha Bandhan. God bless you. Happy Rakhi Purnima.

**Shakti Pujareeni Das, Charchika Bazar, J.spur**

Brother sister relationships are like tom and jerry. They tease and irritate each other, knock each other down but can't live without each other.

**Guru Prasad Sahoo, Jatni, Khordha**

'ରାଖୀ' ଏପରି ଏକ ଶବ୍ଦ, ଯାହାକି ସମସ୍ତଙ୍କ ହୃଦୟରେ ରହିଥାଏ। ଏହା ବଡ ଠାକୁର ଶ୍ରୀବଳଭଦ୍ରଙ୍କର ଜନ୍ମଦିନ। ଏହାକୁ 'ଗହ୍ମା ପୂର୍ଣ୍ଣିମା' ନାମରେ ନାମିତ କରାଯାଏ। କେବଳ ଓଡିଶାରେ ନୁହେଁ, ସାରା ଭାରତ ବର୍ଷର ଲୋକେ ଏହି ପର୍ବକୁ ଚାହିଁ ରହିଥାନ୍ତି। ଏହି ପର୍ବର ମହତ୍ତ୍ୱ କେବଳ ଭାଇ ଟିଏ ତା' ଭଉଣୀଙ୍କୁ ରକ୍ଷା କରି ନ ଥାଏ, ଭଉଣୀ ମଧ୍ୟ ସାନ ବଡ ଭାଇଙ୍କର ରକ୍ଷା କବଚ ରୂପେଏହି ରାଖୀ ନାମକ ଡୋରିଟିଏ ବାନ୍ଧି ଦେଇଥାଏ।

**ବର୍ଷାରାଣୀ ବେହେରା, ନୟାପଲ୍ଲୀ, ଆଇଆରସି ଭିଲେଜ, ଭୁବନେଶ୍ୱର**

Dearest brother, you are not just a brother to me but you are also the best friends, I have when you are around nothing seems impossible. Always be there to make me happy and feel blessed. Love you lots.

**Pritiprangya Sahoo, Balianta**

ଭାଇ ହେଉଛି ଗୋଟିଏ ଏମିତି ଶବ୍ଦ ଯାହା ଅତୁଳନୀୟ ଓ ଅପୂରଣୀୟ। ଭାଇ ଭଉଣୀର ସେନେହ ମିଳନ କରାଏ ଏଇ ରାଖୀ ବନ୍ଧନ। ହାତେ ବାନ୍ଧୁ ଅଛୁ ଭାଇ ପରା ତୋରେ ନୀଳ, ନାଲି କରି ରଙ୍ଗ ବେରଙ୍ଗର କେତେ ରାଖୀ ମାଳ ମାଳ। ଭାଇ ତତେ ମୋର ରହିଲା ରାଣ, କେବେ କରିବୁନି ପର।

**ମମତା ପ୍ରିୟଦର୍ଶନୀ ବେହେରା, ବଡହାଟ, କେନ୍ଦ୍ରାପଡା**

'ରାଖୀ ପୂର୍ଣ୍ଣିମା' କେବଳ ଏକ ପର୍ବ ନୁହେଁ, ଏହା ଭାଇ ଭଉଣୀ ମଧ୍ୟରେ ସ୍ନେହ ଓ ଭଲ ପାଇବାର ବନ୍ଧନ। ଆଜିର ଏହି ଆଧୁନିକତା ଏବଂ ବ୍ୟସ୍ତବହୁଳ ଜୀବନଶୈଳୀରେ ଏହି ପରମ୍ପରା ଦୁର୍ବଳ ହୋଇଯାଇଛି। ତଥାପି ଭାଇ ଭଉଣୀର ଏହି ସ୍ନେହର ସମ୍ପର୍କକୁ ବଜାୟ ରଖିବା ଆମର କର୍ତ୍ତବ୍ୟ।

**ଦେବୀପ୍ରସାଦ ସାହୁ, Kalinga Vihar**

ପରିବାର ମଧ୍ୟରେ ସବୁଠାରୁ ଘନିଷ୍ଠ ଓ ସ୍ନେହପୂର୍ଣ୍ଣ ସମ୍ପର୍କ ହେଉଛି ଭାଇ ଭଉଣୀର। ଯେଉଁ ସମ୍ପର୍କରେ ରାଗ, ରୁଷା, ମାନ, ଅଭିମାନ ସହ ବହୁତ ତଥା କେବେ ନ କମିବା ପରି ଭଲ ପାଇବା ଭରି ରହିଥାଏ। ସବୁ ସମ୍ପର୍କଠୁ ନିଆରା ଏହି ସମ୍ପର୍କର ପ୍ରତୀକ ହେଉଛି ସୂକ୍ଷ୍ମ ରେଶମୀ ସୂତାର ଡୋର 'ରାଖୀ', ଯାହା ଭଉଣୀର ଭାଇ ପ୍ରତି ସ୍ନେହ ଓ ପ୍ରେମକୁ ଏବଂ ଭଉଣୀ ପ୍ରତି ଭାଇର କର୍ତ୍ତବ୍ୟକୁ ଦର୍ଶାଏ। ଏକ ସ୍ୱଚ୍ଛ, ନିର୍ମଳ ଓ ସ୍ନେହ ଶ୍ରଦ୍ଧାର ପର୍ବ ହେଉଛି 'ରାଖୀ ପୂର୍ଣ୍ଣିମା'।

**ଅନିମା ମହାନ୍ତି, ହେରାଗୋହରୀ ସାହି, ପୁରୀ**

ଏ ରାଖୀ କେବଳ ଗୋଟେ ଛୋଟ ସୂତା ନୁହେଁ। ଏହା ହେଉଛି ମୂକସାକ୍ଷୀ ଆମ ସମ୍ପର୍କର। ମାନ, ଅଭିମାନ ଅବା ତୋ ସ୍ନେହଭରା ଗାଳି ଏହା ତ ହେଉଛି ଭାଇ ଭଉଣୀ ସ୍ନେହ ଓ ମମତାର। ଆଜିର ଦିନଟି ହେଉଛି ଭାଇ ଓ ଭଉଣୀର ପବିତ୍ର ସମ୍ପର୍କର ପର୍ବ ରାଖୀପୂର୍ଣ୍ଣିମା।

**ଜଗଦୀଶ ଦାସ, ସାଇଲୋ, ଗୋବିନ୍ଦପୁର, କଟକ**

ଭାରତୀୟ ସଂସ୍କୃତି, ପରମ୍ପରା ରକ୍ଷା ବନ୍ଧନ ଉତ୍ସବର ବିଶେଷ ମହତ୍ତ୍ୱ ରହିଛି। ପବିତ୍ର ରକ୍ଷା ବନ୍ଧନ ସ୍ନେହ, ସଦଭାବ, ଭାଇଚାରାର ବାର୍ତ୍ତା ବହନ କରେ। ସୂତା ଖିଅର ବନ୍ଧନ ଏକ ବନ୍ଧନରେ ବାନ୍ଧି ଦିଏ। ଭାଇ ପ୍ରତି ଭଉଣୀର ସ୍ନେହ ଡୋରି ସମ୍ପର୍କକୁ ସୁଦୃଢ଼ କରେ।

**ଶୋଭନ ଘୋଷ, ବିଡିଏ କଲୋନୀ, ଖୋର୍ଦ୍ଧା**

ରେଶମର ଡୋରି ଫୁଲ ଚନ୍ଦନ ଥାଳିରେ ସଜାଇ କେତେ ଆନନ୍ଦେ କୁନି ବସିଅଛି ଚାତକ ପରି, କୁନା ଭାଇ ତାର କରୁଛି ଡେରି। ଡୋରି ନୁହେଁ ସେ ତ କେତେ ବଚନ, ଭଉଣୀର ମାନ ଭାଇ ଜୀବନ ଡୋରି ବୋଲି ଯାହା ଦେଖୁଛି ଆଖି, ଆଦରରେ ଆମେ କହୁଛୁ ରାଖୀ। ଦିନର ମହତ କେତେ ଗାରିମା। ଏହି ଶୁଭଦିନ ରାଖୀ ପୂର୍ଣ୍ଣିମା

**ରଶ୍ମୀରେଖା ମହାପାତ୍ର, F.M Nagar, Balasore**

ରକ୍ଷା ବନ୍ଧନ ଏକ ପବିତ୍ର ବନ୍ଧନ ଭାଇ ଓ ଭଉଣୀର। ଭଉଣୀ ଭାଇ ହାତରେ ରାଖୀଟିଏ ବାନ୍ଧି ତାର ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥାଏ। ମୋ ଭଉଣୀ ମୋଠୁ ବହୁତ ଦୂରରେ ଥିଲେ ମଧ୍ୟ ସେ ମୋ ପାଇଁ ସୁବବେଳେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥାଏ। ସେ ସବୁ ବେଳେ ସୁଖ ଓ ଶାନ୍ତିରେ ଥାଉ ଏହାହିଁ ପ୍ରାର୍ଥନା।

**ସୃଜନ କୁମାର ମିଶ୍ର, ଭାଲିଆବାଡି, ଖୋର୍ଦ୍ଧା**

ରକ୍ଷାବନ୍ଧନ ଏକ ପବିତ୍ର ବନ୍ଧନ। ଭାଇ ଓ ଭଉଣୀ ମଧ୍ୟରେ ଏକ ସୁନ୍ଦର ଡୋରି ଯାହା ଭାଉଭଉଣୀ ଜୀବନ ଯାକ ଏକ ସୁନ୍ଦର ସମ୍ପର୍କରେ ବାନ୍ଧିକି ରଖେ। ଭାଇ ଭଉଣୀକୁ ଜୀବନଯାକ ତାର ରକ୍ଷା କରିବାର ପ୍ରତିଜ୍ଞା କରେ। ଭାଇ ଯେତେ ଦୂରରେ ଥିଲେ ମଧ୍ୟ ଏହି ଦିନ ଭଉଣୀ ପାଖରେ ନିଶ୍ଚିତ ପହଞ୍ଚେ।

**ସନ୍ତୋଷ କୁମାର ପାତ୍ର, ଟିଏଲ୍‌ସି ରୋଡ୍**

ସ୍ନେହ ଶ୍ରଦ୍ଧା ପ୍ରୀତି ଅତୁଟ ବନ୍ଧନ ରାଖି ପୂର୍ଣ୍ଣିମାଟି କହେ, ଭାଇଭଉଣୀର ସମ୍ପର୍କ ଅମ୍ଳାନ ଚିର ଚିହ୍ନରେ ଥାଏ। ସୁରକ୍ଷା କବଚ ପ୍ରତିଶ୍ରୁତି ଭୂଈଁ, ସୁଜରେ ସ୍ୱାଭିମାନ ପରମ୍ପରା ଏତ ଯୁଗଯୁଗ ପାଇଁ।

**ଜ୍ୟୋସ୍ନା ପୃଷ୍ଟି, ସୌଭାଗ୍ୟ ନଗର, ଭୁବନେଶ୍ୱର**

ଭାଇ ବୋଲି ସେ କରେ ତ କଳି, ଭଉଣୀ କରେ ଭାଇ ପାଖେ ଅଳି। ଭଉଣୀ ଅନେଇ ବସି ରହିଥାଏ କେବେ ଆସିବ ରାଖୀ ବନ୍ଧନ। ଭାଇ ହାତେ ବାନ୍ଧିବି ନାଲି ନେଳି ରଙ୍ଗ ବେରଙ୍ଗର ରାଖୀ। ଭାଇ ତତେ ମୋର ରହିଲା ରାଣ କେବେ ଭୁଲିବୁନି ଭଉଣୀର ବନ୍ଧନ। ସେଥିପାଇଁ ରାଖୀ ପୂର୍ଣ୍ଣିମା ଅନ୍ୟତମ।

**ଉଷାରାଣୀ ଦାସ, ଜୟପୁରା, କେନ୍ଦ୍ରାପଡ଼ା**

ଯେଉଁ ରାଖୀ ମତେ ପିନ୍ଧାଇ ଦେଇଛୁ,
ରାଖୀ ନୁହଁ ମୋର ଆଖି
ସେ ଆଖି ବଳରେ
ମମତା ଦୃଷ୍ଟିରେ ସଭିଙ୍କୁ ପାରୁଛି ଦେଖି
ତୋର ସେହି ରାଖୀ
ମୋର ହୃଦୟ ଭିତରେ
ରହିଅଛି ଲାଖି।

**ଦାଶରଥି ନାୟକ, ହରେକୃଷ୍ଣନଗର, ନୀଳାଦ୍ରିବିହାର, ଭୁବନେଶ୍ୱର**

ହୃଦୟ ଆକାଶ ଅଗଣାରେ ସେନେହ ଚାନ୍ଦଟି ହସେ, ହାତରେ ମୋହର ଭଉଣୀଟି ଯେବେ ରାଖୀ ବାନ୍ଧିବାକୁ ବସେ। ମମତା ବନ୍ଧନ ନିବିଡ଼ ହୁଅଇ ରାଖୀର ପରଶ ପାଇ, ଆପଦେ ବିପଦେ ଲୁହ ଢାଳେ ଭଉଣୀର ସୁଖ ପାଇଁ। ଭାଇ ଡାକ ଲାଗେ ଅମୃତ ସମାନ, ଖାଉଅଛି ଆଜି ରାଣ, ରାଖୀ ପ୍ରତିଦାନ ଭୁଲିବିନି କେବେ ଥିବାଯାଏ ମୋ ପରାଣ।

**ପ୍ରମୋଦ କୁମାର ବାରିକ, ବମିଖାଲ, ଭୁବନେଶ୍ୱର**

'ରାଖୀ ପୂର୍ଣ୍ଣିମା' ଏକ ପବିତ୍ର ଦିନ ଯେ, ଗୋଟେ ଭଉଣୀ ତା'ର ଭାଇ ହାତରେ ରାଖୀଟିଏ ବାନ୍ଧିଥାଏ। ଏହି ରାଖୀଟି ପ୍ରମାଣ କରିଦିଏ କି, ଗୋଟେ ଭଉଣୀକୁ ତା'ର ଭାଇ ସମସ୍ତ ଅସୁବିଧା, ଦୁର୍ଘଟଣାରୁ ରକ୍ଷା କରିବ। ଭାଇ ଭଉଣୀଙ୍କ ମଧ୍ୟରେ ଯେତେ ବି କଳି ଝଗଡ଼ା ହଉନା କାହିଁକି ତାଙ୍କର ସେଇ ଝଗଡ଼ା ହିଁ ତାଙ୍କର ଭଲ ପାଇବା ଏବଂ ରାଖୀପୂର୍ଣ୍ଣିମା ଦିନ ସ୍ପଷ୍ଟ ହୋଇଥାଏ।

**ରାକେଶ ସୁମନ ବେହେରା, ମାହାଙ୍ଗା, କଟକ**

ପବିତ୍ର ରାଖୀ ପୂର୍ଣ୍ଣିମା ହିନ୍ଦୁଧର୍ମର ଏକ ବିଶେଷ ପର୍ବ। ଏହି ପର୍ବରେ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ନିଜର ସୁରକ୍ଷା ପାଇଁ ଅନୁରୋଧ କରିଥାଏ। ବିଶେଷକରି ଏହି ପର୍ବରେ ପୌରାଣିକ ଓ ଐତିହାସିକ ସମ୍ବନ୍ଧ ରହିଅଛି। ହିନ୍ଦୁ ଧର୍ମରେ ବଳଭଦ୍ରଙ୍କର ଜନ୍ମଦିନ ପାଳନ କରି ଆମ ଗୋସମ୍ପଦକୁ ପୂଜା କରିଥାଉ। ମହାଭାରତରେ ପାଣ୍ଡବଙ୍କ ପତ୍ନୀ ଦ୍ରୌପଦୀ ନିଜର ବସ୍ତ୍ରକୁ ଚିରି ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧି ଦେଇଥିଲେ। ସେହି ଋଣକୁ ଶୁଝିବାକୁ ଶ୍ରୀକୃଷ୍ଣ ବସ୍ତ୍ରହରଣ ସମୟରେ ଦ୍ରୌପଦୀଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ ଓ ତାଙ୍କ ଲଜ୍ଜା ହରଣ କରିଥିଲେ। ଏହି ପର୍ବରେ ଭଉଣୀମାନେ ଭାଇମାନଙ୍କ ଦୀର୍ଘାୟୁ ଓ ସୁଖ ଶାନ୍ତି କାମନା କରିଥାନ୍ତି।

**Pravati Mohapatra, Daitapadasahi, Puri**

ଆମ ଭାରତବର୍ଷରେ ୧୨ ମାସରେ ତେର ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ। ଏହି ପୂର୍ଣ୍ଣିମା ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପାଳନ କରାଯାଉଥିବାରୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଭଉଣୀ ଯେଉଁ ରାଖୀ ବାନ୍ଧିଥାଏ ସେ ହେଉଛି ପ୍ରେମର ବନ୍ଧନ। ଏହିଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହି ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା ମଧ୍ୟ କୁହାଯାଏ।

**Satyajeet Sahoo, Patia, Bhubaneswar**

କାଳିଆ ହାତରେ ଦ୍ରୌପଦୀ ରାଖୀ
ପାଉଣା ତାହାର ରହିଛି ବାକି,
ଝରିଯାଉଥିଲା ରକତ ଧାର
ରୋକିଦେଲା ଚିରି ପଣତ ତା'ର,
କରୋନା ଭୟରୁ ରକ୍ଷା କର ଜଗନ୍ନାଥ
ତୁମେ କରିଥାଅ ଜଗତ ଜନର ହିତ,
ଏ ଭୂତାଣୁ ଆଣିଛି ଭୟଙ୍କର ବିପଦ
କିଏ ହାରେ ଜୀବନ କିଏ ହାରେ ସର୍ବସ୍ୱ।

**ଆଲୋକ କୁମାର ସାହୁ, ଭୁବନେଶ୍ୱର**

ରାଖୀ ଖାଲି ସାକ୍ଷୀ ନୁହେଁ ସ୍ନେହ ଓ ପ୍ରେମର,
ଅତୁଟ ବନ୍ଧନଟିଏ ତ୍ୟାଗ ତିତୀକ୍ଷାର
ପରମ୍ପରା ପରିଚୟ ଏ ଦେଶ ମାଟିର,
କୋମଳ ରେଶମୀ ଡୋରି ପ୍ରତିଜ୍ଞା କଠୋର
ସମ୍ପର୍କ ଏ ରହିଥାଉ ଜନ୍ମ ଜନ୍ମାନ୍ତର।

**ଜ୍ୟୋତିରାଣୀ ମହାରଣା, ନୂଆବଜାର, କଟକ**

ରାଖୀ ପୂର୍ଣ୍ଣିମା ଶ୍ରାବଣ ମାସ ପୂର୍ଣ୍ଣମୀ ଦିନ ପାଳନ କରାଯାଉଥିବାରୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହିଦିନ ବଳରାମ ଜନ୍ମ ହୋଇଥିବାରୁ ଏହି ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା ମଧ୍ୟ କୁହାଯାଏ। ଧର୍ମାନୁସାରେ ଶ୍ରାବଣ ମାସର ଏହି ପୂର୍ଣ୍ଣିମାରେ ସୌରଜଗତର ୮ଟି ଗ୍ରହ ପୃଥିବୀ ଉପରେ ଆକ୍ରମଣ କରିଥିଲେ। ପୃଥିବୀ ନିଜକୁ ରକ୍ଷାକରିବା ପାଇଁ ତା'ର ଚାରିପଟେ ସର୍ବଦା ଘୂରିବୁଲୁଛି।

**Monalisa Padhi, R.Udayagiri, Gajapati**

ରାଖୀ ପୂର୍ଣ୍ଣିମା ଅବସରରେ ମୋର ସମସ୍ତ ଭାଇ ଓ ଭଉଣୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଜାଳି ଜ୍ଞାନ ପ୍ରଦୀପ, ଘେନିଯାଅ ସୁପଥେ ଦିଅ ଦିବ୍ୟାନନ୍ଦର ସନ୍ଧାନ ଆୟୁଷ୍ମାନ ଆଶିଷେ, ପାରିଜାତ ସୁବାସେ ଭରିଦିଅ ମା' ଭାଇର ଜୀବନ।

**ଅଙ୍କିତା ଦାସ, ନୀଳକଣ୍ଠନଗର, ଭୁବନେଶ୍ୱର**

ଭାରତବର୍ଷରେ ଉତ୍କଳ ଏକ ପୁଣ୍ୟଭୂମି, ବିଶ୍ୱ ଭ୍ରାତୃପ୍ରେମରେ ସେ ହୁଏ ମହିମାଦୀପ୍ତ। ତେଣୁ ଜୀବନ ହୁଏ ସରସ ଓ ମଧୁମୟ। ଗହ୍ମାପୂର୍ଣ୍ଣମୀ ଏକ ପବିତ୍ର ପର୍ବ। ସେହି ଦିନଟି ବଳଭଦ୍ର ଜନ୍ମଦିନ ମଧ୍ୟ ପାଳିତ ହୁଏ। ଗହ୍ମାପୂର୍ଣ୍ଣମୀର ଅନ୍ୟ ନାମ ରାଖୀ ପୂର୍ଣ୍ଣମୀ। ଏହି ଦିନଟି ରାଖୀ ବନ୍ଧନ ହୁଏ। ଭଉଣୀମାନେ ପବିତ୍ର ମନରେ ଭାଇମାନଙ୍କ ହାତରେ ରାଖୀ ବନ୍ଧନ କରି ଭ୍ରାତୃଭଗିନୀ ସ୍ନେହକୁ ଆହୁରି ଦୃଢ଼ୀଭୂତ କରିଥାନ୍ତି। ଉକ୍ତ ପୂର୍ଣ୍ଣମୀରେ ମଧ୍ୟ ଗୋରୁଙ୍କର ପୂଜା କରାଯାଏ।

**ସସ୍ମିତା ପଣ୍ଡା (୩୧), ମଧୁପାଟଣା, କଟକ**

ବାରମାସ ତେରପର୍ବ ମଧ୍ୟରେ ରକ୍ଷାବନ୍ଧନ ହେଉଛି ଅନ୍ୟତମ। ଏହି ପର୍ବରେ ଭଉଣୀମାନେ ନିଜ ଭାଇମାନଙ୍କୁ ସ୍ନେହର ଡୋରି ହିସାବରେ ରାଖୀ ବାନ୍ଧନ୍ତି। ରାଖୀର ଅର୍ଥ ସୁରକ୍ଷା ଏବଂ 'ବନ୍ଧନ'ର ଅର୍ଥ ବନ୍ଧା। ଏହିପରି ରକ୍ଷା ବନ୍ଧନର ଅର୍ଥ ସୁରକ୍ଷାର ବନ୍ଧନ। ଏହି ରାଖୀ ପ୍ରତିବଦଳରେ ଭାଇମାନେ ଭଉଣୀମାନଙ୍କୁ ଜୀବନସାରା ସୁରକ୍ଷା ଦେବା ପାଇଁ ଶପଥ ନିଅନ୍ତି। ଏହି କରୋନାରେ ପ୍ରତ୍ୟେକ ଭାଇଭଉଣୀ ସୁରକ୍ଷାର ସହ ଏହି ପର୍ବକୁ ପାଳନ କରନ୍ତୁ।

**ସ୍ୱପ୍ନାରାଣୀ ମିଶ୍ର, ଗୁଡ଼ାରୀ, ରାୟଗଡ଼ା**

ସ୍ନେହ ମମତାର ସମ୍ପର୍କ ପର୍ବ
ରାଖୀ ବାନ୍ଧି ଭାଇ କରଇ ଗର୍ବ,
ସୂତା ଖିଅ ନୁହଁ ଜୀବନ ଡୋର
ଭାବର ବନ୍ଧନ କରେ ନା ପର,
ପୂଜାର ବିଧାନ ଫୁଲ ଚନ୍ଦନ
ଉପହାର ସହ ବିଭୋର ମନ,
ସଂସ୍କାରରେ ଭରା ଏହି ପରବ
ସୁନ୍ଦର ସଂସ୍କାର ଆମେ ଗୌରବ।

**ରମେଶ ଚନ୍ଦ୍ର ବେହେରା, ସିମୁଳିଆ, ବାଲେଶ୍ୱର**

ଆଜିର ଦିନଟି କିଛି ଖାସ୍ ମୋ ପାଇଁ। ଅନେଇ
ରହିଥାଏ ସଦା ମୁଁ ତୋ ପାଇଁ,
ଭଉଣୀର ରାଖୀ ଅଛି ବନ୍ଧା ମୋ ହାତରେ,
କରୁଛି ଶପଥ ଆଜି ମୁଁ ତୋ ପାଖରେ, ତୋ ଭାଇ
ସବୁଦିନ ଅଛି ତୋରି ପାଖରେ।

**ଅଜୟ କୁମାର ସାହୁ, ପାତ୍ରପଡ଼ା, ଭୁବନେଶ୍ୱର**

ହୀରାଟିଏ ପରି ଚାନ୍ଦଟିଏ ପରି କୋଟିଏରେ ଗୋଟିଏ ମୋ ଭଉଣୀ, ରାଖୀକୁ ଛୁଇଁ ମୁଁ ଶପଥ କରୁଛି ମରିବା ଯାଏ ମୁଁ ରହିବି ତୋ ଭାଇ ହୋଇ।

**ପ୍ରଦ୍ୟୁମ୍ନ ସାହୁ, ପୋଖରୀପୁଟ, ଭୁବନେଶ୍ୱର**

ରାଖୀ ପୂର୍ଣ୍ଣିମା ବରଷକେ ଥରେ ଆସେ ସ୍ନେହ, ସୌହାର୍ଦ୍ଦ୍ୟ ଓ ଅନାବିଳ ପ୍ରେମ ବନ୍ଧନର ବାର୍ତ୍ତା ନେଇ। ଯାହାକି ଭ୍ରାତୃପ୍ରେମର ପ୍ରତୀକ ରୂପେ ଚିରନ୍ତନ ସତ୍ୟକୁ ପ୍ରମାଣିତ କରିବା ପାଇଁ ଅନ୍ୟଥା ଈଶ୍ୱରଙ୍କ ନିକଟରେ ଭାଇର ସୁସ୍ଥ ଦୀର୍ଘ ନିରାମୟ ଜୀବନ କାମନା କରି ସାକ୍ଷୀ ସ୍ୱରୂପ ରକ୍ଷାସୂତ୍ରକୁ ବନ୍ଧନ କରାଯାଇଥାଏ। ଏହି ରକ୍ଷାବନ୍ଧନରେ ଅତି ଆଦରରେ ଭଗ୍ନୀ ନିକଟରେ ଭ୍ରାତା ହୁଏ ନିରନ୍ତର ଋଣୀ। ଏହା ହିଁ ରକ୍ଷାବନ୍ଧନର ନିର୍ଯ୍ୟାସ।

**ସୁଦୀପ୍ତା ସମ୍ପର୍ଣ୍ଣା ନାୟକ, ଗବକୁଣ୍ଡ, ପୁରୀ**

ପବିତ୍ର ପର୍ବ ରକ୍ଷାବନ୍ଧନ ଅବସରରେ ଉତ୍କଳର ଇଷ୍ଟଦେବ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ପର୍ବ ମନୁଷ୍ୟର ଜଞ୍ଜାଳଗ୍ରସ୍ତ ଜୀବନକୁ ସରସ, ସୁନ୍ଦର ଓ ଶାନ୍ତିପ୍ରଦ କରିବାରେ ସହାୟ ହେଉ। ରକ୍ଷାବନ୍ଧନ ଭ୍ରାତୃବନ୍ଧନରେ ଆବଦ୍ଧ ହେବା ପାଇଁ ସମାଜକୁ ମହତ ଶିକ୍ଷା ପ୍ରଦାନ କରେ। ନୈତିକ ଜୀବନ ଯାପନ ଓ ଚରିତ୍ର ଗଠନ ନିମନ୍ତେ ପର୍ବପର୍ବାଣିରୁ ମିଳେ ପ୍ରେରଣା। ତତ୍‌ସହ ଗହ୍ମା ପୂର୍ଣ୍ଣିମା ଓ ରକ୍ଷାବନ୍ଧନ ପରିପ୍ରେକ୍ଷୀରେ ଅଧିକ ଶୁଭକାମନା।

**ରିମାମି ବାରିକ, ରୂପ୍‌ସା, ବାଲେଶ୍ୱର**

ପବିତ୍ର ରକ୍ଷାବନ୍ଧନ ତଥା ଶ୍ରୀବଳଦେବ ଜନ୍ମ ଉତ୍ସବ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ନେଇ ଭାଇଭଉଣୀଙ୍କର ସମ୍ପର୍କର ଡୋରି ଅତୁଟ ଏବଂ ସଦାସର୍ବଦା ସ୍ନେହର ବନ୍ଧନ ସୁଦୃଢ଼ ଏବଂ ମଜଭୁତ ହେଉ।

**ସମ୍ବିଦ କୁମାର ବିଶ୍ୱାଳ, ନୀଳଗିରି, ବାଲେଶ୍ୱର**

ପ୍ରଭୁ ବଳରାମଙ୍କ ଜନ୍ମଦିନ, ପବିତ୍ର ଗହ୍ମାପୂର୍ଣ୍ଣିମା ଓ ଭାଇଚାରାର ପର୍ବ ରକ୍ଷାବନ୍ଧନ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ଉତ୍କଳର ଇଷ୍ଟଦେବ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ରକ୍ଷାବନ୍ଧନ ଭ୍ରାତୃବନ୍ଧନରେ ଆବଦ୍ଧ ହେବାକୁ ସମାଜକୁ ମହତ ଶିକ୍ଷା ପ୍ରଦାନ କରୁ। ଏହି ଉତ୍ସବ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଭାଇଚାରାକୁ ଅଧିକ ସୁଦୃଢ଼ କରିବ।

**ସୁଶ୍ରୀସଙ୍ଗୀତା ବିଶ୍ୱାଳ, ନୀଳଗିରି, ବାଲେଶ୍ୱର**

ପବିତ୍ର ଗହ୍ମାପୂର୍ଣ୍ଣିମା ପ୍ରଭୁ ବଳରାମଙ୍କ ଜନ୍ମଦିନ ଓ ରକ୍ଷାବନ୍ଧନ ଅବସରରେ ସର୍ବୋପରି ଭାଇଭଉଣୀର ସ୍ନେହ, ଶ୍ରଦ୍ଧା, ସମ୍ପର୍କର ଅତୁଟ ବନ୍ଧନର ପର୍ବ ରକ୍ଷାବନ୍ଧନ ଅବସରରେ ହାର୍ଦ୍ଦିକ ଶୁଭକାମନା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରି ଭାଇଚାରାର ପର୍ବ ରକ୍ଷାବନ୍ଧନ ଆହୁରି ନିବିଡ଼ ଓ ମଜଭୁତ୍ କରୁ।

**କନକଲତା ବିଶ୍ୱାଳ, ନୀଳଗିରି, ବାଲେଶ୍ୱର**

ରାଖୀପୂର୍ଣ୍ଣିମା/ରକ୍ଷାବନ୍ଧନ (ଭାଇ ଓ ଭଉଣୀର ସମ୍ପର୍କ ପର୍ବ) ବାରମାସରେ ତେର ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରକ୍ଷାବନ୍ଧନ ଅନ୍ୟତମ। ଏହି ପୂର୍ଣ୍ଣମୀ ଶ୍ରାବଣ ମାସରେ ପଡ଼ିଥିବାରୁ ଏହାକୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହିଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହି ପୂର୍ଣ୍ଣମୀକୁ ଗହ୍ମାପୂର୍ଣ୍ଣିମା କୁହାଯାଏ। ଏହି ପୂର୍ଣ୍ଣିମା ଓଡ଼ିଶା ସହିତ ସାରା ଭାରତରେ ମଧ୍ୟ ଆନନ୍ଦ ଉଲ୍ଲାସରେ ପାଳିତ ହୁଏ। ଏହି ଦିନ ଭଉଣୀ ତା'ର ଭାଇର ମଥାରେ ତିଳକ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ଭାଇ ମଧ୍ୟ ଉପହାର ଦେଇ ଭଉଣୀକୁ ସବୁ ବିପଦରୁ ରକ୍ଷାକରିବା ପାଇଁ ପ୍ରତିଶ୍ରୁତି ଦେଇଥାଏ।

**ଶ୍ୱେତଲିନା ପାତ୍ର, ଶ୍ରୀରାମନଗର, ଖୋର୍ଦ୍ଧା**

ଓଡ଼ିଶାରେ ବାରମାସରେ ତେରପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ରାଖୀ ଭାଇ ଭଉଣୀର ସ୍ନେହ ଓ ଶ୍ରଦ୍ଧାର ଏକ ସୁନ୍ଦର ସେତୁ। ଏହି ଛୋଟ ଡୋରିରେ ରହିଥାଏ ଭଉଣୀର ସ୍ନେହ ଓ ଶ୍ରଦ୍ଧା ସମ୍ମାନ। ଭାଇର ଦୀର୍ଘାୟୁ ଓ ମଙ୍ଗଳ କାମନା ସହ ଭଉଣୀ ମାଗି ବସେ ଜୀବନ ଯାକ ସୁରକ୍ଷା। ଭାଇଟି ମଧ୍ୟ ଜୀବନ ଥିବା ପର୍ଯ୍ୟନ୍ତ ଭଉଣୀର ସମ୍ମାନ ରକ୍ଷା କରିବାକୁ କଥା ଦିଏ। ଏହା ହିଁ ରାଖୀର ମହତ୍ତ୍ୱ।

**ରଜତ ନନ୍ଦ, ନୟାବଜାର, କଟକ**

ସେନେହ ସୂତାରେ ମମତାର ମାଳି ଦେଉଛି ବାନ୍ଧି ମୁଁ ହାତରେ ତୋର ମନେ ରଖିଥିବୁ, ଭୁଲି ନ ଯିବୁ ରେଶମୀ ଡୋରକୁ ନ କରି ପର।

**ଅପର୍ଣ୍ଣା ସାହୁ ଗୁରୁଜଙ୍ଗ, ଖୋର୍ଦ୍ଧା**

ଦୁନିଆରେ ସବୁ ବନ୍ଧନରୁ ମୁକ୍ତ ହୋଇଯାଏ ଭାଇଟାଏ। ଯେବେ ଭଉଣୀ ନିଜ ଭାଇକୁ ଡାକେ ରାଖୀଟିଏ ହାତରେ ବାନ୍ଧିଦେବା ପାଇଁ। ବିପଦରୁ ରକ୍ଷା କରିବାର ପ୍ରତିଶ୍ରୁତି ଦେଇ ନିଜକୁ ବାନ୍ଧି, ରାଖୀର ସୂତାରେ ବାନ୍ଧେ ନିଜକୁ ଭାଇ, ଏ ହେଉଛି ଆମ ସଂସ୍କୃତି, ଏ ହେଉଛି ପବିତ୍ର, ପରମ୍ପରା, ଆମ ହିନ୍ଦୁମାନଙ୍କର ସମ୍ପର୍କର ପର୍ବ ରକ୍ଷାବନ୍ଧନ।

**ଅସୀମ ବେହେରା, ଗେଲପୁର, ଭଦ୍ରକ**

ରକ୍ଷା ବନ୍ଧନ ହେଉଛି ଭ୍ରାତୃ ଭଗିନୀ ବିଶିଷ୍ଟ ଏକ ମୁଖ୍ୟ ପର୍ବ। ଏହି ପର୍ବର ତାତ୍ପର୍ଯ୍ୟ ହେଲା ଯେ, ଭଉଣୀମାନେ ଭାଇମାନଙ୍କ ସୁରକ୍ଷା ବନ୍ଧନ ମଧ୍ୟରେ ସୁରକ୍ଷିତ ରହିବା ପାଇଁ ଭାଇମାନଙ୍କୁ ରାଖୀ ବାନ୍ଧିଥାନ୍ତି। ଆମ ଭାରତ ବର୍ଷରେ ଯିଏ ରାଖୀ ବାନ୍ଧି ନଥାଏ, ସିଏ ବି ଭଉଣୀ ଅଟେ। ଏଣୁ ଅସୁବିଧା ସମୟରେ ଭାଇ ହେଉ କିମ୍ବା ଭଉଣୀ ନିଜର ହେଉ କି ପର, ଉଚ୍ଚ ହେଉ କି ନୀଚ, ସମସ୍ତଙ୍କ ରକ୍ଷା କରି ଖୁସି ବାଣ୍ଟିବା ହେଉଛି ଆମ ଭାରତୀୟ ପରମ୍ପରା।

**ଅମ୍ରିତା ପାଣିଗ୍ରାହୀ, ନୂଆ ବନ୍ଧସାହି, ନବରଙ୍ଗପୁର**





ରାଖୀବନ୍ଧନ ହେଉଛି ଏକ ପବିତ୍ର ବନ୍ଧନ। ଭାଇ ଏବଂ ଭଉଣୀଙ୍କର ସ୍ନେହର ବନ୍ଧନ। ରକ୍ଷା ବନ୍ଧନ ଆସିଲେ ପୁରଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ରହିଥାଏ ଉତ୍ସାହ। ସ୍ନେହ ଆନନ୍ଦ ଭାଇଚାରାର ବାର୍ତ୍ତାକୁ ବହନ କରିଥାଏ। ସୂତାର ଖିଅରେ ବନ୍ଧା ଯାଇଥିବା ଏହି ଡୋରି ପରସ୍ପର ସମ୍ପର୍କର ନିବିଡ଼ତାକୁ ସୁଦୃଢ଼ କରିଥାଏ। ଏହି ପ୍ରାଚୀନ ସଂସ୍କୃତି ପ୍ରତ୍ୟେକ ଭାରତୀୟଙ୍କ ମଧ୍ୟରେ ସ୍ନେହର ଭାବକୁ ଜାଗ୍ରତ କରେ।

**ପାର୍ଥସାରଥି ସାମନ୍ତରାୟ, ହାଉସିଂ ବୋର୍ଡ କଲୋନୀ, ଖୋର୍ଦ୍ଧା**

ଭାଇ ହାତ ଆଜି ଅନାଇ ବସିଛି ଭଉଣୀର ସ୍ନେହ ଡୋରିକୁ, ଭଉଣୀର ମନ ବ୍ୟାକୁଳ ହେଉଛି ଭାଇ ଆଶିଷ ପାଇବାକୁ, ଭାଇ ଭଉଣୀର ଅତୁଟ ସମ୍ପର୍କ ଶକ୍ତହୁଏ ରାଖୀବନ୍ଧନେ, ଭାଇ ପ୍ରତିଶ୍ରୁତି ଭଉଣୀକୁ ମିଳେ ସୁରକ୍ଷା ପାଏ ଜୀବନେ। ରାଖୀ ଭାଇ ଭଉଣୀ ସମ୍ପର୍କର ସେତୁବନ୍ଧ।

**ବିଧାନ କୁମାର ଦାସ, ଛେଣ୍ଡ କଲୋନୀ, ରାଉରକେଲା**

ରକ୍ଷାବନ୍ଧନ ହେଉଛି ଭ୍ରାତୃ-ଭଗିନୀ ବିଶିଷ୍ଟ ଏକ ସୁରକ୍ଷା ପର୍ବ। ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଏକ ଯୁଦ୍ଧ ସମୟରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ହସ୍ତ କମଳରୁ ରକ୍ତ ଝରୁ ଥିଲା। ଯାହାକୁ ଦେଖି ଦ୍ରୌପଦୀଙ୍କ ମନ ବ୍ୟଥିତ ହୋଇଥିଲା ଏବଂ ବ୍ୟାକୁଳ ଚିତ୍ତରେ ଦ୍ରୌପଦୀ ନିଜର ବସ୍ତ୍ରରୁ ଖଣ୍ଡିଏ ଚିରି ଶ୍ରୀକୃଷ୍ଣଙ୍କ ଆଘାତ ସ୍ଥାନରେ ବାନ୍ଧିଥିଲେ। ଏହି ଉଦାହରଣ ଭାଇମାନଙ୍କୁ ରକ୍ଷାବନ୍ଧନ ଦିନ ରାଖୀ ଦିଅନ୍ତି।

**ସନାତନ ଜେନା, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର**

ଆମ ଓଡ଼ିଶାରେ ବାର ମାସରେ ତେରପର୍ବ।ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ଭଗବାନ ବଳଭଦ୍ରଙ୍କର ଜନ୍ମ। ଏହି ଦିନଟିରେ ହୋଇଥିବାରୁ ଏହି ପର୍ବଟିର ଅନ୍ୟନାମ ଗହ୍ମା ପୂର୍ଣ୍ଣିମା। ଏହି ପର୍ବଟି ଶ୍ରାବଣମାସ ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ। ଏହି ପର୍ବ ଓଡ଼ିଶା ସହିତ ସମଗ୍ର ଭାରତବର୍ଷରେ ମଧ୍ୟ ପାଳନ କରାଯାଏ। ଏହିଦିନ ଭଉଣୀ ତା' ଭାଇ ମଥାରେ ସିନ୍ଦୂର ଚନ୍ଦନ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ କାମନା କରିଥାଏ। ରାଖୀ ପୂର୍ଣ୍ଣିମା ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଅତୁଟ ଓ ଦୃଢ଼ ରହେ।

**ସ୍ମୃତିଶିଖା ମହାପାତ୍ର, ବେଗୁନିଆ, ଖୋର୍ଦ୍ଧା**

ରକ୍ଷାବନ୍ଧନ ବା ରାଖୀ ପୂର୍ଣ୍ଣିମା ଆସେ ଆଉ ଯାଏ। ମାତ୍ର ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ, କିଏ ପରୋକ୍ଷରେ ଭଉଣୀ-ଭାଇ ହାତରେ ରାଖୀ ବାନ୍ଧି ଉଭୟେ ଖୁସି ଅନୁଭବ କରୁଥିବାବେଳେ ପ୍ରତ୍ୟକ୍ଷରେ ମଧ୍ୟ ଭଉଣୀ ତା' ଭାଇ ହାତରେ ରାଖୀ ବାନ୍ଧି ରାଖୀ ପୂର୍ଣ୍ଣିମା ପାଳନ କରିଥାନ୍ତି। ମାତ୍ର ଭଲ ମନ୍ଦରେ ଭଉଣୀର ଗାର୍ଡ ପରି ରହିଥାଏ ଭାଇ।

**ଅକ୍ଷୟ କୁମାର ମହାନ୍ତି, ଗଙ୍ଗନଗର, ଭୁବନେଶ୍ୱର**

ରାଖୀ ପୂର୍ଣ୍ଣିମାରେ ବଳଭଦ୍ରଙ୍କର ଜନ୍ମ। ଠିକ୍ ପୂର୍ବରୁ ପ୍ରଭୁ ସ୍ୱପ୍ନାଦେଶ ଦେଲେ ଯେ, ଅବ୍ରାହ୍ମଣ ପୃଥିବୀରେ ଜନ୍ମନେବେ ନାହିଁ। ତେଣୁ ଏହି ଦିନ ସମସ୍ତଙ୍କୁ ବ୍ରାହ୍ମଣ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପଇତା ପିନ୍ଧାଇ ବ୍ରାହ୍ମଣ କରାଯାଇଥିଲା। ଆଜିକାଲି ତାହାକୁ ରାଖୀର ରୂପ ଦିଆଯାଇଛି। ବିଶେଷକରି ଭଉଣୀ ନିଜକୁ ସୁରକ୍ଷିତ ରଖିବା ପାଇଁ ଭାଇ ହାତରେ ନିଷ୍କାମ ଭାବରେ ରାଖୀ ପିନ୍ଧାଇଥାଏ।

**ଅରୁଣ କୁମାର ସାହୁ, ଲକ୍ଷ୍ମୀସାଗର, ଭୁବନେଶ୍ୱର**

ଭାଇ, ଚନ୍ଦନ। ଗୋଟିଏ ମୁଦ୍ରାର ଆମେ ଦୁଇଟି ପାର୍ଶ୍ୱ, ଭାଇ ତୁମେ ମୋର ଦମ୍ଭ, ସାହସ। ସ୍ନେହର ରଜ୍ଜୁରେ ବାନ୍ଧୁଛି ରାଖୀ, କଳାଠାକୁରଙ୍କୁ ରଖି ମୁଁ ସାକ୍ଷୀ।

**ସାଗରିକା ବଳିୟାରସିଂହ, ଗୁରୁଜଙ୍ଗ, ଖୋର୍ଦ୍ଧା**

ପତଳା ସୂତାର ମଜଭୁତ ଡୋରି ହେଉଚି ରାଖୀ। ଭାଇ ଭଉଣୀର ମିଠା ଦୁଷ୍ଟାମିର ପ୍ରତୀକ ରାଖୀ। ଭାଇର ଆୟୁଷ ପାଇଁ ଭଉଣୀର ପ୍ରାର୍ଥନା ହେଉଛି ରାଖୀ। ଭାଇ ଭଉଣୀର ବିଶ୍ୱାସ ଓ ଭରସା ହେଉଛି ରାଖୀ। ମୋ ଭଉଣୀ ତୋ ପାଇଁ ମୋ ପାଖରେ କିଛି ଖାସ୍ ଅଛି ତୋ ସୁଖ ଦୁଃଖରେ ତୋ ଭାଇ ତୋ ସାଥିରେ ଅଛି।

**ସଚିନ କର୍ମୀ, ଅଁଳାପାଲି, ବୌଦ୍ଧ**

Raksha Bandhan is a festival of brother and sister, on this day sister's special band called 'Rakhi' on their brothers wrist. Raksha Bandhan is one of the important festival in Hindu religion. This festival is celebrated all over India on the full moon day (Purnima)

**Soumit Suman Das, Sailashree Vihar, Bhubaneswar**

ପବିତ୍ର ବନ୍ଧନ ହେଉଛି ରାଖୀ ପୂର୍ଣ୍ଣିମା। ଏହା ଭାଇ ଓ ଭଉଣୀର ସମ୍ପର୍କକୁ ନିବିଡ଼ କରିଥାଏ। ଏହା ହେଉଛି ଖୁସିର ବନ୍ଧନ ଭାଇମାନଙ୍କୁ କ'ଣ ପାଇଁ ରାଖୀ ବନ୍ଧାଯାଏ, ବାପା ମାଆଙ୍କ ପରେ ଦ୍ୱିତୀୟ ବାପା ମାଆ ହେଉଛନ୍ତି ଭାଇ, ଯିଏ ଆମକୁ ବିପଦ ସମୟରେ ସାହାଯ୍ୟ କରେ। ପ୍ରକୃତରେ ଭାଇ ହେଉଛି ରକ୍ଷାକବଚ ପରି ସବୁବେଳେ ଭଉଣୀ ସାଥିରେ ଥାଏ। ନିଜ କଥା ଚିନ୍ତା ନ କରି ସବୁବେଳେ ଭଉଣୀ କଥା ଚିନ୍ତା କରିଥାଏ। ଏହାକୁ ପ୍ରକୃତ ଭାଇ କୁହାଯାଏ।

**– ଶୁଭଲକ୍ଷ୍ମୀ ଦାସ, କଳାରାହାଙ୍ଗ, ମଞ୍ଚେଶ୍ୱର**

Rakhsha Bandhan is an age-old festival, it is mainly celebrated between brothers and sister from Hindu Indian families. It was initially established by Rabindranath Tagor, during the time of Bengalis partition, it is a very auspicious occasion for indian siblings . It is also know as 'Rakhi' or bond of protection. It falls on purnima or full moon day in the month of shravan.

**Anchal Nag Nilachal Marg, Puri**

ରାଖୀ ଭାଇ ଭଉଣୀ ଭିତରେ ଥିବା ଏକ ପବିତ୍ର ବନ୍ଧନ, ଯାହା ସ୍ନେହ ଓ ମମତାର ପ୍ରତୀକ ଅଟେ। ଗୋଟେ ଭାଇ ତା' ଭଉଣୀ ହାତରେ ରାଖୀ ବାନ୍ଧି ତା' ରକ୍ଷାକବଚ ହୋଇ ତା' ବିପଦର ସାଥୀ ହୋଇଥାଏ । ରାଖୀ ଅମୂଲ୍ୟ। ଭଉଣୀ ଯେଉଁଠି ବି ଥାଉ, ତା' ଭାଇ ହାତରେ ସେ ରାଖୀ ବାନ୍ଧିଥାଏ । ଏହା ଏକ ସ୍ନେହର ଡୋରି, ଯାହାକୁ ବଡ଼ଦେଉଳରେ ମା' ସୁଭଦ୍ରା ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କୁ ବାନ୍ଧିଥା'ନ୍ତି। ରାଖୀକୁ ରାଖୀ ପୂର୍ଣ୍ଣିମା, ବଳଦେବ ଜନ୍ମ ବା ଗହ୍ମା ପୂର୍ଣ୍ଣିମା ରୂପେ ପାଳନ କରାଯାଏ ।

**ହିମାଂଶୁ ଶେଖର ବରାଳ, ବଳଙ୍ଗା, ପୁରୀ**

ଏ ରାଖୀ କେବଳ ଗୋଟିଏ ଛୋଟ ସୂତା ନୁହେଁ। ଏହା ହେଉଛି ମୂକସାକ୍ଷୀ ଆମ ସମ୍ପର୍କର। ମାନ ଅଭିମାନ ଅବା ସ୍ନେହଭରା ଗାଳି । ଏହା ତ ହେଉଛି ଭାଇ ଭଉଣୀ ସ୍ନେହ ଓ ମମତାର।

**Kajal Sahoo, Bhimatangi, BBSR**

ଭାବର ବନ୍ଧନ ହେଉଛି ରାଖୀ ପୂର୍ଣ୍ଣିମା। ରାଖୀ ଭାଇ ଓ ଭଉଣୀ ସମ୍ପର୍କକୁ ନିବିଡ଼ କରିଥାଏ ଓ ଭଲପାଇବାର ସୂଚକ ଦେଖାଇଦିଏ। ରାଖୀ ପୂର୍ଣ୍ଣିମା ଗୋଟିଏ ଉତ୍ସବ ନୁହେଁ କି ରାଖୀ ଗୋଟିଏ ସୂତା ନୁହେଁ। ଏଇଟା ଭାଇ-ଭଉଣୀର ଭଲ ପାଇବାର ପ୍ରତୀକ । ଭଉଣୀକୁ ଭାଇ ସବୁବେଳେ ବିପଦରୁ ରକ୍ଷା କରିଥାଏ । ଭଉଣୀ ସବୁବେଳେ ଭାଇର ମଙ୍ଗଳ କାମନା କରିଥାଏ। ତୋର ଏଇ ଭାଇ ସତେ ତୋର ଛାଇ ହୋଇ ରହିଥାଉ ସାରା ଜୀବନ ପାଇଁ।

**ସୌଭାଗ୍ୟ ରଞ୍ଜନ ଦାସ କଳାରାହାଙ୍ଗ, ଖୋର୍ଦ୍ଧା**

ଆମ ଭାରତବର୍ଷରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଏ । ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ଏହା ଶ୍ରାବଣ ମାସ ପୂର୍ଣ୍ଣିମା ଦିନ ପାଳନ କରାଯାଏ । ତେଣୁ ଏହାକୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହାକୁ ଗହ୍ମା ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ପର୍ବ ପୂର୍ବ ଭାରତରେ ଆନନ୍ଦ ଓ ଉଲ୍ଲାସ ସହ ପାଳନ କରାଯାଏ। ଏହି ଦିନ ଭଉଣୀ ତା' ଭାଇର ମଥାରେ ଚନ୍ଦନ ସିନ୍ଦୂର ଲଗାଇ ତା'ର ଡାହାଣ ହାତରେ ରାଖୀ ବାନ୍ଧିଥାଏ ଓ ତା' ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ଭାଇ ମଧ୍ୟ ତା' ଭଉଣୀର ରକ୍ଷାକବଚ ସାଜିଥାଏ।

**ଦେବଯାନୀ ମହାନ୍ତ ଝାରପୋଖରିଆ, ମୟୂରଭଞ୍ଜ**

ଯୁଗେ ଯୁଗେ ଆଦୃତ ଭାଇ ଓ ଭଉଣୀର ଶାଶ୍ୱତ ସମ୍ପର୍କ । ପିଲାଦିନର ସେ କଳି ଝଗଡ଼ା କେତେବେଳେ ଯେ ଅନାବିଳ ଭଲପାଇବାର ରୂପ ନିଏ, ତାହା କେବଳ ଦୂରେଇ ରହିବାର ଅନୁଭୂତିରେ ହିଁ ଉପଲବ୍ଧ ହୁଏ । ମୋ ଜଗା ବଳିଆଙ୍କ ଚଲାପଥ କୁସୁମିତ ହେଉ ଓ ଜୀବନ ସାଫଲ୍ୟ ମଣ୍ଡିତ ହେଉ । ଏହାହିଁ ଏ ସୁଭଦ୍ରାର ରାଖୀ ପୂର୍ଣ୍ଣିମାରେ ପ୍ରାର୍ଥନା।

**ପୁଷ୍ପାଞ୍ଜଳି ତ୍ରିପାଠୀ, ବରମୁଣ୍ଡା, ଭୁବନେଶ୍ୱର**

ଯେଉଁ ବନ୍ଧନରେ ଥାଏ ସ୍ନେହ, ମମତା ଓ ପବିତ୍ରତା, ଯେଉଁ ବନ୍ଧନରେ ଥାଏ ପ୍ରତିଶ୍ରୁତି ଓ ନିଃସ୍ୱାର୍ଥପରତା, ଯେଉଁ ବନ୍ଧନରେ ଥାଏ ତ୍ୟାଗ ସେବା ଭକ୍ତି ଓ ଶ୍ରଦ୍ଧାର ବାରତା, ଯେଉଁ ବନ୍ଧନରେ ଥାଏ ଆତ୍ମୀୟତା ଓ ନିବିଡ଼ତା, ସେହି ଅତୁଟ, ଅମୂଲ୍ୟ, ଅଦ୍ୱିତୀୟ ବନ୍ଧନ ହିଁ ରାଖୀ ।

**ମର୍ମସ୍ପର୍ଶୀ ଦାସ, ଛେଣ୍ଡ କଲୋନୀ, ରାଉରକେଲା**

ବରଷକର ଦିନଟିଏ । ପବିତ୍ର ବନ୍ଧନ ଚିହ୍ନଟିଏ । ଭଉଣୀ ମନର ଉନ୍ମାଦରେ, ଭାଇ ମନରେ ପୁଲକ ଦିଏ । ସ୍ନେହର ଅଭୟ, ରକ୍ଷାର ଭାଇ । ପୁଣି ଭାଇ ଉପହାର । ଭଉଣୀ ମନରେ ଭରିଦିଏ ଖୁସିର ଜୁଆର । ବନ୍ଧନ ଏ ଯେ ବନ୍ଧନ ରେଶମୀ ଡୋରିର ବନ୍ଧନ । ଯାହା ସଂସାରରେ ଅତୁଟ ଚିରନ୍ତନ ।

**Bibhudutta Barik, Bomikhal, Bhubaneswar**

ଆମ ଭାରତବର୍ଷରେ ୧୨ ମାସରେ ତେର ପର୍ବ ପାଳନ କରାଯାଏ । ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ । ଏହି ଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହି ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଇତିହାସ ମଧ୍ୟରେ ମେବାରର ରାଣୀ କର୍ଣ୍ଣବତୀ ମୋଗଲ ସମ୍ରାଟ ହୁମାୟୁନଙ୍କ ହାତରେ ରାଖୀ ବାନ୍ଧିଥିଲେ । ରାଖୀ ପୂର୍ଣ୍ଣିମା ହେଉଛି ପ୍ରେମ, ତ୍ୟାଗ ଓ କର୍ତ୍ତବ୍ୟର ପର୍ବ। ଏହି ପର୍ବ ପାଳନ କରିବା ଦ୍ୱାରା ଭାଇ ଓ ଭଉଣୀ ସମ୍ପର୍କ ଦୃଢ଼ ହୋଇଥାଏ ।

**Bikash Ku Nayak, Mayurbhanj, Baripada**

ସ୍ନେହ ଓ ବିଶ୍ୱାସର ଏହା ଏକ ଅତୁଟ ବନ୍ଧନ, ଯାହା ହେଉଛି ରକ୍ଷାବନ୍ଧନ । ପ୍ରତିଶ୍ରୁତି ଜଣେ ଆଉ ଜଣଙ୍କୁ ରକ୍ଷା କରିବାର ଭାବନା। ସାରା ବିଶ୍ୱରେ ଯଦି ସମସ୍ତଙ୍କ ମନୋଭାବ ପବିତ୍ର ହୋଇଯାଏ, ତେବେ ଆମ ଦେଶ, ଆମ ବିଶ୍ୱ ସୁବର୍ଣ୍ଣ ହୋଇଯିବ।

**ସୌମିତ୍ରୀ ମିଶ୍ର, ଚାରିନଳା, ପୁରୀ**

ରକ୍ଷାବନ୍ଧନ ଏକ ପବିତ୍ର ବନ୍ଧନ । କିନ୍ତୁ ବର୍ତ୍ତମାନ ସମୟରେ କୋଭିଡ୍ ସ୍ଥିତିକୁ ଆଖି ଆଗରେ ରଖି ଆମ୍ଭେ ଯେତେ ସମ୍ଭବ ଅତି ଆବଶ୍ୟକ ନ ଥିଲେ ବନ୍ଧୁ ବାନ୍ଧବଙ୍କ ଘରକୁ ନ ଯାଇ କୋରିୟର ଏବଂ ଅନ୍‌ଲାଇନ ମାଧ୍ୟମରେ ରାଖୀ ଏବଂ ରାଖୀ ପଇସା ପଠାଇ କରୋନାର ତୃତୀୟ ଲହରର ସମ୍ଭାବନାକୁ ଏଡ଼ାଇପାରିବା ।

**ସୁଶାନ୍ତ କୁମାର ପଣ୍ଡା, ସତ୍ୟବାଦୀ, ପୁରୀ**

ସମ୍ପର୍କର ଏହି ଦିବସଟି ନୁହେଁ ଦିନ ଅବା ମାସ ବରଷ । ଚିରଦିନ ପାଇଁ ବନ୍ଧନ ଆମର, ସୂର୍ଯ୍ୟ ଚନ୍ଦ୍ର ପରି ସତ୍ୟ । ଭାଇ ହାତେ ବାନ୍ଧି ଦୁର୍ବାର କବଚ ଭଉଣୀ ହୁଏ ଆଶ୍ୱସ୍ତ, ଆସୁ ପଛେ ପଥେ ଯେତେ ଝଡ଼ଝଞ୍ଜା ଊଣା ହେବନି ଏ ସମ୍ପର୍କର ସୂତା ।

**Indumati Samantarary, Bomikhal, BBSR**

ବରଷରେ ଥରେ ରାଖୀ ପୂର୍ଣ୍ଣିମାରେ ଭଉଣୀ ବାନ୍ଧଇ ରାଖୀ । ମିଠା ସଙ୍ଗେ ଟଙ୍କା ରଖି ଦୀର୍ଘାୟୁ କାମନା ଭାଇର କରେ । ମନ ପସନ୍ଦର ମସଲା ରୁଚି ପଣ୍ଡା ସଙ୍ଗେ ପାନାସୋନିକ ଆମ ଖାଉଟିଙ୍କ ମନ ପସନ୍ଦ । ରକ୍ଷାବନ୍ଧନ ପରି ଅତୁଟ ରହୁ ବନ୍ଧନ ।

**ଚନ୍ଦନା ପାତ୍ର, ଏଡ଼ତାଳ, ଭଦ୍ରକ**

Rakhi is the thread that blinds two soul in a bond of joy forever and Today I'm remembering with joy, the special tie we share and wishing you happiness and good luck forever. Happy Rakshabandhan.

Saroj Ku. Garanaik Nalco Nagar, Angul

ରାଖୀ ଦୁଇ ଅକ୍ଷର ସତ, କିନ୍ତୁ ରହସ୍ୟ ଗୂଢ଼ । ରାଖୀ ଭାଇ-ଭଉଣୀ ମଧ୍ୟରେ ରହିଥିବା ଅଗାଢ଼ ଭଲ ପାଇବାର ପ୍ରତୀକ ସତ, କିନ୍ତୁ ଏ ରାଖୀ ସାରା ସଂସାରକୁ ବାନ୍ଧି ରଖିଛି । ଜଗା, ବଳିଆ, ମା' ସୁଭଦ୍ରା ରତ୍ନ ସିଂହାସନରେ ବସିଛନ୍ତି, ଶାନ୍ତି, ମୈତ୍ରୀ, ପ୍ରେମର ପ୍ରତୀକ ହୋଇ । ରାଖୀ ରକ୍ତର ବନ୍ଧନ ନୁହେଁ, ଯେ ମନର ବନ୍ଧନ । ସାରା ସଂସାରକୁ ଆମେ ଏହି ଡୋରିରେ ବାନ୍ଧି ରଖିପାରିବା । 'ଏକ ଡୋର ଏକ ଭାରତ' ସମ୍ପର୍କ ହେ ଜିନ୍ଦେଗି ।

**ଲକ୍ଷ୍ମୀପ୍ରିୟା ବେହେରା, କଣ୍ଟିପାଳ, ଆନନ୍ଦପୁର, କେନ୍ଦୁଝର**

A small piece of thread binding a brother and and a sister is more powerful than anything similar in this world . Rakshabandan is a festival of exchanging Love and affecting among brother & sister. Raksha means to protect & Bandhan means to tie and a external bond of Love and companionship, So, I wishing you Happy Rakshabandhan.

**–Niranjan Behera, Bania Sahi, Deogarh**

ରାଖୀ ଉତ୍ସବକୁ ପ୍ରତିବର୍ଷ ଶ୍ରାବଣ ମାସରେ ଉତ୍ତର ଭାରତର ଅଧିବାସୀମାନେ ପାଳନ କରିଥାନ୍ତି । ଏହା ହିନ୍ଦୁ ପୌରାଣିକ କାଳରୁ ରହିଆସିଛି । ଏହି ଧର୍ମ ଅନୁସାରେ ଯାହା ମହାଭାରତରେ ପଞ୍ଚ ପାଣ୍ଡବଙ୍କ ସ୍ତ୍ରୀଙ୍କର ବସ୍ତ୍ରହରଣ ବେଳେ ପ୍ରଭୁ ଶ୍ରୀକୃଷ୍ଣ ତାଙ୍କୁ ରକ୍ଷା କରିବା ପାଇଁ ନିଜ ହସ୍ତରେଖାରୁ ସହସ୍ର ବସ୍ତ୍ର ବାହାର କରି ଦ୍ରୌପଦୀଙ୍କୁ ଲଜ୍ଜାରୁ କ୍ଷାନ୍ତ କରିଥିଲେ। ରକ୍ଷାବନ୍ଧନର ଅର୍ଥ ହେଉଛି ରକ୍ଷା ହେଲା ଭଉଣୀର ସୁରକ୍ଷା ଏବଂ ବନ୍ଧନ ହେଲା ବାନ୍ଧିବାର କବଚ ।

**କୈଳାସ ଚନ୍ଦ୍ର ତ୍ରିପାଠୀ, ବିଜେବି ନଗର, ଭୁବନେଶ୍ୱର**

ରକ୍ଷାବନ୍ଧନ ହେଉଛି ଭ୍ରାତୃ-ଭଗିନୀ ବିଶିଷ୍ଟ ଏକ ସୂକ୍ଷ୍ମପର୍ବ। ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଏକ ଯୁଦ୍ଧ ସମୟରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ହସ୍ତ କମଳରୁ ରକ୍ତ ଝରୁଥିଲା, ଯାହାକୁ ଦେଖି ଦ୍ରୌପଦୀଙ୍କ ମନ ବ୍ୟଥିତ ହେଲା ଏବଂ ବ୍ୟାକୁଳ ଚିତ୍ତରେ ଦ୍ରୌପଦୀ ନିଜ ବସ୍ତ୍ରରୁ ଖଣ୍ଡିଏ ଚିରି ଶ୍ରୀକୃଷ୍ଣଙ୍କ ଆଘାତ ସ୍ଥାନରେ ବାନ୍ଧିଥିଲେ । ଏହି ଉଦାହରଣ ଭାଇମାନଙ୍କୁ ରକ୍ଷାବନ୍ଧନ ଦିନ ରାଖୀ ଦିଅନ୍ତି ।

**ସନାତନ ଜେନା,ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର**

ରାଖୀପୂର୍ଣ୍ଣମୀ ଭାରତର ଏକ ମହାନ୍ ପର୍ବ। ଏହା ହେଉଛି ଏପରି ପର୍ବ, ଯେଉଁଥିରେ ଆମର ସମ୍ବନ୍ଧ ଓ ସମ୍ପର୍କ ଯୋଡ଼ି ହୋଇ ରହିଛି, ଯେପରି କି ଭାଇ ଭଉଣୀ ସମ୍ପର୍କ। ଆଉ ମଧ୍ୟ ଓଡ଼ିଶାରେ ଏହାକୁ ଗହ୍ମାପୂର୍ଣ୍ଣିମା ହିସାବରେ ଦେଖନ୍ତି, ଯେପରି କି ଏହିଦିନ ଆମେ ଆମର ଗୋମାତାକୁ ପୂଜା କରୁ।
**କ୍ଷିତୀଶ ମୋହନ ଦାସ, ନୂଆପୋଖରୀ ଗଳି, ଖୋର୍ଦ୍ଧା**

ଭଉଣୀର ସର୍ବ ମଙ୍ଗଳ କାମନା ଓ ଭାଇର ସର୍ବ ସୁରକ୍ଷାର ପ୍ରତିଶ୍ରୁତିର ନିଦର୍ଶନ 'ରକ୍ଷାବନ୍ଧନ' ଏକ ଅନନ୍ୟ ପରମ୍ପରା। ପ୍ରତୀକାତ୍ମକ ସମ୍ପର୍କକୁ ନେଇ ପରିବେଶପ୍ରେମୀ ଗଛ, ମାଟି, ପାଣି ସହ ନିଆରା ରକ୍ଷାବନ୍ଧନ ପାଳୁଛନ୍ତି।
ଅତ୍ୟାଧୁନିକ ଯୁବସମାଜକୁ ନୈତିକତାବୋଧ ତଥା ମୌଳିକତାକୁ ଜାଗରିତ କରିବାରେ 'ରକ୍ଷାବନ୍ଧନ' ପାଳନର ଯଥାର୍ଥତା ରହିଛି।
**ଦିଲ୍ଲିପ କୁମାର ହୋତା, ମିରଗାନିଗୁଡ଼ା, ନବରଙ୍ଗପୁର**

ଚିର ଶାଶ୍ୱତ କବଚରୂପୀ ରାଖୀ ପ୍ରତ୍ୟେକ ଭାଇକୁ ନିଜ ଭଉଣୀ ପ୍ରତି ଥିବା କର୍ତ୍ତବ୍ୟର ବାର୍ତ୍ତା ବହନ କରେ। ଏହି ପର୍ବର ମହତ୍ତ୍ୱ ହିଁ ସମଗ୍ର ଭ୍ରାତୃ ଜାତିକୁ ନିଜ ଭଗିନୀ ପ୍ରତି ଥିବା କର୍ତ୍ତବ୍ୟ ଆବାହନ କରେ। ତେଣୁ ଏହି ରକ୍ଷାର ସନ୍ଦେଶକୁ ନେଇ ସମସ୍ତେ ସ୍ନେହ ଓ ସୌହାର୍ଦ୍ଦ୍ୟର ସହ ଏହି ପର୍ବକୁ ପାଳନ କରି ନିଜ ଭଗିନୀମାନଙ୍କୁ ସ୍ନେହରୂପୀ କବଚରେ ସର୍ବଦା ତଥା ସର୍ବତ୍ର ରକ୍ଷା କରିବା।
**ଶ୍ରୀକାନ୍ତ ମହାରଣା, ଗାବ୍ରିଏଲଗୁଡ଼ା, ନବରଙ୍ଗପୁର**

A sister is a gift to the heart, a friend to the spirit, a golden thread to the meaning of life. The best thing about having a sister was that I always had a friend. wishing you happy Rakhi Purnima.
**Swastik Sarangi, Rasulgarh, Bhubaneswar**

ସନାତନ ସଂସ୍କୃତିରେ ରକ୍ଷାବନ୍ଧନର ଏକ ବିଶେଷ ମହତ୍ତ୍ୱ ରହିଛି। ଏହାକୁ ଗହ୍ମାପୂର୍ଣ୍ଣିମା କୁହାଯାଏ। ବଳଭଦ୍ରଙ୍କ ଜନ୍ମ ଉତ୍ସବ। ଗୋମାତାକୁ ପୂଜନ କରାଯାଏ।ମା'ଲକ୍ଷ୍ମୀବଳିରାଜାଙ୍କୁରାଖୀବାନ୍ଧିଥିଲେ। ଏହି ପରମ୍ପରା ଚଳିଆସିଛି। ଭାଇ ଓ ଭଉଣୀଙ୍କ ପବିତ୍ର ବନ୍ଧନ। ସ୍ନେହ, ଶ୍ରଦ୍ଧା ପର୍ବ ପାଳନ ହୁଏ।
**ବିଘ୍ନେଶ ବେହେରା, ନୂଆସାହି, ଖୋର୍ଦ୍ଧା**

ସାରା ଦୁନିଆରେ ସବୁଠୁ ଅଲଗା ଭାଇ-ଭଉଣୀର ସମ୍ପର୍କ। ସେ ସମ୍ପର୍କ ଗଙ୍ଗା ଭଳି ପବିତ୍ର। ଭଉଣୀର ଭାଇ ପ୍ରତି ଭଲ ପାଇବା ଗୋଟିଏ ରେଶମ ଡୋରିରେ ବନ୍ଧା। ଦୂରରେ ଥିଲେ ସବୁ ସମ୍ପର୍କ ଫିକା ପଡ଼ିଯାଏ। କିନ୍ତୁ ଭାଇ ଭଉଣୀର ସମ୍ପର୍କ କେବେ ବି ଫିକା ପଡ଼ି ନ ଥାଏ। ଏହି ବନ୍ଧନ ଦୁନିଆ ପାଇଁ ବରଦାନ। ଭାଇ ଭଉଣୀର ଭଲ ପାଇବାର ସାକ୍ଷୀ ରାଖୀ।
**ବର୍ଷାରାଣୀ ମିଶ୍ର, ବେଗୁନିଆ, ଖୋର୍ଦ୍ଧା**

ରାଖୀପୂର୍ଣ୍ଣିମା ଭାରତର ଏକ ମହାନ୍ ପର୍ବ। ଏହା ହେଉଛି ଏପରି ଏକ ପର୍ବ ଯେଉଁଥିରେ କି ଆମର ଭାଇ ଭଉଣୀ ସମ୍ପର୍କ ଥାଏ ଏବଂ ଏଥିରେ ସମାଜରେ ଭାଇ ଭଉଣୀର ସମ୍ପର୍କ ସୁଦୃଢ଼କୁ ଦର୍ଶାଏ। ଏହାକୁ ମଧ୍ୟ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ରୂପେ ପାଳନ କରନ୍ତି।
**ଦେବାଶିଷ ରଥ, ଛୋଟରାୟପୁର, ଖୋର୍ଦ୍ଧା**

ପ୍ରାଚୀନ କାଳର ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଉଥିଲା ଏବଂ ଏହାର ମୂଳ ଆମ ଶାସ୍ତ୍ରରେ ଅନେକ ପୁରାଣ କାହାଣୀରୁ ଚିହ୍ନିତ ହୋଇପାରେ। ଚିତ୍ତୋର ରାଣୀ କର୍ଣ୍ଣାବତୀଙ୍କ ପ୍ରସିଦ୍ଧ ଲୋକନୃତ୍ୟ ଏବଂ ସମ୍ରାଟ ହୁମାୟୁନ୍ ରକ୍ଷାବନ୍ଧନ ମହୋତ୍ସବର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଛନ୍ତି। ରକ୍ଷାବନ୍ଧନ ହେଉଛି ଧର୍ମନିରପେକ୍ଷ, ବହୁ ସଂସ୍କୃତିର ହିନ୍ଦୁ ପର୍ବ ସମଗ୍ର ଦେଶରେ ପାଳନ କରାଯାଏ। ଏହି ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ବନ୍ଧନକୁ ମଜଭୁତ କରେ। ପବିତ୍ର ସମ୍ପର୍କର ବନ୍ଧନ ହେଉଛି ରକ୍ଷାବନ୍ଧନ।
**ସୁନୀଲ କୁମାର ବେହେରା, ସେଲ୍ସ ଟ୍ୟାକ୍ସ କଲୋନୀ, ବ୍ରହ୍ମପୁର**

ରେଶମ ସୂତାର ବନ୍ଧନକୁ କେହି ନିଉନ ମଣିବ ନାହିଁ। ଭାଇ-ଭଉଣୀର ପବିତ୍ର ସମ୍ପର୍କ- ଦିଏଟି ଏହା ସୂଚାଇ।
ବିପତ୍ତି ପଡ଼ିଲେ ଭଗିନୀ ଉପରେ— ସଦା ଅଗ୍ରବୀର ଭାଇ, ନିଜ ଜୀବନକୁ ବାଜି ସେ ଲଗାଏ— ସୁରକ୍ଷା କବଚ ହୋଇ।
ଭାଇର ଆଶିଷ ଭଗ୍ନୀର ବିଶ୍ୱାସ ଅଛି ଥିବ କାଳେକାଳେ, ଭାଇ-ଭଗ୍ନୀ ପ୍ରୀତି କାଳିଆ ଦେଖାଏ— ରଥଯାତରାର ଛଳେ।
**ରଶ୍ମିରେଖା ମହାରଣା, ନୂଆବଜାର, କଟକ**

ବଳରାମଙ୍କ ଜନ୍ମଦିନ ଏବଂ ଗହ୍ମାପୂର୍ଣ୍ଣିମା ଅବସରରେ ସର୍ବୋପରି ଭାଇଭଉଣୀର ସ୍ନେହ ଶ୍ରଦ୍ଧା ସମ୍ପର୍କର ଅତୁଟ ବନ୍ଧନ ପର୍ବ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଜଗତର ନାଥ ଜଗନ୍ନାଥଙ୍କ କୃପାରୁ ଭାଇ-ଭଉଣୀଙ୍କ ପବିତ୍ର ବନ୍ଧନକୁ ଏ ସମ୍ପର୍କର ଡୋରି ଆହୁରି ସୁଦୃଢ଼ ଏବଂ ମଜଭୁତ କରୁ।
**ମାଳତି ନାୟକ, ଘାଗରାପାଳ, ପୋ: ଉଡ଼ମ୍ବର, ରେମୁଣା**

ପବିତ୍ର ଗହ୍ମା ଓ ରାଖୀପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପା ଓ ଆଶୀର୍ବାଦରୁ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ବହନ କରି ଏହି ପବିତ୍ର ବନ୍ଧନ ଆହୁରି ନିବିଡ଼ ହେଉ।
**ହରିଶ୍ଚନ୍ଦ୍ର ନାୟକ, ଘାଗରାପାଳ, ଉଡ଼ମ୍ବର, ରେମଣା**

ଚାତକ ପରି ଚାହିଁ ବସିଥାଏ ରକ୍ଷାବନ୍ଧନକୁ। କେବେ ଆସିବ ରକ୍ଷା ବନ୍ଧନ ? କେବେ ମୋ ଭାଇ ହାତରେ ବାନ୍ଧିବି ରାଖୀ ? ଏମିତି ମନରେ ଭାବି ଦିନ ଗଣୁଗଣୁ ଆସି ପହଞ୍ଚି ଯାଇଥାଏ ରକ୍ଷାବନ୍ଧନ। ଏହି ପର୍ବଟି ଭାରତୀୟ ପରମ୍ପରା ଅନୁଯାୟୀ ଏକ ମହାନ୍ ପର୍ବ। ବାର ମାସରେ ତେର ପର୍ବ ମଧ୍ୟରୁ ଗହ୍ମାପୂର୍ଣ୍ଣିମାଟି ଅନ୍ୟତମ। କାରଣ ଏହିଦିନ ପ୍ରଭୁ ବଳଭଦ୍ର ଜୀଉଙ୍କ ଜନ୍ମଦିନ। ଏହି ପର୍ବରେ ହିନ୍ଦୁମାନେ ଗୋମାତାଙ୍କୁ ରାଖୀ ବାନ୍ଧି ପିଠା ଭୋଗ କରି ପୂଜନ୍ତି।
**ଅଙ୍କିତା ପ୍ରିୟଦର୍ଶିନୀ, ଖଡ଼ିପଦା, ପୁରୀ**

ରାଖୀପୂର୍ଣ୍ଣିମାକୁ ରକ୍ଷାବନ୍ଧନ ଭାବେ ପାଳନ କରାଯାଏ। ଏହିଭଳି ଭାଇ ଓ ଭଉଣୀଙ୍କ ମଧ୍ୟରେ ପ୍ରେମର ପ୍ରତୀକ ରୁହେ। ଭଉଣୀ ଭାଇଙ୍କ ମଥାରେ ଚନ୍ଦନ ଓ ସିନ୍ଦୂର ଲଗାଇ ଭାଇର ଦୀର୍ଘାୟୁ କାମନା କରିଥାଏ। ଏହାପରେ ତା'ର ଡାହାଣ ହାତରେ ରାଖୀକୁ ବାନ୍ଧିଥାଏ। ଭାଇ ମଧ୍ୟ ଭଉଣୀର ସମସ୍ତ ସୁଖଦୁଃଖରେ ସାମିଲ ହୋଇଥାଏ। ତା'ପରେ ତାକୁ ମିଠା ଖୁଆଏ। ଭାଇ ଭଉଣୀର ମନପସନ୍ଦ ଉପହାର ମଧ୍ୟ ଦେଇଥାଏ। ଏହା ପ୍ରତ୍ୟେକ ପରିବାରକୁ ଉତ୍ତମ ସମ୍ପର୍କ ଭାବରେ ବାନ୍ଧି ରଖେ।
**କୈଳାସ ଚନ୍ଦ୍ର ତ୍ରିପାଠୀ, ବିଜେବି ନଗର, ଭୁବନେଶ୍ୱର**

ପବିତ୍ର ରକ୍ଷାବନ୍ଧନ ଭାଦ୍ରବ ମାସରେ ପାଳନ କରାଯାଏ। ଏହା ଏକ ଭାଇ ଓ ଭଉଣୀ ମଧ୍ୟରେ ନିବିଡ଼ ସମ୍ପର୍କ ଥାଏ। ଭଉଣୀ ନିଜ ଭାଇର ହାତରେ ରଖୀ ବାନ୍ଧି ଫୁଲ, ଦୀପ ଦେଇ ପୂଜା କରିଥାଏ। ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ସବୁଦିନ ପାଇଁ ନିଜର ରକ୍ଷାକବଚ ଭାବରେ ପ୍ରତିବଦ୍ଧ ହୋଇଥାଏ। ତେଣୁ ଏହି ଦିନକୁ ମନେ ରଖିବା ପାଇଁ ଭଉଣୀ ନିଜ ଭାଇର ହାତରେ ରାଖୀ ବାନ୍ଧିଥାଏ।
**କେଦାର ମହାପାତ୍ର, ଗଣ୍ଡମୁଣ୍ଡା, ଭୁବନେଶ୍ୱର**

କେବେ ସେ ବନ୍ଧୁ ତ କେବେ ପୁଣି ବାପା ପରି।
ବିପଦ ଆପଦରେ ଯିଏ ଆଗ ମନେ ପଡ଼େ
ଯିଏ ଦେଇପାରେ ବରଗଛ ଛାଇ ପରି ଆଶ୍ରା
ସିଏ କେବଳ ଭାଇ।
ସେନେହ ସୂତାରେ ମମତା ମାଳି, ଦେଉଛି ବାନ୍ଧି
ମୁଁ ହାତରେ ତାହାରି, ମନେ ରଖିଥିବୁ ଭଳି
ନ ଯିବୁ ରେଶମୀ ଡୋରିକୁ ନ କରି ପର।
**ମାନି ମଙ୍ଗରାଜ, ବାଘ୍ର ରୋଡ, ବାରିପଦା, ମୟୂରଭଞ୍ଜ**

Raksha Bandhan tells the loving relationship between brothers and sisters. Sisters tie a Rakhi on the wrist of their brothers. In return, brothers present gifts to their sisters, sister prays for the long life of their brothers. There are many ways of celebration for this beautiful rest.
**Kaushik Padhiari, Baripada, Mayurbhanj**

ଆମ ଭାରତବର୍ଷରେ ୧୨ ମାସରେ ତେର ପୂର୍ଣ୍ଣମୀ ପାଳନ କରାଯାଏ। ସେଥିମଧ୍ୟରୁ ରାଖୀପୂର୍ଣ୍ଣମୀ ଅନ୍ୟତମ। ଏହି ପୂର୍ଣ୍ଣମୀ ଶ୍ରାବଣ ମାସର ପୂର୍ଣ୍ଣମୀ ଦିନ ପାଳନ କରାଯାଇଥିବାରୁ ଶ୍ରାବଣ ପୂର୍ଣ୍ଣମା ମଧ୍ୟ କୁହାଯାଏ। ଏହିଦିନ ଭଉଣୀ ତା'ର ଭାଇର ମଥାରେ ତିଳକ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ।
**ଶତ୍ରୁଘ୍ନ ସାହୁ, ମାଳଦା, ଯାଜପୁର**

ଭାଇଭଉଣୀର ସ୍ନେହ ମମତାର
ରହିଛି କେତେ କାହାଣୀ,
ରାଖୀ ପୂର୍ଣ୍ଣିମାର ମଧୁର ମୁହୂର୍ତ୍ତେ
ବାନ୍ଧେ ରାଖୀ ମୋ ଭଉଣୀ।
**କେଦାରନାଥ ସାହୁ, ବେହେରାପାଲି, ବରଗଡ଼**

ଆଖିରୁ ମୋହର ଝରୁଥିଲେ ଲୁହ
ହୃଦୟରୁ ଝରେ ତୋ ଲହୁ
ତୋ ସ୍ନେହ ମମତା ମହୁଠାରୁ ମିଠା
କେମିତି କହିବି ଆଉ ?
ଜନମେ ଜନମେ ସୁନା ଭାଇ ମୋର
ସାଥୀ ହୋଇ ପାଶେ ଥିବୁ
କଅଁଳ ହାତରେ ଆଖିରୁ ମୋହର
ଲୁହ ଧାର ପୋଛି ଦେବୁ।
**ଜ୍ୟୋସ୍ନାରାଣୀ ଦାଶ, ପାଲଲହଡ଼ା, ଅନୁଗୋଳ**

ରାଖୀପୂର୍ଣ୍ଣିମାକୁ ରଖାବନ୍ଧନ ମଧ୍ୟ କୁହାଯାଏ। ଏହି ପୂର୍ଣ୍ଣିମାରେ ଭାଇର ଡାହାଣ ହାତରେ ରାଖୀବାନ୍ଧି ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ଭଉଣୀକୁ ମଧ୍ୟ ମନପସନ୍ଦର ଜିନିଷ ଦେଇଥାଏ ଓ ବିପଦରୁ ରକ୍ଷା କରିବା ପାଇଁ ପ୍ରତିଶ୍ରୁତି ଦେଇଥାଏ। ରାଖୀ ପୂର୍ଣ୍ଣିମା ହେଉଛି ପ୍ରେମ, ତ୍ୟାଗ ଓ କର୍ତ୍ତବ୍ୟର ପର୍ବ। ଏହି ପର୍ବ ପାଳନ କରିବା ଦ୍ୱାରା ଭାଇ ଓ ଭଉଣୀର ସମ୍ପର୍କ ଦୃଢ଼ ହୋଇଥାଏ।
**ଦେବଯାନୀ ରଥ, ଧନୁପାଲି ସମ୍ବଲପୁର**

Job bhi Rakhi ka tyoheer ata hai,
bhai aur Bahen ka pyas badatha hai,
Baandhti hai bahena bhaiya ko rakhi,
bhai bahen ki raksha ki sougandh Khata hai.
**Guruprasad Sahoo, Raja Bazar, Khurda**

ରକ୍ଷାବନ୍ଧନ ଏକ ସାଧାରଣ ବନ୍ଧନ ନୁହେଁ। ଏହା ଭ୍ରାତୃଭଗିନୀର ସ୍ନେହ, ଶ୍ରଦ୍ଧାର ଏକ ଜ୍ୱଳନ୍ତ ପ୍ରତୀକ। ଦେବତାଙ୍କଠାରୁ ମାନବ ଯାଏ ଏହାର ଉଦାହରଣ ରହିଛି। ମାତ୍ର ଆଜିକାଲି କେତେକ ଭଉଣୀ ଟଙ୍କା ଓ ଲୋଭରେ ଭାଇ ହାତରେ ଲୋକଦେଖାଣିଆ ଭାବେ ରାଖୀ ବାନ୍ଧି ଦେଉଛନ୍ତି। ଯାହା ଏକ ବ୍ୟବସାୟରେ ପରିଣତ ହୋଇ ଆନ୍ତରିକତା ହରାଇ ବସିଛି। ଏଣୁ ଏହି
ମନୋଭାବ ତ୍ୟାଗ କଲେ ଭାଇ ଭଉଣୀର ସମ୍ପର୍କ ସୁଦୃଢ଼ ହୋଇପାରିବ।
**ମହେନ୍ଦ୍ର ବେଉରା, ନୀଳକଣା. କେନ୍ଦ୍ରାପଡା**

ରଖାବନ୍ଧନ ହେଉଛି ଭ୍ରାତୃଭଗିନୀ ସମ୍ପର୍କର ମୁଖ୍ୟ ପର୍ବ। ଯୁଦ୍ଧ ସମୟରେ ଶ୍ରୀକୃଷ୍ଣଙ୍କ ହସ୍ତରୁ ରକ୍ତସ୍ରାବ ଦେଖି ଦୌପଦୀ ନିଜ ପଣତରୁ କନାଚିରି ବାନ୍ଧି ଥିବାରୁ ଦୌପଦୀଙ୍କ ବସ୍ତ୍ରହରଣ ସମୟରେ କୋଟିବସ୍ତ୍ର ପ୍ରଦାନ କରି ଲଜ୍ଜା ନିବାରଣ କରିଥିଲେ। ମାତ୍ର ଆଜିକାଲି କେତେକ ଭଉଣୀ ହୃଦୟରୁ ନୁହେଁ, କିଛି ଟଙ୍କା ଓ ଦ୍ରବ୍ୟ ପାଇଁ ରାଖୀ ବାନ୍ଧିଥାନ୍ତି। ଯଦି ଲୋଭ ଆସିଯାଏ, ତେବେ ଏହି ପବିତ୍ର ବନ୍ଧନ ବ୍ୟବସାୟରେ ପରିଣତ ହୋଇଯାଏ। ଏହି ସଂକୀର୍ଣ୍ଣ ମନୋଭାବକୁ ତ୍ୟାଗ କରିପାରିଲେ ଭାଇଭଉଣୀର ସମ୍ପର୍କ ସୁଦୃଢ଼ ହୋଇପାରିବ।
**ସାରଦା ପ୍ରସାଦ ବେଉରା, ନୀଳକଣା, ଚାନ୍ଦୋଳ, କେନ୍ଦ୍ରାପଡା**

ଆମ ଭାରତବର୍ଷରେ ୧୨ ମାସରେ ତେର ପୂର୍ଣ୍ଣିମା ପାଳନ କରାଯାଏ। ସେଥିମଧ୍ୟରୁ ରାଖୀପୂର୍ଣ୍ଣିମା ଅନ୍ୟତମ। ଏହି ପୂର୍ଣ୍ଣମୀ ଶ୍ରାବଣ ମାସ ପୂର୍ଣ୍ଣିମା ଦିନ ପାଳନ କରାଯାଇଥିବାରୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ରାଖୀ ପୂର୍ଣ୍ଣିମା ବା ରଖାବନ୍ଧନ ଓଡ଼ିଶା ସହିତ ସାରା ଭାରତରେ ମହା ଆନନ୍ଦ ସହିତ ପାଳନ କରାଯାଏ।
**ଦୟାନିଧି ନାଥ, ସହଦେବଖୁଣ୍ଟା, ବାଲେଶ୍ୱର**

Raksha Bandhan is a glorious festival celebrated by the Hindu religion in India. This festival is known to increase harmony and peace among the different existing faiths in India. All brothers promise their sisters to protect them from evil influences.
**Ipisita Mohanty, Budharaja, Sambalpur**

ଭଉଣୀର ସର୍ବମଙ୍ଗଳ କାମନା ଓ ଭାଇର ସର୍ବସୁରକ୍ଷାର ପ୍ରତିଶ୍ରୁତିର ନିଦର୍ଶନ 'ରକ୍ଷାବନ୍ଧନ' ଏକ ଅନନ୍ୟ ପରମ୍ପରା। ପ୍ରତୀକାତ୍ମକ ସମ୍ପର୍କକୁ ନେଇ ପରିବେଶ ପ୍ରେମୀ ଗଛ, ମାଟି, ପାଣି ସହ ନିଆରା ରକ୍ଷାବନ୍ଧନ ପାଳୁଛନ୍ତି। ଅତ୍ୟାଧୁନିକ ଯୁବସମାଜକୁ ନୈତିକତାବୋଧ ତଥା ମୌଳିକତାକୁ ଜାଗରିତ କରିବାରେ ରକ୍ଷାବନ୍ଧନ ପାଳନର ଯଥାର୍ଥତା ରହିଛି।
**ଦିଲୀପ କୁମାର ହୋତା, ମିରଗାନଗୁଡା, ନବରଙ୍ଗପୁର**

ରାଖୀପୂର୍ଣ୍ଣିମା ଅବସରରେ ଓଡ଼ିଶାର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା। ରାଖୀପୂର୍ଣ୍ଣିମାରେ ସମସ୍ତ ଭାଇମାନେ ଭଉଣୀମାନଙ୍କୁ ସୁରକ୍ଷାଦେବା ପାଇଁ ପ୍ରତିଜ୍ଞାବଦ୍ଧ ହୁଅନ୍ତୁ। ସମସ୍ତ ଭାଇମାନେ କିପରି ନିଜର ଭଉଣୀମାନଙ୍କୁ ସୁରକ୍ଷା ଦେବା ପାଇଁ ସଚେତନ ହେବେ ସେଥିପାଇଁ ପରମ୍ପରାର ଦୃଢ଼ତା ରକ୍ଷା କରନ୍ତୁ।
**ଗାୟତ୍ରୀ ମିଶ୍ର, ବାଘେଶ୍ୱରପୁର, ପିପିଲି, ପୁରୀ**

ରାଖୀ ଏକ ନିଦର୍ଶନ ଓ ସ୍ନେହର ପ୍ରତୀକ।
ଭଉଣୀର ଭାଇ ହାତରେ ରାଖୀ ଦେବା ସ୍ନେହର ପ୍ରମାଣ। ଶ୍ରାବଣ ମାସ ପୂର୍ଣ୍ଣିମାକୁ ରାଖୀ ପୂର୍ଣ୍ଣିମା କୁହନ୍ତି। ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣଙ୍କ ହାତ କଟିଯାଇଥିଲା। କିନ୍ତୁ ଦୌପଦୀ ତାଙ୍କର ଶାଢ଼ୀ ଚିରି ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧି ଦେଇଥିଲେ। ଏହି ପରମ୍ପରା ଆଜିଯାଏଁ ଚାଲୁଅଛି।
**ସୁଜ୍ଞାନୀ ସାହୁ, ସାମନ୍ତରାପୁର, ଭୁବନେଶ୍ୱର**

ଆମ ଭାରତବର୍ଷରେ ବାରମାସରେ ତେରପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରକ୍ଷାବନ୍ଧନ ଅନ୍ୟତମ। ଏହି ବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପଡିଥିବାରୁ ଏହା ରାଖୀ ପୂର୍ଣ୍ଣିମା ନାମରେ ଜଣାଶୁଣା। ଏହି ଦିନ ଭଗବାନ ବଳଭଦ୍ର ଜନ୍ମ ହୋଇଥିବାରୁ ଏହି ପର୍ବକୁ ଗହ୍ମାପର୍ବ କୁହାଯାଏ। ଏହି ଦିନ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ କାମନା କରେ। ଭାଇ ମଧ୍ୟ ଭଉଣୀର ରକ୍ଷାକବଚ ସାଜିବାକୁ ପ୍ରତିଶ୍ରୁତି ଦିଏ। ଏହାଦ୍ୱାରା ଭାଇଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ଏବଂ ଅତୁଟ ରହେ।
**ଭବାନୀ କୁମାରୀ ପାଣିଗ୍ରାହୀ, ବିଷମକଟକ, ରାୟଗଡା**

ସ୍ନେହ ପ୍ରେମର ବନ୍ଧନ ଏ। ପାଳେ ସାରା ସଂସାର। ସାରା ଜଗତର ସବୁଠୁ ପବିତ୍ର, ପ୍ରେମ ଏ ଭାଇ ଭଉଣୀର। ଭାଙ୍ଗିଲେ ବି ଭାଙ୍ଗେ ନାହିଁ ବିଶ୍ୱାସର ଏ ଅତୁଟ ବନ୍ଧନ। ଏ ବନ୍ଧନକୁ ସଂସାର କହେ ଭାଇଭଉଣୀର ରକ୍ଷାବନ୍ଧନ।
**ଅନନ୍ୟା ଅନ୍ୱେଷିତା ପଣ୍ଡା, ବିଷମକଟକ, ରାୟଗଡା**

ରାଖୀପୂର୍ଣ୍ଣିମା ଏକ ପବିତ୍ର ହିନ୍ଦୁ ପର୍ବ। ରାଖୀପୂର୍ଣ୍ଣିମାକୁ ରକ୍ଷା ବନ୍ଧନ ମଧ୍ୟ କୁହାଯାଏ। ଏହିଦିନ ବଳଭଦ୍ର ଜନ୍ମ ହୋଇଥିବାରୁ ଏହାକୁ ଭଳଭଦ୍ର ଜନ୍ମ ବା ଗହ୍ମାପୂର୍ଣ୍ଣିମା କୁହାଯାଏ। ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ଏହି ପର୍ବ ଓଡ଼ିଶା ଛଡା ସାରା ଭାରତରେ ପାଳିତ ହୁଏ। ଭାଇଭଉଣୀର ପବିତ୍ର ସମ୍ପର୍କର ଝଲକ ରାଖୀରୁ ମିଳିଥାଏ। ଭଉଣୀ ନିଜ ଭାଇକୁ ତିଳକ ଲଗାଇ, ଦୀପରେ ବନ୍ଦାପନା କରି ରାଖୀ ବାନ୍ଧିଥାଏ। ଭାଇ ମଧ୍ୟ ଭଉଣୀକୁ ସୁରକ୍ଷା କରିବାର ବଚନ ଦିଏ। ଆଜିର ବ୍ୟସ୍ତ ଦୁନିଆରେ ରକ୍ଷାବନ୍ଧନ ପରିବାରକୁ ଏକତ୍ର କରିଥାଏ।
**ସ୍ୱାରତ ରଞ୍ଜନ ପଣ୍ଡା, ରାମେଶ୍ୱରନଗର, ଗୁଣୁପୁର**

ଶ୍ରାବଣ ମାସର ମେଘରେ ରିମ୍‌ଝିମ୍ ଦୃଶ୍ୟରେ ସାରା ପ୍ରକୃତି ଖେଳନ୍ତି ଚିକ୍‌ମିକ୍ ବିଜୁଳି ଘଡ଼ଘଡ଼ି ନାଦରେ ମାତା ଧରିତ୍ରୀ ନୀଳ ଆକାଶରେ ଇନ୍ଦ୍ରଧନୁର ରାଖୀ ବାନ୍ଧନ୍ତି। ଏକତାର ଏକ ସୁନ୍ଦର ପରାକାଷ୍ଠା ହେଉଛି ରାଖୀ। ସବୁ ଘରେ ଖୁସିର ଉନ୍ମାଦ ହେଉଛି ରାଖୀ, ଭାଉଭଉଣୀର ପରସ୍ପର ବିଶ୍ୱାସ ଭଲପାଇବା ହେଉଛି ରାଖୀ।
**ମହେଶ ପାଣିଗ୍ରାହୀ, ବିଷମକଟକ, ରାୟଗଡା**

ସାରା ଦୁନିଆରେ ସବୁଠୁ ଅଲଗା ଭାଇଭଉଣୀର ସମ୍ପର୍କ। ଆଉ ସେ ସମ୍ପର୍କ ଗଙ୍ଗାଜଳ ପରି ପବିତ୍ର ଏବଂ ବିଶ୍ୱାସର ପ୍ରତୀକ ହୋଇଥାଏ। ରାଖୀର ପର୍ବ ଆସିଛି ଚାରିଆଡେ ଖୁସିର ଲହରୀ ଖେଳୁଛି। ଭଉଣୀର ଭାଇ ପ୍ରତି ଭଲପାଇବା ଗୋଟିଏ ରେଶମଡୋରିର ବନ୍ଧନ ପରି।
**ସାତ୍ତ୍ୱିକ ରଞ୍ଜନ ପଣ୍ଡା, ରମେଶ୍ୱରନଗର, ଗୁଣପୁର**

ଅତୀତ, ବର୍ତ୍ତମାନ, ଭବିଷ୍ୟତ। ବର୍ତ୍ତମାନକୁ ନେଇ ମଣିଷ ମସଗୁଲ୍। ଅତୀତର ଆତ୍ମୀୟସ୍ୱଜନଙ୍କ ଠିକଣା ନାହିଁ। ଭବିଷ୍ୟତରେ କରୋନାଠାରୁ ଶକ୍ତିଶାଳୀ ଅଦୃଶ୍ୟ ହାତ କେବେ ଯେ ଟାଣିନେବ ସେ ଚିନ୍ତା ବି ନାହିଁ। ଭଉଣୀର ରାଖୀ ଆଜି ଅଲୋଡା। ମାତାପିତା ଭଇବନ୍ଧୁ ଏମାନେ ସବୁ ବର୍ଜ୍ୟବସ୍ତୁ। ବର୍ତ୍ତମାନ ମୁଁ ମୋ ପରିବାର। ଆଗାମୀ ଦିନରେ ପୃଥିବୀରେ ଯେପରି କୋକୁଆଭୟ ସୃଷ୍ଟି ନ ହୁଏ ସତର୍କ ରୁହ।
**ମୀନାକୁମାରୀ ନାୟକ, ଖଣ୍ଡଗିରିବାରୀ, ଭୁବନେଶ୍ୱର**

ରାଖୀ ଏମିତି ଏକ ବନ୍ଧନ, ଯାହାର କୋମଳ ଓ ମଧୁର ଡୋରିରେ ବାନ୍ଧି ହୋଇଯାଏ ଭାଇ ଭଉଣୀର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସମ୍ପର୍କ, ରାଖୀ ଏମିତି ଏକ ବନ୍ଧନ ଯାହାର ଚୁମ୍ବକୀୟ ଶକ୍ତିରେ ଆକର୍ଷିତ ହୋଇଥାଏ ଭାଇଭଉଣୀର ମନ, ହୃଦୟ , ଅନ୍ତର ଓ ଶରୀର।
**ଶିଳା ଦାସ, ଏମ୍ଆଇସିଆର-୬୩, ରାଉରକେଲା**

ଭାରତୀୟ ହିନ୍ଦୁ ଧର୍ମର ଏକ ଆଲୋଚ୍ୟ ଧାର୍ମିକ ପର୍ବ ହେଉଛି ରକ୍ଷାବନ୍ଧନ। ଏହି ପର୍ବର ଅନ୍ୟ ନାମ ହେଉଛି ଗହ୍ମା ପୂର୍ଣ୍ଣିମା। ଏହି ପର୍ବକୁ ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ପାଳନ କରାଯାଏ। ଏହି ପର୍ବରେ ହିନ୍ଦୁ ଧର୍ମର ଭଗବାନ ବଳଭଦ୍ରଙ୍କ ଜନ୍ମଦିବସ ରୂପେ ପାଳନ କରାଯାଏ। ଭାଇ ଭଉଣୀଙ୍କର ଅନ୍ୟୁନ ଭଲପାଇବାର ଉଦାହରଣ ହେଉଛି ରକ୍ଷାବନ୍ଧନ। ଭଉଣୀ ନିଜର ଏବଂ ନିଜ ଭାଇର ରକ୍ଷା ପାଇଁ ନିଜେ ଭାଇଙ୍କ ହାତରେ ରାଖୀ ବାନ୍ଧି ଏହି ପର୍ବ ପାଳନ କରିଥାଏ। ପିଠାପଣା ହୋଇ ଗୋରୁ, ହଳଲଙ୍ଗଳ ପୂଜା କରାଯାଏ।
**ସଂଯୁକ୍ତା ମାଝି, ବ୍ରହ୍ମଗିରି, ପୁରୀ**

ଆମ ଭାରତବର୍ଷରେ ୧୨ ମାସରେ ତେର ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ଏହି ପୂର୍ଣ୍ଣିମା ଶ୍ରାବଣ ମାସ ପୂର୍ଣ୍ଣିମା ଦିନ ପାଳନ କରାଯାଏ। ଏହିଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହି ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା କୁହାଯାଏ। ଏହି ଦିନ ଭଉଣୀ ତା'ର ଭାଇର ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ଭାଇ ମଧ୍ୟ ରାଖୀ ବାନ୍ଧି ଭଉଣୀ ରଖାକବଚ ସାଜିଥାଏ। ଏହି ପୂର୍ଣ୍ଣିମାରେ ଗୋରୁ, ହଳଲଙ୍ଗଳ ପୂଜା କରାଯାଏ।
**ଆରତୀ ସ୍ୱାଇଁ , ପୁରୀ**



ରାଖୀଟିଏ ବାନ୍ଧିଦେଲୁନି ଯେ,
ବସେଇଦେଲୁ ସବୁ ସମ୍ପର୍କର ଉର୍ଦ୍ଧ୍ୱରେଥିବା ରାଜ
ସିଂହାସନରେ ; ଯେଉଁଠି ଖାଲି ସ୍ନେହ, ପ୍ରେମ
ଆଉ ମମତାର ରାଜୁତି। କଥାଦେଲି-ଜୀବନର
ଶେଷ ରକ୍ତବିନ୍ଦୁ ଥିବାଯାଏ, ଛାଇ ପରି ରହିଥିବି
ତୋ ପାଖେ ପାଖେ ସଦା, ଦେବି ନାହିଁ
ଛୁଇଁବାକୁ ତୋତେ କାଣିଚାଏ ଦୁଃଖ।
ପଡ଼ିବାକୁ ଦେବି ନାହିଁ କେବେ, ଏ କଳୁଷିତ
ସମାଜରେ ଭଦ୍ରମୁଖା ପିନ୍ଧି ବୁଲୁଥିବା ନର
ରାକ୍ଷସମାନଙ୍କର ଲୋଲୁପ ଦୃଷ୍ଟି।
**Prasanta Ku. Sahoo, Markona, Baleswar**

ଆମ ଭାରତୀୟ ସଂସ୍କୃତି ଓ ପରମ୍ପରା ଅତି ଦୁର୍ଲ୍ଲଭ ଆଉ ନିଆରା। ବର୍ଷକ ବାରମାସ ତେର ପର୍ବ ମଧ୍ୟରୁ ରାଖୀପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା ଅନ୍ୟତମ। ହିନ୍ଦୁ ଧର୍ମର ଏହି ଆଲୋଚ୍ୟ ପର୍ବରେ ଭଗବାନ ବଳରାମ ଜନ୍ମଲାଭ କରିଥିବାରୁ ଏହାକୁ ଗହ୍ମାପୂର୍ଣ୍ଣିମା ନାମରେ ନାମିତ କରାଯାଇଛି। ଏହିଦିନ ଭଉଣୀ ଭାଇର ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଭାଇ ଭଉଣୀର ରକ୍ଷା କବଚ ସାଜିଥାଏ। ଏହି ପର୍ବରେ ଗୋରୁଙ୍କୁ ପିଠାପଣା ଦେଇ ପୂଜା କରାଯାଏ। ଭାରି ଦୁର୍ଲ୍ଲଭ, ସତରେ ସବୁକିଛି ଯାହା କି ୪୦ଟି ଶବ୍ଦ ମଧ୍ୟରେ ସୀମିତ କଲେ କମ୍ ପଡ଼ିଯିବ।
**ପୂଜା ପ୍ରିୟଦର୍ଶିନୀ ପଲାଇ, ବ୍ରହ୍ମଗିରି, ପୁରୀ**

ବସୁଧୈବ କୁଟୁମ୍ବକମ୍ ସଦୃସ ଶ୍ରୀବଳଦେବ ଜୀଉଙ୍କ ପବିତ୍ର ଜନ୍ମ ଦିବସକୁ ରକ୍ଷାବନ୍ଧନ ରୂପେ ପାଳିତ ହୁଏ। ଗହ୍ମା ନାମକ ରାକ୍ଷସର କବଳରୁ ରକ୍ଷା ପାଇବା ପାଇଁ ସମସ୍ତ ପୁଅପିଲା ପଇତା ପିନ୍ଧିଥାନ୍ତି। ଭଉଣୀ ଭାଇର ହାତରେ ମମତା ଓ ସୁରକ୍ଷାର କବଚ ସଦୃଶ୍ୟ ରାଖୀକୁ ବାନ୍ଧିଥାନ୍ତି ଓ ମିଷ୍ଟ ଭୋଜନ ଦିଅନ୍ତି। କୃଷକମାନେ ଶ୍ରୀବଳଦେବ ଜୀଉଙ୍କ ଆୟୁଧ ଲଙ୍ଗଳ ଜୁଆଳିକୁ ପୂଜା ଓ ଗୋମାତାଙ୍କୁ ପୂଜା କରିଥାନ୍ତି। ଏହା ସମସ୍ତ ପ୍ରାଣୀ ଜଗତର ମଙ୍ଗଳ କାମନାର ପର୍ବ ଅଟେ।
**Dibyajyoti Parida, Kunuda, BLS**

'ରାଖୀ' ଏକତାର ପ୍ରତୀକ। 'ରାଖୀ'ର ଅର୍ଥ ହେଉଛି ସୁରକ୍ଷା। ମହିଳାମାନେ ଯେଉଁଠି ନିଜକୁ ଅସୁରକ୍ଷିତ ମନେ କରନ୍ତି, ସେମାନେ ସେଠି ପୁରୁଷଙ୍କୁ ରାଖୀ ବାନ୍ଧୁଥିଲେ। ତାଙ୍କୁ ଭାଇ ରୂପେ ବିବେଚନା କରୁଥିଲେ। ରାଖୀ ଭାଇ ଓ ଭଉଣୀ ମଧ୍ୟରେ ପ୍ରେମର ବନ୍ଧନ ଅଟେ। ଏହାର ବଡ଼ ଉଦାହରଣ ହିନ୍ଦୁ ପୁରାଣରେ 'ମହାଭାରତ'ର ଶ୍ରୀକୃଷ୍ଣ ଏବଂ ଦ୍ରୌପଦୀଙ୍କ ସମ୍ପର୍କ।
**ରତ୍ନମ୍ବରା ପତି, ଖଣ୍ଡପଡ଼ାରୋଡ, ନୟାଗଡ଼**

ଧରିତ୍ରୀ ପୃଷ୍ଠରେ ନାରୀ ଓ ପୁରୁଷକୁ ସୃଷ୍ଟିର ମାନ୍ୟତା ଦିଆଯାଇଛି। ସୁଖ ଦୁଃଖ ଭରା ସଂସାରରେ ଭାଇ ଭଉଣୀର ଅତୁଟ ରକ୍ଷାବନ୍ଧନ କେଉଁ ପୌରାଣିକ ଯୁଗରୁ ଚାଲିଆସିଛି। ଭାଇ ତା'ର ଧନୀ କି ଗରିବ ହେଉ ପଛକେ ଦୂର ଦୂରାନ୍ତରୁ ହାତ ବଢ଼ାଇଦିଏ ତା' ଗେହ୍ଲୀ ଭଉଣୀ ଆଗରେ ପ୍ରେମର ଅତୁଟ ବନ୍ଧନକୁ ଉଜ୍ଜୀବିତ କରିବା ଆଶାରେ।
**ଡମ୍ବରୁଧର ବିଶ୍ୱାଳ, କୋଇଡ଼ା, ସୁନ୍ଦରଗଡ଼**

ଆମ ଭାରତବର୍ଷରେ ପାଳନ ହେଉଥିବା ପର୍ବପର୍ବାଣି ଆମକୁ କିଛି ନା କିଛି ଶିକ୍ଷା ଦେଇଥାଏ। ଶ୍ରାବଣ ମାସରେ ପୂର୍ଣ୍ଣିମା ତିଥିରେ ପାଳନ ହେଉଥିବା ରାଖୀ ପୂର୍ଣ୍ଣିମା ଅନ୍ୟତମ। ଏହି ପର୍ବ ଭାଇ ଓ ଭଉଣୀ ସମ୍ପର୍କ ମଧ୍ୟରେ ଥିବା ମାଧୁର୍ଯ୍ୟ ସ୍ନେହ, ଆବେଗ, ସମ୍ମାନ ଓ ବନ୍ଧୁତ୍ୱକୁ ଦୃଢ଼ କରିଥାଏ। ଏହିଦିନ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ତା'ର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ, ବଦଳରେ ଭାଇ ତା'ର ଭଉଣୀକୁ ରକ୍ଷା କରିବାର ସଙ୍କଳ୍ପ ନେଇଥାଏ।
**ଶିବାଶିଷ ବିଶ୍ୱାଳ, ବାସେଳୀସାହି, ପୁରୀ**

ଫୁଲଠୁ କୋମଳ ଜହ୍ନଠୁ ଶୀତଳ
ଏ ରେଶମୀ ଡୋରି ମୋର,
ଭୁଲିଯିବୁ ନାହିଁ କେବେ ତୁରେ ଭାଇ
ମହତ୍ତ୍ୱ ଏ ବନ୍ଧନର।
**ସୁମନସୁଧା ମହାରଣା, ମୈତ୍ରୀବିହାର, ଭୁବନେଶ୍ୱର**

ପବିତ୍ର ରକ୍ଷାବନ୍ଧନ ହେଉଛିଏକ ପବିତ୍ର ପର୍ବ। ଯାହାକି ଭଉଣୀର ଭାଇ ପ୍ରତି ସ୍ନେହ, ଭଲ ପାଇବାର ଏକ ଅପୂର୍ବ ଭାବାବେଗ। ଭାଇଟି ଭଉଣୀର ଏକ ରକ୍ଷା କବଚ। ପ୍ରତ୍ୟେକଟି ପରିସ୍ଥିତିରେ ଭାଇଟି ଭଉଣୀ ସହିତ ରହିଥାଏ। ଏହି ବର୍ଷ ମହାମାରୀ କରୋନାର ପ୍ରାଦୁର୍ଭାବ କମି ନ ଥିବା କାରଣରୁ ଏଥିପ୍ରତି ଆମେ ଦୃଷ୍ଟି ଦେଇ ଏହି ଭଉଣୀ ଓ ଭାଇମାନଙ୍କ ପାଇଁ ଦିନଟିକୁ ପାଳନ କରିବାର ନିହାତି ଭାବେ ଆବଶ୍ୟକ ଓ ଗୁରୁତ୍ୱ ମଧ୍ୟ ରହିଛି।
**ପ୍ରଦୀପ କୁମାର ସ୍ୱାଇଁ, ବିଡିଏ କଲୋନୀ, ଖୋର୍ଦ୍ଧା**

ରକ୍ଷାବନ୍ଧନ ପର୍ବ ଜଗନ୍ନାଥ ସଂସ୍କୃତିର ଅନ୍ୟ ପରମ୍ପରା। ଏଥିରେ ଭାଇ ଭଉଣୀଙ୍କ ସମ୍ପର୍କ ଦୃଢ଼ କରିଥାଏ। ଏହି ଦିନ ବଳଭଦ୍ରଙ୍କ ଜନ୍ମଦିନ ହୋଇଥିବାରୁ ଗୋମାତାଙ୍କୁ ପୂଜା କରାଯାଇଥାଏ। ଏପରି କି ଗୋମାତାଙ୍କୁ ବନ୍ଦାପନା କରାଯାଇ ରାଖୀ ପରମ୍ପରା ଅନୁସାରେ ବନ୍ଧନ କରିଥାଉ।
**Narmada Sahoo, Gurujanga, Khordha**

ରାଖୀ ଏକ ପ୍ରେମ, ସ୍ନେହ, ଶ୍ରଦ୍ଧା ଓ ପବିତ୍ରତାର ପ୍ରତୀକ। ଭାଇର ହାତରେ ଯେବେ ଏହି ରାଖୀ ଭଉଣୀ ବାନ୍ଧିଥାଏ, ସେତେବେଳେ ଏକ ଅତୁଟ ବନ୍ଧନ ସୃଷ୍ଟି ହୋଇଥାଏ। ଭାଇର ଭଉଣୀ ପ୍ରତି ଥିବା କର୍ତ୍ତବ୍ୟ ଓ ଭଲପାଇବା ସବୁଦିନ ପାଇଁ ମନେ ପକାଉଥାଏ ଏହି ରାଖୀ ଓ ରାଖୀପୂର୍ଣ୍ଣିମା। ରାଖୀପୂର୍ଣ୍ଣିମା ଏକ ଅବିସ୍ମରଣୀୟ ଦିନ। ରାଖୀପୂର୍ଣ୍ଣମୀରେ ରାଖୀ ବାନ୍ଧି ମୁଁ ନିଜକୁ ଗର୍ବିତ ମନେକରେ।
**ଅରୁଣ କୁମାର ବାଇ, ଆଳି, କେନ୍ଦ୍ରାପଡ଼ା**

Sunhari Rakhi Te
Rashmi Taga,
Saun Da Mahima
Te Barsata Da
Mausam Veer Da
Moh te Bhain Da
Piyar Mubarak Hove
Tuanu Rakhi Da Tyohar
**Gobinda Sahoo, Khurda**

କରୋନା କାଳରେ ଧରା ଶିରାବଣ ଆସିଗଲା ରାଖୀ ପୁନେଇଁର ଦିନ। ଭାଇଭଉଣୀଙ୍କ ହରଷିତ ମନ ଗଢ଼ି ତୋଳିବାକୁ ଅତୁଟ ବନ୍ଧନ। ଭୁଲିଯିବା ଯେତେ ରାଗ ଅଭିମାନ ପରବ ପାଳିବା ହୋଇ ସାବଧାନ। ଏଥର ରାଖୀଟିଏକୁ ଗଛଟିଏ ଜାଣ ପରିବେଶ ବି ଆମ୍ଭ ଭଉଣୀ ସମାନ। ନିଶ୍ଚିତ କରିବା ସୁରକ୍ଷା ପ୍ରଦାନ ସାର୍ଥକ ହୋଇବ ରକ୍ଷାବନ୍ଧନ।
**ସନତ ମେହେର, ପାଟଣାଗଡ଼, ବଲାଙ୍ଗୀର**

I feel so blessed to have a sister like you in my life who is always there by my side you are like an angel sent from above thanks, sister.
Happy Raksha Bandhan.
**Nilu Sahoo, Delta, Paikanagar**

''ଭାଇଭଉଣୀ କହ କାହାଣୀ,
ଭାରତବାସୀ ବଡ଼ ସାହସୀ''
ରକ୍ଷାବନ୍ଧନ କରିବା ଗାଥା ପୁରାଣ ପୃଷ୍ଠାରୁ ଅବଗତ ହୁଏ।
ଏହାଦ୍ୱାରା ଭାଇଭଉଣୀର ସ୍ନେହ, ବିଶ୍ୱାସ, ଭରସା ଓ ଆତ୍ମୀୟତା ସୁଦୃଢ଼ ହୁଏ। ଏହିଦିନ ଭଗ୍ନି ଜ୍ୟେଷ୍ଠ-କନିଷ୍ଠ ଭ୍ରାତାଙ୍କର ଡାହାଣ ଭୁଜରେ ରକ୍ଷାସୂତ୍ର ବନ୍ଧନ କରି ମିଷ୍ଟାନ୍ନ ଭୋଜନ କରାଇ ଭକ୍ତି ସହକାରେ ଠାକୁରଙ୍କ ପାଖରେ ନୈବେଦ୍ୟ କରି ସେମାନଙ୍କ ଦୀର୍ଘାୟୁ ପ୍ରାର୍ଥନା କରେ।
**ତପସ୍ୱିନୀ ଗଜେନ୍ଦ୍ର, ଲଖନପୁର, ଝାରସୁଗୁଡ଼ା**

ସେନେହର ବନ୍ଧନ ମମତାର ଡୋରି, ଭାଇ
ହାତେ ଭଉଣୀ ବାନ୍ଧଇ ସୁରକ୍ଷା ରାଖୀର ଡୋରି...
ହସ କୌତୁକରେ ପୂରି ଉଠେ ସେଠି, ଥାଏ ଯୋଉ
ଘରେ ଭାଇଭଉଣୀର ସେନେହରେ ପୂରି...
କେତେ ଅଭିମାନ କେତେ ଯେ ଝଗଡ଼ା,
ଦିଅନ୍ତି ଘରକୁ ଏକାଠି କରି...
ଦୂରେ ଗଲେ ଦୁହେଁ ଦୁହିଁକି ଝୁରନ୍ତି
ସେ ସ୍ମୃତିକୁ ମନ ହୃଦୟେ ପାରି....
**ବିକାଶ ଗଜେନ୍ଦ୍ର, ତେଲେନପାଲି, ଝାରସୁଗୁଡ଼ା**

ରକ୍ଷାବନ୍ଧନ ହେଉଛି ପବିତ୍ର ବନ୍ଧନ। ଭାଇର ଡାହାଣ ହାତରେ ରାଖୀ ବାନ୍ଧି ତା'ର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଉ। ଭାଇ ମଧ୍ୟ ଏକ ସୁନ୍ଦର ଉପହାର ଦେବା ସହ ଭଉଣୀର ରକ୍ଷା କବଚ ସାଜିବାକୁ ପ୍ରତିଶ୍ରୁତି ଦେଇଥାନ୍ତି। ଏହି ଦିନଟିକୁ ଗହ୍ମାପର୍ବ ବୋଲି ମଧ୍ୟ କୁହାଯାଏ।
**ସୁମିତ୍ରା ମୁଣ୍ଡ, ଚୈତନ୍ୟପାଲି, ଦେବଗଡ଼**





ଯଦି ଭାଇ ଥାଏ ପାଖେ ଜୀବନ ଲାଗେ ସୁନ୍ଦର। ଭଉଣୀ ଭାଇର ପ୍ରେମ ଅଟେ ଜନ୍ମଜନ୍ମାନ୍ତର। ଭାଇ ପରି କେହି ପାରେନା ବୁଝି ମନ ମୋର। ମାତାପିତା ଅନ୍ତେ ସମ୍ଭାଳି ନିଏ ମୋ ଦାୟିତ୍ୱ ଭାର। ପାଖରେ ନ ଥାଉ ସିନା ଅଛୁ ହୃଦୟରେ। ସାକ୍ଷୀ ଏଇ ରାଖୀ ଆଜି ରକ୍ଷାବନ୍ଧନରେ। ଶତନମନ ପ୍ରଭୁ ହେ ଦେଇଛ ଏ ଉପହାର।

**ଝୁନା ମିଶ୍ର, ନୀଳାଦ୍ରି ବିହାର, ଭୁବନେଶ୍ୱର**

ସେନେହ ଡୋରରେ ମମତାର ମାଳି ଦେଉଛି ବାନ୍ଧି ମୁଁ ହାତରେ ତୋର। ମନେ ରଖିଥିବୁ ଭୁଲି ନ ଯିବୁ ସୂତାର ଡୋରକୁ ନ କରିବୁ ପର। ସ୍ନେହ, ଶ୍ରଦ୍ଧା ଓ ସଦ୍‌ଭାବକୁ ନିବିଡ଼ କରିଥାଏ ରକ୍ଷାବନ୍ଧନ।

**ରୁଦ୍ରମାଧବ ମହାନ୍ତି, ଗୁରୁଜଙ୍ଗ, ଖୋର୍ଦ୍ଧା**

ଏହି ରାଖୀ ପୂର୍ଣ୍ଣିମାରେ ମୁଁ ଜଗତରନାଥଙ୍କୁ ପ୍ରାର୍ଥନା କରୁଛି କି ସେ ମୋ ସ୍ନେହର ଭାଇକୁ ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ, ଜଗତର ସମସ୍ତ ଖୁସି, ଶାନ୍ତି ଏବଂ ତା'ର ସମସ୍ତ ଇଚ୍ଛା ପ୍ରଦାନ କରନ୍ତୁ। ମୋ ପ୍ରିୟ ଭାଇକୁ ରାଖୀ ପୂର୍ଣ୍ଣିମାର ବିଶେଷ ଅଭିନନ୍ଦନ। ଏହି ରାଖୀରେ ମୁଁ କାମନା କରୁଛି ଯେ ଆମର ଏହି ସ୍ନେହର ସମ୍ପର୍କ ଆହୁରି ମଜଭୁତ ହେଉ। ଏତିକି ଜଗତରନାଥ ଜଗନ୍ନାଥଙ୍କଠାରେ ପ୍ରାର୍ଥନା। ରାଖୀ ପୂର୍ଣ୍ଣିମାର ଅନେକ ଶୁଭେଚ୍ଛା।

**ସ୍ମୃତିରେଖା ମହାନ୍ତି, ଜୟଦେବ ବିହାର, ଭୁବନେଶ୍ୱର**

ଭାଇ ରକ୍ଷାବନ୍ଧନର ପବିତ୍ର ପର୍ବରେ ଆମେ ଯେତେ ଦୂରରେ ଥିଲେ ବି ଆମ ଭିତରର ଭଲ ପାଇବା କେବେ ବି ସରିବନି, ମୁଁ ଜାଣିଛି ମତେ ତୁମର ଯେତେବେଳେ ବି ଆବଶ୍ୟକ ହେବ ତମେ ସର୍ବଦା ମୋ ପାଖରେ ଥିବ । ମୁଁ ଭଗବାନଙ୍କ ପାଖରେ ଋଣୀ ସେ ମତେ ତମ ଭଳି ଭାଇ ଦେଇଛନ୍ତି, ତମ ଭଳି ଭାଇ ପାଇ ମୁଁ ନିଜକୁ ସୁରକ୍ଷିତ ମନେକରେ, ମୁଁ ସବୁବେଳେ ତମ ଖୁସି, ଭଲ ଦେହ ଆଉ ଉନ୍ନତି ପାଇଁ ପ୍ରାର୍ଥନା କରୁଛି। ଶୁଭ ରାଖୀ ପୂର୍ଣ୍ଣିମା ଭାଇ।

**ହରପ୍ରିୟା ସିଂହ, ବାଦାମବାଡ଼ି, କଟକ**

ନୁହେଁ ଏ ଭାଇ ଭଉଣୀର ଦିନ, ଏ ଯେ ଆମ ବିଶ୍ୱାସର ବନ୍ଧନ, ତତ୍ପରତା ରହୁ ସର୍ବଦା ଅନ୍ୟର ରକ୍ଷା ଓ ସମ୍ମାନ। ଏହି ପବିତ୍ର ରକ୍ଷାବନ୍ଧନେ ରହୁ ଆମ ବଚନ। ହେ ମହାପ୍ରଭୁ ଆପଣଙ୍କ ପାଖେ ବନ୍ଧା ଏ ସଂସାରର ଜୀବନ। ଏ ପବିତ୍ର ରକ୍ଷାବନ୍ଧନରେ ସମସ୍ତଙ୍କୁ ମୋ ଅଭିନନ୍ଦନ।

**ଭବାନୀ ଦାସ, ବିଜେବି ନଗର, ଭୁବନେଶ୍ୱର,**

Sisters are the most precious presents by God and I can proudly say that I have got the best one. You are the most wonderful sister, Who has brightened my life in every sense. This Rakhi Bandhan I pray to God that may our bond of love continue to grow . I thank you for your unconditional love and support . May you are blessed with happiness.

**Mitu Sahoo, Old Town, BBSR**

Raksha Bandhan is not just about rakhi, Roli and Mithai. It's also about the unique bond between a brother and a sister. Happy Raksha Bandhan.

**Gobinda Sahoo, Gurujanga, Khurda**

ଭାଇ ଭଉଣୀର ପ୍ରେମ। ସ୍ନେହ, ଭଲ ପାଇବାର ଅତୁଟ ବନ୍ଧନକୁ ହିଁ କୁହାଯାଏ ରକ୍ଷାବନ୍ଧନ। ଭଉଣୀ ଭାଇକୁ , ଭାଇ ଭଉଣୀକୁ ରକ୍ଷା କରିବା, ତା'ର ସୁଖ ଦୁଃଖରେ ସାହା ହେବା ହିଁ ଏହି ରକ୍ଷାବନ୍ଧନର ମହତ୍ତ୍ୱ। ଶ୍ରାବଣ ମାସର ପୂର୍ଣ୍ଣିମା ଦିନଟିକୁ ରାଖୀ ପୂର୍ଣ୍ଣିମା ରୂପେ ପାଳନ କରାଯାଏ। ସେହି ରାଖୀ ରୂପକ ସ୍ନେହର ସୂତାଟିକୁ ଭାଇ ଭଉଣୀ ଓ ଭଉଣୀ ଭାଇକୁ ସୁରକ୍ଷା କରିବାର ଦୃଢ଼ ପ୍ରତିଶ୍ରୁତିର ପ୍ରତୀକ ଭାବରେ ବାନ୍ଧିଥାନ୍ତି।

**ମୀନାକ୍ଷୀ ମିଶ୍ର, ସୌଭାଗ୍ୟନଗର, ଶିରିପୁର**

ସମୟର ସ୍ରୋତେ ବୋହି ଚାଲୁଥିଲି, ଜିତିବାକୁ ଲକ୍ଷ୍ୟପଥ, କେଉଁ ଦୂର ଦେଶୁ ଆସି ସେ କରୋନା କରିଛି ସଭିଙ୍କୁ ବ୍ୟସ୍ତ। ଅନ୍ୟ ବର୍ଷପରି ରାଖୀ ପୂର୍ଣ୍ଣିମା ବି ଆସିଛି ବର୍ଷକୁ ଥରେ, ହେଲେ କେତେ ଭଗିନୀ ହରାଇଛି ଭାଇ ଜାଣିଛନ୍ତି ଘରେ ଘରେ। ରକ୍ଷାର ବନ୍ଧନ ପାରିଲାନି ରଖି, ଭାଇ ଯେ ହାରିଲା ତା ଆଗେ, ଆହେ ମହାପ୍ରଭୁ ଫେରାଅ ଭାଇଙ୍କୁ ହାତଯୋଡ଼ି ଭିକ୍ଷା ମାଗେ।

**ସୁଭଦ୍ରା ଦାସ, ବିଜେବି ନଗର, ଭୁବନେଶ୍ୱର**

ଭାଇ ଓ ଭଉଣୀର ପବିତ୍ର ସମ୍ପର୍କର ସାକ୍ଷୀ ରାଖୀ। ଏହା ଶ୍ରାବଣ ମାସ ପୂର୍ଣ୍ଣିମାରେ ପଡ଼େ, ଯାହାକୁ ଗହ୍ମାପୂର୍ଣ୍ଣିମା କୁହାଯାଏ। ଏହି ଦିନ ଭଉଣୀ ତା'ର ଭାଇ ହାତରେ ରାଖୀ ବାନ୍ଧେ ଓ କହେ ମୁଁ ତୋର ହାତରେ ରାଖୀ ବାନ୍ଧିଲି, ତୁ ମତେ ସବୁ ବିପଦରୁ ରକ୍ଷା କରିବୁ । ଭାଇ ମଧ୍ୟ ଏହାକୁ ଗ୍ରହଣ କରେ ଓ ତା'ର ଭଉଣୀ ନିଜଠାରୁ ଯେତେ ଦୂରେଇ ରହିଲେ ମଧ୍ୟ ତା'ର ଅସୁବିଧାରେ ସେ ତାକୁ ସାହାଯ୍ୟ କରେ । ଭାଇ ଭଉଣୀ ପାଖରେ ରହିଲେ ଭଉଣୀର ମଧ୍ୟ ସାହସ ବଢ଼ିଯାଏ।

**ଦୋଳଗୋବିନ୍ଦ ମହାନ୍ତି, ଜୟଦେବ ବିହାର, ଭୁବନେଶ୍ୱର**

ଓଡ଼ିଆ ମାସ ଅନୁସାରେ ଶ୍ରାବଣ ମାସ ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା କୁହାଯାଏ। ଏହି ଦିନ ବଳଭଦ୍ର ଜନ୍ମ ନେଇଥିଲେ। ଏହାକୁ ରାଖୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହିଦିନ ଭଉଣୀ ତା'ର ଭାଇକୁ ରାଖୀ ବାନ୍ଧିଥାଏ ଓ ଠାକୁରଙ୍କ ପାଖରେ ପ୍ରାର୍ଥନା କରେ ଯେ ମୋ ଭାଇକୁ ମୁଁ ବଞ୍ଚିବା ପର୍ଯ୍ୟନ୍ତ ରାଖୀ ବାନ୍ଧେ, ଆଜିକାର ଲୋକେ ଯେତେ ମଡର୍ନ ହେଲେ ବି। ଇଏ ଏମିତି ଗୋଟେ ବନ୍ଧନ, ଏଇଥିରେ କୌଣସି ମଡର୍ନ ନାହିଁ। ସ୍ନେହ, ପ୍ରେମ ଓ ଶ୍ରଦ୍ଧାର ଅତୁଟ ବନ୍ଧନ।

**ମଧୁସ୍ମିତା ବାରିକ, ଶରଣପଲ୍ଲୀ, ଭୁବନେଶ୍ୱର**

ରାଖୀପୂର୍ଣ୍ଣିମାର ଅର୍ଥ ଭାଇକୁ ରାଖୀ ବାନ୍ଧିବା କି ଭାଇଠାରୁ ଉପହାର ନେବା ନୁହଁ। ଏହାର ଅର୍ଥ ଭାଇଭଉଣୀ ମଧ୍ୟରେ ସ୍ନେହ ଓ ଭଲପାଇବା, ଯାହାକି ଭଉଣୀ ଭାଇ ପାଇଁ କାମନା କରିଥାଏ ଓ ଭାଇ ଭଉଣୀ ପାଇଁ । ଭାଇ ଭଉଣୀର ସେନେହ ମିଳନ କରାଏ ଏଇ ରାଖୀ ବନ୍ଧନ। ଭାଇ ଭଉଣୀର ସବୁ ସୁଖଦୁଃଖରେ ସାଥୀହୋଇ ରହିଥାଏ। ଏହା ହିଁ ରାଖୀ ପୂର୍ଣ୍ଣମୀର ବାର୍ତ୍ତା।

**ଲକ୍ଷ୍ମୀପ୍ରିୟା ଗିରି, ବରଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର**

ଭାଇଭଉଣୀ ଅମର ପ୍ରେମ ରେଶମୀ ଡୋରେ ବନ୍ଧା, ଧରିତ୍ରୀ ଗଗନ ସୁଭଦ୍ରା ମୋହନ ଯେମିତି ପ୍ରୀତିରେ ଛନ୍ଦା । ସୁଖ, ଆୟୁ, ମାନସୀ ମନାସେ ଭାଇ ହେଉ ଜଗତଜିତା, ବିପଦ ଆପଦେ ସହାୟ ହୋଇବ ହସ୍ତ ଥିବ ତା'ର ମଥା। ରେଶମୀ ଡୋର ସ୍ମୃତି ଆଡୁଆଳେ ଦୁଇଟି ପରାଣ ବନ୍ଧା, ପବିତ୍ର ବନ୍ଧନ ପାସୋରି ହୁଏନି ପ୍ରୀତି ଡୋରରେ କଳି ଛନ୍ଦା।

**ମାଳତୀ ତ୍ରିପାଠୀ, ସାନକୁମାରୀ, ଖୋର୍ଦ୍ଧା**

ଏହି ରାଖୀ ପୂର୍ଣ୍ଣିମାରେ ଭଉଣୀମାନେ ତାଙ୍କ ଭାଇଙ୍କ ଡାହାଣ ହାତରେ ରାଖୀ ବାନ୍ଧି ମଥାରେ ଅରୁଆଚାଉଳ, ଚନ୍ଦନ ଲଗାଇ, ମୁଣ୍ଡରେ ଫୁଲ ପକାଇ ଭାଇଙ୍କୁ ପୂଜା କରିଥାନ୍ତି। ଏହି ରାଖୀ ପୂର୍ଣ୍ଣିମାରେ ଭାଇ ଭଉଣୀ ସମ୍ପର୍କକୁ ସୁଦୃଢ଼ ବନାଏ ଏବଂ ଭାଇ ଭଉଣୀଙ୍କ ସମ୍ପର୍କର ଏକ ସାକ୍ଷୀ ରଖେ। ସବୁ ଭାଇମାନଙ୍କୁ ଅନୁରୋଧ ଯେ ସେ ତାଙ୍କ ନିଜ ଭଉଣୀଙ୍କୁ ଯେପରି ଭାବୁଛନ୍ତି, ସମସ୍ତଙ୍କୁ ସେପରି ଦେଖନ୍ତୁ।

**ତନିଶା ପ୍ରଧାନ,ବିଞ୍ଝାରପୁର, ଯାଜପୁର**

ସମାଜକୁ ସୁନ୍ଦର ଝିଅ
ସ୍ନେହ ମମତାର ଦୟାର ମୂରତି
ବନ୍ଧନର ସୂତା ଖିଅ।
ପ୍ରତିଦାନେ ଯିଏ ଚାହିଁ ନାହିଁ ସିନା
ଭାଇର କଲ୍ୟାଣ ବାସନା।

**ସୁଶାନ୍ତ କୁମାର ସାହୁ, ଆଠମଲ୍ଲିକ, ଅନୁଗୋଳ**

ଏଇ ସେହି ରାଖୀ, ସେନେହର ସାକ୍ଷୀ
ରେଶମୀ ଡୋରରେ ଦୁଇଟି ମନ
ଭାଇ ଭଉଣୀର ନିଆରା ବନ୍ଧନ
ବାନ୍ଧି ରଖିଥାଏ ସାରା ଜୀବନ।

**ମଞ୍ଜୁଶ୍ରୀ ବେହେରା, ଡୁମୁଡୁମା, ଭୁବନେଶ୍ୱର**

ଦୁନିଆରେ ସବୁ ସମ୍ପର୍କଠାରୁ ମଧୁର ଓ ନିଆରା ସମ୍ପର୍କ ଭାଇ ଭଉଣୀଙ୍କ ସମ୍ପର୍କ। ଭଉଣୀର ଭଲପାଇବା ଓ ସ୍ନେହର ପ୍ରତୀକ ଏବଂ ରକ୍ଷାର କବଚ ଭାବରେ ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଥାଏ। ସେହି ରାଖୀର ଉଦ୍ଦେଶ୍ୟ ଭଉଣୀକୁ ସୁଖ, ସୁବିଧା ଓ ସୁରକ୍ଷା ଯୋଗାଇବା। ରାଖୀ ଭାଇ ଭଉଣୀଙ୍କ ମଧ୍ୟରେ ଅମୂଲ୍ୟ ସମ୍ପଦ ମନେହୁଏ।

**ଲକ୍ଷ୍ମଣ ବାରିକ, ବାହାଡ଼ାଝୋଲା, ନୟାଗଡ଼**

ଭାଇ ତୋ ହାତରେ ବାନ୍ଧିଲି ରାଖୀ
ଜୀବନସାରା ତୋ ମୁହଁକୁ ଦେଖି
ପାଉଥିବି ବଳ ସାହା ଭରସା
ଭାଇ ମୋର ଦମ୍ଭ ମନରେ ଆଶା।
ଆଶୀର୍ବାଦ ଦେଲି ଶୁଭ ମନାସି
ଚଲାପଥେ ପଡୁ ଫୁଲ ବରଷି।

**ରଶ୍ମିରଞ୍ଜିତା ସାହୁ, ଗୋପୀନାଥପୁର, ପୁରୀ**

ଆଜିକାଲି ପୁଅଝିଅଙ୍କ କଥା
ଦେଖି ଲାଗେ ନଇଁଯାଉଛି ମଥା ।
ପ୍ରେମକୁ ଭାବନ୍ତି ଟାଇମ୍‌ପାସ୍
ଫେସ୍‌ବୁକ୍ ପ୍ରେମ ସରବନାଶ ।
କିଛିଦିନ ଚାଲେ ଭିତିରି ପ୍ରେମ
ପରେ ଧୋକାଦେଇ ଦିଅନ୍ତି ନାମ ।
ଧରମ ଭଉଣୀ ଧରମ ଭାଇ
ରାଖୀର ମର୍ଯ୍ୟାଦା ଭୁଲିବ ନାହିଁ।

**ଶ୍ରୀରାମଚନ୍ଦ୍ର ସାହୁ, ମୁକୁନ୍ଦନଗର, ପୁରୀ**

Nothing can change my love for you brother, be it the money or the time.The celebration of Rakhi brings in more love and blessing in our relationship. Happy Raksha Bandhan to my dear brother.

**Ranilata Nayak, Niladri Vihar, Bhubaneswar**

ସ୍ନେହ ମମତାର ମଧୁର ସମ୍ପର୍କ
ଭାବର ବନ୍ଧନ ରାଖୀ,
ଭାଇ ଭଉଣୀର ଅତୁଟ ବିଶ୍ୱାସ
ଜନମ ମରଣ ସାକ୍ଷୀ।

**ପୁଷ୍ପାରାଣୀ ଭୋଇ, ସୋହେଲା, ବରଗଡ଼**

ସୁଜଳା, ସୁଫଳା ଭାରତବର୍ଷର ପବିତ୍ର ଉତ୍କଳଭୂମିର ଏକ ପବିତ୍ର ପର୍ବ ରାଖୀପୂର୍ଣ୍ଣିମା। ଯାହା ଭ୍ରାତା ଓ ଭଗିନୀଙ୍କର ସ୍ନେହ ଓ ପ୍ରେମର ନିଦର୍ଶନ। ସେମାନଙ୍କ ଭିତରେ ଥିବା ଅନାବିଳ ଭଲପାଇବାକୁ କେବଳ ଏହି ରାଖୀ ହିଁ ଦର୍ଶେଇ ନ ଥାଏ, ଏହା କେବଳ ଏକ ମାଧ୍ୟମ ରୂପେ ସର୍ବତ୍ର ବିଦ୍ୟମାନ। ଅପୂର୍ବ ପରମ୍ପରାର ଛନ୍ଦୋମୟୀ ଗାଥା ବଖାଣିବାର କଳାଚାତୁରୀ ଯୋଗୁ ଓଡ଼ିଶା ସମଗ୍ର ପୃଥିବୀରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ନେଇଥିବା ପରି ମନେହୁଏ।

**ଆଲୋକ କୁମାର ଜେନା, ବ୍ରହ୍ମପୁରା, ବାଙ୍କୀ, କଟକ**

ରାଖୀ ପୂର୍ଣ୍ଣମୀରେ ବନ୍ଧା ହେଉଥିବା ରାଖୀର ଡୋରଟି ଭଉଣୀ ଭାଇ ମଧ୍ୟରେ ଥିବା ଅତୁଟ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବାର ସାକ୍ଷୀ। ଏହି ଡୋର ସାରା ଜୀବନ ସେମାନଙ୍କୁ ବାନ୍ଧିକରି ରଖିଥାଏ। ସବୁ ଭଉଣୀ ଭାଇଙ୍କ ମଧ୍ୟରେ ଏହିପରି ସ୍ନେହ, ଶ୍ରଦ୍ଧା ରହୁ, ଏହା ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା।

**ଶାଶ୍ୱତୀ ରଥ, ଆଇଆରସି ଭିଲେଜ, ଭୁବନେଶ୍ୱର**

ହେ ମୋର ପ୍ରିୟର ରାଖୀ, ତୁ ଭଉଣୀ, ଭାଇର ହାତରେ ରହିଥାଉ ସାକ୍ଷୀ। ଭଉଣୀ ଭାଇର ତୁ ଭାବର ବନ୍ଧନ, ଉଭୟେ ଉଭୟଙ୍କ ହୃଦୟର ସ୍ପନ୍ଦନ। ତୁହି ଲୋ ରାଖୀ ଭରିଦେଉ ସଭିଙ୍କ ମନେ ମହକ, ଅଦେଖା ଏଇ ଭଉଣୀ ଭାଇର ସମ୍ପର୍କ। ନୁହେଁ ତୁ ରଙ୍ଗିଆ ସୂତାଖିଅଟିଏ, ତୁ ସମ୍ପର୍କର ରଜ୍ଜୁ ଭାବ ବନ୍ଧନର ମିତଟିଏ, ସେନେହ ସରାଗର ଗୀତଟିଏ।

**ପ୍ରଦୀପ କୁମାର ନାଏକ, ଦେଓଗାଁ, ବଲାଙ୍ଗୀର**

ରାଖୀର ବନ୍ଧନ ଭଉଣୀର ମାନ,
ରକ୍ଷା କରେ ଭାଇ ଦେଇ ତା' ଜୀବନ।
ସେଥିପାଇଁ ଚାଲେ ଭାଇ ଭଉଣୀ
ଭିତରେ ମିଠା ରାଗ ଓ ଅଭିମାନ।

**ଦୈତାରି ରଣା, ମାହାଙ୍ଗା, କଟକ**





ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଭାରତ ସଂସ୍କୃତିରେ ଏହି ଦିନକୁ ଗହ୍ମାପୂର୍ଣ୍ଣିମା/ରାଖୀ ପୂର୍ଣ୍ଣିମା ନାମରେ ଗଣାଯାଏ। ଏହିଦିନ ଭଉଣୀ ଭାଇର ମଥାରେ ସିନ୍ଦୂର, ଚନ୍ଦନ ଦେଇ ତା'ର ହାତରେ ରାଖୀ ବାନ୍ଧି ତା'ର ଦୀର୍ଘାୟୁ କାମନା କରେ। ଭାଇ ମଧ୍ୟ ଭଉଣୀର ରକ୍ଷାକବଚ ହୁଏ। ଏହି ବନ୍ଧନଟି ପୌରାଣିକ୍‌ରୁ ରହିଆସିଛି। ଦ୍ରୌପଦୀ ମଧ୍ୟ ଭଗବାନ କୃଷ୍ଣଙ୍କୁ ରାଖୀ ବାନ୍ଧିଥିଲେ। ମା' ସୁଭଦ୍ରା ମଧ୍ୟ ଜଗନ୍ନାଥ ଓ ବଳରାମଙ୍କୁ ନିଜର ରକ୍ଷାକବଚ କରି ରାଖୀ ବାନ୍ଧିଥାନ୍ତି।

**ପ୍ରିୟଦର୍ଶିନୀ ମିଶ୍ର, ପୋଖରୀପୁଟ, ଭୁବନେଶ୍ୱର**

ରାଖୀ ନୁହେଁ ସେ ତ ସୁରକ୍ଷା କବଚ,
ସ୍ନେହବୋଳା ସେତ ଝରେ ଅମୃତ।
ବିଧାତା ଗଢ଼ିଛି ଭାଇ ଭଉଣୀ,
ଅତୁଟ ବନ୍ଧନ କେତେ କାହାଣୀ ।
ଭଉଣୀଲୋ ତୁ ତ ଜଗତଜିତା,
ଦୁଇ କୂଳ ହିତ ତୁହି ଦୁହିତା।
ତୋ ଋଣ କିଏ ଶୁଝିପାରିବ,
ତୋ ଆଗେ ସବୁ ହାର ମାନିବ।

**ନୀହାର ରଞ୍ଜନ ନାୟକ, ମାହାଙ୍ଗା, କଟକ**

ରକ୍ଷାବନ୍ଧନ ଶବ୍ଦର ଅର୍ଥ ରକ୍ଷା କରିବାର ବନ୍ଧନ, ଯାହା ଏକ ତିନିଖିଅ ସୂତାରେ ଜଡ଼ିତ। ତାହା ଖଣ୍ଡେ ସୂତା ହେଲେ ମଧ୍ୟ ଭାଇ ଭଉଣୀର ବନ୍ଧନକୁ ଅତୁଟ ରଖେ। କେବଳ ନିଜ ଭଉଣୀ ନୁହେଁ, ସମସ୍ତଙ୍କ ଭଉଣୀଙ୍କୁ ସମ୍ମାନ ଓ ରକ୍ଷା କରିବାର ପ୍ରତିଶ୍ରୁତିବଦ୍ଧ ହୋଇ ପାରିଲେ ନାରୀ ପ୍ରତି ହେଉଥିବା ଅବହେଳା ହୁଏତ କିଛି ମାତ୍ରାରେ ରୋକାଯାଇ ପାରନ୍ତା। ଏଣୁ ଏ ରାଖୀପୂର୍ଣ୍ଣିମାରେ ସମସ୍ତ ଭାଇ ପ୍ରତିଜ୍ଞାବଦ୍ଧ ହେବା। ସମସ୍ତଙ୍କୁ ରକ୍ଷାବନ୍ଧନ ଉପଲକ୍ଷେ ଶୁଭ କାମନା।

**ଗଣେଶ ପ୍ରସାଦ ବାରିକ, ବାଙ୍କସାହି, ଭଦ୍ରକ**

ଛୋଟବେଳେ ମୋ ସହିତ ଝଗଡ଼ା କରି ମୋତେ ପିଟୁଥିବା ପିଲା ହେଉଛ ତମେ। ଅନ୍ୟ କେହି ପିଲା ମୋତେ କିଛି କହିଲେ ତା' ସହିତ ଝଗଡ଼ା କରି ବାପାଙ୍କଠାରୁ ଗାଳି ଶୁଣୁଥିବା ପିଲା ହେଉଛ ତମେ। ମୋ ଆଗରେ ଗାଳି (ଆଲୋ ଚଣ୍ଡୀ ପାଠଶାଠ ଟିକେ ପଢ଼) ହେଲେ ଅନ୍ୟମାନଙ୍କ ପାଖରେ ମୋର ପ୍ରଶଂସା। ପାଖରେ ଥିଲାବେଳେ ଖଟା, ମିଠା, ଝଗଡ଼ା ସିନା ହୁଏ, ହେଲେ ଦୂରକୁ ଗଲେ ସତରେ ମୁଁ ତୁମକୁ miss କରେ ଭାଇ। I love you Bhai, ତୁମ ଭଲ ପାଇବା, ସ୍ନେହ, ଆଶୀର୍ବାଦ ମୋ ଉପରେ ଏମିତି ସଦାବେଳେ ଥାଉ।

**ଚିନ୍ମୟୀ ସାହୁ, ଆଠଗଡ଼, କଟକ**

ରାଖୀ ବନ୍ଧନ ତ ଅତୁଟ ବନ୍ଧନ
ମାଙ୍ଗଳିକ ପରିଚୟ,
ଭାଇ ଭଉଣୀରେ ସମ୍ପର୍କର ଡୋରି
କିଏ ସେ ବୁଝିବ କୁହ।

**ଶାରଦା ପ୍ରସନ୍ନ ସିଂହ , ପିପିଲି, ପୁରୀ**

ରକ୍ଷା ବନ୍ଧନ ହେଉଛି ଏକ ଏମିତି ବନ୍ଧନ, ଯେଉଁ ବନ୍ଧନ କି ଭାଇ ଭଉଣୀଙ୍କୁ ଏକ ପ୍ରେମ ବନ୍ଧନରେ ବାନ୍ଧି ରଖିଥାଏ। ଭଉଣୀ ନିଜ ରକ୍ଷା ପାଇଁ ଭାଇ ହାତରେ ରାଖୀ ବାନ୍ଧିଥାଏ। ଆଉ ଭାଇ ଭଉଣୀର ରକ୍ଷା ପାଇଁ କେବେହେଲେ ତା' ହାତ ଛାଡ଼େ ନାହିଁ ଓ ଭଉଣୀ ସେବାରେ ନିଜ ଜୀବନକୁ ଲଗାଇଦିଏ। ମୋ ମତରେ ଗୋଟିଏ ଭଉଣୀ ପାଇଁ ତା ଭାଇ ସବୁକିଛି, ଯାହା କି ଅବର୍ଣ୍ଣନୀୟ।

**ବର୍ଷା ପ୍ରଧାନ, ଖଇରପାଲି, ଅତାବିରା, ବରଗଡ଼**

ଭାଇ ହେଉଛି ଏକ ସ୍ନେହର ନାମ, ତା'ସହିତ ଭଉଣୀର ନାମ ଯୋଡ଼ି ହୋଇଗଲେ ସେ ଏକ ସୁନ୍ଦର ସମ୍ପର୍କର ନାମ ହୋଇଯାଏ। ବାଧ୍ୟ ନୁହଁ ଯେ ଗୋଟିଏ ମା' କୋଳରୁ ହିଁ ଭାଇ ଓ ଭଉଣୀ ଜନ୍ମ ନେଇଥାଆନ୍ତି। ସ୍ନେହର ସମ୍ପର୍କ ଯୋଡ଼ିବା ପାଇଁ ଟିକିଏ ସ୍ନେହ ଓ ବିଶ୍ୱାସର ଭାବ ରହିବା ଦରକାର। ମୋର ସବୁ ଭାଇମାନଙ୍କୁ ଏଇ ଅନୁରୋଧ କି ଯିଏ କେହି ବି ଝିଅ ଅସୁବିଧାରେ ଥିଲେ ତାକୁ ସାହାଯ୍ୟ କରି ତା' ପ୍ରତି ନିଜର ସ୍ନେହର କର୍ତ୍ତବ୍ୟ ନିଷ୍ଠୟ ନିଭାନ୍ତୁ।

**ତପସ୍ୱିନୀ ଶତପଥୀ, ଶିଶୁପାଳଗଡ଼, ଭୁବନେଶ୍ୱର**

ଅଭୁଲା ସୃଷ୍ଟିର ମନୋଲୋଭା ତିଥି
ଅତୁଟ ବନ୍ଧନ ରାଖୀ,
ସୂତା ଖିଅ ପରେ ବନ୍ଧା ହୋଇ ସେ ତ
ଦୁଃଖେ ସୁଖେ ହୁଏ ସାକ୍ଷୀ ।
ସ୍ୱର୍ଗୀୟ ସମ୍ପର୍କ ଭାଇ ଭଉଣୀର
ଅମ୍ଳାନ ଯା ସ୍ନେହପ୍ରୀତି
ନିଆରା ଭାବର ଡୋରିରେ ବନ୍ଧା ସେ
ଅପାସୋରା ତା'ର ରୀତି।

**ସମୀକ୍ଷା ଜେନା, ନୂଆଖଇରପାଲି, ବରଗଡ଼**

ଅତୁଟ ବନ୍ଧନ ରାଖୀ, ଭଉଣୀର ହୁଏ ସାକ୍ଷୀ ।
ସିନ୍ଦୂର, ଚନ୍ଦନ ବନ୍ଦାଣ ଥାଳିରେ
ସୂତା ଖିଅଟିଏ ରଖି
ଭଉଣୀ ବାନ୍ଧଇ ଭାଇର ହାତରେ
ଶୁଭ ବେଳା ତିଥି ଦେଖି ।
ଭାଇ ତା' ହସରେ ରକ୍ଷା କରିବାର ପ୍ରତିଶ୍ରୁତି ଦିଏ ଲେଖି, ମନେ ମନେ କହେ ଚିରଦିନ ପାଇଁ ତୋତେ ମୁଁ କରିବି ସୁଖୀ, ଛାଇ ପରି ଥିବି ଲାଖି।

**Asit Amanta, Kumelsingha, Bargarh**

Kachhe dhagon se bani Pakki dor hai rakhi, Pyar aur mithi Sararaton ki hod hai rakhi, Bhai ki lambi umara ki dua hai rakhi, behan ke pyar ka pabitra dua hai rakhi.

**Guru Prasad Sahoo, Jatni, Khorda**

ଆମ ଭାରତବର୍ଷରେ ୧୨ ମାସରେ ୧୩ ପୂର୍ଣ୍ଣମୀ ପାଳନ କରାଯାଏ। ଏଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ। ଏହି ପୂର୍ଣ୍ଣମୀ ଶ୍ରାବଣ ମାସରେ ପାଳନ କରାଯାଏ। ଏହି ଦିନ ଭଗବାନ ବଳରାମଙ୍କ ଜନ୍ମ ହୋଇଥିବାରୁ ଏହି ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା ମଧ୍ୟ କୁହାଯାଏ। ରକ୍ଷାବନ୍ଧନ ଓଡ଼ିଶା ସହିତ ସାରା ଭାରତବର୍ଷରେ ମଧ୍ୟ ପାଳନ କରାଯାଏ।

**ପ୍ରଭାସିନୀ ସାହୁ, କାଇମାଟିଆ, ସିହା, ଯାଜପୁର**

ମଣିଷର ଆକୃତି ବଦଳେ ନାହିଁ କିନ୍ତୁ ପ୍ରକୃତି ବଦଳିଥାଏ। ତେଣୁ ମାତ୍ର ଆଜି ସତ୍‌ମାର୍ଗରେ ରହି ପିତାମାତାଙ୍କ ସେବା କରିବା ସହିତ ସମାଜରେ ପୁଣ୍ୟ, ଧର୍ମ ଅର୍ଜନ କଲେ ଜୀବ ସଦ୍‌ଗତି ଲାଭ କରିଥାଏ। କାରଣ ଶତ ବିଶ୍ୱାସ କଲେ ବି ନିଜ ନିଃଶ୍ୱାସକୁ ଜଣା ନ ଥାଏ ସେ କାଲି ଫେରିପାରିବ କି ନାହିଁ।

**ଗାୟକ ଗଗନ ବିହାରୀ ସିଂହ, ଦୁହୁରିଆ, କେନ୍ଦ୍ରାପଡ଼ା**

ଆମ ଭାରତବର୍ଷରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରକ୍ଷାବନ୍ଧନ ଅନ୍ୟତମ। ଏହି ପର୍ବ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପଡୁଥିବାରୁ ଏହାକୁ ରାଖୀ ପୂର୍ଣ୍ଣିମା କୁହାଯାଏ। ଏହା ଓଡ଼ିଶା ସହିତ ସାରା ଭାରତବର୍ଷରେ, ନେପାଳରେ, ପାକିସ୍ତାନରେ ମଧ୍ୟ ପାଳନ କରାଯାଏ। ଏହିଦିନ ଭଉଣୀମାନେ ସେମାନଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧନ୍ତି ଏବଂ ଭାଇ ଭଉଣୀକୁ ସୁନ୍ଦର ଉପହାର ଦିଅନ୍ତି। ତା'ସହିତ ରକ୍ଷା କବଚ ପରି ଭଉଣୀର ପ୍ରତ୍ୟେକ ପରିସ୍ଥିତିରେ ଥାନ୍ତି।

**କୈଳାସ ଚନ୍ଦ୍ର ତ୍ରିପାଠୀ, ବିଜେବି ନଗର, ଭୁବନେଶ୍ୱର**

Celebrating the bond between brothers and sisters is the Hindu festival of Raksha bandhan. On a fullmoon day in the month of Sravan (August) sisters tie thread amulets on their brother's wrist, Praying for their longevity and happiness.

**Banamali Behera, Bissam cuttack**

ଭାଇ ହେଉଛି ଏକ ସ୍ନେହର ନାମ। ଗୋଟିଏ ମା' କୋଳର ଛୁଆ ହିଁ ଭାଇଭଉଣୀ ହୋଇଥାଆନ୍ତି। କିନ୍ତୁ ଯଦି ଜଣେ ସ୍ନେହର ସମ୍ପର୍କ ଯୋଡ଼ିବାକୁ ଚାହେଁ ତା' ହେଲେ ବିଶ୍ୱାସ ଓ ସାହାଯ୍ୟର ହାତ ବଢ଼ାଇ ଅସୁବିଧାରେ ଥିବା ଝିଅଟିର ଭାଇ ନିଶ୍ଚିତ ହୋଇପାରିବ। ତା' ହେଲେ ଆମ ଦେଶ, ରାଜ୍ୟ କିମ୍ବା ସହରର କୌଣସି ଝିଅ କଷ୍ଟ ପାଇବେ ନାହିଁ। ମୁଁ ବି ମୋ ଭାଇକୁ ବହୁତ ଭଲ ପାଏ, ଆଉ ମୁଁ ଚାହେଁ ସେ ବି ଅନ୍ୟ ଝିଅଙ୍କୁ ସାହାଯ୍ୟ କରୁ।

**ମୋନାଲିସା ଶତପଥୀ, ଶିଶୁପାଳଗଡ଼, ଭୁବନେଶ୍ୱର**

ସ୍ନେହର ସମ୍ପର୍କ ଭାବର ସମ୍ପର୍କ
ସମ୍ପର୍କରେ ବନ୍ଧା ଡୋରି
ରାଖୀ ପୂର୍ଣ୍ଣିମାର ଅଭୁଲା ସମ୍ପର୍କ
ରଖେ ଆପଣାର କରି
ଭାଇ ସାଥେ ଥିଲେ ଭଉଣୀ ତ କେବେ
କାହାକୁ ଯାଏନି ଡରି
ଭାଇ ଭଉଣୀର ସ୍ୱର୍ଗୀୟ ସମ୍ପର୍କ
ସବୁଠୁ ନିଆରା ଭାରି।

**Ananya Routray, Attabira, Bargarh**

ରାଖୀ ବନ୍ଧନ ଆଜି ରାଖୀ ବନ୍ଧନ
ଭାଇହାତେ ରାଖୀ ବାନ୍ଧିବି, ମାଥେ ଲଗାଇ ଚନ୍ଦନ।
ଦୁଆ ମାଗିବି ମୁଁ ଭାଇର ବଞ୍ଚୁ ଶହେ ବରଷ
ମିଠାଇ ଖୁଆଇ ମାଗିବି ଦିଅ ଟଙ୍କା ପାଞ୍ଚଶ ।
ଏହିଭଳି ପ୍ରତି ବରଷେ ଆସୁ ରକ୍ଷାବନ୍ଧନ
ବାନ୍ଧୁଥିବି ମାଗୁଥିବି ମୁଁ ଦୁଆ ପୂର୍ଣ୍ଣିମା ଦିନ।

**ଶର୍ମିଷ୍ଠା ପାତ୍ର, ଗୋପାଳଜୀଉ ଏଡ଼ତାଳ, ଭଦ୍ରକ**

ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ମୁଁ ଭଗବାନଙ୍କୁ ପ୍ରାର୍ଥନା କରୁଛି ଯେ ଭାଇ ଭଉଣୀଙ୍କ ବନ୍ଧନ ଅତୁଟ ରହୁ।

**ଶୁଭଶ୍ରୀ ପଣ୍ଡା, ମନାବନ୍ଧପଡ଼ା, ହାଟପଦା**

ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ରାଖୀ ପୂର୍ଣ୍ଣିମା ପଡ଼େ। ଏହି ଦିନ ଭଉଣୀ ତା' ଭାଇ ହାତରେ ରାଖୀ ବାନ୍ଧେ ଏବଂ ସିନ୍ଦୂର, ଚନ୍ଦନ ଲଗାଇ ଭଗବାନଙ୍କ ନିକଟରେ ତା ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରେ। ଭାଇ ମଧ୍ୟ ଭଉଣୀକୁ ସୁନ୍ଦର ଉପହାର ଦେବା ସହ ତାକୁ ପ୍ରତିଶ୍ରୁତି ଦିଏ ତାକୁ ପ୍ରତ୍ୟେକ ବିପଦରେ ରକ୍ଷା କରିବା ପାଇଁ । ଏହା ହେଉଛି ଏକ ପବିତ୍ର ସମ୍ପର୍କ, ଯାହା ସବୁଠାରୁ ଭିନ୍ନ।

**Sagar Gope, Sailashree Vihar, BBSR**

ରକ୍ଷାବନ୍ଧନ ପର୍ବ ପ୍ରତିବର୍ଷ ଶ୍ରାବଣ ମାସର ପୂର୍ଣ୍ଣମୀ ତିଥିରେ ପଡ଼େ। ଏହିଦିନ ଭଉଣୀ ତା ଭାଇ ମଥାରେ ସିନ୍ଦୂର ଚନ୍ଦନ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ କାମନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସୁନ୍ଦର ଉପହାର ଦେବା ସହିତ ଭଉଣୀର ରକ୍ଷାକବଚ ସାଜିବାକୁ ପ୍ରତିଶ୍ରୁତି ଦେଇଥାଏ। ରକ୍ଷାବନ୍ଧନ ପର୍ବ ପାଳନ ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ନିବିଡ଼ ସମ୍ପର୍କ ସହିତ ସ୍ନେହ ଶ୍ରଦ୍ଧା ପ୍ରେମ ଅତୁଟ ରହିଥାଏ।

**Sarita Kundu, Satyanagar, BBSR**

ରକ୍ଷାବନ୍ଧନ ପର୍ବ ପ୍ରତିବର୍ଷ ଶ୍ରାବଣ ମାସରେ ପଡ଼େ। ଏହି ଦିନ ଭଉଣୀ ତା'ର ଭାଇର ମଥାରେ ସିନ୍ଦୂର ଚନ୍ଦନ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ କାମନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସୁନ୍ଦର ଉପହାର ଦେବା ସହିତ ଭଉଣୀର ରକ୍ଷାକବଚ ସାଜିବାକୁ ପ୍ରତିଶ୍ରୁତି ଦେଇଥାଏ। ରକ୍ଷା ବନ୍ଧନ ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ନିବିଡ଼ ସମ୍ପର୍କ ସହିତ ସ୍ନେହ ଶ୍ରଦ୍ଧା ପ୍ରେମ ଅତୁଟ ରହିଥାଏ।

**Sabita Dei, Unit-2, Bhubaneswar**

ନାରୀ ସୁରକ୍ଷାର ଡିଣ୍ଡିମ ବାଜଇ ହରତାଳ ଆଉ କର ନାହିଁ।
ଭଦ୍ରମୁଖା ତଳେ ଅଭିନୟ କର
ବ୍ୟଭିଚାର ଗୁଣେ ଲୁଚି ରହି।
କରତାଙ୍କ ସୃଷ୍ଟି ଜନନୀ ଭଗିନୀ
ପ୍ରାଣଦାତ୍ରୀ ଏ ବିଶ୍ୱର
ହଜାଇ ଦିଅନା ମହନୀୟ ଭାବ
ମର୍ଯ୍ୟାଦା ରାଖୀ ପୂର୍ଣ୍ଣିମାର।

**Harshamani Samantaray, Dolamundai, CTC**

ଭାଇ ଭଉଣୀ ସମ୍ପର୍କ ମୁଦ୍ରାଟିର ଦୁଇ ପାର୍ଶ୍ୱ। ରାଖୀ ପୂର୍ଣ୍ଣମୀ ଉତ୍ସବରେ ଭଉଣୀ ଭାଇ ହାତରେ ଶ୍ରଦ୍ଧାରେ ରାଖୀଟିଏ ବାନ୍ଧିଥାଏ। ଭାଇ ମଧ୍ୟ ଭଉଣୀକୁ ସାରା ଜୀବନ ସୁରକ୍ଷା ଯୋଗାଏ। ପ୍ରତ୍ୟେକ ଭାଇ ନିଷ୍ଠାର ସହ ଭଉଣୀମାନଙ୍କୁ ସୁରକ୍ଷା ପ୍ରଦାନ କଲେ ସମାଜରେ ମହିଳାମାନେ ଅବଶ୍ୟ ସୁରକ୍ଷିତ ରହିପାରିବେ।
ଭାଇ ଦିଏ ବଳ, ନଈ ଦିଏ ଥଳ।

**ମହେଶ୍ୱର ନାୟକ, ଗୋଗୁଆ, କେନ୍ଦ୍ରାପଡ଼ା**

ପବିତ୍ର ରାଖୀ ପୂର୍ଣ୍ଣମୀ ଉପଲକ୍ଷେ ଭାଇ ହାତରେ ଭଉଣୀ ରାଖୀ ବାନ୍ଧିଥାଏ। ଆଜିର ସମାଜରେ ଅଗଣିତ ଭଉଣୀମାନେ ନିର୍ଯାତିତା। ଏହି ଅବସରରେ ଭାଇଟି ନିଜ ଭଉଣୀର ସୁରକ୍ଷା ଦାୟିତ୍ୱ ସହ ସେମାନଙ୍କୁ ଆପଣାର ମଣି ସୁରକ୍ଷା ପ୍ରଦାନ କରିବାକୁ ବଜ୍ରଶପଥ ନେବା ଆବଶ୍ୟକ।
ଅତୁଟ ବନ୍ଧନ ତୁଟେନା, ଝଲକ ଅସଲି ସୁନା।

**ସ୍ୱର୍ଣ୍ଣବାଳା ନାୟକ, ସତ୍ୟନଗର, ଭୁବନେଶ୍ୱର**

ରକ୍ଷା ବନ୍ଧନ ପର୍ବ ପ୍ରତିବର୍ଷ ଶ୍ରାବଣ ମାସର ପୂର୍ଣ୍ଣମୀ ତିଥିରେ ପଡ଼େ। ଏହି ଦିନ ଭଉଣୀ ତା'ର ଭାଇ ମଥାରେ ସିନ୍ଦୂର ଚନ୍ଦନ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ କାମନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସୁନ୍ଦର ଉପହାର ଦେବା ସହିତ ଭଉଣୀର ରକ୍ଷାକବଚ ସାଜିବାକୁ ପ୍ରତିଶ୍ରୁତି ଦେଇଥାଏ। ରକ୍ଷାବନ୍ଧନ ପର୍ବ ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ହେବା ସହିତ ସ୍ନେହ ଶ୍ରଦ୍ଧା ପ୍ରେମ ଅତୁଟ ରହେ।

**Kuni Praharaj, Satyanagar, BBSR**

ଡାକରେ ପାଇଲି ଭଉଣୀଠୁ ରାଖୀ
ଭଉଣୀ ଅଛି ମୋ ଦୂରେ
ଚିଠିଟେ ଲେଖିଛି ଦୂରରେ ଥିଲେ ବି
ତମ ପାଇଁ ମନ ଝୁରେ
ମୋ ଆୟୁଷ ନେଇ ତମେ ଜିଇଁ ରୁହ
କୁଶଳରେ ସଦା ଥାଅ
ସେଇ ଚିଠି ପଢ଼ି ଆଖିରେ ମୋହର
ଲଡ଼ଡ଼ି ଭାଙ୍ଗୁଛି ଲୁହ।

**Santosh Samantray, Dolamundai, CTC**

ଓଡ଼ିଆ ମାସର ଭାଦ୍ରବ ତିଥିରେ ରାଖୀ ପୂର୍ଣ୍ଣିମା ପଡ଼ିଥାଏ। ରାଖୀ ପୂର୍ଣ୍ଣିମା ଏକ ଅପୂର୍ବ ନିଆରା ପରମ୍ପରା । ଆମ ଦେଶର ଓଡ଼ିଆ ପର୍ବର ଜଗନ୍ନାଥ ଭୂଇଁରେ ରାଖୀ ପୂର୍ଣ୍ଣିମା ଭାଇଭଉଣୀର ନିବିଡ଼ ସମ୍ପର୍କକୁ ବୁଝିଥାଏ। ଏହି ପର୍ବରେ ଯେପରି ବଡ଼ଠାକୁର ଜଗନ୍ନାଥ ଓ ବଡ଼ଭାଇ ବଳଭଦ୍ର ରାଖୀ ବାନ୍ଧିବା ପାଇଁ ସାନ ଭଉଣୀ ସୁଭଦ୍ରା ହାତରୁ ରାଖୀ ପିନ୍ଧିଥାନ୍ତି, ଠିକ୍ ସେପରି ମୋର ଦିଦିଠାରୁ ମୁଁ ରାଖୀ ପିନ୍ଧିଥାଏ। ରକ୍ଷା ବନ୍ଧନରେ ଆମ ଭିତରେ ଥିବା ଭାଇଭଉଣୀର ସମ୍ପର୍କର ହସଖୁସିକୁ ଦ୍ୱିଗୁଣିତ କରିଥାଏ। ଯାହାଫଳରେ ଆମେ ସେଇଦିନ ଖୁସିରେ ରାଖୀ ପୂର୍ଣ୍ଣିମା ପାଳନ କରିଥାଉ।

**ଆଶୁତୋଷ କୁମାର ପ୍ରଧାନ, ନାଉଲିପଡ଼ା, ଦେବଗଡ଼**

ହିନ୍ଦୁ ଧର୍ମର ଏକ ପବିତ୍ର ପର୍ବ ହେଉଛି ରାଖୀ ପୂର୍ଣ୍ଣିମା। ଯାହାକୁ ଗହ୍ମାପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହା ପ୍ରତିବର୍ଷ ଶ୍ରାବଣ ମାସ ତଥା ଇଂଲିଶ ଜୁଲାଇ ଏବଂ ଅଗଷ୍ଟ ମାସରେ ପାଳିତ ହୁଏ। ରାଖୀ ପୂର୍ଣ୍ଣିମା ଦିନ ବଜାରମାନଙ୍କରେ ବିଭିନ୍ନ ପ୍ରକାର ଉପହାର ତଥା ବିଭିନ୍ନ ପ୍ରକାର ନୂଆ ବସ୍ତ୍ର ବିକ୍ରୟ ହୁଏ। ଏହି ପର୍ବରେ ଭଉଣୀ ଭାଇକୁ ରାଖୀ ବାନ୍ଧେ ଏବଂ ଭାଇ ଭଉଣୀକୁ ରାଖୀ ବଦଳରେ କିଛି ଉପହାର ଏବଂ ଭଲ ପାଇବା ଦେଇଥାଏ।

**ଶୁଭସ୍ମିତା ବେହେରା, ୟୁନିଟ୍-୮, ଭୁବନେଶ୍ୱର**

ରକ୍ଷାବନ୍ଧନ ଏକ ପବିତ୍ର ପର୍ବ। ଏହା ପ୍ରତ୍ୟେକ ବର୍ଷ ଶ୍ରାବଣ ମାସରେ ପାଳିତ ହୋଇଥାଏ। ଏହା ଭାଇ ଭଉଣୀ ମଧ୍ୟରେ ସ୍ନେହ ଓ ଭଲପାଇବାର ପର୍ବ। ଏହି ପର୍ବରେ ଭାଇ ନିଜ ଭଉଣୀକୁ ବହୁତ ଭଲ ପାଇବା ଓ ସ୍ନେହ ଦେଇଥାଏ। ଏହି ପର୍ବରେ ଭଉଣୀ ଭାଇ ମୁଣ୍ଡରେ ତିଳକ ଲଗେଇ ରାଖୀ ବାନ୍ଧିଥାଏ। ଏହି ରାଖୀ ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା ମଧ୍ୟ କୁହାଯାଏ।

**ସ୍ୱପ୍ନଜିତ ବାରିକ, ୟୁନିଟ୍-୮, ଭୁବନେଶ୍ୱର**





Raksha bandhan signifies the bond of love, the promise of protection. It is the bond with God, Our brothers & sisters all are the glove, finding innovation in our traditions, in separable bond between humans & their natural environment- this precious earth, Unity.
**Sarmistha Das Baral, Pokhariput, BBSR**

ସ୍ନେହ ଓ ସମ୍ପର୍କର ପର୍ବ ହେଉଛି ରାଖୀ। ଏହି ପବିତ୍ର ତିଥିରେ ଆମ ବଡ଼ଠାକୁର ବଳଦେବ ଜୀଉଙ୍କ ଜନ୍ମଦିନ ଓଡ଼ିଶାର ପୁରପଲ୍ଲୀରେ ଅତି ଆନନ୍ଦର ସହ ପାଳନ କରାଯାଏ। ଭଉଣୀମାନେ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ନିଜ ସମ୍ପର୍କର ଡୋରିକୁ ମଜଭୁତ କରିଥାନ୍ତି ଓ ଭାଇମାନେ ଭଉଣୀମାନଙ୍କୁ ସମସ୍ତ ସମସ୍ୟାରୁ ରକ୍ଷାକରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥାନ୍ତି।
**ଅଞ୍ଜଳି ପାଢ଼ୀ , ଆର.କେ. କଲୋନୀ, ନବରଙ୍ଗପୁର**

ସ୍ନେହର ସାକ୍ଷୀ ଏ ରକ୍ଷାବନ୍ଧନ।
ରେଶମୀ ଡୋରରେ ଦୁଇଟି ମନ
ଭାଇ ଭଉଣୀର ଏଇ ବନ୍ଧନ
ବାନ୍ଧି ରଖିଥାଏ ସାରା ଜୀବନ।
**ମଦନମୋହନ ଦାସ, ଭୁବନେଶ୍ୱର**

ରକ୍ଷାବନ୍ଧନ ଭାଇ ଓ ଭଉଣୀର ପବିତ୍ର ବନ୍ଧନ। ସ୍ନେହ, ଶ୍ରଦ୍ଧା ଆଉ ଭଲପାଇବାକୁ ଜାଗ୍ରତ କରାଏ। ଏହାକୁ ଗହ୍ମାପୂର୍ଣ୍ଣିମା କୁହାଯାଏ। ଏହା ବଳରାମଙ୍କ ଜନ୍ମ ଦିବସ। ଏହି ଦିବସରେ ଗୋମାତାଙ୍କୁ ପୂଜା କରାଯାଏ। ଏ ସ୍ନେହର ବନ୍ଧନ ଆମର ପରମ୍ପରାର ବାର୍ତ୍ତା ବହନ କରେ।
**ପ୍ରଦ୍ୟୋତ ଖାଡ଼ଙ୍ଗା, ଗୁରୁଜଙ୍ଗ,ଖୋର୍ଦ୍ଧା**

ଭଉଣୀର ସୂତାଖିଅ ବଦଳରେ ଭାଇ ତା'ର ସୁରକ୍ଷା ଦାୟିତ୍ୱ ନିଏ। ସେନେହର ଡୋରି ଉଭୟଙ୍କ ସମ୍ପର୍କକୁ ନିବିଡ଼ କରେ। ଭାରତୀୟ ପ୍ରାଚୀନ ସଂସ୍କୃତି ପୁରଠାରୁ ପଲ୍ଲୀ ପର୍ଯ୍ୟନ୍ତ ଏକତାର ସୂତ୍ରରେ ବାନ୍ଧି ରଖେ।
**ଚନ୍ଦନା ସୁଚେତା, ଗୁରୁଜଙ୍ଗ, ଖୋର୍ଦ୍ଧା**

ଶ୍ରାବଣ ମାସ ପୂର୍ଣ୍ଣିମାକୁ ରାଖୀ ପୂର୍ଣ୍ଣିମା କୁହନ୍ତି। ବଳଭଦ୍ରଙ୍କ ଜନ୍ମଦିନ। ସେଦିନ ପୁରୀ ମନ୍ଦିରରେ ମା' ସୁଭଦ୍ରା ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ହାତରେ ରାଖୀ ବାନ୍ଧନ୍ତି। ସେଇ ଆଧାରକୁ ନେଇ ପ୍ରତ୍ୟେକ ଘରେ ଭାଇ ହାତରେ ଭଉଣୀ ରାଖୀ ବାନ୍ଧେ। ପୂର୍ଣ୍ଣମୀ ଦିନ ସକାଳୁ ଥାଳିରେ ମିଠା, ଚନ୍ଦନ, ସିନ୍ଦୂର, ରାଖୀ ଆଣି ବନ୍ଦାପନା କରି ଭାଇ ହାତରେ ରାଖୀ ବାନ୍ଧେ ଓ ମିଠା ଖୁଆଏ। ଠାକୁରଙ୍କୁ ଜଣାଇଦିଏ ପ୍ରଭୁ ମୋ ଭାଇକୁ ଭଲରେ ରଖନ୍ତୁ। ଭବିଷ୍ୟତରେ ମୋତେ ସାହା ହେବ।
**ପ୍ରଫୁଲ୍ଲା ପ୍ରିୟଦର୍ଶିନୀ ନାୟକ,ବାଙ୍କୁଆଳ, ଭୁବନେଶ୍ୱର**

ଅଗମ୍ୟ ବନସ୍ତେ, ଅଥଳ ସମୁଦ୍ରେ ଅନନ୍ତ ଆକାଶେ ଅଭେଦ୍ୟ ଗିରିଶୃଙ୍ଗରେ ଭାରତୀୟ ସେନାଭାଇ ତୁମେ ବାହୁବଳୀ । ଧନ୍ୟବାଦ କରୋନା ଯୋଦ୍ଧା। ରକ୍ଷା କରୁଛ ଲକ୍ଷ ଲକ୍ଷ ଜୀବନ, ତୁମର ଶୁଭମନାସେ ଏ କୁନି ଭଉଣୀ। ଆହେ ନୀରଜ ଭାଇ। ଟୋକିଓରେ ତମେ ରଖିଲ ଭାରତ ଗରିମା। କୁନି ଭଉଣୀର ରାଖୀକୁ କରିବନି ମନା, ତୁମମାନଙ୍କର ଖ୍ୟାତି ଜିଣିଯାଏ, ସମୁଦ୍ର ନୀଳିମା, ବନାନୀ ସବୁଜିମା, ଶରତ ରାତ୍ରିର ଆକାଶ ସୁଷମା, ପବିତ୍ର ରାଖୀବନ୍ଧନେ ଦେଉଛି ଏ ରାଖୀ ଉପହାର।
**ବିଶ୍ୱଜିତା ମିଶ୍ର, ସାକ୍ଷୀଗୋପାଳ, ପୁରୀ**

ସମ୍ପ୍ରତି ସାମାଜିକ ଜୀବନାୟନରେ ନାରୀ ଅସୁରକ୍ଷିତ। ତେଣୁ ଦେଶର ସାଂସ୍କୃତିକ ଚେତନାରେ ରାଖୀ ପୂର୍ଣ୍ଣିମା ରକ୍ଷାପୂର୍ଣ୍ଣିମା ନାମରେ ଖ୍ୟାତ ହୋଇ ଜୟଯାତ୍ରା ଉଦ୍‌ଘୋଷଣା କରୁ। ବିଶ୍ୱ ମଣିଷକୁ ଛଳନାବିହୀନ ପବିତ୍ର ଭ୍ରାତୃତ୍ୱ ବନ୍ଧନରେ ବାନ୍ଧି ସମ୍ଭାବନାର ସ୍ୱପ୍ନକୁ ସାକାର କରୁ।
**ନାରାୟଣ ଚନ୍ଦ୍ର ବାହିନୀପତି, ବନ୍ତ, ଭଦ୍ରକ**

ପବିତ୍ର ସମ୍ପର୍କର ପ୍ରତୀକ ଯାହା ଜରିଆରେ ଭଉଣୀ ଭାଇ ପାଖରେ ଏକ ନିବେଦନ ସୂଚକ ଆଶାୟୀ ହୋଇଥାଏ। ଏହାର ପ୍ରତ୍ୟୁତ୍ତରରେ ଭାଇ ତା'ର ନିଃସ୍ୱାର୍ଥ ବଳିଦାନର ଯଥାର୍ଥ ପରିଚୟ ଦେଇଥାଏ। ଯେପରି ବିନ୍ଦୁରେ ସିନ୍ଧୁର ଦର୍ଶନ କରାଯାଇପାରେ। ସେହିପରି ଏକ ପବିତ୍ର ସମ୍ପର୍କକୁ ସ୍ଥାୟୀ କରାଯାଇପାରେ । ଏହା ଆଦାନ ପ୍ରଦାନରେ ସୀମିତ ନୁହେଁ।
**ସରୋଜିନୀ ନାୟକ, ଚୌଦ୍ୱାର, କଟକ**

ଭାଇ-ଭଉଣୀର ପବିତ୍ର ସ୍ନେହ ଓ ଉନ୍ନତିର ଭାବନା ଜାଗୃତ କରାଉଥିବା ପର୍ବ ହେଉଛି ରକ୍ଷାବନ୍ଧନ। ଏହି ଦିନ ଭଉଣୀ ତା' ଭାଇ ମଥାରେ ତିଳକ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ।ତେଣୁ କୁହାଯାଇଛି-
''ଭାଇ ଭଉଣୀର ସେନେହ ମିଳନ
କରାଏ ଏଇ ରକ୍ଷା ବନ୍ଧନ''
**ପୂର୍ଣ୍ଣିମା ତ୍ରିପାଠୀ, ଗାୟତ୍ରୀନଗର, ନବରଙ୍ଗପୁର**

ରାଖୀ ତୁ ରହିଛୁ ସାକ୍ଷୀ କେତେ ଯୁଗର। ଭାଇ ଭଉଣୀର ପ୍ରେମ ରହେ ଅମର, ପ୍ରଭୁ ବଳରାମ ହୋଇଲେ ଜନମ ଶ୍ରାବଣ ପୂର୍ଣ୍ଣିମା ଦିନ, ଗହ୍ମା ମଣ୍ଡା କରି ଗାଈଙ୍କୁ ଖୁଆଇ ପୂଜିବା ତାଙ୍କ ଚରଣ,

ଗହ୍ମା ପୂର୍ଣ୍ଣମୀକୁ ରାଖୀ ବନ୍ଧା ବୋଲି କଥା ରହୁ ସବୁଦିନ। ରାଖୀ ବାନ୍ଧିଥିଲେ ଦ୍ରୌପଦୀ କୃଷ୍ଣଙ୍କୁ ଶାଢ଼ିର ପଣତ ଚିରି, କୁରୁସଭା ବେଳେ ଦ୍ରୌପଦୀ ଡାକିଲେ କୋଟି ବସ୍ତ୍ର ଦେଲ ଆଣି।
**ସଞ୍ଜୁଲତା ନାୟକ, ଭୁବନେଶ୍ୱର**

ଢାଳିଦିଅ ମାଆଗୋ ଶୁଭ ଆଶିଷଧାରା ମୋ ଭାଇର ଚଲାପଥରେ। ବିଞ୍ଚିଦିଅ ମାଗୋ ମଲ୍ଲୀ କେତକୀ ପାଖୁଡ଼ା ମୋ ଭାଇର ଆଶା ରଥରେ।
**ଅଂଶିକା ଉପାଧ୍ୟାୟ, ଗେଣ୍ଡାଗଡିଆ, ମୟୂରଭଞ୍ଜ**

ସେନେହ ସୂତାରେ ମମତାର ମାଳି ଦେଉଛି ବାନ୍ଧି ମୁଁ ହାତରେ ତୋର। ମନେ ରଖିଥିବୁ ଭୁଲି ନ ଯିବୁ ରେଶମୀ ଡୋରକୁ ନ କରି ପର। ଭାଇ ଭଉଣୀର ସେନେହ ମିଳନ କରାଏ ଏଇ ରାଖୀ ବନ୍ଧନ। ପବିତ୍ର ରାଖୀ ପୂର୍ଣ୍ଣିମା ଓ ଗହ୍ମା ପୂର୍ଣ୍ଣମୀର ଶୁଭେଚ୍ଛା ଓ ଅଭିନନ୍ଦନ ।
**ରଚିତା ପାଢ଼ୀ, ବସ୍ତା, ବାଲେଶ୍ୱର**

ଯୁଗ ଯୁଗ ଧରି ଭ୍ରାତା ଭଗିନୀଙ୍କ ଅନାବିଳ ଶ୍ରଦ୍ଧା ଏବଂ ସୁରକ୍ଷାର ଅପୂର୍ବ ନିଦର୍ଶନ ରାଖୀ। ସେହି ସୁଯୋଗ୍ୟ କରୋନା କର୍ମବୀରମାନଙ୍କୁ ସମର୍ପିତ ଯେଉଁମାନେ ରକ୍ଷାକବଚ ସାଜି ତଥା ଦିବାରାତ୍ରି ଅଦମ୍ୟ ପରିଶ୍ରମ କରି ବିଶ୍ୱବାସୀଙ୍କୁ ମହାମାରୀର ପ୍ରାଦୁର୍ଭାବରୁ ବଞ୍ଚାଇ ରକ୍ଷାବନ୍ଧନର ପ୍ରକୃତ ମୂଲ୍ୟବୋଧର ପରିଚୟ ଦେଇଛନ୍ତି।
**ସ୍ୱାତୀ ମହାନ୍ତି, ଟଙ୍କପାଣି ରୋଡ୍, ଭୁବନେଶ୍ୱର**

ସ୍ନେହର ସାକ୍ଷୀ ଏ ରକ୍ଷାବନ୍ଧନ । ରେଶମୀ
ଡୋରରେ ଦୁଇଟି ମନ।
ଭାଇ ଭଉଣୀର ଏଇ ବନ୍ଧନ,
ବାନ୍ଧି ରଖିଥାଏ ସାରା ଜୀବନ।
**ମଦନମୋହନ ଦାସ,ଭୁବନେଶ୍ୱର**

ଭାଷା ଭାବର ପ୍ରତୀକ ହେଉଛି ରକ୍ଷାବନ୍ଧନ। ଭାଇ ଭଉଣୀର ଅନ୍ତରର ସ୍ନେହ ଓ ଭାଇର ଆଶୀର୍ବାଦ ହେଉଛି ରାଖୀର ପ୍ରତୀକ। ଏହି ରାଖୀ ଦ୍ୱାରା ସ୍ନେହ-ମମତା ନୈସର୍ଗିକ ପ୍ରେମ ଓ ବନ୍ଧନର ବୈଶିଷ୍ଟ୍ୟତା ପ୍ରତିପାଦନ ହୋଇଥାଏ। ଏଣୁ ରକ୍ଷାବନ୍ଧନ ଭାବଦ୍ୱର ପରିପୂରକ ଓ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନତା ଆଣିଦେଇଥାଏ।
**Muskan Ara, Baripada, Mayurbhanja**

ଜନ୍ମ ଜନ୍ମର ସମ୍ପର୍କ ଆମର
ସବୁଠାରୁ ଗେହ୍ଲା ଭଉଣୀ ମୋର
ମନରେ ଅଛି ତୋ ପାଇଁ ସେନେହ
ଆଖିରେ ନାଚୁଛି ତୋ ସୁନା ମୁହଁ
ତୋ ଚଲାପଥେ ଫୁଲଟିଏ ହେବି
ଜୀବନରେ ତୋର ଖୁସି ଭରିବି
ତୋ ବିନା ଜୀବନ ନୁହେଁ କଳ୍ପନା
ବାକି ରହିଲା ତୋ ରାଖୀ ପାଉଣା।
**Dibakar Maharana, Modipara, sambalpur**

ଭାଇ ଭଉଣୀର ସମ୍ପର୍କ ଦୁନିଆର ସବୁଠାରୁ ପବିତ୍ର ସମ୍ପର୍କ। ଯେଉଁଥିରେ ଛନ୍ଦ, କପଟ, ଛଳନା ନ ଥାଏ। ରାଗ, ରୁଷାରେ ଭଲ ପାଇବା ଥାଏ। ସବୁଠୁଁ ଅଲଗା ଆଉ ସବୁଠୁଁ ନିଆରା ସମ୍ପର୍କ, ମୁଁ ବହୁତ ହିଁ ଭାଗ୍ୟବାନ ଭାଇର ଭଲ ପାଇବା ମୋ ସାଥିରେ ଅଛି। ମୋର ସବୁ ଖୁସି ଭଗବାନ ତୋତେ ଦେଇଦିଅନ୍ତୁ। ସବୁ ସମୟରେ ମୋ ସାଥିରେ ରହିଥିବାରୁ ଧନ୍ୟବାଦ।

Love you so much.
**Manisha Nayak, Sikharpur, CTC**

ରକ୍ଷାବନ୍ଧନ ହେଉଛି ଭାଇ ଓ ଭଉଣୀ ମଧ୍ୟରେ ହୋଇଥିବା ସ୍ନେହ, ଭଲପାଇବା, ବନ୍ଧୁତ୍ୱର ପ୍ରତୀକ। ଏହି ରକ୍ଷାବନ୍ଧନ ପର୍ବ ପୂର୍ଣ୍ଣିମା ତିଥିରେ ପଡୁଥିବାରୁ ଏହାକୁ ରାଖୀ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଭଉଣୀ ଭାଇ ହାତରେ ରାଖୀ ବାନ୍ଧେ ଏବଂ ମିଠା ଖୁଆଏ, ସିନ୍ଦୂର ଚନ୍ଦନ ମୁଣ୍ଡରେ ଲଗାଏ। ଏହା ଭାରତ ସହିତ ପାକିସ୍ତାନର ଶିଖ୍ ସମ୍ପ୍ରଦାୟର ଲୋକମାନେ ପାଳନ କରନ୍ତି। ଏଇ ପର୍ବ ଭଉଣୀମାନଙ୍କ ପ୍ରତି ଭାଇମାନଙ୍କର ଦୃଢ଼ ମନୋବଳ ସୃଷ୍ଟି ହୁଏ।
**କୈଳାସ ଚନ୍ଦ୍ର ତ୍ରିପାଠୀ, ବିଜେବି ନଗର, ଭୁବନେଶ୍ୱର**

ଯେପରି ବ୍ରିଜ ଗୋଟିଏ ବନ୍ଧକୁ ଅନ୍ୟ ଏକ ବନ୍ଧକୁ ସଂଯୁକ୍ତ କରି ରଖେ, ସେହିପରି ରାଖୀ ଭାଇଭଉଣୀ ମଧ୍ୟରେ ପବିତ୍ର ସଂଯୋଜକ ସାଜି ତାଙ୍କୁ ପବିତ୍ର ବନ୍ଧନରେ ବାନ୍ଧିଦିଏ ଓ ଜୀବନର ରାସ୍ତା ପାର କରିବାରେ ସାହାଯ୍ୟ କରେ, ଯେମିତି ଭାତ ବିନା ତରକାରି ଖାଇହୁଏ ନାହିଁ ବା ତରକାରି ବିନା ଭାତ ଭଲ ଲାଗେନାହିଁ, ସେମିତି ହେଉଛି ଭାଇଭଉଣୀର ପବିତ୍ର ସମ୍ପର୍କ।
**ସୁରୁଚି ଭୋଇ, ଖୋର୍ଦ୍ଧା**

ଭାରତୀୟ ଧର୍ମ ଓ ସଂସ୍କୃତି ପରମ୍ପରାର ମହାନ୍ ନିଦର୍ଶନ ''ରକ୍ଷାବନ୍ଧନ'' ସ୍ନେହ, ପ୍ରେମ ଓ ମମତାର ଡୋରି। ଆଜିର ଏ ପବିତ୍ର ବନ୍ଧନ ସବୁରି ପ୍ରାଣରେ ଭରିଦେଉଛି କର୍ତ୍ତବ୍ୟ, ନିଷ୍ଠା, ତ୍ୟାଗ, ବଳିଦାନ ଯାହା ଭାରତ ତଥା ମାନବ ଜାତିର ଏକ ସ୍ୱାଭିମାନ। ଏହି ଅବସରରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତକୁ ଏକ ସୁଦୃଢ଼ ଓ ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିବ।
**Deepu Das, Kalimandir Sahi, Baripada**

ମୋର ପ୍ରିୟ ଓ ଆଦରଣୀୟ କୁନ୍‌ମୁନ୍ ଓ ଭାଇନା। ଏଇ ପବିତ୍ର 'ରକ୍ଷାବନ୍ଧନ' ପର୍ବରେ ମୁଁ ତୁମ ଭଉଣୀ ଜଗନ୍ନାଥଙ୍କଠାରେ ତୁମର ଓ ତୁମ ପରିବାରର ମଙ୍ଗଳ କାମନା କରୁଛି।
**ଅମୃତା ମିଶ୍ର, ଶୈଳଶ୍ରୀ ବିହାର, ଏମ୍ଆଇଜି-୪୭**

ପ୍ରିୟର ମୋ ଭଉଣୀ- Miss you sister.
ସ୍ନେହ, ପ୍ରେମର ବନ୍ଧନ ଏ, ପାଳେ ସାରା ସଂସାର ସାରା ଜଗତରେ ସବୁଠୁ ପବିତ୍ର ପ୍ରେମ ଏ ଭାଇଭଉଣୀର ସମ୍ପର୍କ।
ଭାଙ୍ଗିଲେ ବି ଭାଙ୍ଗେ ନାହିଁ ବିଶ୍ୱାସର ଅତୁଟ ଏ ବନ୍ଧନ,
ଏ ବନ୍ଧନକୁ ସଂସାର କହେ ଭାଇ-ଭଉଣୀର ରକ୍ଷାବନ୍ଧନ।
ଏତେ ସିନା ମନର କଥା ଲେଖିଦେଲି ହେଲେ ଭଗବାନ ମୋତେ ଭଉଣୀଟିଏ ଦେଇନାହାନ୍ତି।
**ଚନ୍ଦନ ସାହୁ, ଗଡ଼ିଶାଗୋଦା, କଣାସ, ପୁରୀ**

ଆମ ଭାରତବର୍ଷରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରକ୍ଷାବନ୍ଧନ ଅନ୍ୟତମ। ଏହି ପର୍ବ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପଡୁଥିବାରୁ ଏହା ରାଖୀ ପୂର୍ଣ୍ଣିମା ନାମରେ ଜଣାଯାଏ। ଏହିଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହି ପର୍ବକୁ ଗହ୍ମା ପର୍ବ ବୋଲି କୁହାଯାଏ। ରାଖୀ ପୂର୍ଣ୍ଣିମା ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ହେବା ସହ ସ୍ନେହ, ପ୍ରେମ ଅତୁଟ ରହେ।
**Truptirani Sethi, Narada, Khurda**

ପ୍ରେମର ପହିଲି ପ୍ରତୀକ
ପଠାଇଲି ରାଖୀ,
ଖାଲି ରାଖୀ ନୁହେଁ ଇଏ ସମ୍ପର୍କର ସାକ୍ଷୀ।
ପିତାମାତା ଗୁରୁଜନ ଦେବତା
ସମାନ,




ତାଙ୍କ ଔରସରୁ ଜନ୍ମ
ତୁମ ଏ ପରାଣ।
ପର କେବେ କରିବନି ରହିଲା
ମୋ ରାଣ,
ଦୂରେ ଥାଇ ମତେ ଖାଲି କରୁଥା କଲ୍ୟାଣ।
ଲୋଡ଼ାନାହିଁ ଉପହାର ଲୋଡ଼ା ନାଇଁ ଧନ,
କୋଟିଏ ଆୟୁଷ ନେଇ ଘେନ ମୋ ପ୍ରଣାମ।
**ସୁସ୍ମିତା ପଟ୍ଟନାୟକ, ବମିଖାଲ, ଭୁବନେଶ୍ୱର**

ରେଶମର ସୂତା ନୁହେଁ ରାଖୀ। ଏ ହେଉଛି ଭାଇ ଭଉଣୀର ସ୍ନେହର ଡୋର। ଭଉଣୀର ସବୁ ବିପଦ ଆପଦେ ସାଥେ ଥାଏ ଭାଇ ତା'ର। ସେକାଳେ ଦ୍ରୌପଦୀ କୃଷ୍ଣଙ୍କ ହାତରେ ବାନ୍ଧିଥିଲେ ଛିଣ୍ଡାକନା, ଏହି ପରମ୍ପରା ଚାଲି ଆସୁଅଛି ଉଡୁଅଛି ଜୟବାନା। ସାରା ଜଗତର ଭାଇ ଭଉଣୀଙ୍କୁ ଦେଉଛି ମୁଁ ଶୁଭବାର୍ତ୍ତା ପୁରାଣ ଯୁଗରୁ ଆଜିଯାଏ ରାଖୀ ସୂଚାଉଛି ସ୍ନେହ ବାର୍ତ୍ତା।
**ଉତ୍ତମା ସିନୀ ପ୍ରଧାନ, ଝାରସୁଗୁଡ଼ା**

'ରାଖୀ ତୁ ହୋଇଥା ସାକ୍ଷୀ'
ଧର୍ମାନୁମତରେ ଶ୍ରାବଣ ମାସରେ ଏହି ପୂର୍ଣ୍ଣିମାରେ ସୌରଜଗତ ୮ଟି ଗ୍ରହ ପୃଥିବୀ ଉପରେ ଆକ୍ରମଣ କରିଥିଲେ। ପୃଥିବୀ ନିଜକୁ ରକ୍ଷା କରିବା ପାଇଁ ଚନ୍ଦ୍ରକୁ ରାଖୀ ବାନ୍ଧି ଭାଇ କରିଥିଲେ। ସେହି ଦିନକୁ ଚନ୍ଦ୍ର ଭଉଣୀ ପୃଥିବୀକୁ ରକ୍ଷା କରିବା ପାଇଁ ତା'ର ଚାରିପଟେ ସର୍ବଦା ଘୂରି ବୁଲୁଛି। ରାଖୀ ପୂର୍ଣ୍ଣିମା ହେଉଛି ପ୍ରେମ, ତ୍ୟାଗ ଓ କର୍ତ୍ତବ୍ୟର ପର୍ବ। ଏହି ପର୍ବ ପାଳନ କରିବା ଦ୍ୱାରା ଭାଇ ଓ ଭଉଣୀ ସମ୍ପର୍କ ଦୃଢ଼ ହୋଇଥାଏ।
**ସୁତମା ପଣ୍ଡା, ପାପଡ଼ାହାଣ୍ଡି, ନବରଙ୍ଗପୁର**

ଛୁଆ ଭାଇ ମୁଁ ଆଶା କରୁଛି ଠାକୁରଙ୍କ ଦୟାରୁ ଭଲରେ ଥିବୁ। ମୋର ସବୁବେଳେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା ଭଲରେ ରହ, ଖୁବ୍ ଉନ୍ନତି କର। ଏବେ ତୁ ନୂଆଘର କରିଛୁ। ଏଭଳି ଆହୁରି ବହୁତ ଘର ତିଆରି କର। ଖୁବ୍ ଖୁସିରେ ରହ। ଏ ବ୍ୟସ୍ତଭରା ଜୀବନ ଭିତରେ ଟିକେ ସମୟ ଦେଇହେବ!
**Chandana Sethy, Mirkamal patna**

''ଭାଇ ଭଉଣୀର ସେନେହ ମିଳନ''
କରାଏ ଏଇ ରାଖୀ ବନ୍ଧନ
ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ। ଏହିଦିନ ଭଗବାନ ବଳରାମ ଜନ୍ମ ହୋଇଥିଲେ, ତେଣୁ ଏହି ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହିଦିନ ଭଉଣୀ ତା'ର ଭାଇର ମଥାରେ ତିଳକ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରେ। ଭାଇ ମଧ୍ୟ ରାଖୀ ବାନ୍ଧି ଭଉଣୀର ରକ୍ଷାକବଚ ସାଜିଥାଏ। ସମସ୍ତ କଷ୍ଟ ଓ ବିପଦରୁ ରକ୍ଷା କରିବା ପାଇଁ ପ୍ରତିଶ୍ରୁତି ଦେଇଥାଏ।
**ପ୍ରିୟଙ୍କା ଶତପଥୀ, ପାପଡ଼ାହାଣ୍ଡି, ନବରଙ୍ଗପୁର**

ରାଖୀ ପୂର୍ଣ୍ଣିମା ଅବସରରେ ସମସ୍ତ ଭାଇ ଓ ଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ରାଖୀ ବନ୍ଧନରେ ଗୋଟେ ଭଉଣୀର ଭାଇ ପ୍ରତି ଥିବା ଅତୁଟ ସ୍ନେହ, ଭକ୍ତି ଏବଂ ଆଦର ପ୍ରସ୍ଫୁଟିତ ହୋଇଥାଏ। ନା ଯେ ଗୋଟିଏ ବଡ଼ ଉପହାରର ଆଶା। ଭଉଣୀଟିଏ ସବୁବେଳେ ଚାହେଁ ସଂସାରର ଯେତେ ଖୁସି ଅଛି ତା' ଭାଇକୁ ମିଳୁ। ଭାଇ ଭଉଣୀ ସମ୍ପର୍କରେ ହସ-କାନ୍ଦ, କଳି-ଝଗଡ଼ା-ସାଙ୍ଗହେବା ଏସବୁ ମିଶି ଗୋଟିଏ ଖଟା-ମିଠା ସମ୍ପର୍କ। ଏହି ସମ୍ପର୍କ ଏକ ଅଲଗା ହୃଦୟର ସମ୍ପର୍କ।
**ପୁଷ୍ପାଞ୍ଜଳି ଶତପଥୀ,ଟଙ୍କପାଣି ରୋଡ, ଭୁବନେଶ୍ୱର**

ଶ୍ରାବଣ ମାସ ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା ବା ରକ୍ଷାବନ୍ଧନ ପୂର୍ଣ୍ଣିମା କୁହାଯାଏ। ଏହି ଦିନ ମଧ୍ୟ ପ୍ରଭୁ ବଳଭଦ୍ର ଜନ୍ମ ନେଇଥିଲେ। ସେଥିପାଇଁ ଗୋମାତାଙ୍କୁ ଏହି ଦିନରେ ପୂଜା କରାଯାଇଥାଏ ଓ ଭଉଣୀ ତା'ର ଭାଇକୁ ରାଖୀ ବାନ୍ଧି ଭାଇ ଓ ଭଉଣୀର ସ୍ନେହ, ଶ୍ରଦ୍ଧା ଓ ପ୍ରେମର ଅତୁଟ ସମ୍ପର୍କକୁ ମଜଭୁତ କରିଥାଏ। ଆଜିକାଲି ଲୋକମାନେ ଏହି ପବିତ୍ର ସମ୍ପର୍କରେ କଳଙ୍କ ଲଗାଉଛନ୍ତି । କିନ୍ତୁ ଏସବୁ ହେଉଛି ମହାପାପ। ତେଣୁ ଅନୁରୋଧ କରୁଛି ଏହି ପବିତ୍ର ସମ୍ପର୍କକୁ ଅତୁଟ ରଖନ୍ତୁ।
**Madhusmita Barik, Jaydev Vihar, Bhubaneswar**

ଭାଇ ଓ ଭଉଣୀ ସମ୍ପର୍କର ସାକ୍ଷୀ ରାଖୀ। ଏହା ଓଡ଼ିଆ ମାସ ଅନୁସାରେ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପଡ଼େ। ଏହି ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା ବା ରାଖୀ ପୂର୍ଣ୍ଣିମା କୁହାଯାଏ। ଏହିଦିନ ପ୍ରଭୁ ବଳଭଦ୍ର ଜନ୍ମ ନେଇଥିଲେ। ସେଥିପାଇଁ ଏହି ଦିନ ଗୋମାତାଙ୍କ ପୂଜା କରାଯାଏ। ଭଉଣୀ ତା'ର ସବୁ ସୁବିଧା ଅସୁବିଧାରେ, ବିପଦରେ ମୋ ପାଖରେ ଥିବୁ ଓ ସବୁଦିନ ମତେ ଭଲ ପାଉଥିବୁ ଏମିତି କହି ଭାଇକୁ ରାଖୀ ବାନ୍ଧେ ଓ ଭାଇ ମଧ୍ୟ ଠିକ୍ ସମୟରେ ତା'ର ରାଖୀର ମୂଲ୍ୟ ଦେଇଥାଏ।
**Dolagobinda Mahanty, Jaydev Vihar, BBSR**

ରାଖୀ ପୂର୍ଣ୍ଣମୀ ପ୍ରେମ, ତ୍ୟାଗ, କର୍ତ୍ତବ୍ୟର ପର୍ବ। ଏହି ପର୍ବ ପାଳନ କରିବା ଦ୍ୱାରା ଭାଇ, ଭଉଣୀର ସମ୍ପର୍କ ଦୃଢ଼ ହୋଇଥାଏ। ଭାଇ ଭଉଣୀର ଅନାବିଳ ସ୍ନେହର ବନ୍ଧନ ହେଉଛି ରକ୍ଷାବନ୍ଧନ। ସାରା ଓଡ଼ିଶା ତଥା ଭାରତବର୍ଷରେ ଉଲ୍ଲାସର, ଆନନ୍ଦର ସହିତ ପାଳନ କରାଯାଏ। ସ୍ନେହ, ଶ୍ରଦ୍ଧା, ବିଶ୍ୱାସର ପର୍ବ ରକ୍ଷାବନ୍ଧନ। ଏହିଦିନ ବଳଭଦ୍ରଙ୍କ ଜନ୍ମ, ତେଣୁ ଗହ୍ମା ପର୍ବ ବି କୁହାଯାଏ।
**ବିନ୍ଦୁଶ୍ରୀ ସେଠୀ,ବାଣୀବିହାର, ଭୁବନେଶ୍ୱର**

ଆମର ହିନ୍ଦୁ ପରମ୍ପରା ମଧ୍ୟରେ ରକ୍ଷାବନ୍ଧନ ହେଉଛି ଏକ ପବିତ୍ର ପାରମ୍ପରିକ ପର୍ବ। ପୁରାଣ ଅନୁସାରେ ମହାଭାରତ ପରି ପବିତ୍ର କାବ୍ୟରେ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ କଥା ବର୍ଣ୍ଣିତ ଅଛି। ତାଙ୍କର କନିଷ୍ଠ ଆଙ୍ଗୁଳି କଟିଯାଇଥିବା ସମୟରେ କ୍ଷତ ସ୍ଥାନରେ ଦ୍ରୌପଦୀ ନିଜ ବସ୍ତ୍ରର କିଛି ଅଂଶକୁ କାଢ଼ି ଭଗବାନଙ୍କ ଅଙ୍ଗୁଳିରେ ବାନ୍ଧି ସେହି ସମୟରେ ରକ୍ଷାବନ୍ଧନ ପରି ଏକ ପବିତ୍ର ବନ୍ଧନ ସୃଷ୍ଟି କରିଥିଲେ ଏବଂ ସେହି ସମୟରେ ଶ୍ରୀକୃଷ୍ଣ ତାଙ୍କର ରକ୍ଷା କବଚ ଥିଲେ।
**Pritam Pruthivi, O.S.A.P 6th Battalion, Cuttack**

ଏପରି ଏକ ପବିତ୍ର ସମ୍ପର୍କ ଯାହା କାହା ସହ ତୁଳନୀୟ ନୁହେଁ, ତୁଳନା କଲେ ନିଜର ଭୁଲ୍ ହୋଇଯିବ ସିନା ହେଲେ ସମ୍ପର୍କର ସାର୍ଥକତା ରହିବନି। ଦେହ ଓ ଛାଇ ପରି ସେ ସମ୍ପର୍କଟି ହେଉଛି ଭାଇ-ଭଉଣୀର ସମ୍ପର୍କ। ଭଉଣୀର ଆଖିରେ ଟୋପେ ଲୁହ ଦେଖି ପାରେନା ତା'ର ଭାଇ। ତାକୁ ଚନ୍ଦ୍ର କହି ହେବନି କାରଣ ଚନ୍ଦ୍ରର କଳଙ୍କ ରହିଛି। ନିଷ୍କଳଙ୍କ ଏହି ସମ୍ପର୍କର ଭାଷା ଅନୁଭବ କରିହୁଏ। ଭଉଣୀର ଜୀବନର କଷ୍ଟ, ଝଡ଼, ସୁଖ, ଦୁଃଖ ଆଦିରେ ତା'ର ଭାଇ ତା' ପାଇଁ ସଞ୍ଜୀବନୀ ସାଜିଥାଏ ଓ ତା'ର ଦୁଃଖ ଲାଘବ କରେ।
**ସୁପ୍ରିୟା ଜେନା, ଡଅଁର, କେନ୍ଦୁଝର**

ଭାଇଟିଏ ତା' ଭଉଣୀର ଢାଲ ହୋଇ ସର୍ବଦା ରହିଥାଏ। ଆମର ବାର ମାସରେ ତେର ପର୍ବ ପରି ଏହିରକ୍ଷା ଦିବସ ସାର, ଯାହାକୁ ଚାତକ ପରି ଚାହିଁଥାଏ ଭଉଣୀ। ଭଉଣୀ ଯାହା ସହ ଝଗଡ଼ା ଓ ରାଗ ଅଭିମାନ କରୁଥାଏ, ସେହି ଭାଇଟିଏ ସବୁଠାରୁ ଅଧିକ କାନ୍ଦିଥାଏ ଯେତେବେଳେ ତା' ଭଉଣୀର ବିବାହ ହୁଏ।
**ସାଇ ଉଜ୍ଜୟିନୀ ଜେନା, ଡଅଁର, କେନ୍ଦୁଝର**

ନୁହଁଇ କେବଳ ଏହା ରେଶମୀ ଡୋର,
ନୁହଁଇ କେବଳ ଏହା ପରମ୍ପରାର ସ୍ୱର,
ଏଇ ସେଇ ରାଖୀ ସେନେହର ସାକ୍ଷୀ।
ଭାଇ ଭଉଣୀର ନିଆରା ବନ୍ଧନ,
ସେହି ଶରଧାର ଅପୂର୍ବ ମିଳନ।
ବାନ୍ଧିଦେଲି ରାଖୀ ହାତରେ ତୋର
ମନେ ରଖିଥିବୁ ରାଖୀକୁ ମୋର,
ଭଉଣୀକୁ କେବେ ନ କରି ପର।
'ଶୁଭ ରକ୍ଷା ବନ୍ଧନ'
**ମୋନାଲିସା ଭଞ୍ଜ, ଲକ୍ଷ୍ମୀସାଗର, ଭୁବନେଶ୍ୱର**

ସବୁଠୁ ଆପଣା ଭଉଣୀଟି ମୋର
ତା'ପରି ନାହିଁ କେ ସତେ,
ପିଲାଟି ବେଳରୁ କୋଳେଇ କାଖେଇ ମଣିଷ କରିଛି ମୋତେ।
ଗହ୍ମ ପୂନେଇଁରେ ଅସରା ସ୍ନେହରେ
ରାଖୀ ବାନ୍ଧି ମୋର ହାତେ।
ବିଭୁଙ୍କୁ ମାଗେ ସେ ମୋର ସୁଖ ଶାନ୍ତି
ଅମାପ ଆୟୁଷ ଯେତେ।
ଜିଇ ଥିବା ଯାଏ ଢାଲ ସାଜି ଥିବି
ତା' ଜୀବନ ଚଲାପଥେ।
**Prateek Amanta, Burla, Sambalpur**

ଇତିହାସରେ ମଧ୍ୟ ରକ୍ଷାବନ୍ଧନର ସ୍ମୃତି ଅଛି। ମେୱାର ରାଣୀ କର୍ଣ୍ଣାବତୀ ମୋଗଲ ସମ୍ରାଟ ହୁମାୟୁନଙ୍କ ହାତରେ ରାଖୀ ବାନ୍ଧିଥିଲେ। ହୁମାୟୁନ ମଧ୍ୟ ତାଙ୍କ ଭଉଣୀ କର୍ଣ୍ଣାବତୀଙ୍କୁ ସାହାଯ୍ୟ ଓ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦେଇଥିଲେ। ରାଖୀ ପୂର୍ଣ୍ଣିମା ହେଉଛି ପ୍ରେମ, ତ୍ୟାଗ ଓ କର୍ତ୍ତବ୍ୟର ପର୍ବ। ଏହି ପର୍ବ ପାଳନ କରିବା ଦ୍ୱାରା ଭାଇ ଓ ଭଉଣୀ ସମ୍ପର୍କ ଦୃଢ଼ ହୋଇଥାଏ।
**Kalpana Nath, Sahadevkhunta, Balasore**

ପରିବାର ମଧ୍ୟରେ ଏକ ଉଷ୍ମ ଏବଂ ଶକ୍ତିଶାଳୀ ବନ୍ଧନ ମଧ୍ୟରୁ ଗୋଟିଏ ହେଉଛି ଭାଇଭଉଣୀଙ୍କ ମଧ୍ୟରେ ଅଂଶୀଦାର। ଭାଇଭଉଣୀର ବନ୍ଧନ ହେଉଛି ସମୟର ପରୀକ୍ଷଣ। ରାଖୀ ପୂର୍ଣ୍ଣିମା ଏଭ ଭାଇଭଉଣୀଙ୍କ ମଧ୍ୟରେ ଥିବା ସେହି ପବିତ୍ର ବନ୍ଧନର ଉତ୍ସବ। ପ୍ରାଚୀନ କାଳରୁ ରାଖୀ ପୂର୍ଣ୍ଣିମା ପାଳନ କରାଯାଉଥିଲା। ଏହାର ମୂଳ ଶାସ୍ତ୍ରରେ ଅନେକ ପୁରାଣ କଥାରୁ ଚିହ୍ନିତ ହୋଇଅଛି। ସମ୍ରାଟ ହୁମାୟୁନଙ୍କୁ ରାଣୀ କର୍ଣ୍ଣାବତୀଙ୍କ ରାଖୀବନ୍ଧନ ରାଖୀ ପୂର୍ଣ୍ଣିମା ଉପରେ ଗୁରୁତ୍ୱାରୋପ କରିଥାଏ।
**ଦେବୀସ୍ମିତା ପ୍ରିୟଦର୍ଶିନୀ ମୁର୍ମୁ, ବାରିପଦା**

ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ। ରାଖୀ ପୂର୍ଣ୍ଣିମା ଅବସରରେ ସମସ୍ତ ଭାଇମାନେ ଜାଣନ୍ତୁ ଯେ, ଭଉଣୀମାନେ ଯେପରି ରାଖୀ ବାନ୍ଧି ଭଗବାନଙ୍କ ନିକଟରେ ଭାଇମାନଙ୍କ ପାଇଁ ଶୁଭ ମନାସୁଛନ୍ତି ସେହିପରି ସଂକଳ୍ପବଦ୍ଧ ହୁଅନ୍ତୁ ଯେପରି ଆଜିର ଝିଅ ଆସନ୍ତା ଭବିଷ୍ୟତରେ ମା'ଟିଏ ହୋଇ ଦେଶ ରକ୍ଷା କରିବ।
**ଗାୟତ୍ରୀ ମିଶ୍ର, ପିପିଲି, ପୁରୀ**

ଆମ ଓଡ଼ିଆମାନେ ୧୨ ମାସରେ ୧୩ ପର୍ବ ପାଳନ କରନ୍ତି। ସେହି ମଧ୍ୟରୁ ରାଖୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ ଅନ୍ୟତମ। ଏହା ଶ୍ରାବଣ ମାସ ପୂର୍ଣ୍ଣିମା ଦିନ ପାଳନ କରାଯିବାରୁ ଏହାକୁ ଶ୍ରାବଣ ପୂର୍ଣ୍ଣିମା କୁହାଯାଏ। ଏହି ପର୍ବକୁ ସମଗ୍ର ଭାରତ ବର୍ଷ ପାଳନ କରନ୍ତି। ରାଖୀ ପୂର୍ଣ୍ଣିମା ହେଉଛି ପ୍ରେମ, ତ୍ୟାଗ ଓ କର୍ତ୍ତବ୍ୟର ପର୍ବ। ଏହି ପର୍ବ ପାଳନ କରିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ଥିବା ସମ୍ପର୍କଟି ଦୃଢ଼ ହୋଇଥାଏ। ଏହି ଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହାକୁ ଗହ୍ମା ପୂର୍ଣ୍ଣିମା ମଧ୍ୟ କୁହାଯାଏ।
**ବିଭୁପଦ ସ୍ୱାଇଁ, ବାଗଡ଼ିଆ କଲୋନୀ, ମୟୂରଭଞ୍ଜ**

ଭାଇ ଓ ଭଉଣୀର ସମ୍ପର୍କ ଯେଉଁଥିରେ ନିଃସ୍ୱାର୍ଥ ଭଲପାଇବା, ସ୍ନେହ ରହିଥାଏ। ଏ ସମ୍ପର୍କ ବିଷୟରେ କେବେବି କାଗଜ କଲମରେ ସମ୍ପୂର୍ଣ୍ଣ ରୂପେ ଲେଖାଯାଇ ନ ପାରେ। ଇଏ ଏପରି ସମ୍ପର୍କ ଯାହାକି ରକ୍ତର ସମ୍ପର୍କର ହୋଇପାରେ କିମ୍ବା ନ ହୋଇପାରେ କିନ୍ତୁ ଏ ସମ୍ପର୍କ ହେଉଛି ହୃଦୟର। ଜୀବନର ପ୍ରତ୍ୟେକ କ୍ଷଣରେ ପ୍ରତ୍ୟେକ ଅସୁବିଧାରେ ଜଣେ ଭାଇ ତା' ଭଉଣୀ ପାଇଁ ଏବଂ ଜଣେ ଭଉଣୀ ତା' ଭାଇ ପାଇଁ ଛିଡ଼ା ହୋଇଥାଏ।
**Mukteswar Jena, Bari, Jajpur**

ଯୁଗ ଯୁଗ ଧରି ଭ୍ରାତା ଭଗିନୀଙ୍କ ଅନାବିଳ ଶ୍ରଦ୍ଧା ଏବଂ ସୁରକ୍ଷାର ଅପୂର୍ବ ନିଦର୍ଶନ ରାଖୀ। ସେହି ସୁଯୋଗ୍ୟ କରୋନା କର୍ମବୀରମାନଙ୍କୁ ସମର୍ପିତ ଯେଉଁମାନେ ରକ୍ଷାକବଚ ସାଜି ତଥା ଦିନରାତି ଅଦମ୍ୟ ପରିଶ୍ରମ କରି ବିଶ୍ୱବାସୀଙ୍କୁ ମହାମାରୀର ପ୍ରାଦୁର୍ଭାବରୁ ବଞ୍ଚାଇ ରକ୍ଷାବନ୍ଧନର ପ୍ରକୃତ ମୂଲ୍ୟବୋଧର ପରିଚୟ ଦେଇଛନ୍ତି।
**ସ୍ୱାତୀ ମହାନ୍ତି, ଟଙ୍କପାଣି ରୋଡ୍, ଭୁବନେଶ୍ୱର**

ରକ୍ଷାବନ୍ଧନ ବା ରାଖୀ ପୂର୍ଣ୍ଣିମା ଆସେ ଆଉ ଯାଏ। ମାତ୍ର ଏଠାରେ ସ୍ମରଣ କରାଇ ଦିଆଯାଇପାରେ ଯେ, କିଏ ପରୋକ୍ଷରେ ଭଉଣୀ-ଭାଇ ହାତରେ ରାଖୀବାନ୍ଧି ଉଭୟେ ଖୁସି ଅନୁଭବ କରୁଥିବାବେଳେ ପ୍ରତ୍ୟକ୍ଷରେ ମଧ୍ୟ ଭଉଣୀ ତା' ଭାଇ ହାତରେ ରାଖୀ ବାନ୍ଧି ରାଖୀ ପୂର୍ଣ୍ଣିମା ପାଳନ କରିଥାନ୍ତି। ମାତ୍ର ଭଲମନ୍ଦରେ ଭଉଣୀର ଗାର୍ଡପରି ରହିଥାଏ ଭାଇ।
**ଅକ୍ଷୟ କୁମାର ମହାନ୍ତି, ୟୁନିଟ୍-୬, ଗଙ୍ଗାନଗର**

ଅତୁଟ ବନ୍ଧନ ଏ ରାଖୀର ପର୍ବ ଭାଇଭଉଣୀର ଏ ତ ପବିତ୍ର ଡୋର। ସୁରକ୍ଷା କାମନା କରେ ଭଉଣୀ, ଯୁଗେ ଯୁଗେ ରହେ ଏ କାହାଣୀ। ସମ୍ପର୍କ ଡୋରିରେ ବାନ୍ଧି ରଖିଥାଏ, ଭଉଣୀ ମୋର ସାରା ଜୀବନେ।
**ସ୍ମୃତିରଞ୍ଜନ ନାୟକ, ବାଲିଚନ୍ଦ୍ରପୁର, କଟକ**

ରାଖୀ ସାମାନ୍ୟ ଏକ ସୂତାର ଡୋରି ନୁହେଁ ବରଂ ଭାଇଭଉଣୀ ସମ୍ପର୍କର ଅଟେ ଏକ ମୂକସାକ୍ଷୀ। ମନେପକାଇ ଦିଏ ଭାଇକୁ ପ୍ରତ୍ୟେକ ବିପତ୍ତିରେ ଭଉଣୀକୁ ସୁରକ୍ଷାଦେବା ଯେ ତା'ର ଗୁରୁଦାୟିତ୍ୱ। ବିବାଦ ସମୟରେ ଢାଲ ଭଳି ଛିଡ଼ା ହେବା ଯେ ତା'ର କର୍ତ୍ତବ୍ୟ, ଏହା ସୂଚାଇ ଦିଏ ଏହି ପବିତ୍ର ରକ୍ଷା ବନ୍ଧନର ପର୍ବ।
**Ananya Prusty, Jajpur Town**

ରାଖୀ ବନ୍ଧନର ଅଲୌକିକ ଶକ୍ତି ଭାଇଭଉଣୀ ସମ୍ପର୍କର ଡୋରିକୁ ସୁଦୃଢ଼ କରିଥାଏ। ରାଖୀ ବନ୍ଧନର ସ୍ୱଚ୍ଛ ଚିନ୍ତାଧାରା ଭାଇଭଉଣୀ ସମ୍ପର୍କକୁ ଚିର ସବୁଜ କରିଥାଏ। ରାଖୀ ବନ୍ଧନର ପ୍ରତିବଦ୍ଧତା ଭାଇଭଉଣୀ ଜୀବନରେ ସୁରକ୍ଷା କବଚ ପ୍ରଦାନ କରିଥାଏ, ରାଖୀ ବନ୍ଧନର ଆଧ୍ୟାତ୍ମିକ ଭାବନା ଭାଇଭଉଣୀ ସମ୍ପର୍କରେ ଭକ୍ତି ଓ ଶ୍ରଦ୍ଧା ସୃଷ୍ଟି କରିଥାଏ।
**ହର୍ଷୋଲ୍ଲାସ ଦାସ, ଛେଣ୍ଡ କଲୋନୀ, ରାଉରକେଲା**

ଭାଇଭଉଣୀର ଅତୁଟ ପ୍ରେମ ଓ ଅନାବିଳ ସ୍ନେହର ପ୍ରତୀକ ହେଉଛି ରାଖୀ ପୂର୍ଣ୍ଣିମା। ଆଜିକାଲି ଡାକରେ ଚକୋଲେଟ୍ ଆଉ ରାଖୀ ଆସି ପହଞ୍ଚିଲେ ଅଧରରୁ ସ୍ୱତଃସ୍ଫୂର୍ତ୍ତ ଭାବେ ନିଃସୃତ ହେଉଛି ''ଆମ ଓଡ଼ିଆ, ଭାରି ବଢ଼ିଆ''। ତେଣୁ ଆମେ ହିଁ ସେହି ଶେଷ ପିଢ଼ି ଯେଉଁମାନେ କି ରାଖୀ ପୂର୍ଣ୍ଣିମାର ମହତ,ଭ୍ରାତୃ ଭଗ୍ନୀ ସମ୍ପର୍କକୁ ବଜାୟ ରଖିବାକୁ ଶତଚେଷ୍ଟିତ ହେବା।
**କାଜୋଲ ସିଂ, ବାଲିଅନ୍ତା, ଭୁବନେଶ୍ୱର**

ଅପେକ୍ଷା ତା' ହାତରୁ ବଡ଼ ରସଗୋଲା ଖାଇ ରାଖୀ ପିନ୍ଧିବା। ସମସ୍ତଙ୍କର ଗେହ୍ଲୀ ମୋ ସୁନା ଭଉଣୀ ରାଖୀ ବାନ୍ଧିବା ପାଇଁ ଚାତକ ପରି ଥାଏ ଅପେକ୍ଷାରେ। ମରିବା ଯାଏଁ ମନେ ରହିଥାଏ ଅଭୁଲା ସ୍ମୃତି। ତା' ହସହସ ଓଠରୁ ମୋ ପାଉଣା ଶବ୍ଦ ଶୁଣି କେତେବେଳେ ହାତ ପ୍ୟାଣ୍ଟର ପଛପକେଟ ଭିତରକୁ ଚାଲିଯାଇ ଥାଏ ଜାଣିହୁଏନା।
**Biswabhusan Routaray, Madhuban, Puri**

ଭାବର ଡୋରିରେ ବନ୍ଧା କାଳେ କାଳେ ତମେତ
ଜଗତନାଥ
ଆମରି ମଥାରେ ରହିଥାଉ ସଦା
ତୁମରି ବରଦ ହାତ।
ରାଖୀ ପୂର୍ଣ୍ଣିମାରେ ତୁମ ପାଦ ତଳେ
ପ୍ରାର୍ଥନା କରୁ ସାଇଁ
ଜଗତ ଜନଙ୍କ ଦୁର୍ଦ୍ଦଶା ହର
ସୁରକ୍ଷା କବଚ ହୋଇ।
**ସଂଘମିତ୍ରା ଜେନା,ମର୍କତନଗର, କଟକ**

ଭାଇରେ ମୋର, ତତେ ଏଇ ପବିତ୍ର ଅବସରରେ ବାନ୍ଧୁଛି ରାଖୀ। ଦୁଃଖ ହଉ ବା ଖୁସି, ସଦାବେଳେ ତୁ ହବୁ ମୋ ସାଥୀ।
**Novita Mishra, Bhimatangi, BBSR**

ରାଖୀର ବନ୍ଧନ ଭଉଣୀର ମାନ
ରକ୍ଷା କରେ ଭାଇ ଦେଇ ତା' ଜୀବନ
ବିପଦରେ ଥିଲା ଦ୍ରୌପଦୀର ମାନ
ରକ୍ଷା କରିଥିଲେ କୃଷ୍ଣ ଭଗବାନ।
ଏଇ ସେଇ ରାଖୀ
ସେନେହର ସାକ୍ଷୀ
ରେଶମୀ ଡୋରରେ ଦୁଇଟି ମନ
ଭାଇ ଭଉଣୀର ନିଆରା ବନ୍ଧନ
ବାନ୍ଧି ରଖିଥାଏ ସାରା ଜୀବନ।
**ସୁନୀଲ ପ୍ରଧାନ, ବିଞ୍ଝଣାବାଟୀ, କାନପୁର**

ଏଇ ସେଇ ରାଖୀ
ସେନେହର ସାକ୍ଷୀ
ରେଶମୀ ଡୋରରେ ଦୁଇଟି ମନ
ବାନ୍ଧି ରଖିଥାଏ ସାରା ଜୀବନ।

**ଗୋବିନ୍ଦ ସାହୁ , ଗୁରୁଜଙ୍ଗ, ଖୋର୍ଦ୍ଧା**

---

ଭାଇ ଭଉଣୀର ସମ୍ପର୍କ ଯୁଗଯୁଗର। ଜନ୍ମଜନ୍ମାନ୍ତର ଭାଇ ଭଉଣୀର ସମ୍ପର୍କ ଅତୁଟ ରହିଥାଏ। ଜୀବନର ପ୍ରତି ମୁହୂର୍ତ୍ତରେ ଭାଇଭଉଣୀର ଶୁଭ ମନାସି ତାକୁ ସୁରକ୍ଷା ଦେଇଆସିଥାଏ। ସେହି ତେଣୁ ଭଉଣୀ ପ୍ରତିବର୍ଷ ଭାଇ ହାତରେ ରାଖୀ ବାନ୍ଧିଥାଏ।

**ଶୁଭଲକ୍ଷ୍ମୀ ଦୀପ୍ତିମୟୀ ମହାନ୍ତ, ବନ୍ତ, ଭଦ୍ରକ**

---

ରେଶମୀ ଡୋର ତୋ ଅମୂଲ ମୂଲ
କିଏ ହେବ ସତେ ତୋହରି ତୁଲ।
ହାତେ ବାନ୍ଧିଥିବ ମୋ କୁନିଭାଇ
ଆଶାଭରସା ସେ ଭଉଣୀ ପାଇଁ।
ମିଠା ମିଠା କଥା ତା'ଠୁ ଶୁଣି
ଦୁଃଖ ଭୁଲି ଯାଏ ଗେହ୍ଲୀ ଭଉଣୀ।
ଜୀବନରେ ସଦା ହସୁ ସେ ଥାଉ
ସହାୟ ହୁଅନ୍ତୁ ସେ ମହାବାହୁ।

**Bhumi, Rasulgarh**

---

ଆମ ଭାରତବର୍ଷରେ ୧୨ ମାସରେ ତେର ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ କୁହାଯାଏ। ଏହି ଦିନ ଭଉଣୀ ତା'ର ଭାଇ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ଭାଇ ମଧ ଭଉଣୀର ରକ୍ଷାକବଚ ସାଜିଥାଏ। ଭାଇ ତା' ଭଉଣୀକୁ ଟଙ୍କା ଓ ତା'ର ମନପସନ୍ଦ ଉପହାର ଦିଏ।

**ସାରଦା ପାତ୍ର, ଭୀମଟାଙ୍ଗି, ଭୁବନେଶ୍ୱର**

---

ସେନେହ ସୂତାରେ ମମତାର ମାଳି, ଦେଉଛି ବାନ୍ଧି ମୁଁ ହାତରେ ଡୋର, ମନେ ରଖିଥିବୁ ଭୁଲି ନ ଯିବୁ, ରେଶମୀ ଡୋରକୁ ନ କରି ପର। ରକ୍ଷାବନ୍ଧନ ହିନ୍ଦୁ ଧର୍ମର ପ୍ରମୁଖ ପର୍ବ। ଶ୍ରାବଣ ପୂର୍ଣ୍ଣିମାରେ ଏହି ପର୍ବ ପାଳନ କରାଯାଏ। ଏହିଦିନ ସବୁ ଭଉଣୀ ଭାଇମାନଙ୍କୁ ରାଖୀ ବାନ୍ଧି କୁଶଳତା କାମନା କରନ୍ତି।

**ଗାୟତ୍ରୀ ମଲ୍ଲିକ, ଭୁବନେଶ୍ୱର, ଓଲ୍ଡଟାଉନ**

---

ପିଲାଦିନର ସ୍ମୃତିର ପର୍ବ ହେଉଛି ରାଖୀ। ସବୁରିଙ୍କ ଖୁସିର ଉପହାର ହେଉଛି ରାଖୀ। ଶିକ୍ଷାର ମିଠାର ଆଭାସ ହେଉଛି ରାଖୀ। ଭାଇ ଭଉଣୀର ପରସ୍ପର ବିଶ୍ୱାସ ହିଁ ରାଖୀ। ହୃଦୟ ଶାନ୍ତି ଏବଂ ମିଠାର ଆବେଗ ହିଁ ରାଖୀ। ଶବ୍ଦର ନୁହେଁ ପବିତ୍ର ହୃଦୟର ବାଣୀ ହେଉଛି ରାଖୀ।

**ସ୍ନେହଶିଳା ସାହୁ, ଅଠାନ୍ତର, ଖୋର୍ଦ୍ଧା**

---

ଭାଇ ଆଉ ଭଉଣୀ ଭଲ ପାଇବାରେ, ଏତିକି ଅନ୍ତର ହୋଇଥାଏ, ଯିଏ କନ୍ଦେଇ ପୁଣି ମନେଇଦିଏ, ସେ ହେଉଛି ଭାଇ। ଆଉ ଯିଏ କନ୍ଦେଇଲା ପରେ ନିଜେ କାନ୍ଦେ ସେ ହେଉଛି ଭଉଣୀ। ଭାଇ ଲଢ଼ିଥାଏ, ଝଗଡ଼ା କରିଥାଏ ଭଉଣୀକୁ ହଇରାଣ କରିଥାଏ ହେଲେ ଭଉଣୀ ଯେବେ ଦୂରକୁ ଚାଲିଯାଏ ସେ ଭାଇ ହିଁ ସବୁଠୁ ଅଧିକ କାନ୍ଦିଥାଏ। ଗୋଟିଏ ଭାଇ ତା' ଭଉଣୀକୁ କନ୍ଦେଇ ପରେ ଭଉଣୀ ଆଖିରେ ଲୁହ ଝରିଲେ ସେ ସହି ପାରେନି।

**ରାଧାମଣି ପାତ୍ର, ଗୋପାଳପୁର, ବାଲେଶ୍ୱର**

---

କୀର୍ତ୍ତି କିରିଟିନୀ ଭାରତବର୍ଷରେ ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ମୁଁ ସମସ୍ତ ଭାରତବାସୀଙ୍କୁ ଶୁଭେଚ୍ଛା ଓ ପ୍ରଣାମ ଜଣାଉଛି। ରାଖୀ ପୂର୍ଣ୍ଣିମା ହେଉଛି ପ୍ରେମ, ତ୍ୟାଗ ଓ କର୍ତ୍ତବ୍ୟର ପର୍ବ। ଏହି ପର୍ବ ପାଳନ ଦ୍ୱାରା ଭାଇ ଓ ଭଉଣୀର ସମ୍ପର୍କ ଦୃଢ଼ ହୋଇଥାଏ ଏବଂ ଭାଇ ଭଉଣୀର ରକ୍ଷାକବଚ ସାଜିଥାଏ। ବର୍ତ୍ତମାନ ସାରାବିଶ୍ୱରେ ଦୁଷ୍କର୍ମ ଚାଲିଛି, ଯଦ୍ଦ୍ୱାରା ଭାଇ ଓ ଭଉଣୀର ପବିତ୍ର ସମ୍ପର୍କରେ କଳଙ୍କ ଲାଗିଯାଉଛି। ଦୟାକରି ଏହାର ବିରୋଧ କରିବା ସହ ସଚେତନ କରାଇ ଦରକାର ପଡ଼ିଲେ ନାରୀମାନେ ଦୁର୍ଗା ସାଜି ଏହାର ସଂହାର କରନ୍ତୁ। ଏହା ହିଁ ମୋର ପ୍ରାର୍ଥନା।

**ଶୁଭଜ୍ୟୋସ୍ନା ସାହୁ, ବାଳକାଟୀ, ଭୁବନେଶ୍ୱର**

---

ରାଖୀ ଭାଇ ଭଉଣୀର ସ୍ନେହ ଓ ଶ୍ରଦ୍ଧାର ଏକ ସୁନ୍ଦର ସେତୁ। ଏହି ଛୋଟ ଡୋରିରେ ରହିଥାଏ ଭଉଣୀର ଭାଇ ପ୍ରତି ସ୍ନେହ ଓ ସମ୍ମାନ। ଦୀର୍ଘାୟୁ ଓ ମଙ୍ଗଳ କାମନା ସହ ଭଉଣୀ ଭାଇ ଠାରୁ ମାଗି ବସେ ଜୀବନଯାକର ସୁରକ୍ଷା। ରାଖୀ ବାନ୍ଧି ସାରି ଭାଇର ଶୁଭ ମନାସେ।

**ରାଜେନ୍ଦ୍ର କୁମାର ପଣ୍ଡା, ତୁଳସୀପୁର, କଟକ**

---

ସିନ୍ଦୂରକୁ ଚନ୍ଦନ ମମତାର ବନ୍ଧନ, ଭାଇ ସାଥେ ଭଉଣୀର ସ୍ନେହର ମିଳନ, ରାଖୀ ପୂର୍ଣ୍ଣିମାରେ ଝୁରେ ଭଉଣୀ ମନ, ଭାଇ ଆଣିଦେବ ପୁରୁଣା ଦିନ।

**ଗଙ୍ଗାଧର ବେହେରା, ଅଲିଶା ବଜାର, କଟକ**

---

ଶ୍ରଦ୍ଧା, ସ୍ନେହ, ପ୍ରେମ ଆଉ ଆଶୀର୍ବାଦରେ ଭରା ଏ ସମ୍ପର୍କ। ଆବିଳତା ନାହିଁ ଯେଉଁ ସମ୍ପର୍କରେ, ଏହି ସେ ସମ୍ପର୍କ। ଏହା ସାମାନ୍ୟ ଡୋରି ନୁହେଁ, ଏହା ହେଉଛି ରକ୍ଷାକବଚ, ଯାହା ଭଉଣୀ ଭାଇ ହାତରେ, ବାନ୍ଧିଦିଏ ତା'ର ଦୀର୍ଘାୟୁ କାମନା କରି। ଏପଟେ ଭାଇ ଛିଡ଼ା ହୋଇଥାଏ ଦେଶ ସୀମାରେ ଅଚଳ ପର୍ବତ ହୋଇ-ଦେଶର ଅସଂଖ୍ୟ ଭଉଣୀଙ୍କର ସିମନ୍ତର ସିନ୍ଦୂର, ଲଜ୍ଜା ଓ ଜୀବନର ରକ୍ଷା କରିବା ପାଇଁ।

**ଗୋପାଲୀ ଚାଟାର୍ଜୀ, ନୂଆଖରିଆରପୁଲି, ବରଗଡ**

---

Raksha Bandhan is symbolic of the special bond between brothers & sisters. Siblings stand by each other through good & bad times. Its a festival of promise. A promise to protect care and love. Wish you all a happy Rakha Bandhan.

**Anushka Ghosal, Sarala Brundaban bihar, Sambalpur**

---

ସେନେହ ସୂତାରେ ମମତାର ମାଳି ଦେଉଛି ବାନ୍ଧି ମୁଁ ହାତରେ ଡୋର, ମନେ ରଖିଥିବୁ ଭୁଲି ନ ଯିବୁ ରେଶମୀ ଡୋରକୁ ନ କରି ପର, ଏହି ବାର୍ତ୍ତାରେ ମୁଁ ସମସ୍ତ ଭାଇମାନଙ୍କୁ ନିବେଦନ କରୁଅଛି ଯେ, ସମସ୍ତ ମା' ଓ ଭଉଣୀମାନଙ୍କୁ ସୁରକ୍ଷା ଦେବା ଆପଣମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ବୋଲି ଭାବିବେ। ନାରୀ ହସିଲେ ଏ ଦେଶ ହସିବ।

**ସାଇଶ୍ରୀ ସତ୍ୟରୂପା ତ୍ରିପାଠୀ, ନୟାଗଡ଼**

---

ଶ୍ରାବଣ ମାସ ପୂର୍ଣ୍ଣିମାରେ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଏ। ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ଭାଇର ମଙ୍ଗଳ କାମନା କରିଥାଏ। ମୋ ଭଉଣୀ ହାତରୁ ରାଖୀ ବାନ୍ଧି ମୁଁ ଗର୍ବିତ। ତା'ର ଆଜୀବନ ସୁରକ୍ଷା ପାଇଁ ମୁଁ ପ୍ରତିଶ୍ରୁତି ଦେଇ ଆସୁଛି। ଭବିଷ୍ୟତରେ ଭାଇର କର୍ତ୍ତବ୍ୟ ପାଳନ କରିବି ବୋଲି ଦୃଢ଼ ମନସ୍ଥ କରିଛି।

**ଆୟୁଷ୍ମାନ ଦଣ୍ଡପାଟ,ସିଂହଟିଆ, ମୟୂରଭଞ୍ଜ,**

---

ଯେଉଁ ବନ୍ଧନରେ ଥାଏ ସ୍ନେହ, ମମତା ଓ ପବିତ୍ରତା, ଯେଉଁ ବନ୍ଧନରେ ଥାଏ ପ୍ରତିଶ୍ରୁତି ଓ ନିଃସ୍ୱାର୍ଥପରତା, ଯେଉଁ ବନ୍ଧନରେ ଥାଏ ତ୍ୟାଗ, ସେବା, ଭକ୍ତି ଓ ଶ୍ରଦ୍ଧାର ବାରତା, ଯେଉଁ ବନ୍ଧନରେ ଥାଏ ଆତ୍ମୀୟତା ଓ ନିବିଡ଼ତା, ସେହି ଅତୁଟ, ଅମୂଲ୍ୟ, ଅଦ୍ୱିତୀୟ ବନ୍ଧନ ହିଁ ରାଖୀ।

**ମର୍ମସ୍ପର୍ଶୀ ଦାସ, ଛେଣ୍ଡ କଲୋନୀ, ରାଉରକେଲା**

---

Even though we fight, irritate, tense and make fun of each other a lot, I wouldn't trade it for the world. Cheers to our fun filled memories and a cherished bond of love and laughter, Happy Rakha Bandhan.

**Bhavna Dora Aerodrome Area, BBSR**

---

ଭାଇ ଓ ଭଉଣୀର ପବିତ୍ର ସମ୍ପର୍କର ସାକ୍ଷୀ ରାଖୀ। ଏହା ଓଡ଼ିଆ ମାସ ଅନୁସାରେ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପଡେ। ଏହି ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ବା ରାଖୀ ପୂର୍ଣ୍ଣିମା କୁହାଯାଏ। ଏହିଦିନ ଭଉଣୀ ଭାଇ ହାତରେ ସମ୍ପର୍କକୁ ମଜଭୁତ କରେ ଯେଉଁ ସମ୍ପର୍କରେ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଥାଏ। ଯେମିତି ଜଗନ୍ନାଥ ଓ ପ୍ରଭୁ ବଳଭଦ୍ର ତାଙ୍କ ସାଙ୍ଗରେ ଲକ୍ଷ୍ମୀଙ୍କୁ ନେଲେନି କିନ୍ତୁ ସୁଭଦ୍ରାଙ୍କୁ ରଥଯାତ୍ରାକୁ ନେଇଗଲେ କାରଣ ତାଙ୍କ ଭଉଣୀର କିଛି ଅସୁବିଧା ହେବ।

**ମଧୁସ୍ମିତା ବାରିକ, ଭୁବନେଶ୍ୱର**

---

ଚାରିଭାଇଙ୍କର ଆମେ ପାଞ୍ଚଟି ପୁଅ, ସାନ କକାଙ୍କର ଅଛି ଗୋଟିଏ ଝିଅ। ନାଆଁଟି ତା'ର ମୁଁ ଖୁସି ଦେଇଛି, ରାଖୀ ପୂନେଇଁରେ ମତେ ରାଖୀ ବାନ୍ଧୁଛି। କିଣିଦେବି ତା' ପାଇଁ ଜାମା, କଣ୍ଢେଇ ଝୁଲାରେ ଝୁଲିବ ମିଠେଇଖାଇ।

**ଅଂଶିଳା ପ୍ରିୟଦର୍ଶୀ ପଣ୍ଡା, ବରହମପୁର**

---

This, I tie, my brother, is a Rakhi, An epitomic thread of belief and confidence. Let it end all evil to womanhood, Prevail the world fraternity.

**Sri Manas Ranjan Besan, Bargarh**

---

This thread velvet, bears the fragrance, the most brized fragrance of tie, A tie to bind all sorority of womenhood with fraternity of entire manhood. I see, A divine thread of Rakhi, A belief.

**Arpita Sushree, Bargarh**

---

କୃଷ୍ଣ ଏବଂ କ୍ରିଷ୍ଣା, ଏ ରାଖୀର ସୃଜନୀରେ ଦୁଇଟି ଚରିତ୍ର, ଭାବ ଜଣେ, ଆରକଟି ଭକ୍ତି, ଜଣେ ତଥ୍ୟ, ଆଉ ଜଣେ ଭକ୍ତି, ସମ୍ପର୍କର ନିଗୂଢ଼ ବନ୍ଧନ, ସେହି ଲୁଗାଧଡ଼ି ସୂତ୍ର।

**ଅରୋଶିଷ ବେହେରା, ବରଗଡ଼**

---

ରାଖୀର ମୂଲ୍ୟ ଅମୂଲ୍ୟ। ଭଉଣୀମାନେ ଭାଇମାନଙ୍କୁ ରାଖୀ ପିନ୍ଧାଇଥାନ୍ତି। ପ୍ରତିବଦଳରେ ଭାଇମାନେ ଭଉଣୀମାନଙ୍କୁ ସମସ୍ତ ସଙ୍କଟରୁ ରକ୍ଷା କରିବା ନିମନ୍ତେ ସଂକଳ୍ପ କରିଥାନ୍ତି। ଏହି ରାଖୀ ପାଇଁ ରାଜା ପୁରୁ ସିକନ୍ଦରଙ୍କୁ ଯୁଦ୍ଧରେ ଜୀବନଦାନ ଦେଇ ସିକନ୍ଦରଙ୍କ ପତ୍ନୀଙ୍କ କଥା ରକ୍ଷା କରିଥିଲେ। ସମସ୍ତ ଭଉଣୀଙ୍କୁ ସୁରକ୍ଷା ଦେଲେ ସେମାନଙ୍କ ଜୀବନ ଆନନ୍ଦମୟ ହେବ ଏବଂ ରକ୍ଷାବନ୍ଧନର ଉଚିତ ମୂଲ୍ୟବୋଧ ପରିପ୍ରକାଶ ପାଇବ। ନାରୀ ସୁରକ୍ଷା ଏହି ପର୍ବର ମୂଳମନ୍ତ୍ର।

**ପୀତବାସ ତ୍ରିପାଠୀ, ବାଘମାରୀ, ଖୋର୍ଦ୍ଧା**

---

ଭାଇ ଭଉଣୀର ବନ୍ଧନ ଏ ରାଖୀ, ନୁହେଁ ଧାରେ ସୂତା ଖିଅ, ପ୍ରେମ ଅନାବିଳ, ସମ୍ପର୍କ ଶାଶ୍ୱତ, ଜଣେ ଆତ୍ମା, ଜଣେ ଦେହ।

**ରବୀନ୍ଦ୍ରନାଥ ବେହେରା, ବରଗଡ଼**

---

ଶ୍ରାବଣ ମାସ ପୂର୍ଣ୍ଣିମାରେ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଏ। ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ଭାଇର ମଙ୍ଗଳକାମନା କରିଥାଏ। ମୋ ଭଉଣୀ ହାତରୁ ରାଖୀ ବାନ୍ଧି ମୁଁ ଗର୍ବିତ। ତା'ର ଆଜୀବନ ସୁରକ୍ଷା ପାଇଁ ମୁଁ ପ୍ରତିଶ୍ରୁତି ଦେଇ ଆସୁଛି। ଭବିଷ୍ୟତରେ ଭାଇର କର୍ତ୍ତବ୍ୟ ପାଳନ କରିବି ବୋଲି ଦୃଢ଼ ମନସ୍ଥ କରିଛି।

**ଆୟୁଷ୍ମାନ ଦଣ୍ଡପାଟ, ସିଂହଟିଆ, ମୟୂରଭଞ୍ଜ**

---

କର୍ମକ୍ଳାନ୍ତ ଶ୍ରାନ୍ତ ଅବସାଦଗ୍ରସ୍ତ ମାନବ ଜୀବନରେ ମଧୁର ଆଶ୍ୱାସନା ସହ ପାରିବାରିକ ଏବଂ ସାମାଜିକ ଶାନ୍ତି ଶୃଙ୍ଖଳା ଭରିଦେଇ ଆନନ୍ଦ ବର୍ଦ୍ଧନ କରିଥାଏ ରକ୍ଷାବନ୍ଧନ ପର୍ବ। ପୌରାଣିକ ଐତିହ୍ୟ ଦୃଷ୍ଟିରୁ ଏହି ପର୍ବ ପାଳନ ଯେତିକି ଗୁରୁତ୍ୱପୂର୍ଣ୍ଣ ତା'ଠାରୁ ଅଧିକ ମୂଲ୍ୟବାନ ସାମାଜିକ ଏବଂ ପାରିବାରିକ ସଂହତି ବନ୍ଧନ ଦୃଢ଼ କରୁଥିବା ହେତୁ। ଭାରତବର୍ଷ ସମେତ ଦକ୍ଷିଣ ଏସିଆ ଅଞ୍ଚଳରେ ଶ୍ରାବଣ ମାସର ପୂର୍ଣ୍ଣିମା ତିଥିରେ ଗାଁରୁ ସହର ଯାଏ ପାଳିତ ହେଉଥିବା ପର୍ବ ହେଉଛି ରାଖୀ ପୂର୍ଣ୍ଣିମା।

**ବବିତା ନାୟକ, ବ୍ରହ୍ମଗିରି, ପୁରୀ**

---



ହଳଲଙ୍ଗଳକୁ ନିଜର ଆୟୁଧ ଭାବରେ ଗ୍ରହଣ କରିଥିବା ଶ୍ରୀବଳରାମଙ୍କ ଜନ୍ମଦିବସ। ଏହା ଏକ କୃଷିଭିତ୍ତିକ ପର୍ବ ଭାବରେ ଆଦୃତ ଥିଲା। ଗୋରୁଗାଈଙ୍କ ପୂଜନ, ଗହ୍ମାଡିଆ ପ୍ରତିଯୋଗିତା ଏବଂ ଘରେ ଘରେ ଏଣ୍ଡୁରି ଆଦି ପାରମ୍ପରିକ ପିଠା ଏହି ପର୍ବର ବୈଶିଷ୍ଟ୍ୟ ଥିଲା। ପରବର୍ତ୍ତୀ ସମୟରେ ରାଖୀବନ୍ଧନ ଉପରେ ଗୁରୁତ୍ୱ ବଢ଼ି ବଜାରରୁ କିଣାଯାଉଥିବା ରଙ୍ଗବେରଙ୍ଗର ବିଭିନ୍ନ ପ୍ରକାର ରାଖୀ ଏବଂ ସ୍ୱାଦିଷ୍ଟ ମିଠାର ବ୍ୟବହାର କରାଯାଉଛି। ଆଧୁନିକତା ପ୍ରଭାବରେ ପ୍ରାଚୀନ ପରମ୍ପରାକୁ ଭୁଲି, ଅପସଂସ୍କୃତିକୁ ପ୍ରଶ୍ରୟ ଦେଲେ ପର୍ବପାଳନର ସୁଖଦ ସ୍ୱାଦ ଅନୁଭବ କରିହେବ ନାହିଁ।

**କାଶୀନାଥ ନାୟକ, ବ୍ରହ୍ମଗିରି, ପୁରୀ**

---

ପୌରାଣିକ ତଥ୍ୟାନୁଯାୟୀ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ ବଳିରାଜାଙ୍କ ହାତରେ ରାଖୀ ବାନ୍ଧିଥିଲେ। ମୋଗଲ ରାଜତ୍ୱ ସମୟରେ ଭଉଣୀମାନେ ସମ୍ରାଟ ଆକବରଙ୍କ ପାଖକୁ ରାଖୀ ପଠାଇ ନାରୀଜାତିର ସୁରକ୍ଷା ପାଇଁ କାମନା କରୁଥିଲେ। ଏ ଯୁଗରେ ଭଉଣୀ ଭାଇର ହାତରେ ରାଖୀ ବାନ୍ଧି, ଶୁଭମନାସି ପବିତ୍ର ସମ୍ପର୍କର ଦିଗ୍‌ଦର୍ଶକ ହୋଇଥାଏ। ଏଣୁ ରାଖୀ ପୂର୍ଣ୍ଣିମା ସମ୍ପର୍କର ସାଥୀ।

**ଅଭିମନ୍ୟୁ ପଟେଲ, ଭାତଲଇଡ଼ା, ଝାରସୁଗୁଡା**

---

ଶ୍ରୀବଳଦେବଙ୍କ ପବିତ୍ର ଜନ୍ମଦିବସକୁ ରାଖୀ ବା ଗହ୍ମାପୂର୍ଣ୍ଣିମା ପର୍ବ ଭାବେ ପାଳନ୍ତି। ଭଉଣୀ ଭାଇ ହାତରେ ସୁରକ୍ଷା ଓ ମମତାର ବନ୍ଧନ ଡୋରି ହିଁ ରକ୍ଷାବନ୍ଧନ। ଓଡ଼ିଶାର କୃଷକ ବଳଦେବଙ୍କ ଆୟୁଧ ଲଙ୍ଗଳ ଓ ଗୋମାତାଙ୍କୁ ପୂଜା କରଥାନ୍ତି। ସମସ୍ତ ପ୍ରାଣୀ ଓ ପ୍ରକୃତିର ମିଳନ ଓ ସୁରକ୍ଷାର ଅତୁଟ ବନ୍ଧନର ପର୍ବ ରକ୍ଷାବନ୍ଧନ । ହିଂସୁକ ମାନବଜାତି ଜୀବଜଗତକୁ ନଷ୍ଟ ନ କରି ନିଜର କୁଟୁମ୍ବ ପରି ଚେତନାର ବାର୍ତ୍ତା ହେବ ମହତ ଲକ୍ଷ୍ୟ।

**ପାର୍ବତୀ ମଣି ମହାନ୍ତି, ରାଜ ନୀଳଗିରି, ବାଲେଶ୍ୱର**

---

କୋଟିକରେ ମୋର ଗୋଟିଏ ଭାଇ, ଅଜସ୍ର
ସ୍ନେହରେ ଭରି ଦିଅଇ ।
ସବୁ ଅଳି ମୋର ପୂରଣ କରଇ,
ଚଳନ୍ତି ଠାକୁର ସେ ମୋ ପାଇଁ।
ସେ ମୋ ମାତା, ସେ ମୋ ପିତା,
ସେ ମୋ ଗୁରୁ, ସେ ଭାଗ୍ୟ ବିଧାତା।
ସେ ମୋ ଜୀବନ ସାହାଭରସା,
ରାଖୀ ଦେବ ମୋ ତାକୁ ସୁରକ୍ଷା।

**ରଶ୍ମିରେଖା ନାୟକ, ମାନତୀରା, ଦାନଗଦି, ଯାଜପୁର**

---

Sending you a thread of love which will blind our heart and life & makes our bond of togetherness, stronger. In every phase of my life, you have always supported & love me. Thanks for extending support. Happy Rakhi purnima.

**Samekshya Sarangi, Rusulgarh**

---

ଭାଇ ଭଉଣୀର ସମ୍ପର୍କ ଅତି ପବିତ୍ର। ଏହି ଦିନ ଭାଇ ହାତରେ ଭଉଣୀ ରାଖୀ ପିନ୍ଧାଇ ଥାଏ ଏବଂ ଭାଇ ସାରା ଜୀବନ ଭଉଣୀର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହୋଇଥାଏ। ସମସ୍ତ ମା' ଓ ଭଉଣୀଙ୍କର ସୁରକ୍ଷା ଆମର ପରମ କର୍ତ୍ତବ୍ୟ । ଏହା ସେତେବେଳେ ସାକାର ହେବ, ଯେତେବେଳେ ସମାଜରୁ ନାରୀ ନିର୍ଯାତନା, ନାରୀ ବଳାତ୍କାର ଆଦି ସମ୍ପୂର୍ଣ୍ଣ ଲୋପ ହେବ । 'ସମୃଦ୍ଧ ନାରୀ, ସମୃଦ୍ଧ ସମାଜ ।'

**ତୃପ୍ତିମୟୀ ରଥ,ଦୁରୁଦୁରା, ନୟାଗଡ଼**

---

ପିତାମାତା ରୂପକ ନଦୀର ଦୁଇଟି ଅମୃତ ଧାର ଭାଇ ଓ ଭଉଣୀ । ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଜଣେ ଅନ୍ୟ ଜଣକ ବିନା ଅସମ୍ପୂର୍ଣ୍ଣ। ଏହି ସମ୍ପର୍କର ମଧୁରତାରୁ ସୃଷ୍ଟି ରକ୍ଷାବନ୍ଧନ । ଅଗ୍ନିରୁ ସମ୍ଭବା ଦ୍ରୌପଦୀ ଏହି ବନ୍ଧନର ସୃଷ୍ଟିକର୍ତ୍ତ୍ରୀ। ସେ ପ୍ରଭୁ ଶ୍ରୀକୃଷ୍ଣଙ୍କ କଟିଯାଇଥିବା ଅଙ୍ଗୁଳିରେ ନିଜ ପିନ୍ଧାବସ୍ତ୍ରକୁ ଚିରି ବାନ୍ଧି ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ଭଗବାନ ଶ୍ରୀକୃଷ୍ଣ କୋଟିବସ୍ତ୍ର ଦେଇ ତାଙ୍କ ଲଜ୍ଜା ରକ୍ଷା କରିଥିଲେ । ଯାହା ଆଜି ରକ୍ଷାବନ୍ଧନ ରୂପେ ପାଳିତ ହେଉଅଛି ।

**ଶୁଭଶ୍ରୀ ମହାପାତ୍ର, ବେଗୁନିଆ, ଖୋର୍ଦ୍ଧା**

---

'ରକ୍ଷାବନ୍ଧନ'= ରକ୍ଷା(ସୁରକ୍ଷା), ବନ୍ଧନ (ଶପଥ), ତ୍ୟାଗ, କର୍ତ୍ତବ୍ୟ, ଭଲପାଇବାର ପବିତ୍ର ବନ୍ଧନ । ରାଖୀ କେବଳ ଗୋଟେ ସୂତା ନୁହେଁ, ଏହା ହେଉଛି ଭାଇଭଉଣୀ ସମ୍ପର୍କର ମୂକସାକ୍ଷୀ। ତେଣୁ ରାଖୀ ପୂର୍ଣ୍ଣିମା ଦିନରେ ଭାଇ ଯିଏ କି ଏକ ଭଉଣୀର ବଳ, ସେଇ ଭାଇ ହାତରେ ରାଖୀ ବନ୍ଧାଯାଇ ଜୀବନଯାକ ପାଇଁ ସୁରକ୍ଷାର ଶପଥ ନିଆଯାଏ ଏବଂ ଭଉଣୀ ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରେ। ଭାଇ ଭଉଣୀ ପବିତ୍ର ସମ୍ପର୍କର ପର୍ବଟିଏ 'ରାଖୀ ପୂର୍ଣ୍ଣମୀ '।

**ନମିତା ଦାସ, ଛଇତନା, ପୁରୀ**

---

ସେନେହ ମମତାକୁ ଏକାଠି କରି ମୋ ଦୀର୍ଘାୟୁ କାମନା କରି ମୋ ସୁନାଭଉଣୀ ବାନ୍ଧିଲା ରାଖୀ, ରାଖୀ ନୁହେଁ ଏ ମମତାର ଡୋରି । ତୁ ମୋର ହସ ଲୁହ, ତୁ ମୋର ସମ୍ପତ୍ତି, ତୁ ମୋର ଜୀବନର ପୁଣ୍ୟ, ତୋ ଠାରୁ କେହିନାହିଁ ନିଜର, ତୋ ପାଖେ ଅଛି ତୋ ସୁନାଭାଇ, ତୋ ସ୍ନେହକୁ ରଖିଥିବି ସବୁଦିନ ସାଇତି ।

**ଲିଙ୍ଗରାଜ ପାତ୍ର, ଲିଙ୍ଗରାଜ ନଗର, ଭୁବନେଶ୍ୱର**

---

କେଡ଼େ ପବିତ୍ର ଏ ରାଖୀ ପୂର୍ଣ୍ଣିମା ବଳଦେବ ଜୀଉଙ୍କ ଜନ୍ମଦିନ । ସାରା ଭାରତର ଭାଇଭଉଣୀଙ୍କୁ ଦେଇଛି ଶୁଭେଚ୍ଛା ବାର୍ତ୍ତା ଏହି ଦିନ। ରାଖୀ ହେଉଛି ଭାଇଭଉଣୀର ପରବ ସ୍ନେହର। ଭାଇର ଶୁଭ ମନାସି ରାଖୀ ପିନ୍ଧେଇ ଭଉଣୀ କହେ ବିପଦ ଆପଦେ କେବେ କରିବୁନି ମତେ ପର। ଭାଇଭଉଣୀର ଭାବର ଡୋର ଅତୁଟ ବନ୍ଧନ ଏ ରାଖୀ ଆଜି ବି ଅଛି, କାଲି ବି ଥିଲା, ଯୁଗଯୁଗ ରହିବ ସମୟ ସାକ୍ଷୀ ।

**ମନୀଷା ପ୍ରଧାନ, ବେଲପାହାଡ଼, ଝାରସୁଗୁଡ଼ା**

---

ରାଖୀ ପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା । ଯେପରି ମଞ୍ଜି ପୋତିଦେଲେ ଗଛ ମାଟି ଫଟେଇ ଆପେ ବାହାରେ, ସେହି ଭଳି ଭାଇ ଓ ଭଉଣୀର ସମ୍ପର୍କ ଆପେ ଗଢ଼ିଉଠେ । ଏହି ସମ୍ପର୍କକୁ ବର୍ଣ୍ଣନା କରିବା ପାଇଁ ସାରା ସଂସାରରେ କୌଣସି ଶବ୍ଦ ନାହିଁ । ଏହି ସମ୍ପର୍କ ସର୍ବଦା ଅତୁଟ ରହୁ ।

**ସ୍ୱପ୍ନାସାଗରୀ ମହାପାତ୍ର, ଯାଆଁଳା, ଖୋର୍ଦ୍ଧା**

---

ରାଖୀ ପୂର୍ଣ୍ଣିମା ଏମିତି ଏକ ଦିନ, ଯେଉଁ ଦିନ ଭଉଣୀ ତା' ଭାଇ ହାତରେ ରାଖୀ ବାନ୍ଧିଥାଏ ଏବଂ ତା' ଭାଇର ଲମ୍ବା ଆୟୁଷ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥାଏ । ଭାଇ ମଧ ଭଉଣୀର ରକ୍ଷାକବଚ ସାଜି ତାକୁ ସବୁ ବିପଦରୁ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥାଏ ।

**ଅର୍ପିତା ପଣ୍ଡା, ରାହାମା**

---

ଶ୍ରାବଣ ପୂର୍ଣ୍ଣମୀରେ ରାଖୀ ପର୍ବ ଭାଇ ଓ ଭଉଣୀର ପବିତ୍ର ସମ୍ପର୍କର ସାକ୍ଷୀ। ରାଖୀ ପୂର୍ଣ୍ଣିମାରେ ଭଉଣୀ ଭାଇର ମଥାରେ ତିଳକ ଲଗାଇ ପୂଜା କରି ଲମ୍ବା ଆୟୁଷ କାମନା କରିଥାଏ। ଭାଇ ମଧ ରକ୍ଷାକବଚ ସାଜିଥାଏ। ପ୍ରେମ, ତ୍ୟାଗ ଓ କର୍ତ୍ତବ୍ୟର ପର୍ବଟି ପାଳନ ହୋଇଥାଏ । ଏହି ଦିନ ଭଗବାନ ବଳରାମଙ୍କ ଜନ୍ମ ହୋଇଥିବାରୁ ଏହାକୁ ଗହ୍ମାପୂର୍ଣ୍ଣମୀ କୁହାଯାଏ ।

**ସ୍ୱର୍ଣ୍ଣପ୍ରଭା ରଣା, ସୋର, ବାଲେଶ୍ୱର**

---

ରକ୍ଷାବନ୍ଧନ ଶୁଭପ୍ରତୀକ ଅଟେ। ବିଶ୍ୱାସ, ସମ୍ମାନ ଏବଂ ସ୍ନେହରେ ଭାଇ ହାତରେ ଭଉଣୀ ରକ୍ଷାସୂତ୍ର ବାନ୍ଧିଥାଏ ଏବଂ ଭଉଣୀର ଭାଇ ରକ୍ଷାକବଚ ପାଲଟିଥାଏ । ମହାଭାରତରେ ରାଖୀ ପୂର୍ଣ୍ଣିମା ଦିନ ଦ୍ରୌପଦୀ କୃଷ୍ଣଙ୍କ କାଣୀ ଆଙ୍ଗୁଠିରେ ଶାଢି କାନି ବାନ୍ଧିଥିଲେ । ସେହି ଭାଇ ରୂପୀ କୃଷ୍ଣ ତାଙ୍କୁ କୁରୁସଭାସ୍ଥଳ ବିପଦରୁ ଲଜ୍ଜା ନିବାରଣ କରିଥିଲେ, ଯାହାକି ଲଜ୍ଜା ନାରୀର ଅବଗୁଣ୍ଠନ ସମ୍ପତ୍ତି। ସ୍ନେହ, ମମତା ତଥା ରକ୍ଷାକର୍ତ୍ତା ଭାଇଭଉଣୀର ଏ ପର୍ବଟି ସ୍ୱତନ୍ତ୍ର ।

**ରଶ୍ମିକାନ୍ତ ପାଣି, ବାଲେଶ୍ୱର, ସଦର**

---

ନାରୀ ହେଉଛି ସୃଷ୍ଟିର ଦ୍ୱିତୀୟ ଅବତାର। ନାରୀ ସମ୍ମାନ ଓ ସୁରକ୍ଷା ପାଇଁ ଯେପରି ବାପା, ମା' ଛୋଟରୁ ବଡ଼ ପର୍ଯ୍ୟନ୍ତ ପାଳନ କରିଥାନ୍ତି, ସେପରି ସମ୍ମାନ ପାଇଁ ଭାଇ ତା'ର ଆବଶ୍ୟକ ଅଟେ। ଏଣୁ ଏହି ରାଖୀ ପୂର୍ଣ୍ଣିମାରେ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ ସମସ୍ତ ନାରୀ ସମ୍ମାନ ରକ୍ଷା କରିବା ପାଇଁ ଶପଥ ନେବା । ଏହି ଉପଲକ୍ଷେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।

**ରଞ୍ଜିତା ଦାସ, ଅପର୍ତ୍ତିବିନ୍ଧା, ଭଦ୍ରକ**

---

ଆମ ଦେଶର ଏହି ଅମୃତଝରା ମାଟିରେ ସର୍ବଦା ବିଭିନ୍ନତାରେ ଏକତା ଝଲସୁଥାଏ । ବିଭିନ୍ନ ପର୍ବର ମହକରେ ସୁଗନ୍ଧିତ ହୁଏ ଆମ ଜୀବନ । ରାଖୀ ପୂର୍ଣ୍ଣିମା ଏମିତି ଏକ ପର୍ବ ଯାହା ଜାତି, ଧର୍ମ, ବର୍ଣ୍ଣନିର୍ବିଶେଷରେ ଭାଇଚାରାର ବାର୍ତ୍ତା ପ୍ରଦାନ କରିଥାଏ । ମୁଁ ନିଜକୁ ଅତ୍ୟନ୍ତ ଭାଗ୍ୟଶାଳୀ ବିଚାରି ଭାରତ ମା'ର ସମସ୍ତ ଭାଇମାନଙ୍କୁ ମୋର ସ୍ନେହ ଦେଉଅଛି। ସମସ୍ତଙ୍କର ଜୀବନ ସଫଳତା ଏବଂ ଧନଧାନ୍ୟରେ ପରିପୂର୍ଣ୍ଣ ହୋଇଉଠୁ- ଏହା ମୋର କାମନା ।

**ରୁଚିସ୍ମିତା ରାଉଳ, ସମ୍ବଲପୁର**

---

ଉତ୍କଳ ପରି ଏକ ପର୍ବପର୍ବାଣିର ଦେଶରେ ଶ୍ରାବଣ ପୂର୍ଣ୍ଣିମା ଦିନ ମହାସମାରୋହରେ ପାଳନ ହୁଏ ରାଖୀ ପୂର୍ଣ୍ଣିମା। ପ୍ରଭୁ ହଳମୁଷଳଧାରୀ ଅଗ୍ରଜ ବାଳଗୋପାଳଙ୍କର ପବିତ୍ର ଜନ୍ମୋତ୍ସବ। ଭ୍ରାତା ଓ ଭଗିନୀମାନଙ୍କର ରକ୍ଷାବନ୍ଧନରେ ଜ୍ୟେଷ୍ଠ ଭ୍ରାତାଙ୍କର ଶୁଭ, ସୌଭାଗ୍ୟ ମନାସି ଏହି ଦିନ ଅଲିଅଳ ଉଉଣୀ ଭାଇ ହାତରେ ରାଖୀ ବାନ୍ଧିଦେଇଥାଏ । ସ୍ନେହାଶିଷର ପୂତ ବାରିଧାରା ଝରି ଆସେ ଭଉଣୀର ମଥା ପ୍ରଦେଶରେ। ଏହି ଦିନ ମଧ ପାଳିତ ହୁଏ ମହାନ୍ ସଂସ୍କୃତ ଦିବସ।

**ସସ୍ମିତା ମିଶ୍ର, ଆଇ ଆଣ୍ଡ ଟି ଲେନ୍, ଲିଙ୍ଗିପଲ୍ଲୀ**

---

ରକ୍ଷାବନ୍ଧନ ଏକ ପବିତ୍ର ବନ୍ଧନ। ଏହା ଭଉଣୀ ଓ ଭାଇ ମଧ୍ୟରେ ସ୍ନେହ ସମ୍ପର୍କ ବଜାୟ ରଖିବା ସଙ୍ଗେ ସଙ୍ଗେ ସମାଜରେ ମଧ ଏହାର ଭଲ ପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ସମାଜର ବହୁ ଲୋକ ମଧ ସଂସ୍କାର ଆଡ଼କୁ ଟାଣି ହୋଇ ଆସିଥାନ୍ତି।

**ସତ୍ୟନାରାୟଣ ଡାଙ୍ଗୁଆ, ଶହୀଦନଗର, ଭୁବନେଶ୍ୱର**

---

ରେଶମର ଡୋରି ଅବା ଧଡ଼ି ପଣତର, ସ୍ନେହ, ଶ୍ରଦ୍ଧାଭରା ଅଟେ ରାଖୀ ନାମ ତା'ର। ଅଲିଅଳ ଭଉଣୀର ବିଶ୍ୱାସର ଡୋର, ଭାଇ ମନେପକାଏ ମୋ ସୁରକ୍ଷା ତୋର। ରାଖୀ ନୁହେଁ ସାକ୍ଷୀ ସିଏ ସ୍ନେହ ମମତାର, ବନ୍ଧନ ସେ ପ୍ରେମଭରା ଭାଇ ଭଉଣୀର। ଲୋଡ଼ ନାହିଁ ଟଙ୍କା ଧନ ଦାମୀ ଉପହାର, ଲୋଡ଼ା ଖାଲି ସ୍ନେହ ଶ୍ରଦ୍ଧା ପ୍ରତିଶ୍ରୁତି ତୋର।

**ମନସ୍ବିନ ମହାପାତ୍ର, ରେଢୁଆ, ଜଗତ୍‌ସିଂହପୁର**

---

ଭାରତ ତାହାର ସ୍ୱାଧୀନତା ସ୍ୱାଦ ଚାଖିବା ପରେ ଭଉଣୀମାନେ ନିଜକୁ ସୁରକ୍ଷିତ ମଣିବା ପାଇଁ ଏକ ରକ୍ଷାକବଚ ସୃଷ୍ଟି କରିଥାଏ ନିଜର ଭାଇକୁ ଏକ ଡୋର ବାନ୍ଧି। ଶ୍ରାବଣ ମାସ ପୂର୍ଣ୍ଣିମାରେ ପଡୁଥିବାରୁ ଏହାକୁ ରାଖୀ ପୂର୍ଣ୍ଣିମା କହନ୍ତି। ବର୍ଷସାରା ଦୁହିଁଙ୍କ ମଧ୍ୟରେ ଝଗଡ଼ା ଲାଗିଥାଏ। କିନ୍ତୁ କୌଣସି ଭଉଣୀ ତା' ଭାଇର କଷ୍ଟ କି ଭାଇ ଭଉଣୀର କଷ୍ଟ ସହିପାରେ ନାହିଁ। ତାଙ୍କର ଏହି ଭଲପାଇବା ହିଁ ରାଖୀ ପୂର୍ଣ୍ଣିମା।

**ସାର୍ଥକ ଦାସ, ଆଗରପଡ଼ା, ଭଦ୍ରକ**

---

ସାରା ଦୁନିଆରେ ସବୁଠୁ ଅଲଗା ଭାଇ ଭଉଣୀର ସମ୍ପର୍କ ହୋଇଥାଏ। ରାଖୀର ପର୍ବ ଆସିଛି, ଚାରିଆଡ଼େ ଖୁସିର ଲହରି ଖେଳୁଛି। ଭଉଣୀର ଭାଇ ପ୍ରତି ଭଲପାଇବା ଗୋଟିଏ ରେଶମ ଡୋରିରେ ବନ୍ଧା ହୋଇଛି। ଭଉଣୀର ଭଲପାଇବା ଭାଇ ପ୍ରତି କମ୍ ହୁଏନି। ଦୂରରେ ଥିଲେ ପ୍ରାୟତଃ ସମ୍ପର୍କ ଫିକା ପଡ଼ିଯାଏ। ହେଲେ ଭାଇ-ଭଉଣୀ ସମ୍ପର୍କ କେବେ ବି ଫିକା ପଡ଼େନି। ଭାଇର ଅଧିକ ଆୟୁଷ ପାଇଁ ଭଉଣୀର ପ୍ରାର୍ଥନା ହେଉଛି ରାଖୀ। ଭଉଣୀର ପବିତ୍ର ଭଲ ପାଇବାର ସାକ୍ଷୀ ହେଉଛି ରାଖୀ।

**ଦୀପକ କୁମାର ସାହୁ, ଛତ୍ରପୁର, ଗଞ୍ଜାମ**

---

ରକ୍ଷାବନ୍ଧନ ହେଉଛି ଭ୍ରାତୃ ଭଗିନୀ ବିଶିଷ୍ଟ ମୁଖ୍ୟ ପର୍ବ। ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ଏକ ଯୁଦ୍ଧ ସମୟରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ହସ୍ତକମଳରୁ ରକ୍ତ ଝରୁଥିଲା, ଯାହାକୁ ଦେଖି ଦ୍ରୌପଦୀ ବ୍ୟାକୁଳ ହୋଇ ତାଙ୍କ ବସ୍ତ୍ରରୁ ଖଣ୍ଡେ ଚିରି ଶ୍ରୀକୃଷ୍ଣଙ୍କ ଆଘାତ ସ୍ଥାନରେ ବାନ୍ଧି ଦେଇଥିଲେ। ଯଦ୍ଦ୍ୱାରା ରକ୍ତ ସ୍ରୋତ ବନ୍ଦ ହୋଇଯାଇଥିଲା। ପରିଣାମ ସ୍ୱରୂପ ଭଗବାନ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ବସ୍ତ୍ରହରଣ ସମୟରେ ବସ୍ତ୍ରଦାନ କରି ରକ୍ଷାକରିଥିଲେ। ଏହି ଉଦାହରଣକୁ ମନେରଖି ପ୍ରତ୍ୟେକ ଭଉଣୀ ନିଜ ଭାଇମାନଙ୍କୁ ରକ୍ଷାବନ୍ଧନ ଦିନ ରାଖୀ ବାନ୍ଧିଥାଏ। ଯଦ୍ଦ୍ୱାରା ଭାଇ ତାକୁ ପ୍ରତ୍ୟେକ ବିପଦରୁ ରକ୍ଷା କରେ।

**ଶୁଭାଶିଷ ବେହେରା, ବାରିପଦା, ମୟୂରଭଞ୍ଜ**

---

ଜଗତ ସ୍ରଷ୍ଟା, ପରମ ଶ୍ରେଷ୍ଠ, କୋଟି ବ୍ରହ୍ମାଣ୍ଡ ଠାକୁର, ସାକ୍ଷୀରଖି ଆଜି ବାନ୍ଧିଲି ଏ ରାଖି କାଳିଆ, ବଳିଆ ଭାଇ। ଭକ୍ତି ଚିଉେ,ଆଉ କୋହ ଭରି ଡାକେ ତୋ ଚରଣେ। ଜୀବନ-ଜୀବିକା ହସି ଉଠି ପୁଣି ଜଗତ ଉଦ୍ଧାର ହେଉ। କରୋନା କରାଳ କାଳ। ଲିଭିଯାଉ ସଦା। ହେଉ ଏହା ଶେଷ ମହାମାରୀ।

**ଇନ୍ଦୁମତୀ ସାମନ୍ତରାୟ, ବମିଖାଲ, ଭୁବନେଶ୍ୱର**

---

ଶାନ୍ତି, ପ୍ରୀତି ଓ ସ୍ନେହ ବନ୍ଧନରେ ଭାଇ ଓ ଭଉଣୀଙ୍କୁ ବନ୍ଧନ କରିଥାଏ ରାଖୀ। ରାଖୀ ବାନ୍ଧି ଭଉଣୀଟିଏ ନିଜ ଭାଇର ଦୀର୍ଘାୟୁ କାମନା କରିଥାଏ ଓ ଭାଇ ତା'ର ଭଉଣୀର ସୁରକ୍ଷା କବଚ ସାଜିବାକୁ ପ୍ରତିଜ୍ଞାବଦ୍ଧ ହୁଏ। କାରଣ ନାରୀ ଅବଳା ଦୁର୍ବଳା ବୋଲି ତା'ର ଭାଇର ବାହୁବଳ ଉପରେ ନିର୍ଭର କରିଥାଏ। ଏଣୁ କରୋନା ସମୟରେ ନିଜକୁ ସୁରକ୍ଷିତ ରଖିବା ସହ ରାଖୀ ପୂର୍ଣ୍ଣିମାରେ ଭାଇ ଭଉଣୀର ସମ୍ପର୍କ ଅତୁଟ ରଖିବା।

**ଦେବସ୍ମିତା ସାହୁ, ନୂଆବଜାର, ଭଦ୍ରକ**

---

ରାଖୀ ଏକ ନାମମାତ୍ର, ଅବୁଝା ଅଦେଖା ସମ୍ପର୍କର ନିବିଡ ବନ୍ଧନ। ରାଖୀ ଏକ ନାମମାତ୍ର, ଭଉଣୀର ଭାଇ ପ୍ରତି ସ୍ନେହ ଶ୍ରଦ୍ଧାର ନିଦର୍ଶନ। ରାଖୀ ଏକ ନାମମାତ୍ର, ସୁରକ୍ଷା, ଭରସା, ବିଶ୍ୱାସ, ଏସବୁର ପ୍ରଥମ ସୋପାନ। ରାଖୀ ଏକ ନାମ ମାତ୍ର, ଜନ୍ମ ଜନ୍ମକୁ ବାନ୍ଧି ହେବାର ଅତୁଟ ପ୍ରେମର ନିଚ୍ଛକ ସ୍ପନ୍ଦନ।

**ଅକ୍ଷୟ କୁମାର ଜେନା, ସିମୁଳିଆ, ବାଲେଶ୍ୱର**

---

ଭାଇ ଭଉଣୀର ସମ୍ପର୍କ ସୁଦୃଢ଼ କରିବା ପାଇଁ ରକ୍ଷାବନ୍ଧନ ହୁଏ। ଭାଇର ଦୀର୍ଘାୟୁ ପାଇଁ ଭଉଣୀ ଭଗବାନଙ୍କ ନିକଟରେ ପ୍ରାର୍ଥନା କରେ ଓ ସେ ଯେବେ ବିପଦରେ ପଡେ ତାକୁ ତା'ର ଭାଇ ସାହାଯ୍ୟ କରେ। ଭଗବାନ ବଳରାମଙ୍କ ଜନ୍ମଦିନକୁ ରାଖୀ ପୂର୍ଣ୍ଣିମା କୁହାଯାଏ। ଏହା ଏକ ପବିତ୍ର ବନ୍ଧନ।

**ସୁଲୋଚନା ମହାରଣା, ଗୋସାଣୀ ନୂଆଗାଁ, ବ୍ରହ୍ମପୁର**

---

ଭାଇ ଭଉଣୀଙ୍କ ଦୁଇଟି ଆଖି
ସାରା ଜୀବନେ ରହିବ ସାକ୍ଷୀ।
ରକ୍ଷା କରୁଥିବ ଏ କବଚ ରାଖୀ
ଦୁହେଁ ଦୁହିଁଙ୍କ ଜୀବନ ଲାଖି।
ପ୍ରଭୁଙ୍କ ପାଶେ ଆଶିଷ ମାଗି
ରାଖୀ ପୂନେଇଁର ବାରତା ଦେଲି, ଭାଇ ଭଉଣୀଏଁ ନ ଯିବ ଭୁଲି। ଭାଇର ପାଶେ ଏ ଭଉଣୀର ମାନ, ରଖିଥିବ ପାଖେ ଯତନେ ମନେ। ରାଖୀ ପୂନେଇଁ ଯେ ମହତ ଦିନ।

**ରଞ୍ଜୁଲତା ମୁଦୁଲି, ନୟାବଜାର, କଟକ**

---

ରକ୍ଷାବନ୍ଧନ ହିନ୍ଦୁମାନଙ୍କର ଏକ ପ୍ରସିଦ୍ଧ ଏବଂ ପବିତ୍ର ପର୍ବ । ଏହା ଶ୍ରାବଣ ପୂର୍ଣ୍ଣିମା ଦିନ ପାଳନ କରାଯାଏ। ଏହି ପର୍ବ ଭାଇ ଓ ଭଉଣୀର ପବିତ୍ର ପ୍ରେମର ପ୍ରତୀକ । ଏହି ଦିନ ଭଉଣୀ ତା'ର ଭାଇ ହାତରେ ରାଖୀ ବାନ୍ଧି ଭାଇଠାରୁ ଆଶୀର୍ବାଦ ଗ୍ରହଣ କରିଥାଏ। ଏହି ପର୍ବରେ ଗୋମାତାଙ୍କୁ ମଧ ପୂଜା କରାଯାଇଥାଏ। ଏହା ହିନ୍ଦୁମାନଙ୍କର ଏକ ଶ୍ରେଷ୍ଠ ପର୍ବ।

**ମାନଗୋବିନ୍ଦ ମହାନ୍ତି,ବମିଖାଲ, ଭୁବନେଶ୍ୱର**

ଆମ ଭାରତବର୍ଷରେ ୧୨ ମାସରେ ତେର ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରାଖୀ ପୂର୍ଣ୍ଣମୀ ଅନ୍ୟତମ। ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ। ଏହା ଶ୍ରାବଣ ମାସରେ ପାଳନ କରାଯାଉଥିବାରୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହି ପୂର୍ଣ୍ଣମୀକୁ ଗହ୍ମା ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଓଡ଼ିଶା ସହିତ ସାରା ଭାରତରେ ଏହା ଆନନ୍ଦ ଓ ଉଲ୍ଲାସରେ ପାଳନ କରାଯାଏ। ଇତିହାସରେ ମଧ୍ୟ ମେୱାଡ଼ର ରାଣୀ କରମବତୀ ମୋଗଲ ସମ୍ରାଟ ହୁମାୟୁନଙ୍କ ହାତରେ ରାଖୀ ବାନ୍ଧିଥିଲେ। ହୁମାୟୁନ ମଧ୍ୟ ତାଙ୍କ ଭଉଣୀ କରମବତୀଙ୍କୁ ସାହାଯ୍ୟ ଓ ସୁରକ୍ଷା ଦେଇଥିଲେ।

**Sairam Jena, XIMB College, BBSR**

---

ହୀରାଟିଏ ପରି ଚାନ୍ଦଟିଏ ପରି
କୋଟିଏରେ ଗୋଟିଏ ମୋ ଭଉଣୀ
ରାଖୀକୁ ଛୁଇଁ ମୁଁ ଶପଥ କରୁଛି
ମରିବା ଯାଏ ମୁଁ ରହିବି ତୋ ଭାଇ ହୋଇ।

**ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ**

---

ରକ୍ଷାବନ୍ଧନ ହିନ୍ଦୁ ଧର୍ମର ଏକ ଅନନ୍ୟ ପର୍ବ। ବିଶ୍ୱ ମାନବକୁ ଭାଇଚାରା ଓ ନିଃସ୍ୱାର୍ଥପର ପ୍ରେମର ନିଦର୍ଶନ ଦେଉଥିବା ଏହି ପର୍ବ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପାଳିତ ହୋଇଥାଏ। ଉତ୍କଳୀୟ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ବଡ଼ ଠାକୁର ବଳଭଦ୍ରଙ୍କ ଜନ୍ମ ଦିବସ ସହ ଗୋ ପୂଜାର ମାହାତ୍ମ୍ୟ ବର୍ଣ୍ଣନା ପୂର୍ବକ ଗହ୍ମା ପୂର୍ଣ୍ଣିମା ମଧ୍ୟ ରାଖୀ ପର୍ବ ସହ ମହାଆଡ଼ମ୍ବରରେ ପାଳନ କରାଯାଏ।

**ସତ୍ୟଜିତ ଦାଶ, ବରିମୁଣ୍ଡ, ଖୋର୍ଦ୍ଧା**

---

ଭାଇ ଭଉଣୀର ସମ୍ପର୍କକୁ କେବେ ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ। ଏହି ସମ୍ପର୍କକୁ ଅଧିକ ଗୁରୁତ୍ୱ ପ୍ରଦାନ କରେ ରାଖୀ। ରାଖୀ ପୂର୍ଣ୍ଣିମା ଭାଇ ଭଉଣୀର ସମ୍ପର୍କକୁ ଅଧିକ ମହତ୍ତ୍ୱପୂର୍ଣ୍ଣ କରିଥାଏ। ଏହା ହେଉଛି ଏକତାର ପର୍ବ। ରକ୍ତ ସମ୍ପର୍କ ନ ଥାଇ ମଧ୍ୟ ଏହା "ବସୁଧୈବ କୁଟୁମ୍ବକମ୍"ର ଏକ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିଥାଏ।

**ସତ୍ୟଜିତ ଦାଶ, ପଟିଆ, ଭୁବନେଶ୍ୱର**

---

Kids to oldmen in khaki everyone adores colourful Rakhis. Donates only brother-sister's bond which don't require any fund. Not a festival of rich or poor but a deep bond for sure this makes India unique rich traditions makes us tick.

**Pramodini Paikray, Unit-3, BBSR**

---

ନିରାପତ୍ତାର ଅକ୍ଷୟ କବଚ ଖୋଜୁଛି ପ୍ରତିଟି ଜାତି, ଯୁଦ୍ଧ ରଚିଲେ ଧ୍ୱଂସ ହୋଇ ହେବ ବିଶ୍ୱର ବହୁତ କ୍ଷତି। ପରମାଣୁ ବୋମା ନିକ୍ଷେପ କଲେ ମାନବେ ହେବେ ନିଧନ, ଶସ୍ୟ ଶ୍ୟାମଳା ସୁଜଳା ପୃଥିବୀ କ୍ଷଣେ ହୋଇବ ଶ୍ମଶାନ। ବିଶ୍ୱ ସଂଗଠନ ଶାନ୍ତିର ବାର୍ତ୍ତା ଆହ୍ୱାନ କରଇ ଆଜି, ଧ୍ୱଂସ ନ ହେଉ ମାନବ ସଭ୍ୟତା ପରମାଣୁ ବୋମା ଖଞ୍ଜି।

**ସୁରେନ୍ଦ୍ର କୁମାର ପୁଷ୍ଟି, ଭୁବନ, ଢେଙ୍କାନାଳ**

---

ରାଖୀ ହିଁ ନିରାଶ୍ରୟା ମା' ଜଗଦୀଶ ସାହା ସଦୃଶ, ଅତୁଟ ପବିତ୍ର ରକ୍ଷା କବଚର ଡୋରି ବନ୍ଧନ। ବସୁଧୈବ କୁଟୁମ୍ବକମ୍ ସଦୃଶ ଭଉଣୀ ଭାଇ, ସ୍ତ୍ରୀ ସ୍ୱାମୀ, ସ୍ୱଦେଶ ପଡୋଶୀ, ଦେଶ ସଂପ୍ରଦାୟ ଓ ପରିବେଶ ଧରିତ୍ରୀ ମା' ସହିତ ସମସ୍ତ ଦୁର୍ବଳ ପ୍ରାଣୀକୁ ସବଳ ସହ ଶାନ୍ତି ମୈତ୍ରୀ ଏକତାର ରକ୍ଷା କବଚର ପ୍ରତୀକ ରାଖୀ ବନ୍ଧନର ମହତ ବୈଶିଷ୍ଟ୍ୟ।

**ଜ୍ଞାନ ରଞ୍ଜନ ପରିଡ଼ା, ସାନସାଉଁ, ବାଲେଶ୍ୱର**

---

Celebrated on fullmoon day of Hindu month of sravana, festival celebrates love of brother and sister. On this day sisters tie rakhi on wrists of their brothers to protect against evil influences pray long life and happiness . On this day God Balabhadra's birthday. Nobel laureate Rabindranath Tagore started mass Raksha Bandhan Festival during partition of Bengal( 1905) which encourage Hindu and muslim women to tie rakhi on men . Goddess Subhadra ties thread of love on two brothers lord Balabhadra and lord Jagannath at Sri Jagannath temple.

**subesh Barik, Sankarpur, CTC**

---

ଇତିହାସରେ ମଧ୍ୟ ରକ୍ଷାବନ୍ଧନର ସ୍ମୃତି ଅଛି। ମେୱାଡର ରାଣୀ କରମବତୀ ମୋଗଲ ସମ୍ରାଟ ହୁମାୟୁନଙ୍କ ହାତରେ ରାଖୀ ବାନ୍ଧିଥିଲେ । ହୁମାୟୁନ ମଧ୍ୟ ତାଙ୍କ ଭଉଣୀ କରମବତୀଙ୍କୁ ସାହାଯ୍ୟ ସୁରକ୍ଷା ଦେବା ପ୍ରତିଶ୍ରୁତି ଦେଇଥିଲେ। ଏହି ଦିନଟିକୁ ମନେରଖିବା ପାଇଁ ରାଖୀ ପୂର୍ଣ୍ଣିମା ମଧ୍ୟ ପାଳନ କରାଯାଏ।

**Nirupama Sahoo, Raukumar Basti, BBSR**

---

ରାଖୀ ହେଉଛି ଧର୍ମ, ପବିତ୍ରତା ଓ ଏକତାର ପରିଚୟ, ଏହା ମନୁଷ୍ୟ ସମାଜର ଅଗ୍ରଗତିର ପରିଚୟ, ଏହା ଏକତାର ମୁଖ୍ୟ ମାଧ୍ୟମ। ରାଖୀର

---

ଆକ୍ଷରିକ ଅର୍ଥ ସୁରକ୍ଷା। ରକ୍ତ ସମ୍ପର୍କ ନ ଥାଇ ମଧ୍ୟ ନାରୀଟିଏ ପୁରୁଷ ହାତରେ ରାଖୀଟିଏ ବାନ୍ଧିଥାଏ। ଯାହାଫଳରେ ଭାଇ ଭଉଣୀର ଏକ ପବିତ୍ର ସମ୍ପର୍କ ସ୍ଥାପନ ହୋଇଥାଏ। ଭାଇଟି ମଧ୍ୟ ଭଉଣୀର ସୁରକ୍ଷା ପାଇଁ ସଂକଳ୍ପବଦ୍ଧ ହୁଏ। ଏହିପରି ଭାବରେ ଭାଇ-ଭଉଣୀର ସମ୍ପର୍କ ସୂତ୍ର ଅଧିକ ଶକ୍ତିଶାଳୀ ହୁଏ।

**ଅଂଶୁମାନ ଦାଶ, ବରିମୁଣ୍ଡ, ଭୁବନେଶ୍ୱର**

---

ହିନ୍ଦୁ ଧର୍ମରେ ପାଳନ ହେଉଥିବା ବିଭିନ୍ନ ଉତ୍ସବ ସମାଜରେ ଏକତା ଓ ସହଯୋଗିତାର ନିବିଡ଼ ବନ୍ଧନ ସୃଷ୍ଟି କରେ। ତନ୍ମଧ୍ୟରୁ ଅନ୍ୟତମ ରକ୍ଷାବନ୍ଧନ ପର୍ବ ନିଃସ୍ୱାର୍ଥପର ପ୍ରେମର ତଥା ଅନାବିଳ ସ୍ନେହର ପରିଚାୟକ। ସମଗ୍ର ମାନବ ସମାଜ ଓ ପଶୁପକ୍ଷୀ ବୃକ୍ଷଲତା ଇତ୍ୟାଦି ବିଶ୍ୱ ମାତୃକାର ସନ୍ତାନ ବୋଲି ଏହି ପର୍ବ ବାର୍ତ୍ତା ଦେଇଥାଏ। ବିଶେଷକରି ଆମ ଓଡ଼ିଆ ପରମ୍ପରାରେ ଭଉଣୀ ଭାଇ ହାତରେ ରାଖୀ ବାନ୍ଧିବା ସହ ଗୋମାତା ଶରୀରରେ ମଧ୍ୟ ରକ୍ଷାସୂତ୍ର ବନ୍ଧାଯାଏ।

**ଅନୀଷା ଦାଶ, ବରିମୁଣ୍ଡ**

---

ଆମ ଭାରତର ଏହା ଏକ ପର୍ବ। ଏହି ଦିନ ଭାଇ ଭଉଣୀର ସମ୍ପର୍କ ମଜଭୁତ ହୋଇଥାଏ। କାରଣ ଏହି ଦିନଟିକୁ ମନେରଖିବା ପାଇଁ ଭଉଣୀଟି ଭାଇକୁ ରାଖୀ ପିନ୍ଧାଇଥାଏ। ଏହା ସୂଚାଇଥାଏ ଯେତେ ଦୁଃଖ ଥିଲେ ବି ଭାଇ ଭଉଣୀ ଉଭୟଙ୍କୁ ସ୍ନେହ ଶ୍ରଦ୍ଧା ଦେଇଥାନ୍ତି।

**Pradeep Ku Sahoo, Rau kumkar Basti**

---

ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ରାଖୀପୂର୍ଣ୍ଣିମା ପଡ଼େ। ଏହିଦିନ ଆମେମାନେ ଆମ ଭାଇଙ୍କ ହାତରେ ରାଖୀ ବାନ୍ଧୁ ଓ ସିନ୍ଦୂର, ଚନ୍ଦନ ଲଗାଇ ବନ୍ଦାପନା କରୁ। ଏହା ହେଉଛି ଏକ ପବିତ୍ର ଦିନ। ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ କାମନା କରୁ, ଭାଇ ମଧ୍ୟ ଭଉଣୀମାନଙ୍କୁ ଉପହାର ଦେବା ସହ ପ୍ରତିଶ୍ରୁତି ଦେଇଥାଏ। ରାଖୀ ପୂର୍ଣ୍ଣିମା ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ହେବା ସହ ସ୍ନେହଶ୍ରଦ୍ଧା ଅତୁଟ ରହେ।

**Sushree Mohanty, Pokhariput, BBSR**

---

ରାଖୀଟିଏ ବାନ୍ଧି ମୋତେ କରିଦେଲୁ ଋଣୀ, ତୋରି ପାଖରେ ଥିବି ମୁଁ ସଦା ମୋ ସୁନା ଭଉଣୀ। କଣ୍ଟା ଫୁଟିବାକୁ କେବେ ଦେବିନି ତୋ ପାଦେ, ରକ୍ଷାର କବଚ ହୋଇ ରହିବି ବିପଦ ଆପଦେ। ଏ ସୂତା ଖିଅରେ ବନ୍ଧା ତୋର ସପନ, ପୂର୍ଣ୍ଣ କରିବାକୁ ସଦା କରିବି ଉଦ୍ୟମ। କରୁଛି ଶପଥ ଆଜି ମୁଁ ତୋ ପାଖରେ, ମରିବା ଯାଏ ମୁଁ ରହିବି ତୋ ପଛରେ।

**ଈପସିତା ବେହେରା, କୋଲିୟରୀ, ତାଳଚେର**

---

ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ରାଖୀ ପୂର୍ଣ୍ଣମୀ ପଡ଼େ। ଏହା ହେଉଛି ଏକ ପବିତ୍ର ଦିନ। ଯାହା ଆମକୁ ମନେ ପକାଇଦିଏ ଯେ, ଆମେ ଜୀବନରେ କେଭେ ଏକା ନୁହେଁ, ପ୍ରତ୍ୟେକ ସୁଖଦୁଃଖରେ ଆମ ଭାଇ ଆମ ପାଖରେ ଥାଏ। ଏହିଦିନ ଆମେମାନେ ଆମ ଭାଇଙ୍କ ହାତରେ ରାଖୀ ବାନ୍ଧିବା ସହ ସିନ୍ଦୂର, ଚନ୍ଦନ ଲଗେଇ ଭାଇକୁ ପୂଜା କରୁ ଓ ଆମ ଭାଇମାନେ ଆମକୁ ବହୁତ ଭଲ ପାଆନ୍ତି। ଏହା ଏକ ସ୍ନେହ, ପ୍ରେମ ଶ୍ରଦ୍ଧାର ଦିନ।

**କମଳାଦେବୀଗୋପ, ଚନ୍ଦ୍ରଶେଖରପୁର**

---

ରକ୍ଷାବନ୍ଧନ ପ୍ରତିବର୍ଷ ଶ୍ରାବଣ ମାସର ପୂର୍ଣ୍ଣମୀ ତିଥିରେ ପଡ଼େ। ଏହିଦିନ ଭଉଣୀ ତା'ର ଭାଇ ମଥାରେ ସିନ୍ଦୂର, ଚନ୍ଦନ ଲଗାଇ ଡାହାଣ ହାତରେ ରାକ୍ଷୀ ବାନ୍ଧି ଭାଇର ଭବିଷ୍ୟତ ଉଜ୍ଜ୍ୱଳ ଓ ଲମ୍ବା ଆୟୁଷ କାମନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ଉପହାର ଦେବା ସହିତ ଭଉଣୀର ରକ୍ଷାକବଚ ସାଜିବାକୁ ପ୍ରତିଶ୍ରୁତି ଦେଇଥାଏ। ରକ୍ଷାବନ୍ଧନ ପର୍ବ ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ହେବା ସହିତ ସ୍ନେହ, ଶ୍ରଦ୍ଧା ଓ ପ୍ରେମ ଅତୁଟ ରହିଥାଏ।

**Kuni Praharaj, Satyanagar**

---

ପିଲାଟି ବେଳରୁ କୋଳେଇ କାଖେଇ ଏକୁଟିଆ କଲ ଭାଇ, କେତେଗୋଟି ରାଖୀ ବାନ୍ଧି ସାରିଲିଣି ଟଙ୍କାଟିଏ ଦେଲ ନାହିଁ। କଥା ଦିଅ ସୁନାଭାଇ...... ଠକିବନି ମୋତେ ଠିକଣା ବେଳରେ ଲୁହଝରି ହେବ ନଇ।

**Sanchita Priyadarshini, Bomikhal, BBSR**

---

କେଉଁ ଜନମର ପୁଣ୍ୟଫଳ ବଳେ ତୁ ଆସିଛୁ ମୋ ଭଉଣୀ ହୋଇ, ସବୁ ଜନମରେ ପାଉଥାଏ ତତେ ହୋଇ ମୁଁ ତୋର ଭାଇ। ମଧୁଠୁ ମଧୁର ଅମୃତବାଣୀରେ ମୋ ଭଉଣୀ ସର୍ବମନ କିଣିନିଏ, ମନ୍ତ୍ରଣାରେ ମନ୍ତ୍ରୀ, ସେବା ବେଳେ ଦାସୀ, ଭୋଜନରେ ମା' ପରି, ତ୍ୟାଗରେ ଦଧୀଚି, କ୍ଷମାରେ ଧରିତ୍ରୀ, ବିପଦେ ବାନ୍ଧବୀ ପରି ସବୁବେଳେ ମୋ ପାଖେ ପାଖେ ରହିଥାଏ।

**ଦୀପାଞ୍ଜଳି ପାତ୍ର, ଲିଙ୍ଗରାଜ ନଗର, ଭୁବନେଶ୍ୱର**

---

ମହାମାରୀ ପାଇଁ ପାରୁନି ମୁଁ ଯାଇ ତମ ହାତେ ରାଖୀ ପିନ୍ଧାଇ,
ରାଖୀ ପଠାଇଲି ପିନ୍ଧିଦେବ ଭାଇ

---

ମାନବ ସମାଜ ନିଶ୍ଚୟ ଜିତିବ
କରୋନାକୁ ହରାଇ।
ଭାଇ ଭଉଣୀର ଅତୁଟ ବନ୍ଧନ ରହିଯାଉ ସାରା ଜୀବନ,
ରାଖୀ ପୂର୍ଣ୍ଣିମାରେ ଭଉଣୀକୁ ଦିଅ ସୁରକ୍ଷାର ବଚନ।

**ସୋନାଲି ପାଣି, ଖାରବେଳ ନଗର, ଭୁବନେଶ୍ୱର**

---

ରାଖୀ ପୂର୍ଣ୍ଣିମା ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ରକ୍ଷାବନ୍ଧନ ବିଧି ପ୍ରତୀକ ଅଟେ। ଭାଇର ମଙ୍ଗଳ ଓ ଶୁଭକାମନା ଭଉଣୀ ମନାସିଥାଏ। ଭାଇର ସ୍ନେହ ବନ୍ଧନରେ ବାନ୍ଧି ହୋଇ ରହିବା ରାଖୀ ମାଧ୍ୟମ। ମନରେ ରହିଥିବା ମନାନ୍ତର ରାଖୀ ବାନ୍ଧିବାରେ ସହାୟକ ହୋଇଥାଏ। ଯେତେ ଦୂରରେ ଥିଲେ ମଧ୍ୟ ଭାଇ ଭଉଣୀର ନିବିଡ଼ ଶ୍ରଦ୍ଧା ପାଖରେ ପହଞ୍ଚାଇବାରେ ସହାୟକ ହୋଇଥାଏ। ବଳଭଦ୍ର ଜନ୍ମ ତଥା ଗାଈଙ୍କୁ ପୂଜା କରାଯାଇଥାଏ।

**ରମେଶ ବେହେରା, ଦଣ୍ଡୁଆସିପଡ଼ା, କଟକ**

---

No Matter the distances between us my rakhi will always reach on time to be tied on the wrist of my loving brother with the heart warming wishes of joy and happiness to illuminate your life.
Happy Raksha Bandhan

**Diptimayee Behera, Hanspal, BBSR**

---

This Raksha Bandhan, I pray to God to give my handsome brother good health, long life, the world of happiness, positivity, peace and all that he desires for . Happy Raksha Bandhan to my lovely brother.

**Annapurna Mohanty, Narua, Puri**

---




ସାମାନ୍ୟ ସୂତାଟେ ନୁହେଁ
ପରା ରାଖୀ
ଭଉଣୀ ଭାଇଙ୍କ ଦମ୍ଭ
ସ୍ନେହ ମମତାର ଅତୁଟ ବନ୍ଧନ
ସଂସ୍କୃତିର ଗହ୍ମାପର୍ବ।

**ବାଳକୃଷ୍ଣ ସୂତାର, ଷଣ୍ଢକୁଦ, ପାରାଦୀପ**

---

ମୋ ଭଉଣୀ ସେନେହ ମଧୁଠୁ ମଧୁର, ଗାଳି ତା'ର ଦାଣ୍ଡଧୂଳି, ଭାଇ ଡାକିଦେଲେ ମୋ ପେଟ ପୂରିଯାଏ, ଅମୃତ ପଡ଼ଇ ଝରି। ଆଜି ରାଖୀ ପୂନେଇଁରେ ଦେଉଛି କଥା, ଜୀବନ ଦେଇ ରଖିବି ତୋ ମାନ ନୁଆଇଁ ଦେବିନି ମଥା। ହୃଦୟଟି ମୋ ଭଉଣୀର ଆକାଶଠୁ ବଡ଼, ତ୍ୟାଗ ଅମୂଲମୂଲ, ନିଜ ସୁଖ ଦେଖିବାକୁ ସକାଳ ନିଅଣ୍ଟ, ଜୀବନ ତା' ଗଙ୍ଗଶିଉଳି ଫୁଲ।

**ବିଦ୍ୟୁତ୍‌ପ୍ରଭା ପାତ୍ର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

---

ମାଗି ଜାଣେ ନାହିଁ, ରାଗି ଜାଣେ ନାହିଁ, ଫୁଲଠୁ କୋମଳ ମୋ ଭଉଣୀ ମନ। ଜୀବନ ଯନ୍ତ୍ରଣା ଆପଣାଇ ନିଏ, ନାହିଁ ତା'ର କିଛି ଅଭିମାନ। ସୁଖଦୁଃଖ ଭରା ଜୀବନର ପଥେ ସେ ମୋ ଶୀତଳ ଛାଇ। ସ୍ନେହ ବିଶ୍ୱାସରେ ବନ୍ଧା ରେଶମୀ ଡୋରିର ଏଇ ଅତୁଟ ବନ୍ଧନ, ଜନମଜନମ ପାଇଁ।

**ବାବୁରାମ ପାତ୍ର, ଓଲଡ଼ଟାଉନ, ଭୁବନେଶ୍ୱର**

---

ରାଖୀରେ କାରଗିଲ୍‌ରୁ ଭାଇର ବାର୍ତ୍ତା: ମୋ ସୁନା ଭଉଣୀ, ଦେଶର ସୀମାକୁ ଚାହିଁ ଦେଲେ ତୋ ମୁହଁ ଆଖିରେ ଭାସିଉଠୁଛି। ଏଥର ରାଖୀରେ ତୋ ହାତରୁ ରାଖୀ ବାନ୍ଧିବା ମୋ ଭାଗ୍ୟରେ ନାହିଁ। ଦେଶ ପାଇଁ ପ୍ରାଣବଳି ଦେବାକୁ ମତେ ଛାଡ଼ି କେତେକଷ୍ଟରେ ଥିବୁ ଜାଣିପାରୁଛି। ମରିବା ପୂର୍ବରୁ ୫୦ ଶତ୍ରୁଙ୍କୁ ମାରିବି! ଏହା ହେବ ତୋ ପାଇଁ ତୋ ଭାଇର ରାଖୀ ଭେଟି।

**ଦେବରାଜ ପାତ୍ର, ଭୁବନେଶ୍ୱର**

---

ରାଖୀ ଭାଇ ଭଉଣୀଙ୍କ ମଧ୍ୟରେ ସୃଷ୍ଟି କରେ ସ୍ନେହ, ଶ୍ରଦ୍ଧା, ବାତ୍ସଲ୍ୟ ମମତା, ପବିତ୍ର ବନ୍ଧନ,

---

ଆଦରର ଉତ୍ସ, ପ୍ରୀତିର ପ୍ରତୀକ। ଭଉଣୀ ପାଇଁ ଭାଇ ଜଳପରି ସ୍ୱଚ୍ଛ, ଆକାଶ ପରି ନିର୍ମଳ, ସୂର୍ଯ୍ୟପରି ଦୀପ୍ତିମାନ, ଚନ୍ଦ୍ରପରି ଶୀତଳ, ପୃଥିବୀ ପରି ଉଦାର, ସମୁଦ୍ରପରି ଗଭୀର, ବୃକ୍ଷପରି ଛାଇ ପ୍ରଦାନକାରୀ ସଦୃଶ। ରାଖୀ ଅଛିଣ୍ଡା ସୂତାରେ ତିଆରି। ଭାଇ ଭଉଣୀଙ୍କ ପବିତ୍ର ସ୍ନେହକୁ ଅକ୍ଷୁଣ୍ଣ ରଖେ। ରକ୍ତର ସମ୍ପର୍କକୁ ନିବିଡ଼ କରେ। ରାଖୀ ବାନ୍ଧି ଭାଇଙ୍କର ଦୀର୍ଘ ଜୀବନ ମନାସିବା।

**ସଲିଳା ସାହୁ, ତୁଳସୀପୁର, ଲାଲବାଗ, କଟକ**

---

ଆମ ଭାରତବର୍ଷରେ ୧୨ ମାସରେ ତେର ପୂର୍ଣ୍ଣମୀ ପାଳନ କରାଯାଏ। ସେଥିମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ରାଖୀ ପୂର୍ଣ୍ଣିମାକୁ ରକ୍ଷା ବନ୍ଧନ ମଧ୍ୟ କୁହାଯାଏ। ଏହା ଶ୍ରାବଣ ମାସରେ ପାଳନ କରାଯାଉଥିବାରୁ ଏହାକୁ ଶ୍ରାବଣ ପୂର୍ଣ୍ଣିମା କୁହାଯାଏ। ଏହିଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହି ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣମୀ ମଧ୍ୟ କୁହାଯାଏ।

**Suman Sahoo, Satya Nagar**

---

ଏ ରାଖୀ କେବଳ ଗୋଟେ ଛୋଟ ସୂତା ନୁହେଁ
ଏହା ହେଉଛି ମୂକସାକ୍ଷୀ ଆମ ସମ୍ପର୍କର
ମାନ ଅଭିମାନ ଅବା ତୋ ସ୍ନେହ ଭରା ଗାଳି
ଏହା ତ ହେଉଛି ଭାଇ ଭଉଣୀ ସ୍ନେହ ଓ ମମତାର।

**ସତ୍ୟଭାମା ସାହୁ, ଡୁମୁଡୁମା ହାଉସିଂବୋର୍ଡ କଲୋନୀ**

---

ପବିତ୍ର ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ରାଖୀ ପୂର୍ଣ୍ଣମୀ ପଡ଼େ। ଏହିଦିନ ଭଉଣୀ ତା ଭାଇର ମଥାରେ ସିନ୍ଦୂର, ଚନ୍ଦନ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ କାମନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସିନ୍ଦୂର ଉପହାର ଦେବା ସହ ଭଉଣୀର ରକ୍ଷାକବଚ ସାଜିବାକୁ ପ୍ରତିଶ୍ରୁତି ଦିଏ। ରାଖୀ ପୂର୍ଣ୍ଣିମା ପାଳିବା ଦ୍ୱାରା ଭାଇ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ହେବା ସହ ସ୍ନେହ ଶ୍ରଦ୍ଧା ପ୍ରେମ ଅତୁଟ ରହେ।

**Sujit Sahoo, Patrapada, BBSR**

---

ସୁଲଭ ସୂତାଖିଅଟିଏ ଯୋଡ଼ିଦିଏ ଦୁଇଟି ଅମୂଲ୍ୟ ଆତ୍ମାକୁ ଆଉ ଗଢ଼ିଦିଏ ଦୁର୍ଲଭ ଭାଇ ଭଉଣୀ ସମ୍ପର୍କର ଏକ ମଜଭୁତ ସ୍ତମ୍ଭ। ଏହା ଆଜିର ନୁହେଁ, କେଉଁ ଆଦିମକାଳରୁ ଆର୍ଯ୍ୟ ସଂସ୍କୃତି ଓ ସ୍ନେହ ବନ୍ଧନ ପରମ୍ପରାର ଅପୂର୍ବ ନିଦର୍ଶନ। ସେହି ପ୍ରାଚୀନ ଅଦ୍ୱିତୀୟ ସମ୍ପର୍କ ଏକ ସୁରକ୍ଷାଦାୟୀ କବଚରୂପୀ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆବିଳତା ଭରିଦିଏ ଭାଇ ଭଉଣୀ ମନରେ। ଅତୁଟ ରହୁ ସେ ବନ୍ଧନ, ଶୁଭ ରାଖୀ ପୂର୍ଣ୍ଣିମାର ଅଭିନନ୍ଦନ।

**ଅଜିତ କୁମାର ସାହୁ, ନାଲକୋନଗର, ଅନୁଗୁଳ**

---

Sister is someone who is caring & sharing. Sister can understand things u never said. She can understand pain which is not visible two any one. I love my sister.

**Jayadev Das, Gopalpur, Cuttack**

One thing I never forget to pray to God is to protect my sweet sister from all the evil and give her the world of happiness, Happy Raksha Bandhan.

**Jagabandhu Das, Amalaclub, Puri**

---

ଆଖିରୁ ମୋର ଝରୁଥିଲେ ଲୁହ, ହୃଦୟୁ ଝରେ ତୋ ଲହୁ, ତୋ ସ୍ନେହ ମମତା ମହୁଠାରୁ ମିଠା, କେମିତି କହିବି ଆଉ ! ଜନମେ ଜନମେ ସୁନାଭାଇ ମୋର, ସାଥୀ ହୋଇ ପାଶେ ଥିବୁ, କଅଁଳ ହାତରେ ଆଖିରୁ ମୋହର, ଲୁହ ଧାର ପୋଛିଦେବୁ।

**ଜ୍ୟୋତ୍ସ୍ନାରାଣୀ ଦାଶ, ପାଲଲହଡ଼ା, ଅନୁଗୋଳ**

---

ନିକଟରେ ଅବା ଦୂରରେ, ମୋର ସ୍ନେହ ସମ୍ମାନ ସର୍ବଦା ତୁମଠାରେ। ଆବେଗାତ୍ମକ ବନ୍ଧନରେ, ବାନ୍ଧିଦିଅ ପ୍ରଭୁ ସ୍ୱପ୍ନର ଇମାରତରେ। ତୁମ ହାତେ

---

ରାଖୀର ସୂତ୍ର ଆଉ ଲଲାଟରେ ବିଜୟ ଟିକା ମନାସୁଛି। ଦୁଃଖିତ-ତୁମକୁ ମିସ୍ କରୁଛି।

**ସରୋଜ ରଞ୍ଜନ ଦାସ, ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର**

---

ଦେଖିଦେଲେ ମୋ ଭଉଣୀର ହସହସ ମୁହଁ ଭୁଲିଯାଏ ଭୋକଶୋଷ, ମୁହୂର୍ତ୍ତେ ମୋଠାରୁ ଦୂରେଇଗଲେ ତୁ ଅମୃତ ବି ମତେ ଲାଗଇ ବିଷ। ଅଲିଅଳ ଭଉଣୀ ମୋର ସ୍ନେହ ମମତାର ନଈ, ସାରା ଜୀବନର ତପସ୍ୟା ତା'ର ସବୁ ତ ମୋରି ପାଇଁ। ସବୁ ଜନମରେ ଜନମିବି ମୁହିଁ ହୋଇ ତୋ ଭାଇ, ତୋ ହାତରୁ ଏହି ରାଖୀ ବାନ୍ଧିବା ପାଇଁ।

**ଲିଙ୍ଗରାଜ ପାତ୍ର, ଓଲ୍ଡ ଟାଉନ୍, ଭୁବନେଶ୍ୱର**

---

ରାଖୀ ପୂର୍ଣ୍ଣିମା ଏପରି ଏକ ପର୍ବ, ଯାହା ଦୁଇ ଜଣଙ୍କ ମଧ୍ୟରେ ଏକ ଅତୁଟ ସମ୍ପର୍କ ଗଠନ କରେ। ସେମାନଙ୍କ ମଧ୍ୟରେ ରକ୍ତ ସମ୍ପର୍କ ଥାଉ ଅଥବା ନ ଥାଉ ବାହ୍ୟ ଶକ୍ତି ସେମାନଙ୍କ ସମ୍ପର୍କରେ କିଛି ପ୍ରଭାବ ପକାଇ ପାରି ନ ଥାଏ। ରାଖୀ ପୂର୍ଣ୍ଣିମାର ଅନ୍ୟ ଏକ ଅର୍ଥ ସୁରକ୍ଷାର ବନ୍ଧନ ଅର୍ଥାତ୍ ଭାଇ ହାତରେ ବନ୍ଧା ଯାଇଥିବା ରାଖୀ ଭଉଣୀର ସୁରକ୍ଷା ସବୁବେଳେ କରିବ।

**ଜୟନ୍ତୀ ଦାଶ, ବରିମୁଣ୍ଡ, ପଟିଆ, ଭୁବନେଶ୍ୱର**

---

ସୂତା ଖିଏ ରକ୍ଷା କରିବାରେ ପ୍ରତିଶ୍ରୁତି ଧାରଣ କରେ। ଉଭୟ ପୁରୁଷ ସ୍ତ୍ରୀ ପାଇଁ ନିଜ ଭାଇ ଭଉଣୀ ବ୍ୟତୀତ ଅନ୍ୟ ଯେ କୌଣସି ବ୍ୟକ୍ତି ବିଶେଷ ପୁରୁଷ ସ୍ତ୍ରୀ ପରସ୍ପରକୁ ରକ୍ଷା ନିମନ୍ତେ ପ୍ରତିଶ୍ରୁତିବଦ୍ଧ। ଏଇ ବନ୍ଧନ ଯୁଗ- ଯୁଗର

**ବିରଞ୍ଚି ନାରାୟଣ ମହାପାତ୍ର, ଚାନ୍ଦିନୀଚୌକ, କଟକ**

---

ରାଖୀ ଅର୍ଥ ରକ୍ଷାକାରୀ ଓ କାରିଣୀ ଭାଇ ଭଉଣୀ ଉଭୟେ ପରସ୍ପରର ରକ୍ଷାକରଣ ନିମନ୍ତେ ଏହି ଅତୁଟ ସମ୍ପର୍କ ଓ ସଂସ୍କୃତି ଚଳିତ ଅନାଦି ଯୁଗରୁ ଏହା ସମଗ୍ର ମାନବ ଜାତି ନିମିତ୍ତ ଉଦ୍ଦିଷ୍ଟ।

**ଜ୍ୟୋତ୍ସ୍ନାମୟୀ ପାଣି, ମର୍କତନଗର, କଟକ,**

---

ସୁନ୍ଦର ଏଇ ପବିତ୍ର ଉତ୍ସବ ରକ୍ଷାବନ୍ଧନ ଯାହାକୁ ମାନବ ସମାଜ , ପଶୁ, ଗାଈଗୋରୁ ଓ ଦେବତା ପାଳନ କରନ୍ତି। ଦିନେ ମୋଗଲ ସମ୍ରାଟଙ୍କୁ ଏଇ ସୂତା ଖଣ୍ଡିଏ ପିନ୍ଧେଇ ରାଜପୁତ ରମଣୀ ନିଜ ସ୍ୱାମୀର ସୁରକ୍ଷା କବଚ ସଜାଇ ଥିଲେ। ଏହା ଅନନ୍ତ ଯୁଗର ପ୍ରଚଳିତ ସଂସ୍କୃତି, ଅମର, ଅତୁଟ ବନ୍ଧନ,

**ଅଜୟ, ମଙ୍ଗଳାବାଗ, ମଲ୍ଲାସାହି, କଟକ**

---

ସ୍ନେହ ଓ ବିଶ୍ୱାସ ଉପରେ ଭାଇ ଓ ଭଉଣୀଙ୍କ ମଧ୍ୟରେ ଦୃଢ଼ବନ୍ଧନ ରେଶମୀ ଡୋରି ରାଖୀର ବନ୍ଧନ। ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ ସଙ୍କଟ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରିଥିଲେ। ଏହି ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପାଇଁ ଆମେ ହୃଦୟର ସହ ଏହାକୁ ପାଳନ କରିଥାଉ।

**ସୁନୀତା ପ୍ରହରାଜ, ଗାବ୍ରିଏଲଗୁଡା ନବରଙ୍ଗପୁର**

---

No mattter the distance between us or the miles that separate us, No matter the years or time that has passed, No matter where our lives take us, even if they take us apart. I am not walking away from you.

**Pranati Choudhury, Balianta, Khurda**

---

ସାମାଜିକ, ମାନସିକ, ଶାରୀରିକ, ସାଂସ୍କୃତିକ ସୁରକ୍ଷାକାରୀ, ରକ୍ଷାବନ୍ଧନର ଅନ୍ୟ ନାମ ବଳଦେବ ପୂଜା, ଗାଈଗୋରୁଙ୍କୁ ମଧ୍ୟ ରାଖୀ ପିନ୍ଧେଇ ପୂଜା କରିବା ସହିତ ଝୁଲଣ ପୂର୍ଣ୍ଣିମା ପାଳନ କରନ୍ତି ରାଧାକୃଷ୍ଣ ପ୍ରେମୀଯୁଗଳ, ରକ୍ଷାକାରୀ ଏହି ସଂସ୍କୃତି।

**ଜ୍ୟୋତିର୍ମୟ, ଓଡ଼ିଶା ହାଇକୋର୍ଟ, କଟକ**

---

ସୃଷ୍ଟି ଆରମ୍ଭରୁ ଭାଇ ଭଉଣୀ ସମ୍ପର୍କ ନିଆରା ଏବଂ ପବିତ୍ର। ପରିବାରରେ ଭାଇ ହେଉଛି ଜଣେ ଯିଏ କେବେ ତା' ଭଉଣୀକୁ ଭଲପାଏ ବୋଲି କୁହେନି, କିନ୍ତୁ ତା' ହୃଦୟରେ ଅଜସ୍ର ସ୍ନେହ ଶ୍ରଦ୍ଧା ଓ ଭଲପାଇବା ତା' ପାଇଁ ସାଇତି ରଖିଥାଏ। ପାଖରେ ଥିଲାବେଳ ଉଭୟଙ୍କ ମଧ୍ୟରେ ସବୁବେଳେ କଳି, ଝଗଡା, ମାନ ଅଭିମାନ ହୁଏ। କିନ୍ତୁ ଦୂରକୁ ଚାଲିଗଲେ ତା'ଠାରୁ ଅଧିକ ଜଣେ ଅନ୍ୟ ଜଣକୁ ଝୁରି ଥାଏ। ଏଣୁ ଏ ସଂସାରରେ ଭାଇ ଭଉଣୀ ସମ୍ପର୍କ ସ୍ୱତନ୍ତ୍ର।

**ତୁଷାରକାନ୍ତ ଓଝା, ବାଲିଚନ୍ଦ୍ରପୁର, ଯାଜପୁର**

---

ନୈସର୍ଗିକ ଭାବ ସ୍ନେହର ଆଶ୍ଳେଷ ମଧୁର ବନ୍ଧନ ରଖୀ। ଭାଇ ଭଉଣୀର ଅତୁଟ ଡୋରିସେ ସମ୍ପର୍କରେ ଦିଏ ଯୋଖି। ଭଉଣୀ ସରାଗେ ରାଖୀ ବାନ୍ଧି ଦେଇ ଦେବତାଙ୍କୁ କରେ ସାକ୍ଷୀ। ଭାଇର ଆୟୁଷ ଠାକୁରଙ୍କୁ ମାଗେ ପୟରେ ସେ ମଥା ରଖି। ଉପହାର ଦେଇ କଥା ଦିଏ ଭାଇ କରିବାକୁ ଚିର ସୁଖୀ।

**Jyotsna Routray, Larasara, Bargarh**

---

ଭାଇ ଭଉଣୀର ଅତୁଟ ବନ୍ଧନର ସାକ୍ଷୀ ହେଉଛି ରାଖୀ। ଭାଇ ଭଉଣୀର ରକ୍ଷା କବଚର ପ୍ରତୀକ ହେଉଛି ରାଖୀ। ଭାଇ ପ୍ରତି ଭଉଣୀର ସ୍ନେହ ଶ୍ରଦ୍ଧା ସମ୍ମାନ ରୂପେ ରାଖୀ ପ୍ରତୀୟମାନ। ରାଖୀର

---

ବନ୍ଧନ ଭାଇଟିକୁ ମନେ ପକାଇ ଦିଏ ଭଉଣୀ ପ୍ରତି ଥିବା ଦାୟିତ୍ୱ। ରାଖୀ ମାଧ୍ୟମରେ ଭଉଣୀ ଭାଇର ଦୀର୍ଘଜୀବନର କାମନା କରିଥାଏ। ଭାରତୀୟ ସଂସ୍କୃତିରେ ଭାଇ ଭଉଣୀଙ୍କୁ ଗୋଟିଏ ସୂତାଖିଅରେ ବାନ୍ଧି ରଖିବା ପର୍ବ ରୂପେ ରାଖୀ ପୂର୍ଣ୍ଣିମା ଘରେ ଘରେ ପରିଚିତ।

**ବିଥିକା କୁମାରୀ ମିଶ୍ର, ପଟେଲ ମାର୍ଗ ନବରଙ୍ଗପୁର**

---

ଭାବର ପ୍ରତୀକ ସ୍ନେହର ପ୍ରତୀକ ପ୍ରତ୍ୟେକ ଶ୍ରାବଣ ଝରି। ପୂର୍ଣ୍ଣିମା ତିଥିର ରକ୍ଷାର ପ୍ରତୀକ ଭଉଣୀ ହାତର ଡୋରି। ସତେ ଯେତେ ସୁଖ ଶିରି ଭାଇଥିଲେ ପାଖେ ସବୁ ଯାଏ ପାଇ ହୁଏ ଅଭିମାନୀ ଭାରି। ରାଖୀ ଉତ୍ସବର କଥା ତ ନିଆରା ଜଗତେ ଯା ପଡେ ଝୁରି।

**ସବିତା ରାଉତରାୟ, ଲରାସରା, ବରଗଡ଼**

---

ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ। ଏହି ପୂର୍ଣ୍ଣିମା ଶ୍ରାବଣ ମାସ ପୂର୍ଣ୍ଣମୀ ଦିନ ପାଳନ କରୁଥିବାରୁ ଶ୍ରାବଣ ପୂର୍ଣ୍ଣିମା କୁହାଯାଏ ଓ ଏହି ଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହାକୁ ଗହ୍ମାପୂର୍ଣ୍ଣମୀ କୁହାଯାଇଥାଏ।
ରାଖୀ ପୂର୍ଣ୍ଣମୀ ଓଡ଼ିଶାରେ ପ୍ରସିଦ୍ଧ ହୋଇଥିବାରୁ ଏହାକୁ ସମସ୍ତ ଲୋକ ପାଳନ କରନ୍ତି।

**Subhalaxmi Sahoo, Fullnakhara**

---

ସ୍ନେହ ଓ ମମତା ଭରା ସମ୍ପର୍କର ଡୋରି ରାଖୀ। ଦ୍ରୌପଦୀଙ୍କ ସଙ୍କଟ ସମୟରେ ଶ୍ରୀକୃଷ୍ଣ ରକ୍ଷା କରିଥିଲେ। ଏହି ସମ୍ପର୍କକୁ ରକ୍ଷା କରି ଦ୍ରୌପଦୀ ସମ୍ପର୍କର ଡୋରି ବାନ୍ଧିଥିଲେ। ଏହାକୁ ପ୍ରୋତ୍ସାହିତ କରିବା ପାଇଁ ଭାଇ ଭଉଣୀ ସହୃଦୟର ସହ ରକ୍ଷାବନ୍ଧନ ପାଳନ କରନ୍ତି। ରାଧା ବୃନ୍ଦାବନରେ ଏହି ରାଖୀ ପୂର୍ଣ୍ଣିମା ଏକ ଗଣ ପର୍ବ ଭାବେ ପାଳିତ ହେଉଛି।

**ବିଘ୍ନରାଜ ମାଝି, ଡିଆଇପିଆର୍‌ଓ ଅଫିସ, ନବରଙ୍ଗପୁର**

---

ଦ୍ରୌପଦୀଙ୍କ ରେଶମ ସୂତାର ମୂଲ୍ୟ ରଖିବାକୁ ଯାଇ ଭଗବାନ ଶ୍ରୀକୃଷ୍ଣ ସର୍ବଜ୍ଞ ପୁରୁଷ ହୋଇ କ'ଣ ଜାଣିଥିଲେ ମହାଭାରତ ଯୁଦ୍ଧ ହେବ ? ବଡ ଠାକୁର ବଳଭଦ୍ର କ'ଣ ଜାଣିଥିଲେ ସୁଭଦ୍ରାଙ୍କୁ ରକ୍ଷା କରିବାକୁ ଯାଇ ଅର୍ଜୁନ ସହ ତିକ୍ତତା କରିବାକୁ ହେବ ? ? ସେମାନେ ତ ସର୍ବଜ୍ଞ, ପରାକ୍ରମଶାଳୀ ହୋଇ ନିଜ ଆୟତ୍ତରେ ନିଜ ଭଉଣୀକୁ ଲୋକଲଜ୍ଜାରୁ ସୁରକ୍ଷା ଦେଇପାରି ନ ଥିଲେ। ମୁଁ ତ ଜଡ଼- ନିର୍ଜୀବ, ମୋ ହାତ ନିଜକୁ ସୁରକ୍ଷା ଦେବାକୁ ଅସମର୍ଥ, ତଥାପି ଭରସା କରିଥିବା ମୋ ଭଉଣୀକୁ ହୃଦୟରୁ କୃତଜ୍ଞତା ଓ ଧନ୍ୟବାଦ।

**ବିଶ୍ୱରଞ୍ଜନ ମହାନ୍ତି, ତାଳଚେର, ଅନୁଗୋଳ**

---

ଏହି ଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହି ପର୍ବକୁ ଗହ୍ମାପର୍ବ ବୋଲି କୁହାଯାଏ। ରାଖୀପୂର୍ଣ୍ଣମୀ ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ହେବା ସହ ସ୍ନେହ ପ୍ରେମ ଅତୁଟ ରହେ। ରାଖୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ ଓଡ଼ିଶା ସହିତ ସାରା ଭାରତରେ ମହା ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରାଯାଏ।

**Kalpana Natha, Gosalapada, Balasore**

---

ଆମ ଭାରତରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ସେଥି ମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ। ଏହି ପୂର୍ଣ୍ଣିମା ଶ୍ରାବଣ ମାସ ପୂର୍ଣ୍ଣିମା ଦିନ ପାଳନ କରାଯାଉଥିବାରୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହାକୁ ଗହ୍ମାପୂର୍ଣ୍ଣିମା ମଧ୍ୟ କୁହାଯାଏ।

**ପ୍ରିୟଙ୍କା ପ୍ରଧାନ, ନବରଙ୍ଗପୁର, ଓଡ଼ିଶା**

---

ରାଖୀ ପୂର୍ଣ୍ଣିମା ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ପଡ଼େ। ଏହି ଦିନ ଭଗବାନ ବଳରାମଙ୍କ ଜନ୍ମ ହୋଇଥିବାରୁ ଏହି ପର୍ବକୁ ଗହ୍ମାପର୍ବ ବୋଲି କୁହାଯାଏ। ବନ୍ଧନ ଏକ ଏପରି ପର୍ବ ଭାଇ ଭଉଣୀର ଅତୁଟ ବନ୍ଧନ। ଏହି ଦିନରେ ଭାଇଟି ତା'ର ଭଉଣୀର ରାଖୀର ପବିତ୍ର ବନ୍ଧନରେ ବାନ୍ଧି ହୋଇଥାଏ। ଗୃହରୁ ଦୂରେଇ ଥିଲେ ହେଁ ସେ ଭଉଣୀର ରାଖୀକୁ ଚାତକ ପରି ଚାହିଁ ରହିଥାଏ। ରାଖୀ ବାନ୍ଧି ଭଉଣୀ ତା' ଭାଇଠାରୁ ସୁରକ୍ଷା କାମନା କରିଥାଏ। ରାଖୀକୁ ରକ୍ଷାକବଚ ବା ସୁରକ୍ଷାକବଚ ରୂପେ ଗ୍ରହଣ କରାଯାଏ। ପୁରାଣରୁ ପ୍ରମାଣ ମିଳେ ଯେ, ଭଉଣୀ ଯମ ହାତରେ ରାଖୀ ବାନ୍ଧି ଯମ ଯନ୍ତ୍ରଣାରୁ ରକ୍ଷା ପାଇଥିଲେ। ରାଖୀ ସ୍ନେହ ଓ ମମତାର ପ୍ରତୀକ।

**ଜିତେନ୍ଦ୍ର କୁମାର ମହାନ୍ତି, ଖଣ୍ଡଗିରି, ଭୁବନେଶ୍ୱର**

---

ଦେଇ ଦୁଇ ଗଣ୍ଠି ଯେବେ ବାନ୍ଧିଲି ମୁଁ ରାଖୀ, ମୋ ହୃଦୟ ଅମାପ ସାହସ ସେବେ ଦେଖି ଝରେଇଥିଲା ଲୁହ ମୋ ଦୁଇ ଆଖି... ବର୍ଷରେ ଥରେ ଆସେ ଏ ଦିନ । ହେଲେ ମନ କହେ ରଖି ଆସନ୍ତା କି ସବୁଦିନ.... ମୋ ଭାଇ ମୋ ହୃଦୟର ଆଖି। ଯେବେ ସେ ନ ଥାଏ ମୋ ପାଖାପାଖି ମୁଁ ଦିନ କାଟେ ତା' ଛବି ଦେଖି ଦେଖି।

**Sanchita Priyadarsini, Bomikhal, BBSR**

---

ଆମ ଭାରତବର୍ଷରେ ୧୨ ମାସରେ ଥରେ ରାଖୀପୂର୍ଣ୍ଣିମା ପାଳନ କରାଯାଏ। ରାଖୀପୂର୍ଣ୍ଣିମାକୁ ରକ୍ଷାବନ୍ଧନ ମଧ୍ୟ କୁହାଯାଏ। ଏହି ଦିନ ଭଗବାନ ବଳରାମଙ୍କ ଜନ୍ମ ହୋଇଥିବାରୁ ଏହି ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ଦିନ ଭଉଣୀ ତା'ର ଭାଇର ମଥାରେ ତିଳକ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ରାଖୀ ପୂର୍ଣ୍ଣିମା ପ୍ରେମ, ତ୍ୟାଗ ଓ କର୍ତ୍ତବ୍ୟର ପର୍ବ।

**ଗୋପାଳ ମେନନ, ମହାନଦୀ ବିହାର କଟକ**

ଧରିତ୍ରୀ
DHARITRI
ରବିବାର, ୨୨ ଅଗଷ୍ଟ, ୨୦୨୧



# ଅତୁଟ ବନ୍ଧନ





ପାଣିରେ ଭାସି ଯାଉଥିବା ପିମ୍ପୁଡ଼ିଟି ପତ୍ର ଉପରେ ଭରସା କରି ଜୀବନ ବଞ୍ଚାଇଥାଏ। ବନ୍ଧୁ ତୁମେ କାହା ଉପରେ ଭରସା କରି ଜୀବନ ବଞ୍ଚିବାକୁ ଚେଷ୍ଟା କରିବା ଅପେକ୍ଷା ପରିଶ୍ରମ କରି ନିଜ ସ୍ୱାଧୀନରେ ବଞ୍ଚିବା ଶିଖ। ଜୟ ଜଗନ୍ନାଥ।
**ଜଗନ୍ନାଥ ପଣ୍ଡା, ବୈଶିଙ୍ଗା, ମୟୂରଭଞ୍ଜ**

ଭାଇଙ୍କ ଆଦର ମଧୁଠୁ ମଧୁର ଛାର ସୁରକ୍ଷାର ଦିବ୍ୟ କବଚ, ସେ' ଛାଇ ଭଉଣୀ ପାଖେ ପାଖେ ଥାଉ ଲୋଡ଼ା କିଛି ନାହିଁ ଜୀବନଯାକ।
**ରୀନା ମେହେର, ପାଟଣାଗଡ଼, ବଲାଙ୍ଗୀର**

Wish all a lovely 'Rakshya Bandhan'. Hope all spend this beautiful festival in a delightful way with there friends and family. In this tough period of covid-19 may no sisters will deprive to tie a knot on their brother's hand.
**Atasi Priyadarsini, Nalconagar, Angul**

ଭଉଣୀ ରାଖୀପୂର୍ଣ୍ଣିମା ଦିନ ଜଗିଥାଏ ଭାଇ ହାତରେ ରାଖୀ ବାନ୍ଧିବ ବୋଲି। ହାତରେ ରାଖୀ ବାନ୍ଧି ସାରିଲା ପରେ ତୁମକୁ କିଛି ମାଗିବିନି ଭାଇ। ସବୁବେଳେ ରାଣ ପକେଇ କହୁଛି କିଛି ଦୁଃଖ ଯଦି ଆସେ ଆଗରେ ଆସି ଠିଆହବୁ। ଭାଇ ତୋ ଆଖିରେ କେବେ ଦେବିନି ଲୁହ ତତେ ହସେଇବି ସାରା ଜୀବନ। ଭଉଣୀ ଓ ଭାଇ ପବିତ୍ର ସମ୍ପର୍କର ସାକ୍ଷୀ।
**କିଶୋର କୁମାର ମହାନ୍ତ, କେ.ସି.ପୁର, ମୟୂରଭଞ୍ଜ**

କାହାପାଇଁ ଖଣ୍ଡିଏ ସୂତା ତ ଆଉ କାହାପାଇଁ ସୂତାର ପିନ୍ଧିବା ସାମଗ୍ରୀଟିଏ ଦେଲେ ମୁଁ କହିବି ରାଖୀ ଗୋଟିଏ ଭଉଣୀର ସ୍ନେହ, ଭଲ ପାଇବା ଓ ଭରସାର ମନ୍ତ୍ରମୁଗ୍ଧ ରକ୍ଷା ସୂତ୍ରଟିଏ। ଭାଇ ତମେ ଯେବେ ବି ତୁମ ରାଖୀବନ୍ଧା ହାତକୁ ଦେଖୁଥିବ ତୁମକୁ ମୋ କଥା ନିଶ୍ଚୟ ମନେ ପଡୁଥିବ ସର୍ବଦା ତମ ମନରେ ମୋ ପାଇଁ ସ୍ଥାନ ଥିବ।
**Pinky Nayak, Niladri Vihar, BBSR**

Sneha sutare mamatara mali,
deuchi bandhi mun hatare toro,
mane rahkithibu bhuli na jibu,
reshami doro ku na kari para.
**Guru Prasad Sahoo, Jatni, Khordha**

ଭଉଣୀଲୋ ମୁଁ ତତେ କେବେ କରିବିନି ପର, ପବିତ୍ର ଓ ରାଖୀ ବନ୍ଧନରେ ପକାଉଛି ମୋ ରାଣ। ଅଭାବ ଅନଟନରେ କଟିଥାଏ ଆମର ଦିନ, ଦେଇପାରୁନି ତତେ କିଛି ନିଜକୁ ମଣୁଛି ହୀନ। ଅଭାବ ଅନଟନକୁ ଦୂର ମୁଁ କରିବି ସରକାରୀ ଚାକିରି ବଳିଆନେ। ହାରି ମୁଁ ଯାଇନି ଥକି ମୁଁ ପଡ଼ିନି ନିରନ୍ତର ପ୍ରଚେଷ୍ଟା କରୁଛି ମୁଁ ପ୍ରତିଦିନେ।
**ଅମୂଲ୍ୟ କୁମାର ମଲ୍ଲିକ, ପରମାନନ୍ଦପୁର, ଭଦ୍ରକ**

ଆମ ଭାରତ ବର୍ଷରେ ପାଳନ ହେଉଥିବା ପର୍ବପର୍ବାଣି ଆମକୁ କିଛି ନା କିଛି ଶିକ୍ଷା ଦେଇଥାଏ। ଶ୍ରାବଣ ମାସରେ ପୂର୍ଣ୍ଣିମା ତିଥିରେ ପାଳନ ହେଉଥିବା ରାଖୀ ପୂର୍ଣ୍ଣିମା ଅନ୍ୟତମ। ଏହିପର୍ବ ଭାଇ ଓ ଭଉଣୀ ସମ୍ପର୍କ ମଧ୍ୟରେ ଥିବା ମାଧୁର୍ଯ୍ୟ, ସ୍ନେହ, ଆବେଗ, ସମ୍ମାନ ଓ ବନ୍ଧୁତ୍ୱକୁ ଦୃଢ଼ କରିଥାଏ। ଏହି ଦିନ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରାର୍ଥନା କରିଥାଏ। ବଦଳରେ ଭାଇ ତା'ର ଭଉଣୀଙ୍କୁ ରକ୍ଷା କରିବାର ସଂକଳ୍ପ ନେଇଥାଏ।
**ଶିବାଶିଷ ବିଶ୍ୱାଳ, ଗଡ଼ନ୍ତି ଛକ, ପୁରୀ**

ବଦଳି ଯାଇଛି ପସନ୍ଦ ଓ ବଦଳି ଯାଇଛି ବେଶ କିନ୍ତୁ, ବଦଳି ଯାଇନି ଆମ ପରମ୍ପରାର ଉଦ୍ଦେଶ୍ୟ। ଗାଁରୁ ସହର, ନଗରରୁ ମହାନଗର ସବୁଆଡ଼େ ଆନନ୍ଦ ଉଲ୍ଲାସର ଧ୍ୱନି। ଯେଉଁଥିରେ ଲୁଚି ରହିଥାଏ ଭାଇ ଭଉଣୀଙ୍କର ଅନାବିଳ ପ୍ରେମର ପବିତ୍ର ସମ୍ପର୍କ। ଯାହା ଦିନେ କୃଷ୍ଣ ଓ ଦ୍ରୌପଦୀଙ୍କଠାରୁ ଭାରତୀୟ ସଂସ୍କୃତିରେ ମହାନ୍ ପର୍ବ ଆରମ୍ଭ ହୋଇଥିଲା। ସୂତାଟିଏ ହେଉ କିମ୍ବା ରେଶମିର ଡୋରି ଏହାର ଶକ୍ତି ଆଗରେ ହାର ମାନିଯାଏ ସମସ୍ତ ବାଧା। ଏହା ମହୁଠାରୁ ବି ମିଠା ଟଙ୍କାଠାରୁ ବି ମୂଲ୍ୟବାନ।
**ଦୀପ୍ତିମୟୀ ଜେନା, ଧାମନଗର ବ୍ଲକ୍‌କଲୋନି, ଭଦ୍ରକ**

ରେଶମି ଡୋରିରେ ସେନେହ ରଙ୍ଗ ବୋଳି ବାନ୍ଧିଦେଲି ଭାଇ ହାତରେ ତୋର, ଆସିଲେ ଆସିବ ଯେତେ ଝଡ଼ ପଛେ ରହିଥିବୁ ସଦା ସାଥିରେ ମୋର, ମଥା ଉପରେ ହାତ ରହିଥିଲେ ତୋର, ମହକି ଉଠିବ ମୋ ଜୀବନ, କେଉଁ ଜନମର ପୂର୍ଣ୍ଣ ମିଳିଛି ଆଜି, ଜଗନ୍ନାଥଙ୍କ ପରି ଭାଇରୂପେ ପାଇଛି ତୁମକୁ ରାଖୀରେ ଆଜି।
**ମମତା ସାହୁ, ଅସ୍ତରଙ୍ଗ, ପୁରୀ**

ରାଖୀବନ୍ଧନ ହେଉଛି ଭାଇ ଭଉଣୀର ଏକ ପବିତ୍ର ଦିବସ। ଏହି ପର୍ବ ଶ୍ରାବଣ ମାସରେ ପାଳନ କରାଯାଏ। ଏହି ଦିନ ଭଉଣୀ ତା' ଭାଇ ପାଇଁ ଲମ୍ବା ଆୟୁଷର ବରଦାନ ମାଗେ। ଭାଇ ବି ସବୁ ଅସୁବିଧାରେ ସାହାଯ୍ୟ କରିବାର କଥା ଦିଏ ଓ ତାକୁ ସବୁବେଳେ ରକ୍ଷା କରିବ। ଏହିପର୍ବ ଭାରତର ସଂସ୍କୃତି ଓ ପରମ୍ପରାର ଏକ ଅମୂଲ୍ୟ ଉପହାର। ଏହା ଏକ ଭାଇଭଉଣୀ ସ୍ନେହର ଦିବସ।
**ଚିନ୍ମୟୀ ମହାକୁଳ, କିଣ୍ଟାପାଲି**

ରକ୍ଷା ବନ୍ଧନ। ର- ରକ୍ଷା କରିବ ଭଉଣୀକୁ। କ୍ଷ. କ୍ଷମା କରିବ ଭଉଣୀକୁ। ବ- ବନ୍ଧନମୁକ୍ତ କରିବ ଭଉଣୀକୁ। ନ୍ଧ- ଧ୍ୟାନ ରଖିବ ଭଉଣୀର। ନ - ନ ଭୁଲିବ କେବେ ଭଉଣୀକୁ।
**ଶ୍ରେୟଶ କୁମାର ପଟ୍ଟନାୟକ, ବଡ଼ମ୍ବା, କଟକ**

ସମ୍ପର୍କ ପଛରେ ଭଲ ଲାଗେ କାହାଣୀ। ଲକ୍ଷ୍ୟ ପଛରେ ଭଲ ଲାଗେ ନିଜର ମୁଖ ନିଃସୃତବାଣୀ। ଆଉ ଭାଇ ସାଥିରେ ଭଲ ଲାଗେ ଭଉଣୀ। ଆଜି ଏ ପବିତ୍ର ବଳଦେବ ଜନ୍ମେ ତୋ ହାତେ ବାନ୍ଧି ମୁଁ ରାଖୀ। ଶୁଣ ଧନ ମୋର କହୁ ଅଛି ଆଜି ପ୍ରଭୁ ଏକା ଆମ ସାକ୍ଷୀ। ଏ ଜୀବନ ପଥେ ଅନ୍ଧ ପଥିକ ମୁଁ ଭାଇ ମୋ ପୀୟୂଷଜ୍ୟୋତି।
**ପ୍ରତିମା ସାମନ୍ତରାୟ, ବମିଖାଲ, ଭୁବନେଶ୍ୱର**

ଦୁନିଆରେ ଥିବା ସବୁ ସମ୍ପର୍କଠାରୁ ନିଆରା ଭାଇଭଉଣୀ ସମ୍ପର୍କ, ସିନ୍ଦୂର ଓ ଚନ୍ଦନ ସହିତ ରେଶମୀ ସୂତାର ଡୋରି ଭାଇଭଉଣୀ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ମଜଭୁତ କରିଥାଏ। ଏହି ରାଖୀ ପୂର୍ଣ୍ଣିମା ଭାଇ ଓ ଭଉଣୀର ସେନେହର ମିଳନକୁ ଆହୁରି ମଜଭୁତ କରିବାର ପର୍ବ। ଭଉଣୀର ରାଖୀ ଖାଲି ଡୋରି ନୁହେଁ ଭାଇ ପାଇଁ ରକ୍ଷା କବଚ ପରି।
**ଶକ୍ତିପୂଜାରିଣୀ ଦାଶ, ଜଗତ୍‌ସିଂହପୁର**

ହେ ଯୁବଗୋଷ୍ଠୀ ଶପଥ ନିଅ ପିତାମାତାଙ୍କ ଦାୟିତ୍ୱ ନେବା, ଗୁରୁ ଗୁରୁଜନଙ୍କୁ ସମ୍ମାନ, ଭଉଣୀ ରାଖୀର ମୂଲ୍ୟ ଦେବା, ସହରାଭିମୁଖୀ ହୋଇ ଗାଁକୁ ଭୁଲିବା ନାହିଁ। ବସ୍ତୁବାଦୀ ଓ ସ୍ୱାର୍ଥପର ନ ହୋଇ ନିଜର ଆଚରଣ ଏବଂ ବଚନ ଦ୍ୱାରା ଲୋକଙ୍କୁ ଅସତ୍‌ରୁ ସତ୍ ସମ୍ମୁଖ କରି ନିଜର ଆଚରଣକୁ ମାର୍ଜିତ କରିବା।
**ବୀଣାପାଣି ନାୟକ, ଖଣ୍ଡଗିରି, ଭୁବନେଶ୍ୱର**

ରାଖୀର ବନ୍ଧନ ଭଉଣୀର ମାନ
ରକ୍ଷା କରେ ଭାଇ ଦେଇ ତା' ଜୀବନ।।
ଝରି ଯାଉଥିଲା ରକତର ଧାର
ରୋକି ଦେଲେ ଚିରି ପଣତ ତାଙ୍କର।।
ବିପଦରେ ଥିଲା ଦ୍ରୌପଦୀଙ୍କର ମାନ
ରକ୍ଷା କରିଥିଲେ କୃଷ୍ଣ ଭଗବାନ।।
ହସ ଓ ଖୁସିରେ ଅଛି ସେ ସାକ୍ଷୀ
କୃଷ୍ଣଙ୍କ ହାତରେ ଦ୍ରୌପଦୀଙ୍କ ରାଖୀ।।
**ଜ୍ୟୋତିର୍ମୟୀ ଜେନା, ଭଦ୍ରକ**

ରକ୍ଷା ବନ୍ଧନ ସେଭଳି ଏକ ପର୍ବ, ସେଇଦିନଟି ଭାଇ ଓ ଭଉଣୀଙ୍କର ସମ୍ପର୍କକୁ ଉତ୍ତମ ଭାବରେ ପାଳନ କରାଯାଏ। ଏହା ଭାଇ ଓ ଭଉଣୀର ଆସ୍ଥା ଓ ବିଶ୍ୱାସର ପର୍ବ। ଏହି ପର୍ବ ପ୍ରତିବର୍ଷ ଶ୍ରାବଣ ମାସରେ ପଡ଼େ। ଏହା ୨୨ ଅଗଷ୍ଟ ୨୦୨୧ରେ ପଡୁଅଛି। ଏହି ଦିନଟି ରବିବାର ଶ୍ରାବଣ ମାସ ଶୁକ୍ଳ ପକ୍ଷ ଓ ପୂର୍ଣ୍ଣିମା ତିଥି ରହିଛି। ଏହି ଦିନଟି ରାହୁର ସମୟ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହିଛି। ତେଣୁ ଭଉଣୀ ଭାଇ ହାତରେ ରାଖୀ ବାନ୍ଧିବା ଉପଯୁକ୍ତ ସମୟ ରହୁଛି।
**କୈଳାସ ଚନ୍ଦ୍ର ତ୍ରିପାଠୀ, ଭୁବନେଶ୍ୱର**

ରାଖୀ ଗୋଟିଏ ସାଧାରଣ ସୂତା ନୁହେଁ। ଏହା ଭାଇଭଉଣୀଙ୍କ ମଧ୍ୟରେ ଥିବା ପବିତ୍ର ସମ୍ପର୍କର ଯୋଗସୂତ୍ର। ଏହାକୁ ବାନ୍ଧି ଭଉଣୀ ତା' ଭାଇଠାରୁ ସାରା ଜୀବନ ସୁରକ୍ଷାର ବଚନ ନେଇଥାଏ। ତା'ର ବିଶ୍ୱାସ ରହିଥାଏ ଯେ ବିପଦ ବେଳେ, ସବୁ ସମ୍ପର୍କୀୟ ମୁହଁ ଫେରେଇ ନେଲେ ବି ତା' ଭାଇ ସବୁବେଳେ ସବୁ ପରିସ୍ଥିତିରେ ତା' ପାଖରେ ଠିଆ ହେବ।
**ଏମ୍. ସୁଗୁନା, ଭରତପୁର ପିଏସ୍, ଭୁବନେଶ୍ୱର**

It's Rakhi, you are not at home still I am feeling your presence in every oh my breating every movement. I don't want anything from you but I will claim only your love, care, support wishing you very "happy rakhya bandhan".
**Shantilata Sahu, Rasol, Dhenkanal**

ରକ୍ଷା ବନ୍ଧନ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପଡୁଥିବାରୁ ଏହା ରାଖୀ ପୂର୍ଣ୍ଣିମା ନାମରେ ନାମିତ ହୋଇଛି। ଏହି ଦିନରେ ଭଗବାନ ବଳଭଦ୍ର ଜନ୍ମ ଗ୍ରହଣ କରିଥିବାରୁ ଦିନଟିକୁ ଗହ୍ମାପର୍ବ ବୋଲି ମଧ୍ୟ କୁହାଯାଏ। ଏହି ଦିନ ଭଉଣୀ ତା' ଭାଇ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ପ୍ରଥା ଅନୁସାରେ ପୂର୍ଣ୍ଣିମାରେ ସୌରଜଗତର ସମସ୍ତ ଗ୍ରହ ପୃଥିବୀ ଉପରେ ଆକ୍ରମଣ କରିଥିଲେ। ପୃଥିବୀ ନିଜର ରକ୍ଷା ପାଇଁ ଚନ୍ଦ୍ରକୁ ରାଖୀ ବାନ୍ଧି ଭାଇ କରିଥିଲେ। ସେହି ଦିନରୁ ଚନ୍ଦ୍ର ପୃଥିବୀର ସୁରକ୍ଷା କବଚ ହୋଇ ପୃଥିବୀ ଚାରିପଟେ ବୁଲୁଛି। ଏହି କାରଣରୁ ରକ୍ଷାବନ୍ଧନ ପର୍ବ ପାଳନ କରାଯାଉଛି।
**ସୋନାଲି ସ୍ୱାଇଁ, ନେମାଳ, କଟକ**

ଅତୁଟ ବନ୍ଧନଟିଏ ଭାଇ ଭଉଣୀର।
ରଖୀ ଅଟେ ସାକ୍ଷୀ ଏଠି, ସ୍ନେହ ଓ ପ୍ରେମର
ବାନ୍ଧି ଦେଇ ଶରଧାରେ ଡୋରିଟିକୁ ହାତରେ ତୋହର, ଏତିକି ମାଗିବି ହେ ଈଶ୍ୱର! ସମ୍ପର୍କ ଏ ରହିଥାଉ ଜନ୍ମ ଜନ୍ମାନ୍ତରର।
**Sujata Rani Sahu, Infront of Blue Vine Hotel, Bhadrak**

Dear sister, you can take please all the important members of my life but no one take place of yours in my heart. You are only a person who knows me better than me. No matter how the time is you have always stand for me. I love you dii.
**Manas Pradhan, Attabira, Bargarh**

ରାଖୀ ଭାଇ ଓ ଭଉଣୀର ସ୍ନେହ ଏବଂ ଶ୍ରଦ୍ଧାର ଏକ ସୁନ୍ଦର ସେତୁ। ଏହି ଛୋଟ ଡୋରିରେ ରହିଥାଏ ଭଉଣୀର ଭାଇ ପ୍ରତି ସ୍ନେହ ଓ ସମ୍ମାନ। ଦୀର୍ଘାୟୁ ଓ ମଙ୍ଗଳ କାମନା ସହ ଭଉଣୀ ଭାଇଠାରୁ ମାଗି ବସେ ଜୀବନ ଯାକର ସୁରକ୍ଷା। ଭାଇଟି ମଧ୍ୟ ଜୀବନ ଥିବା ପର୍ଯ୍ୟନ୍ତ ଭଉଣୀର ସମ୍ମାନ ଓ ସୁରକ୍ଷା କରିବାକୁ କଥାଦିଏ।
**ଅଙ୍କିତା ସୁତାର, ରାଣୀତାଲ, ଭଦ୍ରକ**

ରକ୍ଷା ବନ୍ଧନ! ଏ କେବଳ ଭାଇର ଭଉଣୀକୁ ରକ୍ଷା କରିବାର ପର୍ବ ନୁହେଁ, ଏହା ଭାରତୀୟ ସଂସ୍କୃତିରେ ଗୋଟେ ଭାଇର ଭଉଣୀ ପ୍ରତି ସ୍ନେହ, ପ୍ରେମ, ମମତା, ଯତ୍ନ ଓ ତ୍ୟାଗର ପ୍ରତୀକ ଏବଂ ପରମ୍ପରା।
**ସ୍ୱାତୀ ଜେନା, ମିତ୍ରପୁର, ବାଲେଶ୍ୱର**

ଭାରତୀୟ ସାଂସ୍କୃତିକ ପରମ୍ପରା, ବୈଶିଷ୍ଟ୍ୟ ତଥା ମହାନତାର ଏକ ଅଗ୍ରଣୀ ବାର୍ତ୍ତାବହ ଭାବରେ ଚିରପରିଚିତ, ତଥା ଭାଇ ଭଉଣୀର ପବିତ୍ର ସମ୍ପର୍କର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ପବିତ୍ର 'ରକ୍ଷା ବନ୍ଧନ' ବା ରାଖୀ ପୂର୍ଣ୍ଣିମା। ଏହା କେବଳ ଯେ ମାନବୀୟ ପରମ୍ପରା ଭିତରେ ସୀମିତ ତା' ନୁହେଁ ଏହା ଆଧ୍ୟାତ୍ମିକ ତଥା ଭାଗବତ ଚିନ୍ତା ଓ ଚେତନାର ଏକ ନଗ୍ନ ଚିତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାହାକି ପୁରୀର ବଡ଼ ଦେଉଳର ରତ୍ନ ସିଂହାସନରୁ ସ୍ପଷ୍ଟ ଅନୁମେୟ।
**ଶମ୍ଭୁ ପ୍ରସାଦ ହୋତା, ଅଧ୍ୟାପକ, ନବରଙ୍ଗପୁର**

ନାରୀ ପାଇଁ ସୃଷ୍ଟି ସମଗ୍ର ଜଗତ ବିକାଶର ମୂଳ ନାରୀ, ନାରୀର ଉନ୍ନତି ସମାଜେ ହୋଇଲେ ସମାଜ ଯିବ ସୁଧୁରି।
ନାରୀ ଜାଗରଣ ସଶକ୍ତୀକରଣ ନାରୀ ସଚେତନ ହୁଅ,ନାରୀ ନିର୍ଯାତନା ପ୍ରେମ ପ୍ରତାରଣା ସମାଜୁ ଦୂରେଇ ଦିଅ।
ହୀନକର୍ମ ଅଟେ ଯଉତୁକ
ପ୍ରଥା ସମାଜୁ




ଦୂରେଇ ଦିଅ, ନୂତନ ସମାଜ ଗଢ଼ ତୁମେ ଆଜି ନାରୀ ଜାଗ୍ରତ ହୁଅ।
**ସୋନାଲି ଶୁଚିସ୍ମିତା ପୃଷ୍ଟି, ଢେଙ୍କାନାଳ**

ରାଖୀ ବନ୍ଧନର ଅଲୌକିକ ଶକ୍ତି ଭାଇ ଭଉଣୀ ସମ୍ପର୍କର ଡୋରିକୁ ସୁଦୃଢ଼ କରିଥାଏ, ରାଖୀ ବନ୍ଧନର ସ୍ୱଚ୍ଛ ଚିନ୍ତାଧାରା ଭାଇ ଭଉଣୀ ସମ୍ପର୍କକୁ ଚିର ସବୁଜ କରିଥାଏ, ରାଖୀ ବନ୍ଧନର ପ୍ରତିବଦ୍ଧତା ଭାଇ ଭଉଣୀ ଜୀବନରେ ସୁରକ୍ଷା କବଚ ପ୍ରଦାନ କରିଥାଏ, ରାଖୀ ବନ୍ଧନର ଆଧ୍ୟାତ୍ମିକ ଭାବନା ଭାଇ ଭଉଣୀ ସମ୍ପର୍କରେ ଭକ୍ତି ଓ ଶ୍ରଦ୍ଧା ଓ ସୃଷ୍ଟି କରିଥାଏ।
**ହର୍ଷୋଲାସ ଦାସ, ଛେଣ୍ଡ କଲୋନୀ, ରାଉରକେଲା**

ଢାଳିଦିଅ ମାଆଗୋ ଶୁଭ ଆଶିଷଧାରା
ମୋଇ ଭାଇର ଚଲା ପଥରେ,
ବିଞ୍ଚିଦିଅ ମାଗୋ ମଲ୍ଲୀ, କେତେକୀ ପାଖୁଡ଼ି
ମୋ ଭାଇର ଆଶା ରଥରେ।
ସେନେହ ସୂତାରେ ମମତାର ମାଳି
ଦେଇଛି ବାନ୍ଧି ମୁଁ ହାତରେ ତୋର
ମନେ ରଖିଥିବୁ ଭୁଲି ନ ଯିବୁ
ରେଶମୀ ଡୋରକୁ ନ କରି ପର।
**ରୋଜାଲିନ୍ ମଲ୍ଲିକ, ବାସୁରିଆ ଗୁଡା, ନବରଙ୍ଗପୁର**

ରାଖୀ ପୂର୍ଣ୍ଣିମା ଏକ ପ୍ରମୁଖ ଆବେଗ ଓ ଉତ୍ସାହର ପର୍ବ। ଏହି ଶ୍ରଦ୍ଧା ଭକ୍ତି ଓ ଭାଇ ଚାରାର ପର୍ବ ଭାଇ ଭଉଣୀଙ୍କ ଅତୁଟ ସ୍ନେହ ସମ୍ପର୍କ ଓ ବନ୍ଧନକୁ ପ୍ରତିପାଦନ କରେ। ଏହି ଶୁଭ ଅବସରରେ ଆସନ୍ତୁ ଅନ୍ତର୍ନିହିତ ସଦ୍‌ଗୁଣର ବିକାଶପୂର୍ବକ ଭ୍ରାତୃପ୍ରେମ ଓ ସ୍ନେହରେ ଆବଦ୍ଧ ହୋଇ ଐକ୍ୟତାର ପରାକାଷ୍ଠାକୁ ପରିବ୍ୟାପ୍ତ କରିବା ସହିତ ନୈସର୍ଗିକ ଆନନ୍ଦ ଉପଲବ୍ଧ କରିବା।
**ସନ୍ତୋଷ କୁମାର ସାହୁ, କୋଟପାଡ଼, ନବରଙ୍ଗପୁର**

ମୋର ଭାଇ ନାହିଁ ସତ, ହେଲେ ମୁଁ କେବେ ମନଦୁଃଖ କରିନି କାରଣ, ଆଜିର ଏହି ପବିତ୍ର ଦିନରେ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଜଗତରନାଥ ଜଗନ୍ନାଥଙ୍କ ହାତରେ ରାଖୀଟିଏ ବାନ୍ଧି ପ୍ରାର୍ଥନା କରିବି, ଯେଉଁମାନଙ୍କ ପାଇଁ (ଯବାନ, ଡାକ୍ତର, ନର୍ସ, ସାମ୍ବାଦିକ ଏବଂ ପୋଲିସ)ଙ୍କ ପାଇଁ ଆମେ ସମସ୍ତେ ହସ ଓ ଖୁସିରେ ସମୟ ବିତାଉଛେ, ସେହିମାନଙ୍କୁ ଦୀର୍ଘାୟୁ, ସାହସ ଓ ଧୈର୍ଯ୍ୟର ଆଶୀର୍ବାଦ ପ୍ରଦାନ କରନ୍ତୁ। ଏହା ହେବ ଭଉଣୀ ଭାଇମାନଙ୍କ ପ୍ରତି ଭଲ ପାଇବା, ଭାଇ ତମେ ମୋ ଜୀବନ, ମୁଁ ତମ ହୃଦ୍‌ସ୍ପନ୍ଦନ।
**ପପି ଜେନା, ଭଦ୍ରକ**

ରାଖୀ ହେଉଛି ଆମ ସଂସ୍କୃତିରେ ଏକ ବିଚିତ୍ର ଓ ମହନୀୟପର୍ବ। ପୌରାଣିକ କଥା ଅନୁଯାୟୀ ଏହି ଦିନରେ ମା' ଲକ୍ଷ୍ମୀ ନିଜ ସ୍ୱାମୀଙ୍କୁ ପାତାଳପୁରରୁ ରକ୍ଷା କରିବା ପାଇଁ ରାଜା ବଳିଙ୍କୁ ରାଖୀ ବାନ୍ଧିଥିଲେ। ଇତିହାସ କହେ ପଦ୍ମାବତୀ ନିଜର ଏବଂ ନିଜ ରାଜ୍ୟର ସୁରକ୍ଷା ପାଇଁ ସମ୍ରାଟ ହୁମାୟୁନଙ୍କୁ ରାଖୀ ପଠାଇଥିଲେ। ଏହି ଦିନଟିକୁ ସ୍ମରଣୀୟ ରଖିବା ପାଇଁ ଭଉଣୀମାନେ ଭାଇମାନଙ୍କୁ ରାଖୀ ବାନ୍ଧି ନିଜର ସୁରକ୍ଷା ସହ ସାମାଜିକ ସମ୍ପର୍କକୁ ସୁଦୃଢ଼ କରିଥାନ୍ତି।
**ମନୋରମା ପାଢ଼ୀ, ନବରଙ୍ଗପୁର**

ଭାଇଙ୍କ ପ୍ରେମପରି ଅନ୍ୟ କୌଣସି ପ୍ରେମ ନାହିଁ, ସେଭଳି ଭଉଣୀ ଭାଇକୁ ସବୁ କିଛି ଶିଖାଇଥାଏ। ଭାଇଙ୍କୁ ଭଗବାନ ପରି ମାନନ୍ତି। ସେ ଭାଇ ଏକ ବନ୍ଧୁ। ଯିଏ କି ସବୁ ବିପଦରେ ଭଉଣୀ ପଛରେ ଠିଆ ହୋଇଥାଏ। ଭାଇ ତୁମର ଶିକ୍ଷକ, ତୁମର ପ୍ରତିରକ୍ଷା ଓକିଲ ପରି ପଛରେ ସଦା ରହେ।
**ସତ୍ୟନାରାୟଣ ମହାରଣା, ବ୍ରହ୍ମପୁର, ଗଞ୍ଜାମ**

ଭାଇ, ପ୍ରେରଣାର ଉତ୍ସ ତୁମେ ମୋ ଜୀବନର ଆଲୋକ ବର୍ତ୍ତିକା ଅଟ ମୋ ଚଲାପଥର। ଈଶ୍ୱରଙ୍କ ପାଶେ ମୋର ଏହି ନିବେଦନ ସଦା ରହୁ ଅତୁଟ ଏ ସ୍ନେହର ବନ୍ଧନ।
**Niharika Baliarsingh, Unit-1, BBSR**

Thank you so much "Mana" (Moti) far loving and supporting me throughout. I am very grateful to God for having you as my sister. May God bless you with a long and prosperous life. Before I utter anything you understand you have been my Friend to whom I can share all my sweets. I hove you sister till death. "HAPPY RAKHI"
**Bikash Kumar Singh, Uttampur**

ଆଦିମ କାଳରୁ ରକ୍ଷାବନ୍ଧନ ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପର୍ବଭାବେ ଅଭିହିତ। ଭ୍ରାତା ହସ୍ତରେ ରକ୍ଷା ରୂପକ ରାଖୀ ବନ୍ଧନ କରି ତା'ର ଅଳିଅଳ ଭଗିନୀ ଦୀର୍ଘଜୀବନ କାମନା କରିଥାଏ ଏବଂ ବଦଳରେ ଭାଇ ତାକୁ ଆଜୀବନ ସୁରକ୍ଷା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାଏ।
**ତାରାପ୍ରସାଦ ପଟ୍ଟନାୟକ, ସୂର୍ଯ୍ୟନଗର, ଭୁବନେଶ୍ୱର**

My brother is my best friend, you stand by me, when I am alone.
**Monalisa Routray, Unit-1, BBSR**

ଭାଇ ଭଉଣୀଙ୍କ ଦୁଇଟି ଆଖି
ସାରା ଜୀବନେ ରହିବ ସାକ୍ଷୀ।
ରକ୍ଷା କରୁଥିବ ଏ କବଚ ରାଖୀ
ଦୁହେଁ ଦୁହିଁଙ୍କ ଜୀବନ ଲାଖି।
ପ୍ରଭୁଙ୍କ ପାଖେ ଆଶିଷ ମାଗି
ରାଖୀ ପୁନେଇଁର ବାରତା ଦେଲି, ଭାଇ ଭଉଣୀଏଁ ନ ଯିବ ଭୁଲି।
ଭାଇର ପାଶେ ଏ ଭଉଣୀର ମାନ, ରଖିଥିବ ପାଖେ ଯତନେ ମନେ, ରାଖୀ ପୁନେଇଁ ଯେ ମହତ ଦିନ।
**ରଞ୍ଜୁଲତା ମୁଦୁଲି, ନୟାବଜାର, କଟକ**

ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ସ୍ନେହ, ଶ୍ରଦ୍ଧା ଅତୁଟ ବନ୍ଧନର ପଟରେ ଶୁଭେଚ୍ଛା ଓ ଅଭିନନ୍ଦନ।
**ଚକ୍ରଧର ମହାନ୍ତି, କାଶୀପୁର, କେନ୍ଦୁଝର**

ଗହ୍ମା ପୂର୍ଣ୍ଣିମୀର ଅନ୍ୟ ନାମ ରାଖୀ ପୂର୍ଣ୍ଣିମା। ଏହିଦିନ ରକ୍ଷାବନ୍ଧନ ହୁଏ। ଭଉଣୀମାନେ ପବିତ୍ର ମନରେ ଭାଇମାନଙ୍କ ହାତରେ ରାଖୀ ବନ୍ଧନ କରି ଭ୍ରାତୃଭଗିନୀ ସ୍ନେହକୁ ଆହୁରି ଦୃଢ଼ୀଭୂତ କରିଥାନ୍ତି। ଉକ୍ତ ପୂର୍ଣ୍ଣିମାରେ ମଧ୍ୟ ଗୋରୁଙ୍କର ପୂଜା କରାଯାଏ।
**କୁମ୍‌କୁମ୍ ପଟ୍ଟନାୟକ, ଜଗନ୍ନାଥପୁର, କେନ୍ଦୁଝର**

ରାଖୀ ଏକ ପବିତ୍ର ପର୍ବ। ଏହା ଭାଇ ଭଉଣୀର ପବିତ୍ର ପ୍ରେମର ପ୍ରତୀକ। ଏହି ପର୍ବ ଶ୍ରାବଣ ମାସର ପୂର୍ଣ୍ଣିମାରେ ବନାଯାଏ। ଭଗବାନ କୃଷ୍ଣ ଦ୍ରୌପଦୀଙ୍କୁ ରକ୍ଷା କରିବେ ବୋଲି କଥା ଦେଇଥିଲେ। ଦ୍ରୌପଦୀ ନିଜର ଆଚଲ ଛଡାଇ କୃଷ୍ଣଙ୍କ ହାତରେ ବାନ୍ଧିଥିଲେ।
**ଜ୍ୟୋତ୍ସ୍ନାମୟୀ ମହାନ୍ତି, ଜଗନ୍ନାଥପୁର, କେନ୍ଦୁଝର**

ରାଖୀ ପୂର୍ଣ୍ଣିମା ଦିନ ଭଉଣୀ ତା'ର ଭାଇ ହାତରେ ରାଖୀ ବାନ୍ଧେ। ମଥାରେ ଚନ୍ଦନ ସିନ୍ଦୂର ଲଗାଇ ବନ୍ଦାପନା କରେ ଓ ଜୁହାର କରେ। ମିଠା ଖୁଆଇ ଦିଏ। ଭାଇର ଦୀର୍ଘାୟୁ ପାଇଁ କାମନା କରେ। ଭାଇ ଭଉଣୀକୁ ଉପହାର ଦିଏ ସେଇଦିନ ପିଲାମାନେ ଗୁଡି ଉଡ଼ାନ୍ତି। ଏହି ପର୍ବ ସମସ୍ତଙ୍କର ପ୍ରିୟ ଅଟେ।
**ଛନ୍ଦା କାନୁନ୍‌ଗୋ, କାଶୀପୁର, କେନ୍ଦୁଝର**

ରାଖୀ ହେଉଛି ଦୁଇ ଭାଇ ଓ ଭଉଣୀ ମଧ୍ୟରେ ଅନାବିଳ ସ୍ନେହର ପ୍ରତୀକ। ଯେ କୌଣସି ପରିସ୍ଥିତିରେ ହେଉ ଭଉଣୀକୁ ସୁରକ୍ଷା ଦେବାର ପ୍ରତିଶ୍ରୁତିର ନିଦର୍ଶନ। ଦୁଇ ଜଣଙ୍କ ମଧ୍ୟରେ ଅତୁଟ ବନ୍ଧନର ଦିନ ହେଉଛି ରକ୍ଷାବନ୍ଧନ।
**ଓମ୍ ଦାସ ମହାପାତ୍ର, ଭାଲୁକିପାତାଳ, କେନ୍ଦୁଝର**

ଭଉଣୀ ରାଖୀ ପୂର୍ଣ୍ଣିମା ଦିନ ଜଗିଥାଏ ଭାଇ ହାତରେ ରାଖୀ ବାନ୍ଧିବ ବୋଲି। ହାତରେ ରାଖୀ ବାନ୍ଧି ସାରିଲା ପରେ ତୁମକୁ କିଛି ମାଗିବିନି ଭାଇ। ସବୁବେଳେ ରାଣ ପକେଇ କହୁଛି କିଛି ଦୁଃଖ ଯଦି ଆସେ ଆଗରେ ଆସିଠିଆ ହବୁଭାଇ। ତୋ ଆଖିରେ କେବେ ଦେବିନି ଲୁହ ତତେ ହସେଇ ବି ସାରା ଜୀବନ। ଭଉଣୀ ଓ ଭାଇ ପବିତ୍ର ସମ୍ପର୍କର ସାକ୍ଷୀ।
**କିଶୋର କୁମାର ମହାନ୍ତି, କେସିପୁର, ମୟୂରଭଞ୍ଜ**

ଭାଇ ଭଉଣୀର ଅତୁଟ ବନ୍ଧନର ସାକ୍ଷୀ ହେଉଛି ରାଖୀ। ଭାଇ ଭଉଣୀର ରକ୍ଷା କବଚର ପ୍ରତୀକ ହେଉି ରାଖୀ। ଭାଇ ପ୍ରତି ଭଉଣୀର ସ୍ନେହ ଶ୍ରଦ୍ଧା ସମ୍ମାନ ରୂପେ ରାଖୀ ପ୍ରତୀୟ ମାନ। ରାଖୀର ବନ୍ଧନ ଭାଇଟିକୁ ମନେପକେଇ ଦେଇଥାଏ ଭଉଣୀ ପ୍ରତି ଥିବା ଦାୟିତ୍ୱ। ରାଖୀ ମାଧ୍ୟମରେ ଭଉଣୀ ଭାଇର ଦୀର୍ଘ ଜୀବନର କାମନା କରିଥାଏ। ଭାରତୀୟ ସଂସ୍କୃତିରେ ଭାଇ ଭଉଣୀଙ୍କୁ ଗୋଟିଏ ସୂତାଖିଅରେ ବାନ୍ଧି ରଖିବା ପର୍ବ ରୂପେ ରାଖୀ ପୂର୍ଣ୍ଣିମା ଘରେ ଘରେ ପରିଚିତ।
**ବିଧିକା କୁମାରୀ ମିଶ୍ର, ନବରଙ୍ଗପୁର**

In the end, we stay awake for each other at night, Whenever the other one has exam, with all the ups and downs, fights and cares, hatred and love, wish you a very happy Raksha Bandhan.
**Gobinda Sahoo, Khudupur, Jatni**

ନମସ୍କାର ଆମ ଭାରତବର୍ଷରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରକ୍ଷାବନ୍ଧନ ଅନ୍ୟତମ। ଏହି ଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏହି ପର୍ବକୁ ଗହ୍ମାପର୍ବ ବୋଲି କୁହାଯାଏ। ଏହି ପର୍ବ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପଡୁଥିବାରୁ ଏହା ରାଖୀ ପୂର୍ଣ୍ଣିମା ନାମରେ ଜଣାଶୁଣା। ଭାଇ ମଧ୍ୟ ଭଉଣୀର ସୁନ୍ଦର ଉପହାର ଦେବା ସହ ଭଉଣୀର ରକ୍ଷା କବଚ ସାଜିବାକୁ ପ୍ରତିଶ୍ରୁତି ଦେଇଥାଏ।
**Kalpana Nath, Gosalapada, Balasore**

ରକ୍ଷା ବନ୍ଧନ ହେଉଛି ଏକ ମହାନ୍ ପାରିବାରିକ ପବିତ୍ର ପର୍ବ। ଏହା ଭ୍ରାତୃ ଭଗିନୀ ମଧ୍ୟରେ କର୍ତ୍ତବ୍ୟ ପରାୟଣତା ଓ ଦାୟିତ୍ୱ ବଦ୍ଧତାର ପ୍ରତୀକ। ଏହି ପର୍ବର ତାତ୍ପର୍ଯ୍ୟ ହେଉଛି। ଅସୁବିଧା ସମୟରେ ଭାଇ ହେଉ କିମ୍ବା ଭଉଣୀ ନିଜର ହେଉ କି ପର, ଉଚ୍ଚ ହେଉ କି ନୀଚ, ସମସ୍ତଙ୍କୁ ରକ୍ଷା କରି ଖୁସି ବାଣ୍ଟିବା ହେଉଛି ଭାରତୀୟ ପରମ୍ପରା।
**ଶକ୍ତି ପ୍ରସାଦ ସିଂହ, ଭୁବନେଶ୍ୱର, ଖୋର୍ଦ୍ଧା**

ଓଡ଼ିଆ ମାସ ଅନୁସାରେ ଭାଦ୍ରବ ମାସ ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ବା ରାଖୀ ପୂର୍ଣ୍ଣିମା କୁହାଯାଏ। ଏହିଦିନକୁ ପ୍ରଭୁ ବଳଭଦ୍ର ଜନ୍ମ ମଧ୍ୟ କୁହାଯାଏ। ଗୋଟେ ଭଉଣୀ ତା'ର ଭାଇ ହାତରେ ରାଖୀ ଭିଡି ଠାକୁରଙ୍କୁ ପ୍ରାର୍ଥନା କରେ ଯେ ମୋ ଭାଇ ହାତରେ ମୁଁ ବଞ୍ଚିବା ପର୍ଯ୍ୟନ୍ତ ମୁଁ ରାଖୀ ବାନ୍ଧୁଥାଏ। କାରଣ ଯେତେ ଅସୁବିଧା ଆସିଲେ ମଧ୍ୟ ମୋ ଭାଇ ମତେ ସବୁ ବିପଦରୁ ରକ୍ଷା କରୁଥାଏ। କାଳିଆ ଠାକୁର ଯେମିତି ସୁଭଦ୍ରାଙ୍କୁ ଏକା ନ ଛାଡ଼ି ତାଙ୍କୁ ରଥଯାତ୍ରାରେ ନେଇଥିଲେ।
**ମଧୁସ୍ମିତା ବାରିକ୍, ଜୟଦେବ ବିହାର, ଭୁବନେଶ୍ୱର**

ସବୁ ବନ୍ଧନ ମଧ୍ୟରେ ଭାଇ ଓ ଭଉଣୀଙ୍କର ପବିତ୍ର ବନ୍ଧନ ହେଉଛି ରକ୍ଷାବନ୍ଧନ। ଏହା ଭାଇ ଓ ଭଉଣୀର ବିପଦ ଆପଦରେ ସବୁବେଳେ ସାଥି ହୋଇ ଆଗେଇ ରହିଥାଏ। ଏହି ଦିନରେ ଭଉଣୀ ରାଖୀ ପିନ୍ଧାଇ ସିନ୍ଦୂର, ଚନ୍ଦନ, ତିଳକ ଲଗାଇ ଭାଇର ଚିରଦିନ ମଙ୍ଗଳ ପାଇଁ ଆଳତି କରି ମିଠା ଖୁଆଇଥାଏ ଏବଂ ଭାଇଠାରୁ ଉପହାର ପାଇଁ ନିଜକୁ ଆନନ୍ଦ ମନେ କରେ। ଏହି ଦିନରେ ପ୍ରଭୁ ବଳଭଦ୍ରଙ୍କର ଜନ୍ମଦିନ ମଧ୍ୟ ପାଳନ କରାଯାଇଥାଏ।
**ଭି.ତନ୍ମୟ, ୟୁନିଟ୍-୧, ଭୁବନେଶ୍ୱର**

ରକ୍ଷାବନ୍ଧନ ପ୍ରତ୍ୟେକ ବର୍ଷ ଏହି ଅଗଷ୍ଟ ଅର୍ଥାତ ଶ୍ରାବଣ ମାସରେ ପୂର୍ଣ୍ଣଚନ୍ଦ୍ର ଦିନ ପାଳନ ହୁଏ। ଏହା ବିଶେଷକରି ଭଉଣୀମାନେ ତାଙ୍କ ଭାଇଙ୍କ ହାତରେ ରାଖୀ ବାନ୍ଧନ୍ତି ଏବଂ ବିଭିନ୍ନ ପରିସ୍ଥିତିରେ ଭାଇମାନେ ମଧ୍ୟ ଏହି ଦିନ ଶପଥ ନେଇଥାନ୍ତି ତାଙ୍କ ଭଉଣୀର ରକ୍ଷାକବଚ ଭାବରେ। ଏହି ପର୍ବକୁ ଓଡ଼ିଶା ରାଜ୍ୟ ସହିତ ମଧ୍ୟ ଉତ୍ତର ଓ ପଶ୍ଚିମ ଭାରତ ଏବଂ ନେପାଳ, ପାକିସ୍ତାନ, ମାରିସିୟସ ଦେଶରେ ପାଳନ କରାଯାଉଛି। ଏହି ପର୍ବରେ ଶ୍ରୀକୃଷ୍ଣ, ଗୋମାତାକୁ ପୂଜାର୍ଚ୍ଚନା ମଧ୍ୟ କରାଯାଏ।
**କୈଳାସଚନ୍ଦ୍ରତ୍ରିପାଠୀ, ବିଜେବିନଗର, ଭୁବନେଶ୍ୱର**

'ରକ୍ଷାକବଚ' ରକ୍ଷାବନ୍ଧନ ସମାଜର ଅବିଚ୍ଛେଦ୍ୟ ଅଙ୍ଗ, ଏହି ଦିନ ଗୋମାତାଙ୍କୁ ରାଖୀ ପିନ୍ଧାଇ ଖାଦ୍ୟ ଦେଇ ବଳଦେବ ପୂଜନ କରାଯାଏ। ସବୁବେଳେ ଭାଇ ଭଉଣୀଙ୍କୁ ସୁରକ୍ଷା ଦିଏ ରାଖୀ। ଯୁଗ ଯୁଗର ଅନନ୍ତ ଯୁଗର ଏ ପବିତ୍ର ପାର୍ବଣ ରାଧାକୃଷ୍ଣ ଝୁଲଣ ହୁଏ। ଠାକୁରେ ମଧ୍ୟ ସମଗ୍ର ସମାଜର ରାକ୍ଷାକର୍ତ୍ତା ସାଜନ୍ତି।
**ସ୍ୱାତୀ, କିଟ୍‌ସ କ୍ୟାମ୍ପସ୍, ଭୁବନେଶ୍ୱର**

ଆମ ଓଡ଼ିଶାରେ ଗହ୍ମା ପୂର୍ଣ୍ଣିମା ବା ରାଖୀ ପୂର୍ଣ୍ଣିମା ହେଉଛି ଭାଇଭଉଣୀଙ୍କର ଏକ ଅତୁଟ ବନ୍ଧନ। ଏହି ପର୍ବରେ ସମସ୍ତଙ୍କ ଘରେ ପିଠାପଣା ହୋଇଥାଏ। ଏହି ଦିନରେ ମଧ୍ୟ ଆମର ଗୋମାତାଙ୍କୁ ପୂଜା କରାଯାଏ। ତେଣୁ ଏହି ପବିତ୍ର ପର୍ବରେ ଭଉଣୀ ତା'ର ଭାଇ ପାଇଁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରି ରାଖୀ ବାନ୍ଧିଥାଏ।
**ମଳୟ ନାୟକ, ଭୁବନେଶ୍ୱର**

ଆମ ଦେଶରେ ସମସ୍ତ ପର୍ବ ପର୍ବାଣି ମଧ୍ୟରୁ ରାଖୀ ପୂର୍ଣ୍ଣିମା ହେଉଛି ଅନ୍ୟତମ। ଏହି ପର୍ବରେ ସମସ୍ତଙ୍କ ଘରେ ଘରେ ଏକ ଆନନ୍ଦର ଉତ୍ସ ଭରିଯାଏ। ଏହି ଦିନଟିରେ ଭଉଣୀ ତା'ର ସ୍ନେହର ଭାଇ ହାତରେ ଅତି ଆଦରର ସମ୍ପର୍କର ପବିତ୍ର ସାକ୍ଷୀ ରାଖୀ ବାନ୍ଧିଥାଏ। ଭାଇ ଯୁଗଯୁଗକୁ ଭଉଣୀର ରକ୍ଷା କବଚ ସାଜିଥାଏ।
**ନୃସିଂହ ବାରିକ, ରସୁଲଗଡ, ଭୁବନେଶ୍ୱର**

ଉତ୍କଳରେ ବାର ମାସରେ ତେରପର୍ବ ପାଳିତ ହୁଏ। ଓଡ଼ିଶାରେ ପାଳିତ ହେଉଥିବା ପର୍ବପର୍ବାଣିଗୁଡିକ ଧର୍ମ ସମ୍ବନ୍ଧୀୟ, ଜାତୀୟ ଚେତନାଧର୍ମୀ ଓ ଅନ୍ୟାନ୍ୟ ଆଞ୍ଚଳିକ ଭାବାବେଗମୂଳକ ଅଟେ। ଏହି ପର୍ବପର୍ବାଣି ମଧ୍ୟରେ ରକ୍ଷାବନ୍ଧନ ଉତ୍ସବ ଅନ୍ୟତମ। ଏହି ଉତ୍ସବଟି ଗଭୀର ଆନନ୍ଦ ଓ ଉତ୍ସାହ ମଧ୍ୟରେ ପାଳିତ ହୋଇଥାଏ।
**ଝରଣା ଜେନା, ଶିରିପୁର ଛକ, ଭୁବନେଶ୍ୱର**

ପବିତ୍ର ରାଖୀ ପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମାରେ ସମସ୍ତ ଗୋସମ୍ପଦକୁ ବଳଦେବଙ୍କ ଜନ୍ମଦିବସ ଭାବରେ ଅଭିହିତ କରି ପୂଜା କରିବା ସହିତ ଦିବ୍ୟ ଭୋଜନ ପ୍ରସ୍ତୁତ କରି ଖାଇବାକୁ ଦିଆଯାଏ। ଭାଇ ଭଉଣୀର ନିଗୂଢ଼ ସମ୍ପର୍କକୁ ରାଖୀ ବାନ୍ଧି ରଖେ। ଆଜୀବନ ଭଉଣୀର ସୁରକ୍ଷା ଦାୟିତ୍ୱ ଭାଇ ଗ୍ରହଣ କରିଥାଏ ଓ ଭଉଣୀ ଭାଇର ଶୁଭ ମନାସିଥାଏ।
**ବୈଦ୍ୟନାଥ ମଲ୍ଲିକ, ରସୁଲଗଡ଼, ଭୁବନେଶ୍ୱର**

ଭାଇ ଭଉଣୀଙ୍କ ଅନାବିଳ ସ୍ନେହ-ଶରଧାର ନିଦର୍ଶନ ରାଖୀ ପୂର୍ଣ୍ଣିମାରେ ଭାଇର ହାତରେ ଭଉଣୀ ରାଖୀ ବନ୍ଧନ। ପ୍ରଭୁ ଜଗନ୍ନାଥେ ଧେୟୀ ଭଉଣୀକୁ କହେ ଭାଇ ତୋର ଦୁଃଖେ-କଷ୍ଟେ ଆପଦେ- ବିପଦେ ପାଖେ ପାଖେ ଥିବି ରହି। ଆଉ ଏହି ରାଖୀ ଥିବ ସାକ୍ଷୀ ହୋଇ।
**ଭାଗ୍ୟଧର ଦାଶ, ସୁବର୍ଣ୍ଣପୁର**

ରକ୍ଷାବନ୍ଧନ ଭାଇ ଭଉଣୀର ସମ୍ପର୍କକୁ ବୁଝାଏ। ବାମନ ଅବତାରରେ ଭଗବାନ ବିଷ୍ଣୁ ବଳିଙ୍କଠାରୁ ୩ ପାଦ ଜମି ମାଗିଥିଲେ। ସ୍ୱର୍ଗ, ମର୍ତ୍ତ୍ୟ, ତୃତୀୟ ପାଦ ପାତାଳରେ ପ୍ରଭୁ ବଳିଙ୍କୁ ଚାପିଥିଲେ। ବିଷ୍ଣୁଙ୍କୁ ରକ୍ଷା କରିବା ପାଇଁ ଲକ୍ଷ୍ମୀ ବଳିଙ୍କୁ ଏକ ବର ମାଗି ଭାଇ ରୂପେ ଗ୍ରହଣ କରି ରାଖୀ ବାନ୍ଧିଥିଲେ।
**Ramul Raj Mohanty, Beguniapada**

ଓଡ଼ିଶାରେ ରାଖୀପୂର୍ଣ୍ଣିମା ହେଉଛି ଏକ ମହାନ ପର୍ବ। ଶ୍ରାବଣ ମାସରେ ସୌରଜଗତ ଉପରେ ସମସ୍ତ ଗ୍ରହ ପୃଥିବୀ ଉପରେ ଆକ୍ରମଣ କରିଥିଲେ। ସେଥିପାଇଁ ପୃଥିବୀ ଚନ୍ଦ୍ରକୁ ଭାଇ କରିଥିଲେ। ସେହିଦିନଠୁ ଚନ୍ଦ୍ର ପୃଥିବୀର ରକ୍ଷାକବଚ ସାଜିଛି। ଏହି ପର୍ବ ପାଳନ ଦ୍ୱାରା ସମ୍ପର୍କ ଦୃଢ଼ ହେବା ସହ ସ୍ନେହ ପ୍ରେମ ଅତୁଟ ରୁହେ।
**ପୂର୍ଣ୍ଣିମା ପ୍ରଧାନ, ଫୁଲଝରୀ, ଦେବଗଡ଼**

ରାଖୀପୂର୍ଣ୍ଣିମା ଭଳି ସ୍ନେହ ଆଉ ବନ୍ଧନର ପବିତ୍ର ଦିନରେ ଭଉଣୀ ତା' ଭାଇର ଫେରିବା ବାଟକୁ ଚାହିଁ ରହିଥାଏ। ସ୍ନେହରେ କିଣିଥିବା ରାଖୀଟିକୁ ଭାଇ ହାତରେ ବାନ୍ଧି ନିଜର ସୁଖଦୁଃଖରେ ଠିଆ ହେବା ପାଇଁ ରାଖୀକୁ ସାକ୍ଷୀ ରଖି ଆଶୀର୍ବାଦ କାମନା କରିଥାଏ। ସ୍ନେହରେ ପିନ୍ଧିଥିବା ରାଖୀର ମୂଲ୍ୟକୁ ଭାଇମାନେ ବୁଝିବା ଦରକାର।
**ସତ୍ୟନାରାୟଣ ପ୍ରଧାନ, ଅଣ୍ଡିଆ, ଯାଜପୁର**

ବାରମାସରେ ତେରପର୍ବ। ଏହାମଧ୍ୟରୁ ରାଖୀ ପୂର୍ଣ୍ଣିମା ଅନ୍ୟତମ। ଯାହା ସମଗ୍ର ଭାରତବର୍ଷରେ ପାଳନ କରାଯାଏ। ରାଖୀ ଭାଇଭଉଣୀର ସ୍ନେହ ଓ ଶ୍ରଦ୍ଧାର ଏକ ସୁନ୍ଦର ସେତୁ ଏହି ଛୋଟ ଡୋରିରେ ରହିଥାଏ।
**ସଞ୍ଜୟ ପାଠୀ, ଭୁବନେଶ୍ୱର**



# ଅତୁଟ ବନ୍ଧନ



ରାଖୀ ଖଲି ସାକ୍ଷୀ ନୁହେଁ ସ୍ନେହ ଓ ପ୍ରେମର ଅତୁଟ ବନ୍ଧନଟିଏ । ତ୍ୟାଗ ତିତିକ୍ଷାର ପରମ୍ପରା ପରିଚୟ ଏ ଦେଶ ମାଟିର କୋମଳ ରେଶମୀ ଡୋରି, ପ୍ରତିଜ୍ଞା କଠୋର ସମ୍ପର୍କ ଏ ରହିଥାଉ ଜନ୍ମ ଜନ୍ମାନ୍ତର ।
**ଜ୍ୟୋତିରାଣୀ ମହାରଣା, ନୂଆବଜାର, କଟକ**

ରାଖୀ ପୂର୍ଣ୍ଣିମା ହେଉଛି ଆମର ଗୋଟିଏ ପ୍ରମୁଖ ପର୍ବ। ଏହି ପର୍ବ ଦ୍ୱାରା ଭାଇ ଭଉଣୀ ମଧ୍ୟରେ ଥିବା ଭଲ ପାଇବାକୁ ଦର୍ଶାଇଥାଏ। ଏହି ପର୍ବର ଆରମ୍ଭ ଦେବତାମାନଙ୍କଠାରୁ ହୋଇଛି। ରାଖୀ ପୂର୍ଣ୍ଣିମାର ଅନେକ କାରଣ ଅଛି । ସେଥିମଧ୍ୟରୁ ଗୋଟିଏ ହେଲା ପାଣ୍ଡବମାନଙ୍କ ସ୍ତ୍ରୀ ଦ୍ରୌପଦୀ କୃଷ୍ଣଙ୍କୁ ଭାଇ ଭାବେ ସ୍ୱୀକାର କରି ରାଖୀ ବାନ୍ଧିଥିଲେ। ସେହି ଦିନ ଥିଲା ଶ୍ରାବଣ ପୂର୍ଣ୍ଣିମା । ସେଥିପାଇଁ ଏହି ଦିନରେ ଏହି ପର୍ବ ପାଳନ ହୁଏ ।
**ଶୁଭଶ୍ରୀ ପାତ୍ର, ରାଜୁସାହି, ନବରଙ୍ଗପୁର**

ରାଖୀ ପୂର୍ଣ୍ଣିମା ସବୁ ବର୍ଷ ଶ୍ରାବଣ ମାସର ପୂର୍ଣ୍ଣିମା ତିଥିରେ ପାଳନ କରାଯାଏ । କାହାକୁ ରାଖୀପୂର୍ଣ୍ଣିମା ପସନ୍ଦ ନୁହେଁ ବୋଲି ନାହିଁ। ଏହି ପର୍ବ ସମସ୍ତଙ୍କ ପ୍ରିୟ । କାରଣ ଏହା ଭାଇ ଭଉଣୀର ପର୍ବ । ଗୋଟିଏ ଭାଇକୁ ତା' ଭଉଣୀ ରାଖୀ ବାନ୍ଧିଥାଏ, ଯାହା ଫଳରେ କି ଭାଇ ଓ ଭଉଣୀ ମଧ୍ୟରେ ଗୋଟିଏ ଅତୁଟ ବନ୍ଧନ ସୃଷ୍ଟି ହୁଏ। ଏହି ପର୍ବରେ ଭାଇକୁ ତା' ଭଉଣୀ ରାଖୀ ବାନ୍ଧିବା ଦ୍ୱାରା ଭଲ ପାଇବା ବଢ଼ିଥାଏ । ଏହି ପର୍ବ ମୋର ପ୍ରିୟ ।
**ଶାନ୍ତି ପାତ୍ର, ରାଜୁସାହି, ନବରଙ୍ଗପୁର**

ରାଖୀ ନୁହେଁ ଏକ ସୂତାର ମାଳି
ଏହା ମମତାର ପବିତ୍ର ଡୋରି।
ଭାଇଭଉଣୀର ନିଛକ ପ୍ରେମ
ରାଖୀ ଅଟେ ସାକ୍ଷୀ ଏହା ଅମ୍ଳାନ।
ସ୍ନେହରେ ଭଉଣୀ ବାନ୍ଧେ ଏ ଡୋର
କଥା ଦିଏ ଭାଇ ଭଗ୍ନୀ ରକ୍ଷାର।
ଡୋରି ମାତ୍ର ନୁହେଁ ରକ୍ଷା ବନ୍ଧନ
ଭାଇ ଭଉଣୀର ପ୍ରୀତି ଚନ୍ଦନ।
**ଗୌରାଙ୍ଗ ଚନ୍ଦ୍ର ବେହେରା, ରୁପ୍‌ସା, ବାଲେଶ୍ୱର**

ରକ୍ଷାବନ୍ଧନରେ ଭାଇର ହାତରେ ଭଉଣୀ ବାନ୍ଧଇ ରାଖୀ, ଭାଇ କଥା ଦିଏ ଭଉଣୀର ରକ୍ଷା ଚଉଦିଗପାଳ ସାକ୍ଷୀ। ରାଖୀ ନୁହେଁ ଏକ ସାଧାରଣ ଡୋରି ଏହା ପବିତ୍ର ବନ୍ଧନ, ଭାଇ ଭଉଣୀର ଅନାବିଳ ପ୍ରେମ ଅଟଇ ଚିର ଅମ୍ଳାନ।
**ଶୁଭଙ୍କର ପ୍ରିୟଦର୍ଶୀ, ସୌଭାଗ୍ୟନଗର, ଭୁବନେଶ୍ୱର**

ରାଖୀ ଭାଇଭଉଣୀମାନଙ୍କ ବନ୍ଧନର ଏକ ମହତ୍ତ୍ୱପୂର୍ଣ୍ଣ ପର୍ବ। ଯାହା ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପାଳିତ ହୁଏ। ରାଖୀ ଏକ ପତଳା ସୂତା। ବାକି ଏହାର ମୂଲ୍ୟ ବହୁତ ଅଧିକ। ରକ୍ଷା ବନ୍ଧନର ଅର୍ଥ ଭାଇ ନିଜ ଭଉଣୀକୁ ସମସ୍ତ ପ୍ରକାର ବିପଦ ସଂକଟରୁ ରକ୍ଷା କରିବାର ପ୍ରତିଶ୍ରୁତି ଦେବା। ଏହି ପର୍ବ ସମସ୍ତ ଭାଇ ଭଉଣୀଙ୍କ ମନରେ ଭଲ ପାଇବା ଭରିଦିଏ।
**ଦିବ୍ୟାଂଶୀ ବେହେରା, ଗୋପବନ୍ଧୁ ନଗର, ଭୁବନେଶ୍ୱର**

ରାଖୀପୂର୍ଣ୍ଣିମା ସନାତନ ହିନ୍ଦୁ ସମ୍ପ୍ରଦାୟର ଏକ ଭାଇଭଉଣୀଙ୍କର ନିବିଡ଼ ସମ୍ପର୍କକୁ ନେଇ ଏ ପର୍ବ ପାଳନ ହୋଇଥାଏ। ଏହିଦିନ ଭଉଣୀ ତା' ଭାଇର ମଥାରେ ତିଳକ ଲଗାଇ ଦକ୍ଷିଣ ହସ୍ତରେ ରକ୍ଷା ସୂତ୍ର ବାନ୍ଧି ଭାଇର ମଙ୍ଗଳ କାମନା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥାଏ। ଭାଇ ମଧ୍ୟ ଭଉଣୀ ପାଇଁ ସାରା ଜୀବନ ରକ୍ଷା କବଚ ପାଲଟିଥାଏ। ଏହିଦିନ ବଳଭଦ୍ରଙ୍କର ଜନ୍ମ ହେତୁ ଗୋରୁଙ୍କୁ ପୂଜା କରାଯାଏ। ଏହାକୁ ଗହ୍ମାପୂର୍ଣ୍ଣିମା କୁହାଯାଏ।
**ଅର୍ଘ୍ୟରୂପା ପଣ୍ଡା, ସତ୍ୟନଗର**

ବାର ମାସର ପୂର୍ଣ୍ଣିମା ଭିତରୁ ଶ୍ରାବଣ ପୂର୍ଣ୍ଣିମାକୁ ରାଖୀପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା କୁହାଯାଏ। ଏହିଦିନ ବଳଭଦ୍ରଙ୍କର ଜନ୍ମ ହୋଇଥିବାରୁ ଗୋମାତାଙ୍କୁ ଘରେ ଘରେ ପୂଜା କରାଯାଏ। ଭାଇଭଉଣୀଙ୍କର ଦୃଢ଼ ସମ୍ପର୍କ ବଜାୟ ରଖିବା ପାଇଁ ଭଉଣୀ ତା'ର ଭାଇ ହାତରେ ରକ୍ଷାସୂତ୍ର ବାନ୍ଧିଥାଏ ଏବଂ ଭାଇର ମଙ୍ଗଳ କାମନା ନିମନ୍ତେ ଭଗବାନଙ୍କୁ ପ୍ରାର୍ଥନା କରେ। ଭାଇ ମଧ୍ୟ ଭଉଣୀର ସମସ୍ତ ସୁରକ୍ଷା ବହନ କରିଥାଏ।
**ଇନ୍ଦୁମତୀ ପଣ୍ଡା, ସତ୍ୟନଗର**

ରାଖୀପୂର୍ଣ୍ଣିମାରେ ମୁଁ ମୋର ସମସ୍ତ ପରିବାର ଲୋକଙ୍କ ହାତରେ ରାଖୀ ବାନ୍ଧେ। କାରଣ ମୋର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମତେ ସାହାଯ୍ୟ କରନ୍ତି।
**ମୀରା ଷଡ଼ଙ୍ଗୀ, ନଖରା, କଟକ**

ରାଖୀପୂର୍ଣ୍ଣିମା ଏପରି ଦିନ, ଯେଉଁଦିନ ମୁଁ ନିଜେ ମୋ ମା' ହାତରେ ରାଖୀ ବାନ୍ଧେ। କାରଣ ମୋ ମା' ମୋ ପାଇଁ ସୁରକ୍ଷା କବଚ।
**ବାଗ୍‌ଦେବୀ ଷଡ଼ଙ୍ଗୀ, ନଖରା**

ସାମ୍ପ୍ରତିକ ସମାଜରେ ରାଖୀ କେବଳ ଏକ ସାଧାରଣ ସୂତ୍ର ହୋଇ ରହିଯାଇଛି। ଏହାର ହୃତଗୌରବକୁ ପୁନର୍ଜୀବିତ କରିବାକୁ ହେଲେ ବାହ୍ୟ ସଂରଚନା ଉପରେ ଗୁରୁତ୍ୱ ନ ଦେଇ ଅନ୍ତଃମୂଲ୍ୟବୋଧକୁ ଉପସ୍ଥାପନ କରିବାକୁ ହେବ। ଏହା ହିଁ ଉତ୍ତର ପିଢ଼ିଙ୍କ ମାନସିକ ଶୁଦ୍ଧି। ସେହି ଶାରୀରିକ ଅଭିବୃଦ୍ଧି କରି ବଜ୍ର କବଚ ରୂପେ ତାଙ୍କୁ ଅଭୟ ପ୍ରଦାନ କରିବ।
**ସତ୍ୟଜିତ୍ ଦାଶ, ଭୁବନେଶ୍ୱର**

ରାଖୀପୂର୍ଣ୍ଣିମା ହେଉଛି ଏକ ହିନ୍ଦୁ ପର୍ବ। ଯାହା ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପାଳିତ ହୁଏ। ରାଖୀପୂର୍ଣ୍ଣିମାର ମାନେ ହେଉଛି ଭାଇ ଭଉଣୀ ମଧ୍ୟରେ ଭଲ ପାଇବା, ରକ୍ଷାବନ୍ଧନ, ଯତ୍ନ। ରାଖୀପୂର୍ଣ୍ଣିମାରେ ଭଉଣୀମାନେ ଭାଇମାନଙ୍କ ପାଇଁ ବିଭିନ୍ନ ପ୍ରକାରର ସୁନ୍ଦର ରାଖୀ ଏବଂ ମିଠା ଆଣିଥାନ୍ତି। ଏହି ପର୍ବ ସମସ୍ତଙ୍କ ମନରେ ଆନନ୍ଦ ଏବଂ ଉଲ୍ଲାସ ଭରି ଦେଇଥାଏ।
**ସ୍ମୃତିରେଖା ବାରିକ, ଗୋପବନ୍ଧୁନଗର, ଭୁବନେଶ୍ୱର**

ରାଖୀପୂର୍ଣ୍ଣିମା,ରାଧାବୃନ୍ଦାବନ ରାଖୀପୂର୍ଣ୍ଣିମା ନାମରେ ମଧ୍ୟ ଜଣାଶୁଣା। ଏହା ହେଉଛି ଏକ ପର୍ବ, ଯାହା ପବିତ୍ର ଶ୍ରାବଣ ମାସରେ ପୂର୍ଣ୍ଣିମା ଶୁଭ ଦିନରେ ପାଳନ କରାଯାଏ। ହିନ୍ଦୁଧର୍ମରେ ଏହା ଏକ ଲୋକପ୍ରିୟ ସମାରୋହ, ଯେଉଁଠାରେ ଭଉଣୀ ଏକ ପବିତ୍ର ସୂତାକୁ ଭାଇଙ୍କ ହାତରେ ବାନ୍ଧନ୍ତି। ରାଖୀପୂର୍ଣ୍ଣିମା ଯତ୍ନ ଏବଂ ସୁରକ୍ଷାକୁ ବୁଝାଏ।
**ସୀମା ନାୟକ, ଶୋଳପେଟା, ବାଲେଶ୍ୱର**

ପ୍ରତିବର୍ଷ ଶ୍ରାବଣ ମାସର ପୂର୍ଣ୍ଣିମାଦିନ ରାଖୀପୂର୍ଣ୍ଣିମା ପାଳନ କରୁ। ଏହି ପର୍ବରେ ରାଖୀପୂଜା ପାଇଁ ରାଖୀ ଥାଳିକୁ ରୋଲିଚାଓ୍ୱଲା, ବିଟ୍, ବାଦାମପତ୍ର, ଦୀପ, ନଡ଼ିଆ, ମିଠା ଏବଂ ରାଖୀ ସେଟ୍ ସହିତ ସଜେଇଥାଉ। ପରେ ରାଖୀ ମନ୍ତ୍ର ଜପ କରି ଭାଇଙ୍କ ହାତରେ ରାଖୀ ବାନ୍ଧୁ। ପରେ ବାପା ମା'ଙ୍କୁ ପ୍ରଣାମ କରି ଏହି ପବିତ୍ର ସମ୍ପର୍କର ପର୍ବକୁ ପାଳନ କରୁ।
**ସୁଶ୍ରୀ ପରିଣୀତା କାନୁନ୍‌ଗୋ, ଭଦ୍ରକ**

ଶ୍ରାବଣ ମାସର ପୂର୍ଣ୍ଣିମା ଦିନ ପ୍ରତିବର୍ଷ ଜୁଲାଇ/ଅଗଷ୍ଟ ମାସରେ ପାଳନ କରାଯାଏ। ଏହି ପର୍ବ ଭଉଣୀର ଭାଇ ପ୍ରତି ଥିବା ପବିତ୍ର ପ୍ରେମକୁ ପାଳନ କରାଯାଏ। ରାଖୀର ଅର୍ଥ ହେଉଛି ସୁରକ୍ଷା ଏବଂ ମଧ୍ୟଯୁଗୀୟ ଭାରତର କେତେକ ସ୍ଥାନରେ ଯେଉଁଠାରେ ମହିଳାମାନେ ନିଜକୁ ଅସୁରକ୍ଷିତ ମନେକରୁଥିଲେ, ସେମାନେ ସେଠିକାର ପୁରୁଷଙ୍କୁ ଭାଇ ଭାବରେ ରାଖୀ ବାନ୍ଧୁଥିଲେ।
**ଯୋଗେନ୍ଦ୍ର ମାଇତି, ପରିଖି, ବାଲେଶ୍ୱର**

ନିବିଡ଼ ସମ୍ପର୍କର ରଜ୍ଜୁ ଓ ନିଃସ୍ୱାର୍ଥପର ପ୍ରେମର ସମ୍ପର୍କ ରାଖୀ କାହିଁ କେତେ କାଳରୁ ସନାତନ ହିନ୍ଦୁଧର୍ମର ବାର୍ତ୍ତା ବହନ ରୂପେ "ବସୁଧୈବ କୁଟୁମ୍ବକମ୍" ନେଇ ବିଶ୍ୱ ସମୁଦାୟ ଗହଣରେ ସାଦରେ ପାଳିତ ହୋଇଆସୁଛି ଅତୁଟ ବିଶ୍ୱାସର ଏହି ମହା ପର୍ବ। ରକ୍ଷାର ପ୍ରତିଶ୍ରୁତି ସହ ଭ୍ରାତା ଭଗିନୀର ସମ୍ପର୍କ ଆଉ ଜୀବେ ଦୟାର ପ୍ରତୀକ ରୂପେ ଗହ୍ମା ପୂନେଇଁ ନାମରେ ଏହି ପରମ୍ପରା ବିଶ୍ୱବିଦିତ।
**ପ୍ରତ୍ୟୁଷ ନନ୍ଦ, ବିରିମୁଣ୍ଡ, ଭୁବନେଶ୍ୱର**

ଭାରତ ଏକ ଜନବହୁଳ ରାଷ୍ଟ୍ର ହୋଇଥିବାରୁ ଏଠାରେ ୧୨ ମାସରେ ତେର ପର୍ବ ପାଳନ କରାଯାଇଥାଏ। ସେଥିମଧ୍ୟରୁ ରାଖୀପୂର୍ଣ୍ଣିମା ଅନ୍ୟତମ । ରାଖୀ ବନ୍ଧନ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ପଡୁଥିବାରୁ ଏହା ରାଖୀ ପୂର୍ଣ୍ଣିମା ନାମରେ ନାମିତ ହୋଇଛି।
ଏହି ଦିନଟିକୁ ଗହ୍ମାପର୍ବ ବୋଲି ମଧ୍ୟ କୁହାଯାଏ। କାରଣ ଏହିଦିନ ଭଗବାନ ବଳରାମ ଜନ୍ମ ହୋଇଥିବାରୁ ଏପରି ନାମରେ ନାମିତ ହୋଇଅଛି।
**ଅଭୀଲିପ୍ସା ବିଶ୍ୱାଳ, ଡେଲ୍‌ଟା, ପାଇନଗର**

ଏହିଦିନ ଭଉଣୀ ତା'ର ଭାଇର ମଥାରେ ତିଳକ ଲଗାଇ ଡାହାଣ ହାତରେ ରାଖୀବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସୁନ୍ଦର ଉପହାର ଦିଏ। ଭଉଣୀର ରକ୍ଷା କବଚ ସାଜିଥାଏ।
**ସତ୍ୟଜୟୀ ପାଠୀ, ପଟିଆ**

ରକ୍ଷାବନ୍ଧନ ଆମ ସଂସ୍କୃତି ପରମ୍ପରାର ଏକ ନିଦର୍ଶନ, ଯାହା ଭାଇ ଓ ଭଉଣୀର ସୁମଧୁର ସମ୍ପର୍କର ପରିଚୟ ଦେଇଥାଏ। ରକ୍ଷାବନ୍ଧନର ଅର୍ଥ ସୁରକ୍ଷାର ସମ୍ପର୍କ। ଅସଲରେ ରକ୍ଷାବନ୍ଧନ ପରମ୍ପରା ସେଇମାନେ ଆରମ୍ଭ କରିଥିଲେ, ଯେଉଁମାନେ ପ୍ରକୃତରେ ଭାଇ ଭଉଣୀ ନ ଥିଲେ। ରକ୍ତ ସମ୍ପର୍କ ନ ଥାଇ ବି ସାମାନ୍ୟ ଏକ ଡୋରି ସେମାନଙ୍କୁ ଭାଇ ଭଉଣୀର ଅତୁଟ ସମ୍ପର୍କରେ ବାନ୍ଧି ପାରିଥିଲା।
**ସତ୍ୟଜିତ୍ ଦାଶ, ବରିମୁଣ୍ଡ, ପଟିଆ, ଖୋର୍ଦ୍ଧା**

ଗହ୍ମା ପୂର୍ଣ୍ଣିମା ପର୍ବ ଏଭଳି ଏକ ପରମ୍ପରା ଏକଦା ଜୀବନଚର୍ଯ୍ୟା ସହିତ ଘନିଷ୍ଠ ଭାବେ ଜଡ଼ିତ ହୋଇ ରହୁଥିଲା। କିନ୍ତୁ ଆଜିକାଲି ଏ ପର୍ବ ରାଖୀ ବାନ୍ଧିବାରେ ସୀମିତ ହୋଇରହିନି। କିଛି ସ୍ଥାନରେ ଏହି ପର୍ବର ପ୍ରାସଙ୍ଗିକତାକୁ ପ୍ରାୟତଃ କେତେକ ସ୍ଥଳରେ ବଦଳାଇ ଦେଇଥିବା ମଧ୍ୟ ଦେଖିବାକୁ ମିଳୁଛି। ଧୀରେ ଧୀରେ ଏହି ସୁନ୍ଦର ପର୍ବପର୍ବାଣି ଏବଂ ସଂସ୍କୃତିରେ ଅବକ୍ଷୟ ଦିନକୁ ଦିନ ଘଟିବାରେ ଲାଗିଛି, ଯାହା ଆମ ପାଇଁ ସବୁଜ ସଙ୍କେତ ନୁହେଁ।
**ଅଂଶୁମାନ ଦାଶ, ବରିମୁଣ୍ଡ, ପଟିଆ, ଖୋର୍ଦ୍ଧା**

ଭାଇ ହସ୍ତେ ଭଗ୍ନୀ ରାଖୀ ବାନ୍ଧିଦିଏ ମଥାରେ ଦେଇ ଚନ୍ଦନ। ତା' ମୁଣ୍ଡେ ପକାଇ ଫୁଲ ଚାଉଳ ସେ ଦୀପ ଜଳାଇ ବନ୍ଦାଏ। ଏଣୁରି ପିଠାରେ ମିଠା ଖୋଇ ତାକୁ ଭରସା ତା' ମାଗିଥାଏ । ଏ ରକ୍ଷାବନ୍ଧନ ସାରା ଭାରତରେ ଭାଇଚାରା ସୃଷ୍ଟିକରେ, ସଦ୍‌ଭାବନାରେ ଭରେ।
**ରାଜଶ୍ରୀ ମିନତୀ, ମହନାତି ସିଙ୍ଗିପୁର, ଖୋର୍ଦ୍ଧା**

ରାଖୀବନ୍ଧନ ରାଷ୍ଟ୍ର ବିକାଶର ବାର୍ତ୍ତାବହ ହେଉ। ବିକାଶପାଇଁ ଶାସନରେ ସାଧୁତା ଅପରିହାର୍ଯ୍ୟ, ଅଥବା ଦୁର୍ନୀତିମୁକ୍ତ ଶାସନ। ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ ପ୍ରକ୍ରିୟାରେ ଅସାଧୁ ଓ ବିଳମ୍ବକାରୀଙ୍କୁ ବହିଷ୍କାର କରାଯାଉ। ତା'ହେଲେ ବିକାଶଧାରା ନିର୍ବାଧ ରହିବ। ଦେଶର ଚେହେରା ବଦଳିବ। ଏହା ହିଁ ପ୍ରଶାସନିକ ସେବାରେ ୩୫ ବର୍ଷ ଅତିକ୍ରାନ୍ତ ଏକ ଅକିଞ୍ଚନ ଅଧିକାରୀର ବିନମ୍ର ବାର୍ତ୍ତା।
**ମହେନ୍ଦ୍ର ଚନ୍ଦ୍ର ଦାସ, ଶହୀଦନଗର, ଭୁବନେଶ୍ୱର**

ରକ୍ଷାବନ୍ଧନ ପର୍ବ ପ୍ରତିବର୍ଷ ଶ୍ରାବଣ ମାସର ପୂର୍ଣ୍ଣମୀ ତିଥିରେ ପଡେ। ଏହି ଦିନ ଭଉଣୀ ତା'ର ଭାଇ ମଥାରେ ସିନ୍ଦୂର ଚନ୍ଦନ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥାଏ। ଭାଇ ମଧ୍ୟ ସୁନ୍ଦର ଉପହାର ଦେବା ସହିତ ଭଉଣୀର ରକ୍ଷାକବଚ ସାଜିବାକୁ ପ୍ରତିଶ୍ରୁତି ଦେଇଥାଏ। ରକ୍ଷାବନ୍ଧନ ପର୍ବ ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ହେବା ସହିତ ସ୍ନେହଶ୍ରଦ୍ଧା, ପ୍ରେମ ଅତୁଟ ରହିଥାଏ।
**ଦୀପାଞ୍ଜଳି ପଣ୍ଡା, ସତ୍ୟନଗର**

Sisters are most precious presents by God and can proudly saty that I have Got the best one.
**Jajnaseni Rout, Mahaveer Cottage**

କାହିଁ କେଉଁ ଅନନ୍ତ କାଳରୁ ଭାରତୀୟ ସମାଜ ଭାଇ ଓ ଭଉଣୀର ସମ୍ପର୍କକୁ ଅଗ୍ରାଧିକାର ଦେଇଅଛି। ସ୍ୱାମୀଟିଏ ତା'ର ସ୍ତ୍ରୀର ରକ୍ଷା ପାଇଁ ଯେତିକି ବଦ୍ଧପରିକର ନୁହେଁ ଭାଇଟିଏ ତା'ର ଭଉଣୀର ସମ୍ମାନ ପାଇଁ ସ୍ୱୟଂ ଭଗବାନଙ୍କ ସହିତ ଲଢ଼ିପାରେ। ସାମ୍ପ୍ରତିକ ସମାଜରେ ନାରୀମାନଙ୍କର ଦୁରବସ୍ଥାକୁ ଦେଖିଲେ ମନେହୁଏ ଏ ସମାଜର ରକ୍ଷା ରାମ ନୁହେଁ, ରାବଣ ହିଁ କରିପାରିବ।
**ଦୀପ୍ତି, ଗୋପାଳପୁର, କଟକ**

ମୋ ସୁନାଭାଇକୁ ରାଖୀ ପୂର୍ଣ୍ଣିମାର ହାର୍ଦ୍ଦିକ ଅଭିନନ୍ଦନ। ତୁ ଭଲରେ ଥାଆ। ଭଗବାନଙ୍କ ପାଖରେ ଏତିକି ଅନୁରୋଧ।
**ଲୋପାମୁଦ୍ରା ବେହେରା, ଭୀମଟାଙ୍ଗି**

ଓଡ଼ିଶାରେ ୧୨ ମାସରେ ୧୩ ପର୍ବ ପଡେ। ଶ୍ରାବଣ ମାସରେ ରାଖୀ ପୂର୍ଣ୍ଣିମା ହୋଇଥାଏ। ଏହି ଦିନ ଭଉଣୀ ରାଖୀ ଭାଇ ହାତରେ ବାନ୍ଧି ତାହାର ରକ୍ଷାକବଚ ସହିତ ଭାଇର ଶୁଭ କାମନା କରେ।
**ସୌଦାମିନୀ ନାୟକ, ରସୁଲଗଡ଼**

ଆମ ଭାରତବର୍ଷର ଏହା ଏକ ପର୍ବ। ରାଖୀପୂର୍ଣ୍ଣିମାକୁ ରକ୍ଷାବନ୍ଧନ କୁହାଯାଏ ଏହା ଶ୍ରାବଣ ମାସ ପୂର୍ଣ୍ଣିମା ଦିନ ପାଳନ କରାଯାଏ। ଏହି ଦିନ ପ୍ରଭୁ ବଳରାମଙ୍କ ଜନ୍ମଦିନ ହୋଇଥିବାରୁ ଏହାକୁ ଗହ୍ମାପୂର୍ଣ୍ଣିମା କୁହାଯାଏ।ଏହି ଦିନ ଗୋମାତାକୁ ଘରେ ରାଖୀ ପିନ୍ଧାଇ ପୂଜା କରାଯାଏ। ଏହିଦିନ ଭଉଣୀ ଭାଇକୁ ସ୍ନେହର ଡୋରି ରାଖୀ ବାନ୍ଧିଥାଏ। ଭାଇ ଭଉଣୀର ସମ୍ପର୍କ ସବୁ ଦିନ ପାଇଁ ଦୃଢ଼ ହୋଇଥାଏ।
**ପ୍ରଦୀପ କୁମାର ସାହୁ ସତ୍ୟନଗର, ଭୁବନେଶ୍ୱର**

Rakhi, the thread of live. In India, Festivals are the celebration of togethers of being one of the family. Rakha Bandhan is one such festival that is all about affection. This is an occassion to lavish love, and affection to strength families and develow a scred feeling of sisterly/brotherly occasion.
**Anwesha Panda, Sahidnagar, Bhubaneswar**

ହୀରାଟିଏ ପରି ଚାନ୍ଦଟିଏ ପରି କୋଟିଏରେ ଗୋଟିଏ ମୋ ଭଉଣୀ, ରାଖୀକୁ ଛୁଇଁ ମୁଁ ଶପଥ କରୁଛି ମରିବା ଯାଏଁ ରହିବି ତୋ ଭାଇ ହୋଇ।
**ପ୍ରଦ୍ୟୁମ୍ନ ସାହୁ, ପୋଖରିପୁଟ, ଭୁବନେଶ୍ୱର**

ଏହି ପର୍ବରେ ଆମ ଓଡ଼ିଶାରେ ଘରେ ଘରେ ପିଠାପଣାରେ ଧୁମ୍‌ଧାମ୍‌ରେ ପାଳନ କରାଯାଏ। ଇ ରାଖୀ ମୋର ଭ୍ରାତୃତ୍ୱ ବନ୍ଧନ ସାରା ଯୁଗ ଯୁଗ ପାଇଁ, ସତ କଥା ତତେ କହୁଛି ଭଉଣୀ ଆବିଳତା କିଛି ନାହିଁ। ମୋ ଦେହର ଶେଷ ରକ୍ତବିନ୍ଦୁ ଥିବା ଯାଏ ତୋତେ ବଞ୍ଚାଇବି ମୁହିଁ, ତୁ ମୋ ଭଉଣୀ, ମୁଁ ତୋ ଭାଇ ଆଜି ପରା ରାଖୀ ପୂନେଇଁ।
**ରାଜକିଶୋର ମହାନ୍ତି, ସିଙ୍ଗିପୁର, ଖୋର୍ଦ୍ଧା**

My little Sis, I do not know how life will take a turn but I promise u the place you hold in my heart. No one even will replace. Happy Rakhai Bandhan.
**Madhuchhanda Pradhan, Balakati, Khordha**

ରକ୍ଷାବନ୍ଧନ ଏପରି ଏକ ପର୍ବ, ଯାହାର ସ୍ଥାନ ରକ୍ତସମ୍ପର୍କର ଉର୍ଦ୍ଧ୍ୱରେ। ଆଜି ଏହି ପର୍ବ କେବଳ ଦାମୀ ରାଖୀ ଓ ଉପହାର ମଧ୍ୟରେ ସୀମିତ ହୋଇରହିଯାଇଛି। ଏହି ସମ୍ପର୍କଟି ଅଧିକ ମଜଭୁତ ହୋଇପାରିବ, ଯେତେବେଳେ ଭାଇଟି ଭଉଣୀ ପ୍ରତି ଥିବା କର୍ତ୍ତବ୍ୟକୁ ଠିକ୍ ଭାବେ ତୁଲାଇପାରିବ ଓ ଯେକୌଣସି ସ୍ଥିତିରେ ମଧ୍ୟ ଭଉଣୀଟି ଭାଇ ପ୍ରତି ଅନୁରକ୍ତ ହୋଇରହିଥିବ।
**ସୌଦାମିନୀ, ଗୋପାଳପୁର, କଟକ**

ପବିତ୍ର ରକ୍ଷାବନ୍ଧନ ଭାଦ୍ରବ ମାସରେ ପାଳନ କରାଯାଏ। ଏହା ଭାଇ ଓ ଭଉଣୀ ମଧ୍ୟରେ ନିବିଡ ସମ୍ପର୍କ ଆଣି ଥାଏ। ଭଉଣୀ ନିଜ ଭାଇ ହାତରେ ରାଖୀ ବାନ୍ଧି ଫୁଲ ଦୀପ ଦେଇ ପୂଜା କରିଥାଏ। ଭଉଣୀ ଭାଇ ହାତରେ ରାଖୀ ବାନ୍ଧି ସବୁଦିନ ପାଇଁ ନିଜର ରକ୍ଷାକବଚ ଭାବରେ ପ୍ରତିଜ୍ଞାବଦ୍ଧ ହୋଇଥାଏ। ତେଣୁ ଏହି ଦିନକୁ ମନେ ରଖିବା ପାଇଁ ଭଉଣୀ ନିଜ ଭାଇ ହାତରେ ରାଖୀ ବାନ୍ଧିଥାଏ।
**କେଦାର ମହାପାତ୍ର, ଗଣ୍ଡମୁଣ୍ଡା ଖଣ୍ଡଗିରି**

ରକ୍ଷାବନ୍ଧନ ପର୍ବ ପ୍ରତିବର୍ଷ ଶ୍ରାବଣ ମାସର ପୂର୍ଣ୍ଣିମା ତିଥିରେ ପଡ଼େ। ଏହିଦିନ ଭଉଣୀ ତା'ର ଭାଇ ମଥାରେ ସିନ୍ଦୂର, ଚନ୍ଦନ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ କାମନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସୁନ୍ଦର ଉପହାର ଦେବା ସହିତ ଭଉଣୀକୁ ରକ୍ଷା କରେ । ରକ୍ଷାବନ୍ଧନ ପର୍ବ ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ହୋଇଥାଏ।
**Lizarani Swain, Satya Nagar, BBSR**

Although we are fan. I can't miss tying my pyan on you. So sending this Rakhi hope it fills your Life with Jay. Happy Rakhi.
**Nirmal Sahoo, Sundarpada**

Bro., thank you for everything no words never express how thankful. I am to have you as my brother.
**Lizarani Behera, Mahaveer Cottage, BBSR**

ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ରାଖୀ ପୂର୍ଣ୍ଣିମା ପଡ଼େ। ଏହିଦିନ ଭଉଣୀ ତା' ଭାଇ ମଥାରେ ସିନ୍ଦୂର, ଚନ୍ଦନ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ କାମନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସୁଦୃଢ଼ କବଚ ସାଜିବାକୁ ପ୍ରତିଶ୍ରୁତି ଦେଇଥାଏ। ରାଖୀ ପୂର୍ଣ୍ଣିମା ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ହେବା ସହ ସ୍ନେହ ଓ ପ୍ରେମ ମଜଭୁତ ହୋଇଥାଏ।
**Purnima Barik, Satya Nagar, BBSR**

ପୂର୍ଣ୍ଣିମାର ପୂର୍ଣ୍ଣଚନ୍ଦ୍ର ସହ ଡାକିଆଣେ ଭାଇ ଭଉଣୀର ସମ୍ପର୍କ ଡୋରି।
ଜୀବନସାରା ଭଉଣୀର ସୁରକ୍ଷା କବଚ ହେବା ପାଇଁ ଦେଇଯାଏ ପୁଣି ଭୀଷ୍ମ ପ୍ରତିଶ୍ରୁତି।
ପବିତ୍ର ଏ ସମ୍ପର୍କ ଡୋରିକୁ କାଳ କାଳ ପାଇଁ ବାନ୍ଧି ଦେଇଯାଏ ଏ ସୂତା ଖିଅର ରାଖୀ।
ସ୍ନେହ ଆଦରର ଅନନ୍ୟ ଗାଥାକୁ
ବଖାଣି ଦିଏ ସେ ମୂକ ଉଦାହରଣ ସାଜି।
**Parbati Mohanty, Khandagiri, BBSR**

ରକ୍ଷାବନ୍ଧନ ପର୍ବ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣମୀ ତିଥିରେ ପଡ଼େ। ଏହିଦିନ ଭଉଣୀ ତା'ର ଭାଇ ମଥାରେ ସିନ୍ଦୂର, ଚନ୍ଦନ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ କାମନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସୁନ୍ଦର ଉପହାର ଦେବା ସହିତ ଭଉଣୀର ରକ୍ଷାକବଚ ସାଜିବାକୁ ପ୍ରତିଶ୍ରୁତି ଦେଇଥାଏ। ରକ୍ଷାବନ୍ଧନ ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ହେବା ସହିତ ସ୍ନେହ, ଶ୍ରଦ୍ଧା, ପ୍ରେମ ଅତୁଟ ରହିଥାଏ।
**Dipanjali Panda, Satya Nagar, BBSR**

Sister love is of all sentimates the most abstract. Nature does not grant is any Functions. Happy Rakhi.
**Debashis Bramha**

ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ତିଥିରେ ରାଖୀ ପୂର୍ଣ୍ଣିମା ପଡ଼େ। ଏହିଦି ଭଉଣୀ ତା'ର ଭାଇ ମଥାରେ ସିନ୍ଦୂର ଚନ୍ଦନ ଲଗାଇ ଡାହାଣ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ କାମନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ରକ୍ଷା କରିବାକୁ କବଚ ସାଜିବାକୁ ପ୍ରତିଶ୍ରୁତି ଦିଏ। ରାଖୀ ପୂର୍ଣ୍ଣମୀ ପାଳିବା ଦ୍ୱାରା ଭାଇ ଓ ଭଉଣୀ ମଧ୍ୟରେ ସମ୍ପର୍କ ଦୃଢ଼ ହେବା ସହ ସ୍ନେହ, ପ୍ରେମ, ଶ୍ରଦ୍ଧା ଅତୁଟ ରହେ।
**Purnima Barad, Satya Nagar, BBSR**

ଏ ରାଖୀ କେବଳ ଗୋଟେ ଛୋଟ ସୂତା ନୁହେଁ
ଏ ହେଉଛି ମୂକସାକ୍ଷୀ ଆମ ସମ୍ପର୍କର।
ମାନ ଅଭିମାନ ଅବା ତୋ ସ୍ନେହଭରା ଗାଳି ଏ
ହାତ ହେଉଛି ଭାଇ ଭଉଣୀ ସ୍ନେହ ଓ ମମତାର।
**Kajal Sahoo, Bhimatangi, BBSR**

ରାଖୀପୂର୍ଣ୍ଣିମାର ହାର୍ଦ୍ଦିକ ଅଭିନନ୍ଦନ। ଭଗବାନ ମୋ ବାବା, ମା'ଙ୍କୁ ଭଲରେ ରଖିଥାନ୍ତୁ। ଆପଣମାନେ ମୋ ପାଇଁ ବହୁତ କିଛି କରିଛନ୍ତି। ଆପଣଙ୍କ ଋଣ ଶୁଝିପାରିବି ନାହିଁ।
**Sagarika Swain, Bankuala, BBSR**

ଆମ ଭାରତବର୍ଷରେ ବାରମାସରେ ତେର ପର୍ବ ମଧ୍ୟରୁ ରାଖୀ ପୂର୍ଣ୍ଣିମା ହିନ୍ଦୁମାନଙ୍କର ଏକ ମୁଖ୍ୟ ପର୍ବ। ରାଖୀ ପୂର୍ଣ୍ଣିମାକୁ ରକ୍ଷାବନ୍ଧନ କୁହାଯାଏ। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ଦିନ ପାଳନ କରାଯାଉଥିବାରୁ ଶ୍ରାବଣ ପୂର୍ଣ୍ଣିମା କୁହାଯାଏ। ଭାଇ ଓ ଭଉଣୀମାନଙ୍କର ମମତାର ପ୍ରତୀକ। ସେନେହ ସୂତାରେ ମମତାର ମାଳି ଦେଉଛି ବାନ୍ଧି ମୁଁ ହାତରେ ତୋର। ମନେ ରଖିଥିବୁ ଭୁଲି ନ ଯିବୁ ରେଶମୀ ଡୋରକୁ ନ କରି ପର।
**ରମାମଣୀ ମହାପାତ୍ର, ସତ୍ୟନଗର, ଭୁବନେଶ୍ୱର**

ରକ୍ଷାବନ୍ଧନ ଭାରତବର୍ଷର ବଡ଼ ପର୍ବ। ଏହି ପର୍ବରେ ଭାଇ ହାତରେ ଭଉଣୀ ରାଖୀ ବାନ୍ଧିଥାଏ। ଭଉଣୀ ଓ ଭାଇ ମଧ୍ୟରେ ପବିତ୍ର ସମ୍ପର୍କ ହୋଇଥାଏ। ଭାଇର ଶୁଭ କାମନା ଭଉଣୀ କରିଥାଏ।
**Asima Prity Nayak, GGP Rasulgarh, BBSR**

ଆଜିର ଦିନଟି କିଛି ଖାସ୍ ମୋ ପାଇଁ
ଅନେଇ ରହିଥାଏ ସଦା ମୁଁ ତୋ ପାଇଁ
ଭଉଣୀର ରାଖୀ ଅଛି ବନ୍ଧା ମୋ ହାତରେ,
କରୁଛି ଶପଥ ଆଜି ମୁଁ ତୋ ପାଖରେ, ତୋ ଭାଇ
ସବୁଦିନ ଅଛି ତୋରି ପାଖରେ।
**Ajay Kumar Sahoo, Patrapada, Bhubaneswar**

ରାଖୀ ପୂର୍ଣ୍ଣିମା ଭାରତବର୍ଷର ବାର ମାସର ପୂର୍ଣ୍ଣିମାର ଶ୍ରାବଣ ପୂର୍ଣ୍ଣିମା ରାଖୀ ପୂର୍ଣ୍ଣିମା ହୋଇଥାଏ। ଏ ପୂର୍ଣ୍ଣିମା ଦିନ ଭଉଣୀ ଭାଇକୁ ରାଖୀ ବାନ୍ଧି ଚନ୍ଦନ କୁଙ୍କୁମ ଲଗାଇ ଦୀର୍ଘାୟୁ କାମନା କରିଥାଏ। ଭାଇ ଭଉଣୀର ସୁସମ୍ପର୍କ ପାଇଁ ମିଠା ଖୁଆଇଥାଏ। ଭାଇଠାରୁ ରକ୍ଷା ନିମିତ୍ତ ସଙ୍କଳ୍ପ କରିଥାଏ। ମହାଭାରତର ଦ୍ରୌପଦୀ କୃଷ୍ଣଙ୍କୁ ରାଖୀ ବାନ୍ଧିଥିବାରୁ ବସ୍ତ୍ରହରଣ ସମୟରେ ବସ୍ତ୍ର ଦାନ କରି ପ୍ରଭୁ ରକ୍ଷା କରିଥିଲେ।
**ସୁଷମା ପଣ୍ଡା, ସତ୍ୟନଗର, ଭୁବନେଶ୍ୱର**

My brother loves Rakhis of Doraemon, he likes to flount it under glittering sun. Relishes eating my ladoos and sweet buns but never brother to thank me a ton yet protects me as superman of iron whole Rakhi purnima, we both have too much fun.
**Ahaana Paikray, Sriya talkies, Bhubaneswar**

My Rakhi is the most expensive gift. Where love and affection never drifts or the bond between me and my brother ever shifts. Nor there will be any sort of rift. Neither it requires ladder nor a lift just pure seeds of love embedded inside flowery grip.
**Pramodini Paikray, Sriya talkies, Bhubneswar**

ରକ୍ଷାବନ୍ଧନ ହେଉଛି ଭାଇ ଓ ଭଉଣୀର ପବିତ୍ର ପ୍ରେମବନ୍ଧନ। ଏହି ପର୍ବ ଅବସରରେ ଭଉଣୀ ଭାଇକୁ ନିଜର ରକ୍ଷା ଉଦ୍ଦେଶ୍ୟରେ ରାଖୀର ଡୋରି ବାନ୍ଧିଥାଏ। ଏହା ବଦଳରେ ଭାଇ ଭଉଣୀକୁ କିଛି ଉପହାର ଦେଇଥାଏ ଏବଂ ଭଉଣୀର ଅସମୟ ଓ ଅସୁବିଧାରେ ଭାଇ ତାହାର ରକ୍ଷା କରିବ ସେହି ଉଦ୍ଦେଶ୍ୟରେ ଏହି ପର୍ବ ଶ୍ରାବଣ ମାସ ପୂର୍ଣ୍ଣମୀରେ ପାଳନ ହୁଏ।
**ନରେଶ କୁମାର ପରିଜା, ଏରୋଡ୍ରମ, ଭୀମପୁର**

ରାଖୀପୂର୍ଣ୍ଣିମା ଭାରତୀୟମାନଙ୍କର ଏକ ମଧୁର ପର୍ବ । ଏହି ଦିନ ଭଉଣୀଭାଇକୁ ରାଖୀବାନ୍ଧି ମଥାରେ ଚନ୍ଦନ କୁଙ୍କୁମ ଲଗାଇ ଭାଇର ଦୀର୍ଘାୟୁ କାମନା କରିଥାଏ। ଭାଇ ମଧ୍ୟ ଭଉଣୀର ସୁରକ୍ଷା ଦାୟିତ୍ୱ ବହନ କରିଥାଏ। ଏହିଦିନ ବଳିରାଜାଙ୍କ ସ୍ତ୍ରୀ ଭଗବାନଙ୍କୁ ରାଖୀ ବାନ୍ଧି ନିଜ ସ୍ୱାମୀଙ୍କର ଦୀର୍ଘାୟୁ କାମନା କରିଥିଲେ। ସେହେତୁ ଭଗବାନ ବଳିଙ୍କୁ ଚିରଞ୍ଜୀବୀ ବରଦାନ ଦେଇଥିଲେ। ଏହିଦିନ ଗୋମାତାଙ୍କୁ ପୂଜା କରି ଚାଷୀଭାଇ ଆନନ୍ଦିତ ହୁଏ।
**Abhimanyu Panda, Satyanagar, Bhubaneswar**

I miss you my sweet brother, please come soon, we hope you miss us Happy Rakshya Purnima.
**Jajnaseni Rout, Patia, Rout Sahi**

ରାଖୀ ପୂର୍ଣ୍ଣିମା ବନ୍ଧନର ପର୍ବ। ଯାହା ଭାଇର ମଙ୍ଗଳ ମନାସି ଭଉଣୀ ଭାଇ ହାତରେ ରାଖୀ ବାନ୍ଧିଥାଏ। ସୁଖ-ଦୁଃଖରେ ସହଯୋଗୀ ହେବାକୁ ଆଶା ଉଜ୍ଜୀବିତ ରଖିଥାଏ। ସେହିପରି ଗୁରୁଙ୍କ ହାତରେ ଶିଷ୍ୟ, ବ୍ରାହ୍ମଣ ହାତରେ ଯଜମାନ ରାଖୀ ବାନ୍ଧିଥାଏ। ଚିର ସମ୍ପର୍କ ସେତୁ ସଦୃଶ୍ୟ। ଇନ୍ଦ୍ରଙ୍କ ହାତରେ ଇନ୍ଦ୍ରାଣୀ ଏବଂ ଶ୍ରୀକୃଷ୍ଣଙ୍କ ହାତରେ ଗୋପୀମାନେ ରକ୍ଷାବନ୍ଧନ ଦୃଷ୍ଟାନ୍ତ ରହିଛି।
**ଉମେଶ ଚନ୍ଦ୍ର ବେହେରା, ଆୟଡପୁର, କଟକ**

ଭାଇ ଓ ଭଉଣୀର ସମ୍ପର୍କ ହେଉଛି ଅନ୍ୟତମ। ଆମ ଦେଶ ଏ ସମ୍ପର୍କ ଆମ ପାରମ୍ପରିକ ଦେବତା ପରମ୍ବ୍ରା ଶ୍ରୀଜଗନ୍ନାଥ ଓ ଭଗିନୀ ସୁଭଦ୍ରା ଓ ବଡ଼ଭାଇ ବଳଭଦ୍ରଙ୍କଠାରୁ ଆରମ୍ଭ ହୋଇଛି। ଏହିସମ୍ପର୍କ ହେଉଛି ନିବିଡ଼ ଓ ହୃଦୟାତ୍ମକ। ଭାଇ ଓ ଭଉଣୀଙ୍କ ମଧ୍ୟରେ ଯେତେ ବାଧାବନ୍ଧନ ଥିଲେ ମଧ୍ୟ ସେହିଦିନ ତୁହେଁ ସବୁ ବାଧାବିଘ୍ନ ଓ ଦୂରତାକୁ ପଛରେ ରଖି ଭଉଣୀ ତା' ଭାଇ ହାତରେ ରାଖୀ ବାନ୍ଧେ ଓ ତା'ର ମଙ୍ଗଳକାମନା କରେ। ଏହିସମ୍ପର୍କ ହେଉଛି ଦୁନିଆର ସବୁଠାରୁ ପବିତ୍ର ବନ୍ଧନ। ଯାହାକୁ ଅଳ୍ପ କିଛି କଥାରେ ବ୍ୟାଖ୍ୟା କରିହୁଏ ନାହିଁ।
**ବାବୁଲି ପରିଡ଼ା, ବମିଖାଲ, ରସୁଲଗଡ଼**

Its Rakhi and here's me wishing that you are heres, But no mattar how far you may be from me. I always wish life's best to come your way. Happy Rakhi
**Manashi Behera Janla, Khordha**

ରାଖୀ ବନ୍ଧନ ହେଉଛି ପବିତ୍ର ବନ୍ଧନ, ଭାଇ ଭଉଣୀର ପବିତ୍ର ବନ୍ଧନ। ଭାଇ ଭଉଣୀର ଭଲ ପାଇବା। ଆମେ ଆମ ଭଉଣୀର ବହୁତ ଭଲ ପାଇଁ ଏବଂ ଭଉଣୀମାନେ ରାଖୀ ବାନ୍ଧନ୍ତି କି ଅସମୟରେ ଭଲ ମନ୍ଦରେ ଆମେ ତାଙ୍କୁ ରକ୍ଷା କରିବୁ।
**Rakesh Kumar Sabat, Tankapani Road, Bhubaneswar**

Brothers are like streetlights along the road. They don't make distance any shorter, but they light up the path and make the walk worthwhile.
**Gobinda Sahoo, Gurujanga Mali Sahi, Khordha**

କାଳିଆ ହାତରେ ସୁଭଦ୍ରାର ରାଖୀ ମୋ ଭାଇ ହାତରେ ମୋହରି ରାଖୀ। ବରଷକୁ ମୁହିଁ ରହିଥିଲି ଚାହିଁ। ବରଷେ ପରେ ଆସିଲା ରାଖୀପୂର୍ଣ୍ଣମୀ, ଭାଇ ପରା ସେ ଅତି ନିଜର। କେବେ କରିବୁନି ଭଉଣୀକୁ ପର। ଆଖିରେ ତୁ କେବେ ଦବୁନି ଲୁହ, ହସେଇବୁ ତୁ ମତେ ସାରା ଜୀବନ। ଭାଇକୁ ମୋର ଅଭିନନ୍ଦନ।

**ରାବିୟା ଫିରଦୋସ, ଜୟୀପୁରା, କେନ୍ଦ୍ରାପଡ଼ା**

ଭାଇ ଗୋଟେ ଏମିତି ଶବ୍ଦ ଯାହା ଭଉଣୀ ପାଇଁ ସର୍ବଦା ଅପୂରଣୀୟ, ଯାହା କେବଳ ରକ୍ଷା ବନ୍ଧନରେ ବାନ୍ଧି ହୋଇଥାଏ, ବର୍ଷକୁ ଥରେ ଆସେ ଆମର ରକ୍ଷାବନ୍ଧନ। ଏହା ଭାଇଭଉଣୀର ସମ୍ପର୍କକୁ ନିବିଡ଼ କରାଇଥାଏ। ସେ ଦିନକୁ କେବେ ଭୁଲି ହେବ ନାହିଁ ଏବଂ ଭଉଣୀ ମନରେ ଥାଏ ରକ୍ଷା ବନ୍ଧନ କେବେ ଆସିବ।

**ପରୱାନା ବେଗମ୍, କେନ୍ଦ୍ରାପଡ଼ା**

ବର୍ଷକୁ ଥରେ ଆସିଲା ରାଖୀ, ଏଇ ଦିନଟିକୁ ରହିଥିଲି ଚାହିଁ। ସେନେହ ସୂତାରେ ମମତାର ମାଳି ଦେଉଛି ବାନ୍ଧି ମୁଁ ହାତରେ ତୋର। ରାଖୀ ବନ୍ଧନଟି ହେଲା ଭାଇଙ୍କ ପାଇଁ, ଭଉଣୀ ବାନ୍ଧଇ ପାଉଣା ପାଇଁ। ଭାଇ ଡାକେ କେତେ ସେନେହ ଭରା, ଭଉଣୀ ହେଉଛି ଭାଇର ହୀରା। ଶେଷରେ ଭାଇକୁ ମୋ ରାଖୀ ବନ୍ଧନର ଅଭିନନ୍ଦନ।

**ସୁଲତାନା ବେଗମ୍, ଜୟୀପୁରା, କେନ୍ଦ୍ରାପଡ଼ା**

ଭଉଣୀ ଗୋଟେ ଏମିତି ଶବ୍ଦ ଯାହା ଭାଇ ପାଇଁ ସର୍ବଦା ଅପୂରଣୀୟ, ଯାହା କେବଳ ରକ୍ଷାବନ୍ଧନରେ ବାନ୍ଧି ହୋଇଥାଏ। ବରଷକୁ ଥରେ ଆସେ ଆମର ରକ୍ଷାବନ୍ଧନ। ଏହା ଭାଇଭଉଣୀ ସମ୍ପର୍କକୁ କରେ ନିବିଡ଼। ମୋ ଭଉଣୀ ଅନେକ ଆଶା ଓ ଉତ୍ସାହର ସହ ଅପେକ୍ଷା କରିଥାଏ ରାଖୀ ପୂର୍ଣ୍ଣିମା ଲଗି ରାଖି ବାନ୍ଧିବା ପାଇଁ।

**ଅଞ୍ଜୁ ଜଲାଲ୍, ଜୟୀପୁରା, କେନ୍ଦ୍ରାପଡ଼ା**

ଆମ ଭାରତ ବର୍ଷରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରାଖୀପୂର୍ଣ୍ଣମୀ ଅନ୍ୟତମ। ଭାଇ ତୋତେ ମୋର ରହିଲା ରାଣ, କହିବୁନିକଥା ପଦିଏ ଟାଣ। କାଳିଆ ହାତରେ ଦେଇଛି ରାଖୀ, ପାଉଣା ତାହାର ରହିଛିବାକି। ଝରିଯାଇଥିଲା ରକତ ଧାର, ରୋକି ଦେଲା ଚିରା ପଣତ ତା'ର।

**ଜିତ୍ ନାୟକ, କେନ୍ଦ୍ରାପଡ଼ା**

ଭାଇକୁ ମୋର ରହିଲା ରାଣ, କେବେ ସେ କଥା କହିବନି ଟାଣ। ଭାଇ ହାତରେ ବାନ୍ଧିଲି ରାଖୀ, ସାରା ଜୀବନକୁ ରହିଲା ସାକ୍ଷୀ। ଭାଇ ମୋର ସେ ଅତି ନିଜର, କେବେ କରିବନି ଭଉଣୀକୁ ପର। ଭାଇ ଡାକେ କେତେ ସେନେହ ଭରା, ଭଉଣୀ ହବକି ଭାଇର ହୀରା। ସେଥିପାଇଁ ସେ ମୋର ଜଗତଜିତା।

**ଅର୍ପିତା ବେହେରା, ବଡ଼ହାଟ, କେନ୍ଦ୍ରାପଡ଼ା**

We lost our mother when I was in class Eight, you took over mom's place. you cooked for us and took care of us for almost 10 years. I cannot repay you though for all the sacrifice that you have made for us and for this family. Happy Raksha Bandhan. "big sister"

**Pratyush choudhury, Gopalpur, Cuttack**

ଆଜିର ଦିନଟି କିଛି ଖାସ୍ ମୋ ପାଇଁ, ଅନେଇ ରହିଥାଏ ସଦା ମୁଁ ତୋ ପାଇଁ, ଭଉଣୀର ରାଖୀ ଅଛି ବନ୍ଧା ମୋ ହାତରେ, କରୁଛି ଶପଥ ଆଜି ମୁଁ ତୋ ପାଖରେ ତୋ ଭାଇ ସବୁଦିନ ଅଛି ତୋ ପାଖରେ।

**ଶାନ୍ତନୁ କୁମାର ବେହେରା, ଡୁମ୍‌ଡୁମା, ଭୁବନେଶ୍ୱର**

ରାଖୀ କେବଳ ଏକ ଡୋରି ନୁହେଁ, ବନ୍ଧନ। ଏ ସ୍ନେହ, ମମତା, ଭରସାର ପ୍ରତିଶ୍ରୁତି, ଏ ଆଜୀବନ ଭଉଣୀ ସୁରକ୍ଷାର, ନାରୀ ଜାତି ପ୍ରତି ସମ୍ମାନ ଓ ଦାୟିତ୍ୱବୋଧର ଜାଗରଣ ସୃଷ୍ଟି କରିଥାଏ ରାଖୀ। ଉଦ୍ଦେଶ୍ୟ ମଳିନ ନ ପଡୁ ଏ ନିଃସ୍ୱାର୍ଥ ଓ ଛଳନା ରହିତ ଭଲ ପାଇବା ମମତାର ଏହି ପ୍ରତୀକ ଶକ୍ତି ଦ୍ୱାରା ଦୂର ହେଉ ସବୁ ବାଧାବିଘ୍ନ। ଭାଇ, ଭଉଣୀର ଅତୁଟ ପ୍ରେମ ଓ ଅନାବିଳ ସ୍ନେହର ପ୍ରତୀକ ହେଉଛି ରାଖୀପୂର୍ଣ୍ଣିମା।

**କାଜଲ ସିଂ, ଗୁରୁଜଙ୍ଗ, ଖୋର୍ଦ୍ଧା**

You are the person who holds me in my bad times, you are the person who dances with me in my Happiness i can't recall even a single day when you were absent from my life. I Really love you.

**Jagadish Das, Govindpur, Cuttack**

ଦେଖ୍‌ନେ ବାଲୋ କେ ଲିୟେ ୟେ ଏକ୍ ମାମୁଲି ଧାଗା ହେ। ପର ଦିଲ୍‌ସେ ଦେଖୋଗେ ତୋ ୟେ ରିସ୍ତୋକା ମାନ୍‌ଝା ହେ। ହାଁ ପତାହେ ୟେ ଭାଇ-ବେହେନ୍ କା ତ୍ୟୋହାର୍ ହେ। ପର ଯୋ ଜିସ୍‌କୋ ରକ୍ଷାକରେ, ୱହି ଉସ୍‌କୀ/ ଉସ୍‌କା ରକ୍ଷକ ହେ।

**ନିଳିମା ସାହୁ, ଟଙ୍କପାଣି ରୋଡ, ଭୁବନେଶ୍ୱର**

ଆସଇ ନୂଆ ନୂଆ ବରଷର ଅନେକ ରଙ୍ଗ ବେରଙ୍ଗ ରାଖୀ, ଶ୍ରାବଣ ଓ ଭାଦ୍ରବ ମାସେ ଥାଇଁ ଆସେ ପବିତ୍ର ରାଖୀପୂର୍ଣ୍ଣିମା। ଭଉଣୀ ମନରେ ଆସିଥାଏ ଅନେକ ଖୁସିର ଲହର, ଭାଇ ହାତରେ ବାନ୍ଧିବ କି ରାଖୀ ଏବଂ ଏହା ରାଖୀ ନୁହଁଇ ଭଉଣୀର ସ୍ନେହ ମମତାର ଡୋରି। ଜଗତରେ ବାଜୁଛି ଭଉଣୀର ଗାଥା।

**ସାହାନାହାଜ ଖାନ୍, ଜୟୀପୁରା, କେନ୍ଦ୍ରାପଡା**

ଆମ ଭାଇ ଭଉଣୀର ଏହି ସମ୍ପର୍କ ଆସେ ବର୍ଷକୁ ରାଖୀ ବନ୍ଧନରେ। ସେ ଦିନ କେବେ ଭୁଲି ହେବନି ଏବଂ ଭଉଣୀର ମନରେ ଥାଏ ରାଖୀ ବନ୍ଧନ କେବେ ଆସିବ ଏବଂ ମୁଁ ଭାଇକୁ ଅପେକ୍ଷା କରି ବସିଅଛି ଏବଂ ଭାଇ ମନରେ ଥାଏ ମୁଁ ମୋର ଭଉଣୀ ପାଇଁ କଣ ଦେବି।

**ଜାମସେଦ ଖାନ୍, ଜୟୀପୁରା, କେନ୍ଦ୍ରାପଡା**

ବର୍ଷକୁ ଥରେ ଆସେ ଆମର ରାଖୀ ବନ୍ଧନ। ଏହା ଭାଇ ଭଉଣୀର ସମ୍ପର୍କକୁ ନିବିଡ ବା ସୁଦୃଢ କରାଇଥାଏ ଏବଂ ଭାଇ ମନରେ ଥାଏ ମୋର ଭଉଣୀ ରାଖୀ ବାନ୍ଧିବାର ଅନେକ ସ୍ୱପ୍ନ, ମନରେ ଆନନ୍ଦ। ଖୁସି ନେଇ ସେ ଆସେ ତା ମନରେ ଏବଂ ଆସି ସେ ରାଖୀ ପିନ୍ଧି ମନରେ ଖୁସି ଆଣେ।

**ମହମଦ ଜୁନେଦ, ସୁଜନଗର, କେନ୍ଦ୍ରାପଡା**

ଧର୍ମାନୁସାରେ ଶ୍ରାବଣ ପୂର୍ଣ୍ଣିମାରେ ସୌର ଜଗତର ସମସ୍ତ ଗ୍ରହ ପୃଥିବୀ ଉପରେ ଆକ୍ରମଣ କରିଥିଲେ। ପୃଥିବୀ ନିଜର ରକ୍ଷା ପାଇଁ ଚନ୍ଦ୍ରକୁ ରାଖୀ ବାନ୍ଧି ଭାଇ କରିଥିଲେ। ସେହି ଦିନରୁ ଚନ୍ଦ୍ର ପୃଥିବୀର ସୁରକ୍ଷା କବଚ ସାଜି ପୃଥିବୀ ଚାରିପଟେ ବୁଲୁଛି।

**କୌଶଲ୍ୟା ମଲ୍ଲିକ, ଦୁର୍ଗାବଜାର, ଚୌଦ୍ୱାର**

ରାଖୀପୂର୍ଣ୍ଣିମା ଅବସରରେ ସମସ୍ତ ଭାଇମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଏହି ପର୍ବରେ ଭଗବାନଙ୍କ ହାତରେ ତାଙ୍କ ଭଉଣୀ ରାଖୀ ବାନ୍ଧନ୍ତି। କାରଣ ବିପଦରେ ଭଉଣୀ ପଡ଼ିଥିଲେ ଭାଇ ରକ୍ଷା କରିବେ। କିନ୍ତୁ ତା'ର ମର୍ଯ୍ୟାଦା କେହି ବୁଝନ୍ତି ନାହିଁ। କାରଣ ବିପଦରେ ପଡ଼ିଥିବା ଭଉଣୀମାନଙ୍କୁ ଉଦ୍ଧାର କରିବା ତ ଦୂରର କଥା ବରଂ ତାଙ୍କୁ ବିପଦରେ ପକାଇବାକୁ କେହି ପଛଘୁଞ୍ଚା ଦେଉନାହାନ୍ତି। କିନ୍ତୁ ଏତିକି ଅନୁରୋଧ ଏହି ନାରୀଜାତିକୁ କେହି ଅବମାନନା କରନାହିଁ। ବିପଦରେ ସାହାଯ୍ୟ କର।

**ଗାୟତ୍ରୀ ମିଶ୍ର, ପିପିଲି, ପୁରୀ**

ରକ୍ଷା କରିବାରୁ ରାଖୀ। କ'ଣ ରକ୍ଷା କରିବା ? ଭଉଣୀର ମାନ, ସମ୍ମାନ, ପଦ, ପ୍ରତିଷ୍ଠା ରକ୍ଷା କରିବା ପାଇଁ ଭଉଣୀଟିଏ ଯାହାକୁ ବି ଭାଇ ଭାବି ତା' ହାତରେ ରାଖୀଟିଏ ବାନ୍ଧିପାରେ। ମହାଭାରତରୁ ଦେଖନ୍ତୁନା- ଭଗବାନ ଶ୍ରୀକୃଷ୍ଣଙ୍କର ଅଙ୍ଗୁଳି କଟିଯିବାରୁ ଦ୍ରୌପଦୀ ପଣତକାନି ଚିରି ଶ୍ରୀକୃଷ୍ଣଙ୍କ ଅଙ୍ଗୁଳିରେ ବାନ୍ଧି ଦେଇଥିଲେ। କୁରୁ ସଭାରେ ଦ୍ରୌପଦୀଙ୍କର ବସ୍ତ୍ରହରଣ ହେଉଥିବା ସମୟରେ ଭଗବାନ ବାସୁଦେବ କୋଟିବସ୍ତ୍ର ଦେଇ ଦ୍ରୌପଦୀଙ୍କର ମାନ ରକ୍ଷା କରିଥିଲେ।

**ଶ୍ରୀଶଙ୍କରାଚାର୍ଯ୍ୟ ଦାସ, ଲୋକନାଥ ରୋଡ୍, ପୁରୀ**

ପବିତ୍ର ଏହି ରାଖୀ ପୂର୍ଣ୍ଣିମା ଅବସରରେ କହିବି ଆଉ କାହା ବିଷୟରେ। ସବୁ ଅସୁବିଧାକୁ ସୁବିଧା କରିଥାଏ, ସବୁ ପରିସ୍ଥିତିରେ ଛିଡ଼ା ହୋଇଥାଏ, କହିପାରିବ କେହି, ସେ ମୋ ଭାଇ।

**ଅର୍ଚ୍ଚନା ପୃଷ୍ଟି, ବାଇଁଶିରିଆ, ଯାଜପୁର**

ଭାଇ ତତେ ମୋର ରହିଲା ରାଣ, କହିବୁନି କଥା ପଦିଏ ଟାଣ। ତୋ ଆଖିରେ କେବେ ଦେବିନାହିଁ ଲୁହ, ହସେଇବି ତତେ ସାରା ଜୀବନ।

**ସୁଚିତ୍ରା ମହାନ୍ତି, ବେଶପୁର, କଟକ**

ମୁଁ ଜଣେ ଭାଇ ଥିବାରୁ ମୋର ଭଉଣୀ କେହି ନ ଥିବାରୁ ମୋତେ ରାଖୀ କିଏ ପିନ୍ଧାଇବ। ମନରେ ଦୁଃଖ କରି ମୁଁ ରହିଯିବି ଏବଂ ଭଗବାନ ଯଦି ମୋର ଗୋଟିଏ ଭଉଣୀ ଥାନ୍ତା ମୋତେ ରାଖୀ ପିନ୍ଧାଇଥାନ୍ତା।

**ଏମ୍‌ଡି ଶହେଦ, ସୁଜନଗର, କେନ୍ଦ୍ରାପଡ଼ା**

ଭାଇ ପରା ମୋର କେତେ ନିଜର, ରାଖୀ ପୂର୍ଣ୍ଣିମାଟି ଅଟଇ ତା'ର। ଭାଇ ନାମେ ସେ ଜଗତ ଜିତା, ଭଉଣୀ ମନକୁ କରେ ମୋହିତା। ଭଉଣୀ ବୁଝେ ଭାଇର ମନ, ଭାଇ ତ ହେଉଛି ଭଉଣୀ ଜୀବନ। ସେଥିପାଇଁ ପରା ନାମ ତା' ଭାଇ, ଭଉଣୀର ଦୁଃଖେ ଆଗେ ସେ ଥାଇ।

**ସୁଜାତା ପ୍ରିୟଦର୍ଶିନୀ ବେହେରା, ବଡ଼ହାଟ, କେନ୍ଦ୍ରାପଡ଼ା**

ପିଲାଦିନ କଥା ମନେପଡ଼େ ଯେବେ ଆସୁଥିଲା ରାଖୀ। ଜଗି ବସୁଥିଲା ଭାଇ ଭଉଣୀ ବାନ୍ଧିବ ବୋଲି ରାଖୀ। ଆଜି ଭାଇ ମୋର ବଡ଼ ହୋଇଗଲା ମୋତେ ଦେଖିଦେଇ ଦିଏ କବାଟ ଡାଙ୍କି। ହେଲେ ମୋର ସ୍ନେହର ଡୋର ତତେ ସବୁବେଳେ ରଖିବ ବାନ୍ଧି। ସୂତା ନୁହେଁ ଇଏ ଆମ ପ୍ରେମର ପ୍ରତୀକ ରାଖୀ। ଯେତେଦୂର ତୁ ଥାରେ ପାଗେଳା ମୋ ବିପଦରେ ନିଶ୍ଚେ ଆସିବୁ ଧାଇଁ ଦେଲେ ମୁଁ ଡାକି।

**ମିନାକ୍ଷୀ ପାତ୍ର, ରାଜୁ ସାହି, ନବରଙ୍ଗପୁର**

ଆମ ଭାରତବର୍ଷରେ ବାର ମାସରେ ତେର ପର୍ବ, ଏଥିମଧ୍ୟରୁ ରାଖୀପୂର୍ଣ୍ଣିମା ଅନ୍ୟତମ। ଏହି ପର୍ବରେ ଭଉଣୀ ଜଗି ବସିଥାଏ ତା' ଭାଇ ହାତରେ ବାନ୍ଧିବାକୁ ରକ୍ଷା କବଚ ସଦୃଶ ସୂତା। ଏହି ପର୍ବଟି ଭଉଣୀର ଭାଇ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବାର ପ୍ରତୀକ ଏବଂ ଭଉଣୀଟିଏ ଭାଇର ସୁରକ୍ଷା ନିମିତ୍ତ ତା' ଭାଇ ହାତରେ ଏକ ସୂତାଟିଏ ବାନ୍ଧିଦିଏ। ପ୍ରତିବଦଳରେ ଭାଇ ମଧ୍ୟ ଭଉଣୀର ସୁରକ୍ଷା ଅତି ଯତ୍ନର ସହକାରେ କରିଥାଏ।

**ପ୍ରଣତି ପାତ୍ର, ରାଜୁ ସାହି, ନବରଙ୍ଗପୁର**

ରାଖୀପୂର୍ଣ୍ଣିମାର ଶବ୍ଦାର୍ଥିକ ଅର୍ଥ ହେଲା ରକ୍ଷାର କବଚ ବା ଏକ ସୂତାର ରକ୍ଷାକବଚ। ଶ୍ରାବଣପୂର୍ଣ୍ଣିମା ମାସରେ ବୃହସ୍ପତି ନିମ୍ନ ମନ୍ତ୍ରରେ ଧ୍ୟାନ କରି ଏକ ସୂତା ପ୍ରସ୍ତୁତ କରିଥିଲେ। ଇନ୍ଦ୍ରାଣି ତାହାକୁ ଇନ୍ଦ୍ରଙ୍କ ହାତରେ ବାନ୍ଧି ଦେଇଥିଲେ ଏବଂ ଇନ୍ଦ୍ର ଏକ ଯୁଦ୍ଧରେ ବିଜୟୀ ହେଲେ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଏହି ପର୍ବକୁ ଅତି ଉତ୍ସାହର ସହ ପାଳନ କରାଯାଏ। ଆମ ସମସ୍ତ ଭାଇ ଭଉଣୀଙ୍କ ପାଇଁ ଏହି ଦିନଟି ଏକ ଆନନ୍ଦଦାୟକ ଦିନ ଅଟେ।

**ସୌମ୍ୟଶ୍ରୀ ପାତ୍ର, ରାଜୁସାହି, ନବରଙ୍ଗପୁର**

ବର୍ଷକୁ ଥରେ ଆସେ ଆମର ରକ୍ଷାବନ୍ଧନ। ସେଦିନ ଭାଇ ଭଉଣୀଙ୍କ ପାଇଁ ଅବିସ୍ମରଣୀୟ ହୋଇ ରହିଯାଏ। ଭଉଣୀ ଅନେଇ ରହିଥାଏ କେବେ ଆସିବ ରାଖୀପୂର୍ଣ୍ଣିମା। ଭାଇ ହାତରେ ବାନ୍ଧିବ ନାଲି, ନେଳି, ରଙ୍ଗବେରଙ୍ଗର ରାଖୀ। ସେନେହ ସୂତାରେ ମମତାର ମାଳ ଦେଉଛି ଗୁନ୍ଥି। ଭାଇ ଭଉଣୀର ଏହା ନିବିଡ଼ ସମ୍ପର୍କ।

**ସାଦତ୍ ଖାଁ, ଇମାମବାଡ଼, କେନ୍ଦ୍ରାପଡ଼ା**

ଭାଇ ଗୋଟେ ଏମିତି ଶବ୍ଦ ଯାହା ଭଉଣୀ ପାଇଁ ସର୍ବଦା ଅପୂରଣୀୟ ହୋଇଥାଏ। ଏହା କେବଳ ରକ୍ଷାବନ୍ଧନରେ ହିଁ ବାରି ହୋଇଥାଏ। ବର୍ଷକୁ ଥରେ ଆସେ ରକ୍ଷା ବନ୍ଧନ। ଭାଇ ଭଉଣୀର ସମ୍ପର୍କର ଏହି ସ୍ୱତନ୍ତ୍ର ଦିନଟିକୁ କେବେ ଦୃଷ୍ଟି ହେବ ନାହିଁ। ଭଉଣୀ ଆଉ ଭାଇ ଅନେକ ଆଶା ଓ ଆକାଂକ୍ଷା ରଖି ଏହି ରାଖୀପୂର୍ଣ୍ଣିମାକୁ ଅପେକ୍ଷା କରିଥାନ୍ତି।

**ତାଇବାନ୍ ବିବି, ଏମାମ୍‌ବେଡ଼ା, କେନ୍ଦ୍ରାପଡ଼ା**

ଆମ ଭାରତବର୍ଷରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ସେଥିମଧ୍ୟରୁ ରାଖୀପୂର୍ଣ୍ଣିମା ଅନ୍ୟତମ। ଭାଇ ଭଉଣୀର ସେନେହ ମିଳନ





କରାଏ ଏଇ ରାଖୀ ବନ୍ଧନ। ଭଉଣୀ ଗୋଟେ ଏମିତି ଶବ୍ଦ ଯାହା ଭାଇ ପାଇଁ ଅପୂରଣୀୟ, ଯାହା ରକ୍ଷା କବଚରେ ହିଁ ବାନ୍ଧି ହୋଇଥାଏ। ଏହି ଦିନକୁ କେବେ ଭୁଲିହେବ ନାହିଁ।

**ଏସ.କେ. ସୌମତ୍ ଖାଁ, କେନ୍ଦ୍ରାପଡ଼ା**

ସେନେହ ସୂତାରେ ମମତାର ମାଳି
ଦେଇଛି ବାନ୍ଧି ମୁଁ ହାତରେ ତୋର
ମନେ ରଖିଥିବୁ ଭୁଲି ନ ଯିବୁ
ରେଶମୀ ଡୋରକୁ ନ କରି ପର।

**ଅର୍ଜିତ ମହାପାତ୍ର, ମୁକୁନ୍ଦମିଶ୍ରନଗର, ପୁରୀ**

ରାଖୀପୂର୍ଣ୍ଣିମା ହେଉଛି ଭାଇ ଓ ଭଉଣୀର ପବିତ୍ର ସମ୍ପର୍କ। ରାଖୀପୂର୍ଣ୍ଣିମା ଆମ ଦେଶର ସବୁ କୋଣ ଅନୁକୋଣରେ ପାଳନ କରାଯାଏ। ଏହି ପର୍ବରେ ଭଉଣୀମାନେ ନିଜ ଭାଇ ହାତରେ ରାଖୀ ବାନ୍ଧନ୍ତି। ଭାଇମାନେ ତା' ପ୍ରତିବଦଳରେ ଭଉଣୀଙ୍କୁ ଉପହାର ଓ ଭଉଣୀର ସର୍ବଦା ସୁରକ୍ଷା ପାଇଁ ପ୍ରତିଶ୍ରୁତି ଦିଅନ୍ତି।

**ଦର୍ଶଦୀପ ନାୟକ, ଝାରପୋଖରିଆ, ମୟୂରଭଞ୍ଜ**

ଭାଇ ଆଉ ଭଉଣୀର ଭଲପାଇବାରେ ଏତିକି ଅନ୍ତର ହୋଇଥାଏ କି, ଯିଏ କନ୍ଦେଇ ପୁଣି ମନେଇ ଦିଏ ସେ ହେଉଛି ଭାଇ। ଆଉ ଯିଏ କନ୍ଦେଇଲା ପରେ ନିଜେ କାନ୍ଦେ ସେ ହେଉଛି ଭଉଣୀ। ଭାଇ ଲଢ଼ିଥାଏ, ଝଗଡ଼ା କରିଥାଏ ହେଲେ ଭଉଣୀ ଯେବେ ଦୂରକୁ ଚାଲିଯାଏ ସେ ଭାଇ ହିଁ ଜାଣେ ଯିଏ କି ସବୁଠୁ ଅଧିକ କାନ୍ଦିଥାଏ। ଭାଇ ଭଉଣୀ ଯେତେ ଝଗଡ଼ା କରନ୍ତୁନା କାହିଁକି ହେଲେ ଗୋଟିଏ ଭାଇ ପାଇଁ ତା' ଭଉଣୀ ତା ଜୀବନ ହୋଇଥାଏ।

**ଅସୀମା ପ୍ରିୟଦର୍ଶିନୀ ନାୟକ, ରସୁଲଗଡ଼, ଭୁବନେଶ୍ୱର**

A sister is a gift to the heart, a friend to the spirit a golden thread to the meaning of life.

**ଗୋବିନ୍ଦ ସାହୁ, ଜଟଣୀ, ଖୋର୍ଦ୍ଧା**

ଦୁନିଆରେ ସବୁ ବନ୍ଧନରୁ ମୁକ୍ତ ହୋଇଯାଏ ଭାଇଟାଏ। ଯେବେ ଭଉଣୀ ନିଜ ଭାଇକୁ ଡାକେ ରାଖୀଟିଏ ହାତରେ ବାନ୍ଧିଦେବା ପାଇଁ ବିପଦରୁ ରକ୍ଷା କରିବାର ପ୍ରତିଶ୍ରୁତି ଦେଇ ନିଜକୁ ବାନ୍ଧି, ରାଖୀର ସୂତାରେ ବାନ୍ଧେ ନିଜକୁ ଭାଇ, ଏ ହେଉଛି ଆମ ସଂସ୍କୃତି, ଏ ହେଉଛି ପବିତ୍ର ପରମ୍ପରା, ଆମ ହିନ୍ଦୁମାନଙ୍କର ସମ୍ପର୍କର ପର୍ବ ରକ୍ଷାବନ୍ଧନ।

**ଅସୀମ ବେହେରା, ଗେଲପୁର, ଭଦ୍ରକ**

You make this life beautiful for me. I promise to protect you from every evil eye and will support you in your every decision. I love you, my beautiful sister. Have the best day today and always.

**Jagabandhu Das, Old sadar thana Road, Puri**

ଆମେ ଭାରତବାସୀ ସମସ୍ତେ ଭାଇଭଉଣୀ। ସୀମାନ୍ତରେ ପ୍ରବଳ ଶୀତରେ ଆମକୁ ଶତ୍ରୁ କବଳରୁ ରକ୍ଷା କରୁଥିବା ସୈନିକ ଭାଇମାନଙ୍କୁ ଆମର ପବିତ୍ର ଏହି ରକ୍ଷାବନ୍ଧନ। କରୋନା ମହାମାରୀ କବଳରୁ ସୁରକ୍ଷା ଦେଉଥିବା ଡାକ୍ତର ଭାଇ ଓ ପୋଲିସ ଭାଇଙ୍କୁ ଆମର ଅତୁଟ ବନ୍ଧନ। ଆମେ ଭଉଣୀମାନେ ସୁଭଦ୍ରା, ଦ୍ରୌପଦୀ ହେବା ସିନା ସୂପର୍ଣ୍ଣଖା, ହୋଲିକା ହେବା ନାହିଁ।

**ଆଦ୍ୟାଶା ଦାଶ, ଅନୁଗୋଳ**

ରକ୍ଷାବନ୍ଧନ ଶ୍ରାବଣ ମାସର ପୂର୍ଣ୍ଣିମା ଦିନକୁ ପାଳନ କରନ୍ତି। ରକ୍ଷାବନ୍ଧନର ଅର୍ଥ- ସୁରକ୍ଷାର ବନ୍ଧନ। ରକ୍ଷାବନ୍ଧନ ଭାଇ ଭଉଣୀର ପବିତ୍ର ପ୍ରେମର ପ୍ରତୀକ। ଏହି ଦିନ ଦୀପ ଲଗାଇ ଅରୁଆ ଚାଉଳ ବନ୍ଦାଇ ମଥାରେ ତିଳକ ଲଗାଇ ଭଉଣୀ ଭାଇର ହାତରେ ରାଖୀ ବାନ୍ଧେ। ରକ୍ଷାବନ୍ଧନରେ ଭଉଣୀ ଈଶ୍ୱରଙ୍କୁ ଭାଇର ଶୁଭମନାସି ପ୍ରାର୍ଥନା କରେ ଏବଂ ଭାଇ ଭଉଣୀକୁ ଜୀବନ ସାରା ସୁରକ୍ଷା ଦେବା ପାଇଁ ପ୍ରତିଜ୍ଞା କରେ।

**Soudamini Sahoo, Parajanga, Dhenkanala**

ଆଜିର ଦିନଟି କିଛି ଖାସ୍ ମୋ ପାଇଁ
ଅନେଇ ରହିଥାଏ ସଦା ମୁଁ ତୋ ପାଇଁ।
ଭଉଣୀର ରାଖୀ ଅଛି ବନ୍ଧା ମୋ ହାତରେ
କରୁଛି ଶପଥ ଆଜି ମୁଁ ତୋ ପାଖରେ
ତୋ ଭାଇ ସବୁଦିନ ଅଛି ତୋରି ପାଖରେ।

**ଜଗଦୀଶ ଦାସ, ଗୋବିନ୍ଦପୁର, କଟକ**

ପବିତ୍ର ରକ୍ଷାବନ୍ଧନ ତଥା ଶ୍ରୀବଳଦେବ ଜନ୍ମ ଉତ୍ସବ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭ କାମନା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ନେଇ ଭାଇ ଭଉଣୀଙ୍କର ସମ୍ପର୍କର ଡୋରି ଅତୁଟ ଏବଂ ସଦାସର୍ବଦା ସ୍ନେହର ବନ୍ଧନ ସୁଦୃଢ଼ ଏବଂ ମଜଭୁତ ହେଉ।

**ସମ୍ବିଦ କୁମାର ବିଶ୍ୱାଳ, ନୀଳଗିରି, ବାଲେଶ୍ୱର**

ପବିତ୍ର ଗହ୍ମାପୂର୍ଣ୍ଣିମା ପ୍ରଭୁ ବଳରାମଙ୍କ ଜନ୍ମଦିନ ଓ ରକ୍ଷାବନ୍ଧନଅବସରରେସର୍ବୋପରିଭାଇଭଉଣୀର ସ୍ନେହ, ଶ୍ରଦ୍ଧା, ସମ୍ପର୍କର ଅତୁଟ ବନ୍ଧନର ପର୍ବ ରକ୍ଷାବନ୍ଧନ ଅବସରରେ ହାର୍ଦ୍ଦିକ ଶୁଭକାମନା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଦାନ କରି ଭାଇଚାରାର ପର୍ବ ରକ୍ଷାବନ୍ଧନ ଆହୁରି ନିବିଡ଼ ଓ ମଜଭୁତ କରୁ।

**କନକଲତା ବିଶ୍ୱାଳ, ନୀଳଗିରି, ବାଲେଶ୍ୱର**

ପ୍ରଭୁ ବଳରାମଙ୍କ ଜନ୍ମଦିନ ପବିତ୍ର ଗହ୍ମାପୂର୍ଣ୍ଣିମା ଓ ଭାଇଚାରାର ପର୍ବ ରକ୍ଷାବନ୍ଧନ ଅବସରରେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ଉତ୍କଳର ଇଷ୍ଟଦେବ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ରକ୍ଷାବନ୍ଧନ ଭ୍ରାତୃ ବନ୍ଧନରେ ଆବଦ୍ଧ ହେବାକୁ ସମାଜକୁ ମହତ ଶିକ୍ଷା ପ୍ରଦାନ କରୁ। ଏହି ଉତ୍ସବ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଭାଇଚାରାକୁ ଅଧିକ ସୁଦୃଢ଼ କରିବ।

**ସୁଶ୍ରୀସଙ୍ଗୀତା ବିଶ୍ୱାଳ, ନୀଳଗିରି, ବାଲେଶ୍ୱର**

ରାଖୀ ଭାଇଭଉଣୀଙ୍କ ସ୍ନେହ, ଶ୍ରଦ୍ଧା ଭଲପାଇବାର ଅତୁଟ ସମ୍ପର୍କ। ଭଉଣୀଟିଏ ଚାତକ ପରି ଚାହିଁ ରହିଥାଏ ସେ ଦିନକୁ। ଭାଇ ହାତରେ ରାଖୀ ବାନ୍ଧିଲେ ସତେକି ମିଳେ ଅସୁମାରି ଆନନ୍ଦ। କୋହରେ ଭରିଥାଏ ମନ ହୃଦୟ। ସେଦିନ ଆନନ୍ଦର ସୀମା ନ ଥାଏ ଭଉଣୀଟେ ପାଖରେ। ଜଗନ୍ନାଥଙ୍କ ନିକଟରେ ଶୁଭମନାସୀ ପ୍ରାର୍ଥନା କରେ ଭାଇଟିର ଆଶୀର୍ବାଦ ପାଇଁ।

**Swikruti Mohapatra, Nabakalebar Road, Puri**

ରାଖୀ ବାନ୍ଧିବା ଏକ ପବିତ୍ର ବନ୍ଧନ। ଏହା ଦ୍ୱାରା ଭାଇ ଭଉଣୀ ସମ୍ପର୍କ ମଜଭୁତ ରହେ। ଭଉଣୀ ରାଖୀ ବାନ୍ଧି ଭାଇର ଦୀର୍ଘାୟୁ କାମନା କରେ ଓ ଯେତେବେଳେ ବିପଦରେ ପଡେ ତା' ଭାଇ ତାକୁ ରକ୍ଷା କରେ। ଏଥିପାଇଁ ଭଉଣୀ ଭାଇକୁ ରାଖୀ ବାନ୍ଧିଥାନ୍ତି। କୃଷ୍ଣ ଯେପରି ଦ୍ରୌପଦୀଙ୍କୁ ରକ୍ଷା କରିଥିଲେ, ସମସ୍ତ ଭଉଣୀ ଏହିଆଶା ରଖନ୍ତି ନିଜ ଭାଇମାନଙ୍କ ପାଖରୁ।

**ସତ୍ୟନାରାୟଣ ମହାରଣା, ନୀଳକଣ୍ଠନଗର, ବ୍ରହ୍ମପୁର**

ଚନ୍ଦ୍ର ଯେପରି ପୃଥିବୀକୁ ରକ୍ଷା କରିବା ପାଇଁ ସର୍ବଦା ଚାରିପଟେ ଘୂରୁଥାଏ, ସେହିଭଳି ଭାଇଟିଏ ନିଜ ଭଉଣୀର ରକ୍ଷାକବଚ ସାଜିବାରେ ଶପଥପାଠ ରାଖୀପୂର୍ଣ୍ଣିମାରେ କରିଥାଏ। ବାପା ମା'ଙ୍କ ପରେ ଭାଇ ହିଁ ଭଉଣୀର ଏକମାତ୍ର ସାହା ଭରସା। ଯିଏ ସମସ୍ତ ବିପଦରେ ତାକୁ ସହଯୋଗର ହାତ ବଢ଼ାଇ ଥାଏ। କେବଳ ବାପା, ମା, ଶିକ୍ଷକ ଆମର ଗୁରୁ ନୁହନ୍ତି ଭାଇ ମଧ୍ୟ ଏକ ଗୁରୁ ହୋଇ ଉଚିତ ରାସ୍ତା ଦେଖାଏ। ଏଣୁ ପବିତ୍ର ରକ୍ଷାବନ୍ଧନରେ ଶୁଭେଚ୍ଛା ଓ ଶୁଭକାମନା।

**ମମତା ନାୟକ, ରହଣିଆ, ଭଦ୍ରକ**

ଭାଇ ଭଉଣୀର ଅନାବିଳ ପ୍ରେମର ଅତୁଟ ବନ୍ଧନର ସାକ୍ଷୀ ରାଖୀପୂର୍ଣ୍ଣିମା। ଏପରି ଭାବ ଆମ ସମାଜରେ କାହିଁ କେଉଁ ବିସ୍ମୃତ କାଳରୁ ଅନୁସୃତ ହୋଇଆସୁଛି। ଭାଇର ଆଶୀର୍ବାଦର ହାତ ଭଉଣୀକୁ ଅଦମ୍ୟ ସାହସ ଓ ନିର୍ଭୀକ କରିଥାଏ। ଭଉଣୀ ଭାଇ ହାତରେ ପବିତ୍ର ସମ୍ପର୍କର ଡୋରି ବାନ୍ଧି ସାରାଜୀବନ ସୁଖ ଦୁଃଖରେ ଭାଗୀଦାର ହୋଇଥାଏ।

**ଗୀତାଞ୍ଜଳି ରାୟ, ଓଲ୍ଡ ଟାଉନ୍, ଭୁବନେଶ୍ୱର**

ବର୍ଷସାରା ଭାଇ ଦୂରରେ ଥିଲେ ମଧ୍ୟ ଗୋଟିଏ ଦିନ ଭଉଣୀଟିଏ ତା'ର ଭାଇକୁ ବେଶି ଝୁରି ହୋଇଥାଏ, ସେହି ଦିନଟି ହେଉଛି ରାଖୀ ପୂର୍ଣ୍ଣମୀ। ତେଣୁ କିଛି ପଂକ୍ତିରେ
ପ୍ରେମର ପ୍ରତୀକ ଏହି ଆମର ରାଖୀ,
ଦୂରେଇ ଦେବନି ଭାଇ ଦିଅ ପ୍ରତିଶ୍ରୁତି।
ତେଣୁ ଦୂରରେ ଥାଆନ୍ତ କି ପାଖରେ ତାଙ୍କର ଦୀର୍ଘାୟୁ କାମନା କରି ରାଖୀପୂର୍ଣ୍ଣିମାକୁ ସ୍ମରଣୀୟ କରିବା। ମୋ ତରଫରୁ ଏହି ଉପଲକ୍ଷେ ଅଗଣିତ ଭାଇଙ୍କୁ ଶୁଭେଚ୍ଛା ଓ ଶୁଭକାମନା।

**ସୁନୀତା ପାଣିଗ୍ରାହୀ, ବାଣିଆ, ଭଦ୍ରକ**

ସେନେହ ସୂତାରେ ମମତାର ମାଳି ଦେଉଛି ବାନ୍ଧି ମୁଁ ହାତରେ ତୋର, ମନେରଖିଥିବୁ ଭୁଲି ନ ଯିବୁ ରେଶମୀ ଡୋରକୁ ନ କରି ପର।

**ଶୁଭାଙ୍ଗୀ ପଣ୍ଡା, ତୁଳସୀପୁର, କଟକ**

ରକ୍ଷାବନ୍ଧନରେ ଅଭିନନ୍ଦନ, ଆଜିର ଦିନ ବହୁତ ଖାସ୍ ମୋ ଭଉଣୀ ପାଇଁ ସେ ଥିଲେ ସବୁକିଛି ମୋ ପାଖରେ, ତା' ସୁଖ ଦୁଃଖ ହସ ଲୁହରେ ଏ ଭାଇ ସବୁବେଳେ ତୋ ପାଖରେ।

**ଗାୟତ୍ରୀ ପଣ୍ଡା, ତୁଳସୀପୁର, କଟକ**

ରାଖୀପୂର୍ଣ୍ଣିମାରେ ଭଉଣୀଟିଏ ସୁରକ୍ଷା କବଚ ସଦୃଶ ରାଖୀ ବାନ୍ଧିଥାଏ ତା' ଭାଇ ହାତରେ। ଆଉ ତା' ବଦଳରେ ଭଉଣୀକୁ ଭାଇ ବଢାଇଥାଏ ସ୍ନେହର ଉପହାର। ଏହା କେବଳ ପରମ୍ପରା ନୁହେଁ ଭାଇ ଭଉଣୀଙ୍କ ମଧ୍ୟରେ ସମ୍ପର୍କ ବଢାଇଥାଏ। ଏଣୁ ଏହି କରୋନା ସମୟରେ ଭଉଣୀ ତା'ର ଦୀର୍ଘାୟୁ କାମନା କରିବା ସହ ଭାଇ ନିଜର ଭଉଣୀର ସୁରକ୍ଷା କବଚ ସାଜିବାର ପ୍ରତିଜ୍ଞାବଦ୍ଧ ହୁଅନ୍ତୁ। ମୋ ତରଫରୁ ସମସ୍ତ ଭାଇ ଭଉଣୀଙ୍କୁ ରାଖୀପୂର୍ଣ୍ଣିମାରେ ଶୁଭେଚ୍ଛା।

**ଅରୁଣ କୁମାର ବାରିକ, ଧରିତ୍ରୀନଗର, ଆରଡିଛକ, ଭଦ୍ରକ**

ଶ୍ରାବଣ ପୂର୍ଣ୍ଣିମା ଅବସରରେ ପଡୁଥିବା ରକ୍ଷାବନ୍ଧନ ଭାଇ ଭଉଣୀର ଅତୁଟ ସୁରକ୍ଷାର ପ୍ରତିଶ୍ରୁତି ଦେଇ ହାତ ବଢାଇ ଦେଇ ଥାଏ ଭଉଣୀ ପାଖରେ। ଭଉଣୀଟି ଆନନ୍ଦରେ ସେହି ଦିନଟିକୁ ଅନାଇ ରହିବା ଅପେକ୍ଷା ପ୍ରତ୍ୟେକ ଭାଇ, ଭଉଣୀର ବେଶରେ ଆମେ ସମସ୍ତେ ରାଖୀର ଡୋରିରେ ବାନ୍ଧି ହୋଇ ସୁରକ୍ଷା ଦେଇପାରିଲେ ଆମେ ଧନ୍ୟ ମଣିବା ସହିତ ସମସ୍ତେ ସୁଖରେ କାଳାତିପାତ କରିବା। ରକ୍ଷାବନ୍ଧନର ଦିନଟିକୁ ସାର୍ଥକ କରିବା।

**ସ୍ମରିତା ନନ୍ଦ, କାଳିକାଦେବୀସାହି ପଣ୍ଡାଲେନ୍, ପୁରୀ**

A love between Brother and a Sister is one of the dearest & noblist of Human emotions Raksha Bandhan is a ocsassion to celebrate this emotional bonding when a sister tie a Rakhi around her brother's wrist & pray for his long life. Sister say, I know whatever I do you will still there.

**Mirza Aman, Cuttack**

ସମସ୍ତ ଦେଶବାସୀଙ୍କୁ ରାଖୀପୂର୍ଣ୍ଣିମାର ହାର୍ଦ୍ଦିକ ଶୁଭକାମନା, କୋଭିଡ୍-୧୯ ପରି ସଂଘର୍ଷମୟ ସମୟ ଭିତରେ ରାଖୀର ଏହି ଅତୁଟ ସମ୍ପର୍କ ସମସ୍ତ ଭାଇ ଓ ଭଉଣୀଙ୍କ ଜୀବନ ଆନନ୍ଦମୟ ହେଉ। ରାଖୀର ଏହି ପବିତ୍ର ଦିବସକୁ ଘରେ ରହି ନିଜ ପରିବାର ସହ ଖୁସିରେ ପାଳନ କରିବେ ବୋଲି ମୋର ଆଶା।

**ସଞ୍ଜନା ସାହୁ, କାଣ୍ଡିଶ୍ୱର, ଅନୁଗୋଳ**

ସେନେହ ସୂତାରେ ମମତାର ମାଳି ଦେଉଛି ବାନ୍ଧି ମୁଁ ହାତରେ ତୋର, ମନେ ରଖିଥିବୁ ଭୁଲି ନ ଯିବୁ ରେଶମୀ ଡୋରକୁ ନ କରି ପର। ଢାଳିଦିଅ ମା'ଗୋ ଶୁଭ ଆଶିଷଧାରା ମୋ ଭାଇର ଚଳାପଥରେ। ବିଞ୍ଚିଦିଅ ମୋ' ଗୋ ମଲ୍ଲୀ, କେତକୀ, ପାଖୁଡ଼ା ମୋ ଭାଇର ଆଶା ରଥରେ। ଭାଇ ଭଉଣୀର ସେନେହ ମିଳନ କରାଏ ଏଇ ରାଖୀ ବନ୍ଧନ।

**କୌଶଲ୍ୟା ମଲ୍ଲିକ, ଦୁର୍ଗାବଜାର, ଚୌଦ୍ୱାର, କଟକ**

ବାକି ରହିଲା ମୋ ରାଖୀ ପାଉଣା, ମାଗିଲେ ଦେବୁ କରିବୁନି ମନା, ତୋ ଖୁସି ପାଇଁ କରେ ମୁଁ ପ୍ରାର୍ଥନା, ବାକି ରହିଲା ମୋ ରାଖୀ ପାଉଣା। ମନରେ ଅଛି ତୋ ପାଇଁ ସେନେହ, ଆଖିରେ ନାଚୁଛି ତୋ ସୁନାମୁହଁ। ଜନ୍ମ ଜନ୍ମର ସମ୍ପର୍କ ଆମର, ସବୁଠାରୁ ଗେହ୍ଲା ଭାଇ ତୁ ମୋର। ରାଖୀପୂର୍ଣ୍ଣିମାରେ ଭଗବାନ ତୋର ସବୁ ମନସ୍କାମନା ପୂର୍ଣ୍ଣ କରନ୍ତୁ ଓ ଆଶୀର୍ବାଦ କରନ୍ତୁ। ଜୟ ଜଗନ୍ନାଥ।

**ଶକ୍ତିପୂଜାରିଣୀ ଦାସ, ଜଗତ୍‌ସିଂହପୁର**

ବାର ମାସେ ତେର ପର୍ବର ଆସର
ଲାଗିଥାଏ ଏଠି ନିତି
ସବୁଠୁ ନିଆରା ରକ୍ଷାବନ୍ଧନ ସେ
ଚିର ଅଭୁଲା ତା' ସ୍ମୃତି।
ଭାଇ ଭଉଣୀର ସ୍ୱର୍ଗୀୟ ସମ୍ପର୍କ
ସୂତା ଖିଏ ଦିଏ ଗୁନ୍ଥି
ଭଉଣୀ ସୁରକ୍ଷା ଭାଇ କରି ପୁଣି
ଦୂର କରେ ଅମାରାତି।

**ଅନ୍ୱେଷା ଅମନ୍ତା, ନିଶ୍ଚିନ୍ତକୋଇଲି, କଟକ**

ଆଜିର ଦିନ ବହୁତ ଖାସ୍ ମୋ ଭଉଣୀ ପାଇଁ, ସେ ଥିଲେ ସବୁକିଛି ଅଛି ମୋ ପାଖରେ। ତୋ ସୁଖ ଦୁଃଖ, ହସ ଲୁହରେ ଏ ଭାଇ ସବୁବେଳେ ତୋ ପାଖରେ।

**କଳ୍ପତରୁ ନାୟକ, ତାଳଚେର, ଅନୁଗୋଳ**

ପବିତ୍ର ରାଖୀପୂର୍ଣ୍ଣିମା ବା ଗହ୍ମାପୂର୍ଣ୍ଣିମା ଏକ ପବିତ୍ର ଦିନ। ଏହି ଦିନ ମହାପ୍ରଭୁ ବଳଦେବ ଜନ୍ମଗ୍ରହଣ କରିଥିଲେ। ସେଥିପାଇଁ ଏହି ଦିନ ବଳଦଙ୍କ ଶିଙ୍ଗରେ ରାଖୀ ବାନ୍ଧି ଚନ୍ଦନ, ଫୁଲ, ଦୁବ ଦେଇ ପୂଜାର୍ଚ୍ଚନା କରାଯାଏ। ସମଗ୍ର ଭାରତବର୍ଷରେ ଏହି ଦିନଟିକୁ ଆନନ୍ଦର ସହିତ ପାଳନ କରନ୍ତି। କାରଣ ସମସ୍ତ ଭାଇ ଭଉଣୀଙ୍କ ଭିତରେ ଥିବା ଅତୁଟନୀୟ ପ୍ରେମ ଓ ସ୍ନେହର ସମ୍ପର୍କକୁ ଜଣାଇଥାଏ। ଏହି ଦିନ ଭଉଣୀମାନେ ସେମାନଙ୍କ ଭାଇମାନଙ୍କର ହାତରେ ରାଖୀ ବାନ୍ଧନ୍ତି।

**ନିଶିକାନ୍ତ ସ୍ୱାଇଁ, ଧଉଳି, ଖୋର୍ଦ୍ଧା**

Thank you so much 'MANA'(Mati) far loving and supporting me throughout. I am very grateful to God for having you as my sister. May god bless you with a long and prosperous life ! Before I utter any thing, you understand. you have been my friend to whom I can share all my secrets. I love you sister till death .HAPPY RAKHI .

**Bikash Kumar Singh, Uttamapur, cuttack**

ଏହି ରାଖୀ ପୂର୍ଣ୍ଣିମାରେ ମୁଁ ଜଗତର ନାଥଙ୍କୁ ପ୍ରାର୍ଥନା କରୁଛି କି ସେ ମୋ ସ୍ନେହର ଭାଇକୁ ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ, ଜଗତର ସମସ୍ତ ସୁଖ, ଶାନ୍ତି ଏବଂ ତା'ର ସମସ୍ତ ଇଚ୍ଛା ପ୍ରଦାନ କରନ୍ତୁ। ମୋ ପ୍ରିୟ ଭାଇକୁ ରାଖୀପୂର୍ଣ୍ଣିମାର ବିଶେଷ ଅଭିନନ୍ଦନ। ଏହି ରାଖୀରେ ମୁଁ କାମନା କରୁଛି ଯେ, ଆମର ଏହି ସ୍ନେହର ସମ୍ପର୍କ ଆହୁରି ମଜଭୁତ ହେଉ। ଏତିକି ଜଗତର ନାଥଙ୍କଠାରେ ପ୍ରାର୍ଥନା। ରାଖୀ ପୂର୍ଣ୍ଣିମାର ଅନେକ ଶୁଭେଚ୍ଛା।

**ସ୍ମୃତିରେଖା ମହାନ୍ତି, ଜୟଦେବବିହାର, ଭୁବନେଶ୍ୱର**

ଭାଇ ଭଉଣୀ ସମ୍ପର୍କ କେତେ ମଧୁର, କେତେ ମୂଲ୍ୟବାନ୍ ତାହା ମୁଁ ଅନୁଭବ କରୁଛି କେବଳ ମୋ ଭାଇ ପାଇଁ। ସେ ମୋ ଜୀବନର ଅଲିଭା ପୃଷ୍ଠା, ଉଜ୍ଜ୍ୱଳ ଦୀପଶିଖା। ମୋ ଭାଇର ନୀତି ଆଦର୍ଶକୁ ମାନି ଆଜି ମୁଁ ଖୁବ୍ ଶୃଙ୍ଖଳିତ ଓ ସମାଜରେ ପ୍ରଶଂସିତ। ସେ ମୋ ପାଇଁ ଅନନ୍ୟ ଓ ଅସାଧାରଣ।

**ସସ୍ମିତା ପଟ୍ଟନାୟକ, ଅସୁରେଶ୍ୱର, କେନ୍ଦ୍ରାପଡା**

ଆଦିମ କାଳରୁ ରକ୍ଷାବନ୍ଧନ ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପର୍ବ ଭାବେ ଅଭିହିତ। ଭ୍ରାତା ହସ୍ତରେ ରାକ୍ଷା ରୂପକ ରାଖୀ ବନ୍ଧନ କରି ତା'ର ଅଭିଳାଷ ଭଗିନୀ ଦୀର୍ଘଜୀବନ କାମନା କରିଥାଏ ଏବଂ ବଦଳରେ ଭାଇ ତାକୁ ଆଜୀବନ ସୁରକ୍ଷା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାଏ।

**ତାରାପ୍ରସାଦ ପଟ୍ଟନାୟକ, ସୂର୍ଯ୍ୟନଗର ନିୟର ଓୟୁଏଟି, ଭୁବନେଶ୍ୱର**

ପବିତ୍ର ରାଖୀପୂର୍ଣ୍ଣିମା ଅବସରରେ ପ୍ରତ୍ୟେକ ଭଉଣୀ, ଭାଇମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଭାଇ ଭଉଣୀର ଅନାବିଳ ସ୍ନେହମମତା, ଭଲପାଇବା ଓ ଅତି ଅର୍ନ୍ତଲିର ସୁସମ୍ପର୍କର ଅତୁଟ ବନ୍ଧନକୁ ସାରା ଜୀବନ ପାଇଁ ବାନ୍ଧିରଖେ ଏଇ ସୂତା ଖିଅଟିଏ। ଦୀର୍ଘ ସୁସ୍ଥ ଜୀବନର ଶୁଭ ମନାସି ଭଉଣୀଟି ଭାଇ ହାତେ ବାନ୍ଧିଦିଏ ଏଇ ସମ୍ପର୍କର ଡୋରିକୁ। ଆଉ ଏଇ ରାଖୀ ମନେ ପକାଇଦିଏ ଭାଇର ଭଉଣୀ ପ୍ରତି କର୍ତ୍ତବ୍ୟବୋଧତା।
**ପ୍ରତାପ କୁମାର ନାୟକ, ଜଙ୍କିଆ, ଖୋର୍ଦ୍ଧା**

ରାଖୀପୂର୍ଣ୍ଣିମା ଯାହାକି ରକ୍ଷାବନ୍ଧନ ରୂପରେ ହିନ୍ଦୁଧର୍ମରେ ପାଳନ କରାଯାଏ। ରାଖୀ ହେଉଛି ପ୍ରେମ ଓ ନିବିଡ଼ତାର ପ୍ରତୀକ। ଭଉଣୀ ନିଜ ଭାଇକୁ ରାଖୀ ବାନ୍ଧି ତା'ର ଦୀର୍ଘାୟୁ କାମନା କରିଥାଏ। ଭାଇ ମଧ୍ୟ ଭଉଣୀକୁ ସମସ୍ତ ବିପଦ ଆପଦରୁ ରକ୍ଷାକରିବା ପାଇଁ କଥା ଦେଇଥାଏ।
**ଅର୍ଚ୍ଚିତା ଦାସ, ବନହରପାଲି, ଝାରସୁଗୁଡ଼ା**

Even though brothers and sisters may fight like cats and dogs but they are the best of friends and always stand by each other in times of need wishing all the brothers and sisters a very Happy Raksha Bandhan.
Chandra Maharana, Khandagiri, BBSR

Even though we fight, irritate, tease and make fun of each other or a lot, I wouldn't trade it for the world. Cheers to our fun filled memories and a cherished bond of love and laughter Happy Raksha Bandhan.
Bharna Dora , Aerodrome Area, BBSR

ଏ ରକ୍ଷାବନ୍ଧନ ନୁହେଁ, ଭାଇ ଓ ଭଉଣୀ ମଧ୍ୟରେ ସ୍ନେହ ମମତାର ଦୃଢ଼ ବନ୍ଧନ ସାରା ଜୀବନ ପାଇଁ। ପାରିବାରିକ ତଥା ସାମାଜିକ ଜୀବନର ନିବିଡ଼ ବନ୍ଧନ। ଏହା ସବୁକାଳେ ଦୃଢ଼ୀଭୂତ ହେଉ, ଏତିକି ପ୍ରଭୁଙ୍କ ପାଖରେ କାମନା। ସାଧାରଣ ରାଖୀଟିଏ ନୁହେଁ, ଭାଇ ଓ ଭଉଣୀ ମଧ୍ୟରେ ଦୃଢ଼ ଓ ମଜଭୁତ ସେତୁଟିଏ।
**ରଚିତା ଆଚାର୍ଯ୍ୟ, ନାଗେଶ୍ୱରଟାଙ୍ଗୀ, ଭୁବନେଶ୍ୱର**

ସଂସାରକୁ ଆପଣେଇ ନେବାର ବଜ୍ର ଶପଥ ନେଇ ସ୍ନେହ, ଭ୍ରାତୃତ୍ୱ ଓ ସାମାଜିକ ସୁରକ୍ଷା ଏବଂ ସମରସତାର ସନ୍ଦେଶ ବହନକାରୀ ରକ୍ଷା ବନ୍ଧନ ଉତ୍ସବରେ ରେଶମ ସୂତାର ରାଖୀଟିଏ ବାନ୍ଧିଲେ ସକଳରିଷ୍ଟ ଖଣ୍ଡନ ହୁଏ। ଏହି ପବିତ୍ର ବନ୍ଧନ ଉପହାର ଦେବାର ବନ୍ଧନ ନୁହେଁ, ପରସ୍ପରକୁ ସୁରକ୍ଷା ଦେବାର ପ୍ରତିଶ୍ରୁତିର ବନ୍ଧନ। ଏହିଦିନ ଭାଇଭଉଣୀ ରାଖୀ ବାନ୍ଧିବା ସହିତ ଜେଲ, କୁଷ୍ଠାଶ୍ରମକୁ ଯାଇ ସ୍ନେହ ମମତାର ରକ୍ଷାସୂତ୍ର ବାନ୍ଧିବା। ଗଛ ଲତା, ଜୀବଜନ୍ତୁଙ୍କୁ ରକ୍ଷା କରିବାର ଶପଥ ନେଇ ରାଖୀ ବାନ୍ଧିବା ସହିତ ତା'ର ସୁରକ୍ଷା ଦେବାର ବାର୍ତ୍ତା ଦେବା ସମାଜକୁ।
**ସ୍ମିତାରାଣୀ ତ୍ରିପାଠୀ, ଲଖନପୁର, ଝାରସୁଗୁଡ଼ା**

ଶ୍ରାବଣ ପୂର୍ଣ୍ଣିମା ଅଟଇ ରାଖୀପୂର୍ଣ୍ଣିମା
ଏହା ମଧ୍ୟ ଅଟେ ଗହ୍ମା ପୂର୍ଣ୍ଣିମା।
ଭାଇଭଉଣୀର ପବିତ୍ର ସମ୍ପର୍କ
'ରକ୍ଷାବନ୍ଧନ' ତା'ର ଏକ ଝଲକ।
ଭଉଣୀ ବାନ୍ଧିଦିଏ ଭାଇ ହାତରେ ରେଶମର ଡୋରି,
ଭାଇ ରକ୍ଷାକରେ ତାକୁ ସବୁ ସହ୍ୟ କରି।
ଚିରକାଳ ରହିଥାଉ ପବିତ୍ର ଏ ବନ୍ଧନ
ପ୍ରଭୁ ଜଗନ୍ନାଥଙ୍କଠାରେ ଏହା ନିବେଦନ।
**ସୌମ୍ୟାରାଣୀ ଭଇଁଶାଳ, ଝାରସୁଗୁଡ଼ା**

ଭାଇ ! ମୁଁ ବୁଝି ନ ଥିବା ଜୀବନ ମତେ ଉପହାର ଦେଇଛୁ । ଜାଣିନି କେତେ ଯନ୍ତ୍ରଣାରେ ମୋ ଖୁସି କିଣି ଚାଲିଛୁ। ମୁଁ କ'ଣ ପାରିଥାନ୍ତି ଅସ୍ତବ୍ୟସ୍ତ ଅସଜଡ଼ା ଜୀବନକୁ ସଜାଡ଼ି ତୋ ବିନା ଧୁ ଧୁ କଂକ୍ରିଟ ରାସ୍ତାର ପାଦରେ ପାଦ ଥାପି ଚାଲିଛି। ତୋ ବିନା କି ମାନେ ରାଖୀର, ତତେ ଆସିବାକୁ ହବ। (ଇତି) ଭଉଣୀ।
**ଲିଜା ସେନାପତି, ମୁଣ୍ଡାଳ, ପଲି, ବ୍ରହ୍ମଗିରି**

ଗେହ୍ଲା ଭଉଣୀ, ସେଦିନ ତୁ କଲେଜରୁ ଫେରିବାବେଳେ ତୋତେ ଗୁଣ୍ଡାଙ୍କ କବଳରୁ ରକ୍ଷା କରିଥିବା ପିଲାଟି ଯେ ନାଟକର ଖଳନାୟକ ଥିଲା, ତାହା ଜଣାପଡ଼ିଲା। ରାଖୀକୁ ସାକ୍ଷୀ ରଖି, ସବୁଦିନ ପାଇଁ ତୋ ରାସ୍ତାରୁ ସେ କଣ୍ଟାକୁ ହଟାଇ ଦେଇଛି। ମର୍ଡର କେସ୍‌ରେ ମୁଁ ଆଜି ଜେଲରେ। ମୋତେ କ୍ଷମା କରିଦେବୁ। (ଇତି) ତୋର ହତଭାଗା ଭାଇ।
**ଦୀପକ କୁମାର ମହାନ୍ତି, ଗଡ଼ମା, ଜଗତ୍‌ସିଂହପୁର**

I feel so blessed to have a sister like you in my life who is always there by my side you are like an angel sent from above thanks, sister.
Happy Raksha Bandhan
Milu Sahoo, Delta, Paiknagar

ଶ୍ରାବଣ ମାସର ରାଖୀ ପୂନେଇଁରେ ଭାଇ ହାତେ ବାନ୍ଧି ରାଖୀ, ଦୀର୍ଘାୟୁ କାମନା କରଇ ଭଉଣୀ ଜଗନ୍ନାଥେ ରଖି ସାକ୍ଷୀ। ଶ୍ରୀକୃଷ୍ଣଙ୍କ ହସ୍ତେ ଅଞ୍ଚଳରୁ ଖଣ୍ଡେ ବାନ୍ଧିଥିଲେ ଦ୍ରଉପଦୀ, କୋଟିବସ୍ତ୍ର ଦାନେ ଲଜ୍ଜା ନିବାରଣ କଲେ କରୁଣାବାରିଧି। ଭଉଣୀର ସର୍ବ ସୁରକ୍ଷା ପାଇଁକି ଭାଇ ଦିଏ ପ୍ରତିଶ୍ରୁତି, ଯୁଗ ଯୁଗ ଧରି ଭାରତ ଭୂଇଁରେ ପ୍ରଚଳିତ ଏହି ରୀତି।
**ମାଧବୀଲତା ଦେଈ, ନିମାପଡ଼ା, ପୁରୀ**

ରକ୍ଷା ବନ୍ଧନ ନୁହେଁ, କେବଳ ଗୋଟେ ସାଧାରଣ ରଜ୍ଜୁ। ଇଏ ତ ସ୍ନେହ ଓ ପ୍ରେମରେ ଗଢ଼ା ସମ୍ପର୍କର ସେତୁ। ଦ୍ୱାପରରେ କୃଷ୍ଣ ଯେମିତି ରକ୍ଷା ସୂତ୍ରରେ ବାନ୍ଧି ହୋଇ ସାଜିଥିଲେ କୃଷ୍ଣାଙ୍କ ରକ୍ଷା କବଚ। ସେମିତି ଏଇ ହିଂସାପୂର୍ଣ୍ଣ କଳିଯୁଗରେ ଭାଇ ହେଉ ଭଉଣୀର ସମ୍ମାନ ଓ ସୁରକ୍ଷା କବଚ।
**ଅର୍ଚ୍ଚିତା ପ୍ରିୟଦର୍ଶିନୀ ମହାପାତ୍ର, ମଣ୍ଡଳ, ବଲାଙ୍ଗୀର**

ରାଖୀପୂର୍ଣ୍ଣିମା ଯାହା ଭରସା ଓ ବିଶ୍ୱାସର ପ୍ରତୀକ। ଏହି ସୂତାଖିଅଟି ଭାଇକୁ ତା'ର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ନିଜ ଭଉଣୀକୁ ସୁରକ୍ଷା ଦାୟିତ୍ୱ ଅର୍ପଣ କରିଥାଏ। ଆଜିର ଏ ଯୁଗରେ ମଧ୍ୟ ଏହି ପରମ୍ପରାକୁ ହୃଦୟରୁ ବଜାୟ ରଖିବା ପାଇଁ ଚେଷ୍ଟା କରିବା। ଆଗାମୀ ଭବିଷ୍ୟତକୁ ସମସ୍ତଙ୍କର ସମସ୍ତଙ୍କ ପ୍ରତି ମାନବିକତା, ଆନ୍ତରିକତା ଅକ୍ଷୁଣ୍ଣ ରହିବା ଉଚିତ। ଏହାକୁ ପ୍ରତିଶ୍ରୁତିବଦ୍ଧତା କରିବା।
**ଭାନୁପ୍ରିୟା ସାହୁ, ଚାନ୍ଦପୁର, ନୟାଗଡ଼**

Raksha Bandhan also abbreviated to Rakhi is the Hindu festival that celebrates brotherhood and love. It is celebrated in the month of sravana in the lunar calendar, when a woman ties a rakhi around a of a man it becomes obligators for him to honour his duty and protection.
Brundaban Nayak, Angul

ଭଉଣୀ ଓ ଭାଇର ପବିତ୍ର ସମ୍ପର୍କର ଡୋର ହେଉଛି ରାଖୀ। ଭଉଣୀ ଓ ଭାଇର ସ୍ନେହ, ମମତାର ଡୋର ହେଉଛି ରାଖୀ। ଭାଇ, ଭଉଣୀର ରକ୍ଷାକବଚର ସୁଦୃଢ଼ ଡୋର ହେଉଛି ରାଖୀ।
**ଆୟେସା ପଟ୍ଟନାୟକ, ବଡ଼ଗଡ଼, ଭୁବନେଶ୍ୱର**

ପାଦପ ପଚାରେ ପଥିକ ଭାଇରେ କି ଦୋଷ କରିଛି ମୁହିଁ, ପାଶବ ପରାଏ ବଂଶକୁ ମୋର ଧ୍ୱଂସ କରୁଛୁ କାହିଁ । କରିଛି କି କେବେ ପାତରଅନ୍ତର ଅମ୍ଳଜାନ ଦେବା ପାଇଁ, ଦଧୀଚି ହୋଇ ସମାଧି ସାଜିଲି ତୋ ଜୀବନ ସୁଖ ପାଇଁ। ତଥାପି ଆଜି ମୁଁ ଭ୍ରାତୃଭାବରେ ବଢ଼ାଇ ଦେଇଛି ହାତ, ସେନେହର ଡୋରି ବାନ୍ଧିବୁ କି ଥରେ ଦୂର ହେବ ମୋର ଭୀତ।
**ପ୍ରଦ୍ୟୁମ୍ନ କୁମାର ଗଡ଼ନାୟକ, ବାବୁ ସାହି, ଦେବଗଡ଼**

'ରାଖୀ ପୂର୍ଣ୍ଣିମା'ର ମହତ୍ତ୍ୱକୁ ଶବ୍ଦରେ ବର୍ଣ୍ଣନା କରିବା କାଠିକର ପାଠ। ଏହି ପୂର୍ଣ୍ଣିମା ଭାଇ ଭଉଣୀଙ୍କର ଭଲପାଇବାକୁ ବୁଝାଏ। ଭଉଣୀ ଖାଲି ଭାଇ ହାତରେ ସେଦିନ ରାଖୀ ବାନ୍ଧେନି, ସେ ରାଖୀରେ ଥାଏ ଅସୁମାରୀ ଭଲପାଇବା, ଯାହାକି ତା'ର ଭାଇକୁ ସବୁ ବିପଦରୁ ରକ୍ଷା କରିଥାଏ ରକ୍ଷାକବଚ ପରି। ଏହି ପରମ୍ପରା ଆମ ଜଗନ୍ନାଥ ସଂସ୍କୃତିରୁ ଆସିଛି। ଶ୍ରୀଜଗନ୍ନାଥ ଏବଂ ତାଙ୍କର ବଡ଼ଭାଇ ବଳଭଦ୍ର ଦୁହେଁ ତାଙ୍କର ଭଉଣୀ ସୁଭଦ୍ରାଙ୍କୁ ବହୁତ ଭଲ ପାଆନ୍ତି। ଭାଇ ଭଉଣୀର ସମ୍ପର୍କକୁ ମନେରଖିବା ପାଇଁ ଏହି ପର୍ବ ପାଳନ କରାଯାଏ।
**ସାଇଲକ୍ଷ୍ମୀ ଗଡ଼ନାୟକ, ଦେବଗଡ଼**

କଳୁଷିତ ଏହି ଘୃଣ୍ୟ ସମାଜେ ଅବଳା ଭଗିନୀ ପାଇଁ, ସମୟ ଆସିଛି ରଖୀଟିଏ ସାଜି ଚଳିଆସ ବାରେ ଭାଇ। ଭ୍ରାତୃଭାବର ପୀୟୁଷରେ ଏଠି କାମୁକର ବିଷ ମିଶୁଛି, ବିଧାତାର ଏହି ଶ୍ରେଷ୍ଠ ମାନବ ନିତ୍ୟ ପିଚାଶ ସାଜୁଛି। ଦୃଢ଼ ଆଶା ନେଇ ରକ୍ଷାବନ୍ଧନ ଦେଉଛି ତବ କରେ, ଅସୁରକ୍ଷିତା ଏ ଭଗିନୀ ସମାଜ ପୁଣ୍ୟ ବସୁଧା ପୁରେ। କାହିଁକି ମଉନ ଉତ୍ତରଦିଅ ଭ୍ରାତୃକୁଳ ହେ ଆଜି, ଦେଇକି ପାରିବି ରକ୍ଷାକବଚ ରକ୍ଷକ ଆମ ସାଜି।
**ରାଜଶ୍ରୀ ପ୍ରଧାନ, ବାବୁସାହି, ଦେବଗଡ଼**

ରାଖୀ ପୂର୍ଣ୍ଣିମା ଶ୍ରାବଣ ମାସରେ ପାଳନ ହେଉଥିବାରୁ ଏହାକୁ ଶ୍ରାବଣ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ପର୍ବ ହେଉଛି ପ୍ରେମ, ତ୍ୟାଗ ଓ କର୍ତ୍ତବ୍ୟର ପର୍ବ। ଭଉଣୀ ଭାଇ ହାତରେ ରାଖୀ ବାନ୍ଧେ ଏବଂ ଭାଇ ତା'ର ଭଉଣୀକୁ ସବୁ ଅସୁବିଧାରୁ ରକ୍ଷା କରିବାର ପ୍ରତିଶ୍ରୁତି ଦେଇଥାଏ। ଏହି ପର୍ବ ବହୁତ ଯୁଗରୁ ପ୍ରଚଳିତ ହୋଇଆସୁଛି।
**ରୂପାଲି ସାହୁ, ଟାଇଁସର, ଦେବଗଡ଼**

ପବିତ୍ର ରକ୍ଷାବନ୍ଧନରେ ମୋର ପ୍ରିୟ ଭାଇଭଉଣୀମାନଙ୍କୁ ଅନେକ ଅନେକ ପ୍ରୀତିଭରା ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ବଳିରାଜା ମାଆ ଲକ୍ଷ୍ମୀଙ୍କର ଓ ପ୍ରଭୁ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ ରାଖୀର ମାନ ରଖିଲା ପରି ଆସନ୍ତୁ, ପର୍ବ ପରମ୍ପରାର ଆଦର୍ଶରେ ଅନୁପ୍ରାଣିତ ହେବା। ରାଖୀର ଅତୁଟ ବନ୍ଧନରେ ବାନ୍ଧି ହୋଇ ସମସ୍ତେ ସମସ୍ତଙ୍କ ରକ୍ଷାକବଚ ବନିଯିବା।
**ପ୍ରବାସିନୀ ମିଶ୍ର, ଶ୍ରୀବିହାର ରୋଡ୍, ପୁରୀ**

ଭାରତମାତାର ଆମେ ଅମୃତ ସୁତ ରାଖୀ ବାନ୍ଧି ଗାଇଯିବା, ସ୍ନେହ ସଂଗୀତ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ହୋଇବା, ଲୁପ୍ତ ସୁପ୍ତ ଗୌରବକୁ ଫେରିପାଇବା, ରାଖୀ ନୁହେଁ ସେ ତ ଆମ ରକ୍ଷାକବଚ, ସବୁରି ଅଧରେ ଦେବ ପ୍ରୀତି ମହକ, ରାଖୀ ବାନ୍ଧି ଦେବା ଆମେ ବୃକ୍ଷ ଡାଳରେ, ତଟିନୀ ତଡ଼ାଗ ଗୋମାତାଙ୍କ ପୟରେ।
**ଅରିଜିତ ପ୍ରିୟରଞ୍ଜନ, ସାକ୍ଷୀଗୋପାଳ, ପୁରୀ**

ରକ୍ତ ସମ୍ପର୍କ ହେଉ ବା ରକ୍ତଠୁ ଅଧିକ ଭାଇ ଓ ଭଉଣୀର ସମ୍ପର୍କ ଗୁରୁତ୍ୱ ବହନ କରେ ରକ୍ଷାବନ୍ଧନ। ପ୍ରେମ, ତ୍ୟାଗ, ସ୍ନେହ ଓ କର୍ତ୍ତବ୍ୟର ପର୍ବ ରାଖୀପୂର୍ଣ୍ଣିମା ଦିନ ଭଉଣୀ ଭାଇର ଶୁଭମନାସି ତା' ହାତରେ ରାଖୀ ବାନ୍ଧେ। ପ୍ରତିବଦଳରେ ଭାଇ ଭଉଣୀର ସୁରକ୍ଷା ଦେବା ପାଇଁ ସବୁ ଅଳି ଅଝଟ ସହ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥାଏ। ବାର୍ତ୍ତା: ରାଖୀପୂର୍ଣ୍ଣିମୀ ସମାଜରେ ନାରୀକୁ ସମ୍ମାନ ଦେବା ଏବଂ ନାରୀ ସୁରକ୍ଷା ପାଇଁ ସମସ୍ତ ପ୍ରତିବଦ୍ଧ ହେବା ପାଇଁ ଅବସର ଦିଏ।
**ରୋଶନ ଦାଶ, ନୂଆଗୁଡ଼ା, ବିଷମକଟକ**

No Corona Vaccine can brake its chain
No Talibani can debt its bond
No global warming can melt its warmth
It is RAKHSYA BANDHAN
Which chain is incessant
Which bond is perpetual
Which warmth is eternal
Between brother & sister till eternity.
Afiya Akhtar Khan, Charampa, Bhadrak

ଝିଅ ଜନମ ତ ପର ଘରକୁ
ତୁ ଚାଲିଗଲୁ ବହୁ ଦୂରକୁ।
ଆଖିରୁ ଗଲେ ବି ମନରେ ଅଛି
ତୋ ମୁହଁ ଆଖିରେ ନାଚି ଯାଉଛି।
ଭିଣୋଇ, ଭଣଜା ଭାଣିଜୀ ପାଇଁ
ଆଶୀର୍ବାଦ ସଦା ଝରିପଡ଼ଇ।
**ଶ୍ରୀରାମ ଚନ୍ଦ୍ର ସାହୁ, ଗୋପୀନାଥପୁର, ପୁରୀ**

ଗେହ୍ଲା ଭଉଣୀ, ସେଦିନ ତୁ କଲେଜରୁ ଫେରିବାବେଳେ ତୋତେ ଗୁଣ୍ଡାଙ୍କ କବଳରୁ ରକ୍ଷା କରିଥିବା ପିଲାଟି ଯେ ନାଟକର ଖଳନାୟକ ଥିଲା, ତାହା ଜଣାପଡ଼ିଲା। ରାଖୀକୁ ସାକ୍ଷୀ ରଖି, ସବୁଦିନ ପାଇଁ ତୋ ରାସ୍ତାରୁ ସେ କଣ୍ଟାକୁ ହଟାଇ ଦେଇଛି। ମର୍ଡର କେସ୍‌ରେ ମୁଁ ଆଜି ଜେଲ୍‌ରେ। ମୋତେ କ୍ଷମା କରିଦେବୁ। ତୋର ହତଭାଗା ଭାଇ–
**ଦୀପକ କୁମାର ମହାନ୍ତି, ଗୋଠପଦା, ଜଗତ୍‌ସିଂହପୁର**




ଭାଇ, ମୁଁ ବୁଝି ନ ଥିବା ଜୀବନ ମତେ ଉପହାର ଦେଇଛୁ। ଜାଣିନି କେତେ ଯନ୍ତ୍ରଣାରେ ମୋ ଖୁସି କିଣି ଚାଲିଛୁ, ମୁଁ କ'ଣ ପାରିଥାନ୍ତି ଅସ୍ତବ୍ୟସ୍ତ ଅସଜଡ଼ା, ଜୀବନକୁ ସଜାଡ଼ି ତୋ ବିନା, ଧୁଧୁ କଂକ୍ରିଟ୍ ରାସ୍ତାର ପାଦରେ ପାଦ ଥାପି ଚାଲିଛି। ତୋ ବିନା କି ମାନେ ରାଖୀର, ତତେ ଆସିବାକୁ ହବ। ଭଉଣୀ–
**ଲିଜା ସେନାପତି, ମୁଣ୍ଡାଳ, ବ୍ରହ୍ମଗିରି**

ସେନେହ ଶରଧା ବିଶ୍ୱାସର ଡୋରି ରାଖୀଟିଏ।
ପିଲାବେଳ ରାଗରୁଷାର ପ୍ରତୀକ ସ୍ମୃତିଟିଏ।
ରାଖୀ ନୁହେଁ, ସାଧାରଣ
ଭାଇ–ଭଉଣୀର ଅତୁଟ ବନ୍ଧନ
ଦୁହିଁଙ୍କ ହୃଦୟ– ମନ।
**ଚିତାରାମ ନନ୍ଦ ବ୍ରହ୍ମଚାରୀ, ବାଲେଶ୍ୱର**

ମୋ ସାଥିରେ ଯେବେ ସେ ଝଗଡ଼ା କରେ
ତେବେ ଲାଗେ, କାହିଁକି ଆସିଛି ଇଏ ?
ହେଲେ ଯେବେ, ନ ଥାଏ ତ ଲାଗେ
କୋଉଁଠି ଗଲା ସିଏ ?
ତାର ଝଗଡ଼ା ପଛରେ ପ୍ରେମ ଥାଏ,
ଓ ସେ ମୋ ଭାଇ ଛଡ଼ା ଆଉ କେହି ନୁହେଁ।
**ସୋନାଲି ସାହୁ, ଖଇରପାଲି, ବରଗଡ଼**

ସୂତାଖିଅ ମୂଳ ଭାଇ ଏକା ଜାଣେ
ଭଉଣୀର ସ୍ନେହ ତା'ର ମନ କିଣେ
ଅତୁଟ ବନ୍ଧନ ରାଖୀ
ଭାବ ଓ ଆତ୍ମାର ଅମିୟ ମିଳନ
ବିଧାତା ଦେଇଛି ଲେଖି
ଶାଶ୍ୱତ ବନ୍ଧନ ଅନାବିଳ ସ୍ନେହ
ଦୁଇ ମନ ରହେ ଲାଖି
ଆପଦେ ବିପଦେ ଭାଇ ସାହା ହୋଇ
ଭଉଣୀକୁ କରେ ସୁଖୀ
**ଅଭିଲିପ୍ସା ରାଉତରାୟ, ଅତାବିରା, ବରଗଡ଼**

ଧରା ପରେ ଯେବେ ଶ୍ରାବଣ ପୂର୍ଣ୍ଣିମା ଆସେ
ଭାଇ ସୋହାଗିନୀ ରାଖୀର ଆସରେ
ଭଉଣୀର ମନ ହସେ
ରାଖୀର ଜୀବନ ସୂତାଖିଏ ସିନା ଅତୁଟ ବନ୍ଧନ ଡୋରି
କଥା ଦେଇଥାଏ ଭାଇ ଭଉଣୀକୁ
ସାଥେ ଥିବ ଢାଲ ପରି
ବିପଦ ଆସିଲେ ଘଣ୍ଟ ଘୋଡ଼େଇବ
ମନରେ ସାହସ ଭରି।
**ଗୌରବ ଗୁପ୍ତା, ଅତାବିରା, ବରଗଡ଼**

This, I tie, my brother, is a Rakhi
An epitonic, thread of belief and confidence.
Let it end all evil to womenhood,
Prevail the world fraternity.
Manas Ranjan Besan, Bargarh

ଭାବର ପ୍ରତୀକ ସ୍ନେହର ପ୍ରତୀକ
ପ୍ରତୀକ ଶ୍ରାବଣ ଝରି
ପୂର୍ଣ୍ଣିମା ତିଥିର ରକ୍ଷାର ପ୍ରତୀକ
ଭଉଣୀ ହାତର ଡୋରି
ସତେ ଯେତେ ସୁଖ ଶିରୀ
ଭାଇ ଥିଲେ ପାଶେ ସବୁ ଯାଏ ପାଇ
ହୁଏ ଅଭିମାନୀ ଭାରି
ରାଖୀ ଉତ୍ସବର କଥା ତ ନିଆରା
ଜଗତେ ଯା' ପଡ଼େ ହୁରି।
**ସବିତା ରାଉତରାୟ, ଲରାସରା, ବରଗଡ଼**

ଅଭୁଲା ସୃଷ୍ଟିର ମନଲୋଭା ତିଥି
ଅତୁଟ ବନ୍ଧନ ରାଖୀ
ସୂତାଖିଅ ପରେ ବନ୍ଧା ହୋଇ ସେ ତ
ଦୁଃଖେ ସୁଖେ ହୁଏ ସାକ୍ଷୀ
ସ୍ୱର୍ଗୀୟ ସମ୍ପର୍କ ଭାଇ ଭଉଣୀର ଅମ୍ଳାନ ଯା ସ୍ନେହପ୍ରୀତି
ନିଆରା ଭାବର ଡୋରିରେ ବନ୍ଧା ସେ
ଅପାସୋରା ତା'ର ରୀତି।
**ସମୀକ୍ଷା ଜେନା, ନୂଆଖଇରପାଲି, ବରଗଡ଼**

କୃଷ୍ଣ ଏବଂ କ୍ରିଷ୍ଣା
ଏ ରାଖୀର ସୃଜନୀରେ ଦୁଇଟି ଚରିତ୍ର,
ଭାବ ଜଣେ, ଆରକଟି ଭକ୍ତି
ଜଣେ ତଥ୍ୟ, ଆଉ ଜଣେ ଉକ୍ତି
ସମ୍ପର୍କର ନିଗୂଢ଼ ବନ୍ଧନ
ସେହି ଲୁଗାଧାଡ଼ି ସୂତ୍ର।
**ଅରୋସିସ୍ ବେହେରା, ବରଗଡ଼**

ସବୁଠୁ ଆପଣା ଭଉଣୀଟି ମୋର ତାପରି ନାହିଁ କେ ସତେ
ପିଲାଟି ବେଳରୁ କୋଳେଇ କାଖେଇ ମଣିଷ କରିଛି ମୋତେ
ଗହ୍ମା ପୂନେଇଁରେ ଅସରା ସ୍ନେହରେ
ରାଖୀ ବାନ୍ଧି ମୋର ହାତେ
ବିଭୁଙ୍କୁ ମାଗେ ସେ ମୋର ସୁଖ ଶାନ୍ତି
ଅମାପ ଆୟୁଷ ଯେତେ
ଜିଇଁଥିବା ଯାଏ ଢାଲ ସାଜିଥିବ
ତା'ଜୀବନ ଚଲାପଥେ।
**ପ୍ରତୀକ ଅମାନ୍ତ, ବୁର୍ଲା, ସମ୍ବଲପୁର**

ଶ୍ରଦ୍ଧା, ସ୍ନେହ, ପ୍ରେମ ଆଉ ଆଶୀର୍ବାଦରେ ଭରା ଏ ସମ୍ପର୍କ। ଆବିଳତା ନାହିଁ ଯେଉଁ ସମ୍ପର୍କରେ, ଏହି ସେ ସମ୍ପର୍କ। ଏହା ସାମାନ୍ୟ ଡୋରି ନୁହେଁ, ଏହା ହେଉଛି ରକ୍ଷା କବଚ, ଯାହା ଭଉଣୀ ଭାଇ ହାତରେ ବାନ୍ଧିଦିଏ ତା'ର ଦୀର୍ଘାୟୁ କାମନା କରି। ଏପଟେ ଭାଇ ଛିଡ଼ା ହୋଇଥାଏ ଦେଶସୀମାରେ ଅଚଳ ପର୍ବତ ହୋଇ– ଦେଶର ଅସଂଖ୍ୟ ଭଉଣୀଙ୍କର ସୀମନ୍ତର ସିନ୍ଦୂର, ଲଜ୍ଜା ଓ ଜୀବନର ରକ୍ଷା କରିବା ପାଇଁ।
Gopali Chatarji, Khairapalli, Bargarh

ବାର ମାସେ ତେର ପର୍ବର ଆସର
ଲାଗିଥାଏ ଏଠି ନିତି
ସବୁଠୁ ନିଆରା ରକ୍ଷାବନ୍ଧନ ସେ
ଚିର ଅଭୁଲା ତା ସ୍ମୃତି
ଭାଇ ଭଉଣୀର ସ୍ୱର୍ଗୀୟ ସମ୍ପର୍କ
ସୂତା ଖିଏ ଦିଏ ଗୁନ୍ଥି
ଭଉଣୀ ସୁରକ୍ଷା ଭାଇ କରି ପୁଣି
ଦୂର କରେ ଅମା ରାତି
**ଅନ୍ୱେଷା ଅମାନ୍ତ, ନିଶ୍ଚିନ୍ତକୋଇଲି, କଟକ**

Raksha Bandhan is symbolic of the special bond between brother & sisters. Sibling stand by each other through good & bad times. It's a festival of promise. A promise to protest care and love. Wish you all a happy Raksha Bandhan .
Anushka Ghosal, Dhankauda, Sambalpur

ରାଖୀ ନୁହେଁ ସେ ତ ରକ୍ଷାକବଚ ଖାଲି ପ୍ରତିଶ୍ରୁତି ଦିଏ, ଆପଦେ ବିପଦେ ଚିର ଅଲିଅଳ ଭଉଣୀର ସାହା ହୁଏ। ସୁଖରେ ଦୁଃଖରେ ଢାଲ ସାଜି ସିଏ ପାଖେ ପାଖେ ରହିଥାଏ, ଅମ୍ଳାନ ସ୍ମୃତିର ଅତୁଟ ବନ୍ଧନ ଅମିୟ ଭାବଟି ସିଏ।
ସଂସାରେ ଭୁଲିଛି କିଏ
ଭାଇ ଭଉଣୀର ନିଆରା ସମ୍ପର୍କ
ସୂତା ଖିଏ ବାନ୍ଧି ଥାଏ।
**ଆଦ୍ୟାଶା ସ୍ୱୟଂସିଦ୍ଧା ଅମାନ୍ତ, ଅତାବିରା, ବରଗଡ଼**

ସୂତା ଅନେକ ପ୍ରକାରର, କିନ୍ତୁ ଭାଇ ଓ ଭଉଣୀର ପବିତ୍ର ସମ୍ପର୍କର ବନ୍ଧନର ସୂତା ଡୋରି କେବେ ମଧ୍ୟ ଭଙ୍ଗ ହୋଇ ନ ଥାଏ। ଗୋଟେ ଭାଇ ତା' ଭଉଣୀ ପାଇଁ ରକ୍ଷକ ସହିତ ସମାନ । ଭାଇ ଓ ଭଉଣୀ ମଧ୍ୟରେ ଝଗଡ଼ା ମଧ୍ୟ ହୁଏ। କିନ୍ତୁ ଦୁହିଁଙ୍କ ମଧ୍ୟରେ ପ୍ରେମ ସୀମାର ପଟାନ୍ତର ଅସୀମ। ରକ୍ଷାବନ୍ଧନ ଉପଲକ୍ଷେ ବିଶ୍ୱର ସମସ୍ତ ଭାଇଙ୍କ ଦୀର୍ଘାୟୁ ପ୍ରାର୍ଥନା ନିମନ୍ତେ ମୁଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି।
**ରୁନୁ ପାଇକରାୟ, ସତ୍ୟଭାମାପୁର, କଟକ**

ପିତାମାତା ପରେ ଆତ୍ମୀୟ କରାଏ ଭାଇ ଅଟେ ଆପଣାର। ଦୁଃଖ ବିପଦରେ ପାଖେ ଠିଆହୁଏ କରେ ନାହିଁ ଅନାଦର। କାନ୍ଦୁଥିଲେ ବସି ପୋଛିଦିଏ ଲୁହ ମୁହଁରେ ଫୁଟାଏ ହସ। ଭାଇ ତୁମେ ଅତି ଆପଣାର, କ୍ଷୁଣ୍ଣକରେ ବିପଦର। ଭଲରେ ହେଉ ବା ମନ୍ଦରେ ହେଉ ଭାବରେ ହେଉ ବା ଅଭାବେ ହେଉ ଭାଇଙ୍କ କରୁଣା ବରଷୁ ଥାଉ।
**ବୈଜୟନ୍ତମାଳା ସାହୁ, ବ୍ରହ୍ମପୁର**

ସନାତନ ଧର୍ମରେ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନକୁ ଗହ୍ମାପୂର୍ଣ୍ଣିମା ରୂପେ ପାଳନ କରାଯାଏ, ଯାହାକି ରାଖୀପୂର୍ଣ୍ଣିମା। ଏହା ଏକ ମହାନ୍ ଦିନ। ଏହିଦିନ ଜଗତରନାଥ ଜଗନ୍ନାଥଙ୍କୁ ଭଉଣୀ ସୁଭଦ୍ରା ରାଖୀ ବାନ୍ଧିଥାନ୍ତି। ଏହା ଏକ ପବିତ୍ର ପରମ୍ପରା। ଏଥିରେ ଭଉଣୀ ଭାଇ ହାତରେ ରକ୍ଷା ବନ୍ଧନ କରି ତା'ଠାରୁ ସହାନୁଭୂତି, ସାହସିକତା, ସାମାଜିକ ସରସତା ଓ ସହିଷ୍ଣୁତା ଭଳି ପବିତ୍ର ଆଶୀର୍ବାଦ ପ୍ରତ୍ୟାଶା କରିଥାଏ।
**ସାଇଶ୍ରୀ ମହାପାତ୍ର, ତିଆଡ଼ିସାହି, ପୁରୀ**

ଓଡ଼ିଶାର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ସମସ୍ତ ଭାଇ ଭଉଣୀମାନଙ୍କୁ ଅନୁରୋଧ, ନିଜ ଭଉଣୀମାନଙ୍କୁ ଯେପରି ବ୍ୟବହାର ଦେଖାଉଛନ୍ତି ସେହିପରି ସବୁ ଝିଅ ଓ ଭଉଣୀମାନଙ୍କୁ ନିଜର ଭାବନ୍ତୁ । ତାଙ୍କ ଭିତରେ ମାଆ ଓ ଭଉଣୀମାନଙ୍କୁ ଦେଖନ୍ତୁ। ଏହା ମୋର ଓଡ଼ିଶାର ଭାଇମାନଙ୍କୁ ଅନୁରୋଧ।
**ଗାୟତ୍ରୀ ମିଶ୍ର, ପିପିଲି, ପୁରୀ**

Meri Kalaie pe rakhi hamesha saji rahe Sahera, jab jab dekhu teri yaad aati rahe Bada, phooloh ki tarah Maheke Jindagi teri, muskurahattere chehere pe khilkhilati rahe sahena.
Guru Prasad Sahoo, Jatni, Khordha

ଭାଇଭଉଣୀଙ୍କ ସ୍ୱର୍ଗୀୟ, ଅନାବିଳ ସମ୍ପର୍କର ସାକ୍ଷୀ ହେଉଛି ରକ୍ଷାବନ୍ଧନ। ରକ୍ଷା ସୂତ୍ରର ବନ୍ଧନରେ ଭାଇ ରୂପରେ ଭଉଣୀଟି ପାଏ ଜଣେ ପିତାର ଆକଟ, ଭାଇର ସ୍ନେହ ଓ ସର୍ବୋତ୍ତମ ବନ୍ଧୁର ସହଯୋଗ, ଠିକ୍ ସେହିପରି ଭଉଣୀ ରୂପରେ ଭାଇଟି ପାଏ ଜଣେ ମା'ର ଅନାବିଳ ଭଲପାଇବା, ଭଉଣୀର ସ୍ନେହ ଓ ବନ୍ଧୁର ଅତୁଟ ବନ୍ଧନ। ରକ୍ଷାବନ୍ଧନ ଭାଇଭଉଣୀଙ୍କ ପାଇଁ ଚିରକାଳର ଏକ ଅଦୃଶ୍ୟ ପ୍ରତିଶ୍ରୁତିବଦ୍ଧତା ଓ ଅନାବିଳ ସ୍ୱର୍ଗୀୟ ବନ୍ଧନ।
**ଅପର୍ଣ୍ଣା ସିଂ, ଗାଙ୍ଗରାଜ, ମୟୂରଭଞ୍ଜ**

ହୀରାଟିଏ ପରି ଚାନ୍ଦଟିଏ ପରି କୋଟିଏରେ ଗୋଟିଏ ମୋ ଭଉଣୀ, ସେନେହ ସୂତାରେ ମମତାର ମାଳି ବାନ୍ଧିଦେଲୁ ଏଇ ଭାଇ ହାତରେ, ତୁ ଥିଲେ ସବୁକିଛି ଅଛି ମୋ ପାଖରେ, ତୋ ସୁଖଦୁଃଖ ହସଲୁହରେ ଏ ଭାଇ ସବୁବେଳେ ତୋ ପାଖରେ, ଭଉଣୀ ତୁ ମୋର କାଳିଆର ଦାନ, ରହିଥିବ ଆମରି ବନ୍ଧନ ଯୁଗଯୁଗର।
**ଲିଙ୍ଗରାଜ ପାତ୍ର, ଲିଙ୍ଗରାଜନଗର, ଭୁବନେଶ୍ୱର**

ଭାରତବର୍ଷରେ ପୂର୍ଣ୍ଣିମା ମଧ୍ୟରୁ ଶ୍ରାବଣ ପୂର୍ଣ୍ଣିମାକୁ ରାଖୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଏହିଦିନ ଭଗବାନ ବଳରାମ ଜନ୍ମ ନେଇଥିବାରୁ ଏହାକୁ ଗହ୍ମାପୂର୍ଣ୍ଣିମା କୁହାଯାଏ। ଏହା ହେଉଛି ପ୍ରେମ, ତ୍ୟାଗ ଓ କର୍ତ୍ତବ୍ୟର ପର୍ବ। ଏହା ଭାଇ ଓ ଭଉଣୀର ସମ୍ପର୍କକୁ ଦୃଢ଼ କରିଥାଏ। ଏହିଦିନ ଭଉଣୀ ଭାଇ ହାତରେ ରାଖୀ ବାନ୍ଧି, ତିଳକ ଲଗାଇ ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ଭାଇ ଭଉଣୀ ହାତରୁ ରାଖୀ ବାନ୍ଧି ତାକୁ ଉପହାର ଦେଇ ସାରା ଜୀବନ ରକ୍ଷାକବଚ ସାଜିବ ବୋଲି ପ୍ରତିଶ୍ରୁତି ଦେଇଥାଏ। ଇତିହାସରେ ହୁମାୟୁନଙ୍କ ଭଉଣୀ, ଧର୍ମାନୁମତରେ ପୃଥିବୀ ଚନ୍ଦ୍ରଙ୍କ ହାତରେ, ଦ୍ରୌପଦୀ କୃଷ୍ଣଙ୍କ ହାତରେ ରାଖୀ ବାନ୍ଧିଥିଲେ।
**ଶୁଭଶ୍ରୀ ରାଉତ, ବନ୍ତ, ଭଦ୍ରକ**

ରାଖୀ ସ୍ନେହ ଆଦର, ମିଳନ ପବିତ୍ର ବନ୍ଧନର ସାକ୍ଷୀ। ଏକ ମଜଭୁତ ସେନେହର ଡୋରି। ଭଉଣୀର ଅପେକ୍ଷିକ ଦିନ ଭାଇର ପ୍ରତିଶ୍ରୁତି, ଖଟା ମିଠା ସମ୍ପର୍କର ଏକ ନୂତନ ପରିଭାଷାକୁ ଜନ୍ମଦିଏ ରାଖୀ। ଭଲା ସେନେହର କିଏ ମୂଲ ଲଗାଇପାରିବ, କେ ଦେଇପାରିବ ସଂଜ୍ଞା ପବିତ୍ର ମଧୁର ବନ୍ଧନର ? କିନ୍ତୁ ଏ ହୃଦୟକୁ ହୃଦୟ ଯୋଡ଼ି ରଖିପାରୁଥିବା ଏ ନରମ ଡୋରି ସାଜେ ଏ ବନ୍ଧନର ବଳିଷ୍ଠ ଉଦାହରଣ। ଦୂରତା ବି ବାନ୍ଧିପାରେନା, ପରିସ୍ଥିତି ଅଟକାଇପାରେନା ଯେ ଟାଣିଆଣେ ଭାଇ ପାଖକୁ ଭଉଣୀକୁ ସମୟକୁ ଫାଙ୍କି।
**ସୀମାବତୀ ବାରିକ, ବଡ଼ସାହି, ମୟୂରଭଞ୍ଜ**

ରାଖୀ କେବଳ ସମ୍ପର୍କର ଡୋରି ନୁହେଁ, ଏହା ହେଉଛି ନିବିଡ଼ତା, ସାହସ, ବିଶ୍ୱାସ, ଭରସାର ପ୍ରତୀକ। ସମ୍ପର୍କର ସାକ୍ଷୀ ରୂପେ ଭାଇ ହାତରେ ରାଖୀ ଶୋଭାପାଏ ସିନା ଭାଇ ଭଉଣୀଙ୍କ ହୃଦୟରେ ଭରିଦିଏ ଭାବପ୍ରବଣତାର ଅମୃତ ଅନୁଭବ। ଏ ଅନୁଭବ ଉଭୟଙ୍କ ଚଲାପଥରେ କେବେ କୋମଳ ଘାସଗାଲିଚା ସଦୃଶ ତ କେବେ ଅସୁବିଧାଠାରୁ ଦୂରେଇ ରଖିବାର ସୁରକ୍ଷା କବଚ।
**ଶୁଭନାରାୟଣ ଶତପଥୀ, ବ୍ରହ୍ମଗିରି, ପୁରୀ**

ତନ୍ମୟ ଭାବର ଏକ ମନ୍ମୟ ଉଚ୍ଚାରଣ ଭଉଣୀ। ତା' ସ୍ନେହର ସାମୁଦ୍ରିକ ଉର୍ମିମାଳା ତଳେ ସକଳ ଐଶ୍ୱର୍ଯ୍ୟର ଏଭରେଷ୍ଟ ବୁଡ଼ିଯାଏ। ଭଉଣୀ ଚିଠିର ପ୍ରତିଟି ଅକ୍ଷର ସମ୍ପର୍କର ଶିଳାଲିପି, ଅଭିଲେଖ ତଳେ ଏକ ଏକ ସ୍ୱୀକୃତ ସ୍ୱାକ୍ଷର। ପ୍ରତିଟି ଶବ୍ଦରେ ଥାଏ ତା'ର ଶ୍ରଦ୍ଧାର ପୁଣ୍ୟତୋୟା ନଦୀ। ପ୍ରତିଟି ଭାଷାରେ ଭରା ପ୍ରାଣପୁଷ୍ଟ ନିବିଡ଼ ଦରଦ। ସେହି ଭାଇ ଭଉଣୀର ଅନନ୍ୟ ସମ୍ପର୍କର ଇସ୍ତାହାର ରାଖୀ ବା ରକ୍ଷାକବଚ। ଭଉଣୀକୁ ଆପଦ ବିପଦରୁ ରକ୍ଷା କରିବାର ଦୃଢ଼ ପ୍ରତିଶ୍ରୁତି। ସାମ୍ପ୍ରତିକ ସମାଜର ଯୁବକଯୁବତୀ ଏହି ସମ୍ପର୍କକୁ ଦୃଢ଼ୀଭୂତ କଲେ ଏକ ସୁନ୍ଦର ନିରାମୟ ସମାଜର ପ୍ରତିଷ୍ଠା ହୋଇପାରିବ।
**ଲକ୍ଷ୍ମୀକାନ୍ତ ସାହୁ, ବନ୍ଧବାହାଲ, ଝାରସୁଗୁଡ଼ା**

ଭଉଣୀ ଓ ଭାଇ ରାଖୀ ଅତୁଟ ବନ୍ଧନ । ଭଉଣୀ ରାଖୀ ପୂର୍ଣ୍ଣମାଦିନ ଭାଇକୁ ଜଗିଥାଏ ହାତରେ ରାଖୀ ବାନ୍ଧିବ ବୋଲି । ହାତରେ ରାଖୀ ବାନ୍ଧି ସାରିଲା ପରେ ଭଉଣୀ କୁହେ, ଭାଇ ରାଖୀ ବାନ୍ଧିଲି ମୋ ରଖିବ ମାନ। ଭାଇ ଭଉଣୀକୁ ରାଣ ପକାଇ କହୁଛି, କିଛି ଦୁଃଖ ଯଦି ଆସେ ଆଗରେ ଠିଆ ହୋଇବି ଆସି, ତୋ ଆଖିରେ କେବେ ଦେବିନି ଲୁହ, ତତେ ହସେଇବି ସାରା ଜୀବନ। ଭଉଣୀ ଓ ଭାଇର ପବିତ୍ର ସମ୍ପର୍କର ସାକ୍ଷୀ।
**ମମତା ମହାନ୍ତ, ଧନପୁର, କେ.ସି. ପୁର**

ହିନ୍ଦୁ ପୁରାଣ କଥା ଅନୁସାରେ ମହାଭାରତରେ ଦ୍ରୌପଦୀ ଶ୍ରୀକୃଷ୍ଣଙ୍କ ହାତରୁ ରକ୍ତ ଝରୁଥିବା ଦେଖି ତାଙ୍କ ପିନ୍ଧିଥିବା ଶାଢ଼ିରୁ ଖଣ୍ଡେ ଚିରି ଶ୍ରୀକୃଷ୍ଣଙ୍କ ହାତରେ ବାନ୍ଧିଥିଲେ। ସେହି ଦିନରୁ ତାଙ୍କ ମଧ୍ୟରେ ଭାଇ ଭଉଣୀର ସମ୍ପର୍କ ଆରମ୍ଭ ହୋଇଥିଲା ଏବଂ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ରକ୍ଷା କରିବାକୁ ବଚନ ଦେଇଥିଲେ। ଏହି ପର୍ବରେ ଭଉଣୀ ଭାଇ ହାତରେ ରାଖୀ ବାନ୍ଧେ ଓ ଭାଇ ଭଉଣୀକୁ ସାରା ଜୀବନ ରକ୍ଷା କରିବାକୁ କଥା ଦେଇଥାଏ।
**ପ୍ରତ୍ୟୁଷ ତ୍ରିପାଠୀ, ନୂଆ ଅତାପରା, ଝାରସୁଗୁଡ଼ା**

ଭାଇ ଓ ଭଉଣୀଙ୍କର ଅତୁଟ ପ୍ରେମ ଓ ଭରସାର ପ୍ରତୀକ ବହନ କରିଥାଏ ରାଖୀ। ଏହିଦିନ ଭଉଣୀ ଭାଇର ଶୁଭ ମନାସୀ, ମନରେ ମଙ୍ଗଳ କାମନା କରି ଭାଇ ହାତରେ ବାନ୍ଧିଦିଏ ସେନେହର ଡୋର। ଭାଇ ବି ଭଉଣୀର ସମ୍ମାନ ଓ ସ୍ୱାଭିମାନର ରକ୍ଷା କରିବାର ଶପଥ ନେଇଥାଏ।
**କାର୍ତ୍ତିକ ଚନ୍ଦ୍ର ଦାଶ, ଭୁବନେଶ୍ୱର, ଖୋର୍ଦ୍ଧା**

A small piece of thread binding a brother and a sister is more powerful than anything similar in this world. Raksha bandhan is a festival of exchanging love and affecting among brother & sister. Raksha means 'to protect' & bandhan means 'to tie' and a external bond of love and companionship. So, I wishing you 'Happy Raksha Bandhan'!
Niranjan Behera, Deogarh

ରାଖୀ ପୂର୍ଣ୍ଣିମା ହେଉଛି ଏକ ପର୍ବ। ଏହା ଶ୍ରାବଣ ମାସରେ ପାଳନ କରାଯାଏ। ଖଣ୍ଡିଏ ସୂତାର ଡୋରି ଯାହା ସୃଷ୍ଟି କରିଥାଏ ଭାଇ ଭଉଣୀର ସମ୍ପର୍କ। ବିପଦ ସମୟରେ ତା' ଭଉଣୀକୁ ସୁରକ୍ଷା ଦେବା ପାଇଁ ସେ ରାଖୀକୁ ତା' ନିଜର କର୍ତ୍ତବ୍ୟ ବୋଲି ଭାବି ନ ଥାଏ। ତା' ଭଉଣୀ ବାନ୍ଧିଥିବା ବିଶ୍ୱାସର ଡୋର ହିଁ ତା' ପାଇଁ ରାଖୀଠାରୁ ବହୁ ଉର୍ଦ୍ଧ୍ୱରେ।
**ସ୍ୱାଗତିକା ପ୍ରଧାନ, କଣ୍ଟାପାଲି**

ରାଖୀପୂର୍ଣ୍ଣିମା ବା ରକ୍ଷାବନ୍ଧନ ଓଡ଼ିଶା ସହିତ ସାରା ଭାରତରେ ପାଳନ କରାଯାଏ। ଏହିଦିନ ଭଉଣୀ ତାର ଭାଇର ମଥାରେ ତିଳକ ଲଗାଇ ହାତରେ ରାଖୀ ବାନ୍ଧି ଭାଇର ଉଜ୍ଜ୍ୱଳ ଭବିଷ୍ୟତ ଓ ଲମ୍ବା ଆୟୁଷ ପାଇଁ ପ୍ରାର୍ଥନା କରିଥାଏ। ଭାଇ ମଧ୍ୟ ରାଖୀ ବାନ୍ଧି ଭଉଣୀର ରକ୍ଷା କବଚ ସାଜିଥାଏ।
**ବଳରାମ ବାରିକ, ୟୁନିଟ୍–୭, ଭୁବନେଶ୍ୱର**

ଆମ ଓଡ଼ିଶାର ଗହ୍ମାପୂର୍ଣ୍ଣିମା ବା ରାଖୀ ପୂର୍ଣ୍ଣିମା ହେଉଛି ଆମ୍ଭମାନଙ୍କର ଏକ ଶ୍ରେଷ୍ଠ ପର୍ବ । ଏହି ପର୍ବରେ ଆମ ସମସ୍ତଙ୍କ ଘରେ ଭିନ୍ନ ପ୍ରକାର ପିଠାପଣା ତିଆରି ହୋଇଥାଏ। ଏହି ପବିତ୍ର ଦିନଟିରେ ଭଉଣୀ ତା'ର ଭାଇର ଶୁଭ ମନାସି ତା'ର ମଥାରେ ଚନ୍ଦନ ଟିକା ଲଗାଇ ହାତରେ ରାଖୀ ବାନ୍ଧିଥାଏ।
**କବିତା ବାରିକ, ଜିଜିପି କଲୋନୀ, ଭୁବନେଶ୍ୱର**

**ବିଳମ୍ବରେ ପହଞ୍ଚିବା କାରଣରୁ ଅନେକ ବାର୍ତ୍ତା ପ୍ରକାଶ କରାଯାଇପାରି ନାହିଁ ଏଥିପାଇଁ ଆମେ ଦୁଃଖିତ।**